ଅଗଷ୍ଟ ୨୦୨୪




Photo by Dr. Ranjit Ku Sahu, USA

**ISSN NO – 2582-208X**

**VOLUME-10 : ISSUE NO-08/2024**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**
**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ପୃଥିବୀରେ ଅନେକ ପ୍ରଜାତିର ଜୀବ ନିବାସ କରନ୍ତି । ସମସ୍ତ ଜୀବଙ୍କର ଅଲଗା-ଅଲଗା ମହତ୍ୱ ଅଛି । କିନ୍ତୁ ମନୁଷ୍ୟକୁ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ରୂପରେ ସମ୍ମାନ ମିଳିଛି । ନିଃସନ୍ଦେହ ମନୁଷ୍ୟକୁ ଏହି ଉପାଧି ତାର ଅଦ୍ଭୁତ ବିଶେଷତା ଏବଂ ମହତ୍ ବୁଦ୍ଧି ପାଇଁ ପ୍ରାପ୍ତ ହୋଇଛି । ମାନବୀୟ ବୁଦ୍ଧିର ଅନେକ ସ୍ୱରୂପ ଏବଂ ଅନେକ ବିଶେଷତା ଦେଖିବାକୁ ମିଳେ ଯାହାର ବଳରେ ଏହି ବିଶାଳ ବ୍ରହ୍ମାଣ୍ଡର ବିଶାଳ ରହସ୍ୟ ଜାଣିବାକୁ ବିଶାଳ ବୁଦ୍ଧି ସମ୍ପନ୍ନ, ବିଶାଳ ମାନବୀୟ ମାନବୀକତାର ବିଶାଳ ସ୍ୱରୂପକୁ ବିଶାଳ ବୌଦ୍ଧିକ କ୍ଷମତାର ସହିତ ବିଶାଳ ଦୃଷ୍ଟିକୋଣଯୁକ୍ତ ବିଶାଳ ବୁଦ୍ଧିର ଆବଶ୍ୟକ ।

ବୁଦ୍ଧିର ସାମାନ୍ୟ ରୂପ ପଢିବା, ଲେଖିବା, ଖାଇବା, କମାଇବା ଏବଂ ଆତ୍ମରକ୍ଷା ପାଇଁ ବୌଦ୍ଧିକ କ୍ଷମତା ପ୍ରାୟ ସମସ୍ତ ମନୁଷ୍ୟମାନଙ୍କ ମଧ୍ୟରେ ଦେଖିବାକୁ ମିଳେ । କିନ୍ତୁ କେବଳ ସାମାନ୍ୟ ବୌଦ୍ଧିକ କ୍ଷମତାକୁ ପ୍ରଜ୍ଞାଯୁକ୍ତ ଆମେ କରିପାରିବା ନାହିଁ । ମନୁଷ୍ୟର ସାମାନ୍ୟ ବୁଦ୍ଧି କେବଳ ସ୍ୱାର୍ଥପରତା, ସ୍ୱହାନିଲାଭର ନିର୍ଣ୍ଣୟ

ISSN NO.
2582-208X

 କ୍ଷମତାରେ ସମ୍ପନ୍ନ ହୁଏ । ଠିକ୍ ସେତିକିବେଳେ ବିଶେଷ ବୁଦ୍ଧି ସମ୍ପନ୍ନ ବିବେକଶୀଳ ବୁଦ୍ଧି ପରମାର୍ଥିକ ଦୃଷ୍ଟିକୋଣରେ ପରିପୂର୍ଣ୍ଣ ସହିତ ଅନ୍ୟମାନଙ୍କ ପ୍ରଗତିରେ ମଧ୍ୟ ହିତୈଷୀ ବୋଧ କରାନ୍ତି ।

ସତ କହିବାକୁ ଗଲେ ସମାଜ ଏବଂ ସଂସାରରେ ଯେତିକି ଉନ୍ନତି ସମ୍ଭବ ହୋଇପାରିଛି ଏମିତି ବିଶେଷ ବୁଦ୍ଧିସଂପନ୍ନ ମନୁଷ୍ୟ ପାଇଁ । ବୁଦ୍ଧି ହେଉଛି ଖଣ୍ଡାର ଦୁଇଧାର ସଦୃଶ । ଯଦି ଆମେ ଏହାକୁ ପ୍ରକୃତ ଉନ୍ନତି ଦିଗରେ ନେବା, ଏହାର ସତ୍ ଉପଯୋଗ କରିପାରିବା, ଏହା କେବଳ ନିଜର ଜୀବନ ନୁହେଁ, ସଂସାରର ସମସ୍ତ ଦିଗରେ ଏହା ପରିବର୍ତ୍ତନ ଆଣିବାରେ ସମ୍ଭବ ହୋଇପାରିବ । କିନ୍ତୁ ଆମେ ଯଦି ଏଇ ବୁଦ୍ଧିକୁ ବିଧ୍ୱଂସ ଦିଗରେ ନେବା, ଏହା ନିଜର ସହିତ ପୁରା ସୃଷ୍ଟିର ନାଶ କରିବାରେ ପଛଘୁଞ୍ଚା ଦେବନାହିଁ । ଏହି ଅସ୍ତ୍ରକୁ ଆମେ କିପରି ଧାରଣ କରିବା ଏହି ନିର୍ଣ୍ଣୟ ସ୍ୱୟଂ ହିଁ ନେବା ଉଚିତ । ବେଳେବେଳେ ତିକ୍ଷଣ୍ ଧାରଯୁକ୍ତ ଅସ୍ତ୍ର ସ୍ୱୟଂର ହସ୍ତକୁ କ୍ଷତିଗ୍ରସ୍ଥ କରିଥାଏ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୩ |
| ଜୀବନ ଝୁଲୁଛି ପେଣ୍ଡୁଲମ ପରି | ଶଶଧର ମହାପାତ୍ର | ୨୨ |
| ଆସିବନି କେବେ | ଡଃ ମାଙ୍ଗଳିକା ମହାପାତ୍ର | ୨୬ |
| ଶୀର୍ଷର ମଣିଷ | ଡକ୍ଟର ବିଜ୍ଞାନୀ ଦାସ | ୨୮ |
| ରଜ ଗୀତ, ଏକ ଭିନ୍ନ ସ୍ୱାଦ ରେ | ଅଳକା ମହାନ୍ତ | ୪୦ |
| ନ୍ୟାୟ ଶୃଙ୍ଖଳ | ମଧୁମିତା ମିଶ୍ର | ୪୨ |
| ଅନେକରେ ଏକ | ଡ. ପ୍ରସନ୍ନ କୁମାର ବଳ | ୪୪ |
| ଲଳିତ ନିବନ୍ଧ -<br>ଅତିଥି ସତ୍କାର | ବଦ୍ରୀ ମହାନ୍ତ | ୪୬ |
| କଙ୍କାଳ | କାନନ ବାଳା ନାୟକ | ୫୦ |
| ମୋ' ଓଡିଆରେ ପ୍ରଭାତ ବର୍ଣନା | ଇଂ. ସୁଶାନ୍ତ କଶୋର ବଳ | ୫୨ |
| ମୁଁ ଚାହେଁ | କାର୍ତ୍ତୀକେଶ୍ୱର ନାୟକ | ୫୪ |
| ଏକ ଦେଶ ଏକ ଆଇନ୍ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୬ |
| ନାଲି ଟିକିଲି | ଆଶୁତୋଷ ମେହେର | ୫୯ |
| ରଥ ଯାତ୍ରା ଉପଲକ୍ଷେ | ଶାନ୍ତିଲତା ମିଶ୍ର | ୬୨ |
| କଳା ବାମନ | ଛବି ରାଣୀ ପତି | ୬୪ |
| "ତୁଆ" | ବିନୟ ମହାପାତ୍ର | ୬୬ |
| ଶ୍ରମ ଓ ଶ୍ରମିକ | ଦିଲ୍ଲୀପ ଶତପଥୀ | ୮୦ |
| କାଳ କବଳେ | ପୁଷ୍ପାଞ୍ଜଳି ପଣ୍ଡା | ୮୨ |
| ଆଞ୍ଜୁଳାଏ ଦେଶଭକ୍ତି | ସୁଜିତ୍ କୁମାର ମିଶ୍ର | ୮୪ |
| ବାଘ ଶିକାର | ନୀଳମଣି ଗୁନ୍ଦ | ୮୬ |

ISSN NO.
2582-208X


| | | |
|---|---|---|
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୮୮ |
| ଆସିଛି ଶ୍ରାବଣ | ମନ୍ଦାକିନୀ ପାଢ଼ୀ | ୯୭ |
| ନୀରବ ଯାତ୍ରା ପଥ | ପ୍ରଦୀପ କୁମାର ସିଂହଦେଓ | ୯୯ |
| ଏମିତି ଠାକୁର ଜଗତେ ନାହିଁ | ସଂଘମିତ୍ରା ଦାଶ | ୧୦୧ |
| ମିଡ଼ିଲ କ୍ଲାସ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୦୨ |
| ମିଛ ଦୁନିଆଁ ରେ ଗୋଟିଏ ସତ | ସଂଯୁକ୍ତା ସାହୁ | ୧୦୬ |
| ଆହେ ଅନାଥ ନାଥ | ବିଷ୍ଣୁପଦ ସିଂହଦେଓ | ୧୦୮ |
| କରିବା ବୃକ୍ଷ ରୋପଣ | ଜୟଶ୍ରୀ ପଟ୍ଟନାୟକ | ୧୧୦ |
| ମଧ୍ୟଯୁଗୀୟ ଓଡ଼ିଆ କାଳ୍ପନିକ କାବ୍ୟ ପରମ୍ପରାରେ 'ଲାବଣ୍ୟବତୀ' | ଡକ୍ଟର ଲିଙ୍ଗରାଜ ମେହେର | ୧୧୨ |
| ପ୍ରେମ | କଳ୍ପନା ମିଶ୍ର | ୧୨୨ |
| ଆସିଗଲେ ଭୋଟ | ଦଣ୍ଡାସି ପ୍ରଧାନ | ୧୨୪ |
| ଆମ ଦେଶର ମହତ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୧୨୭ |
| ଲେଉଟା ପାର୍ବଣ | ଅମରନାଥ ବାରିକ | ୧୨୯ |
| ନୂଆଁ ପୃଷ୍ଠା ଏଠି ତିଆରି କରେ ମୁଁ | ନିରୁପମା ପଟେଲ | ୧୩୫ |
| କି ଲାଭ ତହିଁରେ | ଅଜିତ କୁମାର ରାଉତ | ୧୩୮ |
| ମଧୁର ମଧୁର କୃଷ୍ଣ ନାମ ମଧୁର | ବିଜୟ କୁମାର ସାହୁ | ୧୪୧ |
| ନରକିନ୍ନର ଉପନ୍ୟାସରେ ପିକାରେସ୍କ ଚରିତ୍ର ଜର୍ଜ | ରିତୁପର୍ଣ୍ଣା ପତି | ୧୪୩ |
| ବର୍ଷା | ଅଲେଖ ମେହେର | ୧୪୯ |
| ଘଟ ଆବାହନ | କୁଞ୍ଜବିହାରୀ ରାଉତ | ୧୫୧ |
| ଡୋରି ଲଗା ଚକାଡୋଳା | ସୁଲତା ସାହୁ | ୧୫୩ |
| ସଚେତନାର ଦସ୍ତାବିଜ୍ -"ସାଧାରଣ ମଣିଷର ଯନ୍ତ୍ରଣା | କୁଞ୍ଜ ବିହାରୀ ସାହୁ | ୧୫୬ |

ISSN NO.
2582-208X


| | | |
|---|---|---|
| ଫେରି ଆସନ୍ତା କି ମୋ ପିଲାଦିନ | ପ୍ରସନ୍ନ କୁମାର ମେହେର | ୧୬୩ |
| ଏଇଠି ଅମୃତ ଏଇଠି ବିଷ | ବିନୋଦିନୀ ଦାଶ | ୧୬୫ |
| ପ୍ରେମର ଜ୍ୱାଳା | ଭାରତୀ ମୁଦୁଲି | ୧୬୭ |
| ଶ୍ରେଷ୍ଠ ଉଦ୍ଭାବନ : କଲମ | ଡକ୍ଟର କମଳାକାନ୍ତ ଜେନା | ୧୬୮ |
| ତଥାଗତ ବୁଦ୍ଧ | ରାଜକିଶୋର ସ୍ୱାଇଁ | ୧୭୧ |
| ପରିଚୟ | ଜନ୍ମେଜୟ ନାୟକ | ୧୭୩ |
| ପ୍ରେମ ନଈ କୂଳେ | ଚିତରଞ୍ଜନ ବେହେରା | ୧୭୫ |
| ତତ୍ତ୍ୱ ସଙ୍ଗୀତର ସ୍ରୋତସ୍ୱିନୀ - ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ | ସାହିଲ କୁମାର ନାୟକ | ୧୭୬ |
| ବିଶାଳ ବିଶ୍ୱର ଯିଏ କାରିଗର ସିଏହିଁ ଆମ ଈଶ୍ୱର | ସତ୍ୟନାରାୟଣ ପ୍ରସାଦ ନାୟକ | ୧୮୯ |
| ଜୀବନ ଦର୍ଶନ | ରଘୁନାଥ ତ୍ରିପାଠୀ | ୧୯୧ |
| ଆଶା | ସ୍ୱାଗତିକା ନାଏକ | ୧୯୩ |
| ଏବେବି ଅଛନ୍ତି ବହୁ ଭଲଲୋକ | ଜୟନ୍ତ କୁମାର ମଲ୍ଲିକ୍ | ୧୯୪ |
| ମଧୁ ମାଳତୀ | ଡାଃ. ଅନତା ପଣ୍ଡା | ୧୯୬ |
| ନୂତନ ଆଶା | ବାସନ୍ତୀ ଲତା ଜେନା | ୨୦୧ |
| ଅନ୍ତର୍ଯ୍ୟାମୀ ନାଥ | ଡ. ଅଭିମନ୍ୟୁ କାନୁନଗୋ | ୨୦୩ |
| ଯନ୍ତ୍ରଣା | ସସ୍ମିତା ଭୋଇ | ୨୦୪ |
| ନୂତନ ଆଇନ - ଏକ ଅବଲୋକନ | ଦେବଦତ୍ତା ଦେବୀ | ୨୦୬ |
| ସବୁ ତୁମ ବଳୟରେ | ଅମ୍ବିକା ସ୍ୱାଇଁ | ୨୧୩ |
| ଅଦୃଶ୍ୟ ମତି | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୧୫ |
| କେବେ କେରଳ ତ କେବେ ଅରୁଣାଚଳ | ପ୍ରିୟବ୍ରତ ପାତ୍ର | ୨୧୬ |

ISSN NO.
2582-208X


| | | |
|---|---|---|
| ଦରଜ | ବର୍ଷାରାଣୀ ମହାମଲ୍ଲୀକ | ୨୧୮ |
| ହଟୁଛି ଅନ୍ଧାର | ଜୟ କୁମାର ମିଶ୍ର | ୨୨୦ |
| ସକ୍ଷମ | ଅମୃତନାରାୟଣ ଶତପଥୀ | ୨୨୩ |
| ଚନ୍ଦ୍ରରୁ ଆସିଲା ମାଟି ନମୁନା! ଚାଙ୍ଗ, ଇ-୬ ର ସଫଳତା | ଅସିତ ମହାନ୍ତ | ୨୨୪ |
| ଭଲ ଲୋକ | ଯଜ୍ଞଦତ୍ତ ସାମନ୍ତରାୟ | ୨୨୯ |
| ନଇ ଚାହେଁ | ହାସ୍ୟମୟୀ ରାଜ୍ | ୨୩୦ |
| ଅସୁରକ୍ଷିତା | ହିମାଂଶୁ ଶେଖର ପ୍ରଧାନ | ୨୩୨ |
| ନବ ନାଟ୍ୟଧାରା ଓ ନାଟ୍ୟକାର ମନୋରଂଜନ | ନଶିକାନ୍ତ ବଳ | ୨୩୫ |
| ମହାନ୍ ଭାରତ ବର୍ଷ | ଆକୁଳାନନ୍ଦ ପୃଷ୍ଟି | ୨୪୦ |
| ଜୀବନ ଏକ ଅବୁଝା କବିତା | ପ୍ରତିଭା ଦାସ | ୨୪୩ |
| ରଜ – ପ୍ରିୟା ଓ ମୁଁ | ନରଞ୍ଜନ ସାହୁ | ୨୪୫ |
| କେଉଁ ମାର୍ଗ | ଜଗଜିବନ ସେଠି | ୨୪୬ |
| ସମ୍ବୋଧନର ସମ୍ମୋହନ | ଡକ୍ଟର ଜ୍ୟୋତ୍ସ୍ନାରାଣୀ କର | ୨୫୦ |
| ଗୋ ମୌସୁମୀ ରାଣୀ | ନରୁପମା ମିଶ୍ର | ୨୫୧ |
| ବିବର୍ତ୍ତନ | ରାଜେଶ ଚନ୍ଦ୍ର ପ୍ରଧାନ | ୨୫୩ |
| ସତ୍ୟବାଦୀର ନାୟକ | ପ୍ରିୟଦର୍ଶିନୀ ଓଝା | ୨୫୬ |
| ଆହେ ଦୟାମୟ | ଦେବେନ୍ଦ୍ର ମିଶ୍ର | ୨୬୦ |
| ମଥୁରାଦାଣ୍ଡେ ବିଜେ ବାଙ୍କବିହାରୀ | ବିରଞ୍ଚି ନାରାୟଣ ମିଶ୍ର | ୨୬୨ |
| ଲୁହ ମୋ ନିଜସ୍ୱ | ସନ୍ଧ୍ୟାରାଣୀ ମଲ୍ଲିକ | ୨୬୪ |
| ଲୁସିର ଯନ୍ତ୍ରଣା | ଅରୁଣ କୁମାର ତ୍ରିପାଠୀ | ୨୬୫ |
| ଶ୍ରମ ଓ ଶ୍ରମିକ | ଦିଲ୍ଲୀପ ଶତପଥୀ | ୨୭୨ |
| ଆଜି ବିବାହ ବାର୍ଷିକୀ ଆମର | ରଶ୍ମିତା ନାୟକ | ୨୭୪ |

ISSN NO.
2582-208X


| | | |
|---|---|---|
| ପ୍ରଥମ ପ୍ରହର | ସ୍ୱାଗତିକା ସାହୁ | ୨୭୭ |
| ଇଏ କି ପ୍ରେମ | ସିଦ୍ଧେଶ୍ୱର ତ୍ରିପାଠୀ | ୨୮୦ |
| ହେ ରଙ୍ଗାଜୀବ ଆଉଥରେ ନିଅ ଜନମ | ଡ. ଅର୍ଜୁନ ଚରଣ ବାରିକ୍ | ୨୮୩ |
| ତୁମେ | ସୌଭାଗ୍ୟଲକ୍ଷ୍ମୀ ସାହୁ | ୨୮୫ |
| ପହିଲି କିରଣ | ବିଜୟଲକ୍ଷ୍ମୀ ସାମଲ | ୨୮୭ |
| ପ୍ରଥମ ଚିଠି | ବାଇରୀ ଦେବୀ | ୨୮୯ |
| ତଥାପି ଖୁସି ମୋ ଛୋଟ ଦୁନିଆରେ | ଦେବେନ୍ଦ୍ର ସାହୁ | ୨୯୨ |
| ଋତୁରାଜ ବସନ୍ତ | ଜୟନ୍ତୀ ଦେବୀ | ୨୯୩ |
| ଡାକ୍ତର ଦିବସ | ପ୍ରଶାନ୍ତ କୁମାର ନାଥ | ୨୯୪ |
| ଶେଷ ରାକ୍ଷସୀ | ଶିବମ୍ ପଟ୍ଟନାୟକ | ୨୯୬ |
| ହେ ବିଶ୍ୱବିଧାତା | ନଳନୀ ଦାଶ | ୨୯୯ |
| ଶୀତ ଓ ଖରା | କାଳପ୍ରସାଦ ମହାପାତ୍ର | ୩୦୧ |
| ସରିଲା ସରିଲା ନିର୍ବାଚନ ଭାଇ | ହରିଶ୍ଚନ୍ଦ୍ର ବେହେରା | ୩୦୪ |
| ବେଲ | ଦୀନବନ୍ଧୁ ବେଜ | ୩୦୫ |
| କାହିଁକି ଲେଖେ ସାହିତ୍ୟ | ଯସ୍ମିତା ପ୍ରଧାନ | ୩୧୧ |
| ନାରୀ | ପ୍ରିୟଦର୍ଶିନୀ ପାତ୍ର | ୩୧୩ |
| କାହିଁକି କରିବି ଦୁଃଖ | ନରେନ୍ଦ୍ର ପ୍ରସାଦ ବେହେରା | ୩୧୫ |
| ଧୂଆଁ ଓ ବାୟୁ ପ୍ରଦୂଷଣ | ତୁଷ୍ଟିତା ଜେନା | ୩୧୭ |
| ବାପା | ନନ୍ଦିଘୋଷ ଭୋଇ | ୩୨୦ |
| ମହାନାୟକ | ନନ୍ଦିତା ବଢ଼ାଇ | ୩୨୨ |
| ପ୍ରେମ ଶ୍ରଦ୍ଧାଞ୍ଜଳୀ | ସୁନନ୍ଦା ମହାନ୍ତ | ୩୨୪ |

ISSN NO.
2582-208X


| | | |
|---|---|---|
| ସମ୍ପର୍କ | ଶାନ୍ତୁଲତା ବିଶୋଇ | ୩୨୬ |
| କର୍ମ | ସିନ୍ଧୁ ନନ୍ଦିନୀ | ୩୨୮ |
| ବିଶ୍ୱ ପରିବେଶ ଦିବସ | ଶୋଭମୟୀ ପତ୍ରୀ | ୩୩୦ |
| ଅଗଷ୍ଟ ପନ୍ଦର | ଅଧାପକ ପ୍ରଦୀପ୍ତ କୁମାର ଦାସ | ୩୩୨ |
| ଜୀବନ; ସର୍ବଶ୍ରେଷ୍ଠ ଉପହାର | ଶିବଦୂତୀ ପାଣିଗ୍ରାହୀ | ୩୩୪ |
| କପିଧ୍ୱଜ | ଅକ୍ଷୟ ମହାନ୍ତ (ନର୍ମାଲ୍ୟ) | ୩୩୬ |
| ଦୋଷାରୋପ | ଗୁପ୍ତେଶ୍ୱର ଗ୍ୱନ୍ଦ୍ | ୩୪୧ |
| ରଜ ମଉଜ | ଅଧାପିକା ରେ୍ଜାଲିନ୍ ବାରିକ୍ | ୩୪୩ |
| ଦିଗ ପରିବର୍ତ୍ତନୀୟ | ସୀତାକାନ୍ତ ତୁମୁନଆ | ୩୪୫ |
| ପ୍ରଭୁଙ୍କ ଇଚ୍ଛା ଆମରି କର୍ମ | ଅନରୁଦ୍ଧ ରଣା | ୩୪୯ |
| ଛାତି ହୋଇଯାଏ ଭିତରୁ ଚିରି | ଶିଶିର କୁମାର ପଣ୍ଡା | ୩୫୧ |
| ବିଳାପ | ସୁହଂସ ଭୋଇ | ୩୫୩ |
| ବୃଦ୍ଧା ବାପା ଙ୍କ ମନ କଥା | ପ୍ରଜ୍ଞା ପାରମିତା ଦାଶ (ମିଶ୍ର) | ୩୫୫ |
| ଶ୍ରୀ ଜଗନ୍ନାଥ ଅଷ୍ଟକମ୍ | ଅଭିଲାଷ ବାରିକ୍ | ୩୫୬ |
| ଯେମିତି କର୍ମ କୁ ସେମିତି ଫଳ | ଅଭୟ କୁଣ୍ଡ | ୩୫୯ |
| ଋତୁରାଜ ବସନ୍ତ | ସମ୍ପଦା ଦେବୀ | ୩୬୪ |
| ଦୁଃଖ ଫୁଲ | ସୁଧୀର ମେହେର | ୩୬୫ |
| ବ୍ୟବହାର" ବିଚାର | ମନୋରଞ୍ଜନ ସୁରୁଜାଲ | ୩୬୭ |
| ଶ୍ରୀଜୀଉ ଙ୍କ ଦଶମୂଳ ପ୍ରସ୍ତୁତି ଓ ଚକା ବିଜେ ନୀତି | ଦେବଯାନୀ ବାରିକ୍ | ୩୬୯ |
| ବନ୍ଧୁ ହେବ ତ ଏମିତି | ଦୁଷ୍ମନ୍ତ ବେହେର୍ | ୩୭୨ |
| ସୂର୍ଯ୍ୟାଷ୍ଟକମ୍ | ଅଳକା ବାରିକ୍ | ୩୭୪ |
| ଅଲାଜୁକ ମୁହେଁ ଖଡ଼ାଗଛ | ତାର୍ପ୍ରସାଦ ଜେନା | ୩୭୬ |
| ସଂକଳ୍ପ ଶକ୍ତି ଯଦି ଦୃଢ଼ ହୁଏ, ତେବେ | ଅଧ୍ୟାପକ ଅବିନାଶ ବାରିକ୍ | ୩୭୮ |

ISSN NO.
2582-208X


| | | |
|---|---|---|
| ମାତୃଶକ୍ତି | ବାଙ୍କାବିହାରୀ ମହାକୁର | ୩୮୨ |
| ଆଶା ଓ ସ୍ୱପ୍ନ | ଅଜିତ କୁମାର ମଲ୍ଲିକ | ୩୮୩ |
| ବର୍ଷାରାଣୀ ଆସୁଛି | ଅଜିତ କୁମାର ପାଢ଼ୀ | ୩୮୫ |
| ଉତ୍କଳୀୟ ସଂସ୍କୃତିରେ ବସୁମତୀ ସ୍ନାନ | ତେଜସ୍ୱିନୀ ସାମଲ | ୩୮୭ |
| ଯୌବନର ଅଭିଳାଷ | ଦେବସ୍ମିତା ମହାନ୍ତ | ୩୯୦ |
| ସ୍ୱପ୍ନ | ଦୀପକ ନାୟକ | ୩୯୨ |
| ଅପେକ୍ଷା.....ରେ | ବୈଶାଖୀ ଦୀପ | ୩୯୩ |
| ସନ୍ତାନ ପାଇଁ ମାଆର କୋହ ଭରା ବେଦନା | ଦେବାର୍ଚ୍ଚନ ମେହେର | ୩୯୪ |
| ଜୀବନ | ଧନୁର୍ଯ୍ୟ ମାଝୀ | ୩୯୮ |
| ସତରେ କଣ ତୁମେ ଫେରିବ ! | ଅଜୟ କୁମାର ରାଉତ | ୩୯୯ |
| ଅକ୍ଷୟ ତୃତୀୟା | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୪୦୨ |
| ନାରୀ ଉତ୍ପୀଡ଼ନ | ମମତା ନାୟକ | ୪୦୩ |
| ନିଦାଘର ଶେଷ | ସନ୍ତୋଷ କୁମାର ବେହେରା | ୪୦୭ |
| ରେ ଜହ୍ନ | ସନ୍ତୋଷ କୁମାର ଅଦାବର | ୪୦୮ |
| ତୋ ପ୍ରେମେ ଯାଇଛି ହଜି | ଶୁଭସ୍ମିତା ପ୍ରଧାନ | ୪୧୦ |
| ନୂତନ ଆଇନ | ଦିଗମ୍ବର ମିଶ୍ର | ୪୧୨ |
| ଖରା ମାସ | ପାର୍ବତୀ ଦେବୀ | ୪୧୩ |
| ଆସ୍ଥା ଏବଂ ଧର୍ମାନ୍ଧତା | ବାଲ୍ମୀକି ନାୟକ | ୪୧୪ |
| ଶ୍ରୀରୁଦ୍ର ଦ୍ୱାଦଶନାମ ସ୍ତୋତ୍ରଂ | ଅଧ୍ୟାପିକା ରେଜାଲିନ୍ ବାରିକ୍ | ୪୧୯ |
| ତୁମେ ମୋର | ଖଗେଶ୍ୱର ବାଗ | ୪୨୧ |

ISSN NO.
2582-208X


| | | |
|---|---|---|
| ଆହେ ତମେ ଥିଲ ବୋଲି | କୀର୍ତ୍ତନ ସାହୁ | ୪୨୩ |
| ବ୍ରହ୍ମାଙ୍କର ମତିଭ୍ରମ ହେଲା କାହିଁକି | ନରେନ୍ଦ୍ର ପ୍ରସାଦ ବେହେରା | ୪୨୫ |
| ହେ ବରଷା ରାଣୀ | ଲଲମୋହନ ମାଝୀ | ୪୨୮ |
| ବର୍ଷାର କି କିମିଆଁ | ଧ୍ରୁବ ଚରଣ ଘିବେଲା | ୪୩୦ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୪୩୨ |
| ଦେବ ସ୍ନାନ ପୂର୍ଣ୍ଣିମା | ସୁହାସିନୀ ବାରିକ୍ | ୪୩୪ |
| ପଣା ସଂକ୍ରାନ୍ତି | ମାଳତୀ ଦେବୀ | ୪୩୮ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ମ୍ୟାଲେରିଆ , ଡେଙ୍ଗୁ, ଓ ଡ଼ାଇରୀଆ ର ପ୍ରତିକାର ଓ ପ୍ରତିରୋଧ ଉପାୟ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୪୪୧ |
| ଆଜି ଆସନ୍ତୁ ଜାଣିବା ସ୍ୱାସ୍ଥ୍ୟବର୍ଦ୍ଧକ ଲେମ୍ବୁ ସମ୍ବନ୍ଧରେ | ଡକ୍ଟର ଅଭିମନ୍ୟୁ କାନୁନଗୋ | ୪୪୭ |
| **ଆଞ୍ଚଳିକ** | | |
| ସକାଲ୍ ପାଏଲାବେଲକେ | ଗଜାନନ ମିଶ୍ର | ୪୫୦ |
| କଥାନି - କାଲିଆ ଯାଇଛେ ମାଉସୀ ଘର | ସତ୍ୟନାରାୟଣ ମିଶ୍ର | ୪୫୧ |
| ଆମର ଭାସି, ଆମର ଲେଖା | ବ୍ରଜମୋହନ ମେହେର | ୪୫୪ |
| ବକା ଆର୍ ରାବଣ୍ | ସୁନୀଲ କୁମାର ଅଗସ୍ତି | ୪୬୩ |
| ଗୁଟେ ଉଳଗୁଲାନର ଡାକ :"ସାଗୁଆ ପୁରଥୀ" | ଫିରୋଜ କୁମାର ପଟେଲ | ୪୬୫ |

ISSN NO.
2582-208X

| ଶିଶୁ ବିଭାଗ | | |
|---|---|---|
| ମାଉଁସକୁ ଯାଏ ବଳି, ମାଉଁସ ଭଳିଆ ବଡ଼ି | ଡ଼ଃ ରଞ୍ଜିତ କୁମାର ସାହୁ | ୪୭୦ |
| ଆମେ ସଜଫୁଟା ଫୁଲ | ହରେରାମ ପଣ୍ଡା | ୪୭୪ |
| ନିଲୁ ର ରଥ ଟଣା | ଅନାଦି ଚରଣ ବେହେରା | ୪୭୬ |
| ଚକଲ ଘାଇଁ | ରାମ ଚନ୍ଦ୍ର ପ୍ରଧାନ | ୪୭୮ |
| ଧେଇକି  ଧିନା ଧେଇକି ଧିନା | ଜନ୍ମଜୟ ନାୟକ | ୪୮୦ |
| କୁନା ଶିଖିଲା ପିମ୍ପୁଡ଼ିଠାରୁ | ଅମରନାଥ ବାରିକ୍ | ୪୮୧ |
| କାନ୍ଦୁଛି ଜଙ୍ଗଲ | ବାସନ୍ତୀ ଲତା ଜେନା | ୪୮୪ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୮୮ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୮୯ |
| ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୯୩ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୯୪ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୨୬- ଅବିସ୍ମରଣୀୟ ଘଟଣାମାନ

ପ୍ରସାଦବାବୁଙ୍କ ଘର ଥିଲା କ୍ୟାମ୍ପବେଲ ବେର ସାସ୍କୃତିକ ଆଡ୍ଡା । ପ୍ରାୟ ପ୍ରତି ସପ୍ତାହରେ ତାଙ୍କ ଘରେ ସଙ୍ଗୀତର ଆସର ଜମୁଥିଲା ଆଉ କିଛି ଆସରରେ ତ ଅସୀମ ଆଉ ଶୋଭନା ଯୋଗ ଦେଇଥିଲେ । କ୍ୟାମ୍ପବେଲର ସବୁ ପ୍ରତିଷ୍ଠିତ ନାମୀ କଳାକାର ଆସନ୍ତି । ତାଙ୍କ ପାଇଁ କ୍ୟାମ୍ପବେଲ ବେରେ ଏକ ସୁନ୍ଦର ମହଲ ଗଢିଉଠିଥିଲା । ତାଙ୍କ ଘରୁ ଗୀତର ଲହରି ମଝିରେ ମଝିରେ ଭାସିଆସେ । ଭଲ ଗୀତ ଗାଇବା ଭିତରେ ମଧ୍ୟ ଥିଲେ ସ୍ଥାନୀୟ ଡାକ୍ତରାଣୀ ଆଉ ତାଙ୍କ ଭଉଣୀ । ସେମାନେ ଏପର୍ଯ୍ୟନ୍ତ ବିବାହ କରିନାହାନ୍ତି । ସେମାନଙ୍କ ସ୍ୱର ବହୁତ ମଧୁର । ପ୍ରସାଦବାବୁ ସମସ୍ତଙ୍କୁ ଗୀତ ଗାଇବାର ସୁଯୋଗ ଦିଅନ୍ତି । ନିଜେ ସେ ମଧ୍ୟ ବେଶ ଭଲଭାବେ ଗୀତ ଗାଆନ୍ତି ଆଉ ଗୀଟାରରେ ତାଙ୍କର ହାତ ଭଲ । ଗୀଟାର ବଜାଇ ଗୀତ ଗାଇଲେ ଲାଗେ ସେ ନିଜେ ଯେମିତି ସେହି ଗୀତର ପ୍ରକୃତ ପାତ୍ର । ଅନେକ ଗୀତଭରା ସଂନ୍ଧ୍ୟା ତାଙ୍କ ମେଳରେ କଟିଯାଇଛି ।

ଏମିତି ଏକ ମଲଟି ଟ୍ୟାଲେଣ୍ଟେଡ ବ୍ୟକ୍ତି ଥିଲେ ପ୍ରସାଦବାବୁ । ସମୁଦ୍ରରେ ଏକ ମନେରଖିବା ଭଳି ମାଛମରା ଅସୀମ ତାଙ୍କଠାରୁ ଶିଖିଥଲେ । ଅସୀମଙ୍କ ଜାଣିବାରେ ସମୁଦ୍ରରେ ମାଛ ମାରିବା ପାଇଁ ଜାଲ ଲଗାଇ ଦିଆଯାଏ ଆଉ ମାଛ ସେଥିରେ ଲାଗନ୍ତି । କେବେକେବେ ବଡ ଟ୍ରଲର ଜାଲକୁ ଟାଣନ୍ତି । କିନ୍ତୁ ପ୍ରସାଦବାବୁ ଏକ ଅଲଗା ମାଛ ଧରିବା

ISSN NO.
2582-208X

ଉପାୟ ଅସୀମଙ୍କୁ ଦେଖାଇଥିଲେ । ଏଇଟା ଆଣ୍ଡାମାନରେ ସବୁ ମାଛୁଆ ମଧ୍ୟ ଗଭୀର ସମୁଦ୍ରରେ କରନ୍ତି । ବଡ ମାଛ ଧରିବା ପାଇଁ ସାମାନ୍ୟ ପଥୁରିଆ ଅଞ୍ଚଳ ଭଲ । ଜେଟିଠାରୁ ପ୍ରାୟ ଦେଢ ଦୁଇ କିଲୋମିଟର ଦୂର ଗଭୀର ସମୁଦ୍ରକୁ ଚାଲିଯାଇ ଥୋପକୁ କଣ୍ଟାରେ ବାନ୍ଧି ସମୁଦ୍ର ତଳକୁ ଓହ୍ଲାଇ ଦେବାକୁ ପଡେ । କ୍ୟାମ୍ପବେଲ ବେ ଜେଟିରୁ କିଲୋମିଟର ବା ଦୁଇ କିଲୋମିଟର ଦୂରରେ ବେଶ ଗଭୀର ସମୁଦ୍ର । ସ୍ଲୋପ ହଠାତ୍ ବେଶି ହୋଇଯାଏ । ଗଭୀରତା ବୋଧହୁଏ ତିନି ଚାରିଶହ ମିଟରରୁ କମ ହେବନି । ସେ କିଛି ମାଛ ଧରିବା ସ୍ଥାନ ବିଷୟରେ ଜାଣିଥିଲେ । ପାଣିରୁ ତଳ ତ ଦେଖାଯିବନି । ଆଗର ଅଭିଜ୍ଞତା କାମରେ ଆସେ । ସୂତାରେ ମାଛ ଧରିବା ପାଇଁ ସମୟ ସଂନ୍ଧ୍ୟା ହେବା ହେବା ଦରକାର । ପୂର୍ଣମୀ ବା ଅମାବାସ୍ୟା ସମୟରେ ବେଶି ମାଛପଡେ । ଜୁଆର ସହ ସମୁଦ୍ରର ମାଛମାନେ କୂଳ ଆଡକୁ ମାଡିଆସନ୍ତି ।

ସେଦିନ ସଞ୍ଜ ହୋଇଆସୁଥିଲା । ସୂର୍ଯ୍ୟ ପ୍ରାୟ ବୁଡିବା ବୁଡିବା ହେଉଥିଲା । ଜଲଦି ଜହ୍ନ ଆସିଯିବ । ସେମାନେ ଛୋଟ ମୋଟର ବୋଟକୁ ଅଫିସ ପଛ ଉପସାଗରରୁ ବେଶ ଭିତରକୁ ନେଇଗଲେ । ଆଗକୁ ଖୋଲା ସମୁଦ୍ର । ସେଇଠୁ କୂଳ ଟିକିଏ ଟିକିଏ ଦେଖାଯାଉଥିଲା । ଦିଗବଳୟରେ ଯେମିତି ଏକ ରେଖା । ତା'ପରେ ଇଂଜିନ ବନ୍ଦ କରି ବୋଟକୁ ଭାସିବାକୁ ଛାଡିଦେଲେ । ମାଛ ଧରିବାକୁ ଘଣ୍ଟାଏ ଦୁଇଘଣ୍ଟା ଅପେକ୍ଷା କରିବାକୁ ପଡିବ । ବୋଟ ଛୋଟ ଲହଡିରେ ନାଚୁଥିଲା । ଏହାକୁ ପିଚିଙ୍ଗ କୁହନ୍ତି । ଝୁଲି ଦୋହଲି ପାଣିରେ ବାଡେଇ ହୋଇଯିବା କଥା । ସେତିକିରେ ପନ୍ଦର ମିନିଟରେ ପେଟରୁ ସବୁ ଖାଇବା ବାନ୍ତି ହୋଇଯିବ । ମାଛୁଆମାନଙ୍କର ଅଭ୍ୟାସ ହୋଇଗଲାଣି । ସେମାନଙ୍କୁ କିଛି ଲାଗୁନଥାଇପାରେ । ଯାହାହେଉ ବୋଟ ବେଶ ନାଚୁଥିଲା । ବେଶି ସମୟ ବସିବାରୁ ଅସୀମଙ୍କୁ ଅବଶ୍ୟ ଅସକ୍ତ ଲାଗିଥିଲା । ବାନ୍ତି ହୋଇନି । ବୋଟ ଚାଲିଲେ ଏ ଅବସ୍ଥା ହେବନି ।

ପ୍ରସାଦବାବୁ ନିଜର ମାଛ ଧରା ସୂତା ବାହାର କଲେ । ଲଟେଇ ଭଳି ବହୁତ ସୂତା ଗୁଡାଯାଇଥିଲା । ସବୁ ମୋଟା ପ୍ଲାଷ୍ଟିକ ସୂତା । ତଳକୁ ଗୋଟାଏ ଜାଗାରେ ହାତେ ହାତେ ଛାଡି ଚାରି ପାଞ୍ଚୋଟି ବଡ ମାଛଧରା କଣ୍ଟା ବନ୍ଧାଯାଇଥିଲା । ଅସୀମ ବନିଶୀରେ ଗୋଟିଏ

ISSN NO.
2582-208X

କଣ୍ଟା ବନ୍ଧା ହେବା ଦେଖିଛନ୍ତି । କିନ୍ତୁ ଏଠି ପ୍ରତି ସୂତାରେ ଅତିକମରେ ଚାରୋଟି କଣ୍ଟା ବନ୍ଧା ହୋଇଥିଲା । ପ୍ରସାଦବାବୁ ଅତି ଯତ୍ନର ସହ ଏକ ବଡ ମାଛକୁ ଖଣ୍ଡ ଖଣ୍ଡ କରି କାଟିଲେ । ପ୍ରତି କଣ୍ଟାରେ ଥୋପ ହିସାବରେ ପ୍ରାୟ ୧୦୦ ଗ୍ରାମ ହିସାବରେ ମାଛ ଖଣ୍ଡମାନ ଲଗାଇଲେ । ଏତେ ବଡ ମାଛ ଖଣ୍ଡ ଲଗାଇବା ଦେଖି ଅସୀମ ଆଶ୍ଚର୍ଯ୍ୟ ହୋଇଗଲେ । ସାଧାରଣତଃ କଣ୍ଟାରେ ଜିଆ ଲଗାଯାଏ ବା ଟିପେ ଆକାରର ମାଛଖଣ୍ଡ ଲଗାଯାଇ କଣ୍ଟାକୁ ପାଣିରେ ପକାଯାଏ । କଣ୍ଟାପରେ ସୂତାରେ ଅଲଗା ଜାଗାରେ ପ୍ରାୟ ୨୦୦ ଗ୍ରାମର ଲୁହାଖଣ୍ଡ ଲାଗିଥିଲା । ଅବଶ୍ୟ ବନିଶୀରେ ମଧ୍ୟ ଶୀସା ଲଗାଯାଏ । ଏଠି ଗୋଲ କଣାଥିବା ମୋଟା ଲୁହାଖଣ୍ଡ ଲଗାଯାଇଥିଲା । ଏ ଲୁହା ସୂତାକୁ ତଳକୁ ଟାଣିନେବ । ସମୁଦ୍ରତଳେ ଯାଇ ସୂତା ଆଉ ଥୋପ ଲାଗିବ । ମାଛ ଆଗରେ ଖାଇବା ପଡିଥିବ । ବଢିଆ ବ୍ୟବସ୍ଥା ।

ଏମାନେ ଥୋପ ଲାଗିଥିବା ଲୁହାକୁ ତଳକୁ ଛାଡିଦେଲେ । ସର୍‌ଅ୍ ଅ୍ କରି ପ୍ଲାଷ୍ଟିକ ସୂତା କେଉଁ ଅତଳ ଗହୀରକୁ ଚାଲିଗଲା । ସୂତା କଣ୍ଡେଇରୁ ପ୍ରାୟ ସୂତା ସରି ଆସୁଥିଲା । ଉପରେ ବୋଟ ନାଚୁଥିଲା । ବୋଟମ୍ୟାନ, ପ୍ରସାଦବାବୁ ଆଉ ଅସୀମ ଏକ ଏକ ସୂତା ଧରି ବସିଗଲେ । ପ୍ରସାଦବାବୁ ମାଛ ଧରିବା କୌଶଳ ବତେଇଦେଲେ । ତଳେ ମାଛ ଥୋପ ପାଇଲେ ଟାକୁ କିନା ଗିଳିଦିଏ । କଣ୍ଟା ତଣ୍ଟିରେ କଣ୍ଟା ଲାଗିଯିବାରୁ ଛାଟି ପଟି ହୋଇ ପଳେଇ ଯିବାକୁ ଲାଗେ । ସେ ସମୟରେ ହାତରେ ସୂତା ଥରି ଥରି ଟାଣି ହୁଏ । ଗୋଟାଏ ଦୁଇଟା ସାମାନ୍ୟ ଝଟକା ରେ ଜଣାପଡିଯାଏ ମାଛ ଲାଗିଛି । ତା'ପରେ ଧିରେ ଧିରେ ମାଛକୁ ସୂତା ସହ ଉପରକୁ ଟଣାଯାଏ । ଜୋରରେ ସୂତା ଟଣାଯାଏନା । ତଳେ କୋରାଲ ବେଡ ହେତୁ ମାଛ ତରକିଯାଇ କେଉଁ ଗାତରେ ପଶିଯିବ । ତେଣିକି ଛଡେଇବା କଷ୍ଟ ।

ଯାହାହେଉ ଅସୀମ ସୂତା ଧରି ବସିଲେ । ଡାହାଣ ହାତର ପ୍ରଥମ ଆଙ୍ଗୁଠିରେ ସୂତା ଟିକିଏ ଗୁଡାଇ ଦେଇଥାନ୍ତି । ସୂତା ଟାଣିହେଲା ଭଳି ଲାଗିଲା । ମାଛ ବୋଧେ । ଅସୀମ ପ୍ରସାଦବାବୁଙ୍କ ଆଡକୁ ଅନାଇଲେ । ସେ ଅସୀମଙ୍କ ହାତରୁ ସୂତା ନେଲେ । ସୂତାଟା ଟାଣିହୋଇ ଯାଉଛି । କିନ୍ତୁ ଟଣାରେ ଝଟକା ନାହିଁ ।

ISSN NO.
2582-208X

"ସମୁଦ୍ର କରେଣ୍ଟ ।" ଏତେ ଜୋରରେ ? – ଅସୀମ ପଚାରିଲେ । ଏକ ଖରସ୍ରୋତା ନଦୀରେ କାଠ ଭାସିଗଲାପରି ତଳେ ଲୁହା ଟାଣିହୋଇଯାଉଛି ।

କ୍ୟାମ୍ପବେଲ ବେ ଅଞ୍ଚଳରେ ସି କରେଣ୍ଟ ବେଶି । ସମୁଦ୍ର ତଳକୁ ଏଇଥି ପାଇଁ ଡାଇଭ ମାରିବା ଅତି ବିପଦଜନକ । ଉପରେ କିଛି ଜଣାପଡୁନି ଆଉ ତଳେ ନଦୀର ସ୍ରୋତଠାରୁ ଜୋରରେ ପାଣି ବୋହି ଚାଲୁଛି । ଏକଥା ଅଙ୍ଗେ ନଲିଭାଇଲେ ବିଶ୍ୱାସ କରିବା କଷ୍ଟ । ପ୍ରାୟ ଦୁଇଶହ ଗ୍ରାମର ଲୁହାକୁ ସମୁଦ୍ର ସ୍ରୋତ ସହଜରେ ଟାଣି ନେଉଛି ।

ଏହା ଭିତରେ ପ୍ରସାଦବାବୁ ସୂତାକୁ ଟିକେ ହଲାଇ ଜାଣିଗଲେ ମାଛ ଲାଗିଛି । ସେ ତା'ପରେ ଦୁଇ ହାତରେ ପ୍ରଥମେ ଧିରେ ଧିରେ ସୂତା ଟାଣିଲେ । ସେପଟୁ ଟଣାଟା ଜୋର ଜଣାଗଲା । ମାଛ ଲାଗିବାଟା ନିଶ୍ଚିତ । ତା'ପରେ କିଛି ବାଟ ଉପରକୁ ସୂତା ଆସିବାପରେ ଜୋର ଜୋରରେ ସୂତା ଟାଣିଲେ । ଅସୀମ ଉହୁଙ୍କି ପଡି କ'ଣ ମାଛ ଆସୁଛି ଲାଗିଗଲେ । ଶେଷରେ ସୂତାଟା ପ୍ରାୟ ପାଣି ଉପରକୁ ଉଠି ଆସିଲା । ଏକ ବିରାଟ ଗ୍ରୁପର । କୋରାଲ ମାଛ । ଚାରି କିଲୋ ହେବ । ପ୍ରସାଦ ବାବୁଙ୍କ ମୁହଁ ଖୁସିରେ ଜଳି ଉଠିଲା । ପ୍ରଥମ ଧରା ବେଶ ଭଲ । ମାଛଟା ଛଟପଟ ହେଉଥାଏ । ମୋଟା ପେଟୁଆ ମାଛ । ଚଉଡା ଅଧିକ । ସେମାନେ ତା'କୁ ମାଡବସିଲେ । ତା' ମୁହଁରୁ କଣ୍ଟା ଛଡାଇ ଦିଆଗଲା । ବୋଟର ବସିବା କାଠ ତଳେ ଥିବା ସାମାନ୍ୟ ପାଣିରେ ଛାଡିଦିଆଗଲା । ମାଛ ହଠାତ୍ ମରିବନି ।

ଏହା ଭିତରେ ଅସୀମ ନିଜ ସୂତାରେ ଏକ ଜୋର ଟାଣ ଅନୁଭବ କଲେ । ଏହା ସମୁଦ୍ର ସ୍ରୋତର ଟାଣ ନୁହେଁ । ସ୍ରୋତ ହୋଇଥିଲେ ଟାଣ ଏକା ଭଳିଆ ଥାଆନ୍ତା । ପ୍ରସାଦବାବୁଙ୍କ ଉପଦେଶ ଅନୁସାରେ ଅସୀମ ସାମାନ୍ୟ ଝଟକାଦେଲେ । କଣ୍ଟାଟା ମାଛ ମୁହଁରେ ପଶିଯାଉ। ତା'ହେଲେ ମାଛ ବାହାରି ପାରିବନି । ତାଙ୍କ କହିବା ଅନୁସାରେ ପ୍ରଥମେ ଧିରେ ଆଉ ପରେ ଜୋରରେ ଟାଣି ଟାଣି ଅସୀମ ମାଛଟାକୁ ଉପରକୁ ନେଇ ଆସିଲେ । ଏକ ଚକଚକିଆ ମାଛ । ଲମ୍ବା । ପ୍ରାୟ କିଲେ ଓଜନର ହେବ । ଅସୀମଙ୍କର ସମୁଦ୍ରରୁ ପ୍ରଥମ ମାଛଧରା । ଯାହାହେଉ କିଲେ ମାଛଧରି ସେ ଖୁସି ହୋଇଗଲେ । ଏ ଭିତରେ

ISSN NO.
2582-208X

ବୋଟମ୍ୟାନର ସୂତାରେ ଏକଥରେ ତିନିଟା ଅଧକିଲିଆ ମାଛ ଲାଗିଥିଲା । ଅଲଗା ଅଲଗା ଜାଗାରେ ଥୋପ ଖାଇଛନ୍ତି ।

ଏମିତି ମାଛ ଧରା ପ୍ରାୟ ଘଣ୍ଟାଏ ଚାଲିଲା । ଏ ଭିତରେ ସେମାନେ ଅନେକ ପ୍ରକାରର ମାଛ ଧରିନେଇଥିଲେ । ଅନେଇଲା ବେଳକୁ ମାଛର ଢେରା ପାଖରେ ଲାଗିଗଲାଣି । ପ୍ରାୟ ୧୫ – ୨୦ କିଲୋ ମାଛ । ଏତେ ମାଛ କ'ଣ କରିବେ ?

ପ୍ରସାଦ ବାବୁଙ୍କର କଣ୍ଟା ତଥାପି ତଳେ ଥିଲା । କିଛି ଗୋଟାଏ ଟାଣୁଛି । ସେ ପ୍ରଥମ ଝଟକାରେ ମାଛର ମୁହଁରେ କଣ୍ଟା ଫସାଇଦେଲେ । ତା'ପରେ ଜୋର ଜୋରରେ ସୂତା ଉପରକୁ ଟାଣିଲେ । ଉପର ଆଡକୁ ଯୋରରେ ସୁତା ଏପଟ ସେପଟ ହେଲା । ଆରେ ଏଇଟା ଛୋଟ ଶାର୍କ । ଶାର୍କଗୁଡା ମଧ୍ୟ ବେଳେବେଳେ ସମୁଦ୍ର ତଳକୁ ଖାଇବା ପାଇଁ ଚାଲି ଯାଆନ୍ତି । ଶାର୍କ ମାଛ କେହି ଖାଆନ୍ତିନି । କିନ୍ତୁ ତା'କୁ ଛାଡିବେ କେମିତି ? କଣ୍ଟା ସହ ଛାଡିଲେ ବିଚରା କଷ୍ଟପାଇ ବୁଲିବ । ତେଣୁ ତା'କୁ ଉପରକୁ ବଡ ଯତ୍ନର ସହ ଟେକି ଅଣାଗଲା । ଏହା ଏକ ବୃହତ ବାଳିଆ ମାଛପରି ଦେଖାଯାଉଥିଲା । ତା' ମୁହଁରେ ଅସଂଖ୍ୟ ଦାନ୍ତ । ବହୁ କଷ୍ଟରେ ଶାର୍କକୁ କାବୁକରି ମୁହଁରୁ କଣ୍ଟା ବାହାର କରିନେଲେ । ଏମାନେ ଅତି ସାବଧାନ ଥିଲେ । ଆଙ୍ଗୁଠି ମୁହଁ ଭିତରକୁ ଚାଲିଯାଇଥିଲେ ନିମିଷେକ ଶାର୍କ ପାଣି ବାହାରେ ମଧ୍ୟ ବ୍ଲେଡ ଭଳି ଦାନ୍ତରେ ଛିଡାଇଦେବ । ଏଇ ଅଧମିନିଟରେ ଶାର୍କ ମୁହଁରୁ କଣ୍ଟା ବାହାର କରି ତା'କୁ ପାଣିରେ ଛାଡିଦେଲେ । ପ୍ରାୟ ଦୁଇକିଲୋ ଓଜନର ଶାର୍କଟି ପ୍ରଥମେ ଲଙ୍ଗୁଡ ହଲାଇ ଉପରେ ପହଁରିଲା ତା'ପରେ ହଠାତ୍ ପାଣି ଭିତରକୁ ଡାଇଭ ମାରି କୁଆଡେ ଲୁଚିଗଲା । ଏତେ ବେଶି ମାଛ । କେତେ ନିଜେ ଖାଇବେ ? ଅଳ୍ପ କିଛି ରଖି ବାକିମାଛ ପାଖ ପଡୋଶୀଙ୍କୁ ବାଣ୍ଟି ଦିଆଗଲା ।

### ଗ- ଡଲଫିନ ଉପରେ ବିଶ୍ୱାସ

ଦିନେ ଖବର ପାଇ ପଦ୍ମଶିବ ଆଉ ଅସୀମ କ୍ୟାମ୍ପବେଲ ବେରୁ ଆସି ନେଭିଡେରା କ୍ୟାମ୍ପରେ ପହଞ୍ଚିଲା ବେଳକୁ ଜେମସ ନାମକ ଲୋକଟି ମରି ଶୋଇଥିଲା । ଦେହରେ କେଉଁଠି ସାମାନ୍ୟ କ୍ଷତ ନାହିଁ । ଅସୀମ ଭାବିପାରିଲେନି କ'ଣ ହୋଇଗଲା । ଆଗରେ

ISSN NO.
2582-208X

ଲୋକଟିର ଆଖି ଶାନ୍ତିରେ ବୁଜି ହୋଇଯାଇଛି । ମୁହଁରେ ସାମାନ୍ୟ ଯନ୍ତ୍ରଣା ନାହିଁ । ଏମିତି ଲୋକଟିଏ କେମିତି ମରିପାରେ ? ତା'ର ବୟସ ତିରିଶି ଭିତରେ ହେବ । ସେତେବେଳକୁ କ୍ୟାମ୍ପର ସମସ୍ତେ ଏକାଠି ହୋଇଯାଇଥିଲେ । ଏଠି ଅଘଟଣମାନ ଘଟିଯାଏ । କିଛି କରିବାର ସୁଯୋଗ ନଥାଏ ।ଲୋକଟି କ୍ୟାମ୍ପ ପାଖ ନଡିଆ ଗଛରୁ ଖସିପଡିଛି ଆଉ ତଳେ ପଡି ସାଙ୍ଗେ ସାଙ୍ଗେ ମୃତ୍ୟୁ ହୋଇଛି ।

ଅସୀମ ଭାବିଲେ ଲୋକମାନଙ୍କ ମନୋବଳ ବଢାଇବା ପାଇଁ ତାଙ୍କୁ ନିଜର ଗସ୍ତ ବଢାଇବାକୁ ପଡିବ । ଏବେ ଅସୀମ ନିଶ୍ଚିତ ଭାବେ କିଛି କିଛି ସପ୍ତାହ ଅନ୍ତରରେ ନିଜର ଦୂର କ୍ୟାମ୍ପମାନଙ୍କୁ ପରିଦର୍ଶନରେ ଯାଆନ୍ତି । ସେ ବିଶ୍ୱାସ କରନ୍ତି ଏମିତି ଦୂରଦୂରାନ୍ତ କ୍ୟାମ୍ପ ପରିଦର୍ଶନ ଦ୍ୱାରା ଷ୍ଟାଫଙ୍କର ମନୋବଳ ବଢେ ଆଉ କାମ ପ୍ରତି ସ୍ପୃହା ଆସେ । ଦୂର କ୍ୟାମ୍ପମାନଙ୍କରେ ସେମିତି କିଛି ସୁବିଧା ନଥାଏ, ଏମିତିକି ଆଖ ପାଖରେ ଲୋକ ବସତିଟିଏ ମଧ୍ୟ ନଥାଏ । ଫଳରେ ଫରେଷ୍ଟର ଫିଲଡ ଷ୍ଟାଫମାନେ ନିଜକୁ ବହୁତ ଏକୁଟିଆ ମନେ କରନ୍ତି । ସେମାନଙ୍କ ପାଖରେ କିଛି ସୁବିଧା ଅସୁବିଧା ହେଲେ କିଛି କରିବା ପାଇଁ ଯାତାୟାତର ସୁବିଧା ନଥାଏ । ଖବର ଓୟାରଲେସ ଦ୍ୱାରା କ୍ୟାମ୍ପବେଲ ବେକୁ ଅବଶ୍ୟ ଦେଇହେବ ଆଉ ସେଠାରୁ ସାହାର୍ଯ୍ୟ ଆସିବାର ପ୍ରତୀକ୍ଷା କରିବାକୁ ପଡିବ । ଅସୀମଙ୍କର ଏହି ସବୁ ଫିଲଡ ଭିଜିଟ ଦ୍ୱାରା କ୍ୟାମ୍ପର ଷ୍ଟାଫମାନେ ମନେକରନ୍ତି କେହି ତ ପାଖକୁ ଆସୁଛି । ମଣିଷ ମଣିଷ ଭିତରେ କଥାବାର୍ତ୍ତା ବା ଇଣ୍ଟରଆକ୍ସନ ହେବା ଦରକାର । ଦୂର ଜାଗାକୁ ଯାତ୍ରା ପାଣିରେ ହେବ । ସେମାନଙ୍କ ପାଖେ ଛାତ ଥିବା ବୋଟଟିଏ ନଥିଲା । ତଥାପି ଅସୀମ ଛୋଟ ଖୋଲା ବୋଟରେ ଦୂରକୁ ନିୟମିତ ବାହାରି ଯାଆନ୍ତି । ସେ ଭିତରେ କିଛି କିଛି ଯାତ୍ରା ମନେରଖିଲା ପରି ହୋଇଯାଏ । ସେମିତି ଏକ ଘଟଣା ଘଟିଗଲା । ହସିବାର କଥା । କିନ୍ତୁ ଜୀବ ଜୀବ ଭିତରେ ଥିବା ସମ୍ବନ୍ଧ ବିଷୟରେ ଭଲ ଜ୍ଞାନ ହେଲା ।

ଏମିତି ଏକ ଯାତ୍ରାରେ ସେଥର ନେଭିଡେରା ଛାଡି ସେମାନେ ଅନେକ ସମୁଦ୍ର ଭିତରକୁ ଆସିଯାଇଥିଲେ । ଛୋଟ ବୋଟରେ ଦୂରକୁ ଯିବା ବିପଦଭରା ଥାଏ । ଏକଦମ ସମୁଦ୍ରକୂଳକୁ ଲାଗି ଫେରିବା ସମ୍ଭବ ନଥିଲା କାରଣ ସମୁଦ୍ରକୂଳରେ ଥିଲା ଅନେକ ଛୋଟ ପାହାଡ । ଆଉ ସବୁଠାରୁ ବଡ ବିପଦ ହେଉଛି ସାମାନ୍ୟ ବାହାରକୁ ବାହାରି ଆସିଥିବା

ISSN NO.
2582-208X

କୋରାଲ । ପାଣି ଛାଡିଲେ କୋରାଲ ତ ଏକ ବଗିଚା ଭଳି ସମୁଦ୍ରକୂଳରେ ଫୁଟିଉଠେ । କେତେ ରଙ୍ଗର ଆଉ ଆକାରର କୋରାଲ ସେଠାରେ ଥାଏ । ତଳେ ଟିକେ ଟିକେ ପାଣି ରହିଯାଏ ଆଉ ଅନେକ ଛୋଟ ମାଛ, କଙ୍କଡା ସେଇଠି ବୁଲୁଥାନ୍ତି । ପାଣି ଜୋରରେ ଆସି ପଥର ଉପରେ ମାଡ ହୁଏ । କୋରାଲ ଆଉ ଛୋଟ ପାହାଡ ମଝିରେ ବେଳେ ବେଳେ ବାଲିଚର ଥାଏ । ସେମିତି ଜାଗାକୁ ବୋଟ ଯାଇପାରେ । ସେମିତି ଏକ ଜାଗାଥିଲା ନେଭିଡେରା । ସେଠୁ ବାହାରି ଆସିବାପରେ ବୋଟକୁ ସମୁଦ୍ର ଭିତରକୁ ଯିବାକୁ ହୁଏ ।

ଏପଟକୁ ସମୁଦ୍ର ବେଶ ଗଭୀର ଆଉ ଯୋଗକୁ ସେଦିନ ବଡ ଲହଡି ନଥିଲା । ଆକାଶରୁ ସୂର୍ଯ୍ୟ କିରଣ ଝରି ପଡୁଥିଲା । ସମୁଦ୍ରପାଣି ଗାଢ ନୀଳ ଥିଲା । ଆଉ କେଉଁଠି ଦିଗବଳୟରେ ଧଳା ତରଙ୍ଗ ଦେଖାଯାଉନଥିଲା ଅର୍ଥାତ ବଡ ଢେଉ ହେଉନି । ତେଣୁ ବୋଟରେ ଯାତ୍ରା ବେଶ ଆମୋଦଦାୟକ ହେଉଥିଲା । ସେମାନଙ୍କର ବୋଟ ଛଡା ଆଉ କେଉଁଠି ମାଛଧରା ଡଙ୍ଗାଟିଏ ମଧ୍ୟ ଦେଖାଯାଉ ନଥିଲା । ଶାନ୍ତ ସମୁଦ୍ରରେ ଖୋଲା ଇଞ୍ଜିନ ବୋଟରେ ବେଶ ବେଗରେ ଯାଇହୁଏ । ପାଣି କାଟି ଜୋରରେ ଗଲାବେଳେ ପାଣି ଧଳା ଫେଣ କରି ଛିଟିକି ଉପରେ ପଡେ । ସେଇଟା ଏକ ଥ୍ରୀଲ ।

ସମୁଦ୍ରରେ କିଛି ଡଲଫିନ ଦେଖାଦେଲେ । ଏପଟର ଗଭୀର ସମୁଦ୍ରରେ ଡଲଫିନମାନେ ଦଳ ହୋଇ ପହଁରନ୍ତି । ସେମାନେ ଜୋରରେ ପହଁରିଯାଇ ନିଜର ନାକକୁ ଟେକିଦିଅନ୍ତି । ପୁଣି ବୁଡିଯାଇ ଉଠି ଜୋରରେ ପହଁରନ୍ତି । ପହଁରିଲାବେଳେ ସେମାନଙ୍କ ପିଠି ଦେଖାଯାଏ । ଡଲଫିନ ବୁଦ୍ଧିମାନ ସାମୁଦ୍ରକ ପ୍ରାଣୀ । ଡଲଫିନ ଦଳକୁ ପାଖରେ ଦେଖି ବୋଟ ଧିରେ ହୋଇଗଲା । ସମସ୍ତେ ଟିକେ ଡଲଫିନ ଦଳର କଳା କୌତୁକ ଦେଖିବାକୁ ଚାହିଁଲେ । ତେଣୁ ବୋଟର ଗତିକୁ ଡଲଫିନମାନଙ୍କର ପହଁରିବା ଗତି ସହ ସମାନ କରାଇ ବୋଟ ଚାଲିଲା । ସେମାନଙ୍କ ବୋଟରୁ ଶହେହାତ ଦୂରରେ ଡଲଫିନମାନଙ୍କ ଦଳ ଥିଲା । ତେଣୁ ସେମାନଙ୍କୁ ସ୍ପଷ୍ଟ ଦେଖିହେଉଥିଲା ।

ସମସ୍ତେ ମନ ଖୁସିରେ ଡଲଫିନମାନଙ୍କୁ ଦେଖୁଛନ୍ତି ପଦ୍ମଶିବ ବୋଟରୁ ପାଣିରେ ପଡିଗଲେ। ସେ ସତରେ ପଡିଗଲେ ନା ନିଜେ ଡେଇଁ ପଡିଲେ ଜାଣି ହେଲାନାହିଁ । ବେଶି ନିଜେ ଡେଇଁ

ISSN NO.
2582-208X

ପଡିଥିବା ଭଳି ଲାଗୁଥିଲା । ବୋ ଚଲାଉଥିବା ଡ୍ରାଇଭର ବିଚଳିତ ହୋଇଗଲା । ସେତେବେଳକୁ ବୋଟର ଗତି ଧିମା ହୋଇଗଲାଣି । ପ୍ରାୟ ସ୍ଥିର କହିଲେ ଚଳେ । ଡଲଫିନମାନଙ୍କୁ ଦେଖିବା ପାଇଁ ସେମାନେ ବୋଟର ଇଞ୍ଜିନକୁ ବନ୍ଦ କରିଦେଉଥିଲେ । ପଦ୍ମଶିବ ପାଣିରେ ଖସି ପଡିବା ଦେଖି ସମସ୍ତଙ୍କ ଛାତିରେ ଛନକା ପଶିଗଲା ।

ପାଣି ସେ ଜାଗାରେ ଅତଳ ତଳ, ଅତିକମରେ ଚାରି ପାଞ୍ଚଶହ ଫୁଟରୁ କମ ହେବନି । ଏପଟ ସମୁଦ୍ର ହଠାତ୍ ଗଭୀର ହୋଇଯାଏ । ପାଣି ତଳେ ସୁଅ ବି ପ୍ରବଳ । ଅଳ୍ପ ଗଭୀର ହୋଇଥିଲେ ପାଣି ତଳ ବାଲି ବା କୋରାଲ ଦିଶୁଥାନ୍ତା । ପରିଷ୍କାର ନୀଳ ପାଣି ତଥାପି ଏତେ ଗଭୀରରେ ତଳ କଳା ଦିଶୁଛି । ପାଣିରେ ସୂର୍ଯ୍ୟ ଝଲମଲ କରୁଛି । ଏମିତିଆ ପାଣିରେ ପଦ୍ମଶିବ ଖସିପଡିଥିବାର ଦେଖି ବୋଟମ୍ୟାନ ପାଟିକରି ଉଠିଲା । କିନ୍ତୁ ପଦ୍ମଶିବ ବୋଟକୁ ଉଠିବାର ସାମାନ୍ୟ ଚେଷ୍ଟା ନକରି ଆରାମରେ ପାଣିରେ ଭାସୁଥିଲେ । ସମୁଦ୍ରପାଣିରେ ନଦୀପାଣି ଅପେକ୍ଷା ଭାସିବା ସହଜ । ଲୁଣିପାଣିର ଘନତ୍ୱ ଅଧିକ । ତାଙ୍କ ମୁହଁ ଖୁସିରେ ଭରିଯାଇଥିଲା । ନୀଳ ସମୁଦ୍ର ପାଣିରେ ପହଁରିବା ତାଙ୍କୁ ମଜା ଲାଗୁଥିବ । କିନ୍ତୁ ସମୁଦ୍ରରେ ଅସଂଖ୍ୟ ଶାର୍କ ଅଛନ୍ତି । ଏଠି ମାଛୁଆଙ୍କ ଜାଲରେ ଶାର୍କ ପ୍ରାୟ ଲାଗିଯାଏ । ଆଉ ପାଣିରେ ଶାର୍କ ଜଙ୍ଗଲର ମଣିଷଖିଆ ବାଘଠାରୁ ଭୟଙ୍କର ।

"ପଦ୍ମଶିବ ସାବ୍, ଜଲଦି ବୋଟକୁ ଚଢିଆସ ।"- ବୋଟମ୍ୟାନ ଜୋରରେ ପାଟିକଲା ।

ପଦ୍ମଶିବ ମୁଣ୍ଡ ହଲାଇଲେ, ହାତ ଉଠାଇ ଠାରିଲେ । ସେ ଟିକେ ପହଁରିବାକୁ ଚାହାଁନ୍ତି । ତା'ପରେ ହାତ ବାଡେଇ ଟିକିଏ ଦୂରକୁ ଚାଲିଗଲେ । ଲୋକଟା ପାଗଳ ନା କ'ଣ? ଆରାମରେ ଏତେ ଗଭୀର ସୁଦ୍ରରେ ପହଁରୁଛି । ପାଗଳକୁ ମଝି ରାସ୍ତାରେ ଗଲେ ମଧ୍ୟ ତା'କୁ କିଛି ଡର ନଥାଏ । କିନ୍ତୁ ବାକି ଲୋକଙ୍କୁ ଡରଥାଏ କେତେବେଳେ ପାଗଳ ଗାଡି ଧକ୍କାରେ ମରିଯିବ । ସେମିତି ସମସ୍ତଙ୍କୁ ଡର ଲାଗୁଥିଲା

"ପଦ୍ମଶିବ । ଶୀଘ୍ର ବୋଟକୁ ଆସ ।"- ଶେଷରେ ଅସୀମ ସମ୍ଭାଳି ନପାରି କହିଲେ । ପଦ୍ମଶିବର ଛୋଟ ଛୋଟ ଛୁଆ । କେଉଁ ଦୂର ଭାରତର ପୂର୍ବ ସୀମାନ୍ତରୁ ଆସି ଏଠି

ISSN NO.
2582-208X

ଚାକିରୀ କରୁଛନ୍ତି । ପିଲାମାନେ ବେଶ ସୁସ୍ଥ ସବଳ, ହସଖୁସିଆ । ଯଦି ପଦ୍ମଶିବର କିଛି ହୋଇଯାଏ ? ଅସୀମଙ୍କ ଛାତିରେ ଛନକା ପଶିଯାଉଥିଲା ।

"ଟିକେ ରୁହନ୍ତୁ । ପାଣିରେ ଭାସିବାକୁ ମଜା ଲାଗୁଛି ।"- ପଦ୍ମଶିବ ଅନୁରୋଧ କରୁଥିଲେ। ସେ ପାଣିରେ ଏକ ଫୁଲଭଳି ଭାସୁଥିଲେ । ଛୋଟ ଲହଡିରେ ଉଠୁଥିଲେ, ପଡୁଥିଲେ । ଅସୀମ କ'ଣ ହେଉଛି କିଛି ବୁଝିପାରୁନଥିଲେ । ସେପଟେ ଡଲଫିନଗୁଡାକ ଏ ବୋଟଠୁ ମୋଟେ ପଚାଶ ହାତ ଦୂରରେ । ସେମାନେ ବୋଟ ପାଖକୁ ଆସିବେ ବୋଲି ଅସୀମ ଭାବୁନଥିଲେ । ଡଲଫିନ ମଣିଷକୁ ଆକ୍ରମଣ କରିଛି ବୋଲି କାହିଁ ଶୁଣାନାହିଁ ।

ଏମିତି ପ୍ରାୟ ଦଶ ପନ୍ଦର ମିନିଟ ପାଣିରେ ପହଁରିଲାପରେ ପାଣି ସଡସଡ ହୋଇ ବୋଟମ୍ୟାନର ହାତ ଧରି ପଦ୍ମଶିବ ବୋଟ ଉପରକୁ ଚଢି ଆସିଲେ । ସମସ୍ତଙ୍କ ଦେହରେ ଯେମିତି ଜୀବନ ଆସିଲା ।

"ପଦ୍ମଶିବ, ଆପଣ ପାଗଳ ହୋଇଗଲେ ନା କ'ଣ? ଏକ ମହାସୁଦ୍ରରେ କେହି ବୋଟରୁ ଡେଇଁବା ଭାବିପାରନ୍ତା ନାହିଁ ।"-ଅସୀମ କହିଲେ ।

"କିଛି ନୁହେଁ । ଏତେ ନୀଳ ପାଣିରେ ପହଁରିବାକୁ ଇଚ୍ଛା ହେଲା ।"- ସେ କହିଲେ ।

"ଆପଣ ସମୁଦ୍ରକୂଳରେ ଗାଧୋଇପାରିଥାନ୍ତେ । ଆମର କିଛି କହିବାର ନଥିଲା । ସେଠି ପାଣି କମ ।"

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା
ମୋ-୭୩୫୫୭୩୪୩୪୬

ISSN NO.
2582-208X

# ଜୀବନ ଝୁଲୁଛି ପେଣ୍ଡୁଲମ ପରି



ଶଶଧର ମହାପାତ୍ର

ଜୀବନ ଝୁଲୁଛି ପେଠୁଲମ ପରି
ଦୁଃଖ, ସୁଖ ସାଥି କରି
ଈଶ୍ୱରଙ୍କ ଏହା ବରଦାନ ଭାବି
ହେଇଯାନ୍ତି ନଇପାରି
ଭଲ ଆଉ ମନ୍ଦ ଗଢିଛନ୍ତି ପ୍ରଭୁ
ପ୍ରାଣୀଙ୍କର ହିତ ପାଇଁ
ଦୁଃଖ ନଭୋଗିଲେ ସୁଖର ଆନନ୍ଦ
କେହି କେବେ ବୁଝେ ନାହିଁ
ଚକ୍ରଭଳି ଘୁରି ଦୁଃଖ ଆଉ ସୁଖ
ଆସେ ଆମ ଜୀବନରେ
କେହି ନୁହେଁ ସୁଖୀ କେହି ନୁହେଁ ଦୁଃଖୀ
ସାରା ଜୀବନ କାଳରେ
ଜୀବନର ଏହା ଗୁଢ ତତ୍ୱ ବୋଲି
କହିଛନ୍ତି ଋଷି ମୁନି
ଏ କଳି କାଳରେ ଏ' କଳା ମୁଠିଆ
ଭାବେ ଏହା ଚେତାବନୀ
ତଥାପି ମଣିଷ ଭୁଲିଯାଏ ସବୁ
ଭାବେ ସିଏ ମହାଜ୍ଞାନୀ
ଯେଝା ହାତରେ ଯେଝା ଚଉଦପା
ଦେଖାଏ ତା' ଖାନଦାନୀ

ISSN NO.
2582-208X

ବୟସ ବଢ଼ିଲା ଆଗକୁ ଆଗକୁ
ସମୟର ତାଳେ ତାଳେ
ବାର୍ଦ୍ଧକ୍ୟ ଦେଲାଣି କେବେଠୁଁ ଡାକରା
କଲା ବଶ କଳେବଳେ
ରାତି ଦି'ଟାରେ ନିଦ ଭାଙ୍ଗିଗଲେ
ଉଠି ବସେ ବିଛଣାରେ
କାନପାତି ଶୁଣେ ନିଃଶ୍ୱାସ ପ୍ରଶ୍ୱାସ
ବହେ ବେଗେ କିବା ଧୀରେ
ଦିଏ ଧନ୍ୟବାଦ ଦି' ହାତ ଯୋଡ଼ି
ମନେ ମନେ ଈଶ୍ୱରଙ୍କୁ
ଆଜି ବଞ୍ଚିଅଛି କାଲି କ'ଣ ହେବ ?
ଜଣାଥିବ ନିଶ୍ଚେ ତାଙ୍କୁ
ଶୈଶବର ସ୍ମୃତି ଅଛି ଉଜ୍ଜୀବିତ
ଜୀବନ ସରିବା ଯାଏ
ଅକସ୍ମାତ କେବେ ମନକୁ ଛୁଇଁଲେ
ମନେ ହସ ଭରି ଦିଏ
ଉପେନ୍ଦ୍ର, ଲକ୍ଷ୍ମଣ, ପ୍ରଫୁଲ୍ଲ, ଶତ୍ରୁଘ୍ନ
ଦୁନିଆ ଦେଲେଣି ଛାଡ଼ି
ଯାହାଙ୍କ ସହିତ ହସି ଖେଳିକରି
ଧରିଥିଲି ହାତେ ଖଡ଼ି
ନିଜ ମୁଣ୍ଡ ଝାଳ ସିଲଟରେ ମାରି
କରି ଦେଉଥିଲୁ ସଫା
ଫୁଙ୍କି ଫୁଙ୍କି ଆମେ ଶୁଖାଇଦେଇକି
ଭାବୁ ଆମେ ସିଂହମାର୍କା
ରବି, ଉର୍ମିଳା, ସୁବାସ, ବିଜୟ
ପଞ୍ଚଭୂତେ ହେଲେ ଲୀନ
"ନେତ୍ରାନନ୍ଦ ବାଇ' ମିଶିଲାଣି ଯାଇ

ISSN NO.
2582-208X

କାଲି ଭଳି ଲାଗେ ଦିନ
କେତେ କିସମର ଖେଳୁଥିଲୁ ଖେଳ
ଲାଗେ ଦିନ କାଲି ପରି
ଚାହୁଁ ଚାହୁଁ ଆସି ସତୁରୀ ଟପିଲା
ଦିନ ଯାଏ ସରି ସରି
ଅନେକ ଗଲେଣି ଆଗ ପଛ ହୋଇ
ଯିଏଥିଲେ ମୋର ସାଥୀ
ନିଛାଟିଆ ବେଳେ ଇଚ୍ଛା ଗାଇବାକୁ
ତାଙ୍କପାଇଁ ଶୋକଗୀତି
ସାଙ୍ଗ ହୋଇ ଆମେ କେତେ ଗପୁଥିଲୁ
ହସିଥିଲୁ ସାଙ୍ଗ ହୋଇ
ବାର୍ଦ୍ଧକ୍ୟ ସମୟେ ମନେପଡି ଗଲେ
ମନ କେବେ ବୁଝେ ନାହିଁ
ହସି ହସାଇବା, କାନ୍ଦି କନ୍ଦାଇବା
ଜାଣିଥିଲେ ବନ୍ଧୁମାନେ
କୋଳାଗ୍ରତ କରି ଖୁସି ବାଣ୍ଟୁଥିଲେ
କେବେ ଦେଖାହେଲେ ଦିନେ
ବିଦ୍ୟାଳୟ ହେଉ, ମନ୍ଦିର ବି ହେଉ
ହେଉ ପଛେ ଗାଁ ବିଲ
ଦେଖାହେଲେ କେବେ ଅଦିନରେ ଥରେ
ହେଉଥିଲୁ ମସଗୁଲ
ହାଟରେ, ବାଟରେ, ଘାଟରେ ଦେଖିଲେ
ଲାଗେ ସତେ ଏତେ ଭଲ
ଯେତେ ଥାଏ ଦୁଃଖ ବାଟ ହୁଡିଯାଏ
କିଏ ଦେବ ତାର ମୂଲ ?
ସାଙ୍ଗସାଥୀ ବିନା ଲାଗେ ଏକା ଏକା
ଦୁର୍ବିଃସହ ଏ' ଜୀବନ

ISSN NO.
2582-208X

ମୋତେ ଜଣାନାହିଁ କେତେ ଆଉ ବାକି
ବଞ୍ଚିବାକୁ ଅଛି ଦିନ
ଅନେକ ଗଲେଣି ଏ' ସଂସାର ଛାଡି
ଦିନେ ଥିଲେ ପ୍ରୀୟ ସାଥୀ
ବୁଝିତ ଗଲାଣି ଏ' ମନ ମୋର
ବେଶୀ ଦିନ ନାହିଁ ବାକି
ଯାହା କପାଳରେ ଲେଖା ଯାଇଅଛି
ବଞ୍ଚିବାକୁ ଯେତେ ଦିନ
ଏ' ବିଧି ବିଧାନ ସତ୍ୟ ଚିରନ୍ତନ
ହେବନାହିଁ କେବେ ଆନ
ଅନ୍ତରରେ କାନ୍ଦେ ବାହାରେ ହସେ ମୁଁ
ଦୁନିଆଁ ଜାଣିବା ପାଇଁ
କେଉଁ ଦିନ ନେବ ଏହି ଅଧମକୁ
ତୁମେ ଜାଣ ହେ ଗୋସେଇଁ ॥

(ଗତବର୍ଷ ଓଡିଶା ଭ୍ରମଣ କଲାବେଳେ ମୁଁ ମୋର ହାଇସ୍କୁଲ ସାଙ୍ଗମାନଙ୍କୁ ନେଇ ଏକ ବନ୍ଧୁ ମିଳନ ନଭେମ୍ବର ୨୪, ୨୦୨୩ ଦିନ ଆମ ଗାଁ'ର "ଚନ୍ଦନ ଶ୍ରୀକ୍ଷେତ୍ର' ଠାରେ କରିବାର ବ୍ୟବସ୍ଥା କରିଥିଲି । ମୁଁ ଜଣେ ସାଙ୍ଗ ସହ ଗାଁ ଗାଁ ବୁଲି ନିମନ୍ତ୍ରଣ କରିବାକୁ ଯାଇଥିଲି । ସେଥିରୁ ଅନେକ ଗାଁ କୁ କେବେ ମୋ' ଜୀବନରେ ଥରେ ହେଲେ ଯାଇନଥିଲି । ପହଞ୍ଚି ଖବର ପାଇଲି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ କିଛି ବର୍ଷ ହେଲା ଦେହ ତ୍ୟାଗ କରିସାରିଲେଣି । ଏ ଘଟଣାଟି ମୋ' ମନରେ ବହୁତ ଦୁଃଖ ଦେଇଥିଲା । ଏଇତ ଜୀବନ! ସେମାନଙ୍କ ସ୍ମୃତିରେ ଏ' ଲେଖାଟି ।)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ଆସିବନି କେବେ



ଡଃ ମାଙ୍ଗଳିକା ମହାପାତ୍ର

ଆସିବନି କେବେ ଏ ଜୀବନେ
ଅଦିନିଆ ମେଘଟିଏ ହୋଇ
ଭିଜିଯିବି ସାଥି ଗୋ ଲାଜରେ
ଚାହିଁଦେଲେ ତୁମକୁ ତ ମୁହିଁ...

ଆସିବନି କେବେ ଅଗଣାକୁ
ଏଇ ଫଗୁଣର ସାଥି ହୋଇ
ରହି ତ ପାରିବିନି ଦୂରେଇ
ମଳୟ ପବନ ଦେଲେ ଛୁଇଁ...

ଆସିବନି କେବେ ବାନ୍ଧବୀର
ଅନ୍ତରଙ୍ଗ ବନ୍ଧୁଟିଏ ହୋଇ
ହୃଦୟର ଏ ମରୁଭୂମିକୁ
ବାଲିଝଡ଼ର ରୂପଟେ ନେଇ...

ISSN NO.
2582-208X

ଆସିବନି କେବେ ଗୋ ଜହ୍ନର
ଶୀତଳ ଜୋଛନାଟିଏ ହୋଇ
ଯେବେ ଅନ୍ଧାରକୁ ଜୀବନେ
ନେଇଛି ମୁଁ ନିଜେ ଆପଣେଇ...

ହେଲେ ଜାଣେ ଗୋ ଜାଣେ ତୁମକୁ
ଯିବ ନାହିଁ ତୁମେ ଛାଡ଼ି କାହିଁ
ତୁମର ସେ ଭଲପାଇବାକୁ
ରହିଥିବ ସଦା ସାଥି ହୋଇ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଶୀର୍ଷର ମଣିଷ



ଡକ୍ଟର ବିଜ୍ଞାନୀ ଦାସ

ଅନାମିକା କାନ୍ଦୁଥିଲା । ହେଲେ ତା' କାନ୍ଦ କାହାକୁ ଶୁଣା ଯାଉନଥିଲା । ସିଏ ଗୁମୁରିଗୁମୁରି ଏକାକୀ ତା' ନିଜ ଶୋଇବା ଘରେ କାନ୍ଦୁଥିଲା । କାହିଁକି କାନ୍ଦୁଥିଲା ସିଏ ଜାଣେନି, ତଥାପି କେଉଁ ଏକ ଅଜଣା ଭୟ ତାକୁ ଯେମିତି ଗ୍ରାସ କରିଥିଲା । ସେ ଭୟ ତା' ସାନ ଭଉଣୀବିଶାଖାକୁ ନେଇ । ଯେମିତି ବିଶାଖାର କିଛି ଗୋଟିଏ ହୋଇଛି । ଅନାମିକା ସହିତ ସିଏ ଭଲରେ କଥାବାର୍ତ୍ତା କରୁନି । ବାପା, ବୋଉଙ୍କ ସହିତ ବି ସେତେଟା ଭଲରେ କଥା ହେଉନି। ଏସବୁ ତାର କଲେଜ ଯିବା ପରେ ହିଁ ହୋଇଛି । ତିନି ବର୍ଷ ତଳେ ସିଏ କଲେଜ ଯାଇଥିଲା । ଏଇଟା ତାର ଶେଷ ବର୍ଷ । କଲେଜ ଡର୍ମରେ ରହୁଥିଲା, ଗତବର୍ଷଠାରୁଗୋଟିଏ ଆପାର୍ଟମେଣ୍ଟରେ ରହୁଛି । ତା' ସହିତ ଜଣେ ରୁମମେଟ୍ ଅଛି । ଆପାର୍ଟମେଣ୍ଟକୁ ସ୍ଥାନାନ୍ତରିତ ହେବା ସମୟରେ ଅନାମିକା ବାପା, ବୋଉଙ୍କ ସହିତ ବିଶାଖାକୁ ସାହାଯ୍ୟ କରିବାକୁ ଯାଇଥିଲା । ସେଇଠି ବିଶାଖାର ଜଣେ ସାଙ୍ଗ କହୁକହୁ କହି ଦେଇଥିଲା, "ବିଶାଖା ତ ଜଣେ ୱାର୍କହୋଲିକ୍ । କେତେ କାମ ସିଏ ନ କରୁଛନ୍ତି । ଖାଇବା ପିଇବା ଛାଡି ସବୁବେଳେ ମାତିଛନ୍ତି । ବିଶେଷ କରି ଛାତ୍ର ସଂସଦରେ ପଶିବା ଦିନ ଠାରୁ ଭୋକ, ଶୋଷ ଭୁଲିଗଲେଣି ।'

ISSN NO.
2582-208X

ଅନାମିକା, ବାପା, ବୋଉ ସମସ୍ତେ ବିଶାଖାକୁ ବୁଝେଇଥିଲେ । "ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବୁ। ନଖାଇ ନପିଇ ଏ ସବୁରେ ଏମିତି ମାତିବା କଣ ଦରକାର ? ଏସବୁରେ ଏତେ ମାତିଲେ, ପାଠ ପ୍ରତି ସମୟ ମିଳିବନି ।'

ତାପରେ କିଛିମାସ ପର୍ଯ୍ୟନ୍ତ ସବୁ କିଛି ଠିକ୍ ଥିଲା । ବିଶାଖା ଘରକୁ ପ୍ରାୟତଃ ଫୋନ କରୁଥିଲା । ଅନାମିକା ପାଖକୁ ବି ଫୋନ କରୁଥିଲା । ହେଲେ ଏବେ ବର୍ଷେ ହେଲାଣି, ସେ ଫୋନ କରିବାର ନିୟମିତତା କମିକମି ଗଲାଣି । ପ୍ରତିଦିନରୁ ଧିରେଧିରେ ୩ ଦିନ, ତାପରେ ୫ ଦିନ, ତାପରେ ଏବେ ମାସରେ ଥରେ ବି ତାଠାରୁ କିଛି ଖବର ମିଳିବା ଅସମ୍ଭବ ହୋଇଉଠେ ।

ବାପା, ବୋଉ ବ୍ୟସ୍ତ ହୋଇଯାନ୍ତି । ଅନାମିକାକୁ ଡାକି ପଚାରନ୍ତି । ଅନାମିକା ବିଶାଖାକୁ ଡାକେ । ହେଲେ ସିଏ ଫୋନ ଧରେନି । କେବେକେବେ ହଠାତ୍ ଫୋନ କରି କହେ, "ପାଠର ବହୁତ ଚାପ ପଡୁଛି ଅପା, ସେଥିପାଇଁ ସମୟ କେମିତି ବିତିଯାଉଛି ଜଣାପଡୁନି । ଜାଣିଛୁ ଅପା, ମୁଁ ଏବେ କଲେଜର ୪ଟା କ୍ଲବ୍‌ର ପ୍ରେସିଡେଣ୍ଟ୍ । କେତେ ଦାୟିତ୍ୱ ଜାଣିଛୁ ତ? ତା' ସହିତ ଆଉ ୩ଟି କ୍ଲବ୍‌ର କାର୍ଯ୍ୟକାରୀ କମିଟିରେ ବି ଅଛି । ପାଠ ସହିତ ଏସବୁ କରିବାକୁ ପଡୁଛି । ଦିନରାତି ୨୪ ଘଣ୍ଟା କେମିତି ବିତିଯାଉଛି, ଜଣାପଡୁନି । ସେଥିପାଇଁ ତୋ ମେସେଜ୍ ପାଇଥିଲେ ବି ଉତ୍ତର ଦେଇପାରିନଥିଲି । କ୍ଷମା କରିବୁ ।'

ଅନାମିକା ଉପଦେଶ ଦିଏ । "ମୋ ପାଖକୁ ଫୋନ ନକଲେ ନାହିଁ ଅନ୍ତତଃ, ବାପା, ବୋଉଙ୍କ ପାଖକୁ ତ ଫୋନ କର । ନହେଲେ ସେମାନେ ବ୍ୟସ୍ତ ହେଉଛନ୍ତି ।'

ବିଶାଖା ବାପା, ବୋଉଙ୍କ ପାଖକୁ ଡାକି କଥା ହୁଏ । ସେମାନେ ଖୁସି ହୋଇଯାନ୍ତି । ପୁଣି ଯେଉଁ କଥାକୁ ସେଇ କଥା ।

ISSN NO.
2582-208X

ଅନାମିକାର ବି କଲେଜ ସମୟର ଅଭିଜ୍ଞତା ଅଛି । କଲେଜରେ ପାଠର ଚାପ ସହିତ, ଅନ୍ୟ କେତେକ ନୂଆ ଦାୟିତ୍ୱ ବି ନିଜ ଉପରେ ପଡିଯାଏ । ହୁଏତ ସେଇ କାରଣରୁ ହୋଇପାରେ ବିଶାଖା ବ୍ୟସ୍ତ ହୋଇଯାଇଥିବ । କିନ୍ତୁ ଅନାମିକାର ଚିନ୍ତା ବିଶାଖାର ପ୍ରକୃତିକୁ ନେଇ । ସେ ପ୍ରକୃତି ହେଲା ସବୁବେଳେ ଶୀର୍ଷରେ ରହିବା ପ୍ରକୃତି ।

ବିଶାଖା ଛୋଟ ବେଳୁ ସେମିତି । ସବୁଥିରେ ସିଏ ଯେମିତି ପ୍ରଥମ ହେବ । କେମିତି ଗୋଟିଏ ଜିଦ୍ । ସେଥିପାଇଁ ବାପା, ବୋଉ ତାକୁ ଭଲ ପାଆନ୍ତି । ତା' ବିଷୟରେ ସମସ୍ତଙ୍କ ଆଗରେ ଗପନ୍ତି । ତାର ଶିକ୍ଷକମାନେ ବି ତାକୁ ଭଲ ପାଆନ୍ତି । କାରଣ ସିଏ ଯେଉଁଥିରେ ମିଶେ, ସ୍କୁଲ୍ ପାଇଁ ସେସବୁ ପ୍ରତିଯୋଗିତାରେ ଜିତି କରି ଆସେ । ସେଥିପାଇଁ ସ୍କୁଲ୍‌କୁ ଶ୍ରେୟତାର ସମ୍ମାନ ମିଳେ । ତାର ଏଇ ଗୁଣ ପାଇଁ, ତାର କେତେକ ଭଲ ସାଙ୍ଗ ତାର ଶତ୍ରୁ ପାଲଟି ଯାଇଥିଲେ । ଏମିତି  କି ବାପାଙ୍କର କେତେକ ଭଲ ଓଡିଆ ବନ୍ଧୁ ମାନଙ୍କ ଝିଅ ମାନେ ବିଶାଖାକୁ ଘୃଣା କରିବାରେ ଲାଗିଲେ । ସେସବୁର କାରଣ ହେଲା, ସେମାନଙ୍କର ବାପା, ମାଆ ମାନେ ସବୁବେଳେ ସେମାନଙ୍କୁ ବିଶାଖାର ଉଦାହରଣ ଦେବାକୁ ଲାଗିଲେ ।

ଅନାମିକା ବିଶାଖା ଭଳି ନୁହେଁ । ବିଶାଖା ଯେମିତ ପ୍ରତିଦ୍ୱନ୍ଦୀ ପ୍ରତି ଅନେକଟା ରୁକ୍ଷ ହୋଇଯାଏ ଓ ପ୍ରତିଦ୍ୱନ୍ଦୀକୁ ଶତ୍ରୁ ଭଳି ଦେଖେ, ଅନାମିକା ସେମିତି ଦେଖିପାରେନି । ତା ହୃଦୟରେ ସମସ୍ତ ପ୍ରତିଯୋଗୀଙ୍କ ପାଇଁ ଏକ କୋମଳ କୋଣ  ରହିଥାଏ । ସେଥିପାଇଁ ସିଏ ଯେଉଁଥିରେ ବି ବିଜୟ ହାସଲ କରେ, ସେଥିରେ ଜିତିବାର ଏତେଟା ଗୌରବ ମୁହଁରେ ଫୁଟାଏନି । ଅନ୍ୟମାନଙ୍କ ଭାବନାକୁ ନେଇ ସିଏ ସେ ବିଜୟ ଉଲ୍ଲାସକୁ ମନ ମଧ୍ୟରେ ଚାପିରଖେ । ଘରକୁ ଆସିଲେ  ସିଏ ବିଶାଖାକୁ କୁଠେଇ ଧରି ତା' ବିଜୟ ଉଲ୍ଲାସର ବାର୍ତ୍ତା ଦିଏ । ତେବେ ବିଶାଖା ସେମିତି ନୁହେଁ । ସିଏ କୌଣସି  ପ୍ରତିଦ୍ୱନ୍ଦିତାରେ ଜିତିଲେ ଖୁସିରେ ଫାଟିପଡେ । ତା' ମୁହଁରେ, ଦେହରେ, କଥାବାର୍ତ୍ତାରେ ସବୁଠି ସେ ବିଜୟର ଛାପ ଯେମିତି ପ୍ରଦର୍ଶିତ ହୁଏ । ବିଶାଖାକୁ ବୁଝେଇଲେ କହେ, "ଅପା, ପ୍ରତିଦ୍ୱନ୍ଦୀ ପ୍ରତି ମୁଁ ଯଦି ଏମିତି ସ୍ନେହ ଦେଖେଇବି, ତା' ସହିତ ପ୍ରତିଦ୍ୱନ୍ଦିତା କେମିତି କରିବି କହ ତ ? ମୁଁ ସେମିତି କରିପାରିବିନି । ଏକା ଶ୍ରେଣୀରେ ପଢୁଥିବା ପର୍ଯ୍ୟନ୍ତ, ରୁବି ମୋର ପ୍ରତିଦ୍ୱନ୍ଦୀ ହିଁ ରହିବ,

ISSN NO.
2582-208X

ସିଏ ତେଣିକି ମୋନା ଆଣ୍ଟିଙ୍କ ଝିଅ ହେଉ କି ଯିଏ ହେଉ । ତୁ କଣ ଚାହୁଁଛୁ, ତୋ ଭଉଣୀ, ସବୁଥିରେ ହାରୁ ? ତୁ ଜାଣିନୁ ଅପା, ରୁବି ଭାରୀ ବୁଦ୍ଧିମତୀ । ମୋନା ଆଣ୍ଟି ତାକୁ ସବୁବେଳେ ପରାମର୍ଶ ଦିଅନ୍ତି ମୋତେ ହରାଇବା ପାଇଁ । ହେଲେ, ମୁଁ କେବେ ସେମିତି ହେବାକୁ ଦେବିନି ।'

ବୋଉ ସହିତ ମୋନା ଆଣ୍ଟିର ଭଲ ବନ୍ଧୁତା । ହେଲେ ବିଶାଖା ଓ ରୁବିର ଏକା ହାଇସ୍କୁଲ୍ ରେ ପଢିବା ଦିନଠାରୁ, ସେମାନଙ୍କ ପାଇଁ ବୋଉ ଓ ମୋନା ଆଣ୍ଟିଙ୍କର ଆଗଭଳି ସେ ବନ୍ଧୁତା ରହିନି । ଆଗେ ବିଶାଖା ଓ ରୁବିଙ୍କର ସ୍କୁଲ୍ ଅଲଗା ଅଲଗା ଥିଲା । ତେଣୁ ସିଧାସଳଖ ପ୍ରତିଯୋଗିତାର ଅବକାଶ ନଥିଲା । ଏବେ ଦୁଇଟି ଓଡିଆ ଝିଅ ଗୋଟିଏ ହାଇସ୍କୁଲ୍ ରେ, ଗୋଟିଏ ଶ୍ରେଣୀରେ । ସେମାନଙ୍କ ପ୍ରତିଯୋଗିତା ପାଇଁ ମୋନା ଆଣ୍ଟିଙ୍କ ପରିବାର ସହିତ ସେମାନଙ୍କର ଦୀର୍ଘ ଚାରିବର୍ଷ କାଳ ସଂପର୍କ ଖରାପ ରହିଲା । ରୁବିଟା ସାଧାସିଧା ପିଲା । ହାଇସ୍କୁଲ୍‌ର ତୃତୀୟ ବର୍ଷ ବେଳକୁ ବିଶାଖା ଯେଉଁଥିରେ ପଶିଲା, ରୁବି ସେଥିରେ ରହିଲାନି, କାରଣ ସିଏ ଜାଣିଥିଲା, ବିଶାଖା ତାକୁ କେବେ ବି ଜିତିବାର ସୁଯୋଗ ଦେବନି ।

ଅନାମିକାର ଡର, ସେମିତି ଯଦି ବିଶାଖା କଲେଜରେ ବି କରେ, ତେବେ ତାର ଅନେକ ଶତ୍ରୁ ହୋଇଯିବେ । ଆଗେ ସିନା ବିଶାଖା ବାପା, ବୋଉଙ୍କ ସହିତ ରହୁଥିଲା । ଏବେତ କଲେଜରେ ଏକୁଟିଆ । କାଳେ କିଏ କେତେବେଳେ ରାଗ ରଖି କିଛି ପ୍ରତିଶୋଧ ନେବ ? ହୁଏତ ସିଏ ସେମିତି ଭାବେ ବୋଲି କି କଣ, ଏବେ ସିଏ ପ୍ରତିଦିନ ବିଶାଖାକୁ ସ୍ୱପ୍ନ ଦେଖେ। ତା'କୁ କିଏ ଆକ୍ରମଣ କରିଛି, ତା ଉପରେ ପ୍ରତିଶୋଧ ନେଇଛି ।

ଥରେ ବିଶାଖା ଫୋନ କରିଥିବା ସମୟରେ, ଅନାମିକା ତାକୁ ବୁଝେଇଥିଲା । "ଟିକେ ସାବଧାନ ରହିବୁ । ଏବେ ସବୁ କଲେଜରେ ନିଶା ଦ୍ରବ୍ୟ, ବନ୍ଧୁକର ବ୍ୟବହାର ହେଉଛି । ଆଗ ଭଳି କଲେଜ କ୍ୟାମପସ୍ ନିରାପଦ ହୋଇ ନାହିଁ । କେତେବେଳେ କେଉଁ କଥା । ସବୁବେଳେ ସତର୍କ ରହିବୁ ।'

ISSN NO.
2582-208X

ବିଶାଖା ହସିଥିଲା । କହିଲା, "ଅପା, ତୁ ଏବେ ବାପା, ବୋଉଙ୍କ ଭଳି ଉପଦେଶ ଦେବାକୁ ଲାଗିଲୁଣି । ସାରା ଦେଶରେ ତ ଏବେ ସେ ସମସ୍ୟା । ତାକୁ ଆମେ ଡରିକରି ଲୁଚି ରହିବା ନା ତା' ବିପକ୍ଷରେ ସଚେତନତା ସୃଷ୍ଟି କରି, ବିଦ୍ରୋହ କରି ପରିବର୍ତ୍ତନ ଆଣିବା ? କେଉଁଟା ଭଲ, ତୁ କହତ ।'

ବିଶାଖାର ସେ ପ୍ରଶ୍ନ ଶୁଣି ଅନାମିକା ଡରି ଯାଇଥିଲା । ବିଶାଖା ଛୋଟ ଥିବା ବେଳେ ତ କାହାରିକୁ ଶୁଣିନି । ଏବେ ସିଏ କଣ ଅନାମିକା କଥା ମାନିବ ? ସିଏ ନିଶ୍ଚୟ କିଛି ଝାମେଲା କରିବ ଓ ସେଥିରେ ଫସିଯିବ । ସେଇ ଡର ଅନାମିକା ମନରେ ରହିଗଲା ।

ଏମିତି ଥରେ ଗୋଟିଏ ଖବର ଆସିଲା । କେଉଁ କଲେଜ ହଷ୍ଟେଲରେ ଜଣେ ରୁମମେଟ ଆଉ ଜଣକୁ ହତ୍ୟା କରିଛି । ସେ ଖବର ପାଇ ଅନାମିକା ଆହୁରି ଡରିଗଲା । ବିଶାଖାର ଯେଉଁ ପ୍ରକୃତି, ତାକୁ ତା' ରୁମମେଟ ପସନ୍ଦ କରୁଥିବ କି ନାହିଁ କିଏ ଜାଣେ ? ଯଦି ସିଏ କିଛି ଆକ୍ରୋଶ ରଖି ବିଶାଖା ଉପରେ ଆକ୍ରମଣ କରେ ?

ଯେଉଁ ଘଟଣାକୁ ଅନାମିକା ଡରୁଥିଲା, ଥରେ ସେମିତି ଘଟିଲା । ହଠାତ୍ ବିଶାଖାର କଲେଜ ଶ୍ରେଣୀଗୃହରେ ଗୁଳି ମାଡ । ସିଏ ପୁଣି ସେ ଶ୍ରେଣୀର ଜଣେ ଛାତ୍ର ଦ୍ୱାରା । ଖବର ମିଳିଲା ବିଶାଖା ନେତୃତ୍ୱ ନେଇ ଅନେକଙ୍କୁ ବଞ୍ଚେଇ ଦେଇଛି । ତେବେ ସେ ନେତୃତ୍ୱ ନେବା ଫଳରେ ତା ହାତରେ ଗୁଳି ବାଜିଥିଲା । ସେଥିପାଇଁ ଅତ୍ୟଧିକ ରକ୍ତସ୍ରାବ ଫଳରେ ସିଏ ସେଠି ବେହୋସ ହୋଇଯାଇଥିଲା । ପ୍ରାୟଃ ଦୁଇଘଣ୍ଟା ପରେ ତାକୁ କିଏ ଜଣେ ଦେଖି ହସପିଟାଲ ପହଞ୍ଚାଇ ଦେଇଛି । ଏସବୁ ଟିଭିରୁ ଦେଖି ହିଁ ଅନାମିକାର ପ୍ରେମିକ ଆଲୋକ ଅନାମିକାକୁ ଡାକି ଜଣେଇଥିଲା । ନହେଲେ ସେତେବେଳେ ତ ସିଏ ତା' କାର୍ଯ୍ୟାଳୟରେ ମିଟିଙ୍ଗ ରେ ଥିଲା । ମିଟିଙ୍ଗ୍ ସରିବା ପରେ ଫୋନ ଜାଞ୍ଚ କରୁକରୁ ଆଲୋକଙ୍କର ମେସେଜ ମିଳିଲା । ଅନାମିକାର ମୁଣ୍ଡ କାମ କଲାନି । ସିଏ ସାଙ୍ଗେସାଙ୍ଗେ ବାପା, ବୋଉଙ୍କୁ ଡାକି ଜଣେଇଲା । ତାପରେ ଆଲୋକକୁ ଡାକିଲା । ଏ ଅସମୟରେ ଆଲୋକ ହିଁ ତାର ଏକମାତ୍ର ଉଦ୍ଧାରକର୍ତ୍ତା ।

ISSN NO.
2582-208X

ଏ ଆମେରିକା ଦେଶ ଏବେ ପୂର୍ବ ଭଳି ଭରସାଯୋଗ୍ୟ ଦେଶ ହୋଇ ନାହିଁ । ବିଶେଷତଃ ବନ୍ଧୁକ ଏ ଦେଶରେ ସହଜଲଭ୍ୟ । ଯିଏ ଚାହିଁବ, ସିଏ ଗୋଟିଏ ବନ୍ଧୁକ କିଣିପାରିବ । ବନ୍ଧୁକ ସୋ, ବନ୍ଧୁକ ଏକ୍ସପୋ ଅର୍ଥାତ୍ ବନ୍ଧୁକ ମେଳା, ଏସବୁରୁ ବନ୍ଧୁକ କିଣିବା ଖେଳନା କିଣିବା ଭଳି । ବିଶେଷ କରି ଭର୍‌ଜିନିଆ ରାଜ୍ୟରେ ଛୋଟ ଛୋଟ ସହରରେ ତେଲଲୁଣର ଗ୍ରୋସୋରି ଷ୍ଟୋର ଭଳି ବନ୍ଧୁକ ଦୋକାନ ମଧ୍ୟ ରହିଛି । ଯିଏ ଚାହିଁଲା, ସିଏ ଗୋଟିଏ କଣ, ଦଶ, ବାରଟା ବନ୍ଧୁକ କିଣି ରଖିପାରିବ । ଏସବୁ ଭାବିଦେଲେ ମନରେ ଭୟ ପଶିଯାଏ । ମଣିଷ ମନ, କେତେବେଳେ କାହାର ରାଗ ଅଛି, ଅଭିମାନ ଅଛି । କିଏ ଯଦି କ୍ରୋଧର ବଶବର୍ତ୍ତୀ ହୋଇ ବନ୍ଧୁକ ବ୍ୟବହାର କରିଦେଲା ତ, ନିଜ ଉପରେ ପ୍ରତିଶୋଧ ନେବା ସହିତ ଅନ୍ୟର ଜୀବନକୁ ବି ସଙ୍କଟରେ ପକେଇଦେବ ।

ଆମେରିକା ଅନେକ ଦୃଷ୍ଟିରୁ ଅନ୍ୟ ଦେଶ ମାନଙ୍କ ତୁଳନାରେ ଶୀର୍ଷରେ ରହିଥିଲେ ମଧ୍ୟ, ଖୋଲାଖୋଲି ବନ୍ଧୁକ ବ୍ୟବହାର ପାଇଁ ସାଧାରଣ ଜନଜୀବନ ସୁରକ୍ଷା ଦୃଷ୍ଟିରୁ ଏ ଦେଶ ଅନେକ ଦେଶଙ୍କ ତଳେ ରହିବ ।

ଏଇ ବନ୍ଧୁକ କଟକଣା ପାଇଁ କେତେ ବୈଠକ ବସୁଛି । କେତେ ଆଲୋଚନା ହେଉଛି । କେତେ ବିକ୍ଷୋଭ ହେଉଛି । ତେବେ ସମାଧାନ ଏପର୍ଯ୍ୟନ୍ତ କିଛି ହୋଇପାରିନି । ଡେମୋକ୍ରାଟ୍ ମାନେ ଗୋଟିଏ କଥା କହିଲେ, ରିପବ୍ଲିକାନ୍ ମାନେ ଆଉ ଗୋଟିଏ କଥା କହୁଛନ୍ତି । ଯୁକ୍ତି ଉପରେ ଯୁକ୍ତି ଚାଲିଛି । କେତେବେଳେ ଚର୍ଚ୍ଚରେ ଗୁଳି ଫୁଟିଲାଣି ତ କେତେବେଳେ ଗୁରୁଦ୍ୱାରରେ । କେତେବେଳେ ସ୍କୁଲ୍ ରେ ଗୁଳି ଫୁଟିଲାଣି ତ କେତେବେଳେ ସିନେମା ହଲ୍ ରେ । କେତେବେଳେ ମାରାଥନ ସମୟରେ ଗୁଳି ଫୁଟିଲାଣି ତ କେତେବେଳେ ମଲ୍ ରେ । କେତେବେଳେ କନ୍‌ସର୍ଟ ଚାଲିଥିବା ସମୟରେ ଗୁଳି ଫୁଟିଲାଣି ତ, କେତେବେଳେ ରାଜ୍ୟର ମେଳା, ମହୋତ୍ସବ ସମୟରେ । କୌଣସି ସ୍ଥାନ ଏବେ ସୁରକ୍ଷିତ ନୁହେଁ । ପିଲାଙ୍କୁ ସ୍କୁଲ୍ ପଠେଇ ସାରି ବାପା, ମା ଏବେ ପ୍ରାର୍ଥନା କରନ୍ତି, "ମୋ ଛୁଆ ଭଲରେ ଫେରି ଆସୁ' ।

ISSN NO.
2582-208X

ସେଇ ବନ୍ଧୁକ କଟକଣା ବିଷୟରେ ବି ଗୋଟିଏ ସଂଗଠନର ସଭ୍ୟା ହୋଇଥିଲା ବିଶାଖା । ସେ ସଂଗଠନର ନାମ ଥିଲା, "ବନ୍ଧୁକ ବିରୁଦ୍ଧରେ ନାରୀ' । ଗତ ଦୁଇବର୍ଷ କାଳ ସିଏ ସେଇ ସୋସାଇଟିର ମୁଖପତ୍ରର ସଂପାଦିକା ଥିଲା । ଆଉ, ଏବେ ସେଇ ବନ୍ଧୁକ ଗୁଳିର ଶିକାର ସିଏ ନିଜେ ।

ଅନାମିକା ଏବେ କିଛି ନ ଭାବି ଆଲୋକଙ୍କର ପରାମର୍ଶ ଅନୁଯାୟୀ ସବୁ କାମ କରିବ ବୋଲି ସ୍ଥିରକଲା । ଆଲୋକ ସାଙ୍ଗେସାଙ୍ଗେ ଦୁଇଟି ଫ୍ଲାଇଟ୍ ଟିକେଟ୍ କିଣିଦେଲେ ଓ ଅନାମିକା ଛୁଟି ପାଇଁ ମ୍ୟାନେଜରଙ୍କୁ ଦରଖାସ୍ତ ଦେଇ ସାଙ୍ଗସାଙ୍ଗେ ପ୍ରସ୍ତୁତ ହୋଇ ଏୟାରପୋର୍ଟ ଅଭିମୁଖେ ଚାଲିଲା । ଆଲୋକ ଅନାମିକାର ବାପା, ବୋଉଙ୍କ ସହିତ କଥା ହୋଇ ସେମାନଙ୍କୁ ଧୈର୍ଯ୍ୟ ରଖିବାକୁ କହିଲେ ଓ ଭଗବାନଙ୍କୁ ପ୍ରାର୍ଥନା କରିବାକୁ କହିଲେ । ବୋଷ୍ଟନ୍ ରେ ପହଞ୍ଚି ସାରିବା ପରେ ସିଏ ସେମାନଙ୍କୁ ଫୋନ୍ କରି ସବୁ ଜଣେଇବେ ବୋଲି ପ୍ରତିଶ୍ରୁତି ଦେଲେ ।

ଆଜିକାଲି ଏ ସେଲ୍ ଫୋନ ଗୋଟିଏ ଭଲ ସାଥୀ । ସେଇ ସେଲ୍ ଫୋନ ମାଧ୍ୟମରେ ସବୁ କିଛି ସହଜରେ କରି ହେଉଛି । ଫ୍ଲାଇଟ୍ ବୁକ୍ କରିବାଠାରୁ ଆରମ୍ଭ କରି ଟ୍ୟାକ୍ସି ଡାକିବା, ହୋଟେଲ ବୁକ୍ କରିବା, ରେଷ୍ଟୁରାଣ୍ଟରୁ ଖାଦ୍ୟ ଅର୍ଡର କରିବା, ରାସ୍ତା ନିରୂପଣ କରିବା, ଇତ୍ୟାଦି କାର୍ଯ୍ୟ ସୁରୁଖୁରୁରେ ହୋଇପାରୁଛି । ବୋଷ୍ଟନ୍ ରେ ପହଞ୍ଚିବା ପରେ ସେମାନେ ସିଧା ଏୟାରପୋର୍ଟରୁ ହସପିଟାଲ ଗଲେ । ବାଟସାରା ଅନାମିକା ନିଜ ଭଉଣୀ ପାଇଁ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ । ଆଲୋକ ବୁଝାଉଥାନ୍ତି, "ବିଶ୍ୱାସ ରଖ । ସବୁକିଛି ଠିକ୍ ହୋଇଯିବ । ଟିଭିର ସମ୍ବାଦ ଅନୁଯାୟୀ, ବିଶାଖାର ହାତରେ ଗୁଳି ବାଜିଥିଲା । ସେଇଟା ଏତେ ସାଂଘାତିକ ନୁହେଁ । ଇଶ୍ୱରଙ୍କୁ ଧନ୍ୟବାଦ ଯେ, ଗୁଳିଟା ହାତରେ ହିଁ ବାଜିଛି । ଅନ୍ୟ କିଛି ବଡ ଅଘଟଣରୁ ସିଏ ଉଦ୍ଧାର ପାଇଯାଇଛି ।'

ISSN NO.
2582-208X

ହେଲେ ଅନାମିକାର ମନ ବୁଝୁନଥାଏ । ବିଶାଖାର ଯେ ଏତେ ରକ୍ତସ୍ରାବ ହୋଇଛି । ତା' ଦେହରୁ ଏତେ ରକ୍ତ ଯାଇଛି । ହଠାତ୍ ତାକୁ ରକ୍ତର ଆବଶ୍ୟକତା ପଡିପାରେ । ଯଦି ଠିକ୍ ସମୟରେ ରକ୍ତ ନ ମିଳେ । ତେବେ ତା' ଭଉଣୀର କିଛି ଅସୁବିଧା ହବନି ତ ?

ହସ୍ପିଟାଲରେ ପହଞ୍ଚିବା ପରେ ବି ବିଶାଖାର ଖବର ମିଳିବାକୁ ସମୟ ଲାଗିଲା । ଏମରଜେନସୀରେ ଲୋକ ଭର୍ତ୍ତି । ସେଠି ପୁଣି ମିଡିଆ ଓ ପୋଲିସ ମଧ୍ୟ ଜମା ହୋଇଥାଆନ୍ତି । ଏତେ ଗହଳିକୁ ଅତିକ୍ରମ କରି ସେମାନେ ଏମରଜେନସି କାଉଣ୍ଟରରେ ପହଞ୍ଚିବା ବେଳକୁ ସେଇ ହସପିଟାଲ ଭିତରେ ହିଁ ଘଣ୍ଟାଟିଏ ଲାଗିଗଲା । ଶେଷରେ ବିଶାଖାକୁ ଦେଖିବାର ସୁଯୋଗ ମିଳିଲା । ତାକୁ ଆଇ.ସି.ୟୁରେ ରଖାଯାଇଥାଏ । ସେତେବେଳକୁ ତାର ହୋସ୍ ଆସିନଥାଏ । ତାକୁ ସେବା ଯୋଗାଉଥିବା ଡକ୍ଟର୍ କହିଲେ, "ଭଲହେଲା ଆପଣ ଆସିଲେ । ତାଙ୍କ ଚିକିତ୍ସା ପାଇଁ କେତେଟା ଦସ୍ତଖତ ଦରକାର ଥିଲା । ସେଇଟା ହୋଇଗଲେ, ଭଲ । ତେବେ ତାଙ୍କର ବେଶି କିଛି ଅସୁବିଧା ହୋଇନି । ଆଉ ଅଧିକ ସମୟ ରହିଯାଇଥିଲେ, ରକ୍ତସ୍ରାବ ଯୋଗୁ ହୁଏତ ଅରଗାନ୍ ଫେଲିଓର୍ ହୋଇଯାଇଥାନ୍ତା ଓ କେସ୍ ସଙ୍କଟମୟ ଥାଆନ୍ତା । କିନ୍ତୁ ସେ ଅଘଟଣରୁ ସିଏ ବଞ୍ଚିଯାଇଛନ୍ତି । ତେବେ ତାଙ୍କ ପାଇଁ ଅନେକ ଛାତ୍ର, ଛାତ୍ରୀ ସୁରକ୍ଷିତ ରହିଛନ୍ତି । ଆପଣଙ୍କ ଭଉଣୀ ସତରେ ଜଣେ ଦେଶସେବୀ ।'

ଅନାମିକା କେତେଗୁଡିଏ ଫର୍ମରେ ଦସ୍ତଖତ କଲା । ବିଶାଖା ଭଲ ଅଛି ବୋଲି ବାପା, ବୋଉଙ୍କୁ ମେସେଜ ଦେଇ ଜଣେଇଦେଲା ଓ ବିଶାଖାର ଚେତା ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଲା ।

ସବୁବେଳେ ଶୀର୍ଷରେ ରହୁଥିବା ଭଉଣୀ ତାର ଯେମିତି ଭାବେ ଅସହାୟ ହୋଇ ସେ ଆଇ.ସି.ୟୁରେ ପଡି ରହିଥିଲା, ତାକୁ ଦେଖି ଲାଗୁଥିଲା, ସତରେ କଣ ଜୀବନ ଏମିତି । ଶୀର୍ଷର ମଣିଷ ବି ଭାଗ୍ୟର ବିଡମ୍ବନାରେ ଏତେ ଅସହାୟ ।

ISSN NO.
2582-208X

ସ୍ମୃତିରେ କେତେକେତେ ଛବି ପ୍ରତିଫଳିତ ହେଲେ । ବିଶାଖାର ମାଥ୍ ଅଲିଂପିଆଡ୍ ଜିତିଥିବା ପରେ ବାପା ଦେଇଥିବା ପାର୍ଟି; ନୃତ୍ୟ ପ୍ରତିଯୋଗିତାରେ ଜିତି ଟ୍ରଫି ଆଣିବା ସମୟର ତାର ସେ ବିଜୟିନୀ ରୂପ; ଜିମନାଷ୍ଟିକ୍ସରେ ଜିତିଥିବା ସମୟର ଚେହେରା; ଭାଓଲିନ୍ ରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିତି ସମ୍ମାନିତ ହେବା ସମୟର ଛବି । ସେସବୁ ସମୟରେ ଅନାମିକା ଉପସ୍ଥିତ ଥିଲା । ବିଶାଖାକୁ ସିଏ ବହୁତ ଭଲପାଏ । ବିଶାଖା ତା' ଠାରୁ ପାଞ୍ଚବର୍ଷ ସାନ । ତେଣୁ ବାପା, ବୋଉ ଅନେକ ସମୟରେ ବିଶାଖାର ଦାୟିତ୍ୱ ତା' ଉପରେ ହିଁ ନ୍ୟସ୍ତ କରିଦିଅନ୍ତି । ବିଶାଖା ବି ତାର ଆବଶ୍ୟକତା ସବୁବେଳେ ଅନାମିକା ଆଗରେ ଜଣାଏ । "ଅପା, ମୋ ସାଙ୍ଗ ମାଣ୍ଡିର ଆଜି ବାର୍ଥ ଡେ । ସିଏ ସ୍ଲିପ୍ ଓଭର ପାଇଁ ଡାକିଛି । ହେଲେ ବାପା, ବୋଉ ରାଜି ହେଉନାହାନ୍ତି । ତୁ ଟିକେ କହନା ।'

ବାପା, ବୋଉଙ୍କ ରାଜି ନହେବାର କାରଣ ସେଇ ବନ୍ଧୁକ ଭୟ । ଗୋଟିଏ, ଦୁଇଟା ଘଟଣା ଖବର କାଗଜରେ ପଢି ସେମାନେ ଭୟଭୀତ ଥାଆନ୍ତି । ପରିବାରରେ ଝଗଡା ହେଲେ, ଏଠି ଆମେରିକାରେ ଲୋକମାନେ ବେଳେବେଳେ ବନ୍ଧୁକ ବ୍ୟବହାର କରନ୍ତି । ବୋଉ ତ ଡରିକରି ଥାଏ । "କାଳେ ଯଦି ମାଣ୍ଡିର ବାପା ବନ୍ଧୁକ ରଖିଥିବେ । କାଳେ ମାଣ୍ଡିର ବାପା, ବୋଉଙ୍କ ଭିତରେ ଝଗଡା ହେବ ଓ ସିଏ ଯଦି ବନ୍ଧୁକ ବ୍ୟବହାର କରିଦେବେ ? ତେବେ ମୋ ଝିଅର କଣ ହେବ ?' ବୋଉର ଡରର କାରଣ ବି ସତ୍ୟ । ତେବେ ଅନାମିକା ବୁଝାଏ, "ତମେତ ମାଣ୍ଡିର ବାପା, ମାଙ୍କ ସହିତ ମିଶିଛ ନା ବୋଉ । ସେମାନେ କଣ ଝଗଡା କରୁଥିବାର ମନେହୁଅନ୍ତି ?'

ବୋଉ ଯୁକ୍ତି କରନ୍ତି, "ତୋ ବାପାଙ୍କର ମୋର ତ ଏତେ ଝଗଡା ହୁଏ । ସେଇଟା କଣ ବାହାରକୁ ଦେଖାଯାଏ । ସବୁ ଘରେ ଝଗଡା ଥାଏ । ହେଲେ ରାଗତମ ସମୟରେ ହାତରେ ବନ୍ଧୁକ ଥିବାଟା ଡରର କଥା । କାଳେ ରାଗତମରେ କିଏ ବନ୍ଧୁକ ଧରିଦବ । ଆମେ ସିନା ବନ୍ଧୁକ ରଖିନାହାନ୍ତି । ଆମ ଝଗଡା ହେଲେ ସେଇ ଡରଟା କମ୍ । ହେଲେ ଏ ଆମେରିକା ଲୋକ ସବୁ ପରା ବନ୍ଧୁକ ରଖିଛନ୍ତି ।'

ISSN NO.
2582-208X

ତେବେ ଅନାମିକା ବୁଝାଇଦିଏ । "ସବୁ ମଣିଷଙ୍କୁ ଏତେଟା ଅବିଶ୍ୱାସ କଲେ ଆମେ ଚଳିପାରିବାନି ବୋଉ । ଆମେ ପାଗଳ ହୋଇଯିବା । ଅନ୍ତତଃ କିଛି ଲୋକଙ୍କୁ ତ ବିଶ୍ୱାସ କରିପାରିବା ନା ।'

ବୋଉ ବୁଝନ୍ତି । ବିଶାଖା ଖୁସିହୁଏ ଓ ଅପାକୁ କୁଣ୍ଢେଇପକେଇ ଧନ୍ୟବାଦ ଦିଏ ।"ମୋର ସବୁଠୁ ଭଲ ଅପା ।'

ସେତିକିରେ ଅନାମିକାର ଛାତି କୁଣ୍ଢେମୋଟ ହୋଇଯାଏ । ସିଏ ଗୋଟିଏ ଗଡ ଜିତିବା ଭଳି ନିଜ ଭିତରେ ଗର୍ବ ଅନୁଭବ କରେ ।

ଅନାମିକା କଲେଜ ଶେଷ କରି ଗୋଟିଏ ଇଞ୍ଜିନିୟରିଙ୍ଗ କଂପାନୀରେ କାର୍ଯ୍ୟ କଲା । ତା' ପରବର୍ଷ ବିଶାଖା କଲେଜ ଗଲା ।

ସିଏ ଡାକ୍ତରାଣୀ ହବ ବୋଲି ଆଶା ରଖିଥିଲା । ଏବେ ରୋଗୀ ହୋଇ ଶୋଇରହିଛି ।

ପ୍ରାୟ ଦୁଇଘଣ୍ଟା ପରେ ବିଶାଖାର ହୋସ ଆସିଲା । ଅପାକୁ ନିଜ ଶଯ୍ୟାଧାରରେ ଦେଖି ତାର ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ଅନାମିକା ବିଶାଖାର ହାତକୁ ଆଉଁସିଦେଲା । ସେଇ ସ୍ନେହର ସ୍ପର୍ଶରେ ସତେ ଯେମିତି ପୂର୍ବ ବିଶାଖା ଜାଗ୍ରତ ହୋଇ ଆସୁଥିଲା । ଡାକ୍ତର ପହଞ୍ଚି ଜଣେଇଲେ, "ଏବେ ବିଶାଖା ସୁସ୍ଥ ଅଛନ୍ତି । ତାଙ୍କୁ ଆଉ ଆଇ.ସି.ୟୁରେ ରହିବାର ଆବଶ୍ୟକତା ନାହିଁ । ଏବେ ସେ ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ କୋଠରିକୁ ସ୍ଥାନାନ୍ତରିତ ହେବେ । ପ୍ରାୟତଃ ୨-୩ ଦିନ ରହିବାକୁ ପଡିବ । ସିଏ ସୁସ୍ଥ ହୋଇ ଆସିଲେ, ନିଜ ଘରକୁ ଯାଇପାରିବେ ।

ତା' ପରଦିନ ବାପା, ବୋଉ ଆସି ପହଞ୍ଚିଲେ । ତାଙ୍କର ଜଣେ ଓଡିଆ ସାଙ୍ଗଙ୍କ ସାହାଯ୍ୟରେ ସେ ସହରରେ ଗୋଟିଏ ଆପାର୍ଟମେଣ୍ଟ ଭଡା ନେଲେ । ଦୁଇ ଦିନ ପରେ

ISSN NO.
2582-208X

ବିଶାଖା ହସପିଟାଲରୁ ଫେରି ବାପା, ବୋଉଙ୍କ ସହିତ ରହିଲା । ଅନାମିକା ନିଜ ସହରକୁ ଫେରିଆସିଲା । ବାପା, ବୋଉ ମାସେ ଛୁଟି ନେଇ ବିଶାଖା ସହିତ ରହିବାର ସ୍ଥିର ହେଲା ।

ସେଇଦିନ ଠାରୁ ବିଶାଖା ବଦଳିଗଲା ।

ଶୀର୍ଷରେ ରହୁଥିବା ମଣିଷ ଏବେ ତଳେ ରହିବାକୁ ପସନ୍ଦକଲା । ଅନ୍ୟମାନଙ୍କ ପ୍ରତି ରାଗ, ରୋଷ ଭୁଲିଗଲା । ପ୍ରତିଦ୍ୱନ୍ଦିତା ମଧ୍ୟ ଭୁଲିଗଲା । ତେବେ ନିଷ୍ଠା ଭୁଲିଲାନି । ହସପିଟାଲରୁ ଫେରିବା ପରେ କିଛିଦିନ ତ ସିଏ ବେଶି କିଛି କଥାବାର୍ତ୍ତା କରୁନଥିଲା । ତାପରେ ଟିକେ ମୁହଁ ଖୋଲିଲା । ଅନାମିକାକୁ ଜଣେଇଥିଲା, "ଜାଣିଲୁ ଅପା, ମୋ ଆଖି ଆଗରେ ତିନିଟା ଛାତ୍ରଙ୍କର ମୃତ୍ୟୁ ହୋଇଗଲା । ସେକଥା ମୁଁ ଭୁଲିପାରୁନି । ସେଥିପାଇଁ ଭାବୁଛି, ମୁଁ ଏବେ ଡାକ୍ତରୀ ପଢିବା ପାଇଁ ସିରିଅସ୍ ହେବି ।'

ଏ ଘଟଣାର ସାତ ବର୍ଷ ପରର ଘଟଣା । ବିଶାଖା ଏବେ ଜଣେ ଡାକ୍ତରାଣୀ । କଲେଜ ଶେଷ କରି ସିଏ ମେରୀଲାଣ୍ଡର ହିଁ ମେଡିକାଲ କଲେଜରେ ପଢିଲା । ଏବେ ସେଠି ହସପିଟାଲରେ ନିଯୁକ୍ତି ପାଇ ପ୍ରାକଟିସ୍ କରୁଛି । ୨୦୧୯ ମସିହାର ନଭେମ୍ବର ମାସର ଶେଷ ସପ୍ତାହ । ସେବର୍ଷ ଥ୍ୟାଙ୍କସଗିଭିଙ୍ଗ୍ ନଭେମ୍ବର ୨୮ ତାରିଖରେ ପଡିଥିଲା । ଅନାମିକା, ଆଲୋକ ଓ ତାର ଗୋଟିଏ ଝିଅ ଇରା ରିଚମଠରୁ ନଭେମ୍ବର ୨୩ ତାରିଖ ଦିନ ମେରୀଲାଣ୍ଡ ଆସିଥିଲେ ଓ ସେ ସପ୍ତାହଟା ସମସ୍ତେ ନିଜ ଘରେ କଟେଇବେ ବୋଲି ଯୋଜନା କରିଥିଲେ । ନଭେମ୍ବର ୨୫ ତାରିଖ ଦିନ ମୋନା ଆଣ୍ଟି ଖବର ଦେଇଥିଲେ, "ରୁବିର ଝିଅଟିଏ ହୋଇଛି । ମେରୀଲାଣ୍ଡ ଆସିଛୁ ତ, ଝିଅକୁ ଯାଇ ଦେଖିଆସେ, ରୁବିକୁ ଭଲ ଲାଗିବ ।'

ଅନାମିକା ତା ବାପା, ବୋଉଙ୍କ ସହିତ ରୁବିର ଝିଅକୁ ଦେଖିବାକୁ ଯାଇଥିଲା । ରୁବି ସହିତ କଥାବାର୍ତ୍ତା କରୁଛି ତ, ଡାକ୍ତରାଣୀଙ୍କ ଚେକିଙ୍ଗ୍ ସମୟ ହୋଇଗଲା । ଡାକ୍ତରାଣୀଙ୍କୁ ଦେଖି ଅନାମିକା ଚମକିପଡିଲା । "ବିଶାଖା, ତୁ ?'

ISSN NO.
2582-208X

ବିଶାଖା ହସିହସି କହିଲା, "ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି । ତୁ ତ ଜାଣିଛୁ ନା, ମୁଁ ଏ ହସ୍‌ପିଟାଲ୍ ରେ ପ୍ରାକ୍‌ଟିସ୍ କରୁଛି ।'

- "ହେଲେ ....।'

- "ହେଲେ କଣ ? ମୁଁ କଣ ରୁବିର ଚିକିତ୍ସକ ହୋଇପାରିବିନି ?'

- "ନାଇଁ, ସେମିତି କିଛି ନାହିଁ । ହେଲେ ତୋର ତ ରୁବି ସହିତ ସବୁବେଳେ ପ୍ରତିଦ୍ୱନ୍ଦିତା ଚାଲିଥିଲା ।'

ରୁବି ହସିଲା । କହିଲା, "ଅପା, ମୋର ପ୍ରେଗନାନସୀ ଜଣାପଡିବା ଦିନରୁ ହିଁ ବିଶାଖା ମୋର ଡାକ୍ତରାଣୀ । ସେ ପିଲାବେଳ କଥା କଣ ଏବେ ଅଛି ? ଏବେ ଆମେ ଦୁଇଜଣ ସାଙ୍ଗ । ସିଏ ତ ଡାକ୍ତରାଣୀ ହେଲା ଓ ମୁଁ ତମ ଭଳି ଇଞ୍ଜିନିୟର୍ ହେଲି । ଆଉ ପ୍ରତିଦ୍ୱନ୍ଦିତା କେମିତି ହବ ?'

ଅନାମିକା ମୁହଁରେ ବି ହସ ଫୁଟିଲା । ଏବେ କିଏ ଶୀର୍ଷର ମଣିଷ ନୁହେଁ କି କିଏ ନିମ୍ନର ମଣିଷ ନୁହେଁ । ଉଭୟ ବନ୍ଧୁ । ବନ୍ଧୁତାର ଗୌରବ ଶୀର୍ଷରେ ରହିଥିବାର ଗୌରବ ଠାରୁ ଆହୁରି ଲୋଭନୀୟ ମନେ ହେଉଥିଲା ।

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ରଜ ଗୀତ,ଏକ ଭିନ୍ନ ସ୍ୱାଦ ରେ



ଅଳକା ମହାନ୍ତ

ବନସ୍ତେ ଡାକୁନି ଗଜ
ବରଷକ ଥରେ ଆସିଛି ରଜ
ଦେଖୁନାହିଁ ସଜବାଜ।

ଆମ୍ବ ପାଚୁଅଛି ବନେ
ଚନ୍ଦନ ଅଳତା ଚୂଲିକି ଗଲାଣି
ପାଉଡର ବିନ୍ଦି ଘେନେ।

ଚାକୁଣ୍ଡା ଗଛର ଛାଇ,
ରଜ ଦୋଳି ଆଉ ଗଛେ ଝୁଲୁନାହି
ଲୁହା ଦୋଳି ସାଇଁ ସାଇଁ।

ଖୋଷା ରେ ଗଜରା ହାର
ରଜ ପାନ ଆଉ କିଏ ବା ଖାଇବ
ଲିପଷ୍ଟିକ ଓଠରେ ମାର।

ଝୁଲି ଝୁଲି ଚାଲେ ହାତୀ,
ପାନ ଭଙ୍ଗା ଆଉ ଦେଖା ଯାଉନାହିଁ
ଗୁଆ ଖୋଜେ ଗୁଆକାତି।

ISSN NO.
2582-208X

ଗୁମୁରୁଛି କଳା ମେଘ
ନୂଆ ବସ୍ତ୍ର ଦିଏ କେତେ କଷଣ ଯେ
ଗୁଲୁ ଗୁଳି ରଜ ପାଗ ।

ପଙ୍ଖା ବୁଲୁଥାଏ ଘରେ
ଡହ  ଡହ ତାତେ ଘର ଅଗଣା ଲୋ
ମୁହଁ ମାରି ବସ ଘରେ ।

ରାସ୍ତା ଘାଟ ଗହଳିଆ
କେଁ କେଁ କରେ ମଟର ଗାଡି ଲୋ
ଥାଉ ରଜ ମଉଜିଆ ।

ଆଖିରେ କଜଳ ଗାର
ନାହିଁ ଆଉ ସେହି କୁଆଁରୀ ମନରେ
ସୁଖ ଶାନ୍ତି ପରିବାର ।

ମଇଁଷି ର ଶିଙ୍ଘ ଫଟା,
ଆଉ ରଷି ନାହିଁ ରାଧିକା ରାଣୀ ଲୋ
ଜାଣିଛି କୃଷ୍ଣ ର ଛଟା ।

ପ୍ରିନ୍ସପାଲ, ବକ୍ସି ଜଗବନ୍ଧୁ ଇଂରେଜୀ ମିଡିୟମ ସ୍କୁଲ
ଭୁବନେଶ୍ୱର ୭୫୨୧୦୦ / ମୋ: 7303264377

ISSN NO.
2582-208X

# ନ୍ୟାୟ ଶୃଙ୍ଖଳ..



ମଧୁମିତା ମିଶ୍ର

ଦୁହିତା ମୁଁ..
ସ୍ନେହମୟୀ ଜନନୀ ବନିତା..
କଲ୍ୟାଣ ମୟୀ ଅଟେ ଭଗିନୀ ମୁଁ ସୂତା..
ତେବେ କିପରି ହେଲି ଏହି ଜଗତେ ଆଜି..!!
କଳଙ୍କିନୀ ପାପିନୀ..ପତିତା.. ଦୁଶ୍ଚରିତ୍ରା..!!??
କ୍ଷଣିକ ଉତ୍ତେଜନା..
ପାଶବିକ ପ୍ରବୃତ୍ତି କି କାମାନ୍ଧ..
ନୁହେଁ କେବେ ଏହା ମୋହରି ଯେ ଅନ୍ତର୍ଦ୍ୱନ୍ଦ..!!
ତେବେ ପରିସର ଭୁକ୍ତ ନୁହେଁ ଯାହା..!!
ହେଲା କିପରି ତାର ମୋ ନାମ ସହ ସମ୍ବନ୍ଧ..!!??
ପାଞ୍ଚାଳୀ ଚଢ଼ିଲା ବଳୀ..
ପଶା ଖେଳ ପାଶ ବନ୍ଧକେ..
ପାଣ୍ଡବକୃତ ଭୁଲ୍ ଗଣନାର ଫନ୍ଦେ..
କୁରୁସଭାରେ କୁରୁ କୂଳବଧୂ ଯେ  କାନ୍ଦେ..!!??
ଅନ୍ୟାୟୀ ଦଶାନନର ପ୍ରବଳ ଅତ୍ୟାଚାର..
ବଧ ହେତୁ ବିଷ୍ଣୁ ହେଲେ ବଦ୍ଧ ପରିକର..

ISSN NO.
2582-208X

ଜନକନନ୍ଦିନୀ ହୋଇ ତା ଶଠତା ଶିକାର..
ଚରିତ୍ର କଳଙ୍କେ ହେଲେ ଭୂମି ମଧ୍ୟେ ସ୍ଥିର..!!??
ରାଜେନ୍ଦ୍ର କାମନା ବଳେ ଗୌତମ ରୂପେ ଆସି..
ଅହଲ୍ୟା ସମ୍ମୁଖରେ ଛଦ୍ମବେଶରେ ପ୍ରକାଶି..
ପାପ ଅପରାଧ କରି ମୁକ୍ତ ଇନ୍ଦ୍ର ଅବିନାଶୀ..
ପାଷାଣୀ ନାରୀ ରାମ ପଦେ ହେଲା ଯେ ବିଶ୍ୱାସୀ..!!??
ଶତତ ନିର୍ଭୟାର ବୁକୁଫଟା କ୍ରଂଦନ..
ଶୁଭେନି କର୍ଣ୍ଣେ କି ନ୍ୟାୟ ହୁଏନି ସନ୍ଧାନ..!!
ଯୁଗେ ଯୁଗେ ଏଠି ଶୃଙ୍ଖଳଯୁକ୍ତ ନାରୀ ଶକ୍ତି..
ନ୍ୟାୟ ସଂଗ୍ରାମେ ନିଜେ ନ୍ୟାୟ ହିଁ ଖୋଜେ ମୁକ୍ତି..!!??

ଭୁବନେଶ୍ୱର

ISSN NO.
2582-208X

# ଅନେକରେ ଏକ



ଡ. ପ୍ରସନ୍ନ କୁମାର ବଳ

କିପରି କରିବି ତୁମକୁ ତ ପୂଜା ଜାଣି ପାରୁନାହିଁ ମୁହିଁ,
କି ନାମେ ପୁଣି ମୁଁ ଡାକିବି ତୁମକୁ ଭାବି ପାରୁନାହିଁ ମୁହିଁ ।୧।
ରାମ, କୃଷ୍ଣ, ଜଗନ୍ନାଥ ଅବା ଶିବ ରୂପେ ଦିଅ ଦରଶ ,
ହେଲେ ତୁମେ ପରା ଅନେକରେ ଏକ ବୁଝି ପାରେ ଆମ ମନ ।୨।
ଏକାକାର ସେହି ରୂପଟି କେମିତି ଦେଖିବାକୁ ମନ ଚାହେଁ,
ସମ୍ଭବ କି ତାହା ହୋଇ କି ପାରିବ ହୃଦୟ ବ୍ୟାକୁଳ ହୁଏ ।୩।
ତୁମ ମାୟା ପ୍ରଭୁ ଜାଣିବା କି ପୁଣି ଏତେ ସହଜ ବ୍ୟାପାର,
ହେଲେ ସଚ୍ଚା ଭକ୍ତ ପାଖରେ ତ ପୁଣି ହାର ମାନି ଯାଇ ଥାଅ ।୪।
ତୁମରି ଗାରିମା ଯେତେ ବଖାଣିଲେ ହୁଏ ନାହିଁ ତାହା ଶେଷ,
ସବୁ ଦିନ ନାମ ଉଚ୍ଚାରି ପାରିଲେ ନ ରହିବ ଅବଶୋଷ ।୫।
ଯୁଗେ ଯୁଗେ ତୁମେ ଭିନ୍ନ ଭିନ୍ନ ରୂପେ ଅବତାର ଧରା ଧାମେ,
ନିଜ ଲୀଳା ଖେଳା ସାରି ପ୍ରଭୁ ତୁମେ ଫେରିଯାଅ କାଳବଳେ ।୬।
ଅନ୍ୟାୟର ସୀମା ଟପି ଯାଏ ଯେବେ ଏହି ଧରା ଧାମ ତଳେ,
ମାନବ ରୂପରେ ଜନମିକି ପୁଣି ସଙ୍ଘାରଇ କାଳବଳେ ।୭।

ISSN NO.
2582-208X

ଆଜି ଏ ସଂସାରେ ଏତେ ଯେ ଅନ୍ୟାୟ ରାଜ କରୁ ଅଛି ପୁଣି,
କାହିଁକି ଆସୁନ ଏ ଧରା ଧାମକୁ ନ୍ୟାୟର ପ୍ରତିଷ୍ଠା ଲାଗି ।୮।
ଶୁଣିଛୁ ତୁମର ଲୀଳା ସବୁ ପ୍ରଭୁ ପଢିଛୁ କେତେ ବହିରୁ,
ହେଲେ ଆଜି ଆମେ ଦେଖିବାକୁ ଚାହୁଁ କିଛି ଟା ଲୀଳା ସେଥିରୁ ।୯।
ଏ ଜୀବନ ଧନ୍ୟ ହୋଇବ ତ ସତେ ସେ ସୁଯୋଗ ମିଳି ଗଲେ,
ଜାଣେନା ପୁଣି କି ମାନବ ଜୀବନ ପୁନର୍ବାର ମିଳିପାରେ ।୧୦।
ଏତିକି ଗୁହାରି ଜଗତ ଠାକୁରେ ତୁମ ପାଦତଳେ ମୋର,
ଏକରେ ଅନେକ ଅନେକରେ ଏକ ତୁମେ ହିଁ କଳା ଠାକୁର ।୧୧।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଲଳିତ ନିବନ୍ଧ – ଅତିଥି ସତ୍କାର



ବଦ୍ରୀ ମହାନ୍ତ

ମଣିଷର କେଉଁ ସ୍ୱରୂପ ଶ୍ରେଷ୍ଠ, କେଉଁ କାମଟି ଯୁଗାନ୍ତକାରୀ ଓ କେଉଁ ସଂପର୍କରେ ରହିଛି ନିବିଡତା ଏହା ନିର୍ଦ୍ଦିଷ୍ଟ ଭାବେ ସ୍ଥିର ହୋଇନାହିଁ ସତ, ମାତ୍ର ପ୍ରେମ ସ୍ନେହ ବନ୍ଧନର ଅର୍ଗଳିରେ ବନ୍ଧା ପଡ଼ି ସବୁବେଳେ ମଣିଷ ଚାହୁଁଛି ମାନସିକ ଶାନ୍ତି, ଗୋଟାଏ ସୁସ୍ଥ ବାତାବରଣ । ଏହା ସଚରଚରରେ ପରିଦୃଶ୍ୟ ନହେଲେ ସୁଦ୍ଧା ସହଜରେ କଳ୍ପନା କରା ଯାଇପାରେ ଏହାର ଉପସ୍ଥିତି ଓ ଆବଶ୍ୟକତା । ସମ୍ଭାବ୍ୟ ଦିଗଟି ଉଦ୍ଭୁଳି ଉଠେ ମାନସ ପଟରେ ଏବଂ ଅନବରତ ସେଇ ପ୍ରୟାସରେ ସମୟ ଚାଲିଯାଏ । ଇଚ୍ଛା ଅନିଚ୍ଛା ଭିତରେ ଅନେକଙ୍କୁ ସାଙ୍ଗରେ ଧରି ଚାଲିବାକୁ ହୁଏ, ସାଲିସ କରିବାକୁ ପଡେ ସ୍ଥିତି ସହିତ । ଚାରିପାଖରେ ଖଞ୍ଜା ହୋଇଥିବା ବ୍ୟବସ୍ଥା ଭିତରେ ସଂସ୍କାର ଓ ସାମାଜିକ ଦାୟିତ୍ୱବୋଧ କାନ୍ଧରେ ସବାର ହୋଇ ଗତିଶୀଳ କରିବାକୁ ଯତ୍ନବାନ ହେବାକୁ ପଡ଼େ । ତା'ଭିତରେ ଅତିଥି ପରି ଚରିତ୍ର ଓ ଆତିଥ୍ୟ ପ୍ରଦାନ ବା ଆତିଥ୍ୟ ସ୍ୱୀକାର ଜୀବନ ଯାତ୍ରାର ସିଂହଭାଗ ଅକ୍ତିଆର କରି ରଖିବାର ଦେଖାଯାଏ । ଏହାର ପ୍ରଭାବକୁ ମଧ୍ୟ କସ୍ମିନ କାଳେ ଅସ୍ୱୀକାର କରିହେବ ନାହିଁ ।

'ତିଥି'ର ଅର୍ଥ ଯଦି 'ଦିନ' ହୁଏ ତେବେ 'ଅତିଥି'କୁ ଅଦିନ ବା ଯାହା ନିମନ୍ତେ ଦିନ ନାହିଁ ବୋଲି ବୁଝିବାକୁ ପଡ଼ିବ । ଆକ୍ଷରିକ ଅର୍ଥରେ ବିନା ସୂଚନାରେ ଅଚାନକ ଦୁଆର ସାମ୍ନାରେ ଯେ ଉଭା ହୁଏ, ସେ ହିଁ ଅତିଥି । ସାଧାରଣ ଅର୍ଥରେ ନିମନ୍ତ୍ରଣ ବିନା, ଦୂରରୁ ଆସିଥିବା

ISSN NO.
2582-208X

କ୍ଳାନ୍ତ ବ୍ୟକ୍ତିର ଅପ୍ରତ୍ୟାଶିତ ଆଗମନକାରୀଙ୍କୁ ଦିଆଯାଏ ଅତିଥିର ମାନ୍ୟତା। ଅତିଥି ସଦାସର୍ବଦା ପୂଜ୍ୟ ପ୍ରିୟତମ ଓ ଆଦର ସତ୍କାରର ଅଧିକାରୀ। କେଉଁ ଅନନ୍ତ କାଳରୁ ଆମ ଜୀବନ ଧାରା ସହିତ ଏହା ଜଡ଼ିତ ହୋଇ ରହିଛି ତାହା ନିର୍ଣ୍ଣୟ କରିବା ସହଜ ନହେଲେ ସୁଦ୍ଧା ପୁରାଣ ଇତିହାସମାନଙ୍କରେ ଅତିଥି ଓ ଆତିଥ୍ୟ ସତ୍କାରର ବହୁଳ ଚିତ୍ର ଆମକୁ ପ୍ରଭାବିତ କରେ ଅନୁସରଣ କରିବା ପାଇଁ। ଆମ ସାମାଜିକ ଜୀବନ ସହିତ ସଂସ୍କୃତି ଓ ଆଧ୍ୟାତ୍ମିକ ବିଚାରବୋଧ ପ୍ରଦାନ କରିଥିବା 'ଅତିଥି ଦେବୋ ଭବଃ' ଚିନ୍ତନରୁ ମୁକ୍ତ ହୋଇପାରି ନାହୁଁ। ଭଗବାନଙ୍କର ସ୍ୱରୂପ ହେଉଛନ୍ତି ଅତିଥି। ଅତିଥି ସେବା ଈଶ୍ୱରଙ୍କ ସେବା ଭାବରେ ବିବେଚନା କରୁଥିବା ପ୍ରାଣୀ ଲାଭ କରିଥାଏ ଅପୂର୍ବ ଶାନ୍ତି ଓ ଆନନ୍ଦ।

ଭାରତୀୟ ସଂସ୍କୃତିରେ ଅତିଥିଙ୍କୁ ଦେବତାର ଆସନ ଦିଆଯାଇ ସେହି ଅନୁଯାୟୀ ଆଦର ସତ୍କାର ଓ ସମ୍ମାନ ପ୍ରଦର୍ଶିତ କରାଯାଇଥାଏ। କୌଣସି ବ୍ୟକ୍ତି ଉଭା ହୋଇପାରନ୍ତି ଅତିଥି ରୂପେ। ଆମର ସମ୍ପର୍କୀୟ, ସାଙ୍ଗ, ମିତ୍ର, ଗୁରୁ, ସନ୍ଥ, ସେବକ କେହି ବି ଅତିଥି ହୋଇ ପାରନ୍ତି। ସେଠି ନଥାଏ ଧନୀ ଗରୀବ ଭିକାରୀ ଅଥବା ପୁରୁଷ ମହିଳାର ତାରତମ୍ୟ। ଶିବଙ୍କ ନିମନ୍ତେ ରାମ ପୂଜ୍ୟ ଅତିଥି। ରାମଙ୍କ ପାଇଁ ବିଶ୍ୱାମିତ୍ର ଓ କୃଷ୍ଣଙ୍କ ପାଇଁ ବାଲ୍ୟ ମିତ୍ର ସୁଦାମା ଅତିଥି ରୂପେ ଯେଉଁ ଆଦର ସତ୍କାର ସମ୍ମାନ ଏବଂ ଆନ୍ତରିକତା ପାଇଛନ୍ତି ତାର ପଟାନ୍ତର ନାହିଁ। ଦ୍ୱାର ନିକଟରୁ ସ୍ୱାଗତ କରି ନେଇ ପାଦ ଧୋଇଦେଇ ନିଜ ସିଂହାସନରେ ବସେଇଦେଇ ଯେପରି ଚର୍ଚ୍ଚା କରିଛନ୍ତି ବିଶ୍ୱ ଇତିହାସରେ ବିରଳ। କାଳ କାଳ ବ୍ୟାପୀ ସମାଜକୁ ଅତିଥି ଓ ଆତିଥ୍ୟର ଏ ଚିତ୍ର ମଣିଷକୁ ଅନୁପ୍ରେରିତ କରି ଆସିଛି। ସ୍କନ୍ଦ ପୁରାଣରେ କୁହାଯାଇଛି, 'ଯେଉଁ ଘରୁ ଅତିଥି ନିରାଶ ହୋଇ ଫେରିଯାଏ, ତାକୁ ସେ ନିଜର ପାପ ଦେଇ ପୁଣ୍ୟ ନେଇ ଚାଲି ଯାଇଥାଏ। ଯେଉଁ ବ୍ୟକ୍ତି ଅତିଥିଙ୍କୁ ଆଦର କରେନାହିଁ ଶହେ ବର୍ଷ ପର୍ଯ୍ୟନ୍ତ ତାର ସମସ୍ତ ସତ୍ୟ ତପ ଦାନ ଇତ୍ୟାଦି ସତକର୍ମ ନଷ୍ଟ ହୋଇ ଯାଇଥାଏ। ଯାହା ଘରକୁ ପ୍ରସନ୍ନତା ପୂର୍ବକ ଅତିଥି ଆଗମନ କରନ୍ତି ଓ ଆନନ୍ଦରେ ବିଦାୟ ନିଅନ୍ତି ସେ ଗୃହସ୍ଥ, ଅନ୍ୟମାନେ ସବୁ ଗୃହର ରକ୍ଷକ।' ତେଣୁ ଅତିଥିଙ୍କ ମାନସିକ ସ୍ଥିତି, ବ୍ୟବହାର ଓ ଚଳଣୀ ସହିତ ସାଲିସ କରି ଆଦର ଅଭ୍ୟର୍ଥନା କରିବା ଦ୍ୱାରା ଆନନ୍ଦିତ

ISSN NO.
2582-208X

ହୋଇଥାଏ ଅତିଥି । ସହନଶୀଳତା ସହଯୋଗିତା ଓ ସହଭାଗିତା ବିନା ଗୃହସ୍ଥ ଓ ଅତିଥି କେହିହେଲେ ଶାନ୍ତି ଉପଲବ୍ଧି କରି ପାରନ୍ତି ନାହିଁ ।

ସମ୍ପ୍ରତି ସମ୍ପନ୍ନତା ସ୍ୱଚ୍ଛଳତା ନିମନ୍ତେ ଆଧୁନିକ ଜୀବନ ଧାଁ ଦୌଡ ପ୍ରତିଯୋଗିତାରେ ଲିପ୍ତ ଆଧୁନିକ ଜୀବନ ସାମ୍ନାରେ ଗୌଣ ହୋଇ ପଡ଼ିଛି ଅତିଥି ଓ ଆତିଥ୍ୟର ମୌଳିକ ଚିନ୍ତନ । ଏ ବିଷୟକୁ ଗୁରୁତ୍ୱ ଦେବା ଅଥବା ଏହାର ଉଭୟ ଦିଗ ପ୍ରତି ଦୃଷ୍ଟି ଦେବାକୁ ତା ନିକଟରେ ସମୟ ନାହିଁ । ଯନ୍ତ୍ରବତ୍ ସଂଘର୍ଷ ଓ ସଂଘାତ ଭିତରେ ଅନ୍ୟ ଅନେକଙ୍କୁ ଗୁରୁତ୍ୱ ଦେଇ ଶୀର୍ଷ ଛୁଇଁବାର ଲାଳସା ଯୋଗୁଁ ଏ ଦିଗଟି ତା ସାମ୍ନାରେ ନିଷ୍ପ୍ରଭ ମନେହେଉଛି । ଇଚ୍ଛାକୃତ ଭାବେ ଏହାକୁ ସେ ଏଡାଇ ଯିବାରେ ଯେତିକି ସତ୍ୟତା ରହିଛି ତାଠୁ ଅଧିକ ବାସ୍ତବ କଥା ସମୟର ଅଭାବ । ଅଚାନକ,ଅସମୟରେ ଅନିମନ୍ତ୍ରିତ ଅତିଥିଙ୍କ ଆଗମନ ସ୍ୱୀକାର କରିବା ଓ ଆତିଥ୍ୟ ପ୍ରଦାନ ସୃଷ୍ଟି କରୁଛି ବିଷମୟ ପରିସ୍ଥିତି । ପୁରାକାଳର ଅତିଥି ଚର୍ଚ୍ଚା ଏବେ ସ୍ୱପ୍ନପ୍ରାୟ । ଅପ୍ରତ୍ୟାଶିତ ଅତିଥି ପହଞ୍ଚିବା ଦ୍ୱାରା ଗୃହସ୍ଥ କେବଳ ଦୁଃଖୀ ହେଉନାହିଁ, ଘୋର ମାନସିକ ଅବସାଦ ଓ ଅଶାନ୍ତି ଅନୁଭବ କରୁଛି । ଦିନ ଥିଲା ଅତିଥି ଦେଖିବା ମାତ୍ରେ ସମଗ୍ର ପରିବାର ଆନନ୍ଦରେ ଫାଟି ପଡୁଥିଲେ, ରୋମାଞ୍ଚିତ ହୋଇ ଉଠୁଥିଲେ ସବୁ ସଦସ୍ୟ ଓ ଉତ୍ସବପ୍ରାୟ ମନେହେଉଥିଲା ପାରିବାରିକ ପରିବେଶ । ଯୌଥ ପରିବାର ଯୋଗୁଁ ଗୃହକର୍ତ୍ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ଅତିଥିଙ୍କୁ ସ୍ୱାଗତ କରି ଖାଦ୍ୟ ପାନୀୟ ବନ୍ଦୋବସ୍ତ କରିବା, ରହିବା ଏବଂ ଫେରିଲା ବେଳେ ଉପହାର ପ୍ରଦାନ କରିବା ସମ୍ଭବ ହେଉଥିଲା । ମାତ୍ର ଆଜି ଆଉ ସେ ସ୍ଥିତି ନାହିଁ । ଏକକ ପରିବାର ନିକଟରେ ନାହିଁ ନାହିଁ ର ବିପୁଳ ଇସ୍ତାହାର । ସମୟ ନାହିଁ, ଅର୍ଥ ନାହିଁ, ବ୍ୟବସ୍ଥା ନାହିଁ, ଇଚ୍ଛା ନାହିଁ, ଯୋଗାଡ ନାହିଁ ଭିତରେ ନିଜର ଏକାଙ୍ଗ ଜୀବନ ଜୀଉଥିବାରୁ ସେଦିନମାନଙ୍କ ପରି ଆଦର ସତ୍କାର କରିବାର ପ୍ରଶ୍ନ ହିଁ ଉଠୁନାହିଁ ।

ଅତିଥି ଓ ଆତିଥ୍ୟର ସଂଜ୍ଞା ବଦଳି ଯାଇଛି । ପୂର୍ବ ସୂଚନା ବିନା ଅନିମନ୍ତ୍ରୀତ ଅତିଥି ଏବେ ଅପ୍ରାସଙ୍ଗିକ । ଉଦ୍ଦେଶ୍ୟ ଓ ଆବଶ୍ୟକତା ନଥାଇ କୌଣସି ବ୍ୟକ୍ତି ଆଉ ଅତିଥି ରୂପେ ପହଞ୍ଚୁ ନାହିଁ । କାରଣ ସେ ମଧ୍ୟ ବର୍ତ୍ତମାନ ଅନୁସୃତ ବ୍ୟବସ୍ଥାର ଏକ ଅଙ୍ଗ । ତାକୁ ମଧ୍ୟ

ISSN NO.
2582-208X

ଜଣାଅଛି ଅଚାନକ ପହଞ୍ଚିବା ଦ୍ୱାରା ଗୃହସ୍ଥ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହେବ । ତେଣୁ ଯୋଜନାବଦ୍ଧ ଭାବେ ସମୟ ଅନୁସାରେ ନିମନ୍ତ୍ରଣ କରାଯାଉଛି ଅତିଥିଙ୍କୁ ସଠିକ୍ ଆଦର ସତ୍କାର ପାଇଁ । ଆତ୍ମକେନ୍ଦ୍ରିକ ଜୀବନ ସୀମିତ ବ୍ୟବସ୍ଥା ଭିତରେ ବଞ୍ଚିଥିବା ବ୍ୟକ୍ତି ଅନ୍ୟ ପାଇଁ କେତେ ସମୟ ଦେବ, କେମିତି ଆୟୋଜନ କରିବ ଆଉ ତାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ କେମିତି ରୂପାୟିତ ହେବ । ଉଭୟ ପକ୍ଷ ବେଶ ସଚେତନ ନିଜର ସ୍ଥିତି ପାଇଁ । ଏସବୁ ଭିତରେ ଏମିତି ବି ଅଛନ୍ତି ଛଳନା ଓ ଲୋକ ଦେଖାଣିଆ ଭାବ ପ୍ରଦର୍ଶନ ପାଇଁ ଅତିଥିଙ୍କୁ ଡାକି ଆଣନ୍ତି । ନିଜର ସାମ୍ରାଜ୍ୟ, ଆଧିପତ୍ୟ ଓ ସମ୍ପନ୍ନତାକୁ ପ୍ରଦର୍ଶନ କରିବାର ଲାଳସା ଚରିତାର୍ଥ ପାଇଁ ଏହା ଅଭିପ୍ରେତ । ମାତ୍ର ଏଥିରେ ନଥାଏ ଆନ୍ତରିକତା ବା ବିଶୁଦ୍ଧ ସତ୍କାର ଭାବନା ।

ଦାୟିତ୍ୱହୀନ, କର୍ମଭୀରୁ ଓ ବେକାର ଥିବା ବ୍ୟକ୍ତି ଅତିଥି ରୂପେ ଭ୍ରମଣ କରି ଆନନ୍ଦ ଅନୁଭବ କରିବା ସହିତ ଗୃହକର୍ତ୍ତାଙ୍କୁ ଅସୁବିଧାରେ ପକାଇଥାଏ । ଜାଣି ସୁଦ୍ଧା ନଜାଣିବାର ଛଳନା କରି ନିଜ ପ୍ରବୃତ୍ତିକୁ ବଳବତ୍ତର ରଖିଥାଏ । କୌଣସି କାଳେ ଅପରପକ୍ଷର ଦୟନୀୟତା ଅନୁଭବ କରି ପାରେନା । ଅନିଚ୍ଛା ସତ୍ତ୍ୱେ ସତ୍କାର କରିବାକୁ ବାଧ୍ୟ ହୁଏ ଗୃହସ୍ଥ । ନିଜର ମୂଲ୍ୟବାନ ସମୟ ନଷ୍ଟ ହେଉଥିବା ଯୋଗୁଁ ଧୀରେ ଧୀରେ ତା ଭିତରେ ଜନ୍ମନିଏ ଘୃଣାଭାବ । ଅତିଥି ଆସିବା ସମ୍ବାଦ ଶୁଣିବା ମାତ୍ରେ ଆନନ୍ଦିତ ହେବା ପରିବର୍ତ୍ତେ ବିମର୍ଷ ହୋଇପଡେ । ତେଣୁ ବାଇ ମହାନ୍ତି କହନ୍ତି, 'କୌଣସି ସ୍ଥିତିରେ ଆବଶ୍ୟକତା ନଥାଇ ଅତିଥି ହୋଇ ଯାଅ ମନା ନାହିଁ, ମାତ୍ର ଅତିଥି ପ୍ରଦାନକାରୀ ଓ ତାଙ୍କ ସମ୍ପର୍କୀୟ ପରିବାର ବର୍ଗଙ୍କୁ ଅସୁବିଧାରେ ପକାଅ ନାହିଁ । ସେଠାରେ ନିଜ ମଣିଷ ପରି ଆପଣା ଘର ମନେକରି ରୁହ,ବୋଝ ହୋଇ ନୁହେଁ ।'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# କଙ୍କାଳ



କାନନ ବାଳା ନାୟକ

ବେଳ ଥାଉ ଥାଉ ସୁଧୁରି ଯାଅ ଏ ମଣିଷ
ନିଜର ଲୋଭ ମୋହ ସୁଖ ସ୍ୱାଚ୍ଛନ୍ଦ ପାଇଁ
ପ୍ରକୃତି ସହ ଖେଳ ଖେଳିବା ବନ୍ଦ କର
ବୃକ୍ଷ ଲତା ବଣ ଜଙ୍ଗଲ ପାହାଡ ପର୍ବତ
କାଟି ଚାଷ ଜମି  ବିକ୍ରି କରିବା ବନ୍ଦ କର
କଂକ୍ରିଟ ଜଙ୍ଗଲ ତିଆରି କରିବା ଉପରେ
ଗୁରୁତ୍ୱ ନଦେଇ ପ୍ରକୃତି ଦତ୍ତ ବଣ ପାହାଡ଼
ନଦୀ ନାଳ ଝରଣା ସମୁଦ୍ର ମହା ସାଗର ପ୍ରଭୃତି ର
ଉପଯୁକ୍ତ ରକ୍ଷଣା ବେକ୍ଷଣ କରି
ଆଖପାଖର ପରିବେଶକୁ ସୁସ୍ଥ ସବଳ ରଖ
ଖାଲି ଚାରା ଟିଏ ରୋପଣ କରିଦେଇ ଆମ
ଦାୟିତ୍ୱ ସରିଗଲା ବୋଲି ନ ଭାବି ତାର
ଉପଯୁକ୍ତ ରକ୍ଷଣା ବେକ୍ଷଣ କରି
ତାକୁ ମହାଦ୍ରୁମ ରେ ପରିଣତ କରାଅ
ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ କୁ
କମ କରି ଅମ୍ଳଜାନ ର ମାତ୍ରାକୁ ବଢାଅ
ନିଜ ଭବିଷ୍ୟତ ବଂଶଧରଙ୍କୁ

ISSN NO.
2582-208X

ନିଃଶ୍ୱାସ ପ୍ରଶ୍ୱାସ ନେବା ପାଇଁ
ବିଶୁଦ୍ଧ ଅମ୍ଳଜାନ ଟିକେ ବଞ୍ଚାଅ ।
ଏ ସବୁଜ ସୁନ୍ଦର ଧରିତ୍ରୀକୁ
ପ୍ରକୃତି କୋପରୁ ରକ୍ଷାକର
ନହେଲେ ବିଶ୍ୱ ତାପମାତ୍ରା ବୃଦ୍ଧି ଓ
ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକର
ଶିକାର ହୋଇ ଆଜି ନ ହେଲେ କାଲି
ଏ ସମଗ୍ର ମଣିଷ ସମାଜ ଦିନେ ନିଜ ହାତରେ
ନିଜକୁ ଧ୍ୱଂସ କରି ବସିବ ଆଉ ଚାରିଆଡ଼େ
ପଡି ରହିବ ଖାଲି କଙ୍କାଳ ଆଉ କଙ୍କାଳ।

ଅତିରିକ୍ତ କମିଶନର (ଅପିଲ୍)
ଦ୍ରବ୍ୟ ଓ ସେବାକର, ପୁରୀ
ମୋ: ୯୪୩୮୧୪୬୨୦୦

ISSN NO.
2582-208X

# ମୋ' ଓଡିଆରେ ପ୍ରଭାତ ବର୍ଣନା



ଇଂ. ସୁଶାନ୍ତ କଶୋର ବଳ

ଧ୍ୱାନା ଯାଏ ଧିରେ ଅପସରି
ଗଗନୁ ଅବତରେ ଉଷା ସୁଂଦରୀ.
ଅଂଧକାର ଆଲୋକର ରମ୍ୟ ମିଳନ
ଦୁହେଂ କରିଥାନ୍ତି କରମର୍ଦନ !
ପୂରାପୂରା ରାତ୍ରୀ କରି ରାଜତ୍ୱ
ବିଭାବରୀ ହୁଏ ଧିରେ ଅପସାରିତ.
ଶାନ୍ତ ରଜନୀ ଧିରେ ହୁଏ କୋଳାହଳମୟ.
ବୃଖ୍ୟଡାଳୁ ଗାଏ କୋକିଳ ସଂଗୀତ
ନଭେ ବିହଂଗେ ଥାନ୍ତି ହୋଇଣ ପ୍ରୀତ.

ଦେବକନ୍ୟା ଉଷା ରଂଗେ ବେରଂଗିତ
ଭବ୍ୟତାର କୋଳେ ହୁଏ ଉପନୀତ.
ରାତ୍ରୀର ସୁପ୍ତତା ଯାଇଥାଏ ଦୂରି,
ଚଳଚଂଚଳ ହୁଏ ଜଗ ସାରି .
ମୋତିଫୁଲ ପରି ଶିଶିର ବିଂଦୁ
ଲତା, ପତ୍ରେ ପଡେ ଯେସନ ଚଂଦ୍ରବିଂଦୁ.

ISSN NO.
2582-208X

ରବିରଶ୍ମୀ ବାଜି ଜଗମଗ ଦିଶେ ·
ପ୍ରକୃତିର ଶୋଭା ଚମକେ ବିଭାସେ ·
ଶିକର ପବନେ କୋକିଳର ତାନ
ଭାଷିଉଠି ଆସି ଭରିଥାଏ କର୍ଣ ·

ଶାନ୍ତ ପ୍ରଭାତ ମନମୁଗ୍ଧକର,
ବଶୀଭୂତ କରେ ବିଦଗ୍ଧ ମନର ·
ପ୍ରଶାନ୍ତିର ପ୍ରଲେପ ଦେଇଥାଏ ବୋଳି·
ଭୂଲିଯାଏ ଖ୍ୟଣେ କର୍ମର ଶିକୁଳୀ ·
ଅରୁଣୋଦୟର ରୁଚିକର ଶୋଭା
ବାସ୍ତବେ ଲାଗିଥାଏ ଖୁବ ମନଲୋଭା ·
ତଂଦ୍ରାଶକ୍ତ ଚକ୍ଷ୍ୟୁ ଧୀରେ ଖୋଲିଯାଏ
ଧମନୀରେ ସଜାଗତା ପୂର୍ଣେ ଭରିଯାଏ·
ବ୍ୟସ୍ତମୟ ଜୀବନକୁ ସାରା ଧରିତ୍ରୀବାସୀ
ନବ ଉଦ୍ଦୀପନାରେ ପୁନଃ ଆଦରିଥାଏ ·

[କିଛି ଶବ୍ଦାର୍ଥ : ଧ୍ୱାନ୍ତ : ଅଂଧକାର / ବିଭାସ : ତେଜ /ଶିକର ପବନ : ଜଳକଣା ମିଶ୍ରିତ ପବନ /ବିଭାବରୀ : ରାତ୍ରୀ]

କଟକ

ISSN NO.
2582-208X

# ମୁଁ ଚାହେଁ..



କାର୍ତ୍ତୀକେଶ୍ୱର ନାୟକ

ମୁଁ ଲେଖିବାକୁ ଚାହେଁ ସ୍ୱାଭିମାନୀ ଅସରନ୍ତି କଥା...
ଅହିଂସାର ମାନବୀୟ
ଗୀତା...
ଅନାବିଳ ଭକ୍ତିରସ
ଅତୁଟ ମମତା
ସଂହତିର ବାର୍ତ୍ତା....

ମୁଁ ଗାଇବାକୁ
ଚାହେଁ ଆଜି...
ଶାନ୍ତି ମୈତ୍ରୀ
ମଙ୍ଗଳ କବିତା,
ଏ ମାଟିର ପ୍ରଗତି ର
ଗାଥା...
ଏ ଜାତିର ଅସ୍ମିତା...

ମୁଁ ଜିତିବାକୁ ଚାହେଁ ସଦା
ପ୍ରତିଟି  ଆସ୍ପର୍ଦ୍ଧା
ଜୀବନର ଯେତେ ବାଜି
ହେବି ସବୁ ପ୍ରତିଯୋଗୀ

ISSN NO.
2582-208X

ବିଜୟର ଧରିବି ମୁଁ ଧ୍ୱଜା
ପ୍ରତିଟି ଆହ୍ୱାନରେ ସଜା.

ମୁଁ ହାରିବାକୁ ଚାହେଁ କେବେ..
ମାୟା ମୋହ ଘାରିଥିବା
କାଳ୍ପନିକ ଚିନ୍ତା
ଲୋଭ ଆଉ କ୍ରୋଧର
ଶାଣିତ ବାସ୍ତବତା..
ଜୀବନ ର ପ୍ରତିକୂଳ ଚିନ୍ତା... ।

ମୁଁ କହିବାକୁ ଚାହେଁ ଆଜି
ମୋ ଦେଶର କ୍ଷୁର୍ଣ୍ଣ ବାସ୍ତବତା !
ବଢ଼ି ଚାଲେ ଜାତି ,ଧର୍ମ
ବର୍ଣ୍ଣ ସଂକୀର୍ଣ୍ଣତା...
ସଙ୍କଟରେ ଏ ମାଟିର
ଜାତୀୟ ଏକତା...

ତ୍ୟାଗ , ସ୍ୱାର୍ଥ
ଜାଗ ଭକ୍ତ
ଦେଶ ପାଇଁ ଅନୁଚିନ୍ତା
ନିଅ ହେ ଶପଥ....

ଶ୍ରୀବିହାର, ବୌଦ୍ଧ
ମୋ: 7978128353

ISSN NO.
2582-208X

# ଏକ ଦେଶ ଏକ ଆଇନ୍



ଭାସ୍କର ଚନ୍ଦ୍ର ଖଣ୍ଡା

ଉଠିଲା ପ୍ରଶ୍ନ ମନରେ
ଏକ ଘୂର୍ଣ୍ଣିଝଡ଼ ପରି
ପୋଷୁଥିଲୁ କାହିଁକି କିଛି ବିଷଧର ସର୍ପ ମାନଙ୍କୁ
ହେଉ ନଥିଲା କି ଖର୍ଚ୍ଚ
ଦେଶର ବଜେଟ ରୁ ?
ଉଚ୍ଛେଦ ପରେ ଏଇ ୩୭୦ ଧାରା
ବିଷ ଦାନ୍ତ ସମୂହର ବୋଧହୁଏ
ହେଲାକି ଉତ୍ପାଟନ ?
ଅବା ତାନ୍ତ୍ରିକ କେଉଁ ଗଦ ଦେଲାକି ଶୁଂଘାଇ ? ।୧।

ଏମିତି ପ୍ରଶ୍ନବାଚୀ ଘେରାରେ
ହୋଇ ଉବୁଟୁବୁ
ଇଛା ହେଉଥିଲା ପହଁରି ଯାଇ
ଆର କୂଳରେ ଲାଗନ୍ତି
ଦେଖନ୍ତି ସେଠି ଏକ ସ୍ୱର୍ଣ୍ଣିମ ଦେଶ
ଯେଉଁଟାକି ମୋ ନିଜର

ISSN NO.
2582-208X

ଏଇ ମୋ ଭାରତୀୟ ବୋଧଗମ୍ୟର
ପୂରାତନ ଚିର ଅମ୍ଳାନ ସଂସ୍କୃତି
ବସୁଧୈବ କୁଟୁମ୍ବକମ୍ ନୀତି
ଅତିଥି ଦେବ ଭବଃ ।୨।

ତା'ରି ଆଢୁଆଳରେ
ବିଶ୍ୱାସଘାତକତାର ଚାବୁକ୍ ମାଡ
ସହିଛୁ କେତେ ଜିଜିୟା କର
ମନ୍ଦିରର ଧ୍ୱଂସ ସ୍ତୁପ ସ୍ଥାନରେ
ମସଜିଦ୍ ଗଠନ
ମୋଗଲ ପରେ ଇଂରେଜ୍
କାନ୍ଦୁଥିଲା ମାଆ ମୋର
ଘୋଡାଇ ଦେଇ ମୁହଁରେ ପଣତ କାନି ।୩।

ମାଗୁନାହିଁ ହିସାବ ଏ ସବୁର
ହେଉଛି ଇଛା ଭାରତୀୟ ବୋଧଗମ୍ୟରେ
କରିବାକୁ ସନ୍ତରଣ
କରନ୍ତୁ ସଭିଏଁ ସେଥିରେ ସ୍ନାହାନ
କୁଣ୍ଠାବୋଧ କାହିଁକି ? ।୪।

ଦେଖନ୍ତୁ ଝଲକ ଏକ ନୂତନ ସୂର୍ଯ୍ୟାଲୋକରେ
ପୂରାତନ ମର୍ଯ୍ୟାଦାର ଥଇଥାନ
ଚନ୍ଦ୍ରର ଅଭେଦ୍ୟ ପୃଷ୍ଠରେ ଅବତରଣ

ISSN NO.
2582-208X

ଗାଣ୍ଡିବ ଧନୁର ଟଙ୍କାର
ଶତ୍ରୁ ଦେଶ ଭିତରେ ଆତଙ୍କବାଦୀ
ସଂଗଠନର ସର୍ବନାଶ
ସାଜୁ ବିଶ୍ୱଗୁରୁ ମୋ ଦେଶ
ଏକତା ସୂତ୍ରରେ ଯାଉ ବାନ୍ଧି ହୋଇ
କରନ୍ତୁ ଗର୍ବ ସଭିଏଁ ଭାରତୀୟ ବୋଲି
ହେଉ ପ୍ରଣୟନ
ଏକ ଦେଶ ଏକ ଆଇନ୍ ।୫।

ଫ୍ଲାଟ୍ ନଂ ବି /୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ନାଲି ଟିକିଲି



ଆଶୁତୋଷ ମେହେର

ଗରିବ ପରିବାର ସନ୍ତାନ ସେମାନେ। ରାସ୍ତା କଡ ଝୁପଡପଛିରେ ଜନ୍ମ ରୁ ଜୀବନର ଧାରା। ସବୁଦିନ ସକାଳ ଯାହାକିଛି ଟିକେ ବାପା ମାଁ ଯୋଗାଡ କରିଦେଇଥାନ୍ତି ଖାଇଦେଇ, ନିଜ କାମରେ ଲାଗିଯାଆନ୍ତି । କାମ କହିଲେ ବସ୍ତାଟେ ଧରି ରାସ୍ତା କଡ ମ୍ୟୁନିସିପାଲଟି ର କଚରାଡବା ଆଉ ଡଷ୍ଟବିନ୍ ରୁ ପ୍ଲାଷ୍ଟିକ ବୋତଲ ଡବା ପୋଲିଥିନ ଜରି ଇତ୍ୟାଦି ସଂଗ୍ରହ କରିବା। ବାରଟା ଗୋଟାଏ ପାଖାପାଖି, ଖରା ମୁଣ୍ଡ ଉପରକୁ ଉଠି ଟାଣ ହେଲେ....ବସ୍ତାକୁ ପିଠିରେ ଲଦି ଘରେ ପହଞ୍ଚି ଯାଆନ୍ତି। ସେମିତି ଜିନିଷ ବାପା ମଧ୍ୟ ନିଜେ ଯାହାକିଛି ସଂଗ୍ରହ କରିଥାଏ,ସବୁକୁ ମିଶାଇ ଟ୍ରଲିରେ ଲଦି ନେଇଯାଏ ଗୋଦାମକୁ । ସେତକ ହିଁ ପରିବାର ମିଳିତ କମାଣି, ପେଟର ଦାନାପାଣି ।

ଦୁଇ ସାଙ୍ଗ, ରବି ଆଉ ରୁବି, ମାଝିବୁଢା ବସ୍ତିର ବାସିନ୍ଦା। ବସ୍ତିରେ ଲଗାଲାଗି ତାଙ୍କ ଦୁଇ ଝୁପୁଡି ଘର। ପାଞ୍ଚ ବର୍ଷ ହେଲା ଦିନରୁ ନିଜ ନିଜ ପରିବାର ପାଇଁ ଏ କାମରେ ଲାଗାଇଛନ୍ତି ପରିବାର ଲୋକେ । ସେମାନେ କେତେ ଥର ଶୁଣିଛନ୍ତି ତାଙ୍କ ବାପା ମାଁ ସଂଧ୍ୟାରେ କଥା ହେଉଥାନ୍ତି....ବସ୍ତିର ଅନ୍ୟ ପିଲାଙ୍କ ପରି ଏ ଗଳି ସେ ଗଳିରେ ବୁଲି ଏଆଡୁ ସେଆଡୁ ଚୋରିହାରି କରିବା ଠାରୁ  ଏ କାମଟା ଭଲ । କଷ୍ଟ ହୁଏ ସତ କଥା। ତେବେ କଷ୍ଟ କରିବା

ISSN NO.
2582-208X

ଏବଠୁଁ ଶିଖିଲେ ଯାଇ ହିଁ ଭଲରେ ବଞ୍ଚିବା ଶିଖିବେ। ଗରିବର ଜୀବନ ତ ସବୁବେଳେ କଷ୍ଟର ଜୀବନ....ବୁଝିଯିବେ ।

ଆଜି କାମଭିତରେ ହଠାତ୍ ରବି ଦେଖିଲା, ରୁବି ପ୍ଲାଷ୍ଟିକ ଗୋଟାଉ ଗୋଟାଉ ...ଆଉ କିଛି ଗୋଟାଇ ବଡ ଉତ୍ସୁକତାର ସହ ଓଲଟ ପାଲଟ ଖେଳାଉଛି। ଦୂରରୁ ସେ ଅନୁମାନ କଲା ଜିନିଷ ଟା ଛୋଟ ପତଳା କାଗଜ ଖୋଳଟେ । ଆରେ ଏ କଣ ? ତା ଭିତରୁ କିଛି ହାତରେ ବାହାରକରି ନିଜ କପାଳରେ ଲଗାଉଛି । ପାଖକୁ ଧାଇଁଲା ରବି। ଦେଖିଲା ରୁବିର କପାଳ ମଝିରେ ହସୁଛି ନାଲିରଙ୍ଗର ବଡ ଟିକିଲି ଟେ । ଦାଉଦାଉ ଦିଶୁଛି, କେଡେ ସୁନ୍ଦର ମାନୁଛି ରୁବିର ଗୋରା କପାଳ ଉପରେ!!

...."କଣ ଖାଲି ଖାଲିରେ ଦେଖି ହସୁଛୁ? କହ କେମିତି ଲାଗୁଛି ?? ରୁବି ପଚାରୁଥିଲା ହସି ହସି ।

......"ଠିକ୍ ଯେମିତି ଦିଶୁଥିଲା ସେ ଦିନ ଏନଜିଓ ଦିଦି ମୁଣ୍ଡରେ ଯେଉଁଦିନ ସେମାନେ ମିଟିଙ୍ଗ କରୁଥିଲେ ଆମ ବସ୍ତିର ପଡିଆ ମଝିରେ। ତୁ ଦେଖିଛୁନା ଦିଦିଙ୍କ ପାଖ ଚଉକିରେ ବସିଥିଲେ ସେ ବାବୁ ଜଣକ, କେମିତି ତାଙ୍କ ମୋବାଇଲରେ ସେଲଫି ଉଠାଇ, ଦିଦିଙ୍କୁ ଦେଖାଉଥିଲେ ହସିହସି। ହେଲେ ମୋ ପାଖରେ ତ ମୋବାଇଲ ନାହିଁ, ଯେ ଫଟୋ ଉଠାଇ ତୋତେ ଦେଖାଇବି" ।

ରବି ଦୁଃଖିତ ହେଉଥିଲା । ଭାବୁଥିଲା ରୁବି ସତରେ କେତେ ଖୁସି ହୁଅନ୍ତା ତା କପାଳ ଉପରେ ଲାଗିଥିବା ବଡ ଟିକିଲି ର ଛବି ଦେଖି । ରୁବି ସେଆଡେ ଉଦ୍ୟତ ହେଉଥିଲା ଟିକିଲି କୁ ଖୋଲିଦେବାକୁ ।

ISSN NO.
2582-208X

ହଠାତ୍ ରବି ଆଖିରେ କଣ ଗୋଟାଏ ଧରାପଡିଲା ଡଷ୍ଟବିନ୍ ପାଖ ପଡିଆ ଭିତରେ। ପାଟିକଲା..."-ଟିକିଏ ରହିଯା ରୁବି...ଟିକିଲି ସେମିତି ଥାଉ....ଖୋଲନା ତାକୁ" । ଧାଇଁ ଗଲା ରବି ପଡିଆ ଭିତରକୁ । ଘାସ ବୁଦା ତଳୁ ଗୋଟାଇ ଆଣିଲା ଦରଭଙ୍ଗା ଦର୍ପଣଟେ ।

ରୁବିର ଆଗରେ ଠିଆ ହେଲା ସେଇ ଦରଭଙ୍ଗା ଦର୍ପଣ ଟା ଧରି । ରୁବି ଏବେ ସ୍ୱଷ୍ଟ ଦେଖି ପାରିଲା ତା କପାଳ ମଝିରେ କେଡେ ସୁନ୍ଦର ଦିଶୁଛି, ଝଟକୁଛି ନାଲି ଟହଟହ ଟିକିଲି ଟା। ଆଉ ସାମ୍ନାରେ ଦରଭଙ୍ଗା ଦର୍ପଣ ଟା ଧରି ରବି ହସୁଛି ଗୋଟାଏ ଚଗଲାମୀ ଭରା ହସ । ଏମିତି ଗୋଟାଏ ଚଗଲାମୀ ହସ ରୁବି ଦେଖିଥିଲା ସେ ଦିନ ବସ୍ତି ସଭାରେ ଏନଜିଓ ଦିଦିଙ୍କ ପାଖରେ ବସିଥିବା ସେ ବାବୁଙ୍କ ଓଠରେ, ଯିଏକି ଫଟୋ ଉଠାଇ ଦେଖାଉ ଥିଲେ ଦିଦିଙ୍କୁ!!

୫୪ ଆର୍ଯ୍ୟପଲ୍ଲୀ, କଟଛକ, ପଟିଆ,
ଭୁବନେଶ୍ୱର ୭୫୧୦୨୪/ମୋ-୯୪୩୭୦୮୫୩୯୬

ISSN NO.
2582-208X

# ରଥ ଯାତ୍ରା ଉପଲକ୍ଷେ



ଶାନ୍ତଲତା ମିଶ୍ର

ନାଲିଆ ଓଠରେ ସ୍ମିତ ମିଠା ହସ ହସି ।
ଆସିଗଲ ସିନା ନନ୍ଦିଘୋଷ ରଥେ ବସି ।।
କେତେ କିଏ ଯାଉଥିଲେ ଲୁହ ନଦୀରେ ଭାଷି ।
କାହା ଆଖିରୁ ଲୁହ ଯାଉଥିଲା ବରଷି ।।
ଦେଖିଲକି ନାହିଁ ଅବା ବୁଜିଦେଲ ଆଖି ।
ନେଲକି ନାହିଁ ସବୁରି ଦୁଃଖକୁ ସାଉଁଟି ।।
ତୁମ ଉପରେ ଆଶା ବିଶ୍ୱାସ ଆସ୍ଥା ରଖି ।
କେତେ କିଏ ଆସିଛନ୍ତି ବହୁ ଦୂରୁ ଧାଇଁକି ।।
ଜୀବନ ରାସ୍ତାରେ ବିଛାଇ ଏତେ କଣ୍ଟକ ।
ତା ଉପରେ ଚାଲିବାକୁ କରିଅଛ ବାଧ୍ୟ ।।
ତଥାପି ଚାଲିଛି ସେ ନଅଟକି କେଉଁଠି ।
ଅଭିଯୋଗ, ପ୍ରତିବାଦରୁ ହୋଇ କ୍ଷାନ୍ତ ।।
କେବଳ ମାଗି ଚାଲିଛି କିଛି ସାହାଯ୍ୟ ।
ମିଳିଗଲେ ଲଙ୍ଘିଂ ଯିବ ନିଶ୍ଚେ ଏ ଜୀବନ ମରୁ ପ୍ରାନ୍ତ ।।
ଯଦି କର୍ତ୍ତବ୍ୟରୁ ତୁମେ ହୋଇଯିବ ବିଚ୍ୟୁତ ।
ପ୍ରସାରିବ ଯାଇ କାହା ପାଖେ ସେ ହାତ ।।

ISSN NO.
2582-208X

ଚାହୁଁ ଚାହୁଁ ହୋଇଯିବ ଅକାଳେ ସୂର୍ଯ୍ୟାସ୍ତ ।
ସୁନ୍ଦର ସଂସାର ତୁମ ହୋଇଯିବ ବିଧ୍ୱସ୍ତ ।।
ଶେଷେ ଏତିକି କହୁଛି ନିରାଶ କରିବନି ହେ ଚକା ଆଖି ।
ଫେରିବ ସଦନେ ଦୋଷ ତୃଟି ସବୁ କ୍ଷମା କରିକି ।।

ରଚେଷ୍ଟର,ମିନେସୋଟା, ଆମେରିକା

ISSN NO.
2582-208X

# କଳା ବାମନ



ଛବି ରାଣୀ ପତି

କଳା କହ୍ନେଇ ମୋ କଳା ବାମନକୁ
ଦେଖିବାକୁ ଆସି ଆଜି
ଚାରିଲୋକ ଚାରି ପ୍ରକାର ଭକତ
ଭକ୍ତିରେ ଭିଜନ୍ତି ମଜି ।।୦।

ମାନବ ଦାନବ ଦେବତା ଦୈତ୍ୟ
ସବୁ ହୋଇଛନ୍ତି ଠୁଳ
କଳା ଠାକୁରକୁ ଦେଖି ନନ୍ଦିଘୋଷେ
ଆଖି ହୁଏ ଛଳ ଛଳ ।

ଷୋଳକଳା ର ଏ ନନ୍ଦରଜା ବାଳା
ଯାଇଛି ଭାବରେ ହଜି
ଚାରିଲୋକ ଚାରି ପ୍ରକାର ଭକତ
ଭକ୍ତିରେ ଭିଜନ୍ତି ମଜି।।୧।।

ISSN NO.
2582-208X

ଦେଖି ପୂର୍ଣବ୍ରହ୍ମ କଳାଚାନ୍ଦ ବେଶ
କଳା କମଳକୁ ମୋର
ଜଗତର ନାଥ ଏ ଜଗନ୍ନାଥକୁ
ଭାବରେ ଭିଡିକି ଧର ।

ନିସ୍ତରିଲି ବୋଲି ହୁରି ପକାନ୍ତି ସେ
ହୁଅନ୍ତି ଯେ ମୋକ୍ଷ ଖୋଜି
କଳା କହ୍ନେଇ ମୋ କଳା ବାମନକୁ
ଦେଖିବାକୁ ଆସି ଆଜି ।।୨।।


କଳା କାଇଁଚ ମୋ ଗଜମୁକୁତା ସେ
ତା ପରି ଆଉ କେ ଅଛି
ଏମିତି ବନ୍ଧନେ ବାନ୍ଧିଛି ସେ ଡୋରି
ଦିନ ଯାଉ ଭଜି ଭଜି ।

କୋଠ ଭୋଗଖିଆ ଚକା ଆଖିଆକୁ
ପାଖରେ ପାଇବା ଆଜି
କଳା କହ୍ନେଇ ମୋ କଳା ବାମନକୁ
ଦେଖିବାକୁ ଆସି ଆଜି ।।୩।।

ମଧ୍ୟ ଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୭୦୦୭୦

ISSN NO.
2582-208X

# "ଚୁଆ"



ବିନୟ ମହାପାତ୍ର

ମଣିଷ ନିଜକୁ ବହୁତ ବୁଦ୍ଧିମାନ ଭାବେ । ହଁ କଥାଟି ସତ, ମଣିଷ ଅନ୍ୟ ଜୀବମାନଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ । ସେଇଥିପାଇଁ ତ ସେ ଅନ୍ୟସବୁ ଜୀବମାନଙ୍କୁ ନିଜର ଅଧୀନ କରିପାରିଛି । ଥରେ ଭାବିଲେ ଦେଖି, ଯିଏ ଏଇ ବୁଦ୍ଧିମାନ ଜୀବଟିକୁ ସୃଷ୍ଟି କରିଛି, ସେ କେତେ ବେଶି ବୁଦ୍ଧିମାନ ହୋଇ ନଥିବ ? କେଉଁ ଅନାଦି କାଳରୁ ମଣିଷର ଡିଜାଇନ ଏତେ ନିଖୁଣ ଭାବରେ କରିଛି ଯେ, ଆଜିଯାଏ ସେଥିରେ କିଛି ପରିବର୍ତ୍ତନ କରିବାର ଆବଶ୍ୟକତା ପଡିନି । ଠିକ୍ ଯାଗାରେ ଠିକ୍ ଯନ୍ତ୍ର ଖଞ୍ଜି ଦେଇଛି । ମଣିଷର ପୁରା ଇଂଜିନଟାକୁ ଦେହର ମଝାମଝି ହାଡର ପଞ୍ଜୁରୀ ଭିତରେ ବଡ ସାବଧାନରେ ଖଞ୍ଜି ଦେଇଛି । ମସ୍ତିଷ୍କକୁ ହାଡର ଖୋପଡି ଭିତରେ କେଡେ ଯତ୍ନରେ ସାଇତି ଦେଇଛି । ଏତିକି କହି ଗୁରୁଜୀ ଟିକେ ଦମ୍ ନେଲେ, ପାଖରେଥିବା ଗଡୁରୁ ଦିଢୋକ ପାଣି ପିଇଲେ । ସମସ୍ତଙ୍କ ଆଡକୁ ଟିକେ ଦେଖିନେଲେ, କେହି ବୋର ହେଉନିତ ତାଙ୍କର ଏଇ ପ୍ରବଚନ ଶୁଣି ।

ଗୁରୁଜୀ ଜଣେ ବାସ୍ତବଧର୍ମୀ ସନ୍ୟାସୀ, ଭଗବାନଙ୍କ ଉପରେ ତାଙ୍କର ପ୍ରଗାଢ ଭକ୍ତି ଓ ବିଶ୍ବାସ । ନିତି ବ୍ରାହ୍ମ ମୁହୁର୍ତ୍ତରୁ ଉଠି ଦିଅଁଙ୍କ ସେବାରେ ଲାଗି ଯାଆନ୍ତି । ଦିପହରେ ଦିଅଁଙ୍କ ପହଡ ପରେ ନିଜେ ଟିକିଏ ବିଶ୍ରାମ କରନ୍ତି ଆଉ ସଂଧ୍ୟା ଆରତୀ ପରେ ଆଶ୍ରମରେ ଜମା ହୋଇଥିବା ଶ୍ରଦ୍ଧାଳୁମାନଙ୍କୁ କିଛି ଜ୍ଞାନର କଥା କହନ୍ତି । କିନ୍ତୁ କେବେ ରାମାୟଣ

ISSN NO.
2582-208X

ମହାଭାରତର କାହାଣୀ ଶୁଣାଇ ପ୍ରବଚନ ଦିଅନ୍ତି ନାହିଁ । ଧର୍ମକୁ ସେ ଅନ୍ୟ ରୂପରେ ପରିଭାଷିତ କରନ୍ତି । କହନ୍ତି, ପ୍ରଭୁ ରାମ ହୁଅନ୍ତୁ କି ମହାପ୍ରଭୁ ଶ୍ରୀକୃଷ୍ଣ ହୁଅନ୍ତୁ । ସେମାନଙ୍କୁ କେବଳ ଅବତାରୀ ପୁରୁଷ ଭାବିନେଲେ ଆଉ କିଛି କହିବାର ନାହିଁ । କିନ୍ତୁ ଟିକିଏ ଗଭୀରଭାବରେ ଚିନ୍ତାକଲେ ଏତିକି ତ ସତ୍ୟ, ଯେ ସେମାନେ ସମସ୍ତେ ମାନବ ଶରୀର ନେଇ ଜନ୍ମ ନେଇଥିଲେ । ସେମାନେ ଆମପରି ସାମାନ୍ୟ ମାନବ ଥିଲେ । କିନ୍ତୁ ସେହି ମହାନ ପୁରୁଷମାନେ ତାଙ୍କର ବାଣୀରେ, ତାଙ୍କର ଆଚାର ବ୍ୟବହାରରେ, କର୍ମରେ, ସାମାଜିକ ଚଳନୀରେ ଏମିତି ଅନେକ ଦୈବୀଗୁଣ, ଦେବତାସୁଲଭ ଆଦର୍ଶ ପ୍ରଦର୍ଶନ କରିଗଲେ, ଯେଉଁଥି ପାଇଁ ସାମାନ୍ୟ ମାନବତ୍ୱର ବହୁ ଉର୍ଦ୍ଧ୍ୱରେ ରହି କେଉଁ ଯୁଗରୁ ସେମାନେ ଭଗବାନ ରୂପରେ ପୂଜା ପାଉଛନ୍ତି ? ସେମାନେ ଯଦି ସେପରି କରିନଥାନ୍ତେ, ଭାବିଲ ଦେଖି ଆଜି କେହି ତାଙ୍କୁ ମନେ ରଖିଥାନ୍ତା, ନା କେହି ପୂଜା କରୁଥାଆନ୍ତା !

କିନ୍ତୁ ଆମେ ସେମାନଙ୍କୁ କେବଳ ଅବତାର ଭାବି ପୂଜା କରିଦେଇ ଆମର ଦାୟିତ୍ୱ ସମାପ୍ତ କରିଦେଉ ଏବଂ ଆମର ଭକ୍ତି ନୈବେଦ୍ୟ, ସମର୍ପଣ ସବୁକିଛି ହୋଇଗଲା ବୋଲି ମନେମନେ କୃତ୍ୟକୃତ୍ୟ ହୋଇଯାଉ । ଆଜି ଆମେ କେବଳ ସେମାନଙ୍କର ପାଷାଣ ପ୍ରତିମା ପୂଜା କରୁଛୁ, ସେମାନଙ୍କର କଥନ ଓ କର୍ମକୁ ପୁରାଣ, ଧର୍ମ ଶାସ୍ତ୍ର କହି ପାଠ କରୁଛୁ । କେବେ ବି ତର୍ଜମା କରିବାକୁ ଚାହୁଁନା, ସେମାନଙ୍କର ସେହି ଗୁଣଗୁଡିକ ସତରେ କଣ ଥିଲା ? ସେଇ କର୍ମ, ଯାହା ସେମାନଙ୍କୁ ସାମାନ୍ୟ ମଣିଷରୁ ଦେବତା କରିପାରିଲା ! ଆଜି ମଣିଷ, ସେମାନଙ୍କୁ କେବଳ ପଥରମୂର୍ତ୍ତି ରୂପରେ ପୂଜା ନକରି ଯଦି ସେମାନଙ୍କର କିଛିବି ଗୁଣରେ ଅନୁପ୍ରାଣିତ ହୋଇ ତାହା ନିଜ ଜୀବନରେ, ଅଚରଣରେ, ନିଜ ବ୍ୟବହାର, ନିଜ କର୍ମରେ ଆଣି ପାରିବ, ତେବେ ସିଏବି କିଛି ଅଂଶର ଦେବତ୍ୱ ପ୍ରାପ୍ତ କରିପାରିବ । କିନ୍ତୁ ଅବଶୋଷ ଆମର ଚିରାଚରିତ ମନିଷୀମାନେ କହି ଯାଇଛନ୍ତି, ବୁଝ ନ ବୁଝ ପଢ ଗୀତା କିମ୍ବା ନାମ ଜପକଲେ ସବୁକିଛି ପ୍ରାପ୍ତି ହୋଇଯାଏ, ସବୁ ପାପ ଧୋଇଯାଏ । ହେଲେ ସେମିତି କିଛି ଚମତ୍କାର ହୁଏନା । ଔଷଧ ଶିଶି ମୁଣ୍ଡ ପାଖରେ ରଖି ଶୋଇପଡିଲେ ରୋଗ ଭଲ ହୋଇଯାଏନା । ରୋଗ ପାଇଁ ଔଷଧ ଖାଇବାକୁ ହୁଏ । ଜ୍ଞାନ ପାଇଁ ପୋଥି ପଢି

ISSN NO.
2582-208X

ବୁଝିବାକୁ ହୁଏ ଏବଂ ଦେବତ୍ୱ ପ୍ରାପ୍ତି ପାଇଁ ସେ ଗୁଡିକୁ ନିଜ ଜୀବନରେ, ନିଜ ଆଚରଣରେ ଆଣିବାକୁ ହୁଏ । ଜ୍ଞାନ ଆହରଣ କରି ଖାଲି ମୁଣ୍ଡରେ ସାଇତି ଦେଲେ କିଛି ଲାଭନାହିଁ । ସିଏତ କେବଳ ନିଜ ଧନ ବ୍ୟାଙ୍କରେ ଜମା କରିଦେଇ ଭୋକିଲା ରହିବା ପରି ହେବ ।

ବାବାଙ୍କର କଥା ଖୁବ୍ ସରଳ, କିନ୍ତୁ ବହୁତ ଜଟିଳ ଲାଗେ । କାରଣ ଆଜିଯାଏ ଯାହା କିଛି ପଢି ଆସିଛୁ, ଯାହା କିଛି ଶୁଣି ଆସିଛୁ ବାବା ତାର ଓଲଟା କହନ୍ତି । ରାମ, କୃଷ୍ଣ ଆଦି ଅବତାରମାନେ ଯେପରି ଆଚରଣ କରିଛନ୍ତି ଆଜି ଯୁଗରେ ସେପରି ଆଚରଣ କରିବା କଣ ସମ୍ଭବ ? ବାପା ସତ୍ୟ କରିଦେଲେ ବୋଲି କୋଉ ପୁଅ ଆଜି ତାର ଭାଇଭାଗ ଛାଡି ଜଙ୍ଗଲକୁ ଚାଲିଯିବ ? କିଏ ଜଣେ ଶ୍ରଦ୍ଧାରେ କିଛି ଦେଇଦେଲା ବୋଲି ତାର ଅଇଁଠା ଖାଇଯିବ । ସେମାନେ ଭଗବାନଙ୍କର ଅବତାର ଥିଲେ, ତେଣୁ ଏତେ ସବୁ କରି ପାରିଲେ, କିନ୍ତୁ ଆମେ ସାମାନ୍ୟ ମଣିଷ, ସେପରି କଣ କରି ପାରିବୁ ? କିନ୍ତୁ ବାବା କୁହନ୍ତି, ଯଦି ନିଜେ ରାମ ହୋଇ ନପାରିବ ତେବେ ଲକ୍ଷ୍ମଣ ପରି ଭାଇ କାହିଁକି ଆଶା କରୁଛ ? ଲକ୍ଷଣ ପରି ଭାଇ ଦରକାର କିନ୍ତୁ ଆଚରଣ ବାଳୀ ପରି । ପତ୍ନୀ ସୀତା ପରି ପତିବ୍ରତା ପତ୍ନୀ ଚାହୁଁଛେ କିନ୍ତୁ ଆମର ଆଚରଣ ଠିକ୍ ରାବଣ ପରି । ପଇସା ନେଇ ମଦମାଂସ ଖାଇ ଭୋଟଦେଇ ଭାବିବା ରାମରାଜ୍ୟ ଆସିଯାଉ । ଏହି ପରି ଏସବୁ କଣ ସମ୍ଭବ ? କିଛି ଆଶା କରିବା ଆଗରୁ ପ୍ରଥମେ ନିଜକୁ ସେସବୁର ଯୋଗ୍ୟ କରିବାକୁ ହୁଏ । ମଣିଷର କର୍ମ ହିଁ ମଣିଷକୁ ଦେବତା କିମ୍ବା ରାକ୍ଷସ କରିଦିଏ, ଦୁଃଖି କିମ୍ବା ସୁଖି କରିପାରେ । ମଣିଷ ନିଜର ସତକର୍ମ ଦ୍ୱାରା ନିଜ ଭାଗ୍ୟର ଲେଖା ଏବଂ ଦୈବୀ ଯୋଜନାକୁ ବି ବଦଳାଇ ଦେଇପାରେ । ଗୋଟିଏ କାହାଣୀ କହୁଛି ଶୁଣ;

ଅନେକବର୍ଷ ପୂର୍ବରୁ ସୋମନାଥ ନାମରେ ଗରୀବ ବ୍ରାହ୍ମଣଟିଏ ଥିଲା । ବାପ ମାଆ ମରିଯିବା ପରେ ସେ ମନ୍ଦିରମାନଙ୍କରେ ପୂଜାପାଠ କରି, ଗାଁରେ ଜଜମାନୀ କରି ଅଳ୍ପକିଛି ଧନ ଅର୍ଜନ କରିପାରୁଥିଲା, କିନ୍ତୁ ସେଥିରେ ସେ ତାର ନିଜପାଇଁ ଦି'ଓଳି ପେଟଭରି ଖାଇବାପାଇଁ ଖାଦ୍ୟ ଯୋଗାଡ କରିପାରୁନଥିଲା । ନିର୍ଦ୍ଧନତା କାରଣରୁ କେହି ତାକୁ

ISSN NO.
2582-208X

କନ୍ୟାଦାନ କରିବାକୁ ମଧ୍ୟ ରାଜି ହେଲେନାହିଁ । ଶେଷରେ ନିଜ ଜୀବନପ୍ରତି ତାର ନୈରାଶ୍ୟ ଭାବନା ଆସିଗଲା । ଅନ୍ୟକିଛି ଉପାୟ ନପାଇଁ ନିରାଶ ସୋମନାଥ ମନେ ମନେ ସ୍ଥିରକଲା, ଏଇଠି ଏପରି ଓଳିଏ ଖାଇ ଓଳିଏ ଓପାଶ ରହିବା ଅପେକ୍ଷା ସେ ଶ୍ରୀକ୍ଷେତ୍ର ଚାଲିଯିବ । ବଡ ଦେଉଳରେ ପ୍ରଭୁ ଜଗନ୍ନାଥଙ୍କ ଶରଣରେ ଯାଇ ନିଜ ଦୁଃଖ ଜଣାଇବ । ତେଣିକି କାଳିଆର ଇଚ୍ଛା, ସେ ରଖିଲେ ରଖିବ, ମାରିଲେ ମାରିବ । ଶ୍ରୀକ୍ଷେତ୍ରରେ ପ୍ରାଣ ଚାଲିଗଲେ ସ୍ୱର୍ଗପ୍ରାପ୍ତି ହୋଇଯିବ । ହେଲେ ଶ୍ରୀକ୍ଷେତ୍ର ତା ଗାଆଁ ଠାରୁ ଅନେକ ଯୋଜନ ଦୂର । ତଥାପି ମନରେ ଆଶାବାନ୍ଧି ଖାଲିହାତରେ ଜଗନ୍ନାଥ ଭରଷାରେ ଶ୍ରୀକ୍ଷତ୍ର ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରିଦେଲା । ରାସ୍ତାରେ ଭୀକ୍ଷା କରି କରି ପଥ ଚାଲୁଥାଏ, ଯାହାକିଛି ମିଳିଯାଏ ଖାଇନିଏ, ରାତିହେଲେ କେଉଁଠି ଗଛମୂଳେ କି କେଉଁ ମନ୍ଦିର ପ୍ରାଙ୍ଗଣରେ ଶୋଇଯାଏ । ଏପରି ଚାଲି ଚାଲି ଦୁଇମାସ ପରେ ସୋମନାଥ ଶ୍ରୀକ୍ଷେତ୍ରରେ ପହଞ୍ଚିଗଲା ।

ବଡଦାଣ୍ଡରେ ପାଦଦେଇ ନିଜକୁ ଧନ୍ୟ ମନେକରୁଥିଲା ସୋମନାଥ । ଶରଧାବାଲିରୁ ମୁଠାଏ ନେଇ ମୁଣ୍ଡରେ ବୋଳି ଜଗନ୍ନାଥ, ଜଗନ୍ନାଥ କହି ବଡଦାଣ୍ଡର ପବିତ୍ର ରେଣୁରେ ଦୁଇଗଡା ଗଡିଗଲା । ନରେନ୍ଦ୍ର ପୋଖରୀରେ ସ୍ନାନ ତର୍ପଣ ସାରି ସିଧା ପହଞ୍ଚିଲା ବଡଦେଉଳରେ । ଅରୁଣଖମ୍ବ ପଛରେ ଠିଆହୋଇ ଜଗନ୍ନାଥଙ୍କୁ ପ୍ରଣାମକଲା । ବାଇଶ ପାହାଚରେ ମୁଣ୍ଡ ନୁଆଁଇ ଶ୍ରୀ ମନ୍ଦିରରେ ପ୍ରବେଶକଲା । ଜଗମୋହନରେ ଜଗନ୍ନାଥଙ୍କୁ ଦର୍ଶନକରି ସାଷ୍ଟାଙ୍ଗ ପ୍ରଣାମ କଲା । ଛଳ ଛଳ ଆଖିରେ ହାତ ଯୋଡି କାଳିଆକୁ ନିଜର ସବୁ ଦୁଃଖ ଶୁଣାଇଗଲା। କହିଲା ପ୍ରଭୁ ଜନମ ମରଣ ସବୁ ତୋରି ହାତରେ, ଜନମ ଦେଇଛୁ, ପେଟବି ଦେଇଛୁ । ମାଆଲକ୍ଷ୍ମୀଙ୍କୁ କହି ମୋର ଦୁଃଖ ଦୂରକର ପ୍ରଭୁ ! ତୁମେ ବଳିଆର ଭୁଜ ମହାବାହୁ, ବନ୍ଧୁ ମହାନ୍ତିର ବନ୍ଧୁ, ତୁମେ ଥାଉଥାଉ ଆଉ କାହାକୁ ଦୁଃଖ ଜଣାଇବି ? କେତେ କେତେ କଷ୍ଟରୁ ଭକ୍ତମାନଙ୍କୁ ଉଦ୍ଧାର କରିଛ, ଭକ୍ତପାଇଁ ଭୋଗଥାଳି ନେଇ ପହଞ୍ଚି ଯାଇଥିଲ ଭକ୍ତର ଘରେ । ଦାଶିଆ ବାଉରୀ ହାତରୁ ନଡିଆ ଛଡେଇନେଲ, ସାଲବେଗ ପାଇଁ ରଥ ଅଟକେଇ ଦେଲ । ମୋ ଦୁଃଖ କଣ ତୁମପାଇଁ ଏତେ ବଡ, ଯାହା ତୁମେ ଦୂର

ISSN NO.
2582-208X

କରି ପାରିବନି ? ମୁଁ ଅକିଞ୍ଚନ ତୁମର ବଡ ଭକ୍ତଟିଏ ନୁହଁ, କିନ୍ତୁ ମୁଁ ତୁମର ଅଧମ ସନ୍ତାନଟିଏ, ତୁମରି ଶରଣରେ ଆସିଛି । ତୁମ ବଡ ଦାଣ୍ଡରେ ଏମିତି ଭୋକ ଉପାସରେ ମରିଯିବି ସିନା, ତୁମେ ଯଦି ଡାକ ନଶୁଣିବ, ଉଦ୍ଧାର ନକରିବ ଆଉ କାହାକୁ କହିବି ? ଏପରି ଗୁହାରୀକରି ପ୍ରଭୁଙ୍କୁ ପ୍ରଣାମକରିଲା ଏବଂ ଶ୍ରୀମନ୍ଦିରରୁ ବାହାରି ଆସିଲା । ସେଠାରୁ ଯାଇ ଅଠରନଳାରୁ ପେଟ ଭରି ପେଜତୋରାଣୀ ପିଇଲା । ସନ୍ଧ୍ୟା ଆରତୀ ସରିଯାଇଥାଏ ସିଂହଦ୍ୱାର ପାଖରେ ମେଘନାଥ ପାଚରୀକୁ ଲାଗି ଗୋଟିଏ ବଡ ବରଗଛ, ତାରିତଳେ ଚଉତରାଟା ଉପରେ କାନିବିଛାଇ ଶୋଇଗଲା ।

ସେତେବେଳେ ଶ୍ରୀକ୍ଷେତ୍ରରେ ଏତେ ଗହଳ ଚହଳ ହେଉନଥିଲା, ଶ୍ରୀମନ୍ଦିର ପାଖରେ ଠିଆ ହେଲେ ସମୁଦ୍ର ଦିଶେ । ସଂଧ୍ୟା ଆରତି ପରେ ମନ୍ଦିରରେ ଭିଡ କମିଯାଏ । ରାତିରେ ଶେଷ ଆରତି ପରେ ମହାପ୍ରଭୁଙ୍କ ପହଡ ପଡିଯାଏ । ସେବକମାନେ ଶ୍ରୀମନ୍ଦିର ଦ୍ୱାର ବନ୍ଦକରି ଘରକୁ ଚାଲିଯାଆନ୍ତି । କେବଳ କେତେଜଣ ଜଗୁଆଳି ପାଇକ ମନ୍ଦିର ସିଂହଦ୍ୱାର ପାଖରେ ଏପଟ ସେପଟ ହୁଅନ୍ତି । ସମୁଦ୍ରର ସୁଲୁସୁଲିଆ ଥଣ୍ଡା ପବନରେ ସୋମନାଥର ନିଦ ଆହୁରି ଗହରିଆ ହୋଇଯାଉଥାଏ । ଦୁଇମାସର ପଥକ୍ଳାନ୍ତି ଏବଂ ଶ୍ରୀକ୍ଷେତ୍ର ପହଞ୍ଚିବାର ଉତ୍କଣ୍ଠା କାରଣରୁ କେବେଠାରୁ ଭଲ ଭାବରେ ଶୋଇ ପାରିନଥିଲା । ଅଠରନଳାରୁ ମହାପ୍ରସାଦର ପେଜ ତୋରାଣୀ ପିଇ ପେଟ ବି ଶାନ୍ତ ହୋଇଯାଇଥିଲା । ଭୂମୀ ସ୍ପର୍ଶକରିବା ମାତ୍ରେ ନିଦ୍ରାଦେବୀ ତାକୁ ନିଜର ଗଭୀର ଆଲିଙ୍ଗନରେ ନେଇଯାଇଥିଲେ । ସୋମନାଥ ନିଘୋଡ ନିଦରେ ଶୋଇଗଲା ।

ମଧ୍ୟରାତ୍ରୀରେ ହଠାତ୍ କାହାର କଠଉର ଠକ୍ ଠକ୍ ଶବ୍ଦରେ ତାର ନିଦ ଭାଙ୍ଗିଗଲା । ଶୁକ୍ଳପକ୍ଷର ରାତି, ଆଖି ଖୋଲି ଜହ୍ନ ଆଲୋକରେ ଦେଖିଲା କେହିଜଣେ ସିଂହଦ୍ୱାର ଆଡକୁ ଦୃତ ଗତିରେ ଚାଲିଯାଉଛି । ତାଙ୍କର ବେଶଭୂଷା ଦେଖି ସୋମନାଥକୁ ଚିହ୍ନିବାରେ ବିଳମ୍ବ ହେଲାନାହିଁ ଯେ ସିଏ ସ୍ୱୟଂ ନାରଦ ସିଂହଦ୍ୱାର ଆଡକୁ ଯାଉଛନ୍ତି । ସେ ଶୁଣିଥିଲା ପ୍ରତି ରାତିରେ ସ୍ୱୟଂ ନାରଦ, ହନୁମାନ, ବିଭୀଷଣ ଆଦି ଭକ୍ତମାନେ ପ୍ରଭୁଙ୍କ ଦର୍ଶନ ପାଇଁ ଆସନ୍ତି । ନାରଦଙ୍କ ବେକରେ ରୁଦ୍ରାକ୍ଷମାଳ, ମଥାରେ ହରିଚନ୍ଦନ, ହାତରେ ବୀଣା, ଶାନ୍ତ

ISSN NO.
2582-208X

ସୌମ୍ୟ ରୂପ ଦେଖି ଭକ୍ତିରେ ସୋମନାଥର ମଥା ନଇଁ ଆସିଲା । ଶୋଇବା ଯାଗାରୁ ଉଠି ଧାଇଁଲା ତାଙ୍କ ପାଖକୁ । ସାଷ୍ଟାଙ୍ଗ ପ୍ରଣାମକରି ସୋମନାଥ ନାରଦଙ୍କର ସାମ୍ନାରେ ଶୋଇ ରହିଲା । ବିଚରା ନାରଦ ବ୍ୟସ୍ତହୋଇ ସୋମନାଥକୁ କହିଲେ, ଆରେ ଭାଇ ତୁମେ କିଏ ? ମୋ ପଥ ଅଟକେଇ ମୋ ଆଗରେ ଏମିତି କାହିଁକି ଶୋଇରହିଲ ? ଦୟାକରି ଏବେ ମୋର ବାଟ ଛାଡ, ପ୍ରଭୁଙ୍କ ଦର୍ଶନରେ ମୋର ବିଳମ୍ବ ହେଉଛି ।

ସୋମନାଥ ଯୋଡହସ୍ତ ହୋଇ ବଡ ବିନମ୍ରତାର ସହିତ କହିଲା ପ୍ରଭୁ ମୁଁ ଜଣେ ଦୀନଦୁଃଖି। ଆପଣ ତ ସର୍ବଜ୍ଞାତା, ମୋ ଦୁଃଖ କଣ ଆପଣଙ୍କୁ ଅଜଣା ? ଆପଣ ଜଗନ୍ନାଥଙ୍କ ପରମ ଭକ୍ତ ! ପ୍ରଭୁଙ୍କ ଦର୍ଶନରେ ଯାଉଛନ୍ତି ତ ଦୟାକରି ମୋ ଦୁଃଖ ବିଷୟରେ ପ୍ରଭୁଙ୍କୁ ଟିକେ ଜଣାଇଦେବେ । ପ୍ରଭୁଙ୍କୁ କହିବେ ସୋମନାଥ କହିଛି ପ୍ରଭୁ ଯଦି ମୋର ଦୁଃଖ ଦୂର କରି ନପାରିବେ, ତେବେ ମୋର ପ୍ରାଣ ନେଇଯାଆନ୍ତୁ । ନାରଦ ସୋମନାଥକୁ ଆସ୍ୱସ୍ଥ କରି କହିଲେ, ଆଚ୍ଛା ଠିକ୍ ଅଛି । ମୁଁ ଆଜି ତୁମକଥା ପ୍ରଭୁଙ୍କୁ ନିଶ୍ଚୟ ଜଣାଇଦେବି ଏବଂ ପ୍ରଭୁ ଯାହା ଉତ୍ତରଦେବେ ଫେରିଲା ବେଳେ ତୁମକୁ ଜଣେଇ ଦେବି । ଏଇଠି ମୋର ଅପେକ୍ଷା କରିଥିବ । ଏତିକି କହି ନାରଦ ଶ୍ରୀମନ୍ଦିର ଭିତରେ ପ୍ରବେଶ କରି ଅର୍ନ୍ତଧ୍ୟାନ ହୋଇଗଲେ। ସୋମନାଥ ସେମିତ ଯୋଡହସ୍ତ ହୋଇ ସେଇଠି ଅରୁଣଖମ୍ବ ତଳେ ବସିରହିଲା। ।

ନାରଦ ମନ୍ଦିର ଭିତରେ ପ୍ରବେଶକରି ସିଂହାସନରେ ବିରାଜମାନ ପ୍ରଭୁ ଜଗନ୍ନାଥ, ବାମ ଭାଗରେ ମାଆ ଲକ୍ଷ୍ମୀଙ୍କୁ ଦର୍ଶନ କରି ଗଦ୍ ଗଦ ହୋଇଗଲେ। ସାଷ୍ଟାଙ୍ଗ ପ୍ରଣାମକରି ବିସନ୍ନ ବଦନରେ ପ୍ରଭୁଙ୍କ ସମ୍ମୁଖରେ ଠିଆ ହୋଇ ରହିଲେ । ନାରଦଙ୍କର ଏପରି ଅବସ୍ଥା ଦେଖି ଜଗନ୍ନାଥ ପଚାରିଲେ, ଦେବର୍ଷି ଆପଣ ଆଜି ଏପରି ମୁହଁ ସୁଖାଇ କାହିଁକି ଠିଆ ହୋଇ ରହିଲେ ? ଆପଣ ତ୍ରୀଭୁବନ ଭ୍ରମଣ କରୁଛନ୍ତି କିଛି ସମାଚାର ଶୁଣାନ୍ତୁ । ନାରଦ ସେହିପରି ବିସନ୍ନ ଭାବରେ ମୁହଁ ସୁଖାଇ କହିଲେ, ପ୍ରଭୁ, ଆପଣ ସର୍ବଜ୍ଞ, ସବୁର ଜ୍ଞାତା, ଆପଣଙ୍କୁ କେଉଁ ସମାଚାର ଅବିଦିତ ଯେ ମୋ ଠାରୁ ଶୁଣିବାକୁ ଚାହୁଁଛନ୍ତି ? ଆପଣ ପଚାରୁଛନ୍ତି ଯଦି କହୁଛି ଶୁଣନ୍ତୁ, ସ୍ୱର୍ଗ ଏବଂ ପାତାଳ ଏଇ ଦୁଇ ଭୁବନରେ ଆନନ୍ଦ ହିଁ ଆନନ୍ଦ ବିରାଜମାନ କରୁଛି । ସମସ୍ତେ ସୁଖ ଶାନ୍ତିରେ ଅଛନ୍ତି । କିନ୍ତୁ ମର୍ତ୍ତ୍ୟମଣ୍ଡଳରେ

ISSN NO.
2582-208X

ପ୍ରବେଶ କଲାକ୍ଷଣି ଏଇଠି ଏତେ ଦୁଃଖ ଦେଖି ମୋ ମନ ବିବ୍ରତ ହୋଇଯାଉଛି । ଆପଣ ଭୂଲୋକର ସ୍ୱାମୀ, ଆପଣ ଥାଉ ଥାଉ ଭୂଲୋକରେ ଏତେ ଦୁଃଖ କାହିଁକି ? ମାଆ ଲକ୍ଷ୍ମୀ ତାଙ୍କର ସମସ୍ତ ବୈଭବ ମୁଷ୍ଟିମେୟ ଲୋକଙ୍କ ପାଖରେ ଠୁଳ କରିଦେଇଛନ୍ତି, ଆଉ ଅନେକ ଲୋକ ନିର୍ଦ୍ଧନ ହୋଇ ଦୁଃଖ ଦାରିଦ୍ର୍ୟତା ଭିତରେ ଭୋକ ଓପାଷରେ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି । ଆପଣ ଜଗତକର୍ତ୍ତା ମୁଁ ଅକିଞ୍ଚନ ଆପଣଙ୍କୁ ଆଉ ଅଧିକ କଣ କହିବି ?

ନାରଦଙ୍କ କଥାଶୁଣି ଜଗନ୍ନାଥ ଥରେ ଲକ୍ଷ୍ମୀଙ୍କ ମୁହଁକୁ ଚାହିଁଲେ ଏବଂ ଉଭୟେ ହସିଦେଲେ। ନାରଦଙ୍କୁ କଥାଟା କିନ୍ତୁ ବଡ ଅଡୁଆ ଲାଗିଲା । ହେଲେ କିଛି ନକହି ସେ ଚୁପଚାପ୍ ଠିଆ ହୋଇରହିଲେ । ନାରଦଙ୍କର ଏପରି ଅସମଜସ୍ୟ ପରିସ୍ଥିତି ଦେଖି ଜଗନ୍ନାଥ କହିଲେ, ଦେବର୍ଷି ଆପଣ ଯାହା କହିଲେ ସେକଥା ସତ୍ୟ । ଭୂଲୋକରେ ଦୁଃଖ ବହୁତ ଅଛି । କିନ୍ତୁ ଆପଣ କାହିଁକି ଭୁଲିଯାଉଛନ୍ତି, ଭୂଲୋକରେ ମାୟା ବି ଅଛି । ଏଇ ମାୟା ମଧ୍ୟ ଦୁଃଖର ଅନ୍ୟ ଏକ କାରଣ । ଏଠାରେ ଯେତିକି ଲୋକ ଦାରିଦ୍ରତା କାରଣରୁ ଦୁଃଖି ନୁହନ୍ତି ତାଠାରୁ ଅଧିକ ଲୋକ ଅନ୍ୟ କାରଣରୁ ଦୁଃଖି । ସେମାନେ ଅତିଲୋଭ, ଈର୍ଷା, ଅସନ୍ତୋଷ ଏବଂ ପରଶ୍ରୀକାତରତା ଗୁଣ ଯୋଗୁ ଦୁଃଖି । ଆପଣ ଭାବୁଛନ୍ତି ଲକ୍ଷ୍ମୀ କିଛି ଲୋକଙ୍କ ପାଖରେ ତାଙ୍କର ସମସ୍ତ ଧନରାଶି ଠୁଳ କରି ଦେଉଛନ୍ତି ଏବଂ ସେମାନେ ସମସ୍ତେ ବହୁତ ସୁଖରେ ଅଛନ୍ତି । କିନ୍ତୁ ସେଇଟା ଆପଣଙ୍କର ଭୁଲ ଧାରଣା । ଅତ୍ୟଧିକ ଧନ ସେମାନଙ୍କୁ ଦଣ୍ଡ ସ୍ୱରୂପ ଦିଆଯାଇଛି । ଯାଇକି ଦେଖନ୍ତୁ, ଧନବାନ ମଣିଷଟିଏ କଣ ଖାଏ, କେତେ ସମୟ ଶୁଏ ଆଉ କେତେ ସମୟ ନିଜ ପତ୍ନୀ ସନ୍ତାନ ପରିଜନଙ୍କ ସହିତ ଆନନ୍ଦରେ ବିତାଏ ? ଜଣେ ଧନବାନ ବ୍ୟକ୍ତି ଅତି ସାଧାରଣ ଲୋକଟିଏ ଠାରୁ ମଧ୍ୟ ଅଧିକ ଦୁଃଖି । ସେ ଅଧିକ ଧନ ଚିନ୍ତାରେ, ସମୟ ଅଭାବ, କାର୍ଯ୍ୟ ବ୍ୟସ୍ତତା ଅଥବା ବିଭିନ୍ନ ରୋଗ କାରଣରୁ ସବୁ ଥାଇ ବି ଭଲରେ ମୁଠାଏ ଖାଇ ପାରେନା, ମଖମଲି ଶେଜ ଥାଇବି ରାତିରେ ଦି'ଘଡି ଶାନ୍ତିରେ ଶୋଇପାରେନା, ବେଳେ ବେଳେ ନିଦ ଔଷଧ ଖାଇଲା ପରେବି ତାକୁ ଠିକ୍ ଭାବରେ ନିଦ ଆସେନା । ଯାହା ସମ୍ପତ୍ତି ଏକାଠି କରିଥାଏ ନିଜେ ତାର କାଣିଚାଏ ମଧ୍ୟ ଭୋଗ କରିପାରେନା ।

ISSN NO.
2582-208X

ହଁ, ଆଜି ଆପଣ ଏଠାକୁ ଆସିବା ପଥରେ ଯାହା କିଛି ଘଟିଲା, ଯାହା ଦେଖିଲେ ସେକଥା ଆମେ ଜାଣିଛୁ । ଆପଣ ଆସିବା ଆଗରୁ ସେ ବିଷୟରେ ମୁଁ ଲକ୍ଷ୍ମୀଙ୍କ ସହିତ ପରାମର୍ଶ କରୁଥିଲି । ଆପଣତ ଜାଣନ୍ତି ଭୂଲୋକରେ ମନୁଷ୍ୟକୁ ପୂର୍ବଜନ୍ମର ସୁକୃତ୍ୟ ଫଳ ସ୍ୱରୂପ ଏ ଜନ୍ମରେ ସୁଖ ସମ୍ପତ୍ତି ପ୍ରାପ୍ତ ହୋଇଥାଏ । ସୋମନାଥର ପୂର୍ବଜନ୍ମର କର୍ମଫଳ ସ୍ୱରୂପ ତାକୁ ଯାହା କିଛି ପ୍ରାପ୍ତ ହେବାକୁ ଅଛି, ସେତିକି ଧନରେ ସେ ଏଇ ଜୀବଦଶା ମଧ୍ୟରେ କେବଳ ଗୋଟିଏ ବର୍ଷ ଭଲଭାବରେ ଖାଇ ବଞ୍ଚି ପାରିବ । ତେଣୁ ସେତିକି ଧନକୁ ତା ସମ୍ପୂର୍ଣ୍ଣ ଜୀବଦଶା ମଧ୍ୟରେ ତାକୁ ଅଳ୍ପଅଳ୍ପ କରି ଦିଆଯାଉଛି । ତାକୁ ଯାହାବି ମିଳୁଛି କେବଳ ସେତିକି ତାର ପ୍ରାପ୍ୟ । ଆପଣ ଗଲା ବେଳେ ସୋମନାଥକୁ ଏଇ କଥା କହିଦେଇ ଯିବେ ।

ନାରଦ ସୋମନାଥର ଭାଗ୍ୟଫଳ ବିଷୟରେ ଶୁଣି ଦୁଃଖିତ ହେଲେ କିନ୍ତୁ ତାର ନିରାକରଣ ପାଇଁ ମଧ୍ୟ କିଛି କରିପାରି ନଥିବାରୁ ନିଜକୁ ଅପରାଧି ପରି ମନେକରୁଥିଲେ ଏବଂ ମନ୍ଦିରରୁ ବାହାରି ଆସିଲେ । ସୋମନାଥ ମଧ୍ୟ ଅରୁଣଖମ୍ବ ତଳେ ସେଇଠି ସେମିତି ଅପେକ୍ଷା କରିଥିଲା । ନାରଦଙ୍କୁ ଫେରିବାର ଦେଖି ତାଙ୍କ ପାଖକୁ ଧାଇଁଯାଇ ତାଙ୍କ ସାମ୍ନାରେ ଯୋଡହସ୍ତରେ ବସି ପଚାରିଲା ଦେବର୍ଷି, ମୋ ବିଷୟରେ ପ୍ରଭୁ କଣ କହିଲେ ? ନାରଦ ସେମିତି ମୁହଁ ସୁଖାଇ ସବୁ ବୃତ୍ତାନ୍ତ ଶୁଣାଇ ଦେଲେ । କହିଲେ, ସୋମନାଥ, ତୁମର ଦୁଃଖ ଦୂର କରିବାକୁ ମୁଁ କିଛି କରି ପାରିଲିନି ତେଣୁ ମୋତେ କ୍ଷମା କରିଦେବ ॥

ନାରଦଙ୍କ ଠାରୁ ନିରାଶବାଣୀ ଶୁଣିସାରିଲା ପରେ ବି ସୋମନାଥର ଧୈର୍ଯ୍ୟଚ୍ୟୁତ ଘଟିନଥିଲା। ସେ ସେହିପରି ଯୋଡହସ୍ତର ନାରଦଙ୍କ ଆଗରେ ଆଣ୍ଠେଇ ବସିଥାଏ । ମୁହଁରେ ଟିକିଏ ସୁଖିଲା ହସ ଫୁଟେଇ କହିଲା, ପ୍ରଭୁ ଜୀବନରେ ଏତେ କଷ୍ଟ ସହିଲା ପରେ ବି ମୁଁ ଆଶା ଛାଡିନି । ଆଜି ମୋ ପାଇଁ ଠାକୁରେ ମନାକରି ଦେଲେ ବୋଲି ଆପଣ ନିରାଶ ହୋଇ ଯାଉଛନ୍ତି ? ଆପଣ ଜାଣନ୍ତି, ମୋ ବଡ ଠାକୁର କେତେ ଦୟାଳୁ, କାଳେ କେତେବେଳେ ଥକିଗଲେ ଆଖି ବନ୍ଦ ହୋଇଯିବ ବୋଲି ଆଖିରେ ଆଖିପତା ନାହିଁ ତାଙ୍କର, ବଡ ବଡ ଚକାଆଖିରେ ସବୁବେଳେ ଅନେଇ ବସିଛନ୍ତି ଭକ୍ତପାଇଁ । ସେ ପରା ସବୁ ଦେଖୁଛନ୍ତି, ସବୁ ଶୁଣୁଛନ୍ତି । ଆପଣ ଦୟାକରି କାଲି ଆଉଥରେ ମୋ ପାଇଁ ଠାକୁରଙ୍କୁ

ISSN NO.
2582-208X

କହିବେ । ଏଇଥର କିନ୍ତୁ ମୋର ଶେଷ ନିଷ୍ପତ୍ତି ତାଙ୍କୁ ଶୁଣେଇ ଦେବେ । କହିବେ ସବୁଦିନ ଏପରି ଡହଳ ବିକଳ ନକରି, ମୋ ଭାଗ୍ୟରେ ଯେତିକି ଧନ ବଳିଛି ସବୁଯାକ ଧନ ମୋତେ ଏକକାଳୀନ ଦେଇ ଦିଅନ୍ତୁ । ସେତିକି ଧନରେ ଯେତେଦିନ ହୋଇପାରିବ ଭଲରେ ଗଣ୍ଡେ ଖାଇ ସୁଖରେ ଦିଘଡି ଜୀଇଁଯିବି । ତାପରେ ବାକି ଜୀବନ ଏଇ ସୁଖକଥାକୁ ମନେପକାଇ ପକାଇ ଭୋକ ଓପାଷରେ ହେଉ ପଛେ କଟେଇଦେବି । ଯଦି ପ୍ରଭୁ ଏତିକି କରି ନପାରିବେ ତେବେ ଏଇ ମହୋଦଧିରେ ଆତ୍ମ ବିସର୍ଜନ କରିଦେବି । ଆଉ ହଁ ଠାକୁରଙ୍କୁ ଏଇକଥା ମଧ୍ୟ କହିଦେବେ, ମୁଁ ଯଦି ଆତ୍ମହତ୍ୟା କରିବି ତେବେ ଏଇ ବ୍ରହ୍ମହତ୍ୟା ପାତକ ପ୍ରଭୁଙ୍କୁ ଲାଗିବ, ଆଉ ସେଇ ପାପର କିଛି ଛିଟା ଆପଣଙ୍କ ଉପରେ ବି ପଡିବ । ସୋମନାଥର ଏପରି ଧମକିଭରା କଥା ଶୁଣି, ନାରଦ ବିଚଳିତ ହୋଇଗଲେ, କହିଲେ ଆରେ ନାଇ ନାଇ, ଏମିତି କୁହନା । ପ୍ରଭୁଙ୍କର କଣ କମ୍ ଜଞ୍ଜାଳ ଅଛି ଯେ ପୁଣି ଏକ ନୂଆ ଜଞ୍ଜାଳକୁ ନିମନ୍ତ୍ରଣ ଦେବେ । ତୁମେ ଆଉ ଟିକିଏ ଧୈର୍ଯ୍ୟରଖ, କାଲି ମୁଁ ତୁମ ପାଇଁ ଯାହା କିଛି ଗୋଟାଏ ସମାଧାନ ନିଶ୍ଚୟ ନେଇକି ଆସିବ । ଜଗନ୍ନାଥ, ଜଗନ୍ନାଥ କହି ନାରଦ ସେଇଠି ଅନ୍ତର୍ଧ୍ୟାନ ହୋଇଗଲେ ।

ସୋମନାଥ ଭାବିଲା, ତପେବର, ନହେଲେ କୋପେବର, କେତେ ବୀନତି କରିକରି ଥକିଗଲି, ଶୁଣିଲେନି । ଏବେ ରାଗିକି ପଦେ କଣ କହିଦେଲି ଯେ, ଦେବର୍ଷି ନାରଦ ବି ଡରିଗଲେ । ଏଥର ଯାହାହେଲେ କିଛି ଗୋଟାଏ ସମାଧାନ ହୋଇଯିବ । କିନ୍ତୁ ଏପରି କଠୋର କଥା କହିଥିବାରୁ ସୋମନାଥର ମନ ବିଚଳିତ ହୋଇଗଲା, ଭାବିଲା, ଏମିତି କହି ସେ କିଛି ଠିକ୍ କଲାନି । କେତେ ଦୟାଳୁ ମୋ କାଳିଆ ସାଆନ୍ତ ! ମୋ ଭକ୍ତିରେ ବୋଧେ କିଛି କମି ରହିଗଲା, ମୁଁ ଅଯଥାଟାରେ ଏପରି କଟୁକଥା କହିଗଲି । ପ୍ରଭୁ, ମୋତେ କ୍ଷମା କରିଦେବ କହି ସୋମନାଥ ପୁଣି ସେଇ ବରଗଛ ମୂଳକୁ ଆସି ବସିଗଲା । ରାତିସାରା ପଶ୍ଚାତାପରେ ଆଉ ଶୋଇପାରିଲା ନାହିଁ ।

ତା ପରଦିନ ରାତିରେ ସୋମନାଥ ବଡ ଉତ୍କଣ୍ଠାର ସହିତ ନାରଦଙ୍କ ବାଟ ଚାହିଁ ରହିଥାଏ । ଆଜି ତାର ଜୀବନର ଏକ ମହତ୍ୱପୂର୍ଣ୍ଣ ଦିନ, ଅଜି ଦିନରେ ସବୁକିଛି ସମାଧାନ

ISSN NO.
2582-208X

ହୋଇଯିବ। ହୋଇପାରେ, ପ୍ରଭୁ ତାର ଦୁଃଖ ଲାଘବ କରିଦେବେ ଅବା ବାକି ଜୀବନ ତାର ଏମିତି ଦୁଃଖକଷ୍ଟରେ ବ୍ୟତିତ ହୋଇଯିବ । ନାରଦମୂନିଙ୍କର କଠଉ ଶବ୍ଦରେ ସନାତନର ଉତ୍କଣ୍ଠାର ଅନ୍ତ ହେବାକୁ ଯାଉଥିଲା । ସନାତନ ମୁଣ୍ଡଟେକି ସିଂହଦ୍ୱାର ଆଡକୁ ଅନାଇ ଦେଖିଲା ଏକ ଦିବ୍ୟପୁରୁଷ ତାରି ଆଡକୁ ଚାଲିଆସୁଛନ୍ତି । ସୋମନାଥ ନିଜ ଜାଗାରୁ ଉଠି ନାରଦମୂନିଙ୍କ ପାଖକୁ ଧାଇଁଗଲା ଏବଂ ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ କଲା । ନାରଦ କହିଲେ, ସୋମନାଥ ତୁମର ଦୁଃଖ ଦୂରହୋଇଗଲା ଜାଣ । ତୁମର ସାରା ଜୀବନର ପ୍ରାପ୍ୟ ପ୍ରଭୁ ତୁମ ପାଖକୁ ପଠାଇ ଦେଇଛନ୍ତି, ଏଇ ନିଅ । ସୋମନାଥ ବଡ ଖୁସି ହୋଇ ନିଜର ହାତ ବଢାଇଦେଲା । ନାରଦ ତା ହାତକୁ ଧନର ଥଳିଟିଏ ବଢାଇଦେଇ କହିଲେ ସୋମନାଥ, ଗୋଟିଏ କଥା ମନେରଖ, ଏତିକି ଧନ ତୁମ ସାରା ଜୀବନ ପାଇଁ ଦିଆଗଲା, ଏତିକି ଧନରେ ତୁମେ କେବଳ କିଛିମାସ ଭଲରେ ଖାଇପିଇ ବଞ୍ଚିଯିବ କିନ୍ତୁ ତାପରେ ତୁମର ବାକିଥିବା ଜୀବନ କାଳରେ ତୁମକୁ କିଛିବି ମିଳିବନି । ସେତେବେଳେ କେମିତି ଜୀବନ ନିର୍ବାହ କରିବ ସେ ବିଷୟରେ କିଛି ଭାବିଛ ?

ଧନ ପୋଟଳିଟି ଦୁଇ ହାତରେ ଜାବୁଡିଧରି ସୋମନାଥ ଖୁସି ହେବ କି ଦୁଃଖ କରିବ ବୁଝି ପାରୁନଥାଏ । ଏତିକ ଧନ ସରିଲା ପରେ ସେ ସତରେ କଣ କରିବ କିଛି ଭାବି ପାରୁନଥାଏ । ନାରଦଙ୍କ ପାଦତଳେ ବସିପଡି କହିଲା, ପ୍ରଭୁ ଆପଣଙ୍କ ଦୟାରୁ ମୋତେ ଏତିକି ଧନ ମିଳି ପାରିଛି, ସେଥିପାଇଁ ଆପଣଙ୍କୁ ଏବଂ ମୋର ଦୟାବତାର ପ୍ରଭୁଙ୍କୁ କୋଟି ପ୍ରଣାମ । ଏଇ ଧନ ସରିଗଲା ପରେ କଣ ହେବ ସେ କଥା ମୁଁ ଭାବିନି, କିନ୍ତୁ ଏତିକି ଧନରେ ଯେତେଦିନ ସମ୍ଭବ ହେବ ସୁଖରେ ଦୁଇମୁଠା ଖାଇ ବଞ୍ଚିଯିବି । ତାପରେ ଏଇ ସୁଖର ଦିନକୁ ମନେ ପକାଇ ପକାଇ ଜଗନ୍ନାଥଙ୍କ ନାମ ସ୍ମରଣ କରି କାଟିଦେବି । ଦେବର୍ଷି ଆପଣ ମହାଜ୍ଞାନୀ, ଯିବା ପୂର୍ବରୁ ମୋତେ କିଛି ଉପଦେଶ ଦେଇ ଯାଆନ୍ତୁ । ନାରଦ ଟିକିଏ ହସିଲେ ଏବଂ କହିଲେ, ସୋମନାଥ, ତୁମ ଭକ୍ତିରେ ଆମେ ପ୍ରିତହେଲୁ, ଗୋଟିଏ ଉପଦେଶ ମନେରଖ, "ଯାହାର ଶୂନ୍ୟ ହେବାର ସାହସ ଥାଏ, କେବଳ ସେଇହିଁ ପୂର୍ଣ୍ଣହୋଇ ପାରେ, ଯେପର୍ଯ୍ୟନ୍ତ ଶୂନ୍ୟ ନହୋଇଛ ସେ ପର୍ଯ୍ୟନ୍ତ ପୂର୍ଣ୍ଣତାର ଆଶା କରନାହିଁ "। ସୋମନାଥ ବଡ

ISSN NO.
2582-208X

ବିନମ୍ରଭାବରେ ନାରଦଙ୍କୁ କହିଲା, ପ୍ରଭୁ ଆପଣଙ୍କ କଥାର ତାତ୍ପର୍ଯ୍ୟ ମୁଁ ବୁଝିପାରିଲିନି, ଦୟାକରି ଟିକିଏ ବୁଝାଇ କୁହନ୍ତୁ । ନାରଦ କହିଲେ, ମନେକର ମୁଁ ତୁମକୁ ଏବେ କିଛି ଦେବାକୁ ଚାହିଁବି, ତୁମେ ତାହା ଗ୍ରହଣ କରିପାରିବ ? ସୋମନାଥ ଥରେ ନାରଦଙ୍କ ମୁହଁକୁ ଚାହିଁଲା ଆଉଥରେ ପୋଟଳି ଧରିଥିବା ତାର ଦୁଇହାତକୁ ଦେଖି କହିଲା, କେମିତି ଗ୍ରହଣ କରିବି, ମୋର ଦୁଇହାତ ଏଇ ଧନପୋଟଳିରେ ପୂର୍ଣ୍ଣ ଅଛି । ନାରଦ ଟିକିଏ ହସିକହିଲେ, ଠିକ୍ କହିଛ, ତୁମର ଦୁଇହାତ ଏବେ ପୂର୍ଣ୍ଣ ଅଛି, କିନ୍ତୁ ତୁମେ ଇଚ୍ଛାକଲେ ମୁଁ ଆଉକିଛି ଦେଲେ ତୁମେ ଗ୍ରହଣ କରିପାରିବ, ଯଦି ତୁମେ ଶୂନ୍ୟ ହେବାପାଇଁ ସାହସ କରି ତୁମର ପୋଟଳିକୁ ତୁମ ହାତରୁ ଛାଡିଦେବ । ଯେ ପର୍ଯ୍ୟନ୍ତ ତୁମେ ଲୋଭ ତ୍ୟାଗ କରିନପାରିବ ସେ ପର୍ଯ୍ୟନ୍ତ ପୂର୍ଣ୍ଣତା ଲାଭକରିପାରିନି । ପୂର୍ଣ୍ଣ କଳଶରେ କଣ କେହି ଜଳ ଭରେ ? ଏତିକି କହି ନାରଦ ଅର୍ନ୍ତଧ୍ୟାନ ହୋଇଗଲେ ।

ସୋମନାଥ ଧନପୋଟଳୀଟିକୁ ହାତରେ ଧରି ବରଗଛମୂଳେ ବସି ଭାବିବାକୁ ଲାଗିଲା, ଏତିକି ଧନରେ ତାର କେତେଦିନର ଗୁଜୁରାଣ ମେଣ୍ଟିଯିବ? ଏ ଧନ ସରିଗଲା ପରେ ସେ କଣ କରିବ ? ପୁଣି ନାରଦଙ୍କ ବାଣୀକୁ ମନେପକାଇ ତାର ଅର୍ଥ ବୁଝିବାକୁ ଚେଷ୍ଟା କରୁଥାଏ । ଶେଷରେ ଭାବିଲା ଏ ଧନ ସରିଗଲା ପରେ ପୁଣି ଭୋକ ଓପାଷରେ ମରିବା ହିଁ ସାର ହେବ । ତେବେ କିଛିଦିନ ଆନନ୍ଦ ଭୋଗ କରି ଲାଭ କଣ ? କିଛି ଦିନ ସୁଖପାଇବା ଏବଂ ଗୋଟିଏ ଦିନ ସୁଖପାଇବା ଭିତରେ କଣ ବା ପାର୍ଥକ୍ୟ ? ମୁଁ ଏକା ନୁହେଁ ମୋ ପରି ଅନେକ ହୀନକପାଳ ଏଇ ଦୁନିଆରେ ଅଛନ୍ତି, ଯେଉଁମାନଙ୍କ ପାଖରେ ବସ୍ତ୍ରନାହିଁ, ଆହାର ନାହିଁ । ଭଲ ହେବ ଯଦି ମୁଁ ମୋର ଏଇ ଧନରେ ଅନ୍ୟ କ୍ଷୁଧାର୍ଥମାନଙ୍କ ସହିତ ଗୋଟିଏ ଦିନ ସୁଖ ଭୋଗ କରିପାରିବି । ମୋ ଦୁଃଖର ଦିନରେ ନହେଲେ ନାହିଁ, ମୋର ସୁଖର ଗୋଟିଏ ଦିନରେ ଅନ୍ୟମାନଙ୍କୁ ସହଭାଗି ନିଶ୍ଚୟ କରି ପାରିବି । ବାଣ୍ଟିକରି ଖାଇବାରେ ଯେତେ ସୁଖ, ସତରେ ସେତେ ସୁଖ ପରମାନନ୍ଦ ପ୍ରାପ୍ତିରେ ମିଳିବ କି ନାହିଁ ଜଣାନାହିଁ । ଏପରି ଭାବି ସୋମନାଥ ମନେ ମନେ ସ୍ଥିରକଲା କାଲି ସେ ତାର ସମସ୍ତ ଧନରେ ନିଜେ ଏବଂ ନିଜସହିତ ଅନ୍ୟ ଦରିଦ୍ରମାନଙ୍କୁ ଆପ୍ୟାୟିତ କରିବ ।

ISSN NO.
2582-208X

ସବୁଦିନ ପରି ସେଦିନ ବି ସକାଳ ହେଲା, ହେଲେ ଏଇ ସକାଳ ସୋମନାଥ ପାଇଁ ଏକ ନୂତନ ପରିଚୟ ନେଇ ଆସିଥିଲା । ଆଜି ସୋମନାଥ ନିର୍ଦ୍ଧନ, ଦରିଦ୍ର ବ୍ରାହ୍ମଣ ନୁହେଁ । ଅଳ୍ପହେଉ ପଛେ, ଆଜି ସୋମନାଥ ଧନବାନ ଥିଲା । ସ୍ନାନ ତର୍ପଣ ସାରି ବଜାରକୁ ଗଲା, ସାରା ଜୀବନ ପାଇଁ ପାଇଥିବା ସବୁଧନ ଖର୍ଚ୍ଚକରି କିଛି ଗାଣ୍ଠି ଲୁଗା ଏବଂ ଭୋଜନ ସାମଗ୍ରୀ କିଣି ସମୁଦ୍ର କୂଳକୁ ଚାଲିଗଲା । ସେଠାରେ କିଛି ଲୋକଙ୍କ ସହାୟତା ନେଇ ବସ୍ତ୍ରଦାନ ଏବଂ ଅନ୍ନଛତ୍ର ଖୋଲିଦେଲା । ଶହ ଶହ ନିର୍ଦ୍ଧନ କ୍ଷୁଧାର୍ଥ ଲୋକ ବସ୍ତ୍ର ଏବଂ ଭୁରି ଭୋଜନ କରି ସୋମନାଥକୁ ଆଶିର୍ବାଦ କରି ଚାଲି ଯାଉଥାନ୍ତି । ସୋମନାଥର ଏପରି ଧର୍ମାର୍ଥ କାର୍ଯ୍ୟ ଦେଖି ଅନେକ ତୀର୍ଥଯାତ୍ରୀ ସୋମନାଥ ପାଖକୁ ଆସି ଏପରି ମହତ କାମ ପାଇଁ ତାକୁ ଧନ୍ୟବାଦ ଦେବା ସହିତ କିଛି କିଛି ଧନ ଦରିଦ୍ରନାରାୟଣ ସେବା ଉଦ୍ଦେଶ୍ୟରେ ଦାନ କରୁଥାଆନ୍ତି । ସଂଧ୍ୟାପରେ ଅନ୍ନଛତ୍ର ସରିଗଲା । ଆଜିଦିନର ଆନନ୍ଦ କଥା ଭାବି ଭାବି ସେ ମନରେ ବହୁତ ଖୁସି ଅନୁଭବ କରୁଥାଏ, ତାପାଇଁ ଏହା ଏକ ଦିବ୍ୟ ଅନୁଭୂତି ଥିଲା । ବସ୍ତ୍ର ଏବଂ ଭୋଜନ ପ୍ରାପ୍ତକରି ଦରିଦ୍ର ନାରାୟଣଙ୍କ ମୁହଁରେ ଯେଉଁ ତୃପ୍ତିର ଭାବ ଦର୍ଶନ କରିବାର ସୌଭାଗ୍ୟ ସୋମନାଥକୁ ମିଳିଲା, ତାହା ଯେପରି ତାର କୋଟିଜନ୍ମର ତପସ୍ୟାର ଫଳଥିଲା ।

ସମସ୍ତେ ଚାଲିଗଲା ପରେ ସୋମନାଥ ସମୁଦ୍ରକୂଳରେ ବସିରହିଥାଏ, ସମ୍ମୁଖରେ ସମୁଦ୍ରର ଗର୍ଜନ, ମୁଣ୍ଡ ଉପରେ ଶାନ୍ତ ନୀଳ ଆକାଶକୁ ଦେଖୁଥାଏ । ସମୁଦ୍ରଙ୍କୁ ରତ୍ନାକର ନାମ ମିଳିଛି, କେତେ ରତ୍ନ ତାର ଅଗାଧ ଜଳଭିତରେ ଲୁଚାଇ ରଖିଛି । କିନ୍ତୁ କାହାକୁ କିଛିବି ଦିଏନା, ଏପରିକି ତାର ଢୋକାଏ ପାଣି କାହାର ଶୋଷ ମେଣ୍ଟାଇ ପାରେନା । ହେଲେ ମୁଣ୍ଡ ଉପରର ଏ ଆକାଶ କେତେ ବିଶାଳ, ସମୁଦ୍ରଠାରୁ ବି ବଡ, ହେଲେ କେତେ ଶାନ୍ତ । ସକାଳେ ସୂର୍ଯ୍ୟ ଆସେ ତାର ଆଲୁଅ ବିଛାଡିଦିଏ । ଆକାଶ ଟୋପାଏ ଆଲୋକ ବି ନିଜପାଇଁ ଲୁଚାଇ ରଖେନା, ସଂଧ୍ୟା ହେଉ ହେଉ ପୁଣି କଳା ଅନ୍ଧାର ହୋଇଯାଏ । ଜହ୍ନ ଆସେ ଜୋଛନା ବିଛାଡିଦିଏ, ମେଘ ଆସେ ବର୍ଷା ହୋଇ ଝରିପଡେ ଏଇ ବିଶାଳ ଆକାଶର ଅଗଣାରେ, ହେଲେ ଆକାଶ ନିଜପାଇଁ କିଛିବି ସାଇତି ରଖେନା । ଏଇ ନିର୍ମୋହୀ ନିର୍ଲିପ୍ତ

ISSN NO.
2582-208X

ଆକାଶ ସେଇଥି ପାଇଁ ବୋଧେହୁଏ ଏତେ ଶାନ୍ତ । ସବୁ କିଛି ବାଣ୍ଟିଦେଇ ଦେଲା ପରେ ସୋମନାଥ ମଧ୍ୟ ଆକାଶପରି ଶାନ୍ତି ଅନୁଭବ କରୁଥିଲା, ହେଲେ ସୋମନାଥ ଆକାଶ ନୁହେଁ ସାମାନ୍ୟ ମଣିଷଟିଏ । ସୂର୍ଯ୍ୟ ଉଇଁବା ସଙ୍ଗେ ସଙ୍ଗେ ଉଦରର ଅଗ୍ନି ମଧ୍ୟ ଜଳିବା ଆରମ୍ଭ ହୋଇଯିବ । ସୋମନାଥ ଆସନ୍ତା କାଲି ବିଷୟରେ ଭାବି ତା ଆଖିରେ ଲୁହ ଆସିଗଲା । ପାଇଥିବା ସବୁଧନ ଆଜି ଖର୍ଚ୍ଚ କରିଦେଲା । ତା ଜୀବନର ସବୁଯାକ ସୁଖ ଏହା ସହିତ ସରିଗଲା । କାଲିଠାରୁ ପୁଣି ସେହି ଦାରିଦ୍ର୍ୟତା ଏବଂ କ୍ଷୁଧା ତାର ଜୀବନର ପରମ ମିତ୍ର, ସୋମନାଥର ଛାତିଭିତରୁ ଏକ ଦୀର୍ଘ ନିଶ୍ୱାସ ବାହାରି ଆସିଲା, ତାର ଦୁଇ ଆଖିରୁ ଲୁହ ଝରିଆସିଲା ।

ବରଗଛମୂଳର ସେଇ ଚଉତରାରେ ତାର ସ୍ଥାନ ପାଖକୁ ଫେରିବା ପାଇଁ ସୋମନାଥ ଉଠି ଠିଆହେଲା, କାନିଝାଡି ତା ଲୁଗାରୁ ବାଲିଝାଡିବା ସମୟରେ କିଛି ଝଣ ଝଣ ଶବ୍ଦରେ ତାର ଧ୍ୟାନଭଗ୍ନ ହୋଇଗଲା ଏବଂ ତୀର୍ଥଯାତ୍ରୀମାନେ ଦାନ କରିଥିବା ଧନ ବିଷୟରେ ହଠାତ୍ ସୋମନାଥର ସ୍ମରଣ ଆସିଗଲା । ସେ ତାର କାନିଖୋଲି ଦେଖିଲା, ଯେତିକି ଧନ ତାକୁ ସାରା ଜୀବନ ପାଇଁ ମିଳିଥିଲା, ତାଠାରୁ ଅଧକ ଧନ ବଦାନ୍ୟ ବ୍ୟକ୍ତିମାନଙ୍କ ଦାନରୁ ଏକାଠି ହୋଇଯାଇଛି । ସୋମନାଥ ବଡ ଖୁସି ହୋଇଗଲା ଏବଂ ସେଇ ଧନରେ ଆସନ୍ତା କାଲି ବସ୍ତ୍ରଦାନ ଏବଂ ଅନ୍ନଛତ୍ର ପାଇଁ ଅଧିକ ଲୁଗା ଓ ଅଧିକ ଖାଇବା ସାମଗ୍ରୀ ବନ୍ଦୋବସ୍ତ ହୋଇପାରିବ ଭାବି ଖୁସି ହୋଇଗଲା । ଶ୍ରୀମନ୍ଦିର ଆଡକୁ ଚାହିଁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଊର୍ଦ୍ଧବାହୁ ହୋଇ କହିଲା, ହେ ଜଗନ୍ନାଥ, ଜଗତରନାଥ, ତୁ ଲୀଳାମୟ ତୋର ଲୀଳା ଅପରାମ୍ପର । ତୁ ଏଇ ଦୁଃଖିଜନଙ୍କର ଆରତଭଞ୍ଜନ ପାଇଁ ମୋତେ ବାଛିଲୁ । ଅହୋ ଭାଗ୍ୟ ମୋର । ମୋତେ ଧନ୍ୟ କରିଦେଲୁରେ କାଳିଆ ସାଆନ୍ତ ।

ବଦାନ୍ୟ ବ୍ୟକ୍ତିଙ୍କ ଦୟା ଦାନରୁ ସୋମନାଥର ଅନ୍ନଛତ୍ର ବର୍ଷ ବର୍ଷ ଧରି ଏହିପରି ଅନବରତ ଚାଲିଥାଏ । କିଛି ବର୍ଷପରେ ଦିନେ ନାରଦମୂନି ସୋମନାଥକୁ ଦର୍ଶନ ଦେଇ ପଚାରିଲେ, ସୋମନାଥ ତୁମେ ପାଇଥିବା ସବୁ ଧନତ ଏବେ ସରିଯିବଣି ! ବର୍ତ୍ତମାନ ତୁମେ ତୁମର ଜୀବନ ନିର୍ବାହ କିପରି ଭାବରେ କରୁଛ ? ସୋମନାଥ ନାରଦ ମୂନିଙ୍କୁ ସାଷ୍ଟାଙ୍ଗ

ISSN NO.
2582-208X

ପ୍ରଣାମ କରି କହିଲା, ପ୍ରଭୂ, ସବୁ ସେଇ ଲୀଳାମୟଙ୍କ ଲୀଳା । ଆପଣତ ସର୍ବଜ୍ଞ, ତିନି ଭୂବନର ଖବର ରଖୁଛନ୍ତି, ଆପଣଙ୍କୁ କଣ ଅଜଣା ଯେ ଏ ଅଧମକୁ ଏପରି ପଚାରୁଛନ୍ତି ? ହେ ଦେବର୍ଷି ଆପଣ ଦେଇଥିବା ଗୁରୁମନ୍ତ୍ରକୁ ମୁଁ ମୋର ଗଣ୍ଠିଧନ, ଜୀବନର ମନ୍ତ୍ର କରିନେଇଛି, ଜୀବନକୁ ଶୂନ୍ୟ କରିଦେଇଛି ଏବଂ ସର୍ବଦା ପୂର୍ଣ୍ଣତାର ଅନୁଭବ କରୁଛି । ନାରଦ ଖୁସି ହୋଇ ସେଦିନ ମନ୍ଦିରରେ ଜଗନ୍ନାଥଙ୍କ ସମ୍ମୁଖରେ ସବୁ ବଖାଣ କରିଗଲେ । କହିଲେ, ପ୍ରଭୁ ଆପଣ କହୁଥିଲେ କିଛିଦିନ ଭିତରେ ସୋମନାଥର ସବୁ ଧନ ସମାପ୍ତ ହୋଇଯିବ ଏବଂ ସେ ତାର ବାକି ଜୀବନ ଏମିତି ଭୋକ ଓପାଷରେ କଟାଇବ । କିନ୍ତୁ ଆଜି ଯାହା ଦେଖିଲି, ବିଶ୍ବାସ ହେଉନି, ଆପଣଙ୍କ ବାଣୀ ମିଥ୍ୟା କିପରି ହୋଇଗଲା ? ଜଗନ୍ନାଥ ଟିକିଏ ହସି କହିଲେ, ନାରଦ, ଆମେ ଦେବତା ମଣିଷର ପ୍ରାରବ୍ଧ ଲେଖିଦେଉ, ଗଲାଜନ୍ମର ହିସାବ କରି ଏ ଜନ୍ମରେ ତାର କେତେ ପ୍ରାପ୍ୟ ସ୍ଥିର କରିଦେଉ । କିନ୍ତୁ ମଣିଷ ନିଜ କର୍ମ ବଳରେ ନିଜର ଭାଗ୍ୟ ମଧ୍ୟ ବଦଳେଇ ଦେଇପାରେ । ସୋମନାଥ ତାର କର୍ମ ବଳରେ ଏତେ ପୂଣ୍ୟ ଅର୍ଜନ କରିସାରିଲାଣି ଯେ ତାର ଏଇ ଜନ୍ମ କଣ ଆଗକୁ ଅନେକ ଜନ୍ମ ପର୍ଯ୍ୟନ୍ତ ଦୁଃଖ ତାକୁ ସ୍ୱର୍ଶ କରିପାରିବନି । ସୋମନାଥର ପୂଣ୍ୟ ଚକ୍ରବୃଦ୍ଧି ହାରରେ ଦିନ ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି ।

ଏତିକି କହି ଗୁରୁଜୀ ଟିକେ ଦମ୍ ନେଲେ, ପାଖରେଥିବା ଗଡୁରୁ ଦିଢୋକ ପାଣି ପିଇଲେ, ପୁଣି ପଚାରିଲେ, ଏଇ ଗଳ୍ପରୁ କିଛି ଶିଖିଲ ? ସବୁବେଳେ ନିଜର ଭାଗ୍ୟକୁ ଦୋଷ ନଦେଇ ନିଜର କର୍ମକୁ ନିରେଖି ଦେଖ, ଭୂଲି ଯାଅନି ତୁମ ଭାଗ୍ୟ ତୁମ କର୍ମ ଉପରେ ମଧ୍ୟ ନିର୍ଭର କରୁଛି । ନିର୍ଲୋଭ ହୋଇ ଯେତେବେଳେ ନିଜକୁ ଶୂନ୍ୟ କରିଦେଇ ପାରିବ ସେତେବେଳେ ପୂର୍ଣ୍ଣତାର ଅନୁଭବ କରିପାରିବ ।

(ପିଲାଦିନେ କଥା ଛଳରେ ବାପା ଗୋଟିଏ କାହାଣୀ ସକ୍ଷେପରେ ଶୁଣାଇଥିଲେ, ସେଇଗଳ୍ପରେ ଗୁରୁଜୀ, ନାରଦ, ପ୍ରଭୁ ଜଗନ୍ନାଥ, ମାଆ ଲକ୍ଷ୍ମୀ ଆଦିଙ୍କ ସହିତ ଅନ୍ୟ କିଛି ଚରିତ୍ର ଯୋଡି ଗପଟିକୁ ଆପଣମାନଙ୍କ ପାଇଁ ଲେଖିଦେଲି, ଆଶାକରୁଛି ଭଲ ଲାଗିବ) ।

ପଟିଆ, ଭୂବନେଶ୍ୱର

ISSN NO.
2582-208X

# ଶ୍ରମ ଓ ଶ୍ରମିକ



ଦିଲ୍ଲୀପ ଶତପଥୀ

ଶ୍ରମ
ଜୀବନ ଜୀବିକା ର ମାଧ୍ୟମ
ଥିଲା ଦିନେ କୌଳିକ ।
ବାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର
ଜୀବନର ମାନଦଣ୍ଡ
ଆତ୍ମ ପରିଚୟ ।
ଅତୀତ ଏବେ ଇତିହାସ
ଶ୍ରମ ଏବେ ଅଲୌକିକ
କିଏ ଉଦ୍ଭାବକ କିଏ ବୈଜ୍ଞାନିକ
ଶ୍ରମିକ ହାତରେ କଲମ
ପରିଚୟ ଲେଖକ, କବି, ଔପନ୍ୟାସିକ ।
ସୁସ୍ଥ ସୁନ୍ଦର ସମାଜର ପରିମାପକ
ଡାକ୍ତର, ସ୍ଥପତି ଅବା ବ୍ୟମଜାନ ଚାଳକ
ସୀମା ର ସୈନିକ ଅବା
ରୂପେଲି ପରଦାର ନାୟକ ।
ବଦଳିଛି ଶ୍ରମିକର ପରିଭାଷା
ବଢ଼ିଛି ବ୍ୟାପକତା

ISSN NO.
2582-208X

ବଦଳିଛି ଦେଶ ଜାତିର ଭୌଗଳିକ ସ୍ଥିତି
ଜଳରେ, ସ୍ଥଳରେ, ଆକାଶରେ
ଅବା କେଉଁ ଶୀତତାପ ନିୟନ୍ତ୍ରିତ କୋଠରୀରେ
ଅଣକୁଶଳୀ, ଅର୍ଦ୍ଧ କୁଶଳୀ, ଅତି କୁଶଳୀ
ଅଭିମନ୍ତ୍ରିତ ହାତ
ଗଢ଼ିଦିଏ ଗାଡି, ମଟର, ବୁଡ଼ା ଜାହାଜ, ଉଡ଼ା ଜାହାଜ
କଳ କାରଖାନା, ରାସ୍ତା ଘାଟ
ପ୍ରାସାଦ, ଅଟ୍ଟାଳିକା
ଅବା କୋଭିଡ ଟୀକା ।
କର୍ମ କୁ ନେଇ ଏବେ ଚାରି ରୁ
ଚାରି ସହସ୍ର ଜାତି
ଜାତିପ୍ରଥା ର ବିଲୋପ
ବାକି ଅଛି ଅସମାପ୍ତ ରାତି ।
ଅପର୍ଯ୍ୟାପ୍ତ, ଅସମାହିତ ପ୍ରଶ୍ନ ର ଉତ୍ତର
ଘୁରିବୁଲେ ଶ୍ରମିକଟିର ମୁଣ୍ଡରେ
ସେଇ ପୁଣି ଦେଖାଏ ବାଟ
ଆଡେଇ ଦେଇ କଣ୍ଟା ଝଟା
ସମାଜକୁ ପୁଷ୍ପିତ ରାସ୍ତା
ଅବା ସ୍ୱର୍ଗକୁ ନିଶୁଣୀ !

ପୋଷ୍ଟମାଷ୍ଟର, ଏ ଜି ପୋଷ୍ଟ ଅଫିସ
ଭୁବନେଶ୍ୱର 751001
ଫୋନ 9437175764

ISSN NO.
2582-208X

# କାଳ କବଳେ



ପୁଷ୍ପାଞ୍ଜଳି ପଣ୍ଡା

ମାୟା ର ବନ୍ଧନ କାଟି କେ  ପାରିବ
ନିର୍ମାୟା ମଣିଷ ନିରୀହ ପାଦ
ସୁଖ ଚାହେଁ ନାହିଁ ଦୁଃଖ ଦରିଆରେ
ଭାଙ୍ଗେନି ସୁଖର ସପନ ନିଦ ।।

ଆଞ୍ଜୁଳାରେ ଭରି ଆହୁତି ଦେଇଛି
ସୁଖ ଫୁଲ ଯେତେ ଜୀବନ ସାରା
ଲୁଣି ଆଖି ଲୁହ ସହ ମିଶାଇଛି
ଶରମଝାଳ ରେ ଶରୀର ଭରା ।।

ଛାତିତଳ ବ୍ୟଥା ମରମର କଥା
ମନର ଅକୁହା ସେ   ଅନୁରାଗ
ପ୍ରିତୀମୟ ପ୍ରତିଛବି ସତେକେବେ
ବଢ଼ି ପାରେ ନାହିଁ ତା ନବରାଗ ।।

ISSN NO.
2582-208X

ଝୁରେ ମନ ଝୁରେ ତନୁ ସଂସାର ରେ
ମୋହିନୀ ମାୟାର ମୋହନ ବେଣୁ
ବସନ୍ତ ବାସନ୍ତୀ ରଙ୍ଗେ ବୋଳୁଥାଏ
ନିର୍ମାୟା ମନରେ ମାୟା ର ରେଣୁ ।।

ମାୟାର ଜାଲକୁ  ଜାଣିବି ଅଜଣା
ହୋଇ ବାଟବଣା ହୁଅଇ ଧିରେ
ଶେଷ ସମୟ କୁ ମାୟାଧର ପାଦେ
ଶରଣ ପଶଇ, କାଳ କବଳେ ।।

କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଜୁଳାଏ ଦେଶଭକ୍ତ



ସୁଜିତ୍ କୁମାର ମିଶ୍ର

ନାରା

ଅଜସ୍ର ନାରାରେ ମୁଖରିତ ଆଜି
ଆମ ଏ ଭାରତ ମାଟି,
ବାକି ଦିନେ କିନ୍ତୁ ଗଳା ବସିଯାଏ
ସକାଳଠୁ ସଞ୍ଜ ଲୁଟି ।

ନେତା

ଗାନ୍ଧୀ ଟୋପି ପିନ୍ଧି ଭରନ୍ତି ଏମାନେ
ତୋଷାମୋଦିଆଙ୍କ ଗାଢ,
କିନ୍ତୁ ଦେଶ ଗାଢ ଭରେ ନାହିଁ ପୁରି
ତାଙ୍କ ରକ୍ତ ମାଂସ ହାଡ ।

ଭାଷଣ

ଭିଜି ଭିଜି ଆମେ ଦେଶଭକ୍ତି ଭାବେ
ଭାଷଣଟି କରୁ ବ୍ୟକ୍ତ,

ISSN NO.
2582-208X

କୁହ କେଉଁ ଲାଭ ଯଦି ଆମେ ନୁହେଁ
ହୃଦୟରୁ ଅନୁରକ୍ତ ।

ଭାରତୀୟ

ଗର୍ବ କରୁ ସର୍ବେ ପବିତ୍ର ଦିନରେ
ବୋଲି ଆମେ ଭାରତୀୟ,
ଅସଲରେ କିନ୍ତୁ ଅଧିକାଂଶ ଆମେ
ପାଶ୍ଚାତ୍ୟ ସଂସ୍କୃତି ପ୍ରିୟ ।

ଗଣତନ୍ତ୍ର

ଆମରି ଶାସନ ଅନୁକରଣୀୟ
ଅଛି ବୋଲି ଗଣତନ୍ତ୍ର,
କିନ୍ତୁ ବେଳେ ବେଳେ ଶୁଣିବାକୁ ମିଳେ
ମାଫିଆଙ୍କ ମହାମନ୍ତ୍ର ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୬୭୪୨

ISSN NO.
2582-208X

# ବାଘ ଶିକାର



ନୀଳମଣି ଗୁନ୍ଦ

ସତକୁ ସତ ଦିନେ ବାଘ ଆସିଲା
କୁଡ଼ିଆ ମୁହଁରେ ଥାଇ ଜୋର୍ ରେ ଗର୍ଜନ କଲା
ଓଃ କି ଗର୍ଜନ
'ଗର୍ଜନ ଚାଳିଶା'ଠୁଁ ବଳିଯିବା ଭଳି ସେ ଶବ୍ଦ।

କୁଡ଼ିଆ ଭିତରେ ବୁଢା ବୁଢ଼ୀ
ବୁଢ଼ା କହିଲା ତୁ ଥା ମୁଁ ତାଟି ଫିଟାଏ
ବୁଢ଼ୀ କହିଲା ତୁ ଥା ମୁଁ ଦେଖି ଆସେ
ଏମିତି ଚାଲିଲା କଥା, କିଛି ବାଟ ଫିଟିଲାନି
ବାଘଟା ଶୁଣି ପାରିଲାନା କ'ଣ
କହିଲା ଏ ବୟସରେ ତୁମ କଲିଜା କୋଉ ଭଲ ଥିବ
ରକ୍ତ କୋଉ ତାଜାଥିବ
ତୁମର ଯେଉଁ ବଉଳା ଗାଈଟା ଅଛି
ତାକୁ ଦିଅ, ଆଜିର ମୋ ମଣୋହି ହେଇଯିବ।

ISSN NO.
2582-208X

ସାହସ ସଞ୍ଚୟ କରି ବନ୍ଧୁକ ଧରି
ବୁଢ଼ା ତାଟି ଖୋଲିଲା
ବାଘକୁ ଲକ୍ଷ୍ୟକରି ଗୁଳି ଫୁଟେଇଲା
ଗୁଳି ଫୁଟିଲା ଢୁଉ, ଓଲଟି ପଡ଼ିଲା ବାଘ
ବନ୍ଧୁକଟା ଖେଳଣା ବନ୍ଧୁକ ଥିଲା
ବାଘଟା ବି ମିଛି ମିଛିକା ବାଘ ଥିଲା
ତଥାପି ତା ପରଦିନ
ସମ୍ବାଦପତ୍ରରେ ଏ ଖବରଟା
ବଡ଼ ଖବର ହୋଇ ଛପା ହୋଇଥିଲା
ବୁଢ଼ାର "ବାଘ ଶିକାର "ଶୀର୍ଷକରେ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

(ଭାଗ - ୩୬)

ମୋର ଜିଲ୍ଲା ସ୍କୁଲ ସମୟର ଅନ୍ତରଙ୍ଗ ସାଙ୍ଗ ମାନେ ବିଦାୟ ନେଲେ । ମୁଁ ସେମାନଙ୍କୁ ଛାଡ଼ି ଆସିଲି ନଈ ପର୍ଯ୍ୟନ୍ତ, ଭାରି ମନରେ । କେଜାଣି କେବେ ପୁଣି ଦେଖା ସାକ୍ଷାତ ?

ମୋର କଟକ ରେଭେନ୍ସା କଲେଜରେ ଏଡମିସନ୍ ପାଇଁ ଅନୀନାନିଙ୍କ ସ୍ୱାମୀ ଅଧ୍ୟାପକ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣଙ୍କର ବହୁତ ଅବଦାନ ରହିଥିଲା। ସେ ମୋର ଫର୍ମ ମଗାଇ ଦେଇଥିଲେ ।

ମଝିରେ ନାନୀ ଓ ସେ ଆସିଥିଲେ ଗାଁକୁ ନିଜ ଗାଡ଼ି ନେଇ । ମୋର ଫର୍ମ ନେଇ ଓ ମୋତେ ସାକ୍ଷାତ କରିବା ପାଇଁ। ଅନୀନାନି ମୋତେ ଏତେ ଯୋରର ଭିଡ଼ି ଧରିଲେ ଯେ ମୁଁ ଲାଜେଇ ଗଲି । ଆଉ ତ ଛୋଟଛୁଆ ନଥିଲି ନା ।

- କି ନାଇଁ କରଲୁ ରେ ଭାଇ । ଆଉ ନାମ୍ କର୍ । ଆଉ ଉନ୍ନତି କର୍ । ଆମର୍ ଗାଁର୍ ନାମଟା ସମସ୍ତେ ଜାଣଲେ ତୋର୍ ପାଇଁ ।

- ନାନି ତୁମ୍ଭେ ଭି ତ କିଛି କମ୍ ନାଇଁ ଗୋ । ବହିଟା ଛାପା ସରଲା ନା ନାଇଁ ?

ISSN NO.
2582-208X

- ସରବାର୍ ସରବାର୍ ହେଉଛି ରେ ଭାଇ ।

ନାନୀ ଭି ଚାଲିଗଲେ ।

ବର୍ତ୍ତମାନ କଟକ ଗସ୍ତ । ତାର ଯୋଗାଡ଼୍ । ନାନୀ ମାଆର୍ ହାତରେ ଯୋର୍ ଜବରଦସ୍ତି ଧରେଇ ଯାଇଥିଲେ ପାଁଶ ଟଙ୍କା ନିଜର କିରା ଦେଇ ।

- ଅଭିଟା କି ମୋର୍ ଭାଇ ନାଇଁ କି ଗୋ ଖୁଡ଼ୀ । ତାର୍ ନିଜର୍ ନାନୀ ଯଦି ଥାଇତା ନାଇଁ ଦେଇତା କି ?

ପାଁଶ ଟଙ୍କା ସେତେବେଳେ କୁବେରର ଭଣ୍ଡାର ।

ଚାହୁଁ ଚାହୁଁ ଆସିଗଲା ମୋର ବିଦାୟର ଦିନ । ଏକା ସାଙ୍ଗରେ ମୋର ଏଡମିସନ୍ କରି ମୋତେ ଛାଡ଼ି ଆସିବାର୍ ଥିଲା ଗଣିଆ ଭାଇଙ୍କର । ବାପା ଯାଇ ନଥିଲେ ।

ଧାରା ଶ୍ରାବଣ ନଗେଇ ରଖିଥାଏ । ଆଜି କାଲି ତ ସେମିତି ନଗାଣ ବର୍ଷା ନାହିଁ । ନଈର ପାଣି ଅସମ୍ଭବ ଭାବରେ ଫୁଲି ଉଠି ଥାଏ । ନଈ, ନାଳ, ବନ୍ଧ, ପୋଖରୀ ସବୁ ପାଣିରେ ଭର୍ତ୍ତି । କୂଅ ମାନଙ୍କରେ ଉଛୁଳଛୁଳ ପାଣି । ଦଉଡ଼ି ଆବଶ୍ୟକ ହେଉ ନଥାଏ । ବାଲ୍ଟିରେ ହାତ ବଢ଼ାଇ ପାଣି ଆଣି ହୁଏ । ଘର ଦ୍ୱାର ସନ୍ତସନ୍ତିଆ, ଦାଣ୍ଡ ବାଟ ପଚପଚିଆ । ଲୁଗା ପଟା ନ ଶୁଖି ଛତି ମାରି ଯାଏ । ଅଧିକାଂଶ ଦିନ ସୂର୍ଯ୍ୟଙ୍କର ଦର୍ଶନ ମିଳେ ନାହିଁ । ରଙ୍ଗୀ ଖୁଡ଼ୀ ପରି ସୂର୍ଯ୍ୟ ଉପାସନା କରୁଥିବା ସ୍ତ୍ରୀ ଲୋକ ମାନେ ତୁଣ୍ଡରେ ପାଣି ଦେଇ ପାରନ୍ତି ନାହିଁ ଦୁଇଦିନ ତିନିଦିନ ନାଗି । ଛୋଟବେଳେ ଆମେ ଛୁଆମାନେ ଉଣ୍ଡି ଥାଉଁ ଆକାଶକୁ । ସୂର୍ଯ୍ୟ ବାଦଲ ଫାଙ୍କରୁ ମୁହଁ କାଢ଼ିଲେ ରଡ଼ି ଛାଡୁ, - ଏ ଖୁଡ଼ୀ, ଏ ଖୁଡ଼ୀ, ଚାଣ୍ଡେ ଆସ ଗୋ, ସୂର୍ଯ୍ୟ ମାହାପ୍ରୁ ବାହାରିଲେ ନି ।

ISSN NO.
2582-208X

ଖୁଡ଼ୀ ହରବର ହେଇ ଆସୁ ଆସୁ ସୂର୍ଯ୍ୟ ଦେବ୍ ତା ପୁଣି ବାଦଲ ଭିତରକୁ ଛୁ ମାରନ୍ତି। ଖୁଡ଼ୀ ନିରାଶ ହେଇ ଯାଆନ୍ତି।

ମାଆ ଏବେ କୁହେ ଖୁଡ଼ୀକୁ, - ଏଏଗୋ ସାନବୋହୁ, ଦେ ନା ଛାଡ଼୍ ଏତେ ଉପାସ ବାର। କି ଭଲ୍ ଟା ହେଲା ଯେ ତୋର୍? ନା କୋଡ଼ରେ ଛୁଆଖଣ୍ଡେ ହେଲା, ନା କାଚ ସିନ୍ଦୁର ରହିଲା । ବେମାରୀ ନାଇଁ ଡାକ୍ ଆଉ ।

- ନାନୀ ଗୋ, ମୋର ଅଭି ପାଇଁ ଏଗା ସବୁ କରୁଛେଇଁ, ହେଲା । ସିଏ ତ ମୋର୍ ଭି ପୁଅ ନା।

ଖୁଡ଼ୀ ଆଗରୁ ଯେତିକି ଭଲ ପାଉଥିଲେ, ସାଙ୍ଗରେ ରହିଲା ପରେ ଆହୁରି ମୋହ ବଢ଼ିଲା ତାଙ୍କର ମୋ ପ୍ରତି। ଯେତେକ ହୋଷ୍ଟେଲ୍ ନେବା ଜଳଖିଆ ସେ ତିଆରି କରନ୍ତି ଯତ୍ନରେ। ଭୁଜା ନଡୁ, ଖଇ ମୁଆଁ, ଚୁଡା ହୁଡୁମ, ନଡ଼ିଆ କୋରା ଆଉ ହଁ ଏବେ ନୁଆ ନୁଆ ନାନୀ ଶିଖେଇ ଯାଇଛନ୍ତି କାଠି ନିମକି।

ବର୍ଷା ବର୍ଣ୍ଣନା ଚାଲିଥିଲା ପର।। ଗଛ ପତ୍ର ବିଲବାଦୀ ସବୁ ଚକଚକିଆ ଶାଗୁଆ ଛନଛନିଆ। ଯାହାର ଧାନବିଲରେ ପାଣି ଭରିଯାଏ ତାର ମନ ଭାରି ବିରସ। ନଗାଣ ବର୍ଷା ରୋକିବା ପାଇଁ ଠିକ କରାଯାଏ। ନଙ୍ଗଳା ନାବାଳକ ପୁଅ ଛୁଆ ମାନେ ତୁଳସୀ ଚଉଁରାରେ ଜାଲଚଟୁ ଗାଡ଼ି ଦିଅନ୍ତି। ମୁଁ ମଧ୍ୟ ଏମିତି କରିଛି ଆଗରୁ। ପ୍ରାୟ ଏହି ଠିକ କାମ କରିବାର ମୁଁ ଜାଣିଛି। ସରଳ ଜୀବନର ସରଳ ବିଶ୍ୱାସ । ବିଶ୍ୱାସରେ ଭଗବାନ।

ଚଢେଇ ମାନେ ମଧ୍ୟ ଏମିତି ବର୍ଷାରେ ଆଧାର ଖୋଜିବା ପାଇଁ ବସାରୁ କମ୍ ବାହାରନ୍ତି । ଆମର ଗଞ୍ଜା କୁକୁଡ଼ା ଭାଡ଼ି ଭିତରେ କକ୍ କକ୍ ହେଉଥାଏ। ଚିଆଁ ଯଦି ଥାଆନ୍ତି ତାଙ୍କ ମାଆର ଡେଣା ତଳୁ ଭୁଲୁକ୍ ଭୁଲୁକ୍ ଦେଖୁଥାନ୍ତି ପ୍ରକୃତିର ଅପୂର୍ବ ଲୀଳା । ଆମ ପୁଷି ବିଲେଇ ଚୁଲିମୁଣ୍ଡ ଛାଡ଼ି ଅଙ୍କେ ନାହିଁ ଆଉ କୁଆଡ଼େ ।

ISSN NO.
2582-208X

ମାଆ ଖୁଡ଼ୀ ତାକୁ ଖେଦୁ ଥାଆନ୍ତି ।- ଛିକ୍, ଛିକ୍ ଲୋ।

ସେ ତାର ନ ଶୁଣିଲେ ଗଲା । ମାଆ ଡାକ ଛାଡେ, - ଏ ଅଭି, ଏଟାକୁ ନେଏ ନା ଏଠୁ । କିଛି କରତେ ଦେଇ ମରୁଛି ନାଇଁ। ମୁଁ ତାକୁ ଆଣି ଢେଙ୍କିଶାଳ ଧାନଉଁଷା ଚୁଲୀ ପାଖରେ ଶୋଇ ପକାଏ। ସେଇଠି ବସି ଗୁଣୁଗୁଣୁ ହେଇ ବହି ପଢେ। ସେ ସତେ କି ସବୁ ଶୁଣୁଥାଏ।

ମୁଁ ଏମାନଙ୍କୁ ସମସ୍ତଙ୍କୁ ଛାଡ଼ି ଯିବି ଭାବିଲା ବେଳକୁ ଛାତି ଧସ୍ କରି ଉଠୁଥାଏ। ମାଆ ଖୁଡ଼ୀ ପାଖରେ ବସି ସେମାନଙ୍କ ମୁହଁକୁ ଅନେଇ ଥାଏ ।

- କି ହେଲାରେ, ଏକନାଗ୍ କିଟା ନିହିରିଛୁ ?

- କିଛି ନାଇଁ।

ମୁଁ ମୁହଁ ଫେରାଏ।

ବାପାଙ୍କ ଗୋଡ଼ରେ ଟିକେ ରେସୁଣ ତେଲ ନଗଉ ନଗାଉ ତାଙ୍କ ଚେଇଁ ଶୋଇଲା ମୁହଁକୁ ଦେଖେ । ବାପା ଚାହିଁଦେଲେ ଆଖି ଫେରାଏ। ଲୁହଟା କିନ୍ତୁ ଦେଖି ଦିଅନ୍ତି ବାପା।

ପୁଣି ସେଇ ଶୀରାଳ ହାତର  ନୀରବ ଆଉ ନରମ ଆଉଁସା। ଆଖି ଭିତରେ କେତେ କଥା, କେତେ ଉପଦେଶ, କେତେ ଆଶ୍ୱାସନା।

ତା ପରଦିନ ସକାଳଟା ସକାଳ ପରି ନ ଲାଗି ରାତି ପରି ଲାଗୁଥାଏ। ରାତିସାରା ଛଟପଟ ହେଉଥାଏ। ବାପା ପାଖରୁ ମାଆ ପାଖକୁ ଯାଏ। ମାଆର ଦେହ ଥରୁଥାଏ। ମୁଁ ଜାଣିପାରେ ମାଆ କାନ୍ଦୁଛି। ମୁଁ ତା ଦେହରେ ହାତ ମାରେ। ମୋ ଆଖିରୁ ଆଉ ଲୁହ ବାହାରିବା ନିଷିଦ୍ଧ।

ISSN NO.
2582-208X

ବଡ଼ ହେଇ ଗଲିଣି। ଲୁହର ବନ୍ୟାରେ ବନ୍ଧ ବାନ୍ଧିବା, ଆଡ଼ି ବନେଇବା ଶିଖି ଗଲିଣି। ଭିତର ଭାବ ପ୍ରବଣତାକୁ ସେହି କଲିଜା ଭିତରେ କବର ଦେବା ଶିଖି ଗଲିଣି । ବାପା ପରି ଠକିବା ଜାଣି ଗଲିଣି।

ମାଆ ମୋର ସ୍ୱର୍ଶ ବାରି ଉଠି ପଡେ। କବ୍ତା ଆସି ଡାକେ,

ଉଠ୍ ପୁଟୁର୍....
ଉଠ୍ ପୁଟୁର୍....

ବର୍ଷା, ଝଡ଼ି, ହୁଳ, ପବନ, ଶୀତ, କାକର କିଛି ଅଟକେଇ ପାରେ ନାହିଁ କବ୍ତାକୁ।

ମୁଁ ଉଠି ପଡେ । ମାଆ, ବାପା, ଖୁଡ଼ୀ ସମସ୍ତେ ଉଠି ମୋତେ ବିଦାୟ କରିବାର ଆୟୋଜନରେ ଲାଗି ପଡ଼ନ୍ତି। ଆମର ଜିଲ୍ଲା ସ୍କୁଲ ପାଖରୁ ଗୋଟିଏ ବସ୍ ଯାଏ ଚାଇଁବସା, ସେଇଠୁ ସଞ୍ଜବେଳେ ଗୋଟାଏ ବସ୍ ଯାଏ କଟକ। ସେତେବେଳେ ବସ୍ କମ୍ପାନୀ ଛତୁ ଫୁଟିଲା ପରି ହାଉଯାଉ ହେଉ ନଥିଲେ । ଗୋଟିଏ ସରକାରୀ ବସ୍ ଥିଲା। ସେଟା ଫେଲ୍ ହେଲେ ସରିଲା। ଆମେ ଘରୁ ଭାତଖାଇ ଖରାବେଳେ ଯିବାର କଥା ଥିଲା।

ମୁଁ ଦାଣ୍ଡ ଦୁଆରେ ବସିଲି। ବାପା ଆସି ପାଖରେ ବସିଲେ। ଦୁହେଁ ନୀରବ । ପରସ୍ପରର ନିର୍ବାକ୍ ଭାଷାକୁ ଅନୁଭବୁ ଥାଉଁ ଆମେ। ଦାଣ୍ଡରେ ତାଳପତ୍ର ଛତାଟାଏ ଧରି ସାଇଁ ମଉସା ଗାଇ ଗାଇ ଯାଉଥାନ୍ତି ପଦେ ଗୀତ,

ଧାରା ଶିରାବଣ ମାସ
ବିଲରେ ସବୁଜ ଘାସ
ନଈ ନାଳ ବନ୍ଧ ପାଣି ଗୋଳିଆ
ଚଷା ଭାଇ ନୁଗା ଦିଶେ ମଳିଆ।

ବାପା ତୁଣ୍ଡ ଫିଟାନ୍ତି।

ISSN NO.
2582-208X

- ବାପାରେ, ଜିଜ୍ଞାସା, ଜିଗୀସା, ଅନୁସନ୍ଧିତ୍ସା ଆଉ ଜ୍ଞାନ ପିପାସା ସଫଳତାର୍ ମୂଳ ମନ୍ତ୍ର। ଏଇ ଚାରଟା ଶବ୍ଦକୁ ଅନୁକରଣ କରି ଯା । ତାର୍ ପରରେ ଭାଗ୍ୟ ଆଉ ଭଗବାନ୍। ଘରେ ଭଲମନ୍ଦ୍ ଶିଖେଇତେ ଆମେ ମାଆ ବାପା, ବିବେକା ଭାଇ, ଗଣିଆ ସମସ୍ତେ ଥିନୁ। ସ୍କୁଲ୍ ରେ ଭି ଆକଟ୍ ରେ ରହିଥିଲୁ। ଏନାଗି କଲେଜ୍ ଜୀବନର୍ ଉଶୃଙ୍ଖଳ ହାବା ପାଣିରେ ନିଜେ ନିଜ୍ କୁ ଆକଟ୍ କରବୁ । ଜାଣିଛୁ ? କଟକ ଗୁଟେଇ ସେନା ଛାଉଣୀ ଥିଲା। ସେହି କଟକ୍ ରେ ନିଜକୁ ଅଟକ୍ ରଖିବୁ ଭୁଲ୍ ବାଟ୍ ରେ ନାଇଁ ଯାଇତେ। ସୈନ୍ୟ ରକମ୍ ଜଗବୁ ନିଜର ଚରିତ୍ରଟାକୁ । ତାର୍ ପରେ ସବୁବେଳେ ମୋର ଗୁଟେଇ କଥା, ଜୀବନ୍ ଟା ବେଡେ ସରଳ୍। ଜଟିଳ୍ ଆମେ ନିଜେ କରୁଥାଇଁ।

ପେଡ଼ି, ବାକସା, ବୁଜଳା ସବୁ ରେଡ଼ି ହେଇଗଲା। ବିବେକା ମାଷ୍ଟରକୁ ଦେଖା କରିବାକୁ ଗଲି । ତାଙ୍କର ଅଣ୍ଠା ବାତ ବାହାରି ଥାଏ ମେଘପାଣି ପାଇଁ । ଉଠି ବସି ପାରୁ ନଥାନ୍ତି । ନହେଲେ ସେ ନିଜେ ଆସିଥାନ୍ତେ।

ମୋର୍ ଆଖି ଜକେଇ ଆସେ ତାଙ୍କ ପରି ଚଳ ଚଞ୍ଚଳ ମଣିଷଟାକୁ ବିଛଣାରେ ଦେଖି। ବହିର ବାସ୍ନା ବଦଳରେ ରେସୁଣ ତେଲ, ଆୟୋଡେକ୍ସ ମଲମର ବାସ୍ନା ଆବରି ରଖିଥାଏ କୋଠରୀଟାକୁ। ଖଟତଳେ ଗୋଟେ ନିଆଁ ଉମ୍ଫେଇ ଦହକୁ ଥାଏ କୋଠରୀକୁ ଉଷୁମ ରଖିବା ପାଇଁ। ମୁଁ ବିକଳ ହେଇ ଭାବୁଥାଏ, ମୁଁ ଡାକ୍ତର ହେଲେ ଭଲ ହେବ। ଗାଁରେ ଲୋକେ ଏମତି ଉଷଦକଷା ବିନା ରୋଗ ବାଲାଇରେ ହନ୍ତ୍ ସନ୍ତ୍ ହେବେ ନାଇଁ। ସେ ତ ଅନ୍ତର୍ଯ୍ୟାମୀ ପରି ମୋ ମନତଳେ ଚାଲିଥିବା ବିଚାରଧାରାକୁ ସହଜରେ ଅନୁମାନ କରି ନିଅନ୍ତି।

ଅଭି, ଏତେ ଭି ଦୁଃଖି ହେ ନାଇଁ ରେ । ଦେହ ଅଛି ତ ରୋଗ ଅଛି। ଜୀବନ୍ ର ପ୍ରକ୍ରିୟା ଭିତରେ ଏଗା ସବୁ ଗୁଳେଇ ଗତିମାନ୍ ଛବି । ରଜା ବିକ୍ରମାଦିତ୍ୟର୍ ପିଠିକୁ ଆବଡ଼ି ବସିଥିବାର୍ ବେତାଳ୍ ରକମ୍ । ଆମକୁ ଏଗାକୁ ବୁହିତେ ନି ପଡ଼ବ । ଏଗା ଭି ଗୁଟେଇ ଗୁଟେଇ ପରୀକ୍ଷା। ଏସବୁ ପାଇଁ ଜୀବନଟା ବେକାର୍ ବୋଲି ମନରେ ଭାବନା ରହିଲେ

ISSN NO.
2582-208X

ବଞ୍ଚିବାର୍ ଆଗ୍ରହ କମବ, କର୍ମର୍ ସ୍ପୃହା ରହିବ ନାଇଁ। ଉତ୍ସାହ କମିଯିବ । ଯାହା ଭି ହେଇଯାଉ ମୁହୂର୍ତ୍ତ ମାନଙ୍କୁ ସଫଳ ଭାବରେ ଜିଇଁବାରଟା ନି , ବଞ୍ଚିବାର ଗୁଟେଇ କଳା । ଜୀବନଟା ପୂର୍ବ ନିର୍ଦ୍ଧାରିତ୍ । ଜନମରୁ ମରଣ୍ ଯାଇଁ, ଯାହାକୁ ଅତିକ୍ରମ୍ କରବାରଟା ବାଧ୍ୟତାମୂଳକ୍ । ଆମେ ଏଡ଼େଇ ଯାଇ ପାରବା ନାଇଁ । ଦୁଃଖର୍ ବୋଝକୁ ମୁଣ୍ଡେଇ ଥିବା, ସୁଖ ପଛରେ ଧାଇଁଥିବା । ଆଉ ଅଲଗା ଚାରା ଭି ତ ନାଇଁନି।

ଏତେ ଜୀବନ ଦର୍ଶନ । ଏତେ ଶରୀର ବେଦନା ଭିତରେ ଥାଇ ବି ମାଷ୍ଟରଙ୍କ ମୁହଁକୁ ପ୍ରଫୁଲ୍ଲତା ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗେ।

- ଭଲ୍ ନି ହେଲା, ଅନି ଏଇ ବହିଗା ଦେଇକିରି ଯାଇଛି । ବେଳ ନାଇଁ ହେଉଥିଲା । ଏଇ ବିଛଣାରେ ଶୁଇ ଶୁଇ ଦିନକୁ ଦୁଇଟା ନେଖା ପଢ଼ି ଦେଉଛେଇଁ। ଜୀବନ୍ ଯିବାର୍ ଆଗରୁ ଏଗା ସବୁ ପଢ଼ି ନାଇଁ ଦେଲେ ଅଫଶୋଷ୍ ରହିଯିବ । ହା ହା ହା।

ମନଖୋଲା ହସଟିଏ ବହୁତ କମ୍ ଦେଖିବାକୁ ମିଳେ ତାଙ୍କ ମୁହଁରେ। ବେତାଳିଆ ଲାଗେ । ଜୀବନର ଶେଷ ପାହାଚକୁ ଫାଙ୍କି ଦେବାର ପୂର୍ବାଭ୍ୟାସଟିଏ କି ଆଉ । ଶିହରି ଯାଏ ମୁଁ ।

କିନ୍ତୁ ସତରେ, କି ସକାରାତ୍ମକ ବ୍ୟକ୍ତିତ୍ୱ! ବିପରୀତ ପରିସ୍ଥିତିକୁ ମଧ୍ୟ ନିୟନ୍ତ୍ରଣ କରିବାର କି ଅଦ୍ଭୁତ ଶକ୍ତି! ଅମାବସ୍ୟାରେ ଆଲୋକର ସନ୍ଧାନ । ଜହ୍ନ ନଥିଲେ ତାରାମାନେ ତ ଅଛନ୍ତି।

ମାଆ ଓ ଖୁଡ଼ୀ ଆଖି ଲୁହ ଆଖିରେ ରଖି ବଳେଇ ବଳେଇ ଖୁଆଇଲେ। ଗଣିଆ ଭାଇ ଆସି ଯାଇଥିଲେ। ଗଣିଆ ଭାଇଙ୍କ ସହିତ ମୁଁ ଚାଲିଲି ଜ୍ଞାନର ସନ୍ଧାନରେ, ଜୀବନର ସନ୍ଧାନରେ।

ISSN NO.
2582-208X

ବର୍ଷା କମି ଆସିଥାଏ, ଖରା ଧାପେ ପଡ଼ିଥାଏ ପିଣ୍ଡାରେ। ସେହି ମଳାଏ ଖରାରେ ପୁଷି ଓ କାଳୁ ଉଭୟେ ବସି ଅନେଇଥାନ୍ତି ମୋତେ। ବିକଳିଆ ଚାହାଣୀରେ। ମାଆ, ଖୁଡ଼ୀ, ବାପା, ସାଇଁ ମାଉସୀ, ସମସ୍ତଙ୍କ ଚାହାଣୀ ସେହି ଏକାପରି ଦେଖା ଯାଉଥାଏ। କେହି ଜଣେ ବି ସାଙ୍ଗ ବିଦା କରିବାକୁ ଆସି ନଥାନ୍ତି । ଚିତ୍ତ ଆସିଥାନ୍ତା କିନ୍ତୁ ଦଳ କାମରେ କୁଆଡ଼େ ଯାଇଥାଏ ଦୁଇ ଦିନ ତଳେ। ଆଉ ସମସ୍ତେ ହୀନମନ୍ୟତାର ଶୀକାର।

ଖରା ଆଉଟିକେ ତେଜ ହେଇଯାଏ।ସାମନାରେ ବଉଦ ତଳୁ ଇନ୍ଦ୍ରଧନୁଟିଏ ନିଜର ସତରଙ୍ଗୀ ଛଟା ମେଲି ମୁହଁ ଦେଖଉଥାଏ । ଅଳ୍ପ ଅଳ୍ପ ଗୁଣ୍ଡି (କୁଣ୍ଡା) ଝାଡୁଥାଏ । ବର୍ଷା ଛାଡ଼ି ଯାଇଥିବାରୁ କୁନି କୁନି ପିଲାମାନେ ଦାଣ୍ଡକୁ ବାହାରି ଧାଁ ଧପଡ଼ କରୁଥାନ୍ତି। ମନ ଖୁସିରେ ଗୀତ ମେଲିଥାନ୍ତି।

ଖରା ଦେଉଛି, ବର୍ଷା ହେଉଛି
ଭୁଣ୍ଡା ଶିଆଳ ବାହା ହେଉଛି।

ଛତା ଥାଏ ଆମ ପାଖରେ। ବାପା ମଧ୍ୟ ଆମ ଜିଲ୍ଲା ସ୍କୁଲ୍ ପାଖକୁ ଆସନ୍ତି। ମାଆ ଧିରେ ଧିରେ ଦୂରେଇ ଯାଉଥାଏ। ମୁଁ ଆଗେଇ ଯାଉଥାଏ। ବାପା ସେହିପରି ମୋର ହାତକୁ ଧରିଥାନ୍ତି ବସ ରେ ବସିଥିଲା ବେଳେ ଝରକା ଦେଇ ।

ବସ୍ ଛାଡ଼ି ଦେଲା, ବାପା ମଧ୍ୟ ଦୂରେଇ ଗଲେ। ମୁଁ ପଛକୁ ଦେଖୁଥାଏ ଯେଉଁ ତକାତ ନଜର ଯାଏ। ବାପା ଲୁଚି ଯାଆନ୍ତି । ମୁଁ ମୁହଁ ଫେରାଏ।

ଚାଇଁବସାରୁ କଟକ ବସ୍ ନେଇ ଆମର ଯାତ୍ରା ଆରମ୍ଭ ହୁଏ କଟକ ଅଭିମୁଖେ। ଗାଡ଼ି ଆଗକୁ ଯାଉଥାଏ, ମନ ପଛକୁ ଫେରୁଥାଏ। ଗଣିଆ ଭାଇ କେତେ କଣ ଉପଦେଶ

ISSN NO.
2582-208X

ଦେଉଥାନ୍ତି ମୁଁ ଶୁଣୁ ନଥାଏ। ବାପା, ମାଆ ଆଉ ଗାଁ ମୋତେ ଆଚ୍ଛନ୍ନ କରି ରଖିଥାନ୍ତି। ଗାଡ଼ିରେ ବସି ବସି କେତେବେଳେ ନିଦ ଲାଗିଯାଏ। ଗୋଟିଏ ଜାଗାରେ ରଖେ ବସ ।

ବାଲେଶ୍ୱର ବାଲେଶ୍ୱର।

ତାହେଲେ ଆମେ ଓଡ଼ିଶା ଭିତରେ ହେଇ ସାରିଲୁଣି। ମାଆ ଦେଇଥିଲା ଛେନା ଓ ରୁଟି । ସେଇ ବସ୍ ଭିତରେ ଖାଇ, ସାମନା ଚାପାକଳରୁ ପାଣି ପିଇ ଦେଇ ବସିଲୁ । ଆଉଥରେ ବସ୍ ଚାଲିଲା, କିନ୍ତୁ ମୋତେ ନିଦ ଆଉ ହେଲାନାହିଁ।

ଗାଡ଼ି ମାଡ଼ି ଚାଲିଥାଏ ଆଗକୁ ଆଗକୁ, ଗନ୍ତବ୍ୟକୁ .......

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଆସିଛି ଶ୍ରାବଣ



ମନ୍ଦାକିନୀ ପାଢ଼ୀ

ଛମ ଛମ୍ ହୋଇ ବରଷା ଆସିଲା
ମନରେ ବଢ଼ିଲା ଖୁସି
ଲାବଣ୍ୟବତୀ ଶ୍ରାବଣୀ ଏ ତିଥିରେ
ବାଣ୍ଟି ଦେଉଛି ପ୍ରୀତି ||୧||

ଆକୁଳରେ ଅନାଇ ଥିଲେ ସଭିଏଁ
ବେଙ୍ଗୁଲି ନାନୀ ଭିଜିବ
ପୁଚ୍ଛକୁ ଟେକି କେକୀ କରୁଛି ନୃତ୍ୟ
ସତେ ବିରହିଣୀ ପ୍ରାୟ ||୨||

ବାଇ ଚଢ଼େଇ ବସାରେ ରଖିଛି ତା
ଛୁଆଙ୍କୁ ଅତି ଯତନେ
ବରଷା ଛିଟା ପଡ଼ି ବନି ଶ୍ରାବଣରେ
ତା ସନ୍ତାନଙ୍କ ଉପରେ ||୩||

ଶ୍ରାବଣ ଆଗମନରେ
ଧନ୍ୟବାଦ ଦିଏ ସାଧବବୋହୁ

ISSN NO.
2582-208X

ଏଥର ପିନ୍ଧିବ ନାଲି ଶଙ୍ଖା ଶାଢ଼ୀ
ତା ଦୁଃଖ ଆଉ ନ'ରହୁ ।।୪।।

ଆସିଛି ଶ୍ରାବଣ ଚଳଚଞ୍ଚଳ ହେଲେ
ସବୁଜ ବନାନୀ ପାଇ ଜଳ
ଅଭାବରେ ଥିଲେ ଶୁଖିଲା ମାଟିରେ
କହୁଥିଲେ ଆରେ ମେଘ ।।୫।।

ଚାଷୀଭାଇ ଟିଏ ଆନନ୍ଦରେ ଆଜି
ଆତ୍ମହରା ହୁଏ ଚାଷ ପାଇଁ
ବରଷକ ଯାକ ପରିଶ୍ରମର ଫଳ
ପାଇବ ଆସିଛି ଶ୍ରାବଣୀ ।।୬।।

ରାଜନୀତି ବିଜ୍ଞାନ ଅଧାପିକା
ପଦ୍ମପୁର, ବରଗଡ଼

ISSN NO.
2582-208X


# ନୀରବ ଯାତ୍ରା ପଥ



ପ୍ରଦୀପ କୁମାର ସିଂହଦେଓ

ଚାଲ ମୋ ସହିତ
ସାଥି ହୋଇ କିଛି ବାଟ ଆଗକୁ
ତୁମର ବାଟ ସରିଗଲେ
ଚାଲିଯିବ ନିଜ ସ୍ଥାନକୁ,
ଯେମିତି ଅନେକ ସାଥୀ
ଯାଇଛନ୍ତି ନିଜ ବାଟରେ ।
ମୋ ସହିତ ତାଙ୍କର ଯାତ୍ରା
ସେତିକି ହିଁ ଥିଲ ବୋଧହୁଏ ।
ଠିକ୍ ସେପରି ତୁମେ ମଧ୍ୟ ଯିବ
ସମସ୍ତଙ୍କୁ ମୋର ଧନ୍ୟବାଦ ।
ସମସ୍ତଙ୍କର ସ୍ମୃତିକୁ ସାଇତି
ଧରି ରଖିଛି ହୃଦୟ ମଝିରେ ।
ମୋର ଯାତ୍ରା ପଥ ସରିନାହିଁ ।
ତୁମେ ଗଲା ପରେ
ପୁଣି ଏକ ନୂତନ ସହଯାତ୍ରୀ
ହୁଏତ ଆସି ମିଳିଯିବ
ସେ ମୋତେ କିଛି ପଥ

ISSN NO.
2582-208X

କଢେଇ ନେବ ଆଗକୁ ।
ଚାଲିବାଟା ହିଁ ମୋର ବିଧି ନିର୍ଦ୍ଦେଶ
କାହାରି ପ୍ରତି ମୋର ଅଭିମାନ ନାହିଁ
ଜାଣିଛି ଭଲ ଭାବରେ
ମୋତେ ଏକୁଟିଆ ହିଁ ଯିବାକୁ ହେବ
ପଥ ଛାଲୁ ଚାଲୁ ଶେଷ ପ୍ରାନ୍ତ ଉପନୀତ
ବୋଧହୁଏ ଏହା ପରେ ଆଉ ବାଟ ନାହିଁ
ତା ପରେ ଘନ ଅନ୍ଧାର
ସମସ୍ତଙ୍କୁ ଚିର ନିଦ୍ରାରେ
ଆଶ୍ରୟ ଦେବା ପାଇଁ ଦଣ୍ଡାୟମାନ
ପଥଶ୍ରାନ୍ତ ପଥଚାରୀର
ଶେଷ ବିଶ୍ରାମ ସ୍ଥଳୀ ।

ଗ୍ରାମ-ଇଗ୍ନ
ଷଢେଇକଳା ଖରସୁଆଁ,ଝାଡଖଣ୍ଡ
ମୋ: ୮୦୮୪୪୫୯୨୦୯

ISSN NO.
2582-208X

# ଏମିତି ଠାକୁର ଜଗତେ ନାହିଁ



ସଂଘମିତ୍ରା ଦାଶ

ଏମିତି ଠାକୁର ଜଗତେ ନାହିଁ
ଦଶ ଦିଗେ ଖୋଜି ଆସିଲି ଯାଇ
କାହିଁ ନ ଦେଖିଲି କାଳିଆ ପରି
ଭାଇ ଭଉଣୀ ସହ ଯାତ କରଇ ।୧ ।
ଖୁଦ ଭଜା ରେ ତା ମନ ଭରଇ
ବାଲି ରଥରେ ବସିଛି ଯାଇ
ନଡିଆ ନେଇଛି ଭକତ ହାତୁ
ହୀନ ଭାବନା ତା ମନରେ ନାହିଁ ।୨ ।
ନାହିଁ ହାତ ନାହିଁ ପାଦ ତାହାର
ତଥାପି କାଳିଆ ଭାରି ସୁନ୍ଦର
ନୟନେ ଦୁଇଟି କି ମନୋହର
ଯାଚିଣ ଦିଅଇ କୃପା ତାହାର ।୩ ।
ରଥାରୂଢ ବେଶ ଯିଏ ପାଇଛି
ଦୁନିଆକୁ ସିଏ ଭୁଲି ଯାଇଛି
ରଥ ଦଉଡି ତା ହାତେ ବାଜିବ
ଜୟ ଜଗନ୍ନାଥ ଯିଏ କହିବ ।୪ ।

ଶିକ୍ଷୟିତ୍ରୀ,ମହୁଲପାଳ,
ଭୁବନ ଢେଙ୍କାନାଳ

ISSN NO.
2582-208X

# ମିଡ଼ିଲ କ୍ଲାସ



ସୁଧାଂଶୁ ଶେଖର ଦ୍ୱିବେଦୀ

ମିଡ଼ିଲ କ୍ଲାସ ହୋଇ ଜନ୍ମ ହେବା କୌଣସି ବରଦାନଠାରୁ କମ୍ ନୁହେଁ। ଏମାନେ କେବେ କୌଣସି ଦିନ ବୋରିଂ ଫିଲ କରନ୍ତି ନାହିଁ।ଜୀବନସାରା କିଛି ନା କିଛି କାର୍ଯ୍ୟ କରି ଚାଲିଥାନ୍ତି। କିଛି ବିପତ୍ତି ପଡିଲେ ଏଠି ସେଠି ଦୌଡା ଦୌଡ଼ି କରି ଥକି ପଡ଼ନ୍ତି ସିନା ତଥାପି ଭାଗ୍ ମିଲଖା ଭାଗ୍ ଭଳି ଦୌଡ଼ିବା ଚାଲୁ ରଖିଥାନ୍ତି। ଆଉ ଘର ପରିବାରରେ ଯୋଗଦାନ ପାଇଁ ସତରେ ପୂରା ସମର୍ପଣର ଦାସତ୍ୱ ସ୍ୱୀକାର କରି ନିଅନ୍ତି। ବୋଧେ ଏଇଥିପାଇଁ ମିଡିଲ କ୍ଲାସଙ୍କର ସ୍ଥିତି ସବୁ ପରିସ୍ଥିତିରେ ବଦଳିଯାଏ। ନା ସେମାନଙ୍କୁ ତୈମୁର (କରିନା ଓ ସୈଫଙ୍କ ପୁଅ) ଭଳି ପିଲାଦିନ ମିଳେ ନା ଅନୁପ ଜୋଲଟାଙ୍କ ଭଳି ବୃଦ୍ଧାବସ୍ଥା!! ବାସ! ନିଜ ନିଜ ପରିସ୍ଥିତି ଭିତରେ ସ୍ଥିତିକୁ ଆସିବା ଲାଗି ପ୍ରୟାସ ଜାରି ରଖିଥାନ୍ତି।

କଥା କଣ କି ମିଡ଼ିଲ କ୍ଲାସ ହେବା ନିଜ ପାଇଁ ଅତ୍ୟନ୍ତ ହିତକର । ବି ଏମ ଡ଼ବ୍ଲ୍ୟୁର ଦାମ ବଢୁ କି ଅଡ଼ି କାରର ଦାମ ବଢୁ କି ନୂଆ ଆଇ ଫୋନ୍ ଲଞ୍ଚ ହେଉ ସେଥିରେ ମିଡିଲ କ୍ଲାସ ଲୋକଙ୍କର ଯାଏ କେତେ ନା ଆସେ କେତେ! ସେମାନଙ୍କର ଅଧା ଜୀବନ ଝଡୁଥିବା ଚୁଳ ଓ ବଢୁଥିବା ପେଟକୁ ରୋକିବାରେ ବ୍ୟତୀତ ହୋଇଯାଏ। ମିଡ଼ିଲ କ୍ଲାସ ଲୋକଙ୍କ ଘରେ ପନିର ତରକାରୀ ସେଇଦିନ ହୁଏ ଯେଉଁଦିନ ଭୁଲରେ କ୍ଷୀର ଫାଟିଯାଏ। ମିକ୍ସ ତରକାରୀ

ISSN NO.
2582-208X

ସେଇଦିନ ହୁଏ ଯେଉଁଦିନ ରାତିରେ ତରକାରୀ ବଳକା ରହିଯାଇଥାଏ। କୋଲ୍ଡ ଡ୍ରିଂକ୍ସ ଘରକୁ ଆସିବା ତ ଦୂରର କଥା କିନ୍ତୁ ଯେଉଁଦିନ ଅତିଥି କି ଅଭ୍ୟାଗତ ଆସନ୍ତି କୋଲ୍ଡ ଡ୍ରିଂକ୍ସ କଥା ଭାରି ମନେପଡେ। ଲୁଗାର ବିଭିନ୍ନ ପ୍ରକାର ଡିଜାଇନ ଥିଲା ଭଳି ମିଡ଼ିଲ କ୍ଲାସ ଲୋକଙ୍କର ଚାଉଳ ବି ତିନି ପ୍ରକାର ହୋଇଥାଏ। ଏକରେ ଡେଲି, ଦୁଇରେ କାଜୁଆଲ ଏବଂ ତିନିରେ ପାର୍ଟି ଫଙ୍କସନରେ ବ୍ୟବହୃତ ଚାଉଳ। ଗରମ ଚା' ଛାଙ୍କିରେ ଛାଙ୍କିଲା ବେଳେ ଚା' ପତିକୁ ଚାମଚ ହେଉ କି  ଶଂଢୁଆସିରେ ଚାପି ଅନ୍ତିମ ଠୋପା ବାହାରିବା ଯାଏ ମିଡ଼ିଲ କ୍ଲାସ ଲୋକଙ୍କୁ ପରମ ସୁଖର ଅନୁଭୂତି ମିଳେ। ଏମାନେ ବଡ଼ ବଡ଼ିଆଙ୍କ ଭଳି କେବେବି ରୁମ୍ ଫ୍ରେସନର ବ୍ୟବହାର କରନ୍ତି ନାହିଁ, ସିଧା ଶସ୍ତା ଧୂପ କାଠି ଜଳେଇ ତା' ସୁଗନ୍ଧକୁ ମନଭରି ଆଘ୍ରାଣ କରନ୍ତି।

ମିଡିଲ କ୍ଲାସ ଲୋକଙ୍କ ଘରେ ଗେଟ୍ ଟୁଗେଦାର ବଦଳରେ ସତ୍ୟ ନାରାୟଣ ପାଲା, ତ୍ରିନାଥ ମେଳା, ପଞ୍ଚାନନ ମେଳା ଆଦି ଅତି ଆନନ୍ଦ ଉଲ୍ଲାସରେ ପାଳନ କରାଯାଏ। ପାଖ ପଡୋଶୀ ଆସନ୍ତି ପ୍ରସାଦ ସେବନ କରି ଘର ଲୋକଙ୍କୁ ଆଶୀର୍ବାଦ ଦେଇ ଫେରି ଯାଆନ୍ତି। ଏମାନଙ୍କର ଫେମିଲି ବଜେଟ ଏତେ ଟାଇଟରେ ବନ୍ଧା ହୋଇଥାଏ ଯେ ଯଦି ଦରମା ମିଳିବା ୩୦ କି ୩୧ ତାରିଖ ବଦଳ ରେ ୧/୨ ତାରିଖ ହେଇଗଲା ତାହେଲେ ମାସସାରା ଖୁଚୁରା ପଇସା ଜମା କରି ରଖିଥିବା ଗୁଟି ଭାଙ୍ଗିବାକୁ ବାଧ୍ୟ ହୁଅନ୍ତି। ଏମାନଙ୍କର ଜୀବନ ଜିନିଷ ପତ୍ରର ଦର ଦାମ୍ ଶୁଣି ଶୁଣି ବିତିଯାଏ ହେଲେ ଦାମିକା ଜିନିଷ କିଣିବା ପାଇଁ ମନର ବଳ ସକ୍ଷମ ହୋଇପାରେ ନାହିଁ। ସେମିତି ସେମାନଙ୍କ ଭୋକ ମଧ୍ୟ ହୋଟେଲର ରେଟ୍ ଉପରେ ନିର୍ଭର କରେ। ସମ୍ଭବତଃ ବଡ଼ ବଡ଼ ହୋଟେଲରେ ମିଡିଲ କ୍ଲାସ ଲୋକମାନେ ମେନୁ ବୁକରେ ଫୁଡ୍ ଆଇଟମ୍ ନୁହେଁ ବରଂ ନିଜର ସାମର୍ଥ୍ୟକୁ ଅଣ୍ଡାଳି ଅଣ୍ଡାଳି ଶେଷରେ ଯେଉଁ ଆଇଟମ୍ ସବୁଠୁ ଶସ୍ତା ହୋଇଥାଏ ତାହା ହିଁ ଅର୍ଡର ଦିଅନ୍ତି।

ପ୍ରେମ କରିବା, ଭଲ ପାଇବା ଏସବୁ ଧନୀଙ୍କ ଜୀବନରେ ଖୁବ ଜୋରରେ ପ୍ରଚଳିତ ହୁଏ। ମାତ୍ର ମିଡ଼ିଲ କ୍ଲାସ ଲୋକମାନେ ସିଧା ବିବାହ ମଣ୍ଡପରେ ବସି ଯଥା ରାବଣସ୍ୟ ତଥା

ISSN NO.
2582-208X

ମନ୍ଦୋଦରୀ ମନ୍ତ୍ରରେ ହାତଗଣ୍ଠି ପଡ଼ିଯାଏ । ଏମାନଙ୍କ ଜୀବନରେ କେବେ ଭେଲେଣ୍ଟାଇନ ଡେ ଆସେନାହିଁ ଅଥଚ ଦାୟିତ୍ୱର ବୋଝ ଜୀବନ ତମାମ ବଜରଙ୍ଗ ଦଳ ଭଳି ପଛେ ପଛେ ଗୋଡେଇଥାଏ । ଏଭଳି ଲୋକଙ୍କର ପୁଅ କି ଝିଅ ବିବାହ ବେଦିରେ ବସିବା ବେଳେ ଏତେ ଚିନ୍ତାଗ୍ରସ୍ଥରେ ଥାଆନ୍ତି ଯେ ଜଣାଯାଏ ଯେମିତି କୌଣସି ଗୁରୁତ୍ତର କାର୍ଯ୍ୟ ହାସଲ କରିବାରେ ନିମଗ୍ନ । ବିତ୍ତଶାଳୀ ବିବାହ ପରେ ଦେଶ ବାହାରକୁ ହନିମୁନ ମନେଇବାକୁ ଚାଲି ଯାଆନ୍ତି । କିନ୍ତୁ ମିଡ଼ିଲ କ୍ଲାସ ଲୋକମାନେ ବିବାହ ପରେ ଟେଣ୍ଟ ବାଲା, ବାସନ ବାଲା, ମାଇକ ବାଲା, ବାଜା ବାଲାଙ୍କ ହିସାବ କରୁ କରୁ ସକାଳରୁ ସଞ୍ଜ ହେଇଯାଇଥାଏ । ଯଦି କୌଣସି ମିଡିଲ କ୍ଲାସ ଲୋକ ବିବାହ କାର୍ଯ୍ୟ ହୋଟେଲରେ କରି ଛନ୍ତି ତାହେଲେ ତାଙ୍କୁ ପର୍ସନାଲ ବେଡ୍ ଓ ରୁମ୍ ମଧ୍ୟ ବିବାହ ପରେ ମିଳିଥାଏ । ବାସ ! ଏତିକି ଜାଣିବାକୁ ହେବ ମିଡ଼ିଲ କ୍ଲାସମାନେ ଯେଉଁ ତେଲକୁ ମୁଣ୍ଡରେ ଲଗାନ୍ତି ସେଇ ତେଲକୁ ମୁହଁରେ ଘଷନ୍ତି । ଜଣେ ନିରୋଳ ମିଡିଲ କ୍ଲାସ ଲୋକ ଗିଜର ବନ୍ଦ କରି ସେପର୍ଯ୍ୟନ୍ତ ଗାଧୋଉଥାଏ ଯେପର୍ଯ୍ୟନ୍ତ ନଳରୁ ନର୍ମାଲ ପାଣି ବାହାରି ନଥାଏ । ନିଜ ରୁମ୍ ଥଣ୍ଡା ପଡିଗଲେ ଏ.ସି ବନ୍ଦ କରିଦିଅନ୍ତି ସତ କିନ୍ତୁ ପୂଜା ପାର୍ବଣରେ ଚାନ୍ଦା ଦେବାପାଇଁ ଦୋ ଦୋ ପାଞ୍ଚ ଅବସ୍ଥାରେ ପ୍ରସାଦ ଖାଇବା ବେଳେ ପୂରା ଆସ୍ତିକ ହେଇଯାଆନ୍ତି ।

ବସ୍ତୁତଃ ମିଡ଼ିଲ କ୍ଲାସ ଲୋକମାନେ ଚାରି ଛକରେ ଲାଗିଥିବା ସିଗନାଲକୁ ଦେଖି ଆଗକୁ ବଢ଼ନ୍ତି । ଲାଲ, ସବୁଜ, ହଳଦୀ ରଙ୍ଗର ସିଗନାଲ ଦେଖି ତାହାରି ଅନୁସାରେ ବଜେଟ ପ୍ରସ୍ତୁତ କରି ଖର୍ଚ୍ଚ କରିଥାନ୍ତି । ଆଜି ପର୍ଯ୍ୟନ୍ତ ସେମାନଙ୍କୁ ବଜେଟ ସେତିକି ମିଳିଛି ଯେଭଳି ଭକ୍ତ ମାନେ ମନ୍ଦିରରେ ଘଣ୍ଟି ବାଡେଇ ବାଡେଇ ଭଗବାନ ଙ୍କ ଆଶୀର୍ବାଦ ପାଇବାରେ ପ୍ରୟାସ କରିଥାନ୍ତି । ତଥାପି ଟଙ୍କା ପଇସା ସଞ୍ଚୟ କରିବାକୁ ସେମାନେ ଖୁବ୍ ଛନ୍ଦ ଫିକର କରନ୍ତି ହେଲେ ଶେଷକୁ କିଛି ବି ସଞ୍ଚିତ କରି ପାରନ୍ତି ନାହିଁ । ସତ କଥା ଏଇୟା ଯେ ମିଡ଼ିଲ କ୍ଲାସ ଲୋକମାନଙ୍କର ସ୍ଥିତି ପଙ୍ଗତରେ ବସିଥିବା ଲୋକ ଭଳି ହୋଇଥାଏ । ତା ପାଖକୁ ଖାଦ୍ୟ ଡାହାଣ ପଟରୁ ଆସୁ କି ବାମ ପଟରୁ ଆସୁ ପହଞ୍ଚିବା ପୂର୍ବରୁ ସବୁ ସ୍ୱାହା

ISSN NO.
2582-208X

ହୋଇସାରିଥାଏ। ଏମାନେ ବଡ଼ ଅଦ୍ଭୁତ ସ୍ୱପ୍ନ ଦେଖନ୍ତି। ସ୍ୱପ୍ନ ସବୁ ଲିମିଟେଡ଼ ହୋଇ ଥାଏ। ଟାଙ୍କିରେ ପାଣି ଭରି ଗଲାଣି। ଅଥଚ ଟାଙ୍କିରେ ଅଧା ପାଣି ଭରିବା ପୂର୍ବରୁ ଡାକ ଶୁଭେ ମଟର ବନ୍ଦ କର! ଡେକଚି ତଳେ ଭାତ ଲାଗିଯିବ ଗ୍ୟାସ ବନ୍ଦ କର! ଏମିତି ସବୁ ଅଜବ ପ୍ରକାର ସ୍ୱପ୍ନରେ ବିଭୋରିତ ମିଡ଼ିଲ କ୍ଲାସ ଲୋକମାନେ ଜୀବନକୁ ଶଗଡ଼ ଗାଡ଼ି ଭଳି ଧୀରେ ଧୀରେ ଆଗକୁ ଗଡାନ୍ତି। ହେଲେ ମିଡ଼ିଲ କ୍ଲାସ ଏକ ଅଭିଶାପ ନୁହେଁ କି ଆଶୀର୍ବାଦ ନୁହେଁ ଏହା ସେମାନଙ୍କ ପାଇଁ ଏକ ପରମ୍ପରା।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ମିଛ ଦୁନିଆଁ ରେ ଗୋଟିଏ ସତ



ସଂଯୁକ୍ତା ସାହୁ

ଏ ଅଳୀକ ଦୁନିଆଁ ରେ ସବୁ କ୍ଷଣିକ
ପ୍ରତ୍ୟେକଙ୍କ ଜୀବନ ପାଣି ଫୋଟକା
କେତେବେଳେ ଯେ ମିଳେଇ ଯିବ
ତାହା କେବଳ ଜଣେ ଜାଣିଛି ଏକା ।
ଖାଲି ମାୟା ମରୀଚିକା ଭରା ଜଗତ
ସତ ମିଛକୁ ପ୍ରାଣୀ ପରଖି ନ ଥାଏ
ମିଛ ସ୍ୱପ୍ନ ଆଶା ଆସ୍ୱାସନାରେ ବୁଡି
ବୃଥା ଗର୍ବ ଅହଙ୍କାର ଗୀତ ଗାଏ ।
ସେ ବୁଝିପାରେ ନାହିଁ ଏଠି ଜନ୍ମ ମୃତ୍ୟୁ
ଚିରନ୍ତନ ସତ୍ୟ ପ୍ରତି ପ୍ରାଣୀ ମାନଙ୍କର
ଜନ୍ମ ହୋଇଛ ଦିନେ ମରଣ ହୋଇବ
ଏ କଥା ନିଶ୍ଚେ ଘଟିବ ଗୋଟିଏ ଥର ।
କେହି ନୁହେଁ କାହାର ଏଇ ଦୁନିଆଁରେ
ଆସିଛ ଏକା ଆଉ ଯିବା ହିଁ ଏକା
ଜୀବନ କାଳରେ ଅନେକ ସମ୍ପର୍କ ଥାଏ
କିଛି ନୁହଁ, କେହି ନୁହଁ କାହାର ଏଠି

ISSN NO.
2582-208X

ବିତାଅ ସମୟ ମନରେ ନ ରଖି ଦକା ।
ସୁଖ, ଦୁଃଖ, ଉତ୍ଥାନ, ପତନ, ଜୁଆର ଭଟ୍ଟା
ହସ, କାନ୍ଦ,ଖାଲ, ଢିପ, ହିଁ ଏକାନ୍ତ ସତ୍ୟ
ମିଛ ଦୁନିଆଁ ରେ ଗୋଟିଏ ସତ ଅଟଇ
ପ୍ରଭୁ ପରଂବ୍ରହ୍ମ ଜଗତର ନାଥ ଜଗନ୍ନାଥ ।

ରହିମା
ଜଗତସିଂହପୁର

ISSN NO.
2582-208X

# ଆହେ
# ଅନାଥ ନାଥ



ବିଷ୍ଣୁପଦ ସିଂହଦେଓ

ଦେବସ୍ନାନ ପୂର୍ଣିମା ଦିନ
ମଣ୍ଡପେ ହୁଏ ସ୍ନାନ,
ଶୁଦ୍ଧ ସେବା ଭକ୍ତି ଭାବରେ
ତୃପ୍ତ କୃପାନିଧାନ ।
ପଣ୍ଡାଙ୍କ ଶରଧା ଭକତି
ଜଳେ ଭରା କଳସୀ ,
ଜଳେ ପ୍ରତିବର୍ଷ କରନ୍ତି
ସ୍ନାନ ମଣ୍ଡପେ ବସି ।
ଏଥର କାହିଁକି କାଳିଆ
ନେତ୍ରୁ ଲୋତକ ଝରେ,
ଅଘଟଣ ନିଷ୍ଚେ ଘଟିବ
ମନେ ଆଶଙ୍କା ଭରେ !
ଆତ୍ମପ୍ରଚାରେ ବଳୀୟାନ୍
ସ୍ୱେଚ୍ଛାଚାର କରନ୍ତି,
ରଥପୃଷ୍ଠେ ପଚାଶ ସ୍ଥାନେ
ପାଞ୍ଚଶତ ଚଢନ୍ତି ।

ISSN NO.
2582-208X

ବାହୁବଳେ ଅହଂ ବଳରେ
ରଥ ଟାଣନ୍ତି ପଥେ,
ମନଜାଣି କ୍ରୋଧେ ବଳିଆ
ଅଳଟି ଦେଲେ ରଥେ ।
ବିଶୃଙ୍ଖଳା ବ୍ୟାପି ଯାଉଛି
ସ୍ଥାନେ ସ୍ଥାନେ ଶ୍ରୀକ୍ଷେତ୍ରେ,
ମୂକଭକ୍ତ ଦେଖି କାନ୍ଦୁଛି
ଅଶ୍ରୁ ଝଲକେ ନେତ୍ରେ ।
ଆହେ ସର୍ବାଶ୍ରୟ କରୁଣା -
ଊଣା କରିଲେ ନାଥ,
ତିନିଦିଅଁ ରହି ଥାଆନ୍ତେ
ହୋଇ ଯିବୁ ଅନାଥ ।।

ଗ୍ରାମ/ପୋ-- ଇଚ୍ଛା
ଷଢେଇକଳା- ଖରସୁଆଁ ବିଚ୍ଛିନ୍ନାଞ୍ଚଳ
ଝାରଖଣ୍ଡ, ମୋ- 9234660617

ISSN NO.
2582-208X

# କରିବା ବୃକ୍ଷ ରୋପଣ



ଜୟଶ୍ରୀ ପଟ୍ଟନାୟକ

ସତେ ବଞ୍ଚିବ ଜୀବନ !
ଗ୍ରହରାଜ ତୁମେ ହୋଇଲେ ଉତ୍ତପ୍ତ
ଜଗତ ଯେ ଜୀବହୀନ ।0

ଅଂଶୁ ତେଜ ଏବେ କରୁଛି ଅବଶ
ଛଟ ପଟ ହୁଏ ପ୍ରାଣ
ସ୍ୱାର୍ଥୀ ମଣିଷ ଯେ ବୁଝେନା ଏ କଥା
କରେ ପାଦପ ଛେଦନ
ସେଥିପାଇଁ ପରା ହୁଏନି ଧରାରେ
ପରିବେଶ ସନ୍ତୁଳନ ।1

ବହୁ ତାପ ସହି ନ ପାରି ମଣିଷ
ପାଏ ଅଂଶୁଘାତ ସଜା
ତଥାପି ନିଜକୁ ଭାବେ ଚକ୍ରବର୍ତ୍ତୀ
ଭୂମଣ୍ଡଳ ର ସେ ରାଜା।

ISSN NO.
2582-208X

ସବୁଜ ପୃଥିବୀ ଥିଲେ ସିନା ସାଥେ
ପାଇବାରେ ଅମ୍ଳଜାନ ।2

ପୁଷ୍ପିତ କରିବା ଧରାକୁ ଆମର
ନିଦାଘ କଷ୍ଟ ଦୂରେଇ
କାଟିବାନି ବୃକ୍ଷ ଧରାକୁ କରିବା
ସବୁଜ ସୁନ୍ଦର ମହୀ
ଗାଁ ଠୁ ସହର ରାଜରାସ୍ତା କଡେ
କରିବା ବୃକ୍ଷ ରୋପଣ ।3

ଗଙ୍ଗନଗର, ଭୁବନେଶ୍ୱର,
ମୋ: 7978110474

ISSN NO.
2582-208X

# ମଧ୍ୟଯୁଗୀୟ ଓଡ଼ିଆ କାଳ୍ପନିକ କାବ୍ୟ ପରମ୍ପରାରେ ‘ଲାବଣ୍ୟବତୀ’



ଡକ୍ଟର ଲିଙ୍ଗରାଜ ମେହେର

ଓଡ଼ିଆ ସାହିତ୍ୟର ମଧ୍ୟଯୁଗରେ ବହୁ ସଂଖ୍ୟାରେ କାବ୍ୟକବିତା ରଚିତ ହେଉଥିବାରୁ ମୁଖ୍ୟତଃ ଏହି ଯୁଗକୁ କାବ୍ୟସାହିତ୍ୟର ଯୁଗ ବୋଲି କୁହାଯାଇଥାଏ । ପୁଣି ଏହି ସମୟର କବିମାନେ ରୀତି ସିଦ୍ଧତା ଅବଲମ୍ବନ କରି ସଂସ୍କୃତ କାବ୍ୟାଦର୍ଶ ଭିତ୍ତିରେ ଓଡ଼ିଆ କାବ୍ୟ ରଚନା କରୁଥିବାରୁ ଏହି ଯୁଗକୁ ରୀତିଯୁଗ ନାମରେ ମଧ୍ୟ ନାମିତ କରାଯାଏ । ଆଉ କେହି କେହି ଏ ଯୁଗର ଶ୍ରେଷ୍ଠ କବି ଭାବରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମାନୁସାରେ ଭଞ୍ଜ ଯୁଗ ନାମରେ ମଧ୍ୟ ଅବିହିତ କରିଥାଆନ୍ତି । ସଂପୃକ୍ତ କାଳର କବିମାନେ ମୁଖ୍ୟତଃ ପୌରାଣିକ ଓ କାଳ୍ପନିକ କାବ୍ୟମାନ ରଚନା କରୁଥିଲେ । ଯେଉଁ କାବ୍ୟଗୁଡିକ ଇତିହାସ ବା ପୁରାଣ ଆଧାରିତ ନୁହେଁ, ସେହି କାବ୍ୟଗୁଡିକ ହେଉଛି କାଳ୍ପନିକ କାବ୍ୟ । ଓଡ଼ିଆ ସାହିତ୍ୟର ଏହି କାଳରେ ବହୁ କୃତବିଦ୍ୟ କବି ବହୁ ସଂଖ୍ୟକ କାଳ୍ପନିକ କାବ୍ୟ ରଚନା କରିଛନ୍ତି । କାଳ୍ପନିକ କାବ୍ୟ ରଚନା କରିବାରେ ଏକ ନିର୍ଦ୍ଦିଷ୍ଟ ନିତିନିୟମର ଅନୁବନ୍ଧ ରହିଥିବାରୁ ତତ୍କାଳୀନ ଓଡ଼ିଆ ସାହିତ୍ୟରେ କାଳ୍ପନିକ କାବ୍ୟ ରଚନା କରିବାରେ ଏକ ସ୍ୱତନ୍ତ୍ର ପରମ୍ପରା ମଧ୍ୟ ସୃଷ୍ଟି ହୋଇଥିଲା ।

ମଧ୍ୟଯୁଗୀୟ କାବ୍ୟ ପରମ୍ପରାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଥିଲେ ରୀତି ଯୁଗୀୟ କାବ୍ୟଚେତନାରେ ଜଣେ ବିଶିଷ୍ଟ କାବ୍ୟଶିଳ୍ପୀ । ତାଙ୍କର କାବ୍ୟଗୁଡିକ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ଯେ ବିଷୟବସ୍ତୁ ଆଧାରରେ ସେ ସାଧାରଣତଃ ଦୁଇ ପ୍ରକାରର କାବ୍ୟ ରଚନା

ISSN NO.
2582-208X

କରିଛନ୍ତି । ଗୋଟିଏ ରାମକଥା ମୂଳକ ପୌରାଣିକ କାବ୍ୟ ଓ ଅନ୍ୟଟି କାଳ୍ପନିକ କାବ୍ୟ । ତାଙ୍କ ଦ୍ୱାରା ରଚିତ କାଳ୍ପନିକ କାବ୍ୟଗୁଡିକ ହେଲା 'ଲାବଣ୍ୟବତୀ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ପ୍ରେମ ସୁଧାନିଧି', 'ରସିକ ହାରାବଳୀ', 'ପ୍ରେମଲତା', 'ଚନ୍ଦ୍ରକଳା', 'କଳାବତୀ', 'ରସଲେଖା', 'ହେମମଞ୍ଜରୀ' ଓ 'ତ୍ରୈଲୋକ୍ୟ ମୋହିନୀ' ପ୍ରଭୃତି । ଭଞ୍ଜିୟ କାବ୍ୟ ପ୍ରତିଭା ପୌରାଣିକ କାବ୍ୟ ରଚନାରେ ଯେତିକି ସିଦ୍ଧିପ୍ରାପ୍ତ ହୋଇଛି, ସେହିପରି ସିଦ୍ଧିଲାଭ କରିଛି କାଳ୍ପନିକ କାବ୍ୟ ସୃଜନ କରିବା କ୍ଷେତ୍ରରେ ।

କବି ଉପେନ୍ଦ୍ର ଭଞ୍ଜ ଲେଖନୀ ଧରିବା ଆରମ୍ଭ କଲାବେଳକୁ ଓଡ଼ିଆ ସାହିତ୍ୟରେ ବହୁ ସଂଖ୍ୟକ କାଳ୍ପନିକ କାବ୍ୟ ସୃଷ୍ଟି ହୋଇସାରିଥିଲା । ସମ୍ଭବତଃ ଓଡ଼ିଆ କାଳ୍ପନିକ କାବ୍ୟଗୁଡିକ ସଂସ୍କୃତ ନାଟକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିବାର ଅନୁମାନ କରାଯାଏ । ଏହି କ୍ରମରେ ସଂସ୍କୃତ ନାଟକାନୁସରଣରେ ହେଉ ବା ନହେଉ ଅଧିକାଂଶ ଓଡ଼ିଆ କବି ସ୍ୱୀୟ ପ୍ରଜ୍ଞା, ପ୍ରତିଭା ଓ ପାଣ୍ଡିତ୍ୟ ବଳରେ ଅନେକ ଉଚ୍ଚମାନର କାଳ୍ପନିକ କାବ୍ୟମାନ ରଚନା କରିଛନ୍ତି । ଏଗୁଡ଼ିକର କଥାବସ୍ତୁ ସଂମ୍ପୂର୍ଣ୍ଣ କଳ୍ପନା ପ୍ରସୂତ ଓ କଳ୍ପନା ଶକ୍ତିବଳରେ ଏହାର ସ୍ୱାତନ୍ତ୍ର ବଜାୟ ରହିଛି । ଭଞ୍ଜଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଯେଉଁ କାଳ୍ପନିକ କାବ୍ୟଗୁଡିକ ସୃଷ୍ଟି ହୋଇଥିଲା ସେଗୁଡିକ ହେଲା ଅର୍ଜ୍ଜୁନ ଦାସଙ୍କ 'କଳ୍ପଲତା', ନରସିଂହ ସେଣଙ୍କ 'ପରିମଳା', ବନମାଳୀ ଦାସଙ୍କର 'ଚାଟଇଚ୍ଛାବତୀ', ପ୍ରତାପ ରାୟଙ୍କ 'ଶଶୀସେଣା', ବିଷ୍ଣୁ ଦାସଙ୍କ 'ପ୍ରେମଲୋଚନା' ଓ 'ଇଚ୍ଛାବତୀ', ପାର୍ଥ ଶ୍ରୀ ଚନ୍ଦନଙ୍କ 'କଳାବତୀ' ଓ 'ନୀଳାବତୀ', ରଘୁନାଥ ହରିଚନ୍ଦନଙ୍କ 'ଶକୁନ୍ତଳା' ଓ 'ହଂସବତୀ', ଲୋକନାଥ ରାଉତରାୟଙ୍କ 'ଲାବଣ୍ୟ ତରଙ୍ଗିଣୀ', ତ୍ରିଲୋଚନ ବଳିଆର ସିଂଙ୍କ 'ଚନ୍ଦ୍ରକଳା', ଧନଞ୍ଜୟ ଭଞ୍ଜଙ୍କ 'ଅନଙ୍ଗରେଖା', 'ମଦନ ମଞ୍ଜରୀ', 'ତ୍ରିପୁର ସୁନ୍ଦରୀ', 'ରତ୍ନମଞ୍ଜରୀ', 'ଇଚ୍ଛାବତୀ' ଏବଂ କବି ଲୋକନାଥ ବିଦ୍ୟାଧରଙ୍କ 'ରସକଳା', 'ଚିତ୍ରକଳା', 'ସର୍ବାଙ୍ଗ ସୁନ୍ଦରୀ' ଓ 'ପଦ୍ମାବତୀ ପରିଣୟ' ପ୍ରଭୃତି ।

ଏହି ସମୟର କାଳ୍ପନିକ କାବ୍ୟଗୁଡ଼ିକୁ ଅନୁଧ୍ୟାନ କଲେ ଏଥିରେ କିଛି ନିର୍ଦ୍ଧିଷ୍ଟତା ରହିଥିବାର ଦୃଷ୍ଟିଗୋଚର ହୁଏ ଏବଂ କେତେକ ସାଧାରଣ ନିୟମ ମଧ୍ୟ ଦେଖାଯାଏ । ଏହି

ISSN NO.
2582-208X

କବିମାନେ ନିଜ ନିଜ କାଳ୍ପନିକ କାବ୍ୟରେ ନିଜର କଳ୍ପନା ପାଟବତାର ପ୍ରଦର୍ଶନ କରିବା ସହିତ ବର୍ଣ୍ଣନାର ଚାରୁ ଚମତ୍କାରିତାରେ କେବଳ ସ୍ୱାତନ୍ତ୍ର ପ୍ରକାଶ କରିବା ବ୍ୟତୀତ କାଳ୍ପନିକ କାବ୍ୟ ରଚନାରେ ଗୋଟିଏ ନିର୍ଦ୍ଦିଷ୍ଟ ପରମ୍ପରା ସୃଷ୍ଟି କରିଗଲେ । ଏହିମାନଙ୍କ ପରମ୍ପରାକୁ ଅନୁଧ୍ୟାନ କଲେ ଏହି ସମୟର କାଳ୍ପନିକ କାବ୍ୟରେ କେତେକ ନିର୍ଦ୍ଦିଷ୍ଟ ନିୟମ ରହିଥିବା କଥା ସହଜରେ ଦୃଷ୍ଟିଗୋଚର ହୋଇଥାଏ ।

ଓଡ଼ିଆ କାଳ୍ପନିକ କାବ୍ୟ ପରମ୍ପରାରେ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର ଶିଳ୍ପବିଧି ଓ କଥାବସ୍ତୁର ସଂଯୋଜନା ପରିଲକ୍ଷିତ ହୋଇଥାଏ । କାବ୍ୟର ଆରମ୍ଭରେ କବିମାନେ ଆଳଙ୍କାରିକ ଶୃଙ୍ଖଳରେ ଇଷ୍ଟସ୍ତୁତି, ଖଳନିନ୍ଦା ଓ ସାଧୁପ୍ରଶଂସା ଆଦି କରିଥାଆନ୍ତି । ଏହି ଦୃଷ୍ଟିରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ କାବ୍ୟକୁ ବିଚାର କଲେ ଦେଖାଯାଏ ଯେ ଏଠାରେ ପ୍ରଥମେ କବି ନିଜ ଉପାସ୍ୟ ଦେବତା ରାମଚନ୍ଦ୍ରଙ୍କୁ ସ୍ତୁତି କରିଛନ୍ତି ।

"ଜୟ ଜୟ ରାମ ଜନକ ସୁଖଦ
ଭୀମ ହରଷ ଦାନରେ ସଦା ବିଶାରଦହେ ।
ଚନ୍ଦ୍ରହାସ-ଶୋଭାକର ସମସ୍ତ କାଳର
ଲକ୍ଷଣବନ୍ତ ଅଲକ୍ଷ୍ୟ ମୁଖ ମନୋହର ଯେ ।
କବି ଭାରତୀକି ଆଗେ କର ଛବି ଯାର
ସୁମନା ବୃନ୍ଦ ବନ୍ଦିତ ଏଣୁ ନିରନ୍ତର ହେ ।"

କବି ଏଠାରେ ଖଳନିନ୍ଦା କରି କହନ୍ତି-

"ବୁଝାଇଲେ ଜଡଜନ ଭାବକୁ ପାଇବ
ଖଳଖର ଚୁତାଙ୍କୁର ପ୍ରାୟେକ ଗ୍ରାସିବ ହେ ।"

ISSN NO.
2582-208X

ପୁଣି ସାଧୁସ୍ତୁତି କରି କହନ୍ତି-

"ମଧୁମକ୍ଷି ଉଚ୍ଛିଷ୍ଟେ ମୃତାଦର ସରେ
କରନ୍ତି ଯେମନ୍ତେ ସାଧୁଜନ ସେ ପ୍ରକାରେ ହେ ।
ଏବେ ଚିର ରୁଚିତ ପରିତ ସୁମଧୁର
ଶ୍ରୁତି ବଦନରେ ପାନକର ବୁଧ ନର ହେ ।"

କାଳ୍ପନିକ କାବ୍ୟର ଅନ୍ୟତମ ଲକ୍ଷଣ ହେଉଛି କବି କାବ୍ୟାରମ୍ଭକୁ ଠିକ ଗଳ୍ପ କଥନ ଶୈଳୀରେ ହିଁ ଆରମ୍ଭ କରିବା । ଯାହାକି କରାଯାଇଛି ଲାବଣ୍ୟବତୀ କାବ୍ୟରେ । ଏଠାରେ କବି ଉପେନ୍ଦ୍ର ଭଞ୍ଜ ଗଳ୍ପ ଶୈଳୀର ଉପସ୍ଥାପନା ଘଟାଇ କହିଛନ୍ତି-

"ଦିନେ କଇଳାସେ ବସି ଏକାନ୍ତେ ଗଉରୀ,
ପଶାରଙ୍ଗେ ରସିବାକୁ ସ୍ୱସଙ୍ଗେ ବିଚାରି ହେ ।
ଏକ କନ୍ୟା ଏ ଅଦ୍ଭୁତ ମନୁଜାତ ହେଉ,
ସୁସମାରେ ସମରେ ତ୍ରିଲୋକରେ ନଥାଉ ।
ଯେ ଜଗତ ଜନନୀ ସେ କଲା ମନୋରଥ,
ଜାତି ଦିବ୍ୟସୁନ୍ଦରୀ କିମ୍ପାଇଁ ହେବ ବ୍ୟର୍ଥ ।
ଆଉ କି ପ୍ରଶଂସିବା ଉମାରୁ ଜନ୍ମଯାର,
ଶାମୁକ୍କୁ ମୁକୁତା ଜାତ ହୋଇଲା ପ୍ରକାର ଯେ ।
ବାଞ୍ଛାରୁ ଉତ୍ପତ୍ତି ବାଞ୍ଛାବତୀ ନାମ ଦେଇ,

କାଳ୍ପନିକ କାବ୍ୟରେ ପ୍ରଥମେ ନାୟକ ଓ ନାୟିକାଙ୍କର ପୂର୍ବଜନ୍ମର ବୃତ୍ତାନ୍ତ ପ୍ରକାଶ ପାଇଥାଏ। ଏହି ନାୟକ ଓ ନାୟିକା କୌଣସି ଅଭିଶାପଗ୍ରସ୍ତ ଅପସରୀ ହୋଇପାରନ୍ତି କିମ୍ବା କୌଣସି ଦୈବୀ ଅପରାଧରୁ ବା ପୂଣ୍ୟଫଳରୁ ମଣିଷ ହୋଇପାରନ୍ତି । ଲାବଣ୍ୟବତୀ କାବ୍ୟରେ ଏହି ଶୈଳୀରେ ନାୟକ ଚନ୍ଦ୍ରଭାନୁ ଓ ନାୟିକା ଲାବଣ୍ୟବତୀର ଜନ୍ମ ବୃତ୍ତାନ୍ତ ଅତି

ISSN NO.
2582-208X

ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ଦେବୀ ପାର୍ବତୀ ସୃଷ୍ଟି କରିଥିବା ବାଞ୍ଛାବତୀ କନ୍ୟା ପରଜନ୍ମରେ ଲାବଣ୍ୟବତୀ ହୋଇଛି ଏବଂ ଯୁବକ ପ୍ରଭାକର ଚନ୍ଦ୍ରଭାନୁ ରୂପରେ ଜନ୍ମ ନେଇଛି । ପାର୍ବତୀଙ୍କ କୃପାରୁ ବାଞ୍ଛାବତୀ ରୂପମୟୀ ଯୁବତୀ ରୂପେ ଏବଂ ଶିବଙ୍କୁ ତପସ୍ୟା କରିବା ହେତୁ ପ୍ରଭାକର ଅନିନ୍ଦ୍ୟ ସୁନ୍ଦର ଯୁବକ ରୂପରେ ପରଜନ୍ମ ଗ୍ରହଣ କରିଛନ୍ତି ।

କାଳ୍ପନିକ କାବ୍ୟର ନାୟକ ନାୟିକା ସାଧାରଣତଃ ଉଚ୍ଚବଂଶଜ ବା ରାଜପରିବାରର ହୋଇଥାଆନ୍ତି । ଆଲୋଚ୍ୟ କାବ୍ୟର ଉଭୟ ନାୟକ ଓ ନାୟିକା ହେଉଛନ୍ତି ରାଜପରିବାରର । ନାୟକ ଚନ୍ଦ୍ରଭାନୁ କର୍ଣ୍ଣାଟରାଣୀ ଗର୍ଭବତୀ ଥିବା ସମୟରେ ଗଙ୍ଗାରେ ଝାସ ଦେଇ ରାଜପୁତ୍ର ଚନ୍ଦ୍ରଭାନୁ ଭାବରେ ଜନ୍ମଗ୍ରହଣ କରିଥିବା ବେଳେ ପାର୍ବତୀଙ୍କ ସୃଷ୍ଟ କନ୍ୟା ବାଞ୍ଛାବତୀ ସିଂହଳର ରାଜା ରତ୍ନେଶ୍ୱରଙ୍କ କନ୍ୟା ଭାବରେ ଲାବଣ୍ୟବତୀ ରୂପେ ଜନ୍ମ ଗ୍ରହଣ କରିଥିଲା । ପୁଣି ରାଜକୀୟ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ଭିତରେ ଦୁହେଁ ବଢ଼ିଛନ୍ତି ଏବଂ ସେମାନଙ୍କର ବାହ୍ୟଲୀଳା ମଧ୍ୟ ପ୍ରକଟିତ ହୋଇଛି ।

ନାୟକ ଓ ନାୟିକାଙ୍କର ଜନ୍ମପରେ ସେମାନଙ୍କୁ ସର୍ବଶ୍ରେଷ୍ଠ ସୁନ୍ଦର ଓ ସୁନ୍ଦରୀ ରୂପେ କଳ୍ପନା କରାଯାଏ । ଏହି କ୍ରମରେ କାଳ୍ପନିକ କାବ୍ୟଗୁଡିକର ନାୟକ ଓ ନାୟିକାଙ୍କର ବାଲ୍ୟ, ପୌଗଣ୍ଡ ଓ ଯୌବନର ଲୀଳା ବିଳାସ ମଧ୍ୟ ପ୍ରକଟିତ ହୋଇଥାଏ । ଲାବଣ୍ୟବତୀ କାବ୍ୟରେ କାବ୍ୟକାର ଠିକ୍ ଏହିକଥାହିଁ ପ୍ରକାଶ କରିଛନ୍ତି । ନାୟିକା ଲାବଣ୍ୟବତୀର ବାଲ୍ୟ, ପୌଗଣ୍ଡ ଓ ଯୌବନର ବର୍ଣ୍ଣନା ସହିତ ତାର ସଖି ସହିତ ଜଳକ୍ରୀଡା ଓ ଉପବନ ବିହାର ଆଦିର ଚିତ୍ର ବର୍ଣ୍ଣନା କରିଛନ୍ତି । ଲାବଣ୍ୟବତୀର ଲାବଣ୍ୟମୟ ମୁଖଶ୍ରୀ ପଦ୍ମ ଭଳି ଦୃଶ୍ୟ ହୋଇଛି । ସେ ସରୋବରରେ ଜଳକ୍ରୀଡା କରିବା ସମୟରେ ହିଁ ତାର ମୁଖଶ୍ରୀକୁ ପଦ୍ମ ବୋଲି ଧାରଣା କରି ଭ୍ରମରମାନେ ଚୁମ୍ବିବା ପାଇଁ ଧାଇଁ ଆସିଛନ୍ତି । କବି ଏହାର ଏକ ସୁନ୍ଦର ବର୍ଣ୍ଣନା କରି କହନ୍ତି-

"ଅପୂର୍ବ ଅମ୍ବୁଜ ମୁଖକୁ ଭାବି ଭୃଙ୍ଗ ଚକୋର,
ଚୁମ୍ବିବା ଲୋଭରେ ଧାଇଁଲେ ଶ୍ରୁତି ଚାହିଁ କାତର ।"

ISSN NO.
2582-208X

ଲାବଣ୍ୟବତୀ ତାର ସମବୟସୀ ସଖୀମାନଙ୍କ ସହିତ ବନବିହାର କରିବାପାଇଁ ଆଗେଇଯାଇଛି । ସେ ତାର ସମବୟସୀମାନଙ୍କ ସହିତ ବହୁ ହାସ ପରିହାସମୂଳକ ଉକ୍ତି ମଧ୍ୟ ପ୍ରକାଶ କରିଛି ।

"ଶୋଭା ଏ ବିଧିରେ ପ୍ରବେଶ ସଧୀରେ ଦୀନ ସ୍ତନାଯେ ବିପିନରେ
ବୁଲିବା ଖେଳିବା କୁସୁମ ତୋଳିବା ଆରମ୍ଭିଲେ ତୋଷ ମନରେ
ତହିଁରେ ଛଳ ଉକ୍ତି ମାନ କହିଲେ
ଶୁଣି ପରଭୃତ ଚକିତ ସ୍ଥକିତ ମୁନି ବିଭୂତିକି କହିଲେ"

ସେହିଭଳି ଭାବରେ କାବ୍ୟକାର ନାୟକ ଚନ୍ଦ୍ରଭାନୁର ଯୌବନ, ବୀରତ୍ୱ, ଅସ୍ତ୍ରଶସ୍ତ୍ର ଶିକ୍ଷା ଇତ୍ୟାଦିର ବର୍ଣ୍ଣନା ସହ ସଖୀମାନଙ୍କ ସହ ଚନ୍ଦ୍ରଭାନୁର ହାସ ପରିହାସ ମୂଳକ ଉକ୍ତିର ବର୍ଣ୍ଣନା ମଧ୍ୟ କରିଛନ୍ତି । ନାୟିକା ଲାବଣ୍ୟବତୀର ଯୌବନ ବିସ୍ତୃତ ବର୍ଣ୍ଣନା ଦେଇ କବି ଏହାର ବେଶ ପରିପାଟୀ ଓ ଋତୁସ୍ନାନ ଇତ୍ୟାଦିର ଚିତ୍ର ପ୍ରଦାନ କରିଛନ୍ତି । ନାୟିକା ଲାବଣ୍ୟବତୀକୁ ଅନ୍ୟାନ୍ୟ କାବ୍ୟ ନାୟିକା ଠାରୁ ସର୍ବାଙ୍ଗ ସୁନ୍ଦରୀ ରୂପେ ବର୍ଣ୍ଣନା କରିଛନ୍ତି । ନାୟିକା ଲାବଣ୍ୟବତୀ ଋତୁବତୀ ହେବାପରେ ଉପବନରେ ବିହାର କରିଛି । ଏହି ସମୟରେ କବି ଶୃଙ୍ଗାର ବର୍ଣ୍ଣନା ଦେବାକୁ ଯାଇ ଏହାର ଆଲମ୍ବନ ଓ ଉଦ୍ଦୀପନ ବର୍ଣ୍ଣନା କରିଛନ୍ତି । ଏହି ସମୟରେ ଦେଖାଦେଇଛି ବସନ୍ତ ଋତୁ ଓ ଏହାର ପ୍ରଭାବରେ ଉଭୟ ନାୟକ ଓ ନାୟିକାଙ୍କ ମନରେ କାମବିକାର ପରିଦୃଷ୍ଟ ହୋଇଛି ।

କାଳ୍ପନିକ କାବ୍ୟରେ ନାୟକ ଓ ନାୟିକାଙ୍କ ମଧ୍ୟରେ ପରସ୍ପର ପ୍ରତି ଅନୁରାଗ ସଞ୍ଚାର କରାଇବା ପାଇଁ ବିଚିତ୍ର ବ୍ୟବସ୍ଥା କରାଯାଏ । ନାୟକ ଓ ନାୟିକା କିପରି ପରସ୍ପର ସାକ୍ଷାତ ପାଇବେ ସେଥିପାଇଁ ସ୍ୱପ୍ନ ଦର୍ଶନ, ଚିତ୍ରପଟ ଦର୍ଶନ ଇତ୍ୟାଦିର ଆୟୋଜନ କରାଯାଇଥାଏ। ସେହିପରି ଏହି କାବ୍ୟରେ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ପରସ୍ପରକୁ ସ୍ୱପ୍ନରେ ଦେଖି ଅଭିଭୂତ ହୋଇଯାଇଛନ୍ତି । ପୁଣି ଐନ୍ଦ୍ରଜାଲ ଦ୍ୱାରା ରାମଚରିତ ଦର୍ଶନ କ୍ରମରେ ଲାବଣ୍ୟବତୀକୁ ଚନ୍ଦ୍ରଭାନୁର ରୂପ ପ୍ରଦର୍ଶନ କରାଇବା ହେଉଛି ଏକ ସ୍ୱତନ୍ତ୍ର କାର୍ଯ୍ୟ । କାବ୍ୟରେ ଏହିଭଳି

ISSN NO.
2582-208X

ବ୍ୟବସ୍ଥାର ଆୟୋଜନ ଫଳରେ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କ ମନରେ ପରସ୍ପରକୁ ପାଇବାର ଇଚ୍ଛା ଜାଗ୍ରତ ହୋଇଛି ଓ କାବ୍ୟର କଥାବସ୍ତୁ ଗତିଶୀଳ ହୋଇପାରିଛି । କାଳ୍ପନିକ କାବ୍ୟରେ ନାୟକ ଓ ନାୟିକାଙ୍କର ସ୍ୱପ୍ନ ଅଥବା ଚିତ୍ରପଟ ଦର୍ଶନରେ ପରସ୍ପର ପ୍ରତି ଅନୁରାଗ ସଞ୍ଚାରିତ ହୋଇଥାଏ । ଏଣୁ କାବ୍ୟକାର ଭଞ୍ଜ ତଦୀୟକାବ୍ୟ ଲାବଣ୍ୟବତୀରେ ଏହି ଚେତନା ପ୍ରକାଶ କରିବା ଦିଗରେ ଅପୂର୍ବ କଳା କୌଶଳ ପ୍ରଦର୍ଶନ କରିଅଛନ୍ତି । ସେ ନାୟକ ଓ ନାୟିକାଙ୍କ ଭିତରେ ମିଳନ ପାଇଁ ଯଥା ସମ୍ଭବ କୌଶଳପୂର୍ଣ୍ଣ ଭାବରେ ହିଁ ପ୍ରଯତ୍ନ ଆରମ୍ଭ କରିଛନ୍ତି । ଏଥିପାଇଁ କବି, ନାୟକ ଚନ୍ଦ୍ରଭାନୁ ଓ ନାୟିକା ଲାବଣ୍ୟବତୀର ଚିତ୍ରପଟ ଦର୍ଶନ ଉପରେ ସାକ୍ଷାତ ଘଟାଇଛନ୍ତି । ପବିତ୍ର ଶିବରାତ୍ରୀରେ ପରସ୍ପର ପରସ୍ପରଙ୍କୁ ଦେଖିଛନ୍ତି ଓ ବିବାହ ପୂର୍ବରୁ ଲାବଣ୍ୟବତୀ ଦୂତ ହାତରେ ଚନ୍ଦ୍ରଭାନୁ ନିକଟକୁ ପତ୍ରପ୍ରେରଣ କରିଛନ୍ତି । ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ପରସ୍ପର ପ୍ରତି ପ୍ରଣୟାସକ୍ତି ଜଣାପଡିବା ପରେ ଉଭୟଙ୍କର ପରିବାରର ସମ୍ମତି କ୍ରମେ ଦୁହେଁ ଦୁହିଁଙ୍କୁ ବିବାହ କରିବାର ପ୍ରସ୍ତାବ ହିଁ ପାରିବାରିକ କ୍ଷେତ୍ରରେ ଅନୁମୋଦିତ ହୋଇଅଛି । ଏହାପରେ ଲାବଣ୍ୟବତୀ ସହିତ ଚନ୍ଦ୍ରଭାନୁର ବୈବାହିକ କାର୍ଯ୍ୟ ମହା ସମାରୋହରେ ଅନୁଷ୍ଠିତ ହୋଇଛି ।

କାଳ୍ପନିକ କାବ୍ୟରେ ଶୃଙ୍ଗାର ବର୍ଣ୍ଣନାର ବୈଚିତ୍ର୍ୟ ଦେଖିବାକୁ ମିଳେ । ଆଲୋଚ୍ୟ କାବ୍ୟରେ ସମ୍ଭୋଗ ଶୃଙ୍ଗାର ଅପେକ୍ଷା ବିପ୍ରଲମ୍ଭ ଶୃଙ୍ଗାରର ପ୍ରାଧାନ୍ୟ ସୂଚୀତ ହୋଇଥାଏ । ଏଣୁ ବିବାହ ଓ ମିଳନ ପରେ ବିଭିନ୍ନ କାରଣରୁ ନାୟକ ଓ ନାୟିକାଙ୍କୁ ବିଚ୍ଛିନ୍ନ କରାଯାଏ । ଆଲୋଚ୍ୟ କାବ୍ୟରେ ମଧ୍ୟ ଏହି ପ୍ରକ୍ରିୟା ପରିଲକ୍ଷିତ ହୋଇଥାଏ । କବି ଉପେନ୍ଦ୍ର ଭଞ୍ଜ ଏଠାରେ ଲାବଣ୍ୟବତୀ ସହିତ ଚନ୍ଦ୍ରଭାନୁର ବିବାହ କରାଇବା ସମୟରେ ଦେବତାଙ୍କ ଅଭିଶାପ ଫଳରେ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ଘୋର ବିଚ୍ଛେଦ ସୃଷ୍ଟି ହୋଇଛି । ଏହି ବିଚ୍ଛେଦ କାଳରେହିଁ କବି ବିପ୍ରଲମ୍ଭ ଶୃଙ୍ଗାରର ବ୍ୟାପକ ବର୍ଣ୍ଣନା ପ୍ରଦାନ କରିଛନ୍ତି । ଚନ୍ଦ୍ରଭାନୁ ଓ ଲାବଣ୍ୟବତୀ ଜୀବନର ସୁଖଦ ମୂହୂର୍ତ୍ତକୁ ସ୍ମରଣ କରି ଏହି ବିଚ୍ଛେଦ ଦୁଃଖ ସହିଛନ୍ତି ।

ISSN NO.
2582-208X

କାବ୍ୟର କଥାବସ୍ତୁକୁ ଏଠାରେ କବି ଶେଷ ହେବାକୁ ଦେଇ ନାହାନ୍ତି, ବରଂ ଅତି ଚତୁରତାର ସହିତ ଆଉ କେତେପାଦ ଆଗେଇ ନେଇଛନ୍ତି ଏଠାରେ । ଦେବତାଙ୍କ ଅଭିଶାପକୁ ଲାଘବ କରିଛନ୍ତି ଦେବୀମାନେ । ଏମାନେ ବିଶେଷ କରି ଏହି ଅଭିଶାପକୁ ଆଉ ଗୋଟିଏ ବର୍ଷପାଇଁ ସ୍ଥାୟୀ କରି ରଖିଛନ୍ତି । ଗୋଟିଏ ବର୍ଷ ଘୋର ବିରହ ଭିତରେ ଶେଷ ହୋଇଛି । ଏହାପରେ ଆରମ୍ଭ ହୋଇଛି ଋଷିମାନଙ୍କ ଯଜ୍ଞନଷ୍ଟ । ଏହି ସମୟରେ ଋଷିମାନଙ୍କର ଆମନ୍ତ୍ରଣ କ୍ରମେ ରାଜକୁମାର ଚନ୍ଦ୍ରଭାନୁ ଯାଇ ରାକ୍ଷସମାନଙ୍କ ସହିତ ଯୁଦ୍ଧକରି ଋଷିମାନଙ୍କ ଯଜ୍ଞ ରକ୍ଷା କରିବାରେ ଲାଗିଛନ୍ତି । ଯୁଦ୍ଧଭୂମିରୁ ଚନ୍ଦ୍ରଭାନୁ ହଠାତ୍ ନିଖୋଜ ହୋଇ ଯାଇଛନ୍ତି ଏବଂ ଏହାପରେ ଲାବଣ୍ୟବତୀ ସହିତ ଚନ୍ଦ୍ରଭାନୁର ମିଳନ ଘଟିଛି । ଦୁଇ ପ୍ରଣୟୀ ଓ ପ୍ରଣୟିନୀ ନିଜ ନିଜକୁ ସାକ୍ଷାତ କରି ଅତୀବ ସୁଖରେ କାଳତିପାତ କରିଛନ୍ତି । ଫଳରେ କାବ୍ୟର ଅନ୍ତିମ ଭାଗରେ ସୁଖ ଓ ମିଳନ ସ୍ଥାୟୀ ହୋଇ ପାରିଛି । ଦୀର୍ଘ ବିରହ ପରେ ଉଭୟେ ମିଳନର ସ୍ୱାଦ ଉପଭୋଗ କରି ଆମୋଦିତ ହୋଇଛନ୍ତି ।

କାଳ୍ପନିକ କାବ୍ୟରେ କବିମାନଙ୍କର ଅଖଣ୍ଡ ସ୍ୱାଧୀନତା ରହିଥାଏ । ନିଜ କଳ୍ପନା ମତେ ଯାହା ଇଚ୍ଛା ତାହା ମଧ୍ୟ ବର୍ଣ୍ଣନା କରିପାରନ୍ତି । ଏହାଛଡା କାଳ୍ପନିକ କାବ୍ୟର କବିମାନେ ନିଜ ନିଜର ପାଣ୍ଡିତ୍ୟ ଓ ପ୍ରତିଭାର ବିନିଯୋଗ କରିପାରନ୍ତି । କାବ୍ୟର ଶିଳ୍ପବିଧି ପ୍ରକାଶ କରିବା କ୍ଷେତ୍ରରେ ମଧ୍ୟ କବିମାନେ ଅଳଙ୍କାର ଓ କାବ୍ୟବନ୍ଧ ପ୍ରକାଶ କରିବାରେ ବେଶ୍ ଧୁରୀଣତା ପ୍ରକାଶ କରିଥାଆନ୍ତି । ଶବ୍ଦ ଓ ଛନ୍ଦର କସରତ କରି ନିଜର ଶିଳ୍ପୀତ୍ୱ ପାଟବତାର ପ୍ରଦର୍ଶନ କରିପାରନ୍ତି । ଲାବଣ୍ୟବତୀ କାବ୍ୟରେ କବିଙ୍କର ଅପୂର୍ବ କଳ୍ପନା ପାଟବ, ପାଣ୍ଡିତ୍ୟ ଓ ପ୍ରତିଭାର ସମ୍ମିଶ୍ରଣ ଘଟିଛି ବୋଲି କୁହାଯାଇପାରିବ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏହି କାବ୍ୟରେ ବିଭିନ୍ନ ପ୍ରକାରର ଅଳଙ୍କାର ପ୍ରୟୋଗ କରିବା ସହିତ ବିଭିନ୍ନ ଛାନ୍ଦରେ ନୂତନ ନୂତନ ଛନ୍ଦ ସଂଯୋଜନା କରି ନିଜ ଶାସ୍ତ୍ରଜ୍ଞାନର ଉତ୍ତମ ପରିଚୟ ମଧ୍ୟ ପ୍ରଦାନ କରିପାରିଛନ୍ତି ।

କାବ୍ୟଗୁଡିକରେ ବିଶେଷତଃ ନାୟକ ଓ ନାୟିକାଙ୍କର ପ୍ରାଧାନ୍ୟ ରହିଥାଏ । ବିଶେଷକରି ନାୟିକା ମାନଙ୍କର ନାମକୁ ନେଇ କାବ୍ୟର ନାମକରଣ କରାଯାଇଥାଏ । ଠିକ୍ ସେହିପରି

ISSN NO.
2582-208X

ଏହି କାବ୍ୟରେ ନାୟିକା ଲାବଣ୍ୟବତୀ ସହ ନାୟକ ଚନ୍ଦ୍ରଭାନୁର ପ୍ରଣୟ କାହାଣୀକୁ ସୁନ୍ଦର ଭାବରେ ବର୍ଣ୍ଣନା କରାଯିବା ସହ ଲାବଣ୍ୟବତୀର ପ୍ରେମ ଓ ବିରହର କାହାଣୀ ଏଥିରେ ମୂଖ୍ୟସ୍ଥାନ ଲାଭ କରିଛି । ଫଳରେ ଆଲୋଚ୍ୟ କାବ୍ୟଟିର ନାମ ମଧ୍ୟ କାବ୍ୟ ନାୟିକାର ନାମାନୁସାରେ ଲାବଣ୍ୟବତୀ ରଖାଯାଇଛି ।

କାଳ୍ପନିକ କାବ୍ୟରେ କବିମାନେ ରସ ପରିବେଷଣ କରିବାରେ ଯଥେଷ୍ଟ ସ୍ୱାଧିନତା ପାଇଥାଆନ୍ତି । ଏହି ଧରଣର କାବ୍ୟରେ କବିମାନେ ମୁଖ୍ୟତଃ ଶୃଙ୍ଗାର ରସର ସୁନ୍ଦର ବର୍ଣ୍ଣନା ଦେବା ସହ ଅନ୍ୟାନ୍ୟ ରସର ମଧ୍ୟ ବର୍ଣ୍ଣନା କରିଥାଆନ୍ତି । ଲାବଣ୍ୟବତୀ କାବ୍ୟରେ କବି ଭଞ୍ଜ ବିଶେଷକରି ଶୃଙ୍ଗାର ରସ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ପ୍ରେମ ଓ ପ୍ରଣୟର କାହାଣୀ ଛଳରେ ଶୃଙ୍ଗାର ରସର ବ୍ୟାପକ ବର୍ଣ୍ଣନା କରାଯାଇଛି । ସଂମ୍ଭୋଗ ଶୃଙ୍ଗାର ଅପେକ୍ଷା ବିପ୍ରଲମ୍ବ ଶୃଙ୍ଗାର ଅଧିକ ସ୍ଥାୟିତ୍ୱ ହୋଇଥିବାରୁ ଏହା ଅଧିକ ଉପଭୋଗ୍ୟ ହୋଇଥାଏ । ଆଲୋଚ୍ୟ କାବ୍ୟରେ ନାୟକ ଚନ୍ଦ୍ରଭାନୁ ଓ ନାୟିକା ଲାବଣ୍ୟବତୀର ବିରହ ବର୍ଣ୍ଣନା ବିପ୍ରଲମ୍ଭ ଶୃଙ୍ଗାରକୁ ବେଶ ପରିପୁଷ୍ଟ କରିଛି । ବିଭିନ୍ନ ଋତୁରେ ନାୟିକାର ବିରହ ଦଶା ବର୍ଣ୍ଣନାକ୍ରମରେ କବି ଭଞ୍ଜ ବିଶେଷ କରି ବିପ୍ରଲମ୍ଭ ଶୃଙ୍ଗାରର ବର୍ଣ୍ଣନା କରିବା ସହ ସେମାନଙ୍କ ମିଳନରେ ସମ୍ଭୋଗ ଶୃଙ୍ଗାର ଉପଯୁକ୍ତ ଭାବରେ ପ୍ରଦାନ କରିଛନ୍ତି ।

ରୀତିଯୁଗୀୟ କାଳ୍ପନିକ କାବ୍ୟ ପରମ୍ପରାକୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ନିଜ ଲାବଣ୍ୟବତୀ କାବ୍ୟର ପ୍ରତି ଛତ୍ରେ ଛତ୍ରେ ରକ୍ଷା କରିପାରିଛନ୍ତି । ଏହାବ୍ୟତୀତ ଏହି କାବ୍ୟରେ ନିଜର ପାଣ୍ଡିତ୍ୟ, ପ୍ରତିଭା, ବିଦ୍‌ବତ୍ତା ଓ ଅପୂର୍ବ କାଳ୍ପନିକତା ଆଦିର ସଂଯୋଗ ଘଟାଇ ଏହି କାଳ୍ପନିକ କାବ୍ୟଟିକୁ ବେଶ ଉଚ୍ଚକୋଟିର କରି ପାରିଛନ୍ତି ।

ସହାୟକ ଗ୍ରନ୍ଥସୂଚୀ-

୧- ଲାବଣ୍ୟବତୀ- କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ପ୍ରକାଶକ-ନାରାୟଣ ଚନ୍ଦ୍ର ଦାସ, ମୁଦ୍ରଣ-ମନମୋହନ ପ୍ରେସ, କଟକ, ପ୍ରକାଶ କାଳ-୧୯୩୯ ।

ISSN NO.
2582-208X

୨-ଲାବଣ୍ୟବତୀ- କବିସମ୍ରାଟ ଉପେନ୍ଦ୍ର ଭଞ୍ଜ,(୧ମ ଓ ୨ୟ ଭାଗ ) ଦ୍ୱିତୀୟ ସଂସ୍କରଣ, ସଂପାଦନା-ଆର୍ତ୍ତବଲ୍ଲଭ ମହାନ୍ତି, ପ୍ରକାଶକ-ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ, ପ୍ରକାଶ କାଳ-୧୯୫୨ ଓ ୧୯୫୩ ।

୩- ଓଡ଼ିଆ ରୀତିସାହିତ୍ୟ : ପରଂପରା ଓ ପୁରୋଦୃଷ୍ଟି- କୃଷ୍ଣଚନ୍ଦ୍ର ପଧାନ, ପ୍ରକାଶକ- ବିଦ୍ୟାପୁରୀ, ବାଲୁବଜାର, କଟକ-୨, ତୃତୀୟ ମୁଦ୍ରଣ- ଜାନୁଆରୀ ୨୦୧୮ ।

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ,
ବାଣୀନିକେତନ, ରେଙ୍ଗାଲି, ଜିଲ୍ଲା-ବଲାଙ୍ଗିର ।
Email- lingaraj.meher82@gmail.com

ISSN NO.
2582-208X

# ପ୍ରେମ



କଳ୍ପନା ମିଶ୍ର

ଚାନ୍ଦିନୀ ପଖଳା ମଧୁ ଯାମିନି ରେ
ବିରହି ପ୍ରେମିକା ସାଜି
ମିଛଟାରେ କାହିଁ କାନ୍ଦିବି କା ପାଇଁ
ଅସରା ଲୁହରେ ଭିଜି ।

ପ୍ରେମ ପାରିଜାତ ତୋଳି ପାରିବିନି
ପ୍ରେମିକା ଟେ ହେବା ପାଇଁ
ପ୍ରୀତିର ଗଜଲ ଗାଇବି ନାହିଁମୁଁ
ମିଠା ସ୍ୱର ତାଳ ଦେଇ ।

ପାଦରେ ପାଉଁଜି ଲଗାଇବି ନାହିଁ
ଛମ୍ ଛମ୍ ଶବ୍ଦ ପାଇଁ
ସେ ଶବ୍ଦେ ଆତୁର ହେବ କାଳେ କିଏ
ପ୍ରେମିକ ମୋ ହେବା ପାଇଁ ।

ISSN NO.
2582-208X

ଅଢେଇ ଅକ୍ଷର ହେଲେ ବି ସେ ପ୍ରେମ
ବଡ଼ ବେଦରଦି ଅଟେ
କୂଳ ମିଳିବନି ଥଳ ମିଳିବନି
ଲଗାଇବ କେଉଁ ଘାଟେ ।

ହରିପୁର, ସୁକନ୍ଦା, ଯାଜପୁର-୭୫୫୦୧୮
ମୋବାଇଲ୍: 8847849093

ISSN NO.
2582-208X

# ଆସିଗଲେ ଭୋଟ



ଦଣ୍ଡାସି ପ୍ରଧାନ

ଆସିଗଲେ ଭୋଟ୍ ଆସିଗଲେ ଭୋଟ୍,
ଦେଖିବାକୁ ମିଳିଥାଏ
କେତେ ଜମା ଜମାଉତ୍ ;
କେତେ ଜମାଉତ୍ ।
ଅନିଚ୍ଛା ସତ୍ୱେ ଶୁଣିବାକୁ ହୁଏ
କେତେ କେତେ ମିଛକଥା---
ଆଉ ବାହୁସ୍ଫୋଟ୍ ଆଉ ବାହୁସ୍ଫୋଟ୍,
ଆସିଗଲେ ଭୋଟ୍...!
ନକଲି ନେତାଙ୍କ ଏପଟ ସେପଟ -
ଟାଉଟର କୁଜି ନେତା ହଟଚମଟ -
ଆକାଶକୁ ମାପିଦେବୁ ଚଟାପଟ୍
ସାଗରକୁ ବାନ୍ଧି ଦେବୁ ଝଟାପଟ୍-
ତାରା ସବୁ ଗଣିଦେବା ପରା ଆମ ବାଆଁ ହାତ ଖେଳ;
ଗରିବୀ ହଟାଇ ଦେବୁ ରାତାରାତି ଜିତିଗଲେ ଦଳ -
ସୁରୁଜକୁ ଜାଳିଦେବୁ ଆମ ଦଳ ବଳେ
ଚକା ଜହ୍ନ ଆଣି ଦେବୁ ତୁମ୍ଭ ହାଣ୍ଡିଶାଳେ

ISSN NO.
2582-208X

ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ଯେତେ ସବୁ
ଶ୍ରମିକ କୃଷକ କଳ ବଳ
ପାଠୁଆ ଅପାଠୁଆ ଆଉ ...ଆଉ
ସଭିଏଁଙ୍କ--
ହାଡୁଆ ଶରୀରରେ ଦୃଢେ ବଢାଇବୁ ବଳ
ଶପଥ ! ଭୀଷ୍ମ ପ୍ରତିଜ୍ଞା ଆମ; ବାଧ୍ୟ ଧରାଇଦେବୁ
ସଭିଏଁଙ୍କ ହାତେ ମହାକାଳ ଫଳ ।
ହେଲେ ଆମ ଜିତାପଟ୍,
କେଇ ଘଣ୍ଟା ଭିତରେ କୃଷକଙ୍କ ଋଣ ଛାଡ !
ନୀତି ନିୟମର ଭାଙ୍ଗିଦେବୁ ବାଡ ।
ଆଉ ବାକିଙ୍କୁ ଖଟାଖଟ୍ ଆଣି ବିଣ୍ଟିଦେବୁ ଋଣ,
ବିଶ୍ୱବ୍ୟାଙ୍କ୍ ଅଛି -
ବିକିବା ପାଇଁ ସଂସ୍ଥାନ ଚଟାପଟ୍
ଆଉ ଜୀର୍ଣ୍ଣ କଳକାରଖାନା
କେତେ ବଳକା ପଡିଛି ।
ବଡ ବାହଦୂର୍ ଆମେ -
ଟିଭି ପରଦାରେ ତୁମେ ଦେଖିଥବ ସଂସଦ ଭବନେ
କାହିଁ କେତେ ଯୁଦ୍ଧ କରୁ ସତେ ?
ପ୍ରଶ୍ନରେ ପ୍ରଶ୍ନ କେତେ !
କିନ୍ତୁ; ହାୟରେ ଭୋଟର୍ ଭାଇ !
ଧରମକୁ ଆଖିମାରି ବଞ୍ଚଯାଉ
ମରୁମରୁ କୌଶଳ ଗୁପତେ -
ଏଥି ପାଇଁ କିବା, କରିବାକୁ ତୁମ ସେବା -

ISSN NO.
2582-208X

ଆଉ ଦେଶ ସେବା /ଜାତିସେବା ।
ସତ କହୁଛ ଆମେ/ , ଶପଥ କରୁ ଆମେ /
ହାତ ଯୋଡୁଛୁ ଆମେ !
ଏହି ଥରେ ମାତ୍ର ଦେଇ ଦିଅ ଭୋଟ୍

ଇଲୋକ୍ଟ୍ରନିକ୍ ମସିନ୍ ସୁଇଚ୍ ଟିପି
ଜିତାଇ ଦିଅ
ନ ମାରି ପଚା ଅଣ୍ଡାର ବୁଲେଟ୍--
ଭିନ୍ନ ମତ ବ୍ୟାଲେଟ୍ ବୁଲେଟ୍ !
ବ୍ୟାଲେଟ୍ ବୁଲେଟ!!!

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସାସ୍କୃତିକ ସେବା ସଂସଦ, ପାତ୍ରପୁର ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967

ISSN NO.
2582-208X

# ଆମ ଦେଶର ମହତ



ଡକ୍ଟର ସୀମାଞ୍ଚଳ ପ୍ରଧାନ

ଆନ୍ଧ୍ରପ୍ରଦେଶର ଉପ ମୁଖ୍ୟମନ୍ତ୍ରୀ
ଛନ୍ତି ପବନ କୁମାର
ମାସିକ ଦରମା ସହ ଗସ୍ତ ଖର୍ଚ୍ଚ
ନେବେନି କହିଲେ ଯୋର।

ଓଡ଼ିଶା ରାଇଜେ ରଙ୍ଗନାଥ ପିତା
ନେଲେନି ମାସିକ ଟଙ୍କା
ସ୍ୱାଭିମାନ ଯୋଗୁଁ ବଡ଼ ହେଲେ ସିଏ
ଇତିହାସେ ହେଲେ ଅଙ୍କା।

ଏମିତି ନଜିର ରହିଛି ଭାରତେ
ନିଜ ସ୍ୱାଭିମାନ ପାଇଁ
ଇତିହାସେ ତାଙ୍କ ନାମ ରହିଥିବ
ନହୁଅନ୍ତୁ ପଛେ ସାଇଁ।

ପଇସାଟା ବଡ଼ ନୁହେଁ ନରରାଣ
ସ୍ୱାଭିମାନ ଯାର ନାହିଁ
କଥା କହିବାରେ ଧୂରନ୍ଧର ସେହୁ
କାମରେ କିଛି ନୁହଁଇ।

ISSN NO.
2582-208X

ଅନ୍ୟ ଠାରୁ ସ୍ୱାଭିମାନକୁ ଶିଖିଲେ
ଏ ଦେଶେ ହୋଇବ ଭଲ
ନତୁବା ଶିଶିର ଭୟେ ଫୁଟିବନି
ଜଳରେ ପଦୁଅଁ ଫୁଲ ।

ମଣିଷଜାତିକୁ ଲୋଭ ଗ୍ରାସକରେ
ଏକଥା ଅଟଇ ସତ
ପୁରାଣ ଶାସ୍ତ୍ରରେ ଲେଖା ହୋଇଅଛି
ଏହି କଥାର ଗୁରୁତ୍ୱ ।

ସ୍ୱାଭିମାନ ଠାରୁ ବଳି କିଛି ନାହିଁ
ଏହି ଜଗତରେ ସାର
ତାହାଠୁଁ ଶିଖିଲେ ଏହି ଭାବଟିକୁ
ହେବାନି କେବେ ଅସାର ।

ପଇସା ବଦଳେ ସ୍ୱାଭିମାନଟିକୁ
ମାନ ତୁମେ ସଦାବେଳେ
ନୋହିଲେ କଷଣ ଭୋଗିବା ଏଠାରେ
ସମସ୍ତ  ଜନତା ମେଳେ ।

ନଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ଲେଉଟା ପାର୍ବଣ



ଅମରନାଥ ବାରିକ

ଜାନକୀ... ଜାନକୀ... ଏ ଜାନକୀ, କୁଆଡ଼େ ଗଲ ମ !! ସକାଳୁ ସକାଳୁ ଏମିତି କେଉଁ କାମରେ ବ୍ୟସ୍ତ ରହିଗଲ ଯେ ଶୁଣୁ ନାହଁ ? ଆରେ ଏଣେ ପରା ମୋର ବିଳମ୍ବ ହୋଇ ଗଲାଣି । ଆଜି ଟିକେ ସଅଳ ଯିବାର ଥିଲା ସ୍କୁଲକୁ କାରଣ ପାର୍ବଣ ଛୁଟି ପାଇଁ ସବୁ ଖାତାପତ୍ର କାମ ସାରିବାକୁ ହେବ । ସରକାର ଏଥର କଡ଼ା ନିୟମ କରିଛନ୍ତି । କୌଣସି ଛୁଟି ପରେ ଯେମିତି କିଛି ବିଷୟବସ୍ତୁ ବଳି ନପଡୁ । ସିଲାବସ୍ ଅନୁଯାୟୀ ସବୁ ଶେଷ କରିବାକୁ ହେବ । ହଉ ଛାଡ଼ ତୁମକୁ ଏ ସବୁ କହିଲେ ତୁମେ ବା କଣ କରିପାରିବ । ଦେଖ ତ ମୋ ପାକେଟ ପାନିଆଟା କେଉଁଠି ରହିଲା ମୁଁ ପାଉନାହିଁ । ଶୀଘ୍ର ଖୋଜିଦେଲେ ମୁଁ ଯିବି। ବାସୁ ମାଷ୍ଟ୍ରେଙ୍କ ମୁହଁରୁ ଏତିକି କଥା ସରୁ ସରୁ ତାଙ୍କ ଘରଣୀ ହାତରେ ଟିଫିନ୍ ବାକ୍ସ ଧରି ପହଞ୍ଚି ଗଲେ ।

ଆରେ ବାବା..! ତୁମର ସବୁ କାମ ଗୁଡା ଏକାବେଳେ ଦରକାର ମୁଁ ତ ପୁଣି ଜଣେ ମଣିଷ, ଏତେ ଶୀଘ୍ର କେମିତି ଏସବୁ କାମ କରିବି ଯେ ? ଏପଟରେ ପିଲାମାନଙ୍କୁ ସମ୍ଭାଳିବା, ବାରିରୁ ପନିପରିବା ଆଣିବା, ରୋଷେଇ କରିବା, ଟିଫିନ୍ ବାକ୍ସ ସଜାଡ଼ିବା, ଘର ଓଳେଇବା, କୂଅରୁ ପାଣି କାଢ଼ିବା, ଗାଧୁଆ ପାଧୁଆ କରିବା, ବଗିଚାରୁ ଫୁଲ ତୋଳିବା, ଠାକୁର ପୂଜା କରିବା, ସମସ୍ତଙ୍କର କପଡ଼ାଲତା ଧୋଇବା, ଆହୁରି ଅନେକ କାମ । ନିଜର ତ ପୁଣି କିଛି ପେଟ ପାଟି ଅଛି କି ନାହିଁ ? ହଁ ତୁମେ ବା କ'ଣ କରିବ ? ଯେହେତୁ ମୁଁ ଜଣେ ନାରୀ ଏ ସବୁତକ ମୋତେ ହିଁ କରିବାକୁ ପଡ଼ିବ। ଏଇ ନିଅ ତୁମ ପାନିଆ, ବହୁତ

ISSN NO.
2582-208X

ମଇଳା ହୋଇଯାଇଥିଲା ତ, ମୁଁ ସଫା କରିବା ପାଇଁ ନେଇଥିଲି । ଜାନକୀ ଆଖିରୁ ଦୁଇ ଟୋପା ଲୁହ ନିଗାଡ଼ି ଦେଲା ।

ବାସୁ ମାଷ୍ଟ୍ରେ ସ୍କୁଲକୁ ଯାଇଥିଲେ ସତ କିନ୍ତୁ ସେ ଅନ୍ୟମନସ୍କ ରହୁଥିଲେ । ଯେମିତି ଗୀତ ଗାଇ ଗାଇ ସାହିତ୍ୟ ପଦ୍ୟ ପଢାନ୍ତି । ସୁନ୍ଦର ସରଳ ଭାଷାରେ ଗପ କହିଲା ଭଳି ଗୋଟି ଗୋଟି କରି ପଦ୍ୟକୁ ବୁଝାନ୍ତି । ସେମିତି ନପଢ଼ାଇ ଖାଲି ସିଧାସଳଖ ଭାବରେ ପଢ଼ାଉଥିଲେ। ଦୁର୍ଗାପୂଜା ପାଇଁ ବିଦ୍ୟାଳୟ ଏକ ସପ୍ତାହ ଛୁଟି ରହିବାକୁ, ଏପଟେ ସମସ୍ତ ଅସମ୍ପୂର୍ଣ୍ଣ ସ୍ଥଗିତ କାର୍ଯ୍ୟ ଶେଷ କରିବାକୁ, ପୁଣି ପ୍ରଧାନ ଶିକ୍ଷକ ଭାବରେ ସମସ୍ତ ଗୁରୁ ଦାୟିତ୍ୱ ତୁଲାଇବାକୁ ତଥା ମାନସିକ ଭାରସାମ୍ୟ ଓ ଶାରୀରିକ ପରିଶ୍ରମ । କର୍ମମୟ ଜୀବନରେ ସର୍ବଦା ରେଳଗାଡ଼ି ପରି ଦୃତଗତିରେ କଠିନ ପରିଶ୍ରମ ସହିତ ଶରୀରକୁ ନିୟୋଜିତ ରଖିଥାନ୍ତି । ଫୁର୍ତ୍ତି ଓ ତତ୍ପର ରୁହନ୍ତି କିନ୍ତୁ ହଠାତ୍ ଆଜି ସମୁଦ୍ରର ଢେଉ ସ୍ଥିର ହୋଇ ଯାଇଛି । ବାଘର ଗର୍ଜନ ଶୁଭୁନାହିଁ । ବୈଶାଖ ଆକାଶରେ ଘୂର୍ଣ୍ଣିଝଡ ସୃଷ୍ଟି ହୋଇଛି। ପୁନେଇ ଜହ୍ନକୁ କଳା ବାଦଲ ଢାଙ୍କି ଦେଇଛି । ସୁବାସିତ ଫୁଲର ଉଦ୍ୟାନ ଆଜି ମରୁଭୂମି ପାଲଟି ଯାଇ, ଶରତରେ ପତ୍ରଝଡ଼ା ଦେଇଛି । ହେଲେ ଆଜି ଏମିତି ସବୁ ଓଲଟ ପାଲଟ କାହିଁକି ହୋଇଯାଇଛି । ନା ଜମା ନୁହେଁ, ବାସୁ ମାଷ୍ଟ୍ରେଙ୍କ ମନଟା ଜମା ବୁଝୁନଥାଏ। ତାଙ୍କ ପତ୍ନୀଙ୍କର ଏଭଳି ବ୍ୟାକୁଳତା, ଆଖିରୁ ଲୁହ ଝରିବା ଦୃଶ୍ୟ ତାଙ୍କୁ ପାଗଳ କରିପକାଉଛି, ସେ ସ୍ଥାଣୁ ପାଲଟି ଯାଇଛନ୍ତି ।

ବୋଧହୁଏ ତାଙ୍କ ଝିଅ କଲ୍ୟାଣୀ ପାଇଁ ଏସବୁ ହୋଇଛି । ଝିଅ ତ ନୁହେଁ ସତେ ଯେମିତି ମା ଦୁର୍ଗାଙ୍କ ପ୍ରତିମାଟିଏ ତାଙ୍କ ଘରେ ଆବିର୍ଭାବ ହୋଇଥିଲା । ସେଥିପାଇଁ ବାସୁ ମାଷ୍ଟରଙ୍କ ପତ୍ନୀ ଜାନକୀ ଝିଅର ନାଁ କଲ୍ୟାଣୀ ରଖିଥିଲେ । ତା'ର ଜନ୍ମ ବି ମଧ୍ୟ ଏଇ ଦୁର୍ଗା ଅଷ୍ଟମୀରେ ହୋଇଥିଲା । ଯେଉଁ ସ୍ତ୍ରୀ କାଲି ମଧୁର ମଧୁର କଥାରେ ସମସ୍ତଙ୍କ ମନ କିଣିନେଉଥିଲା, ଯାହାର ହସରେ ଏ ସଂସାର ହସି ଉଠୁଥିଲା, ଆଜି ସେ କ'ଣ କେତେବେଳେ କରୁଛି କେହି କିଛି ବୁଝି ପାରନ୍ତି ନାହିଁ । ଶହେ ପଦରେ ପଦେ କହି ରହିଯାଏ । କେବଳ ସେ ଅପେକ୍ଷା କରିଥାଏ ଦଶହରା ମେଳାକୁ । ମେଳା ଦେଖି ଯିବା

ISSN NO.
2582-208X

କଥା କହିଲେ ସେ ସବୁକିଛି ଭୁଲି ଦଶହରା ମେଳା ଯିବା ପାଇଁ ବ୍ୟାକୁଳ ହୋଇ ଉଠେ, ଏମିତିକି ବାସୁ ମାଷ୍ଟ୍ରେଙ୍କ ପାଦ ଧରି ମୁଣ୍ଡ ପିଟେ । ପାଗଳି ପରି ଗଡ଼ିଯାଏ, ଆଉ କୁହେ "ଏ ମୋତେ ଏଥର ମେଳାକୁ ନେବ ନା !" ବାସୁ ମାଷ୍ଟ୍ରେ ହଁ କହି ତାଙ୍କ ଛାତିରେ ଚାପି ଧରନ୍ତି । ଆଖିର ଲୁହ ଓଠରେ ପିଇ ଯାଆନ୍ତି । ମେଳାରୁ ନିରାଶ ହୋଇ ଫେରି ଆସନ୍ତି ପ୍ରତିବର୍ଷ । ବହୁତ ଆଶା ନେଇ ଜାନକୀ ମେଳାକୁ ଯାଏ ସତ, କିନ୍ତୁ ତା ଆଶା ପୂରଣ ହୁଏ ନାହିଁ । ତା' ଭଙ୍ଗା ମନ କେବେ ଯୋଡ଼ି ହୁଏ ନାହିଁ । ସତରେ କ'ଣ ଜାନକୀ ଏମିତି ଦଶହରା ମେଳାକୁ ଯାଉଥିବ, ଆଉ ନିରାଶ ହୋଇ ଫେରୁଥିବ ! ତା' ଆଶା କ'ଣ ଆଶାରେ ରହିଯିବ ଏମିତି ? ତା' ମୁହଁରେ କ'ଣ ଆଉ ହସ ଫୁଟିବ ନାହିଁ ? କିଏ ଛଡ଼େଇ ନେଇଛି ତା' ଖୁସି ? କେଉଁ ରାଇଜରେ ତା' ସ୍ୱପ୍ନର ତାଜମହଲ ହଜିଗଲା ?

ଆଜିକୁ ପ୍ରାୟ ପାଞ୍ଚ ବର୍ଷ ତଳର କଥା:- ପାର୍ବଣ ମେଳା ଦେଖିବାକୁ ବାହାରିଥିଲେ ବାସୁ ମାଷ୍ଟ୍ରେ ଓ ତାଙ୍କ ଘରଣୀ ଜାନକୀ । ସାଥିରେ ତାଙ୍କର ଏକ ମାତ୍ର ଅଲିଅଳି ଜ୍ୟେଷ୍ଠ କନ୍ୟା କଲ୍ୟାଣୀ ଏବଂ ମଧ୍ୟମ, କନିଷ୍ଠ ଦୁଇ ପୁତ୍ର ମଧ୍ୟ ଥିଲେ । ସେତେବେଳେ କଲ୍ୟାଣୀର ବୟସ ମାତ୍ର ସାତ ପୂରି ଆଠ ବର୍ଷ ଚାଲିଥାଏ । ପିଲାଟି ବଡ ବୁଦ୍ଧିମତୀ, ଡଉଲ ଡାଉଲ ପୁଣି କୌତୁକିଆ ଥିଲା । ମେଳାରେ ଜାନକୀ ଗୋଟାଏ ଛୁଆକୁ କାଖେଇ ଥାଏ ତ ବାସୁ ମାଷ୍ଟ୍ରେ ଗୋଟାଏ ଛୁଆକୁ କାଖେଇ ଥାଆନ୍ତି । ଆଉ କଲ୍ୟାଣୀ ପିତା ମାତାଙ୍କ ହାତ ଧରି ଚାଲିଚାଲି ଯାଉଥାଏ । ସେଠାରେ ବିଭିନ୍ନ ପ୍ରକାର ଦୋକାନ ବଜାର ପଡ଼ିଥାଏ । କେଉଁଠି କେଉଁଠି ଖାଇବା ପିଇବା ଜିନିଷ ତ କେଉଁଠି କେଉଁଠି ହାତୀ ଘୋଡ଼ା ଭଳି ବିଭିନ୍ନ ଖେଳନା ପଡ଼ିଥାଏ । ଜାଗା ଜାଗାରେ ମଧ୍ୟ କଣ୍ଢେଇ ନାଚ ହେଉଥାଏ ତ ଅନ୍ୟ ପଟେ ଆକାଶ ଦୋଳି ଲାଗିଥାଏ । ମା ଦୁର୍ଗାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ବହୁତ ହୋଇଥାଏ । ପେଁକାଳୀ, ଖୋଳ, ମର୍ଦ୍ଦଳ, ଢୋଲ, ହରିବୋଲ, ହୁଳହୁଳି, ଶଙ୍ଖନାଦର ଧ୍ୱନି ଗର୍ଜନ କରୁଛି କାରଣ ଜଗତ ଜନନୀ ଧରାବତରଣ ହୋଇଛନ୍ତି । ଏଭଳି କୋଳାହଳ ଭିଡ଼ ଭିତରେ କଲ୍ୟାଣୀ ପିତା ମାତାଙ୍କ ହାତ ଛଡା ହୋଇଗଲା । ବାସୁ ମାଷ୍ଟ୍ରେ ଜାନକୀ ପଛକୁ ବୁଲି ଦେଖନ୍ତି କଲ୍ୟାଣୀ ନାହିଁ । ସତେ ଯେମିତି ସମୁଦ୍ରର ଢେଉ ଭଳି ଭକ୍ତଙ୍କ ଭିଡ଼ ଆଗକୁ

ISSN NO.
2582-208X

ପଛକୁ ଲହଡ଼ି ଭାଙ୍ଗୁଛି । କେଉଁଠୁ ବା ଝିଅକୁ ପାଇବେ ? ପିତାମାତାଙ୍କ ପାଦ ତଳୁ ମାଟି ଖସିଗଲା । ଖୋଜି ଖୋଜି ନୟାନ୍ତ ହୋଇପଡିଲେ କିନ୍ତୁ କଲ୍ୟାଣୀକୁ ପାଇଲେ ନାହିଁ । ସେହି ଦିନ ଠାରୁ ଜାନକୀ ଝିଅର ଫେରିବା ବାଟକୁ ଚାହିଁ ରହିଛି ଯେ ଆଜିକୁ ପାଞ୍ଚ ବର୍ଷ ବିତି ଗଲାଣି ।

ବିଦ୍ୟାଳୟର ଘଣ୍ଟାଟା ଟିଙ୍ଗଟିଙ୍ଗ ହୋଇ ବାଜିବାରୁ ବାସୁ ମାଷ୍ଟ୍ରେଙ୍କ ମୁହଁରୁ ବାହାରିଲା "ଓଃ ଏତେ ସମୟ ହୋଇଗଲାଣି।" ହାତରୁ ଟିକେ ସାର୍ଟ ଉଠେଇ ଘଡି ଦେଖନ୍ତି ତ ଚାରିଟା ବାଜିଥିଲା । ପିଲାମାନେ ବହି ବସ୍ତାନି ଧରି ଖୁସିରେ ହୋହାଲ୍ଲା କରି ଘରକୁ ଧାଇଁ ଯାଉଥାନ୍ତି। କାରଣ ଦୁର୍ଗାପୂଜା ପାଇଁ ଆଜିଠାରୁ ବିଦ୍ୟାଳୟ ଗୋଟିଏ ସପ୍ତାହ ଛୁଟି ରହିବ । ଏତିକିବେଳେ ବିଦ୍ୟାଳୟର ଚପରାସି ରଘୁଭାଇ ଆସି କହିଲେ "ସାର୍ ମୁଁ ସବୁ ଠିକ ଠାକ୍ ରେ ବନ୍ଦ କରିଦେଇ ଚାବି ପକେଇ ଦେଇଛି।" ବାସୁ ମାଷ୍ଟ୍ରେ କହିଲେ ହଁ ତମେ ଏବେ ଚାଲ, ମୁଁ ଟିକେ ପରେ ଆସୁଛି । ଦୋଳାୟମାନ କାଶତଣ୍ଡୀର ଗହଳରେ, ଶରତ ଶୁଭ୍ର ନିର୍ମଳ ଆକାଶ ନେଇ ଆଶ୍ୱିନର ପଦପାତ । ଗାଁରୁ ସହର, ଦେବାଳୟରୁ ଘର ସବୁଠି ସେହି ଜଗନ୍ମୟୀ ମହାମାୟାଙ୍କର ମହୋତ୍ସବର ବାର୍ତ୍ତାରେ ଉଲ୍ଲସିତ ଧରାଧାମ । ସବୁଠି ପ୍ରତିବିମ୍ବିତ ହଉଛି ସେହି ମାତୃମୂର୍ତ୍ତିଙ୍କର ଅଧରର ମନ୍ଦମନ୍ଦ ହସ, ଜବା କୁସୁମ ର ରକ୍ତିମ ଆଭାରେ ଝୁଣାର ମଧୁର ଗନ୍ଧରେ ଷୋଡଶ ଦିନାତ୍ମକ ଦୁର୍ଗାର୍ଚ୍ଚନ ନିମନ୍ତେ ସମସ୍ତେ ଅପେକ୍ଷାରତ ।

ବାସୁ ମାଷ୍ଟ୍ରେ ଫେରିବା ବାଟରେ କିଛି ଫଳମୂଳ ଆଦି ଧରି ପହଞ୍ଚି ଗଲେ । ଜାନକୀ ତାଙ୍କ ହାତରୁ ଏ ସବୁ ଦେଖି ବହୁତ ଖୁସି ହୋଇଗଲା । ତା'ର ମନେ ପଡ଼ିଲା ଯେ କାଲି ଦଶହରା ମେଳା ଦେଖିବାକୁ ଯିବ । ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ବହୁତ ଆଶା ନେଇ ଜାନକୀ ଝିଅର ଶୁଭ ମନାସିଛି । ବୋଧ ହୁଏ ମା ମଙ୍ଗଳା ତା' ଡ଼ାକ ଶୁଣିବେ ଆଉ କଲ୍ୟାଣୀ ମିଳିଯିବ । ପାର୍ବଣ ଋତୁର ମଳୟ ପବନରେ ଶୁଭ୍ର କାଶତଣ୍ଡୀର ଚାମର ଦୋହଲି ଯାଉଛି। ସବୁଜ ସୁଷମାରେ ବିମଣ୍ଡିତ ହୋଇଛି ଧରଣୀ । ଜହ୍ନର ଜୋଛନା ଦେଖି ସରସୀ କୋଳରେ କୁମୁଦିନୀ ଦୋଳି ଖେଳୁଛି। ସନ୍ଧ୍ୟାର ସୁନେଲି କିରଣରେ ସତେ ଯେମିତି ରଜନୀରାଣୀ ରୋଷଣୀ କରି ଆସୁଛି । ଏହି ସୁରମ୍ୟ ଶୁଭ ଲଗନରେ ସମସ୍ତେ ବାହାରି ପଡ଼ିଲେ

ISSN NO.
2582-208X

ବିଶ୍ୱରୂପାଙ୍କ ଦିବ୍ୟ ଦର୍ଶନ ପାଇଁ । ସବୁ ଥର ଅପେକ୍ଷା ଏଥର ଟିକେ ନିଆରା ପଦ୍ଧତିରେ ସାଜସଜ୍ଜା ହୋଇଥାଏ କଟକ ସହର । ଦୁର୍ଗା ମଣ୍ଡପକୁ ଲାଗି ଆଉ ଏକ ନୃତ୍ୟ ମଣ୍ଡପ ପ୍ରସ୍ତୁତ କରାଯାଇଛି ଏଥର । ବାସୁ ମାଷ୍ଟ୍ରେ ମନେ ମନେ ଭାବିଲେ ଯଦି ଜାନକୀ ନୃତ୍ୟ ପରିବେଷଣ ଦେଖେ ନିଷ୍ଚୟ ତା' ମନ ଭିତରେ ଥିବା ଦୁଃଖ ଦୂର ହେବ । ବାସୁ ମାଷ୍ଟ୍ରେ ତାହା ହିଁ କଲେ, ନୃତ୍ୟ ପରିବେଷଣ ଦେଖିବା ପାଇଁ ସେଠାକୁ ଗଲେ । କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ମଞ୍ଚକୁ ଏକ ବାର ବର୍ଷର ବାଳିକାଟିଏ ଆସି ସୁଲଳିତ କଣ୍ଠରେ ପ୍ରାରମ୍ଭିକ ସଙ୍ଗୀତ ଗାନ କଲା । ତାହାର କଣ୍ଠ ସ୍ୱରରେ ଅନେକ କିଛି ପରିଭାଷା ବାହାରୁଥିଲା । ଆଉ ତାହା ହିଁ କେବଳ ଜାନକୀର କର୍ଣ୍ଣଧାରରେ ପ୍ରତିଧ୍ୱନିତ ହେଉଥିଲା । ସତେ ଯେମିତି ସେ ବାଳିକା ସହିତ ଜାନକୀର କିଛି ସମ୍ବନ୍ଧ ରହିଛି । ଲୁଚି ରହିଥିବା ମେକପ ଚେହେରା ତଳେ ସେ କଲ୍ୟାଣୀକୁ ଦେଖିପାରୁଥିଲା ।

ଗାନ ଶେଷରେ ଯେତେବେଳେ ବାଳିକାଟିକୁ ପରିଚୟ ପ୍ରଦାନ କରିବା ପାଇଁ ଦର୍ଶକ ମଣ୍ଡଳୀ ଅନୁରୋଧ କଲେ ଏବଂ ନିଜ ବିଷୟରେ କିଛି ତଥ୍ୟ ପ୍ରଦାନ କରିବା ପାଇଁ ଅନୁରୋଧ କଲେ ସେତେବେଳେ ସେ ଜଣେ ପୂଜାରୀଙ୍କୁ ମଞ୍ଚକୁ ଆସିବା ପାଇଁ ଆହ୍ୱାନ କଲା । ସେହି ପୂଜାରୀ ଜଣକ ଯିଏକି ମା ଦୁର୍ଗାଙ୍କ ପୂଜକ । ସେ ମଞ୍ଚକୁ ଆସି ନିଜର ପରିଚୟ ସହିତ ବାଳିକାଟିକୁ କେମିତି ପାଇଥିଲେ ସେ କଥା ସେ ଶୁଣାଇଲେ । କଥା ଶେଷ ହୋଇ ନଥିଲା ପୂଜାରୀଙ୍କର, ଜାନକୀ ଚିତ୍କାର କରି ଡ଼ାକିଡ଼ାକି ମଞ୍ଚ ଉପରକୁ ଚଢ଼ିଗଲା । ସତେ ଯେପରି ଆଖିରୁ ତା'ର ଗଙ୍ଗା ଯମୁନା ଧାରଧାର ହୋଇ ବୋହି ଯାଉଥାଏ । ପୂଜାରୀଙ୍କ ପାଦ ଧରି, ମୋ ଜୀବନ ଧନ କହି ସେହି ବାଳିକାଟିକୁ କୋଳେଇ ଧରି ଚୁମ୍ବନରେ ଦେହ ଭରିଦେଲା । ସମସ୍ତେ ଅପଲକ ନେତ୍ରରେ ଚାହିଁ ରହିଛନ୍ତି ।

ଘୋର ଗର୍ଜନ ଘଡଘଡି ବିଜୁଳି ସହିତ ମୂଷଳ ଧାରାରେ ବର୍ଷା ପବନ ପ୍ରବଳ ମାତ୍ରାରେ ବହିବାକୁ ଲାଗିଲା । ଶରୀରର ପ୍ରତ୍ୟେକ ଲୋମମୂଳ ଟାଙ୍କୁରି ଉଠୁଥାଏ । ଏହି ଭୟଙ୍କର ଦୃଶ୍ୟ ଭିତରେ ସେତେ ଯେମିତି ମା ଦୁର୍ଗା ଧରାବତରଣ କରିଛନ୍ତି, ଆଉଥରେ ରାବଣ ରୂପି ପାପୀ ମାନଙ୍କୁ ସଂହାର କରିବା ପାଇଁ । ଯୋଗୀଜନ ମାନଙ୍କୁ ଉଦ୍ଧାର କରିବା ପାଇଁ ।

ISSN NO.
2582-208X

ନାରୀ ନିର୍ଯାତନା, କନ୍ୟା ଭ୍ରୁଣ ହତ୍ୟା, ନାରୀ ଧର୍ଷଣକୁ ରୋକିବା ପାଇଁ, ଅନ୍ୟାୟ ଅଧର୍ମ ଦୁର୍ନୀତି ଅନ୍ଧ ରାଜନୀତିକୁ କ୍ଷୟ କରିବା ପାଇଁ, ସତ୍ୟର ଜୟ ଘୋଷଣା ପାଇଁ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ନୂଆଁ ପୃଷ୍ଠା ଏଠି ତିଆରି କରେ ମୁଁ



ନିରୁପମା ପଟେଲ

ନୂଆଁ ପୃଷ୍ଠା ଏଠି ତିଆରି କରେ ମୁଁ
କଲମ କୁ କରି ନିହାଣ
ସାଦା କାଗଜରେ ଗେରାଉ ଗେରାଉ
ମୁଁ ଭୁଲି ଯାଏଁ ସବୁ କଷଣ ।

ତୁମେ ଅଟ ଶବ୍ଦ ତୁମେ ଅଟ ବାକ୍ୟ
ତୁମେ ପ୍ରଭୁ ମୋ ଲେଖନୀ
ତୁମ ଭାବନାରେ ବୁଡ଼ି ରହିଅଛି
ନିତି ଲେଖୁଛି ମୁଁ ନୂଆଁ କାହାଣୀ ।

ସତ୍ୟତାର ବାର୍ତ୍ତା ଯାହା ମୁଁ ବଖାଣେ
କଲମ ମୁନରେ ସଜାଏଁ
ଭଲମନ୍ଦ ପୁଣି ହସ କାନ୍ଦ ସବୁ
ଏଇ ପୃଷ୍ଠା ରେ ତ ସ୍ଥାନ ପାଏ ।

ISSN NO.
2582-208X

ଆଉଜା କବାଟେ ମୋ ହୃଦ ଭିତରେ
ସ୍ୱପ୍ନ ମଣି ବିଞ୍ଚି ହୁଏ
କାହା କରାମତି ପଚାରିଲେ ମନ
କେବଳ ତୁମରି ପାଖକୁ ଧାଏଁ ।

ସତ୍ୟ ଅସତ୍ୟ ର ସଂସାରରେ ପ୍ରଭୁ
ରଚି ଅଛ ଯେତେ ଖେଳା
ତାରି ଭିତରେ ଉବୁଟୁବୁ ହୁଏଁ
ତୁମେ ଦେଖୁଅଛ ନିତି ପାଲା ।

ଦୋଷୀ ନୁହଁ ଏଠି ଦୋଷ ବା କାହାର
ଜଣାପଡେ ନାହିଁ କିଛି
ଭଣ୍ଡି ଭଣ୍ଡେଇକି ମଣିଷ ଚାଲିଛି
ଶେଷେ ବୁଝି ନ ପାରଇ କିଛି ।

ଧ୍ୱନି ପ୍ରତିଧ୍ୱନି ଶୁଭୁଥାଏ ପରା
କର୍ଣ୍ଣ ଗହ୍ୱରରେ ମୋର
କଳା କୀର୍ତ୍ତି ସବୁ ହସୁଥାନ୍ତି ଏଠି
ଚିହ୍ନି ହୁଏନି କିଏ ପର କିଏ ନିଜର ।

କାଳ ବେଳ ଦେଖି ଅଙ୍କ କଷା କଷି
କରୁଥାନ୍ତି ଯେ ଯାହାର

ISSN NO.
2582-208X

ମୋ ଶବ୍ଦ ଦୁନିଆରେ ମୁଁ ନିଜକୁ ହଜାଏ
ଜଉଠୀ ଭେଟ ହୁଏ ଖାଲି ତାଙ୍କର ଓ ମୋର .......

ଭଲ ପାଏଁ ମୁହିଁ ଭଲ ପାଉଥିବି
ଲେଖିବା କଳାକୁ ମୋର
ଦୁନିଆଁ ମଞ୍ଚରେ ଭେଟି ଆଣି ଦେବି
ସଦା ଲାଗିବ ସଂସାର ସୁନ୍ଦର ।।(୨)

ବଲାଙ୍ଗୀର

ISSN NO.
2582-208X

# କି ଲାଭ ତହିଁରେ



ଅଜିତ କୁମାର ରାଉତ

ହେ ବିଚାରପତି..........
କିମ୍ବା ରାବ ଆରକ୍ଷଣ ଆରକ୍ଷଣ ?
କି ଲାଭ ତହିଁ ରେ
ଥରେ ଭାବି ଦେଖ
ଜ୍ଞାନୀଜନ ବିଦ୍ୱାନ ଓ ଦେଶର ବିଚାରପତି
ଉନ୍ନତି କେତେ କରିଛି
ଆରକ୍ଷଣ ସୁବିଧା ଯାହାକୁ
ସମ୍ବିଧାନ ଦେଇଛି
ଜନ୍ମଜାତ ଅଧିକାର କିବା ତାର
ଅଧିକାର କିବା
ସମ୍ବିଧାନ
ଚିରଦିନ ପାଇଁ ତାକୁ ଦେଇଛି
କୁହ ବିଚାରପତି !!
ହେ ବିଚାରପତି.............
କହିବାର ନାହିଁ କିଛି
କରୁଛି ଲଜ୍ଜିତ
ପ୍ରଶ୍ନ ଉଠୁଛି ସଦାସର୍ବଦା

ISSN NO.
2582-208X

ନୂଆ ଭାରତରେ
ଅମୃତ କାଳରେ
ଚନ୍ଦ୍ରଲୋକେପାଦ ଯାର
ତ୍ରିରଙ୍ଗା ଉଡ଼େ ନିରନ୍ତର
ଜାତି ଜାତି ରାବ କିମ୍ପା ?
ଗରିବଙ୍କୁ ଦେଉ ସରକାର ଏହୁ ସୁବିଧା
ଅନୁସୂଚିତ ଜାତି ଜନଜାତି ନାହିଁ
ନାହିଁ ବା ଅନ୍ୟ କାହାକୁ
ନେତା କରୁଛି ଜାତି ଆରକ୍ଷଣରେ ତାଣ୍ଡବ
ବୃଦ୍ଧି ପାଇଁ ଅନ୍ୟ ସମୁଦାୟଙ୍କର
ଭୋଟ୍ ପାଇଁ ରାଜନୈତିକ
ଲାଭ ପାଇଁ
ଥରେ ଦେଖ ବିଚାରପତି !!
ହେ ବିଚାରପତି..........
ଏତେ ବର୍ଷ ହେଲା ଆରକ୍ଷଣ ମିଳୁଛି
କେହୁ କିବା ମୂଖ୍ୟ ଧାରାରେ
ଏ ପର୍ଯ୍ୟନ୍ତ ଆସି ନାହିଁ
ନେତା ହୋଇ ନାହିଁ
ଶିକ୍ଷକ ପ୍ରଫେସର ଅବା ସରକାରୀ ନୌକରୀ କରୁ ନାହାଁ
କୋରଡ ପତି ଅବା ବେପାରୀ
ହୋଇ ନାହାନ୍ତି
ତାଙ୍କ ଓ ତାଙ୍କ ସନ୍ତାନଙ୍କ ପାଇଁ
କିମ୍ପା ଆରକ୍ଷଣ ?
କର ବିଚାର ହେ ବିଚାରପତି !!

ISSN NO.
2582-208X

ଦୂର ହେଉ ଆରକ୍ଷଣ ଶବ୍ଦ ଦେଶରୁ
ସୁବଧା କର ଗରିବ ବ୍ୟକ୍ତିର
ଶିକ୍ଷାରେ ଲାଭ ଦିଅ
ହେଉ ଆତ୍ମନିର୍ଭରଶୀଳ
ଦୂର କର ଜାତି ବାଦ ଭାବ
ଗରିବ ହେଉ ଜାତି
ମୂଖ୍ୟତଃ ଉନ୍ନତି ପଥରେ ଆଣିବା ପାଇଁ
ତେବେ ସ୍ୱପ୍ନ ରାମରାଜ୍ୟ
ସାକାର ହେବ ରାଷ୍ଟ୍ରରେ
ହେ ବିଚାରପତି କର ବିଚାର ବିଚାରେ !!

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୬୨୦୫୩୪୩୫୬୯

ISSN NO.
2582-208X

# ମଧୁର ମଧୁର କୃଷ୍ଣ ନାମ ମଧୁର



ବିଜୟ କୁମାର ସାହୁ

ମଧୁର ମଧୁର କୃଷ୍ଣ ନାମ ମଧୁର
ମଧୁର ମଧୁର ରାମ ନାମ ମଧୁର
ରାମ ନାମ ମଧୁର ଶ୍ୟାମ ନାମ ମଧୁର
ହରି ନାମ ମଧୁର ଶ୍ୟାମ ନାମ ମଧୁର
ମଧୁର ମଧୁର କୃଷ୍ଣ ..............................
ଅଧର ମଧୁର ବଦନ ମଧୁର ନୟନ ମଧୁର ହସ ତା ମଧୁର
ହୃଦୟ ମଧୁର ଗମନ ମଧୁର ବସନ ମଧୁର ଚାଲି ତା ମଧୁର
ମଧୁର  ମଧୁର କୃଷ୍ଣ .................................
ବେଣୁ ମଧୁର ରେଣୁ ମଧୁର ପାଣି ମଧୁର ପାଦ ତା ମଧୁର
ନୃତ୍ୟ ମଧୁର ସଖ୍ୟ ମଧୁର ବଂଶୀ ମଧୁର ସ୍ୱର ତା ମଧୁର
ମଧୁର ମଧୁର କୃଷ୍ଣ .......................................
ରୂପ ମଧୁର ତିଳକ ମଧୁର ହରଣ ମଧୁର ରମଣ ମଧୁର
ଦୁଷ୍ଟ ମଧୁର ଶିଷ୍ଟ ମଧୁର ଗୀତ ମଧୁର ଚାହାଣି ତା ମଧୁର
ମଧୁର ମଧୁର କୃଷ୍ଣ ..............................................

ISSN NO.
2582-208X

ଗୋପୀ ମଧୁର ଲୀଳା ମଧୁର ଯୁକ୍ତ ମଧୁର ମୁକ୍ତ ମଧୁର
ଦଳିତ ମଧୁର ଫଳିତ ମଧୁର କୁଞ୍ଜ ମଧୁର ସୃଷ୍ଟି ତା ମଧୁର
ମଧୁର ମଧୁର କୃଷ୍ଣ ..........................................
ଯମୁନା ମଧୁର ବୀଚି ମଧୁର ସଲିଳ ମଧୁର କମଳ ମଧୁର
କେଳି ମଧୁର ମୟୂର ମଧୁର କଦମ୍ବ ମଧୁର ବନ ତା ମଧୁର
ମଧୁର ମଧୁର କୃଷ୍ଣ ......................................

********

ଶ୍ରୀ ଶ୍ରୀ ବଲ୍ଲଭାଚାର୍ଯ୍ୟଙ୍କ 'ମଧୁରାଷ୍ଟକ' ସ୍ତୋତ୍ର ଅବଲମ୍ବନରେ ଲିଖିତ

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ – ୮୭୬୩୧୪୮୬୨୩

ISSN NO.
2582-208X

# ନରକିନ୍ନର ଉପନ୍ୟାସରେ ପିକାରେସ୍କ ଚରିତ୍ର ଜର୍ଜ



ରିତୁପର୍ଣ୍ଣା ପତି

ବିଶ୍ୱ ସାହିତ୍ୟରେ ଉପନ୍ୟାସ, ଗଳ୍ପ, କବିତା, ନାଟକ ଆଦିକୁ ବିଭିନ୍ନ ବିଭାଗରେ ସାହିତ୍ୟିକମାନେ ବିଭକ୍ତ କରିଛନ୍ତି । ଏହି ବିଭାଗୀକରଣ କେତେବେଳେ ଘଟଣାକୁ କେନ୍ଦ୍ର କରି ହୋଇଥାଏ ତ କେତେବେଳେ ଚରିତ୍ରକୁ କେନ୍ଦ୍ର କରି । ସେହିପରି ବିଶ୍ୱ ଉପନ୍ୟାସ ସାହିତ୍ୟରେ ପିକାରେସ୍କ୍ ଉପନ୍ୟାସର ଜନ୍ମ ହୋଇଥିଲା । 'ପିକାରୋ' ଚରିତ୍ରମାନଙ୍କୁ ନେଇ ଏହି ପିକାରେସ୍କ୍ ଉପନ୍ୟାସର କଳେବର। ଏହି ପିକରୋମାନେ ହେଉଛନ୍ତି ଉପନ୍ୟାସର ମୁଖ୍ୟ ଚରିତ୍ର । ଏହି ଚରିତ୍ରର ସମଗ୍ର ଜୀବନକୁ ବ୍ୟାଖ୍ୟା କରାଯାଇଥାଏ ଏହି ଉପନ୍ୟାସରେ । ଷୋଡ଼ଶ ଶତାବ୍ଦୀରେ ପୀକାରେସ୍କ୍ ଉପନ୍ୟାସର ଉଦ୍ଭବ ଘଟିଥିଲା ସ୍ପେନରେ। ସ୍ପାନିସ ଶବ୍ଦ 'Picaro' ରୁ 'Picaresque' ଶବ୍ଦ ଆସିଛି ଯାହାର ଅର୍ଥ 'a rogue', 'vegabond', ।ଏହାର ସାଧାରଣ ଓଡ଼ିଆ ଅର୍ଥ ହେଉଛି - ଧୂର୍ତ୍ତ, ପ୍ରବଞ୍ଚକ, ଛଳନାକାରୀ, ଚରିତ୍ରହୀନ, ଭଣ୍ଡ ବ୍ୟକ୍ତି। ଏହି ପିକାରୋ ଚରିତ୍ରର ପିଲାଦିନ ଏକ ନୀତିହିନ ସମାଜରେ କଟିଥାଏ। ସେ ନିମ୍ନ ସାମାଜିକ ବର୍ଗର ହୋଇଥାଏ। ଏହିଭଳି ଆଦର୍ଶହୀନ ଛଳୀ ଚରିତ୍ରର ଜୀବନଯାତ୍ରାକୁ ପୀକାରେସ୍କ ଉପନ୍ୟାସ ଆଧାର କରିଥାଏ । ଏହିମାନେ ଧୂର୍ତ୍ତ ଓ ସଇତାନ ପ୍ରବୃତ୍ତିର । ବିଭିନ୍ନ କର୍ଯ୍ୟସ୍ତରର ମୁଖ୍ୟ ଲୋକଙ୍କ ଅଧୀନରେ କାର୍ଯ୍ୟ କରି ବହୁ ଅଭିଜ୍ଞତା ଓ କୌଶଳ ଅର୍ଜନ କରିଥାନ୍ତି । ବିଭିନ୍ନ ସଂଘର୍ଷ ଏହି ପିକାରୋ ଚରିତ୍ରମାନଙ୍କ ଜୀବନରେ ଦେଖାଯାଏ । ଏହି ଚରିତ୍ରମାନେ ବାରମ୍ବାର ସେମାନଙ୍କ ମାଲିକ, କାମକରିବା ସ୍ଥାନ,

ISSN NO.
2582-208X

ବାସସ୍ଥାନ ଆଦି ବଦଳାଇଥା'ନ୍ତି । ସେଥିପାଇଁ ପିକାରେସ୍କ ଉପନ୍ୟାସ ଧାରାବାହିକ ଶୈଳୀରେ ଲିଖିତ ହୋଇଥାଏ । ଏବଂ ଧାରାବାହିକଗୁଡ଼ିକର ପରସ୍ପର ମଧ୍ୟରେ ସଂଯୋଗ ନଥାଏ । ଏହି ଉପନ୍ୟାସରେ ବହୁ ହିଂସାତ୍ମକ ଘଟଣା ଘଟିବା ସହିତ କେତେକ ହାସ୍ୟରସାତ୍ମକ ମଧ୍ୟ ହୋଇଥାନ୍ତି।ତତ୍ସହିତ ଉପନ୍ୟାସରେ ବହୁ ଦୁଃସାହସିକ ଚରିତ୍ରମାନଙ୍କ ବହୁଳତା ଦେଖାଯାଏ ।

ସ୍ପେନରେ 'ପିକରେଷ୍କ' ନାମକ ଔପନ୍ୟାସୀୟ ଧାରାର ଷୋଡ଼ଶ ଶତାବ୍ଦୀରେ ଉଦ୍ଭବ ଘଟି ସପ୍ତମ ଅଷ୍ଟମ ଶତାବ୍ଦୀବେଳକୁ ଏହା ସମଗ୍ର ଇଉରୋପକୁ ବ୍ୟାପିଯାଇଥିଲା । ତତ୍ସହିତ ଏଥି ସମ୍ପର୍କିତ ବହୁ ଆଲୋଚନା ସମାଲୋଚନା ଆଦି ଆଧୁନିକ ବିଶ୍ୱ ଉପନ୍ୟାସର ଚାହିଦା ପାଠକ ମହଲରେ ବୃଦ୍ଧିପାଇଲା । କିନ୍ତୁ ଭାରତୀୟ ସାହିତ୍ୟ ଓ ଓଡ଼ିଆ ସାହିତ୍ୟରେ ଏହି ଧରଣର ଅନେକ ଉପନ୍ୟାସ ରଚନା କରାଯାଇଥିଲେ ମଧ୍ୟ ପିକାରେଷ୍କ୍ ସମ୍ପର୍କୀୟ ବିଶେଷ କୌଣସି ଆଲୋଚନା ହୋଇନାହିଁ । ଓଡ଼ିଆ ଲେଖକ ପୀକାରେଷ୍କ ଧାରାକୁ ବ୍ୟବହାର କରି କୌଣସି ଉପନ୍ୟାସ ରଚନା କରିନଥିଲେ ମଧ୍ୟ ତାଙ୍କ ଲେଖନୀରୁ ଜନ୍ମଲାଭ କରିଥିବା ବହୁ ଉପନ୍ୟାସର ଗୁଣ ଓ ଚରିତ୍ରକୁ ଆଧାର କରି ପୀକାରେଷ୍କ୍ ଉପନ୍ୟାସର ଅନ୍ତର୍ଭୁକ୍ତ କରିପାରିବା । ତନ୍ମଧ୍ୟରେ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ "ନରକିନ୍ନର" ଉପନ୍ୟାସ ଏକ ଅସାଧାରଣ ସ୍ଥାନ ଗ୍ରହଣ କରିଛି ।

ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜଣେ ପ୍ରୟୋଗବାଦୀ ଲେଖକ ଭାବରେ ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରମୁଖ ସ୍ଥାନ ଗ୍ରହଣ କରିଛନ୍ତି। ୧୯୭୨ ମସିହାରେ ତାଙ୍କ ଦ୍ୱାରା ରଚିତ ହୋଇଛି "ନରକିନ୍ନର" ଉପନ୍ୟାସ। ପାଶ୍ଚାତ୍ୟ ଔପନ୍ୟାସିକ ତତ୍ତ୍ୱକୁ ଅନୁଧ୍ୟାନ କଲେ 'ନରକିନ୍ନର' ଉପନ୍ୟାସର ମୁଖ୍ୟ ଚରିତ୍ର ଜର୍ଜ ହେଉଛି ଏକ ପୀକାରୋ । ଶାନ୍ତନୁ କୁମାର ଆଚାର୍ଯ୍ୟ ଜର୍ଜକୁ ଏକ ଜାରଜ ସନ୍ତାନ ଭାବେ ଗଢି ତାକୁ ଅଣନାୟକରୁ ମହାନାୟକ ସ୍ତରକୁ ନେଇଯାଇଛନ୍ତି । ଜର୍ଜର ଶୈଶବ ରହସ୍ୟମୟ । ସେ କହିଛି ବରଗଛ ହେଉଛି ତାର ବାପା ଓ ଡାକ୍ତରଖାନାର ନଳା ହେଉଛି ମା । ନା ତାର ଅଛି କୌଣସି ଜାତି ନା ଅଛି ଗୋତ୍ର। ସେ ଆଶ୍ରୟ ନେଇଛି ଜଣେ ଖ୍ରୀଷ୍ଟଧର୍ମଧାରୀ ବୃଦ୍ଧଙ୍କ ନିକଟରେ। ଜର୍ଜକୁ ଚଉଦ

ISSN NO.
2582-208X

ବର୍ଷ ବୟସ ହୋଇଥିବା ସମୟରେ ବୃଦ୍ଧ ଜଣଙ୍କର ମୃତ୍ୟୁ ହୋଇଛି। ଜର୍ଜ ହୋଇଯାଇଛି ଅସହାୟ । ଉପନ୍ୟାସରେ ବର୍ଣ୍ଣନା କରାଯାଇଛି ଯେ - ''ଯଦି କୌଣସି ଡାକ୍ତରଖାନାର ନଳା ଭିତରେ ମୁଁ କୁଆଁ କୁଆଁ ପାଟିକରୁଥିବାର ତୁମେ ଶୁଣିପାରିଲ, ତା ହେଲେ କାହିଁକି ମୋର ସେଇ ଚିତ୍କାରକୁ ଚିରଦିନପାଇଁ ବନ୍ଦ କରିନଦେଲ? ମୋତେ ବଞ୍ଚାଇ ରଖିବାରେ କ'ଣ ଉଦ୍ଦେଶ୍ୟ ଥିଲା ତୁମର - ବୁଢ଼ା?''

ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁପରେ ଜର୍ଜ ତା'ର ଖେଳଣା ରବର୍ କଣ୍ଢେଇକୁ ଧରି ଘରୁ ଚାଲିଆସିଲା। ଗୋଟିଏ ଦିନ ଭୋକ ଉପାସରେ ସ୍ୱାଧୀନ ଭାବେ କାଟିଦେଲା ସତ ତାପରେ ଭୋକ ଉପାସରେ ଦେହମୁଣ୍ଡ ଥରିଉଠିଲା । ଖାଦ୍ୟବିନା ଆଉଟୁ ପାଉଟୁ ହେଲା । ସବୁଆଡେ ବୁଲିବୁଲି ଖାଦ୍ୟର ସନ୍ଧାନ ପାଇଲାନାହିଁ ଶେଷରେ ଯାଇ ପହଞ୍ଚିଲା ଏକ କାଠ କ୍ୟାବିନ ପାଖରେ ଯୋଉଠି ଚୁଲିକୁ ଘେରି ବସିଥିଲା ଗୋଟିଏ ଗୋଦରୀବୁଢ଼ୀ । ଏବଂ ତାକୁ ଘେରି ରହିଥିଲେ ପଞ୍ଚାଏ ଲୋକ। ଏପଟେ ପେଟର ଭୋକ ଆରପଟେ ମୁହଁ ଖୋଲିବାର ଭୟ । ଦୁଇଟି ଭିତରେ ଡହଳ ବିକଳ ହେଉଥିଲା ଜର୍ଜ।ତଥାପି ଭୋକ ନିକଟରେ ଭୟ ହାର ମାନିଲା । ଗୋଡରି ବୁଢ଼ୀକୁ କିଛି ଖାଇବାପାଇଁ ମାଗିଲା ଜର୍ଜ । ସେହି ସମୟରେ ଉପନ୍ୟାସରେ ଆସିଲେ ବୀର ସାମଲ,ମ୍ରିକ୍ସବାଲା କାମାୟା, ରାମ ସିଂ ପାଗଲା ଚରଣ ରାଓ, ନଜିର ମିଆଁ ଆଦି ଚରିତ୍ର । ଯେଉଁମାନଙ୍କ ଥଟ୍ଟା ତାମସାର ଶିକାର ହେଲା ଜର୍ଜ । ଘଟଣାକ୍ରମେ ଗୋଦରୀ ବୁଢ଼ୀର କ୍ୟାବିନ୍ ହୋଇଗଲା ଜର୍ଜର ଆଶ୍ରୟସ୍ଥଳୀ। ସେ ବୁଢାକୁ ଛାଡ଼ି ବହୁ ସହଜରେ ଆଦରି ନେଲା ବୁଢ଼ୀକୁ । କାଳକ୍ରମେ କାମାୟା, ନଜିର୍ମିଆଁ, ବୀର ସାମଲ ଆଦିଙ୍କ ସହ ସହର ବୁଲାବୁଲି କଲା। ବହୁ କଥା ଶିଖିଲା। ସମାଜକୁ ନିରେଖି କରି ଦେଖିଲା ଜର୍ଜ । କିପରି ବିଭିନ୍ନ ମନୁଷ୍ୟ ଭିକ୍ଷାବୃତ୍ତି କରୁଛି। ମଣିଷଙ୍କର ଭିନ୍ନ ଭିନ୍ନ ରୂପ ବିଷୟରେ ଅବଗତ ହେଲା । ଔପନ୍ୟାସିକଙ୍କ ଭାଷାରେ "ମଣିଷ ସବୁ କିଛି କରିପାରେ। ତାପରେ ମଣିଷର ରୂପ ବି ଅନେକ । ସେ ସଦାବେଳେ ମଣିଷ ଚେହେରା ଧରି ବଞ୍ଚିବାକୁ ଭଲପାଏନା।ସେ ଭାଲୁ ହୋଇ ରାସ୍ତାରେ ନାଚେ, ବାଘ ହେଇ ହାଉଁ ହାଉଁ ହେଇ ଲୋକଙ୍କ ଆଗକୁ ଆସେ। ଏଇ ସବୁ ନାନା ଜାତିକା ମଣିଷଙ୍କ ଭିତରେ ଜର୍ଜ ପାଇଥାଏ ଆଉ ଗୋଟିଏ

ISSN NO.
2582-208X

କିସମର ମଣିଷଙ୍କ ଟେର। ଏ ମନିଷଗୁଡ଼ିକ ମଣିଷ କି ମାଙ୍କଡ ସେ ବିଷୟରେ ସେ ସନ୍ଦେହରେ ପଡେ।"

ସମୟକ୍ରମେ ଜର୍ଜର ଜୀବନରେ ଆଉ ଏକ ଅଧ୍ୟାୟ ସୃଷ୍ଟି ହେଲା । ସେ କବିରାଜ ବୁଢ଼ା ସହ ପରିଚିତ ହେଲା। ଜର୍ଜ ସର୍ବଦା ଜିଜ୍ଞାସୁ ମନ ନେଇ କବିରାଜଙ୍କ ରୋଗୀ ଦେଖା, ପରୀକ୍ଷା, ସବୁ ନିରେଖି ଦେଖେ। ସେ ଚେରମୂଳୀ କୁଟାକୁଟିରେ ବୁଢାକୁ ସାହାଯ୍ୟ କରେ। ତା'ର ପିଲାବେଳର  ରବର କଣ୍ଢେଇକୁ ଧରି କବିରାଜର ପରୀକ୍ଷା ଯନ୍ତ୍ର ସାହାଯ୍ୟରେ ବହୁ ପରୀକ୍ଷା କରେ। ଜର୍ଜର ଧଳା କାଗଜ ସ୍ୱରୂପ ମସ୍ତିଷ୍କରେ ଧୀରେ ଧୀରେ ରେଖା ଅଙ୍କନ ହେଲା। ମଣିଷ କଣ ?, ଜୀବନ କଣ ?, ମରଣ କଣ ?, ନାରୀ କଣ ?, ପୁରୁଷ କଣ ? ଆଦି ସହ ପରିଚିତ ହେଲା। ତତ୍ପରେ ଜର୍ଜର ପରିଚୟ ହେଲା ସାଇକେଲ ରିପ୍ୟାରିଂ ମିସ୍ତ୍ରୀ ହରି ସହିତ। ତା ସହିତ ସାଇକେଲ ସଜଡ଼ା କାମ କଲା। ସେଠୁ ସେ ବହୁ ଅଭିଜ୍ଞତା ଅର୍ଜନ କଲା। ମାଇକିନା ମୂର୍ତ୍ତି ଦୋକାନ ଆଗରେ ରଖି ଅନ୍ୟ ଦୋକାନଠୁ ଗ୍ରାହକଙ୍କୁ ନିଜ ଦୋକାନ ଆଡ଼କୁ ଆକୃଷ୍ଟ କରୁଥିଲା ହରି ମିସ୍ତ୍ରୀ। ଏହା ଦେଖି ଜର୍ଜ ଆଶ୍ଚର୍ଯ୍ୟ ହେଲା । କିଛି ଦିନ ହରି ମିସ୍ତ୍ରୀ ପାଖରେ କାମ କରିବାପରେ ରୁଟି କାରଖାନାରେ ୨ ମାସ ନୌକରୀ କାମ କଲା। ତାପରେ ରିକ୍ସା ଟଣା କାମ ଆରମ୍ଭ ହେଲା । ପ୍ରଥମେ ପ୍ରଥମେ ଏହି କାମ ତାକୁ ଭଲ ଲାଗୁନଥିଲେ ମଧ୍ୟ ସେ ତାହାକୁ ଆଦରିନେଲା । ତଦ୍ୱାରା ସମାଜର ସବୁ ବର୍ଗର ଲୋକମାନଙ୍କ ସହ ମିଶିବା ଆରମ୍ଭ କଲା।ବହୁ ଅଭିଜ୍ଞତା ସାଉଁଟିଲା। ସମସ୍ତ କାମରେ ଦକ୍ଷ ହେଲା।

ଉପନ୍ୟାସରେ ସମୟକ୍ରମେ ଜର୍ଜ ଗୋଦରୀ ବୁଢ଼ୀକୁ ମା ବୋଲି ସମ୍ବୋଧନ କରିଛି। ସାଙ୍ଘାତିକ ଜ୍ୱର ହୋଇଥିବା ସମୟରେ ବୁଢ଼ୀ ତାର ସେବା ଶୁଶ୍ରୁଷା କରି ଜର୍ଜକୁ ଭଲକଲା । ତତ୍ପରବର୍ତ୍ତି ସମୟରେ ବହୁ ଭୟଙ୍କର ଘଟଣାମାନ ଘଟିଛି । ଗୋଦରୀ ମାଉସୀର ମୃତ୍ୟୁ ହୋଇଛି, ବୀର ସାମଲ ଓ ଜର୍ଜ ମଧ୍ୟରେ ହାତାହାତି ହୋଇଛି। ସମସ୍ତ ସମାଜ ବୀର ସାମଲ ସାଙ୍ଗରେ ଠିଆ ହେଲାବେଳେ ଜର୍ଜ ଏକା ହୋଇଯାଇଛି, ଏବଂ ଜର୍ଜର ବେକରେ ବନ୍ଧାହୋଇଯାଇଛି ଉପନ୍ୟାସର ଅନ୍ୟ ଏକ ଚରିତ୍ର କୁଷ୍ଠରୋଗୀଣୀ, ଅନ୍ଧୁଣୀ ସ୍ତ୍ରୀ

ISSN NO.
2582-208X

ଲୋକଟିଏ। ଏହି ସମୟରେ ଜର୍ଜ ସମସ୍ତଙ୍କୁ ଛାଡ଼ି ଚାଲିଆସିଲା ଖାଦ୍ୟ ସନ୍ଧାନରେ । ଏହିଠୁ ଆରମ୍ଭ ହୋଇଛି ଜର୍ଜ ଜୀବନର ଅନ୍ୟ ଏକ ଅଧ୍ୟାୟ। ଏହି ଅଧ୍ୟାୟରେ ଜର୍ଜ ପୁଣି ଖାଇବା ପାଇଁ ସବୁ ସ୍ଥାନ ଖୋଜି ଚାଲିଛି। ନଈ ବାଲିରେ ପ୍ରତିଫଳିତ ହେଉଥିବା ସୂର୍ଯ୍ୟ କିରଣକୁ ଦେଖି ଜର୍ଜକୁ ହୀରା ବୋଲି ମନେ ହୋଇଛି। ସେ ହୀରାଖଣିର ମାଲିକ ହେବାର ସ୍ୱପ୍ନ ଦେଖିଛି। ପରବର୍ତ୍ତୀ ସମୟରେ ଗରିବ ଓ ବଞ୍ଚିତମାନଙ୍କର କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ଗୋଟିଏ ରାଜନୈତିକ ଦଳ ସହ ମିଶିଛି। ଶୋଭାଯାତ୍ରାରେ ଯାଉଥିବାବେଳେ ଜର୍ଜ ଦେହରେ ଗୁଳି ବାଜିଛି । ସେ ରକ୍ତ ଯୁଡୁବୁଡୁ ଅବସ୍ଥାରେ ପଡିରହିଥିବା ଅବସ୍ଥାରେ ଉପନ୍ୟାସ ସମାପ୍ତ ହୋଇଛି।

ପାଶ୍ଚାତ୍ୟ ଉପନ୍ୟାସ ସାହିତ୍ୟରେ 'ଉପନ୍ୟାସର ଗୁଣାବଳୀ ଓ ବୈଶିଷ୍ଟ୍ୟ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ "ନରକିନ୍ନର" ଉପନ୍ୟାସ ସହିତ ତୁଳନା କଲେ ଏହାର ପୂର୍ଣ୍ଣ ମାତ୍ରାରେ ସାମଞ୍ଜସ୍ୟ ରହୁନଥିଲେ ମଧ୍ୟ ବହୁ ପରିମାଣରେ ସମାନତା ରହୁଛି। ପିକାରେସ୍କ୍ ଉପନ୍ୟାସରେ ନିମ୍ନ ବର୍ଗର ଜଣେ ଚରିତ୍ରର ଜୀବନଯାତ୍ରାକୁ ବର୍ଣ୍ଣନା କରାଯାଇଥାଏ। ଏହି ଚରିତ୍ରକୁ 'ପିକାରୋ' କୁହାଯାଏ। ସେହିପରି 'ନରକିନ୍ନର' ଉପନ୍ୟାସର ଜର୍ଜ ନିଜର ବାପା ମା କିଏ ଜାଣିନାହିଁ । ବହୁ ଅସହାୟ ଚରିତ୍ର। ଏବଂ ଜର୍ଜର ଜୀବନ ଚିତ୍ରକୁ ନେଇ ଏହି ଉପନ୍ୟାସଟି ରଚିତ । ପୁନଶ୍ଚ ପାଶ୍ଚାତ୍ୟ ସାହିତ୍ୟରେ 'ପିକାରୋ' ବା 'ପିକାରେସ୍କ' ଚରିତ୍ରମାନେ ବିଭିନ୍ନ ସ୍ତରର ମୁନିବ ମାନଙ୍କର ଅଧୀନରେ କାର୍ଯ୍ୟ କରି ବହୁ ଅଭିଜ୍ଞତା ଅର୍ଜନ କରିଥାନ୍ତି । ସେହିପରି ଜର୍ଜ ଗୋଦରୀ ବୁଢ଼ୀ, କବିରାଜ ବୁଢ଼ା, ହରି ମିସ୍ତ୍ରୀ ଆଦୀଙ୍କଠାରୁ ବହୁ ଅଭିଜ୍ଞତା ହାସଲ କରିପାରିଥିଲା । ପିକାରେସ୍କ ଚରିତ୍ର ଯେଉଁଭଳି ନିଜର ବାସସ୍ଥାନ, ମାଲିକ, ମୁନିବ ବଦଳାଇଥାଏ ଜର୍ଜ ମଧ୍ୟ ଉପନ୍ୟାସରେ ଏହିପରି କରିଛି ଓ ନିଜେ ବହୁ ଶୀଘ୍ର ସବୁ ପରିସ୍ଥିତି ଅନୁସାରେ ନିଜକୁ ପରିବର୍ତ୍ତନ କରିପାରିଛି। ହୀରାଖଣିର ମାଲିକ ହେବାର ସ୍ୱପ୍ନ ଦେଖିଛି। ଏହି ତୁଳନାତ୍ମକ ବିଚାରକୁ ଆଧାର କରି 'ନରକିନ୍ନର' ଉପନ୍ୟାସର ମୁଖ୍ୟ ଚରିତ୍ରକୁ ଏକ ପିକାରେସ୍କ୍ ଚରିତ୍ର ବା ପିକାରୋ ଚରିତ୍ରଭାବେ ଗ୍ରହଣ କରାଯିବ । ଏହିଭଳି ଚରିତ୍ରର ଜୀବନ ଗତିକୁ ନେଇ ଔପନ୍ୟାସିକ ଶାନ୍ତନୁକୁମାର

ISSN NO.
2582-208X

ଆଚାର୍ଯ୍ୟ ' ନରକିନ୍ନର ' ଉପନ୍ୟାସ ଲେଖିବାଦ୍ୱାରା ଓଡ଼ିଆ କଥା ସାହିତ୍ୟରେ ବହୁଦିନ ଧରି ଚାଲିଆସିଥିବା ଧାରାରେ ଏକ ଉନ୍ନତିମୁଖୀ ପରିବର୍ତ୍ତନ ଘଟିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

## ସହାୟକ ଗ୍ରନ୍ଥସୂଚୀ

୧ ଆଚାର୍ଯ୍ୟ ଶାନ୍ତନୁ କୁମାର, ନରକିନ୍ନର, ଗ୍ରନ୍ଥ ମନ୍ଦିର, ବିନୋଦବିହାରୀ, କଟକ ।

୨ ବରାଳ ଆଲୋକ, ଉପନ୍ୟାସ ଜିଜ୍ଞାସା, ବିଜୟିନୀ ପବ୍ଲିକେଶନ, ଶଙ୍କରପୁର, କଟକ ।

୩ ପଟ୍ଟନାୟକ ପଠାଣି, ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ ।

୪ କର ବାଉରୀବନ୍ଧୁ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ ।

ସାମଗୁଡ଼ିଆ , କେନ୍ଦ୍ରାପଡ଼ା
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,ଭୁବନେଶ୍ୱର

ISSN NO.
2582-208X

# ବର୍ଷା



ଅଲେଖ ମେହେର

ନବ କାଦମ୍ବିନୀ କୋଳରେ ଚପଳା,
ସତେ କି ଜାହାଜେ ଖେଳେ ଦୀପମାଳା ।
ଭାସଇ ଅର୍ଣ୍ଣବେ ବଜାଇ ବିଗୁଲ,
ବଗପନ୍ତୀ ତହିଁ ହୋଇଛନ୍ତି ଠୁଳ ।
ଅନୁରାଗ ଧରି ଅଟବୀ କାନନେ,
କଳାପୀ ନାଚଇ ପ୍ରସନ୍ନ ବଦନେ ।
କଳଘୋଷ ସାଥେ ଖେଚର ସକଳ,
କୁଳୀଶ ନାଦରେ ହୁଅନ୍ତି ବିକଳ ।
କିଲାଳ ଶଙ୍କଟୁ ଅଚଳାର ଜୀବ,
ଛାଡୁଥିଲେ ରାବ ରଖ ରଖ ଶିବ ।
ଈଶ ଆଜ୍ଞା ପାଇ ଜୀମୂତ ରୋଷରେ,
ଅମ୍ବୁ କରେ ଦାନ ଧରଣୀ ହିତରେ ।
ବରବର୍ଣ୍ଣିନୀର ବେଶରେ ଅବନୀ,
ସବୁଜ ପାଟକୁ ଆଶ୍ଳେଷିବ ବନୀ ।
ବର୍ଷାଭୂ ବିମୁଗ୍ଧେ ଅମ୍ବରେ ନୀରେଖି,
ଊର୍ଜୋଲ୍ଲାସେ ରାବେ ପ୍ରୀତି ପୟଃ ମାଖି ।

ISSN NO.
2582-208X

କର୍ଷକ ହର୍ଷରେ କର୍ଷକାମ ପାଇଁ,
କେଦାରକୁ ଯାଏ ଚଉପଦୀ ଗାଇ ।
ଅପନୀତ ହେଲା ନିଦାଘ କଷଣ,
ନାର୍ବିଘ୍ନେ କରିବ ବୀଜର ରୋପଣ ।
କୁସୁମ କାନନ ମଦିରାକ୍ଷୀ ଠାଣି,
ଅନୁଢ ମିଳିନ୍ଦ ଚିତ୍ତ ଦେବ ହାଣି ।
ବିହରିତେ ମଞ୍ଜୁ ରାଜିବ କ୍ଷିତିପ,
ବର୍ଷାକାଳ ସିନା ଜୀବନ ପ୍ରଦୀପ ।
ପୂର୍ଣ୍ଣ ଯଉବନା ଅପଗା ଧାମଇ,
ଜଳଧି ଉରରେ ମିଶିବାର ପାଇଁ ।
ବିବୁଧାଳୟରେ ବସିଣ ବାସବ,
କ୍ଷିତି ପାଳୁଛନ୍ତି ରାଇ ସର୍ବ ଦେବ ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୭୩୭୦୨୨୦୫୫୯

ISSN NO.
2582-208X

# ଘଟ ଆବାହନ



କୁଞ୍ଜବିହାରୀ ରାଉତ

ଶୂନ୍ୟତାର ମହାପଥ ଡେଇଁ ଡେଇଁ
ପ୍ରସ୍ଥ ପ୍ରସ୍ଥ ଅନ୍ଧକାର ବୁକୁ ଚିରି
ଆକାଶର ଗର୍ଭକୁ ବିଦାରି
ମୁଁ ଅରୁଣ, ଆସେ ଅବିରତ
ପରାଚିର ଦିଗ୍ ବଳୟ୍ରୁ ବୁଣି ବୁଣି
ଆଲୋକର ଅସୀମ ପ୍ରଭାତ .....
ପୁନଶ୍ଚ ଲେଉଟିଯାଏ ପ୍ରତୀଚୀର ଚକ୍ରବାଳେ
ପତ୍ରର ପାହାଚ ଚଢି
ବର୍ଣ୍ଣାଳୀର ମେଘଳ ଶିଡିରେ
ଶୂନ୍ୟ କୁ ମୁଁ ଧିରେଧିରେ ଆରୋହଣ କରେ
ମିଶିବାକୁ ପୂର୍ଣ୍ଣତା ରେ ଶୂନ୍ୟତାରେ ମହା ଶୂନ୍ୟତାରେ.....
ମୁଁ ଯାଉଥାଏ ଆସୁଥାଏ ଏ ଦେହ ରଥରେ
ଜୀବନ କୁ ଥାପି ଥାପି ପ୍ରତି ଘରେଘରେ
ପ୍ରେମର ମନ୍ଦିର ତୋଳି ଫେରିଯାଏ ନିଜ ନିକେତନ
ମୃତ୍ୟୁ କାହିଁ ! ଜୀବନ ତ ଚିର ସ୍ରୋତସ୍ୱତୀ

ISSN NO.
2582-208X

ନୁହେଁ କେବେ ଏହା ପୂର୍ଣ୍ଣଚ୍ଛେଦ !
ଜୀବନ ଓ ମୃତ୍ୟୁର ଏ ଶୂନ୍ୟ ଇଲାକାଟା
ଖାଲି ଯା' ଏକ ବିରତି ର ବିରାଟ ବିରାମ ଚିହ୍ନ
ଦୂରନ୍ତ ଯାତ୍ରାର ଅଜସ୍ର ପଥ କ୍ରାନ୍ତି ପରେ
ଏ'ତ ମାତ୍ର ସାମାନ୍ୟ ବିଶ୍ରାମ !
ପୁଣି ତ ଜୀବନ !
ଆଲୋକର ଅନ୍ତହୀନ ଅନନ୍ତ ପ୍ଲାବନ !!
ଏ ମାଟିର ଦେହରେ,
ଜୀବନ ତ, ଫୁଲହୋଇ ଫୁଟୁଥାଏ ନିତିଦିନ
ଆଉ ତା' ମହମହ ବାସ୍ନା ରେ
ଚହଟୁଥାଏ ଜୀବନର ସବୁ ଋତୁ
ଗାଇ ଗାଇ ଜୀବନର ଆଶାବରୀ
ମର୍ତ୍ତ୍ୟର ଏ ସ୍ୱର୍ଗୀୟ କାନନ....!!

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ଡୋରି ଲଗା ଚକାଡୋଳା



ସୁଲତା ସାହୁ

ଅଭିମାନ ସତେ କରିଛୁ କି କହ
ରୁଷିଛୁ କି ମୋ ଉପରେ
ତେଣୁ ରେ କାଳିଆ ପାଖକୁ ତୋହର
ଡାକୁ ନାହୁଁ କେବେ ଥରେ
ତୋ ରଙ୍ଗା ଅଧର ଖିଲି ଖିଲି ହସ
ଦେଖିବି ବୋଲିରେ ବାରେ
ବଳାଇଛି ମନ କାହିଁ କେବେଠାରୁ
ଯାଇ ତ ପାରେନା ଥରେ
ଯାଇ ତ ପାରେନା ଥରେ !!

ଦେଖିବାକୁ ବାରେ ରତ୍ନ ସିଂହାସନେ
ଦାରୁବ୍ରହ୍ମ ରୂପ ତୋର
ଚକା ଆଖି ଦେଖି ରହିବି ମୁଁ ଲାଖି
ଭାବ ରେ ହୋଇ ବିହ୍ୱଳ
ଭକ୍ତ ସାଲବେଗ ନୁହେଁ ମୁଁ ରେ ତୋର
ନୁହେଁ ବଳରାମ ଦାସ
ବନ୍ଧୁ ମହାନ୍ତି କି ଦାସିଆ ବାଉରୀ ହୋଇନାହିଁ ବୋଲି

ISSN NO.
2582-208X

ତେଣୁ ତୁ କରୁଛୁ ରୋଷ
ଛାର ପ୍ରାଣୀଟେ ଅଟଇ ରେ ମୁହିଁ
ନିଖିଳ ବିଶ୍ୱରେ ତୋର
ତେଣୁ ବୋଧେ ତୋତେ ଦୃଶ୍ୟ ହେଉନାହିଁ
ମୋତେ କରୁଅଛୁ ହତାଦର
କରୁଅଛୁ ହତାଦର !!

ମନୁଆ ଠାକୁର ହୋଇବି କାଳିଆ
ମନ ମୋ ବୁଝିଲୁ ନାହିଁ
ନିରୀହ ଭକ୍ତ ଟେ ଅଟଇ ରେ ମୁହିଁ
ତରସେ ତୋ ଦର୍ଶନ ପାଇଁ
ତୋର ସିଂହ ଦ୍ୱାର ବାଇଶି ପାହାଚ
ଦେଖିନାହିଁ କେତେ ଦିନୁ
ଶରଧା ବାଲି କୁ ମୁଣ୍ଡରେ ମୋହର
ମାରି ନାହିଁ କେଉଁ କାଳୁ
ତୋ ଅଭଡ଼ା ଅନ୍ନ ଟଙ୍କ ତୋରାଣି ରେ
ମିଶିଛି କେଜାଣି କି ରସ
ଯେତେ ଖାଉଥିଲେ ମନ ଭରେ ନାହିଁ
ଦୁର୍ଲଭ ସ୍ୱାଦିଷ୍ଟ ଭୋଗ
ଦୁର୍ଲଭ ସ୍ୱାଦିଷ୍ଟ ଭୋଗ !!

ମହୋଦଧି ତୋର ଆନନ୍ଦ ଲହରୀ
ବୁଡିଗଲେ ତା ଶୀତଳ ନୀରେ
ତନୁ ମନ ପ୍ରାଣ ହୁଅଇ ପାବନ

ISSN NO.
2582-208X

ରତ୍ନାକର ର ସେ ଫେନ ଜଳେ
କେଡେ ମନଲୋଭା ତୋ ବଡଶ୍ରୀଙ୍ଗାର
ରୁପକୁ ଦେଖିବି ବୋଲିରେ ଥରେ
କରିଅଛି ମନ ଯିବି ପୁରୀଧାମ
ହୋଇଲେ ତୋ କୃପା ବାରେ
ହୋଇଲେ ତୋ କୃପା ବାରେ !!

ଏଢ଼େ ହଟିଆ ତୁ ନଟିଆ ନାଗର
ଡୋରି ମୋ ଲଗାଉ ନାହୁଁ
ମିତ ମୋର ତୁହି ସଖୀ ଟେ ମୁଁ ତୋର

ଅଭିମାନ ଛାଡ଼ିଦେ ତୋ ମନୁ
ଡୋରି ତୋର ଥରେ ଲଗା ଚକାଡୋଳା
ପାଇବି ତୋ ଦରଶନ
ଧନ୍ୟ ହେବି ରେ ତୋର ପାବନ ଦର୍ଶନେ
ଲଭିବି ମୁଁ କୋଟି ପୁଣ୍ୟ
ଲଭିବି ମୁଁ କୋଟି ପୁଣ୍ୟ !!

ଅତିଥି ଅଧାପିକା,
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ
ଓଡିଆ ଭାଷା ସାହିତ୍ୟ ବିଭାଗ

ISSN NO.
2582-208X

# ସଚେତନାର ଦସ୍ତାବିଜ୍ - "ସାଧାରଣ ମଣିଷର ଯନ୍ତ୍ରଣା



କୁଞ୍ଜ ବିହାରୀ ସାହୁ

ଯେତେବେଳେ ସାଧାରଣ ମଣିଷଟିଏ ଆଖିସାମ୍ନାରେ ଭେଟୁଥାଏ ଦୁଃଖୀ, ନିଷ୍ପେଷିତ, ହତୋତ୍ସାହିତ, ଅସଙ୍ଗତ ଆଚରଣର ଶୀକାର ହେଉଥିବା ବ୍ୟକ୍ତିମାନଙ୍କୁ ଆପଣାଛାଏଁ ବ୍ୟତିବ୍ୟସ୍ତ ହୋଇଯାଏ । ଶିରାପ୍ରଶିରାରେ ବୈପ୍ଲବିକ ରକ୍ତ ସଂଚାରିତ ହୋଇଯାଏ ଆପେ ଆପେ । ନିଜ ଜୀବନ ବିପନ୍ନ ହେଉ ପଛକେ ସଂସାରର ଅଧୋଗତିରେ ସାମିଲ ହେଉଥିବା ଅଧର୍ମୀମାନଙ୍କୁ ସାବାଡ କରିବାରେ ସତତ ପ୍ରୟାସ ଜାରିରଖେ । ବାକପଟୁତା ନ ଥାଉ ପଛକେ "ଅସୀ ଠାରୁ ମସୀ ବଡ଼"ର ଆଧାରରେ ନିଜର ଲେଖନୀକୁ ଗତିଶୀଳ କରିଥାଏ । ପଲ୍ଲୀବାସୀଠୁ ଆରମ୍ଭ କରି ସହରୀବାବୁଙ୍କ ଅସଲି ମୁଖା ଲେଖା ମାଧ୍ୟମରେ ଖୋଲିଦେବାକୁ ଅଗ୍ରସର ହୁଏ । ଦମ୍ଭିଲାପଣରେ ଲୋକଉକ୍ତି /ରୁଢ଼ିର ସହାୟତାରେ ସଚେତନ କରିବାରେ ସଫଳ ଭୂମିକା ଗ୍ରହଣ କରିଥାଏ । ସେଭଳି ଉଚ୍ଚାକାଂକ୍ଷୀ, ସମ୍ବେଦନଶୀଳ, ସଚେତନଧର୍ମୀ, ସ୍ତମ୍ଭକାର ତଥା ନିବନ୍ଧକାର ହେଉଛନ୍ତି ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି। ଏ ଶ୍ରଦ୍ଧାଶୀଳ, ପ୍ରଗତିଶୀଳ ଏବଂ ଚର୍ଚ୍ଚିତ ଉଚ୍ଚାରଣ ସଂପ୍ରତି ଯୁବ ସାହିତ୍ୟରେ । ଓଡିଶାର ବିଭିନ୍ନ ସ୍ଥାନରେ ଆସ୍ଥାନ ଜମାଇ ସାଧାରଣ ଜନତାଙ୍କ ଆକୁଳତାକୁ ଗୋଟେଇବାରେ ସମର୍ଥ ହେଇଛନ୍ତି । ପେଜ ଉତୁରିଲା ପରି ଲେଖନୀରୁ ସରଳ, ତରଳ, ସାବଲୀଳ ଓ ଭାବବ୍ୟଞ୍ଜକ ଶବ୍ଦ ଉତୁରିଆସିଛି ଆଉ କାଗଜର କାନଭାସରେ ପ୍ରତିଫଳିତ ହୋଇଛି । ଯାହାର ଅନନ୍ୟ ଉଦାହରଣ ଆଲୋଚ୍ୟ ଲଳିତ ନିବନ୍ଧର ସମାହାର "ସାଧାରଣ ମଣିଷର ଯନ୍ତ୍ରଣା" ପୁସ୍ତକ । ପ୍ରକାଶନ ସଂସ୍ଥା "ମଲ୍ଲୀ ଫୁଲର ମହକ, ଖୋର୍ଦ୍ଧା ଦାୟିତ୍ୱ ବହନ କରି

ISSN NO.
2582-208X

ପାଠକ ପାଠିକାମାନଙ୍କୁ ଭେଟି ଦେଇଛନ୍ତି । ସତେଇଶି ନିବନ୍ଧର ସମଷ୍ଟିକୁ ଗୋଟିଏ ପୁସ୍ତକରେ ସଜ୍ଜିତମୁଦ୍ରାରେ ରଖି ପ୍ରକାଶକ ଏକ ମାଇଲଖୁଣ୍ଟ ତିଆରି କରିଛନ୍ତି । ପୁସ୍ତକର ମର୍ଯ୍ୟାଦା ବଢିଛି କେବଳ ମନଛୁଆଁ ନିବନ୍ଧ ଓ ସୁନ୍ଦର ପରିପାଟୀରେ ।

ଯିଏ ମନରେ ଶୁଦ୍ଧ ଚିନ୍ତା ଧାରଣକରେ ସେ ହିଁ ଗହଳିଆ ସମାଜରେ ଆତଯାତ ହେଉଥିବା ଅଲୋଡ଼ା ମଣିଷକୁ ସୁପଥ ଦେଖାଏ, ସଂସ୍କାର ଶିଖାଏ ଓ ଚେତେଇଦିଏ ଆତ୍ମବିଶ୍ୱାସରେ । ପାଠକମାନଙ୍କ ପାଖରେ ସକାରତ୍ମକ ଭୂମିକା ଗ୍ରହଣ କରି କିଛି ସ୍ୱାଭାବିକ ଓ ଅସ୍ୱାଭାବିକ ସମୟର ଅକ୍ଷାଂଶ /ଦ୍ରାଘିମାକୁ ସାମ୍ନା କରେ । ସେଇଥିପାଇଁ ତ "ଲେଖକଙ୍କର ଅନ୍ତର କଥା'ରୁ ହିଁ ସହଜରେ ବାରିହେଇଯାଉଛି ପ୍ରତି ଲେଖାର ପୃଷ୍ଠଭୂମି । ଓଡିଶାର ଅନେକ ଜିଲ୍ଲା ବୁଲିଛନ୍ତି ଓ ଦେଖିପାରିଛନ୍ତି ସାଧାରଣ ମଣିଷର ଜୀବନ ଚର୍ଯ୍ୟା । ଅନୁଭବ ଓ ଅନୁଭୂତିକୁ ସାଉଁଟିଛନ୍ତି ମନନଶୀଳତାରେ/ମଣିଷପଣିଆରେ, ଲେଖାମନସ୍କ ହୋଇ ସୁନ୍ଦର ଆଲେଖ୍ୟ ବାଢିଦେଇଛନ୍ତି ପୁସ୍ତକ ମାଧ୍ୟମରେ ।

ପ୍ରଥମ ନିବନ୍ଧ "ନିଜକୁ ଅଡୁଆ ପରକୁ କାଳ" ରେ ଝିଅକୁ କେବେ ତା ବୟସ ପଚାରିବ ନାହିଁ କି ପୁଅକୁ ତା ରୋଜଗାର ପଚାରିବ ନାହିଁ ପରି ଏକ ସମ୍ବେଦନଶୀଳ କଥାଟିଏ ବାଢିଦେଇଛନ୍ତି ଯାହାକି ସମସ୍ତ ନାଗରିକପାଇଁ ପ୍ରଯୁଜ୍ୟ ।

"ଏ ନେତ୍ର ଦେଖେ ଯାହା କଥାଟି ନୁହେଁ ତାହା" ନିବନ୍ଧରେ ଜଣେ କଞ୍ଜୁସି ଅଧ୍ୟାପକଙ୍କ ରୁଚିକୁ ଗୁଣାତ୍ମକ ଦୃଷ୍ଟିରେ ବୟାନ କରିଛନ୍ତି । ନିଜ ଜୀବନକୁ ତିଳତିଳ କରି ଅର୍ଥକୁ ସାଇତିଥିବା ଅଧ୍ୟାପକ ଅବୁଝା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉପହାସିତ ହେଲେ ବି ପର ମୁହୂର୍ତ୍ତରେ ସାଇତା ଅର୍ଥରେ ଦୁଃଖୀରଙ୍କିଙ୍କୁ ଆବଶ୍ୟକୀୟ ସାହାଯ୍ୟ ଦେଇ ନିଜ ଛାତ୍ରଛାତ୍ରୀଙ୍କର ପ୍ରଶଂସାଭାଜନ ହେଇପାରିଛନ୍ତି, ଯାହାକି ନିବନ୍ଧର ନାମକରଣକୁ ପ୍ରତିପାଦନ କରାଇଛନ୍ତି ।

ISSN NO.
2582-208X

"ପଛରେ ଥିବା ସେହି ଲୋକଟି" ର ଚରିତ୍ର ଚିତ୍ରଣ କରିବା ଅବସରରେ ସଚେତନାମୂଳକ ବାର୍ତ୍ତାଟିଏ ଛାଡ଼ିଛନ୍ତି - "ପଛରେ ରହି ନାନାପ୍ରକାର ନାଟ ଲଗାଉଥିବା ଲୋକର କଥା ଓ କାମକୁ ବୁଝିବାପାଇଁ ସେତିକି ବୁଦ୍ଧି ଦରକାର ।"

"ବାଘମାମୁ ଆସିଲେ ଡରିବୁନି" କଥାଟି ପିଲାଟିବେଳୁ ଶୁଣିଛୁ । କିନ୍ତୁ ସ୍ରଷ୍ଟା ଅଙ୍ଗୀକାରବଦ୍ଧ ସୂତ୍ରରେ ବଖାଣିବାକୁ ଯାଇ ଲେଖିଛନ୍ତି - ସତରେ ଏ ଧରାରେ ଜୀବନ ଜୀଇବା ଭାରି କଷ୍ଟସାଧ୍ୟ । ମଣିଷ ଯେତେ ବୁଦ୍ଧିମାନ ହେଲେ ବି ଭୟ ତାକୁ କେବେ ପାଶ ଛାଡ଼େନା ।

ସାଧାରଣ ଲୋକଟିଏ ମୂଲର ପ୍ରକୃତ ମୂଲ୍ୟ ପାଏନି । ଏଭଳି ଚିନ୍ତାଧାରାକୁ ସଭିଙ୍କ ମନରେ ଉଦ୍ରେକ କରି ମାନବୀୟ ମୂଲ୍ୟବୋଧ ଦେଇଛନ୍ତି । ସୁନ୍ଦର ପଠନୀୟ ଓ ଗ୍ରହଣୀୟ ନିବନ୍ଧଟି ହେଉଛି "ମୂଲ ଏଠି ମାଗେ ମୂଲ୍ୟ" ।

ସଭିଏଁ ଜାଣିଛନ୍ତି ବେଙ୍ଗ କହେ ବେଙ୍ଗୁଲୀ ଲୋ...ପୃଥ୍ୱୀ କ୍ଷଣ କ୍ଷଣକେ ଆନ । ମୂଷା ସିଂହଙ୍କୁ ରକ୍ଷାକରିଛି ବିପଦରୁ ଓ ପିମ୍ପୁଡ଼ି ବି ରକ୍ଷାକରିଛି ସାହାଯ୍ୟକାରୀକୁ ବିପଦରୁ । କେତେବେଳେ କୋଉ କଥା। କାହାକୁ ଛୋଟ ନ ମଣି ସଭିଙ୍କୁ ଆପଣାଇ ନେବା ହିଁ ମଣିଷର ଏକମାତ୍ର ଲକ୍ଷ୍ୟ । ଏଭଳି ଚିରନ୍ତନ ସତ୍ୟକୁ ଉଦଭାସିତ କରିଛନ୍ତି "ଏ ଧରା ଛଣକ୍ଷଣକେ ଆନ, କାହାକୁ ଏଠି ଛୋଟ ନ ମାନ" ନିବନ୍ଧରେ । ଶୀର୍ଷକଟି କାବ୍ୟିକ ଢାଞ୍ଚାରେ ଲିଖିତ, ବିଶେଷ ଆବଶ୍ୟକତା ମନେହେଉନି ।

ଆଖି ନାହିଁ କାନ ନାହିଁ / ବାଜିଗଲେ ଦୋଷ ନାହିଁ ବୋଲି ସଭିଏଁ ଖେଳଗୀତ ଗାଇଛନ୍ତି । କିନ୍ତୁ ଏ ସମାଜରେ ଭୁଲ୍ ବାଟରେ ଯାଉଥିବା ମଣିଷକୁ ଦିଗଦର୍ଶନ ଦେଇଛନ୍ତି । ନିଜ ଭୁଲକୁ ପରିଶୋଧ କରିବା ଏକାନ୍ତ ଜରୁରୀ ବୋଲି ଜଣାଇଛନ୍ତି "ଆଖି ନାହିଁ କାନ ନାହିଁ" ଲଳିତ ନିବନ୍ଧରେ ।

ISSN NO.
2582-208X

ସମୟ ଯେ ମୂଲ୍ୟବାନ ଓ ସାଂପ୍ରତିକ ସମୟର ଅପଚୟକୁ ଅସହ୍ୟ ମଣିଛନ୍ତି ଓ ସୁଧାର ଆଣିବାକୁ ଚେଷ୍ଟିତ ହେଇଛନ୍ତି ନିଜ ଲେଖା "ଅତୀତ କରେ ରୋଦନ, ହସେ ବର୍ତ୍ତମାନ" ରେ ।

ଗାଁର ଲୁହକୁ ପିଇଛନ୍ତି ଲେଖକ ଓ ବୋଉର କୋହକୁ ଚାପି ଅସନ୍ତୁଳିତ ସମାଜକୁ ସଠିକ ମାର୍ଗରେ ଚାଲିବାର କଳା ଶିଖେଇଛନ୍ତି ସ୍ରଷ୍ଟା ଶ୍ରୀଯୁକ୍ତ ମହାନ୍ତି । ଲିଖିତ ନିବନ୍ଧ "ଗାଁର ଲୁହ ଓ ମା' ର କୋହ" ରେ ପ୍ରତିଫଳିତ ।

ଏବେ ସବୁଠି ଡିଣ୍ଡିମ ବାଜୁଛି କେହି ପୁସ୍ତକ କିଣୁନାହାଁନ୍ତି କି ପଢୁନାହାଁନ୍ତି । କିନ୍ତୁ ପଠନ ଯେ ଆଗକୁ ଚାଲିବାର ବାଟ ଦେଖାଏ ଓ ଭବିଷ୍ୟତ ନିର୍ମାଣ କରିଥାଏ । କ୍ଷୋଭରେ ପରିପ୍ରକାଶ କରିଛନ୍ତି ନିଜର ଚିନ୍ତନକୁ "ପଢିବାର ଅଭ୍ୟାସ ଓ ଆମ ଭବିଷ୍ୟତ" ନିବନ୍ଧରେ । ଟଙ୍କା/ ମୁହଁ କରେ ବଙ୍କାର ତାତ୍ତ୍ୱିକ ଅନୁଶୀଳନକୁ ପହଞ୍ଚେଇଛନ୍ତି ନିଜ ଲିଖିତ ନିବନ୍ଧ "ବିବେକର ବିକ୍ରି ଓ କିଣାବିକାର ମଣିଷ" ମାଧ୍ୟମରେ ।

ଆପଣା ଅଧିକାରକୁ ସାବ୍ୟସ୍ତ କରିବାକୁ ଯାଇ ସାଧରଣ ମଣିଷଟିଏ ନିବେଦନ କରିବାକୁ ପଡୁଛି ଓ ଉପରିସ୍ଥ କର୍ମଚାରୀଙ୍କର ଦୟାର ପାତ୍ର ହେବାକୁ ବାଧ୍ୟ ହେଉଛି, ଏହା ନିଶ୍ଚିତ କଳୁଷିତ ବ୍ୟାପାର । ତେବେ ଆମ ଦେଶ ସ୍ୱାଧୀନ ହେଲା କାହିଁକି ? ପ୍ରଶ୍ନବାଚୀରେ ନିଜ ସ୍ମାରକୀ ଛାଡ଼ିଛନ୍ତି "ନିବେଦନ ଏମିତି କେତେଦିନ" ନିବନ୍ଧରେ । ଚମତ୍କାର ଅନୁଶୀଳନ ।

ମଣିଷପଣିଆ ଓ ମାନବିକତାର ଅବକ୍ଷୟକୁ ସୁନ୍ଦରତମ ଭାବରେ ବିକଶିତ କରିଛନ୍ତି ପ୍ରାବନ୍ଧିକ ଏବଂ ସମାଜରେ ଚଳପ୍ରଚଳ ହେଉଥିବା ମଣିଷକୁ ସଚେତନାର ବାର୍ତ୍ତା ଦେଇ ନିବନ୍ଧ "କିଛି ବ୍ୟଥାର କଥା" ଚୂଡାନ୍ତରେ କହିଛନ୍ତି- "ମଣିଷ ଯଦି ମାନବିକତାର ମୂଲ୍ୟବୋଧକୁ ବୁଝିପାରନ୍ତା ତେବେ ସମାଜରେ ମଣିଷ ଆଜି ଏତେ ହନ୍ତସନ୍ତ ହୁଅନ୍ତାନାହିଁ।"

ରାଜନୀତିର ଫର୍ଦ୍ଦାଫାଶ ଖୋଲିଛନ୍ତି ନିର୍ଭୀକଚେତା ଲେଖକ "ହେ ମୀନ ତୋର କୋଉ ଚିହ୍ନ" ନିବନ୍ଧରେ । ଆନୁଗତ୍ୟ ଓ ହତାଶବୋଧକୁ ସୂଚେଇଛନ୍ତି ରାଜନୀତି ପାଠ ମାଧ୍ୟମରେ ।

ISSN NO.
2582-208X

ବିଶେଷ ଭାବେ ମୋ ଦୃଷ୍ଟିକୋଣ ସହ ଖାପ ଖାଇଯାଉଛି ଲିଖିତ ନିବନ୍ଧ । 'ବର୍ଷା ଯୁଆଡ଼େ ଛତା ସିଆଡ଼େ'ର ଏକ ଉଦାହରଣୀୟ କଥାକୁ ଉଲ୍ଲିଖିତ କରିଛନ୍ତି ଆଖିରେ ଆଙ୍ଗୁଠି ଗେଞ୍ଜିଲା ଭଳି। 'ସମ୍ମାନର ମାନ ଓ ଆମ ଚିନ୍ତନ' ନିବନ୍ଧରେ ଏକ ସୁନ୍ଦର ଲୋକଉକ୍ତିଟିଏ ରହିଛି – ବଡ଼କୁ ପଚାରି ସାନକୁ ବିଚାରି । କିନ୍ତୁ ସାମ୍ପ୍ରତିକ ଏହା ଏକ ପୋଥିବାଇଗଣ ପରି ଅନୁଭୂତ ହେଉଛି । ସମ୍ମାନର ଅସଲ ସଂଜ୍ଞାକୁ ମଣିଷ ପାସୋରିଯାଉଛି ଯାହାକି ଏକ ଦୁଃଖାତ୍ମକ ଆତ୍ମଅନୁଶୀଳନ ।

ପୁରୁଣା ଲୋକଉକ୍ତି କୁହାମୁଣ୍ଡା କପିଳାକୁ ଛାଡ଼ି ବାକ୍ୟବୀର ଅପେକ୍ଷା କର୍ମବୀର ପରି ହେବାକୁ କହିଛନ୍ତି "କଥାରେ ଆଗଭର କାମକୁ ଡର" ନିବନ୍ଧରେ ।

ପୁସ୍ତକର ନାମକରଣର ଯଥାର୍ଥତାକୁ ପ୍ରତିପାଦନ କରିଛନ୍ତି "ସାଧାରଣ ମଣିଷର ଯନ୍ତ୍ରଣା" ନିବନ୍ଧରେ । ଏ ପ୍ରବନ୍ଧର ଉଚ୍ଚରିତ ଆତ୍ମାକୁ ପୁଞ୍ଜି କରି ପୁସ୍ତକର ଶିରୋନାମ ଦେଇଛନ୍ତି, ପଠନରେ ବ୍ୟଗ୍ରତା ବଢ଼େଇବାପାଇଁ ।

ଏବେ ବି ଲୋକ ଅନ୍ଧବିଶ୍ୱାସକୁ ଆପଣେଇ ନେଉଛନ୍ତି ।ତେବେ ଏ ଦେଶ କଅଣ ସ୍ୱାଧୀନ ହେଇନି ? ଆଦିବାସୀମାନେ କଅଣ ଜାଙ୍ଗଲିକ ପରିଧିରେ ରହିବେ କି ? ସେମାନେ ଯଦି ଆଲୋକ ଦେଖିପାରିବେନି ତା ହେଲେ ଅନ୍ଧବିଶ୍ୱାସର ଅନ୍ଧଗଳିରେ ରହିଯିବେ ସାରା ଜୀବନ! ଚମତ୍କାର ଉପସ୍ଥାପନା ଲେଖକଙ୍କର ।

ଅସନ୍ତୁଳିତ ସମାଜ ଓ ଏଠି ବସବାସ କରୁଥିବା କିଛି ମଣିଷ ଆଙ୍ଗୁଠି ଦେଖେଇ ବାହା ଗିଳିବାର ପ୍ରୟାସ ଜାରିରଖିଛନ୍ତି । କରିତକର୍ମା ଲୋକଙ୍କୁ ମାନସିକ ଓ ଆର୍ଥିକ ଯନ୍ତ୍ରଣା ଦେବାର ଆଉ ଏକ ନମୁନା ରଖିଛନ୍ତି ଲେଖକ "ଚକ୍ରବ୍ୟୁହରେ ପ୍ରଗତି ଓ ଆହତ ସ୍ୱପ୍ନ" ନିବନ୍ଧରେ ।

ଦିନରେ ଲଣ୍ଠନ ଦେଖଉଥିବା ଶୋଷିତ ଜନତାଙ୍କ କଥାକୁ ମର୍ମସ୍ପର୍ଶୀ କରିପାରିଛନ୍ତି "ଶୋଷିତର କଷଣ" ନିବନ୍ଧରେ ।

ISSN NO.
2582-208X


ଲେଖକ ନିଜ ଅନୁଭୂତିକୁ ବଖାଣିବାକୁ ଯାଇ ଆତ୍ମଶ୍ଳାଘା ବ୍ୟକ୍ତ କରିଛନ୍ତି "କୋଉ ପରିଚୟେ ବଞ୍ଚିବି ହେ ପ୍ରଭୁ" ନିବନ୍ଧରେ । ସାମାଜିକ ପରିଚୟ ଅପେକ୍ଷା ରାଜନୀତିକ ପରିଚୟକୁ ଏ ମଣିଷ କାହିଁକି ଆପଣେଇ ନେଇଛି, ଲେଖକ ବି ସନ୍ଧିହାନ !

ମାଡ଼ ଥିଲା ବୋଲି ଶାସନ ଠିକ୍ ଚାଲିଥିଲା । ଦଣ୍ଡମୁକ୍ତ ହୋଇଗଲା ପରେ ଏବେ ନିଜେ ନିଜେ ଚଉଦ ପା' । ବଡ ଦୁଃଖଦାୟକ । କେବଳ ଯେ ମାଡ ଦ୍ୱାରା ଅନୁଶାସନ କରିହେବ ତା ନୁହେଁ, ବରଂ ଉତ୍ତମ ଆଚରଣରେ ସାମାଜିକ ପ୍ରାଣୀ ମଣିଷକୁ ଅବାଟରୁ ବାଟକୁ ଆଣିହେବ । ଏହା ହିଁ "ହେ ମାଡ – ତୋତେ ଦୂରୁ ଜୁହାର" ନିବନ୍ଧର କଥାବସ୍ତୁ ।

ବନ୍ଧୁତାର ବନ୍ଧନ ଓ ଅସହାୟ ଜୀବନ ନିବନ୍ଧରେ ଲେଖକ ସୂଚେଇଛନ୍ତି ଯେ 'ବନ୍ଧୁର ବନ୍ଧୁତା ହେଉଛି ମଣିଷର ଔଷଧ ।' ମୁ ନିବନ୍ଧକୁ ସମୀକ୍ଷା କଲାବେଳକୁ ସ୍ମରଣ କରୁଛି ଭକ୍ତକବି ମଧୁସୂଦନ ରାଓଙ୍କ ଅନୂଦିତ କବିତା ନିର୍ବାସିତର ବିଳାପରେ – କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର/ ଯାର ପ୍ରାପତ ଯୋଗୁ ଦେବତା ନର । ଶିରୋନାମରେ ଅସହାୟ ଜୀବନ ଯୋଡିନଥିଲେ ଠିକ୍ ହେଇଥାନ୍ତା ବୋଲି ପ୍ରତ୍ୟୟ ହୁଏ ।

ଶିକ୍ଷାନୀତିର ଖସଡ଼ା ପ୍ରସ୍ତୁତ କରିବାରେ ପ୍ରଶାସନ ଓ ଅଭିଭାବକମାନେ ନିହାତି ଚିନ୍ତନଶୀଳ ହେବା ଦରକାର । ସରକାରୀ ଓ ବେସରକାରୀ ବିଦ୍ୟାଳୟ ମଧ୍ୟରେ ପାଚେରୀ ଗଢିବା ଅନାବଶ୍ୟକ । ସୁନ୍ଦର ସଂଯୋଜନାଟିଏ ବାଢିଛନ୍ତି "ଶିକ୍ଷାର ବେପାର ଆମ ବିଚାର" ନିବନ୍ଧରେ । ଦେଶର ନାଗରିକଙ୍କର ସ୍ଥିତି ପରିସ୍ଥିତିକୁ ସାମ୍ନା କରି ଆନୁଷ୍ଠାନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ହିଁ ଜଣେ ରାଜା ବା ମୁଖିଆର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଏକଥାକୁ ଗପ ଛଳରେ ଚିହ୍ନିତ କରିଛନ୍ତି "ନିଦ୍ରିତ ଶାସକ ଓ ଚେଇଁ ଶୋଇଥିବା ନାଗରିକ" ନିବନ୍ଧରେ ।

ଏବଂ ଶେଷ ନିବନ୍ଧ ହେଉଛି କହି "ହୁଏନି କି ଦହି ହୁଏନି" ବାସ୍ତବିକ ଏକ ଅନ୍ତର୍ଦାହର କଥାଟିଏ । ନିୟମ- ବେନିୟମ, ବୁଝା-ଅବୁଝା ବ୍ୟଥାର ସ୍ୱର୍ଶକାତର କଥାଗୁଡିକ ଲୋକଲୋଚନକୁ ଆଣିଛନ୍ତି ।

ISSN NO.
2582-208X

ପ୍ରତିଟି ଲେଖା ରୁଚିଶୀଳ, ଶିକ୍ଷଣୀୟ, ସଚେତନଧର୍ମୀ, ସମ୍ବେଦନଶୀଳ ଓ ଅଙ୍ଗେନିଭାର ଗୋଟିଏ ଗୋଟିଏ ଅମୂଲ୍ୟ ଦସ୍ତାବିଜ୍ । ଆଙ୍ଗିକ ଦୃଷ୍ଟିକୋଣରୁ କ୍ଷୁଦ୍ର ହେଲେ ବି ଆତ୍ମିକ ଭାବାବେଗରୁ ପାଠକର ମନକୁ ଚହଲାଇବାରେ ସାମର୍ଥ୍ୟ ଅଟନ୍ତି ଲେଖକ ଶ୍ରୀଯୁକ୍ତ ମହାନ୍ତି। ଲେଖାର ଆବଶ୍ୟକ ସ୍ଥଳେ ଚିରାଚରିତ ଲୋକ ଉକ୍ତି/ରୂଢି ପ୍ରୟୋଗର ଅବତାରଣା କରାଯାଇ କଥନିକାକୁ ମନୋରଞ୍ଜକ ଓ ସୁପାଠ୍ୟର ମୁକୁଟ ପିନ୍ଧାଯାଇଛି । ପ୍ରତି ନିବନ୍ଧର ନାମକରଣରୁ ପଢିବାର ଆନନ୍ଦ ମିଳୁଛି ଏବଂ ଏକ ନିଃଶ୍ୱାସରେ ପଢିବାର ଇଛାଟି ଭିତରେ ଉବୁଟୁବୁ ହେଉଛି। ଲେଖକ ଶ୍ରୀଯୁକ୍ତ ମହାନ୍ତିଙ୍କର ପୂର୍ବରୁ ପ୍ରକାଶିତ ଦୁଇଟି ଶିଶୁଗଳ୍ପ ସଂକଳନ 'ସଞ୍ଜୁ ଆଉ ସଞ୍ଜନା' ଓ 'ଚଗଲା ଚିଆଁ' ବେଶ୍ ମନଲାଖି । 'ନବଧାରା' ଓ 'ଯେ ପକ୍ଷୀ ଉଡ଼େ ଯେତେ ଦୂର' ପତ୍ରିକାର ସଂପାଦନରେ ନିଜର ସାହିତ୍ୟିକ ପରାକାଷ୍ଠା ଦର୍ଶାଇପାରିଛନ୍ତି । ସାହିତ୍ୟର ଏକନିଷ୍ଠ ସାଧକ, ମିଷ୍ଟଭାଷୀ, ପରୋପକାରୀ ତଥା ବନ୍ଧୁବତ୍ସଳ ଭାବରେ ବେଶ୍ ଜଣାଶୁଣା ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି ।

ଶ୍ରୀଯୁକ୍ତ ମହାନ୍ତି କୁହନ୍ତି ଯେ "ସାଧାରଣ ମଣିଷର ଯନ୍ତ୍ରଣା" ହେଉଛି ତାଙ୍କର ଲିଖିତ ପ୍ରଥମ ନିବନ୍ଧ । ମୁଁ ସ୍ୱୀକାର କରୁଛି ଯେ ଏ ଲଳିତ ନିବନ୍ଧଗୁଡିକ ପାଠକୀୟ ଆଦୃତି ଲାଭ କରିବ ଓ ମଣିଷ ମନରେ ଥିବା ଅଲରା ଦୋଷ-ତ୍ରୁଟି ଓ ଅହଂଭାବ ଆପେ ଆପେ ଦୂରେଇଯିବ । ଏହିଭଳି ଲେଖା ସମାଜକୁ ଉପହାର ଦେଇ ମଣିଷ ମନରେ ଜାଗାଟିଏ କିଣିନେଇପାରିବେ ଲେଖକ ।ଶ୍ରୀଯୁକ୍ତ ସନ୍ତୋଷ କୁମାର ସାହୁଙ୍କୁ ଶୁଭକାମନା ଜଣାଉଛି ବହୁ ମୂଲ୍ୟବାନ ପୁସ୍ତକଟିଏ ରଚନା କରିଥିବାରୁ ଓ ମୋତେ ସମ୍ୟକରେ ସମୀକ୍ଷାର ଦାୟିତ୍ୱ ପ୍ରଦାନ କରିଥିବାରୁ ।

ପାଣ୍ଡପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଫେରି ଆସନ୍ତା କି ମୋ ପିଲାଦିନ



ପ୍ରସନ୍ନ କୁମାର ମେହେର

ସାଙ୍ଗ ସାଥି ମେଳେ କେତେ ଖେଳ ଖେଳେ
ମନେ ପଡେ  ସେଇ ମୋ ପିଲାଦିନ
ଚକା ଭଉଁରୀ ଓ ବହୂଚୋରୀ ଖେଳ
ଭୁଲି ହୁଏ ନି ତନୁ ମନୁ କ୍ଷଣ ।।

ଜେଜେବାପା ମାଆ ତୁଣ୍ଡୁ ଶୁଣୁଥିଲି
ବୁଢ଼ୀ ଅସୁରୁଣୀ ଯେତେ ଗପ
ରାଜାରାଣୀ ସହ ରାଜକୁମାରୀ ର
ଭୂତ ବାୟାଣୀ କଉତୁକ ଢପ।।

ସାଇକେଲ ଚଢା ଗୋଡଫ୍ରେମ ବଡ଼ା
କି ସଉକ ସେଇ ଅଭୁଲା ସ୍ମୃତି
ସରଗ ଉଡ଼ିଲା ପରିକା ଲାଗଇ
ମଧୁମୟ ସେ ପିଲାଖେଳ ମତି ।।

ବାଡି ବରକୋଳି ଲେମ୍ବୁ ଫଳ ତୋଳି
ଲୁଚି ଛପି କାନନେ ଚୋରି କରି

ISSN NO.
2582-208X

କେତେ ସରାଗରେ ସାଙ୍ଗ କତି ମେଳେ
ଗାଲି ଖାଉଥିଲୁ ମନକୁ ମାରି ।।

ଗୁଡି ନିରିମାଣି ଗଗନେ ଉଡ଼ାଇ
ମହା ଆନନ୍ଦେ ନିତି ଖେଳୁଥାଇ
ମାଟିପିଣ୍ଡୁଳାରେ କେତେ ପ୍ରତିମୂର୍ତ୍ତି
ଗଢିବାରେ ମନ ହୁଅଇ ବାଇ ।।

ରାଜଦ୍ରୋହୀ ସାଥେ ଚୋର ଓ ପୁଲିସ
ଦୌଡ଼ ଡିଆଁ କେତେ ଯେ ଖେଳ ମାନେ
ହରଷ ପରାଣେ କେତେ ଉନ୍ମାଦନେ
ଖେଳ ଖେଳୁ ପିଲାଙ୍କର ଗହଣେ ।।

ମନେ ପଡେ ଆଜ ପିଲାଖେଳ ମୋର
ତଟିନୀ କୂଳେ ବାଲିକୁଦ ଖେଳ
ଖୋଖୋ ଓ କବାଡି ସୋଲ କେଳିବାଡି
ଆହାଃ କେଡ଼େ ଆମର ଲୀଳାଖେଳ ।।

ବାଲ୍ୟକାଳ ସ୍ମୃତି କି ସୁନ୍ଦର ମତି
ପାଶୋରି ହୁଏ ନାହିଁ ପିଲାଦିନ
ଛନଛନ ମନ ହୁଅଇ ଉଚ୍ଛନ୍ନ
ଫେରି ଆସନ୍ତା କି ମୋ ପିଲାଦିନ ।।

ଦିଗଶିବ୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ISSN NO.
2582-208X

# ଏଇଠି ଅମୃତ ଏଇଠି ବିଷ



ବିନୋଦିନୀ ଦାଶ

ଚୌରାଅଶୀ ଲକ୍ଷ ଯୋନି ଗତି କରି
ପ୍ରାପତ ଶେଷରେ ଜନ୍ମ ମଣିଷ
କରମ ହିଁ ଯାଚି ଦିଅଇ କାହାକୁ
ଏଇଠି ଅମୃତ ଏଇଠି ବିଷ ।

ରଖି ଫଳ ଇଚ୍ଛା କରିଲେ ସାଧନ
ହୋଇଥାଏ ବୃଥା ସେହି କରମ
ଯେତେ ଶୁଭଫଳ ହୁଏ ହାତଛଡ଼ା
ସ୍ୱାର୍ଥୀ ଭାବେ ଭୁଲି ନିଜ ଧରମ ।

ଅବିଦ୍ୟା କୋଳେଇ ହୋଇ ଛଟପଟ
ବାରବାର ପ୍ରକୃତିର ଅଧୀନ
ବିଷର ଜ୍ୱାଳାଟା ହୁଏ ଅତି ଗରୁ
ବଢ଼ି ବଢ଼ି ନିତି କର୍ମକଷଣ ।

ISSN NO.
2582-208X

ଅମୃତ ଭୁଞ୍ଜଇ ସତ୍ୟ ପଥାଶ୍ରୟୀ
ଅହିଂସା ସୁକର୍ମ ଧରି ସାଥିରେ
ଦୟା କରୁଣାର ଅବତାରୀ ଭାବେ
ସୁଖ୍ୟାତି ଅର୍ଜଇ ଇହ ଧାମରେ ।

ଧର୍ମ ପଥେ ନିତି କରି କରି ଗତି
ସକଳ କର୍ମର ଫଳକୁ ତ୍ୟାଗି
ଲଭି ଈଶ୍ୱରଙ୍କ କରୁଣା ଅମୃତ
ଆହା କି ସନ୍ତୋଷ ତାହାର ମତି !

ହୃଦୟେ ପଚାରି ମନରେ ବିଚାରି
ଚିନ୍ତ ହେ ଚେତନ କଅଣ ଶୁଭ
ସେ ପଥରେ ଚଳି ଆନକୁ ଚଳାଇ
ସାର୍ଥକ କରାଅ ଜନମ ଭବ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ପ୍ରେମର ଜ୍ୱାଳା



ଭାରତୀ ମୁଦୁଲି

ସୃଷ୍ଟିର ଆବହମାନରେ ପ୍ରେମର ପ୍ରାରମ୍ଭ
ଅନ୍ତରେ ବି ଶେଷ ହୋଇପାରେ
ପ୍ରେମରୁ ସୃଷ୍ଟି ବିଶ୍ୱାସ ଓ ପ୍ରତାରଣା
ଇର୍ଷା କରି ଜଳିଯାଏ ମନ ଅରଣ୍ୟ
ନଷ୍ଟ ହୁଏ ହୃଦୟର ସାଉଁଟା ସ୍ମୃତି
ଅବମାନନା କରେ ସେ ପରିବାର ନାମରେ
ଗତି କି ଅବଗତି ନ ବିଚାରି
ଠିଆ ହୁଏ ପ୍ରେମର ଭିକ୍ଷା ମାଗି
ପ୍ରେମିକର ବଡ଼ ଦାଣ୍ଡେ
ଅବା ପ୍ରେମିକାର ଗାଆଁରେ
କଅଁଳ ଖରର ଅନୁଭବ ଦିଏ
କରେ ଶିକ୍ଷା ଓ ସଂସ୍କାରକୁ ଅଗ୍ନିମୟ
ପ୍ରେମର ଜ୍ୱାଳା ସେ ଲିଭେନି ଜଳଦି...

ଭାରତୀ ମୁଦୁଲି
ବନମାଳୀପୁର, ଖୋର୍ଦ୍ଧା

ISSN NO.
2582-208X

# ଶ୍ରେଷ୍ଠ ଉଦ୍ଭାବନ : କଲମ



ଡକ୍ଟର କମଳାକାନ୍ତ ଜେନା

ଯାହାର ଭାଷା ଯେତେ ଉନ୍ନତ, ସିଏ ସେତେ ଉନ୍ନତ ଓ ତାହାର ସଂସ୍କୃତି ସେତେ ସମୃଦ୍ଧ। ତା' ସହିତ ଗୋଟିଏ ସଭ୍ୟତାର ଉନ୍ନତି ପାଇଁ ଲିପିବଦ୍ଧ କରିବାର କଳା ମଧ୍ୟ ନିହାତି ଜରୁରୀ, ଯାହାକି କଲମ ଦ୍ୱାରା ସମ୍ଭବ ହୋଇପାରିଛି । ତେଣୁ କଲମର ଉଦ୍ଭାବନକୁ ଦୁନିଆର ଶ୍ରେଷ୍ଠ ଉଦ୍ଭାବନ ବୋଲି କୁହାଯାଏ । ପ୍ରାୟ ୫୦୦୦ ବର୍ଷ ପୂର୍ବରୁ ମଣିଷ ଲିପିବଦ୍ଧ କରିବା ବା ଲେଖିବା ଶିଖି ନଥିଲା । କଲମ କ'ଣ ଜାଣି ନଥିଲା । କିନ୍ତୁ ଯେତେବେଳେ ତା'ର ମନର ଭାବନାକୁ ସେ କୌଣସି ଉପାୟରେ ସାଇତି ରଖିବାକୁ ଇଚ୍ଛାକଲା, ସେତେବେଳେ କଲମ ସଦୃଶ କେତେକ ଉପକରଣ ତିଆରି କରିବା ଦରକାର ପଡ଼ିଲା । ପ୍ରଥମେ ପ୍ରଥମେ ମଣିଷ ମୁନିଆଁ ପଥର ସାହାଯ୍ୟରେ ପାହାଡ଼ ଉପରେ ରାମ୍ପୁଡି ରାମ୍ପୁଡି ଛବି ଆଙ୍କିବା ଶିଖିଲା । କେତେକ ଗଛର ଫୁଲ ଓ ପତ୍ରକୁ ଛେଚି ସେଥିରୁ ସେ ରଙ୍ଗ ପ୍ରସ୍ତୁତ କଲା । ସେଇ ରଙ୍ଗରେ ଆଙ୍ଗୁଳି ବୁଡ଼େଇ ବୁଡ଼େଇ ବଡ଼ ବଡ଼ ପଥର ଉପରେ ଚିତ୍ର ଆଙ୍କିଲା। ଚିତ୍ର ଆଙ୍କିବା ସକାଶେ ପଶୁମାନଙ୍କର ନାଲି ରକ୍ତକୁ ମଧ୍ୟ ବ୍ୟବହାର କରୁଥିଲା । ପରେ ପରେ ଧଳା ଖଡ଼ିପଥର କିମ୍ବା ଧଳାମାଟିକୁ ବ୍ୟବହାର କରି ଟିକିଏ ସହଜରେ ଗାର ଟାଣିପାରିଲା । ଅବଶ୍ୟ ପ୍ରାଚୀନ ଚୀନ୍ ଲୋକମାନେ ଓଟବାଳରୁ ତିଆରି ତୁଳୀକୁ ରଙ୍ଗରେ ବୁଡ଼େଇ ବୁଡ଼େଇ ସେଥିରେ ଅକ୍ଷର ଲେଖିବା ଆରମ୍ଭ କରିଥିଲେ । ସେତେବେଳେ କଲମର ଉଦ୍ଭାବନ ହୋଇ ନଥିଲା ।

ISSN NO.
2582-208X

ସର୍ବପ୍ରଥମେ କଲମର ବ୍ୟବହାର ଇଜିପ୍ଟ ଦେଶରେ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ଗୋଟିଏ ହାଲୁକା ଫମ୍ପା କାଠିର ଅଗରେ ସେମାନେ ଖଣ୍ଡିଏ ମୁନିଆଁ ତମ୍ବାକୁ ବାନ୍ଧି ସେଥିରେ ଲେଖିବାକୁ ଚେଷ୍ଟା କରିଥିଲେ । ଗ୍ରୀସ୍ ଦେଶର ଲୋକେ ପଶୁପକ୍ଷୀର ହାଡ଼ ବା ହାତୀଦାନ୍ତକୁ ମୁନିଆଁ କରି ସେଥିରେ ଲେଖୁଥିଲେ । ତା'ପରେ ଘାସର ମୋଟା କାଣ୍ଡକୁ ଗୋଜିଆ କରି ଫୁଲ ବା ପତ୍ରରୁ ତିଆରି ରଙ୍ଗରେ ବୁଡ଼େଇ ପାପିରସ୍ ନାମକ ଗଛର ପତ୍ର ଉପରେ ଲେଖାଗଲା ।

ଆଜିକାଲି ନିବ୍ ଥିବା ଝର କଲମ ଦେଖିବାକୁ ମିଳୁନାହିଁ । ଏବେ ତ ସବୁ ବଲ୍ ପଏଂଟ୍ ପେନ୍ । ଆଜିର ପିଲାଙ୍କ ପାଇଁ ଝର କଲମ ବିଗତ ଇତିହାସ ପାଲଟି ଗଲାଣି । ଝରକଲମର ମୁଖ୍ୟ ଅଂଶ ହେଉଛି ନିବ୍, ଯାହାର ଅଗ୍ରଭାଗଟି ଦୁଇପାଳ କରି କଟା ହେଇଥାଏ । ଏହି କଟାଦାଗ ଏକ ସରୁ ନାଳୀ ପରି କାର୍ଯ୍ୟକରେ । ଫଳରେ କଲମର ପେଟ ଭିତରୁ କାଳି ଏହି ନାଳୀ ଦେଇ ନିବ୍ ମୁନକୁ ବୋହିଆସେ ଓ ଲେଖିଲା ବେଳେ କାଗଜ ଉପରେ ଲାଗି ଲାଗି ଯାଏ । ମଧ୍ୟଯୁଗରେ କାଗଜ ତିଆରି ଆରମ୍ଭ ହେବା ପରେ ମଣିଷ ଏହି ନିର୍ମାଣ କୌଶଳର ବ୍ୟବହାର କରି ହଂସ, ଶାଗୁଣା କିମ୍ବା ପାରାପରରୁ 'ପରକଲମ' ତିଆରି କଲା । ତେଣୁ ପର ଓ କଲମ ଭିତରେ ସଂପର୍କ ଅତି ପୁରୁଣା । ପ୍ରକୃତରେ 'ପେନ୍' ଶବ୍ଦଟି ଲାଟିନ୍ ଭାଷାର 'ପେନା' ଶବ୍ଦରୁ ଆସିଛି, ଯାହାର ଅର୍ଥ 'ପର' । ମଣିଷ ଅନେକ ବର୍ଷ ଧରି ପରକଲମ ବ୍ୟବହାର କରିଥିଲା ।

୧୪୬୫ ମସିହା ବେଳକୁ ରୋମ୍ ଦେଶରେ ପିତଳ କଲମ ବ୍ୟବହୃତ ହେଉଥିବାର ଉଲ୍ଲେଖ ରହିଛି । ୧୭୮୦ ମସିହାରେ ପ୍ରଥମେ ଷ୍ଟିଲ୍ ଧାତୁରେ ତିଆରି ମୁନିଆଁ କଲମ ବାହାରିଲା । ୧୮୦୩ ମସିହାରେ ଇଂରେଜ ଇଞ୍ଜିନିୟର୍ ବ୍ରିଆନ୍ ଡଙ୍କିନ୍ ମଧ୍ୟ ଷ୍ଟିଲ୍ ମୁନ ବିଶିଷ୍ଟ କଲମ ତିଆରି କରିଥିଲେ । କିନ୍ତୁ ଏହି କଲମରେ ଲେଖିବା ସୁବିଧା ହେଲାନାହିଁ । ପ୍ରାୟ ଅଶୀବର୍ଷ ପରେ ୧୮୮୪ ମସିହାରେ ନିଉୟର୍କ ସହରର ଜୀବନ ବୀମା ପ୍ରତିନିଧି ଲୁଇସ୍ ଓ୍ୱାଟରମ୍ୟାନ୍ ଆଧୁନିକ ଝରକଲମ ତିଆରି କରିଥିଲେ । ତେଣୁ କୁହାଯାଏ ଫାଉଂଟେନ୍ ପେନ୍ ର ଉଦ୍ଭାବକ ଓ୍ୱାଟରମ୍ୟାନ୍ । ଝରକଲମର ନିଜର କାଳି ରହିବା ପାଇଁ ସ୍ୱତନ୍ତ୍ର ଆଶୟ ବା

ISSN NO.
2582-208X

ଆଧାର ରହିଥିଲା । ତେଣୁ ବାରମ୍ବାର କାଳିରେ ବୁଡ଼େଇବାକୁ ପଡ଼ିଲା ନାହିଁ । ଏହାର ନିବ୍ ମୁଣ୍ଡରେ ଓସ୍ମିରିଡିୟମ୍ କିମ୍ବା ଇରିଡିୟମ୍ ପରି ଏକ କଠିନ ଧାତୁ ରହୁଥିଲା । ଫଳରେ ଲେଖିଲେ ଏହା ଘୋରି ନଯାଇ ମସୃଣ ରହିଲା । ଝରକଲମର ନିବ୍ ତଳେ ପ୍ଲାଷ୍ଟିକର ଗୋଟିଏ ଜିଭ ରହିଥାଏ, ଯାହାକି କଲମର ପେଟ ଭିତରୁ ନିବ୍ ମୁନକୁ କୈଶିକ ଆକର୍ଷଣ (ଯେଉଁ ପ୍ରକ୍ରିୟାରେ ସରୁ ସରୁ ଚେର ଦ୍ୱାରା ଗଛ ଉପରକୁ ପାଣି ଉଠେ) ପ୍ରକ୍ରିୟାରେ ଅନବରତ କାଳିପ୍ରବାହ କରାଏ ।

ଆବିଷ୍କାର ଓ ଉଦ୍ଭାବନରେ ଭୁଲଭଟକା ରହିବା ବିଚିତ୍ର କଥା ନୁହେଁ । ସେହି ଭୁଲଭଟକାକୁ ସୁଧାରିବା ଅବସରରେ ଆହୁରି ଉନ୍ନତ ଉଦ୍ଭାବନ ସମ୍ଭବ ହୋଇଥାଏ । ଝରକଲମରେ ମଧ୍ୟ କେତେକ ଦୋଷତ୍ରୁଟି ପରିଲକ୍ଷିତ ହୋଇଥିଲା । ଏହା ଦ୍ୱାରା ଲିଖିତ କାଳିର ଲେଖା ପାଣିରେ ନଷ୍ଟ ହେବା ବା ଛପିଯିବାର ଦେଖାଗଲା । ଉଡ଼ାଜାହାଜରେ ଉପରକୁ ଉଠିଲେ କିମ୍ବା ଜୋର୍ ହଲିଗଲେ ଏହାର ପେଟଭିଟରୁ ଅଯଥା କାଳି ବାହାରି ଆସିବାର ସମ୍ଭାବନା ରହିଲା । ତେଣୁ କାଳିକୁ ଅପେକ୍ଷାକୃତ ବହଳିଆ ଓ ଜଳରୋଧକ କରି ବିଂଶ ଶତାବ୍ଦୀରେ ବଲ୍ ପଏଂଟ୍ ପେନ୍ (ଡଟ୍ ପେନ୍) ତିଆରି କରାଗଲା । ୧୯୩୮ ମସିହାରେ ହେଙ୍ଗରୀର ଜର୍ଜ ବିରୋ ଓ ଲାଡିସ୍ଲାଲୋ ବିରୋ ନାମକ ଦୁଇଭାଇ ସହଜରେ ବ୍ୟବହାର ଉପେଯାଗୀ ଡଟ୍ ପେନ୍ ଉଦ୍ଭାବନ କରିଥିଲେ । ପରେ ପରେ ୧୯୬୨ ବେଳକୁ ଜାପାନ୍ ଦେଶର ୟୁକିଓ ହୋରୀ ନାମକ ବ୍ୟକ୍ତି ଫାଇବର୍ ଟିପ୍ ପେନ୍ ତିଆରି କରିବାରେ ସଫଳ ହେଲେ । ତେଣୁ ସାଧାରଣ ଖଡ଼ିପଥରରୁ ଆରମ୍ଭ କରି ଅତ୍ୟାଧୁନିକ ଫାଇବର୍ ଟିପ୍ କଲମ ତିଆରି ପାଇଁ ଆମକୁ ହାରାହାରି ୫୦୦ ବର୍ଷ ଲାଗିଗଲା ।

. . .

ଓଡ଼ିଶା ଶିକ୍ଷା ସେବା (ଓ.ଇ.ଏସ୍.),
ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ,
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭଦ୍ରକ-୭୫୬୧୦୦

ଅଗଷ୍ଟ-୨୦୨୪
www.vedantimagazine.com
ISSN NO.
2582-208X

# ତଥାଗତ ବୁଦ୍ଧ



ବ୍ରଜକଶୋର ସ୍ୱାଇଁ

ସତ୍ୟର ସନ୍ଧାନେ ରାଜପଦ ଆଉ
ଘର ଛାଡିଥିଲେ ଯିଏ,
ସେ ପରା ସିଦ୍ଧାର୍ଥ ପରେ ତଥାଗତ
ବୁଦ୍ଧ ହୋଇଗଲେ ସିଏ ।୧ ।
କପିଳବାସ୍ତୁର ଲୁମ୍ବିନୀ ଉଦ୍ୟାନେ
ହୋଇଥିଲେ ସିଏ ଜାତ,
ରାଜା ଶୁଦ୍ଧୋଦନ ରାଣୀ ମାୟାଦେବୀ
ଥିଲେ ତାଙ୍କ ତାତ ମାତ ।୨ ।
ହୃଦୟ ତାଙ୍କରି ଥିଲା ନିରିମଳ
ଛନ୍ଦ ଓ କପଟଶୂନ୍ୟ,
ପୁନେଇଁ ରାତିର ଚନ୍ଦ୍ରମା ପରାଏ
ସଫା ଥିଲା ତାଙ୍କ ମନ ।୩ ।
ପିଲାବେଳୁ ଜୀବନର ଅସାରତା
କଲା ବିଚଳିତ ଅତି,
ଜଗତରୁ ଜଗଦୀଶଙ୍କ ଆଡକୁ
ମୋଡି ହେଲା ତାଙ୍କ ମତି ।୪ ।
ଘରଦ୍ୱାର ଛାଡି ବୋଧଗୟା ଠାରେ
ହୋଇଥିଲେ ଧ୍ୟାନରତ,
କଠିନ ସାଧନା କରି ଦିବାନିଶି

ISSN NO.
2582-208X

ନିର୍ବାଣ ହେଲେ ପ୍ରାପତ ।୫ ।
କାମନାର ବିନାଶରେ ମିଳେ ମୁକ୍ତି
ଦୁଃଖ ହୋଇଯାଏ ଦୂର,
କାମନାହିଁ ସବୁ ଦୁଃଖର କାରଣ
କରିଥିଲେ ସେ ପ୍ରଚାର ।୬ ।
ଅହିଂସା ପରମ ଧର୍ମର ଥିଲେ ସେ
ଆଜନ୍ମରୁ ଉପାସକ
ଜୀବେ ଦୟା ଆଉ କରୁଣାର ଥିଲେ
ସିଏ ପରା ପ୍ରବର୍ତ୍ତକ ।୭ ।
ଯୀଶୁ ଗାନ୍ଧୀ ପରି ବାଣ୍ଟିଥିଲେ ସିଏ
ମାନବ ଜାତିକୁ ପ୍ରେମ,
ତାଙ୍କ ପ୍ରଚାରିତ ଧରମର ନାଆଁ
ହୋଇଗଲା ବୌଦ୍ଧ ଧର୍ମ ।୮ ।
ଜୀବନ ତାଙ୍କରି ଥିଲ ସମର୍ପିତ
ସମାଜର ହିତ ପାଇଁ,
ସବୁ ଦିନ ପାଇଁ ରହିଗଲେ ସିଏ
ଜଗତେ ଅମର ହୋଇ ।୯ ।
ତାଙ୍କ ନୀତି ଆଉ ଆଦର୍ଶ ହେଉଛି
ଆମ ଏ ଦେଶର ପୁଞ୍ଜି
ଶରଧାରେ ଅନୁକରଣ କରିବା
ଶାନ୍ତି ଲାଗି ଆମେ ଆଜି ।୧୦ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ପରିଚୟ



ଜନ୍ମଜୟ ନାୟକ

ଅନାଥାଶ୍ରମରେ ପାଳିତ ଶିଶୁ ମନରେ
ଅସମାହିତ ପ୍ରଶ୍ନଗୁଚ୍ଛ
କ'ଣ ତା'ର ପରିଚୟ?
ବାପାମାଆଙ୍କ ବିନା ସଂସାର ରେ
ନିଜର ଅସ୍ତିତ୍ୱ ଖୋଜିବା
କ'ଣ ଏତେ ସହଜ ……
ଅପମାନର ଭୟରେ ହଜିଯାଏ ପରିଚୟ ……

ବୃଦ୍ଧାଶ୍ରମରେ ସ୍ଥାନପାଇଥିବା
ଜୀବନର ଅପରାହ୍ନରେ  ଉପନୀତ
ଦମ୍ପତିଙ୍କୁବି ଭୟ ଲାଗେ
ଦେବାକୁ ପରିଚୟ ,
କାଳେ ସେମାନଙ୍କ ସନ୍ତାନର
ସମ୍ମାନରେ ଆସିବ ଆଞ୍ଚ୍ ?

ISSN NO.
2582-208X

ମନ୍ଦିର ପ୍ରାଙ୍ଗଣରେ ଭିକ୍ଷାବୃତ୍ତି କରି
ପେଟ ପୋଷୁଥିବା ଭିକାରି ଭିକାରୁଣିଙ୍କର
ପରିଚୟ ହଜିଯାଏ
ବିକାଶଶୀଳ ସଭ୍ୟତାର ଅନ୍ଧକାର ଗଳିରେ
ଦାରିଦ୍ର୍ୟତାର ପଶାଖେଳରେ
ହଜିଯାଏ ତାଙ୍କ ପରିଚୟ ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୭୫

ISSN NO.
2582-208X

# ପ୍ରେମ ନଈ କୂଳେ



ଚିତରଞ୍ଜନ ବେହେରା

ପ୍ରୀତିର ଥାଳିରେ ଶ୍ରଦ୍ଧାର ହାତରେ
ସ୍ନେହ ଫୁଲ ଆଞ୍ଜୁଳାଏ.....
ହୃଦୟ ମନ୍ଦିରେ ପ୍ରୀତିର ଧୂପ
ସମ୍ପର୍କ କୁ ମହକାଏ.....!!

ସମ୍ପର୍କ ଆକାଶେ ବିଶ୍ୱାସର ମେଘ
ଚାଲୁଥାଏ ଅବିରତେ.....
ନୀଳ ମେଘମାଳା ନିବିଡତା ହୋଇ
ବୁଲୁଥାଏ ଚାରି ପାଖେ.....!!

ବନ୍ଧନ ନାଆ ରେ ବିଶ୍ୱାସ ନାଉରୀ
ଚଳାଉଥାଏ ନାଆ....
ପ୍ରେମ ନଈକୂଳେ ଭଲପାଇବା ପବନ
ବହୁଥାଏ ସୁଲୁ ସୁଲିଆ.....!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ତତ୍ତ୍ୱ ସଙ୍ଗୀତର ସ୍ରୋତସ୍ୱିନୀ - ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ



ସାହିଲ କୁମାର ନାୟକ

ପ୍ରାରମ୍ଭରୁ ଓଡ଼ିଆ ସାହିତ୍ୟ ଧର୍ମ ସହ ଏତେ ମାତ୍ରା ରେ ଓତପ୍ରୋତ ଭାବରେ ଜଡ଼ିତ ଯେ ଧର୍ମକୁ ଆଡେଇ  ସାହିତ୍ୟର ସମୀକ୍ଷା କରିବା ଏକ ବୃଥା ପ୍ରୟାସ ମାତ୍ର ପରି ଲାଗେ I ଅନେକ ମନେକରନ୍ତି ସାହିତ୍ୟ ସହିତ ଧର୍ମର କିଛି ସମ୍ପର୍କ ନାହିଁ । ତେଣୁ ଧର୍ମମୂଳକ ସାହିତ୍ୟକୁ ସେମାନେ ସାହତ୍ୟର ମର୍ଯ୍ୟାଦା ଦେବାକୁ ପ୍ରସ୍ତୁତ ନୁହନ୍ତି । ଏଥିପାଇଁ ଧର୍ମସାହିତ୍ୟ ଆଉ ଅଲୋଚନର ପରିସର ଭିତରକୁ ବିଶେଷ ଭାବରେ ଆସିପାରୁ ନାହିଁ । ଅନ୍ୟ କେତେଜଣ ଆଲୋଚକ କୁହନ୍ତି 'ଧର୍ମ ଓ ସାହିତ୍ୟ ପୃଥକ୍' । କିନ୍ତୁ ଓଡ଼ିଆ ସାହିତ୍ୟ ର ଆଲୋଚନା କଲାବେଳେ ତାହା ଅସମ୍ଭବ ମନେ ହୁଏ। କାରଣ ପ୍ରାକ୍ ସାରଳା ଯୁଗ ଠାରୁ ମଧ୍ୟଯୁଗୀୟ ସାହିତ୍ୟ ପର୍ଯ୍ୟନ୍ତ  ଧର୍ମ ଓ ସାହିତ୍ୟ ଗୋଟାଏ ମୁଦ୍ରା ର ଦୁଇଟି ପାର୍ଶ୍ୱ ପରି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ତେଣୁ ଧର୍ମ କୁ ଛାଡିଦେଲେ ଆଦ୍ୟ ରୁ ଏଯାବତ୍ ଓଡ଼ିଆ ସାହତ୍ୟର ଆଲୋଚନା ହୋଇ ନପାରେ।

ପ୍ରତି ମଣିଷର କାମ୍ୟ ହେଉଛି ନିତ୍ୟ ସୁଖ । କେବଳ ମଣିଷ କାହିଁକ, ପ୍ରତ୍ୟେକ ପ୍ରାଣୀର ମଧ୍ୟ ତାହାହିଁ କାମ୍ୟ । ସୁଖ ପାଇଁ ଉପଯୁକ୍ତ ମାର୍ଗକୁ ମନୁଷ୍ୟ ଅନ୍ୱେଷଣ କରିଚାଲିଛି। ଏହି ଅନ୍ୱେଷଣ ଭିତରେ ସେ ଯାହାକିଛି ନୂତନ ମାର୍ଗ ଅବଷ୍କାର କରୁଛି ତାକୁ ସେ ଦର୍ଶନର ନାମ ଦେଉଛି । ସୁଖ ଅନ୍ୱେଷଣ କୁ ଆମେ ଦୁଇ ଭାଗରେ ବିଭକ୍ତ କରିପାରିବା । ଗୋଟିଏ ଭୌତିକ ସୁଖ ଅନ୍ୱେଷଣ । ଓ ଅନ୍ୟଟି ହେଉଛି ଆତ୍ମିକ ସୁଖ ଅନ୍ୱେଷଣ । ଭୌତିକ ସୁଖ କେତେକାଂଶରେ ଆତ୍ମିକ ସୁଖ ଦେଲେ ହେଁ ତାହା ଚିରନ୍ତନ ହୋଇପାରେ ନାହିଁ । କାରଣ

ISSN NO.
2582-208X

ଭୌତିକ ସୁଖ ହେଉଛି କ୍ଷଣସ୍ଥାୟୀ । ତେବେ ଏହି ଦୁଇପ୍ରକାର ସୁଖ ପାଇଁ ମନୁଷ୍ୟ ଈଶ୍ୱରଙ୍କ ସ୍ଥିତିକୁ ସ୍ୱୀକାର ତାଙ୍କ ଶରଣାପନ୍ନ ହୁଏ ଓ ସେଥି ପାଇଁ ସେ ଜପ କରେ,ତପ କରେ, ସ୍ତୁତି କରେ, ଧ୍ୟାନ କରେ, ବନ୍ଦନ-ସ୍ମରଣ, ଅର୍ଚ୍ଚନ-ପୂଜନ, ଭଜନ-ଜଣାଣ ଆଦି କରେ ।

ଚତୁର୍ଦ୍ଦଶ ଶତାବ୍ଦୀରୁ ଏପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଆଦିବାସୀ ମାନଙ୍କର ଦାନ କିଛି କମ୍ ନୁହେଁ । ହୁଏତ ଅନ୍ୟ କୌଣସି ଭାରତୀୟ ସାହିତ୍ୟ ଏ ଗୌରବ ଦାବୀ କରି ନ ପାରେ । କିନ୍ତୁ କନ୍ଧକବି ଭୀମଭୋଇ ଙ୍କ ବାଣୀ ଆଜି ଆମର ଜାତୀୟ ସଂସ୍କୃତିର ପ୍ରତୀକ ରୁପେ ଗୃହୀତ ହେଉଛି । "ଓଡ଼ିଶାର ଭୌଗୋଳିକ ମାନଚିତ୍ରରେ କନ୍ଧମାଳ ଜିଲ୍ଲାର ସ୍ଥାନ ଠିକ୍ ହୃଦୟସ୍ଥଳୀରେ । ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର, ସାଂସ୍କୃତିକ ଉତ୍କର୍ଷତାର କେନ୍ଦ୍ରସ୍ଥଳୀ ତଥା ସାମାଜିକ ପରମ୍ପରାର ଜନ୍ମଭୂମି କନ୍ଧମାଳ ଯେକୌଣସି ପର୍ଯ୍ୟଟକ, ଗବେଷକ, ବ୍ୟବସାୟୀଙ୍କର ଯେ ମୁଖ୍ୟ ଆକର୍ଷଣ ଏଥିରେ ଦ୍ୱିରୁକ୍ତି ନାହିଁ । ଏହାର ବିଭିନ୍ନ ପ୍ରାକୃତିକ ବିଭବ ମଧ୍ୟରୁ ସବୁଜବନାନୀ, ସୁଉଚ୍ଚ ପ୍ରାଚୀର ସମ ପାହାଡ଼, ପାହାଡ଼ି ନଦୀ ନାଳ, ଝରଣା, ପ୍ରାକୃତିକ ଜଳପ୍ରପାତ, ଜଙ୍ଗଲଜାତ ଦ୍ରବ୍ୟ ଓଡ଼ିଶାରେ ବିରଳ । ଏଠାକାର ମୂଳ ଅଧିବାସୀ କହିଲେ ଜନଜାତିର ଲୋକଙ୍କୁ ହିଁ ସୂଚାଇଥାଏ । ଏମାନଙ୍କ ମଧ୍ୟରେ ବିଭିନ୍ନ ସଂପ୍ରଦାୟର ମଣିଷ ବିଭିନ୍ନ ଅଞ୍ଚଳମାନଙ୍କରେ ବାସ କରୁଛନ୍ତି । ଯଥା :- ଦେଶିଆକନ୍ଧ, ଡଙ୍ଗରିଆ କନ୍ଧ ଏବଂ କୁଟିଆକନ୍ଧ । ସଂପ୍ରଦାୟ ଭିନ୍ନ ଭିନ୍ନ ହେଲେ ହେଁ ଏମାନଙ୍କ ଚାଲି, ଚଳଣି, ବେଶ, ପୋଷାକ ସଂପୂର୍ଣ୍ଣ ନିରାଡ଼ମ୍ବର । ଜଙ୍ଗଲଜାତ ଦ୍ରବ୍ୟକୁ ଏମାନେ ମୁଖ୍ୟ ଖାଦ୍ୟଭାବେ ଗ୍ରହଣ କରିନେଇଥାନ୍ତି । ଏହି ଜନଜାତିର ମଣିଷମାନେ ଖୁବ୍ ଶାନ୍ତ, ସରଳ ଏବଂ ବିଶ୍ୱାସୀ । ଶିକ୍ଷାରୁ ବଞ୍ଚିତ ହୋଇଥିଲେ ହେଁ ଏହି ପ୍ରକୃତିର ସନ୍ତାନମାନେ ପ୍ରକୃତିକୁ ଦେବତା ଭାବେ ସ୍ୱୀକାର କରିଥାନ୍ତି ।" (କନ୍ଧମାଳ ଇତିହାସ) ସେହି ଆଦିବାସୀ ସମ୍ପ୍ରଦାୟରେ ଜନ୍ମିତ ଓଡ଼ିଶା ତଥା କନ୍ଧମାଳ ଜିଲ୍ଲାର ଗୌରବ ଅଲୌକିକ ଦିବ୍ୟଶକ୍ତି ସମ୍ପୂର୍ଣ୍ଣା ନାରୀ ହେଲେ ସନ୍ଥକବି ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି । ସେ "ତାଡ଼ିସରୁ ବାଇ" ନାମରେ ପରିଚିତ । ଏହି ଜିଲ୍ଲା ର ଫୁଲବାଣୀ ସହରଠାରୁ 22km ଦୂରରେ ଖଜୁରୀପଡ଼ା ଅବସ୍ଥିତ ।

ISSN NO.
2582-208X

ଖଜୁରୀପଡାଠାରୁ ୪ km ଦୂରରେ ଦଳପଡ଼ା ଗ୍ରାମ ଅବସ୍ଥିତ। ଏହି ଗ୍ରାମରେ ଏକ ନିଃସ୍ୱ କନ୍ଧ ପରିବାରରେ ପୂର୍ଣ୍ଣମାସୀ ଜାନୀ ଓରଫ୍ ଟାଡ଼ିସରୁ ବାଇ ୧୯୪୪ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ହେଉଛନ୍ତି ନୀଳକଣ୍ଠ ଜାନୀ ଓ ମାତା ରାଣୀମତୀ ଜାନୀ । ଅକାଳରେ ମାଆଙ୍କର ଦେହାନ୍ତ ହେଲା। ତେଣୁ ପୂର୍ଣ୍ଣମାସୀ କମ୍ ବୟସରେ ହେଲେ ମାତୃହରା। ସେ ପିଲାଦିନେ ଶିକ୍ଷାଲାଭ କରିବାର ସୁଯୋଗରୁ ବଞ୍ଚିତ ହେଲେ ଓ ଶିକ୍ଷାଲାଭ କରିପାରି ନଥିଲେ। ତେଣୁ ସେ ଥିଲେ ନିରକ୍ଷରା। ପୂର୍ଣ୍ଣମାସୀ ଜୀବନରେ ବହୁ ଦୁଃଖ ଓ ଅଭାବବୋଧ ଭିତରେ ଜୀବନ ଅତିବାହିତ କରିଛନ୍ତି। ଏହାପରେ ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିପଡ଼ା ଗ୍ରାମର ଆରାଧନା ଜାନୀଙ୍କ ସହ ତାଙ୍କର ବିବାହ ହୋଇଥିଲା। ପୂର୍ଣ୍ଣମାସୀ ଜାନୀଙ୍କର ଗୃହସ୍ଥ ଜୀବନ ଥିଲା ଅତ୍ୟନ୍ତ ସରଳ, ନିରାଡମ୍ବର।

ପୂର୍ଣ୍ଣମାସୀ ଜାନୀଙ୍କ ଜୀବନରେ ୧୯୬୯ ମସିହା ବୈଶାଖ ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥି ସୋମବାର ଦିନଟି ଥିଲା ଏକ ଅମୃତବେଳାର ସମୟ। ଏହିଦିନ ଧ୍ୟାନସ୍ଥ ଅବସ୍ଥାରେ ଥିଲାବେଳେ ସେ ଟାଡ଼ିସରୁ ପର୍ବତରେ ମୁନିଋଷିମାନଙ୍କର ଆଜ୍ଞାପ୍ରାପ୍ତ ହେଲେ ଓ ସିଦ୍ଧି ଲାଭକଲେ।

ପୂର୍ଣ୍ଣମାସୀ ଜାନୀ ଟାଡ଼ିସରୁ ପର୍ବତରେ ଥିବା ଅଦୃଶ୍ୟ ସାଧୁସନ୍ଥଙ୍କ ଦିବ୍ୟକରୁଣା ଲାଭ କରିଥିଲେ । ବାସ୍ତବରେ ଏହା ଥିଲା ତାଙ୍କ ଜୀବନର ଏକ ଅଲୌକିକ ଘଟଣା। ଜଣେ ନିରକ୍ଷରା ଆଦିବାସୀ ମହିଳାଙ୍କ କଣ୍ଠରୁ ଆଶ୍ଚର୍ଯ୍ୟଜନକ ଭାବରେ ଭକ୍ତିମୟ ଗୀତିଧାରା ସୃଷ୍ଟି ହେବାର ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କ ମୁଖରୁ ଭକ୍ତିଭାବାପନ୍ନ କବିତା ନିଃସୃତ ହେଉଥିବାର ଦେଖି ଲୋକମାନେ ତାଙ୍କର ଅଲୌକିକତାକୁ ସ୍ୱୀକାର କଲେ। ଲୋକମାନେ ତାଙ୍କର ଆଦର ଓ ସମ୍ମାନ କରି ତାଙ୍କ ପାଇଁ ଭଜନ ଆସରର ଆୟୋଜନ କରାଇ ତାଙ୍କୁ ବାବା ଭାବରେ ସ୍ୱାଗତ କରିବାକୁ ଲାଗିଲେ। ପୂର୍ଣ୍ଣମାସୀ ଜାନୀଙ୍କ ସ୍ୱାମୀ ଆରାଧନା ଜାନୀ ମଧ୍ୟ ତାଙ୍କ ସହିତ ଗାଁରୁ ଗାଁକୁ ଯାଇ ଭଜନ ସମାରୋହରେ ଯୋଗ ଦେଉଥିଲେ। ଏହିପରି ଏକ ଅପୂର୍ବ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଥିଲା। କ୍ରମେ

ISSN NO.
2582-208X

ତାଙ୍କର ସୁଖ୍ୟାତି ବ୍ୟାପିଲା। ସେ ଟାଢ଼ିସରୁ ବାବା ନାମରେ ଲୋକମୁଖରେ ପରିଚିତ ହେଲେ।

ଏହାପରେ ସ୍ଵାମୀ ଆରାଧନା ଜାନୀ ପରଲୋକ ଗମନ କଲେ। ତାଙ୍କର ମୃତ୍ୟୁପରେ ପୂର୍ଣମାସୀ ଜାନୀ ଚାରିପଡ଼ା ଗ୍ରାମରେ ବାସ କରୁଅଛନ୍ତି। ସେ ସାଧାରଣ ଜୀବନ ଯାପନ କରୁଛନ୍ତି। ସେ ଅତ୍ୟନ୍ତ ସରଳ, ନିର୍ଲୋଭ ଓ ନିର୍ବିକାର। ବିଷୟ ବାସନା ପ୍ରତି ତାଙ୍କର ଆଗ୍ରହ ନାହିଁ। ତାଙ୍କର ଦୈନନ୍ଦିନ ଜୀବନ ଚର୍ଯ୍ୟା ମଧ୍ୟ ସାଧାସିଧା। ତାଙ୍କର ନିତ୍ୟନୈମିତିକ କର୍ମ ହେଉଛି ବଣରୁ ଶାଳପତ୍ର ସଂଗ୍ରହ କରିବା ଓ ସେଗୁଡ଼ିକରୁ ଖଲିପତ୍ର, ଦନା ପ୍ରସ୍ତୁତ କରିବା। ପନିପରିବା ଚାଷ କରିବାରେ ମଧ୍ୟ ସେ ସମୟ କଟାଇଥାନ୍ତି।

ତାଙ୍କ ବିଷୟରେ ବିଶିଷ୍ଟ ଆଲୋଚକ ଡକ୍ଟର ପ୍ରେମାନନ୍ଦ ମହାପାତ୍ର କହନ୍ତି - "ଟାଢ଼ିସରୁ ବାଇଙ୍କ ଭକ୍ତି ଭାବନା ଅନିର୍ବଚନୀୟ। ସେ ଭକ୍ତି ସ୍ତରରେ ଅତ୍ୟନ୍ତ ଉଚ୍ଚତାକୁ ଛୁଇଁ ପାରିଛନ୍ତି। ନିଜେ ଅପାଠୋଇ ହେଲେ ହେଁ ତାଙ୍କର ଭଜନ ଗୁଡ଼ିକର ଭାଷା ମାର୍ଜିତ, ରୁଚିପୂର୍ଣ ଏବଂ ସାବଲୀଳ। ଟାଢ଼ିସରୁ ବାବାଙ୍କର ମୁଖନିଃସୃତ ଗୀତିକା ଗୁଡ଼ିକର ମୁଖ୍ୟ ବିଭବ ହେଉଛି ସ୍ଵତଃସ୍ଫୁର୍ତତା । ସେ ନିଜେ ଧ୍ୟାନସ୍ଥ ଅବସ୍ଥାରେ ଭଜନ ଓ ଜଣାଣ ଗାନ କରିଥାନ୍ତି ଏବଂ ଏହା ତାଙ୍କର ଅପୂର୍ବ ସୃଜନଶୀଳତା, ଆଶୁକବିତ୍ୱ, ଚମତ୍କାରିତା, ବିସ୍ମୟତା, ଅଲୌକିକତା ଓ ରହସ୍ୟମୟତାକୁ ପ୍ରତିପାଦିତ କରିଥାଏ। ଓଡ଼ିଆ ଭକ୍ତି ସାହିତ୍ୟରେ ସେ ଏକ ସ୍ଵତନ୍ତ୍ର ସ୍ଥାନ ଅଧିକାର କରିବେ ଏଥିରେ ସନ୍ଦେହ ନାହିଁ। ଟାଢ଼ିସରୁ ବାଇ ସନ୍ଥ। ସେ ସଦ୍‌ଗୁରୁ। ଗୁରୁ ରୂପେ ଶିଷ୍ୟମାନଙ୍କୁ ତାଙ୍କ ଉପଦେଶ ବାଣୀକୁ ସେ ପଦ୍ୟ ମାଧ୍ୟମରେ ପ୍ରଦାନ କରିଥାନ୍ତି। ଏହାହିଁ ତାଙ୍କର ସ୍ଵାତନ୍ତ୍ର୍ୟ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଏହି ବିରଳ ସାରସ୍ଵତ ପ୍ରତିଭୂ ଓଡ଼ିଆ ଭକ୍ତିଗୀତିକା ସର୍ଜନା କ୍ଷେତ୍ରରେ ଯଥାର୍ଥରେ ଏକ ବିସ୍ମୟ। "

ସେ ପାଖାପାଖି ପଚାଶ ହଜାରରୁ ଉର୍ଦ୍ଧ୍ଵ ଭଜନ, ଜଣାଣ, ମନଃଶିକ୍ଷା ମୂଳକ ଗୀତିକା, ସ୍ତବ, ମାତୃବନ୍ଦନା ଇତ୍ୟାଦି ଗାନ କରି ଓଡ଼ିଆ ବାଣୀମନ୍ଦିରକୁ ସମୃଦ୍ଧ କରିଛନ୍ତି ତାଙ୍କର

ISSN NO.
2582-208X

କେତେଜଣ ଅନୁଗାମୀ ସେସବୁ ଭଜନ ଜଣାଣ କୁ ତାଙ୍କ ପାଖରେ ବସି ଟିପି ନିଅନ୍ତି । ତାଙ୍କର ମାତୃବନ୍ଦନା ଗୁଡ଼ିକ ଅତି ଉଚ୍ଚକୋଟୀର ସର୍ଜନା। ତାଙ୍କର ଭଜନଗୁଡ଼ିକରେ ନାମାମୃତ ପାନ, ଜ୍ଞାନଦୀପ, ମନମନ୍ଦିର, ତ୍ରିବେଣୀଧାରା,ପ ଚିଶି ପ୍ରକୃତି, ଷଡଐରି, ପଞ୍ଚମନ, ଗୁପତତତ୍ୱ, ଅଣ ଅକ୍ଷର, ଓଁକାର ଏକାକ୍ଷର, ବାଇମନ, ମାୟାମନ, ମୂଢ଼ମନ, ଯୋଗ ପୁରୁଷ, ମାୟା କଳ୍ପନା, ଶିଶୁମୁନା ଦ୍ୱାର ଆଦି ତତ୍ତ୍ୱ ସମ୍ବଳିତ ଆଧ୍ୟାତ୍ମିକ ଶବ୍ଦ ଗୁଡ଼ିକର ପ୍ରୟୋଗ ଦେଖିବାକୁ ମିଳେ ।

ସେ ନିଜ ବିଷୟରେ ଗୋଟାଏ ପଙ୍କ୍ତି ଗାଇଛନ୍ତି ତାହା ନିମ୍ନ ରେ ପ୍ରଦତ୍ତ।

''କହେ ଟାଡ଼ିସରୁ ବାଇ ବନରେ ମୋ ଘର
କିଛି ଜାଣି ନାହିଁ ମୁହିଁ ଆଚାର ବେଭାର,
ମୂର୍ଖ ଝିଅ ପାଠଶାଠ କିଛି ପଢ଼ି ନାହିଁ
ଦୁଇଗୋଟି କନ୍ୟାଧରି କୁଟୀରେ ଅଛଇ,
ବନର କାଠପତର ବିକି ଆନନ୍ଦରେ
ଉଦର ପୋଷୁ ଅଛଇ ମୋହର କୁଟୀରେ।''

ତାଡ଼ିସରୁ ବାଇଙ୍କ ତତ୍ୱ ଭଜନ :-

ଓଡ଼ିଆ ତତ୍ତ୍ୱ ସାହିତ୍ୟ ଓଡ଼ିଆ ଭକ୍ତି ସାହିତ୍ୟର ଗୋଟିଏ ମୁଖ୍ୟ ଅଂଶ, ଓ ଷୋଡ଼ଶ ଶତାବ୍ଦୀ ପଞ୍ଚସଖାଙ୍କ ସାହିତ୍ୟରେ ଏହା ବିଶେଷ ଭାବରେ ପ୍ରସାରିତ ହୋଇଥିଲା । ତେବେ ପଞ୍ଚସଖାଙ୍କ ଲେଖାଲେଖିରେ ତତ୍ତ୍ୱ ସାହିତ୍ୟର ଯେଉଁ ପରମ୍ପରା ଆରମ୍ଭ ହେଲା ପରବର୍ତ୍ତୀ ସମୟରେ ମଧ୍ୟ ଭକ୍ତ କବିମାନେ ସେହି ପରମ୍ପରା ଦ୍ୱାରା ପ୍ରଭାବିତ ହୋଇ ନିଜ ନିଜ ଲେଖାରେ ତତ୍ତ୍ୱ ସାହିତ୍ୟର ଅନୁଶୀଳନ ଓ ଅଭିବୃଦ୍ଧି କରିଛନ୍ତି, ଯାହାର ପ୍ରକୃଷ୍ଟ ଉଦାହାରଣ ଉନବିଂଶ ଶତାବ୍ଦୀର ଶେଷାଦ୍ଧରେ ବିଶିଷ୍ଟ ଭକ୍ତ କବି ଭୀମ ଭୋଇ ଓ ବର୍ତ୍ତମାନ ସମୟରେ ଉପସ୍ଥିତ କନ୍ଧକବି ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି (ତାଡ଼ିସରୁ ବାଇ)। ଏହିସବୁ ଭକ୍ତ କବିମାନେ

ISSN NO.
2582-208X

ପ୍ରତ୍ୟେକ ଉଚ୍ଚକୋଟୀର ଭଜନ ଓ ଜଣାଣ ପ୍ରଭୃତି ଲେଖିଛନ୍ତି ଯେଉଁଥିପାଇଁ ସେମାନେ ସମଧିକ ପ୍ରସିଦ୍ଧ ।

ତତ୍ୱ ସାହିତ୍ୟ ଭଜନ ବା ଜଣାଣ ସ୍ତରର ନୁହେଁ, ଭଜନ ଓ ଜଣାଣର ସଂଗଠନ ଠାରୁ ଏହାର ସଂଗଠନ ଭିନ୍ନ । ଭଜନ ଓ ଜଣାଣରେ ଛୋଟ ଛୋଟ କବିତାର ସଂଗଠନ, ଓ ସେସବୁ ମୁଖ୍ୟତଃ ବ୍ୟକ୍ତିମୂଳକ ଭଗବତ୍ ଅନୁଭୂତିର ପ୍ରକାଶ । ତତ୍ତ୍ୱ ସାହିତ୍ୟରେ ଦୀର୍ଘ କବିତା ବା କାବ୍ୟର ସଂଗଠନ ଓ ଅନୁଭୂତି ବ୍ୟକ୍ତି-ନିରପେକ୍ଷ, ଅର୍ଥାତ୍ ପ୍ରଚଳିତ ଭଗବତ୍ ବିଶ୍ୱାସ ଓ ଭଗବତ୍ ବିଚାରଧାରା ଉପରେ ଆଧାରିତ । ଆଭିମୁଖ୍ୟ କବିର ସୂକ୍ଷ୍ମ ଓ ସ୍ୱର୍ଶକ୍ଷମ ଅନୁଭୂତିର ସମ୍ପ୍ରସାରଣ ନୁହେଁ, - ଆଭିମୁଖ୍ୟ ଲୋକଶିକ୍ଷା, ଭଗବତ୍ ଜ୍ଞାନର ସମ୍ପ୍ରସାରଣ, ଉଦ୍ଦେଶ୍ୟ ଯେପରି ପାଠକ ବା ଶ୍ରୋତାର ମାନସିକ ଉତ୍କର୍ଷ ସାଧିତ ହୋଇପାରିବ, ଓ ସମାଜରେ ସବୁ ପ୍ରତିକୂଳତା ସତ୍ତ୍ୱେ ସେ ସୁସ୍ଥ, ସୌଷ୍ଠବପୂର୍ଣ୍ଣ ଜୀବନ ଯାପନ କରି ପାରିବ ।

(୧) ‘ଓଲଟି ଯାଇଛି ଓଲଟା ବୃକ୍ଷଟି
ପ୍ରକୃତି ସଙ୍ଗତେ ହେଉଛି ବାଇ, ଗୁରୁଦେବ ହେ
ବୃକ୍ଷମୂଳରେ ରହି, ଗୁରୁଦେବ ହେ ।
ଓଲଟା ବୃକ୍ଷରେ ପାଲଟା ପକ୍ଷୀଟି
ସଦା ଖେଳୁଅଛି ଚିହ୍ନନ୍ତି ନାହିଁ, ଗୁରୁଦେବ ହେ
ବୃକ୍ଷମୂଳରେ ରହି, ଗୁରୁଦେବ ହେ ।”

ଓଲଟା ବୃକ୍ଷ କୁ ନେଇ ଓଡିଆ ଭଜନ ସାହିତ୍ୟ ରେ ଅନେକ ଭଜନ ଦେଖିବାକୁ ମିଳେ ପୂର୍ଣ୍ଣମାସୀ ଜାନି ମଧ୍ୟ ଏହି ଓଲଟା ବୃକ୍ଷ ଜନନୀ ଜଠରେ ଥିବା ମନୁଷ୍ୟର ଆଦି ଅବସ୍ଥା ର କଥା କହିଛନ୍ତି ।

(୨) ''କହେ ଅନାମିକା ଝିଅ ଆହେ ଚକାଡୋଳା
ଲଗାଇଛ ତୁମ୍ଭେ ପରା କେତେ ମାୟା ଲୀଳା।

ISSN NO.
2582-208X

ଓଲଟାଇ ଦେଲ ବୃକ୍ଷ ଦୁଇ ପାଦ ଦେଇ
ଦୁଇ ହସ୍ତ ଦେଲ ଚକାଡୋଳା ଡାଳ ଦେଇ।
କି ସୁନ୍ଦର ରୂପ କଲ ଆହେ ଚକାଡୋଳା
ମାଟି ଘଟେ ଗଢ଼ିଦେଲ ବୃକ୍ଷ ପଲ୍ଲବିଲା।

(୩) 'ଜଳି ଯାଉଛି ସିନା ଝଡ଼ ତୋଫାନେଖୋଜି ମିଳିବ ନାହିଁ କି କୁଞ୍ଜବନେ।
ସୁନ୍ଦର ରୂପ ଶୋଭା କେ କରିପାରେଧରା ନ ଦେବ କିହେ ବୃକ୍ଷମୂଳରେ।
ରୋପିବା ବୃକ୍ଷଗୋଟି କାଟେ ମୂଳକୁ ଓଲଟାଇ ଦେଇଛି କରି ତଳକୁ।
ଓଲଟାଇ ବୃକ୍ଷମୂଳେ ରହି କହ୍ନାଇଅତିଆନନ୍ଦେ ଡାକେ ବଂଶୀ ବଜାଇ।
ସେ ବଂଶୀ ସୁରେ ସୁରେ ଚାଲରେ ମନ ଦେଖିବୁ ନିତ୍ୟସ୍ଥଳୀ ବ୍ରଜମୋହନ।''

(୪) କାହିଁକି ଗଢ଼ିଲ ଘଟ
ଘଟ ମଧ୍ୟେ କେତେ ବାଟ, କେତେ ନାଟ ଲଗାଇଛ ହେ ପରଂବ୍ରହ୍ମ।
ଶୂନ୍ୟରେ ରହିଲ ଯାଇ
ମାଟି ଘଟେ ସ୍ଥାନଦେଇ, ଜୀବକୁ ଭରିଲ ହୃଦେ ଆନନ୍ଦ ହୋଇ
ତା ସଙ୍ଗେ ପ୍ରକୃତିଗଣ
ଭରି ଦେଇଛ ଆପଣ, ଷଡ଼ଐରି ପଞ୍ଚଇନ୍ଦ୍ରି ମିଶାଇଦେଇ
ସଙ୍ଗେ ପଞ୍ଚମନ ରଖିଲ,
ଗୁପତଧନ ହୋଇଣ ଗୁପ୍ତେ ରହିଲ।"

(୫) "କି କଲୁ ପାଗଳ ତୁହିଁରେ ଧନ ହଜାଇ ଦେଇ
ମାଟି ଘଟେ ବାସ କରିଛୁ ଚିନ୍ତା ତୋହର ନାହିଁ।
ଭୁଷୁଡ଼ିଯିବ ଏ ଘଟରେ ଶୂନ୍ୟ ହୋଇବ ସିନା ସଜାଇ
ରଖୁଛୁ ଘଟକୁ ଭାବି ତୁ ସୁନା ସୁନା।
ସୁନା ପଞ୍ଜୁରୀ ବୋଲି ମନ କେତେ କରିଛୁ ଆଶା
ଶୁଆ ଉଡ଼ିଗଲେ ମନରେ ତୁଟିଯିବ ଭରସା।

ISSN NO.
2582-208X

ଓଡ଼ିଶାର ଭକ୍ତ କବିମାନେ ସାଧାରଣ ବୈଷ୍ଣବମାନଙ୍କ ପରି ନିଜର ଆତ୍ମଶୁଦ୍ଧି ପାଇଁ ପ୍ରେମଭକ୍ତି ଯେ ଏକମାତ୍ର ପନ୍ଥା ତାହା ଭାବୁ ନ ଥିଲେ । ସେମାନେ ଗୁରୁଙ୍କ ପ୍ରତି ଭକ୍ତି ଓ ଆନୁଗତ୍ୟ ସହ ତନ୍ତ୍ର, ମନ୍ତ୍ର, ଜପ ଓ ଯୋଗର ଜ୍ଞାନ ଉପରେ ଗୁରୁତ୍ୱ ଦେଉଥିଲେ । କୁହାଯାଇ ପାରେ ସେମାନଙ୍କର ଚିନ୍ତାରେ ଉଭୟ ଜ୍ଞାନ ଓ ଭକ୍ତି ମିଶିକରି ରହିଥିଲା ।

(୬) "ତୁମ୍ଭେ ପରମ ହୋଇଲ ମୋତେ ଜୀବ କରି
ମାଟିଘଟ ଗଢ଼ି ପ୍ରଭୁ ମୋତେ ଦେଲ ଭରି।
ପ୍ରକୃତି ସଙ୍ଗେ ଖେଳିଲି ମାୟା ପଙ୍କେପଡ଼ି
ଏ ଜୀବନ ସାରା ଗଲା ମାୟା ଖେଳ ଖେଳି

(୭) 'ରାଧାକୃଷ୍ଣ ଯୁଗଳମୂର୍ତି ନୟନରେ ଦେଖିବା
ମାଟିଘଟ ଛାଡ଼ି ଦେଇଣ ଆମ୍ଭେ ଶୂନ୍ୟରେ ଉଡ଼ିବା।
ଘଟ ପଡ଼ିଯିବ ତଳରେ ଜୀବ ପରମ ତୁହି
ପରମ ପୁରୁଷ ସ୍ୱାମୀ ହେ ଶୂନ୍ୟ ଯିବେ ପଳାଇ।"

ଭଗବାନଙ୍କ ସଂପର୍କରେ ଆସିବା ପାଇଁ ମନ୍ଦିର ଯେ ଏକମାତ୍ର ସ୍ଥାନ ନୁହେଁ, ଏକଥା ସେମାନେ ଘୋଷଣା କରି କହୁଥିଲେ । ବରଂ ସେ ଦିଗରୁ ମଣିଷର ନିଜର ଦେହ ହିଁ ଶ୍ରେଷ୍ଠ ସ୍ଥାନ ବୋଲି ସେମାନଙ୍କର ମତ ଥିଲା । କିନ୍ତୁ ସେଥିପାଇଁ ଶୁଦ୍ଧପୂତ ଜୀବନ ଯାପନ କରିବା ସାଙ୍ଗେ ସାଙ୍ଗେ ଧ୍ୟାନ, ପ୍ରାର୍ଥନା ଓ ଯୋଗର ଶୃଙ୍ଖଳା ମାନିବା ଦରକାର । ଅର୍ଥାତ୍ ଦେହ କେବଳ ଶାରୀରିକ ଅର୍ଥରେ ଦେହ ନୁହେଁ, ଯାହାକୁ ଆମେ ଆପାତତଃ ଦେଖୁ ଓ ବୁଝୁ । ଏ ଦେହର ଅନ୍ତର୍ଗତ ଶକ୍ତିର ସ୍ରୋତ ସଂପର୍କରେ ସଚେତନ ହେବା । ଏ ଶକ୍ତି ବ୍ୟକ୍ତିର କୁଣ୍ଡଳିନୀ ଶକ୍ତି ।

(୮) ''ଏ ପବନ ଯେବେ ଏ ଘଟରୁ ଛାଡ଼ିଯିବ
ମାଟି ଘଟ ଗୋଟି ଭାଇ ଭୂତଳେ ପଡ଼ିବ।

ISSN NO.
2582-208X

ଆଉକେ ଭଜିବ ଭାଇ ରାମକୃଷ୍ଣ ନାମ
ଘଟେ ଥିବାଯାଏଁ ସର୍ବେ କରୁଥାଅ ଧାନ।
କହେ ଟାଡ଼ିସରୁ ବାଇ ଅଜ୍ଞାନ ବାଳକ
ସର୍ବଘଟେ ବିଜେ କରିଛନ୍ତି ପଦ୍ମମୁଖ।''

(୯) 'କହାକାହ୍ନୁ ହେ, ଯେବେ ଘଟରେ ଥିଲ
ଘଟ ଭାଙ୍ଗିଦେଇ, ଘଟ ଭାଙ୍ଗିଦେଇ ପଳାଇଗଲ, କଳାକାହ୍ନ ହେ.
କେଉଁ ଆଶା ନେଇ ଘଟେ ଥିଲ ରହି
ପ୍ରକୃତି ସଙ୍ଗରେ ଖେଳିଲ ଖେଳ, କଳାକାହ୍ନୁ ହେ ... ।''

(୧୦) ଘୋର ଅନ୍ଧକାରେ ବୁଲୁଛି ଠାକୁରେ, ପଥ ଦେଖାଇଦେ ମୋତେ
ଜଗତ ଜୀବନ ପତିତ ପାବନ, ରହିଛ ତୁମ୍ଭେ ଗୁପତେ
ଗୁପତର ଘର କହ କେତେଦୂର, କିପରି ଦେଖୁବି ତୋତେ
ମୁଁ ମୂଢ଼ ଅଜ୍ଞାନ ଆହେ ନାରାୟଣ, ଖୋଜୁଛି ଗୁପତ ପଥେ।''

(୧୧) "ଗୁପତ ମନ୍ଦିର ଯିବାକୁ ମା'ଗୋ ପଥ ଦେଖିବି
ପଦ୍ମନାଭ ପଦ୍ମ ପୟରେ ପାପ ମଥା ରଖିବି।"

(୧୨) 'ଯିବି ଗୁମ୍ଫା ଭିତରକୁ ଦେଖିବି ପଦ୍ମନାଭଙ୍କୁ
ମନସୂତ୍ରେ ବସି ମନ ତା' ପାଦ ଧରିଲେ,
ଝୁରୁଥାରେ ବାଇମନ ମନକାନନରେ ରେ,
ଝୁରୁଥାରେ ବାଇମନ।"

(୧୩) ''ମନ ପାଗଳରେ, କେତେ ଭ୍ରମିବୁ ସଂସାରେ
ଭ୍ରମରା ପରା ଖେଳୁଛି ତୋର ଗୁମ୍ଫାଘରେ ।
ଭ୍ରମର ଖେଳିବା ଗୁମ୍ଫା ଦେଖ ଜ୍ଞାନନେତ୍ରରେ
ସର୍ବଦା ଖେଳେ ଭ୍ରମର ଗୁଣୁ ଗୁଣୁ ହୋଇରେ।

ISSN NO.
2582-208X

ଗୁଣ କି ନିର୍ଗୁଣ ତାକୁ ବାରିଧର ତୁହିରେ
ଗୁମ୍ଫାରେ ରହି ଭ୍ରମରା ସଦା ଖେଳୁଥାଏରେ

(୧୪) 'ମନରେ ଯେବେ ଖୋଜିଯିବୁ ଜଗତର ନାଥ ମାତାଙ୍କ ଚ଼ରଣ ଛୁଇଁ।
ଗୁପତ ଘର ତୋ କବାଟ ଖୋଲିବ ପିତାଙ୍କୁ ଭେଟିବୁ ତୁହିରେ, ପାଗଳ।
ଅମନ ମନାଇ ଖୋଜିବୁ କହ୍ନାଇ ଗୁପତ ଗୁମ୍ଫାରେ ଯାଇ ଗୁପତ
ଗୁମ୍ଫାରେ ଚାବି ପଡ଼ିଅଛି ଖୋଲିବାକୁ ଯିବେ ସେହିରେ, ପାଗଳ ।''

(୧୫) "ମାୟା ଗ୍ରାସି ଦେଲା ମୋର ଏ ପାପ ଅଙ୍ଗରେ
ନିର୍ମାୟାକୁ ରଖିଦେଲେ ଗୁପତ ଗୁମ୍ଫାରେ।
ଚାଲ ସାଧୁମାନେ ଏବେ ଗୁପତ ଗୁମ୍ଫାକୁ
ନିର୍ମାୟା ଖୋଜିବା ଯାଇ ଗୁପତ ଭାବକୁ
ଆଉ କେହି କାଟି ଯେବେ ନ ପାରିବେ ପଶି
ନାମରନ୍ ଗଳାହାର ଅଛି ଯେବେ ମିଶି।
ହେତୁ କରି ଖୋଜ ସେହି ନାମରନ୍ ହାର
ଯିବାବେଳେ ସେ ତୁମ୍ଭଙ୍କୁ ହେବ ଉପକାର।
କହେ ଟାଡ଼ିସରୁ ବାଇ ଭୁଲ ନାହିଁ ଭାଇ
ମନ ମନ୍ଦିରରେ ଖୋଜ ଆହେ ଭକ୍ତଭାଇ ।''
(୧୬) 'ଅଣାକାର ଘର ତାହାର ଦେଖ କେଡ଼େ ସୁନ୍ଦର
ମୟୂର ଚୂଳ ସଙ୍ଗତରେ ଜାମୁଡାଳ ତାଙ୍କର
ସବୁତ ସଜାଇ ରଖୁଛି ଘର ଭିତରେ ତାର
ସତ୍ୟଶାନ୍ତି, ଦୟାକ୍ଷମାରେ ତାକୁ କର ବିଚାର।
ଅଣାକାର ଘରେ ତାଙ୍କର ଅଛିଟି ବାସସ୍ଥାନ
ଭକ୍ତିଭାବରେ ଖୋଜିଲେରେ ଦେବେଟି ଦରଶନ।''

(୧୭) ଗୁରୁଗୋବିନ୍ଦଙ୍କ ସଙ୍ଗରେ ବସିଣ
ପଦ୍ମପାଦେ ଯାଇ ପହଞ୍ଚିଯିବୁ, ବାଇମନରେ, କେତେଦୂରକୁ ଯିବୁ।

ISSN NO.
2582-208X

ଅଣାକାର ଘରେ ସହସ୍ରଦଳରେ ପଦ୍ମପାଦ ଟେକିଛନ୍ତି ଦେଖିବୁ, ବାଇମନରେ ...''

(୧୮) ଭାବବିନୋଦିଆ ଯେବେ ଭାବକୁ ରଖିବେ
ଭାବୁକା ଜନଙ୍କୁ ସଙ୍ଗେ ନାମକୁ ଗାଇବେ।
ଭାବ ବିନୋଦିଆ ପରା ଅଣାକାର ଘରେ
ସେ ଭାବ ଲଗାଇଦେବେ ସତ୍ୟସଙ୍ଗତରେ।''

(୧୯) ଭାବ ବିନୋଦିଆ ପରା ଅଣାକାର ଘରେ
ସେ ଭାବ ଲଗାଇଦେବେ ସତ୍ୟ ସଙ୍ଗତରେ ହେ।''

(୨୦) 'ଅଣାକାର ଘରେ ତୁମ୍ଭେ ଜପ କରୁଅଛ
ତୁମ୍ଭ ନାମ ତୁମ୍ଭେ ଜପି ଆନନ୍ଦ ରହିଛି।''

ଭକ୍ତ କବି ମାନଙ୍କ ମତରେ କୁଣ୍ଡଳିନୀ ହିଁ ପ୍ରାଣମୟ ଶକ୍ତି । ଏହା ଦେହର 'ଇଡା', ▯ପିଙ୍ଗଳା ଓ 'ସୁଷୁମ୍ନା' ସ୍ନାୟୁ-ପ୍ରଣାଳୀ ମଧ୍ୟ ଦେଇ ସଂଚାଳିତ ହୋଇ 'ବ୍ରହ୍ମ ରନ୍ଧ୍ର'ରେ ପ୍ରବେଶ କରେ, ଓ ପରିଶେଷରେ ବ୍ରହ୍ମ ରନ୍ଧ୍ରକୁ ଅତିକ୍ରମ କରି ଯେଉଁ ସ୍ଥାନରେ ଉପନୀତ ହୁଏ ତାହା ଅତ୍ୟନ୍ତ ସୂକ୍ଷ୍ମ ମାନସିକ ଚେତନା, ଓ ତାହାହିଁ 'ବୈକୁଣ୍ଠ' । ଏହାହିଁ ଭକ୍ତର ସମସ୍ତ ଭକ୍ତିଭାବନାର ପରିଣତି, ଓ ଏଠାରେ ଭକ୍ତ ରାଧାକୃଷ୍ଣଙ୍କର ନିତ୍ୟ ଲୀଳା ଅବଲୋକନ କରିବା ସହିତ ନିଜେ ବି ସେଥିରେ ଅଂଶୀଦାର ହୋଇ ପାରିବ । ଏହା ହିଁ ବ୍ୟକ୍ତି-ଆତ୍ମାର ସଂପୂର୍ଣ୍ଣ ବିଶୋଧନ ।

(୨୧) ସୁନ୍ଦର ଶାନ୍ତିରୂପ ତାର କରୁଛନ୍ତି ବିହାର
ଅଣାକାର ଘରେ ଅଛନ୍ତି ରାଧାସଙ୍ଗିନୀ ଯାରା।

(୨୨) 'ତୋର ମାଟି ଘଟେ ଅଛି ଏକଇ ବୈକୁଣ୍ଠ
ସେ ବୈକୁଣ୍ଠ ପୁରେ ରାଧା କୃଷ୍ଣଙ୍କର ନାଟ।

ISSN NO.
2582-208X

ଯୁଗଳ ମୂରତି ହୋଇ ସଦା ଖେଳୁଛନ୍ତି
ଉପୁରି -- ସ୍ଥିତିପ୍ରଳୟ କେହି ନ ଜାଣନ୍ତି।
ଅଣାକାର ଘରେ ବାସ ଅଛି ଯାହାଙ୍କର
ସେ ପୁଣି ସବୁ ଜାଣନ୍ତି ବ୍ରହ୍ମାଣ୍ଡ ଠାକୁର ।

(୨୩) "କି ଲୀଳା ଲଗାଅ ପ୍ରଭୁ ହେ ରହି ମନ ମନ୍ଦିରେ
ସତେ କି ବାସ କରିଅଛ ଅଣାକାର ଭିତରେ।
ଯୋଗବଳେ ସବୁ ଜାଣନ୍ତି ଆହେ କମଳା ବର
ଜପତପ ଯୋଗଧ୍ୟାନରେ ଲୟ ନାହିଁ ମୋହର।
ଅଣାକାର ଭୂଇଁ ଯେପରି ସଦା ପଡ଼ିରହିଛି
ଅଣାକାର ଭୂମି ଭିତରେ ଆଉ ନାହିଁଟି କିଛି!
ବଢ଼ିଆ ସୁନ୍ଦର ବଇଁଶି ବାଜେ ଆନନ୍ଦ ହୋଇ
ଭାବ ବିନୋଦିଆ ଅଛନ୍ତି ଅଣାକାରରେ ରହି।"

(୨୪) ଧୀରେ ଧାରା ଧରି ଆସ ଗୋ ରାଧା ମୋ ପ୍ରାଣଧନ
ଜୀବ ପରମର ଏଠାରେ ଯେବେ ହେବ ମିଳନ।
ରାଧାକୃଷ୍ଣ ଯୁଗଳ ମୂର୍ତି ନୟନରେ ଦେଖୁବା
ମାଟିଘଟ ଛାଡ଼ି ଦେଇଣ ଆମ୍ଭେ ଶୂନ୍ୟରେ ଯିବା।
ଘଟ ପଡ଼ିଯିବ ଚଳରେ ଜୀବ ପରମ ତୁହି
ପରମ-ପୁରୁଷ ସ୍ୱାମୀ ହେ ଶୂନ୍ୟ ଯିବେ ପଳାଇ।"

(୨୫) 'ଜୀବପରମର ଯେବେ ଯିବ ଭେଟ ହୋଇ
ଘଟ ଛାଡ଼ିଦେଇ ଯିବେ ଶୁଣ ଭକ୍ତ ଭାଇ।"

(୨୬) "ଜୀବ ପରମର ମାୟା ଖେଳ ଦେଖୁବାକୁ
ମର୍ତ୍ତ୍ୟରେ ଜନମ ଦେଇ ଅଛ ହେ ଆମ୍ଭଙ୍କୁ
କିନ୍ତୁ ଜୀବ- ପରମର ଖେଳକୁ ନ ଚିହ୍ନି

ISSN NO.
2582-208X

ମାୟାରେ ବନ୍ଦୀ ହୋଇଣ ହୋଇଲୁ ଅଜ୍ଞାନୀ
ପରମ ପୁରୁଷ ବୋଲି ନାମ ଅଛ ବହି
ଜୀବରାଧା ହୋଇ ଗୋପପୁରରେ ଖେଳଇ ।"

ଏ ବିପୁଳ ପୃଥ୍ୱୀ ହେଉଛି ସାହିତ୍ୟର ପ୍ରଶସ୍ତ କ୍ଷେତ୍ର । ମଣିଷର ପ୍ରକୃତ ଆତ୍ମପରିଚୟ ଏ ସାହିତ୍ୟରେ ହିଁ ମିଳିଥାଏ । ନିଜକୁ ଓ ଜଗତକୁ ଜାଣିବାପାଇଁ ଏଥିରେ ବ୍ୟାପକ ପରିସର ରହିଛି। ମଣିଷର କଳାପ୍ରିୟତା, ସାମାଜିକ ଜୀବନଧାରା ଓ ସଂସ୍କୃତି ସମ୍ପର୍କରେ ନାନାକଥା ସାହିତ୍ୟ ରୁ ହିଁ ଉପଲବ୍ଧ କରି ହୁଏ । ଏଥିପାଇଁ ଆଜି ନୃତତ୍ତ୍ୱବିତ ମାନେ ସାହିତ୍ୟ ରୁ ମଣିଷ ସଭ୍ୟତାର ବିବର୍ତ୍ତନ ଅଧ୍ୟୟନ ପାଇଁ ଉଦ୍ୟମ କରୁଛନ୍ତି । କାରଣ ଏହି ସାହିତ୍ୟ ବିଚିତ୍ରବର୍ଣ୍ଣା । ଏହାର ଦୃଷ୍ଟି ସୁଦୂର ପ୍ରସାରୀ । ଜୀବନ ଓ ଜଗତ ସହିତ ସଂଯୋଗ ହୋଇପାରୁଥିବାରୁ, ଏହି ଭଜନ ଓ ଜଣାଣ ର ଅଙ୍ଗିକ ଓ ଆତ୍ମିକ ମୂଲ୍ୟବୋଧରେ ପରିବର୍ତ୍ତନ ଘଟିଲେ ମଧ୍ୟ ଏହାର ଭାବ ସର୍ବଦା ଅକ୍ଷୁଣ୍ଣ ରହିଥାଏ । ଏକ ସାର୍ବକାଳୀକ ଓ ଚିରନ୍ତନ ମୂଲ୍ୟବୋଧ ଏହାର କଳେବରକୁ ପରିପୁଷ୍ଟ କରିଥିବାରୁ ଏହା ନିତ୍ୟ ନୂତନ।

## ସହାୟକ ଗ୍ରନ୍ଥସୂଚୀ


""""""""""""""""""""""""""

୧) କହେ ତାଡିସରୁ ବାଇ - ପ୍ରେମାନନ୍ଦ ମହାପାତ୍ର
୨) ଓଡ଼ିଆ ସାହିତ୍ୟର ଇତିହାସ - ପ୍ରେମାନନ୍ଦ ମହାପାତ୍ର
୩) କନ୍ଧମାଳ ଇତିହାସ - ବାଇଡଙ୍କ ଦାସ
୪) ଓଡ଼ିଆ ପଞ୍ଚସଖା ତତ୍ତ୍ୱ ସାହିତ୍ୟ - ଯତୀନ୍ଦ୍ର ମୋହନ ମହାନ୍ତି

ଅତିଥି ଅଧାପକ (ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ)
ଢେଙ୍କାନାଳ,ଓଡ଼ିଶା - (୮୮୯୫୩୪୯୪୫୭)

ISSN NO.
2582-208X

# ବିଶାଳ ବିଶ୍ୱର ଯିଏ କାରିଗର ସିଏହିଁ ଆମ ଈଶ୍ୱର



ସତ୍ୟନାରାୟଣ ପ୍ରସାଦ ନାୟକ

ପଞ୍ଚ ମହାଭୁତେ ଗଢ଼ା ଏ ସଂସାର
ଈଶ୍ୱରଙ୍କ ଉପହାର
ମହାଶୂନ୍ୟରେ କି ବାସ କରୁଛନ୍ତି
ସେଇ ବିଶ୍ୱ କାରିଗର !
ଶୂନ୍ୟ ମହାଶୂନ୍ୟ ଆକାଶ ଅସୀମ
ମିଳେ ନାହିଁ ଥଳ କୂଳ
ସସାଗରା ଏହି ଧରଣୀ ବକ୍ଷରେ
ଘେରିଛି ବାୟୁ ମଣ୍ଡଳ ।
ସକଳ ଶକ୍ତିର ଆଧାର ସୂରୁଜ
ମହାଶୂନ୍ୟେ ବିରାଜିତ
ଜୀବ ଜଗତର କଲ୍ୟାଣ ନିମନ୍ତେ
ଅହରହ କାର୍ଯ୍ୟରତ ।
ବିଶାଳ ବିଶ୍ୱର ଯିଏ ଅଧୀଶ୍ୱର
ସିଏ ପରା ନିରାକାର
ଭୂମି ଠାରୁ ଭୂମା ବ୍ୟାପି ରହିଅଛି
ତାଙ୍କରି ଗଢ଼ା ସଂସାର ।

ISSN NO.
2582-208X

ସୂର୍ଯ୍ୟ ଚନ୍ଦ୍ର ତାରା ବରଷନ୍ତି ନିତି
ଅସରନ୍ତି ଜ୍ୟୋତି ଧାରା
ଅନନ୍ତ ଅସୀମ ସର୍ବ ଶକ୍ତିମାନ
ସବୁ ତୁମ ଲୀଳାଖେଳା ।
ମହାଶୂନ୍ୟେ ଅବା ଲୀଳା କରୁଛନ୍ତି
ଏଇ ଜଗତର ସାଇଁ
ଗଗନ ପବନ ହୁଏ ମୁଖରିତ
ତାଙ୍କରି ଆଦେଶ ପାଇ ।
ଧନ୍ୟ ମହାପ୍ରଭୁ ତୁମରି ମହିମା
ପାରିବନି କେହି ଭେଦି
ରହସ୍ୟ ଭିତରେ ସାଇତି ରଖିଛ
ତୁମରି ହାତରେ ଚାବି ।

ରଥ ରୋଡ, ଭୁବନେଶ୍ୱର
Mob.-9437764014

ISSN NO.
2582-208X

# ଜୀବନ ଦର୍ଶନ



ରଘୁନାଥ ତ୍ରିପାଠୀ

ନେଇଥିଲୁ ଯେବେ ଜନମ ଧରାରେ
କାନ୍ଦୁଥିଲୁ ଦିବାନିଶି
ଘର ହୋଇଥାଏ ଉତ୍ସବମୁଖର
ଜ୍ଞାତି ପରିଜନ ଖୁସି ॥
ବାଲ୍ୟ ପଉଗଣ୍ଡ କୈଶୋର ଯୌବନ
ଚାଲିଗଲା କାଳ ବଳେ
ଖାଲିହାତେ ଆସି ଖାଲିରେ ଫେରିବା
ଲେଖାଅଛି ମହୀତଳେ ॥
ଯିବାବେଳ ହେଲେ କିଛି ନ ବିଚାରି
ଚାଲିଯିବୁ ଖୁସି ମନେ
ଘରେ ଲାଗୁଥିବ ବହୁ ଭିଡ଼ଭାଡ
ଦୁଃଖେ ଥିବେ ଜ୍ଞାତି ଜନେ ॥
ଜନମ କାଳରେ ସର୍ବେ କୋଳାକୋଳି
ଚାଲଇ ମଧୁର ପର୍ବ
ଫେରିବା ବେଳରେ ତିକ୍ତ ଖାଉଥିବେ
ଚାଲି ଯିବାପରେ ଶବ ॥
ଉମ୍ବେଇ ନିଆଁରେ ସେକା ହେଉଥିଲୁ

ISSN NO.
2582-208X

ମାଆର କୋଳରେ ଥାଇ
ଚାଲିଯିବୁ ଶେଷେ ଛ ଖଣ୍ଡ କାଠରେ
ଜୁଇ କୋଳରେ ତୁ ଶୋଇ ॥
ମାଆ କ୍ଷୀର ତୋର ପ୍ରଥମ ଆହାର
ଦୁନିଆକୁ ଆସିବାରେ
ଯିବା ବେଳେ ଅଧାରନ୍ଧା ତୁ ଖାଇବୁ
ଖଣ୍ଡେ ଭଙ୍ଗା ଛେଲୁଆରେ ॥
ଜନମ ହେବାର ଏକୋଇଶ ଦିନେ
ଚାଲିଥିଲା ଭୋଜିଭାତ
ଯିବାର ତୋହର ଏଗାର ଦିନରେ
ଖାଉଥିବେ ନିମନ୍ତ୍ରିତ ॥
ଆସୁ ଦୁନିଆକୁ କାନ୍ଦି କାନ୍ଦି ତୁହି
ଆପଣାଙ୍କୁ ଖୁସି ଦେଇ
ଜନମ ତୋହର ହୋଇବ ସାର୍ଥକ
ଦୁନିଆର ଲୁହ ନେଇ ॥
କରମ ତୋହର ହେବ ଇତିହାସ
ଜନମି ମରି ଏ ଠାବେ
ଏଇ ପରା ତୋର ଜୀବନ ଦର୍ଶନ
ଭୁଲିଯିବୁ ନାହିଁ କେବେ ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ଆଶା

ସ୍ୱାଗତିକା ନାଏକ

କେବେ ବି ମୁଁ ଭୁଷୁଡି ପଡି ନାହିଁ ମୁଁ ମୋ ଭିତରେ
ଶୁଣି ବହୁ ଆଲୋଚନା ଓ ସମାଲୋଚନା
କିଛି ସମୟ ଲାଗି ଇତସ୍ତତଃ ହୁଏ ମନ
ହେଲେ ନିଜକୁ ସମ୍ଭାଳି ନେଇ
ପରିବର୍ତ୍ତନ ନିୟମରେ ତ ସମସ୍ତେ
ପରିଚାଳିତ ତୁମେ ବି ବଦଳି ଯାଅ
ଋତୁ ବଦଳିଲା ପରି ।
ତୁମ ପରିବର୍ତ୍ତନର ଝାସରେ
ମୋ ଜୀବନ ହୁଏ ବିପର୍ଯ୍ୟସ୍ତ
ଜୀଅନ୍ତା ଶବ ପାଲଟେ ମୁଁ
ତଥାପି ମୋ ଜୀବନ ହେବା ଯାଏଁ ଅସ୍ତ
ତୁମ ପ୍ରେମ ଲାଗି ହୋଇ ରହିଥିବି
ଆଶାତୀତ ।

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ଏବେବି ଅଛନ୍ତି ବହୁ ଭଲଲୋକ



ଜୟନ୍ତ କୁମାର ମଲ୍ଲିକ୍

ଏବେବି ଅଛନ୍ତି ବହୁ ଭଲଲୋକ
ନିଜର ଭାବନ୍ତି ପରକୁ -
ନିଜେ କଷ୍ଟ ସହି ଅନେକ ଲୋକଙ୍କୁ
ଉଦ୍ଧାରି ଥାଆନ୍ତି ନରକୁ,
ଅର୍ଥର ବ୍ୟବସ୍ଥା କରନ୍ତି କା ପାଇଁ
ଯୋଗାନ୍ତି କାହାକୁ ଆହାର -
କାହାକୁ ମରଣ ମୁହଁରୁ ଫେରାନ୍ତି
କା ପାଇଁ ଖାଆନ୍ତି ପାହାର,
ଋଣ ମୁକ୍ତ କାରେ କରିବା ନିମନ୍ତେ
ନିଜେ ଋଣଗ୍ରସ୍ତ ହୁଅନ୍ତି -
ବିପଦେ ଆପଦେ ଠିଆ ହୋଇଯାଇ
ସାହସର କଥା କୁହନ୍ତି,
ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ
ସବୁ ସହାୟତା ଦିଅନ୍ତି -
ଅନ୍ୟ ସମସ୍ୟାର ସମାଧାନ ଲାଗି
ଦାୟିତ୍ୱ ମୁଣ୍ଡକୁ ନିଅନ୍ତି,
ମରିବା ଖବର ପାଇଲେ କାହାର

ISSN NO.
2582-208X

ପହଞ୍ଚନ୍ତି ଆଗ ଯାଇକି -
ଶୀଘ୍ର ସଂସ୍କାରର ବ୍ୟବସ୍ଥା କରନ୍ତି
ଶବ ନିକଟରେ ଥାଇକି,
ଅନାଥ ପିଲାଙ୍କ ମାଆ ବାପ ସାଜି
ଆନନ୍ଦରେ ତାଙ୍କୁ ପାଳନ୍ତି -
ଦୁଃଖୀ ରଙ୍କୀଙ୍କର କଷଣ ଦେଖିଲେ
ନୟନରୁ ଲୁହ ଢ଼ାଳନ୍ତି,
ଭଲଲୋକ ପାଇଁ ଦୁନିଆଁ ଚାଲିଛି
ସବୁକିଛି ଭଲ ହେଉଛି -
ଭଲଲୋକ ହେବା କାମନା କରିକି
ଏଇଠୁ ମେଲାଣି ନେଉଛି ।

ଶୂରଡିହ,ନନ୍ଦିପୁର, ଦଶରଥପୁର,ଯାଜପୁର
ମୋ:-୯୪୩୭୮୬୫୬୨୭

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନିତା ପଣ୍ଡା

## କଷଟୀ ପଥର

(୨)

ମଧୁଙ୍କ ଠାରୁ ଚିଠିର ଜବାବ୍ ଆସିଛି । ତା ପ୍ରଶ୍ନର ଉତ୍ତର । ଆନନ୍ଦରେ ଗଦ୍‌ଗଦ ହୋଇ ଚିଠିଟି ଖୋଲିଲା ମାଳତୀ । ସ୍ୱାକ୍ଷର ଫର୍ମ ଖଣ୍ଡକ ବାଲୁ ଭାଇନା ହାତକୁ ଦେବା ପରେ ସେ ଚିରଦିନ ପାଇଁ ମଧୁସୁଦନଙ୍କ ଠାରୁ ଅଲଗା ହୋଇଯିବ । ହେଲେ ଉତ୍ତମ ବାବୁଙ୍କର ଉପଦେଶ ସାରା ଜୀବନ ପାଇଁ ମନେ ରଖିବ । ସେଇ ଉତ୍ତମ, ଯିଏ ତାକୁ ଖଳ, ଅଧମ, କୂଟୀଳ ଧୂର୍ତ୍ତ, ଦୁଷ୍ଟ, ପାମର ନୀଚ ପ୍ରିୟବ୍ରତ କବଳରୁ ମୁକ୍ତି ଦିଆଇ ଥିଲେ । ଯିଏ ମା'ଙ୍କ ଦୃଷ୍ଟିରେ ଏକ ତୁଳସୀ ଗଛ । ମା'ଙ୍କ ହାବ ଭାବରୁ ଜଣାଯାଏ ସେ ଯେମିତି ତାଙ୍କ ନିକଟରେ କୃତଜ୍ଞ । ହୁଏତ ଆହୁରି କିଛି ଅଧିକ ।

ବାହାର କବାଟରେ କରାଘାତ ଶୁଣି ଖୋଲା ଚିଠିଟା ଟେବୁଲ ଉପରେ ଛାଡ଼ି ଦେଇ ଉଠିଗଲା ମାଳତୀ । ନିଜକୁ ନିଜେ କହି କହି ଯାଉଥିଲେ ଶଶିକଳା । ଆଜି କିମିତି ମାଳ ଭୁଲିଗଲା । ମତେ ପାନ ଖଣ୍ଡେ ତ ଭାଙ୍ଗି ଦେଲାନି । ପାନ ଡାଲାଟା ବି କୋଉଠି ରଖିଦେଇଚି । ଏ ପୋଡ଼ା ଅଭ୍ୟାସଟା । ଖାଇସାରି ପାନ ଖଣ୍ଡେ କଳରେ ନ ଜାକିଲେ ନ ଖାଇଲା ଭଳି ନାଗେ। ଆଲୋ ଏଇଠେ ରଖିଛି । ପାନରେ ଚୂନ ଦେଇଛି । କୁଆଡ଼େ ଚାଲିଗଲା । ଏଇଟା କା' ଚିଠିଲୋ । ସେଇ କୋର୍ଟ, କଚିରୀର ତ ନୁହେଁ ।

ISSN NO.
2582-208X

ସତରେ ମୋ ମଧୁକୁ ମୁଁ ଆଉ ପାଖେରେ ପାଇବିନି । ହେ ପରମେଶ୍ୱର । ତୁମେ ଏକା ଦୁଃଖୀର ଦୁଃଖ ବୁଝିପାର, ମୁଁ ବା ଆଉ କ'ଣ କରିପାରିବି! ମଧୁ ପୁଅ ହେଲେ ମାଳତୀ ଝିଅ । ପୁଅ, ଝିଅ ଭିତରେ, ଫରକ ନ ଆଣିବା ତ ମା'ର କର୍ତ୍ତବ୍ୟ । ଦେଖେ ତ ... ହଁ, ଓଡ଼ିଅରେ ନେଖା ଯାଇଚି । ପଢ଼ି ପାରିବି ।

ମାଳତୀ ଦେବୀ, ଏଥି ସହ ତିନି ଗୋଟି ରିପୋର୍ଟ ପଠାଉଛି । ପ୍ରଥମଟି ହେଲା ଆପଣଙ୍କର ସ୍ତ୍ରୀରୋଗ ବିଭାଗର ରିପୋର୍ଟ, ଦ୍ୱିତୀୟ ହେଉଛି ଆପଣଙ୍କର ରକ୍ତଦାନର ବିବରଣୀ, ଆଉ ତୃତୀୟଟି ହେଲା ମୋର କିଛି ମତାମତ । ଖୁବ୍ ସନ୍ତର୍ପଣ ସହ ପାଠ କରି ଅତ୍ୟନ୍ତ ସାବଧାନରେ ନିଜ ପାଖରେ ରଖିବେ । କେତେବେଳେ କେଉଁଟା ବି ଆବଶ୍ୟକ ହୋଇପାରେ। ସ୍ତ୍ରୀରୋଗ ବିଭାଗରୁ ମୋର ହସ୍ତଗତ ହୋଇଥିବା ଆପଣଙ୍କ ରିପୋର୍ଟଟି ପଢ଼ି ସାରିଲା ପରେ ମତେ ବହୁତ ଦୁଃଖ ଲାଗିଥିଲା । ଏତେ ଅଳ୍ପ ବୟସରୁ ଆପଣ ଏମିତି ଏକ ଦୁଃଖଦାୟକ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ବାସ୍ତବିକ ତାହା ଏକ ଅତ୍ୟନ୍ତ ମର୍ମନ୍ତୁଦ ବିଷୟ । ପିଲା ଜନ୍ମ ବିଷୟରେ ମଧ୍ୟ ଆପଣ ଅଜ୍ଞ । ଆଠ ମାସର ଗର୍ଭ ନଷ୍ଟ ହୋଇ ନଥାଏ । ହଁ, କେବେ କେମିତି କୌଣସି କାରଣରୁ ପିଲାଦାନୀ ଭିତରେ ଶିଶୁଟି ଜୀବନ ହାରି ପାରିଥାଏ । ଯଦି ଆପଣ ପିଲା ଜନ୍ମ କରିଛନ୍ତି ବୋଲି ଜାଣି ନାହାନ୍ତି ତେବେ ନିଶ୍ଚିତ ଭାବେ ପିଲାଟି ହରଣଚାଳ ହୋଇଛି । ହେଲେ ଆପଣଙ୍କର ଜନ୍ମିତ ଶିଶୁଟିକୁ କୌଣସି କୂଟ, କପଟୀ କୁକର୍ମୀ ହରଣଚାଳ କରିନାହାନ୍ତି । କେବଳ ଆପଣଙ୍କର ସମ୍ମାନ ବଜାୟ ରଖିବା ପାଇଁ ଆପଣଙ୍କ ସ୍ୱାମୀ ତାକୁ ନିଜ ହିପାଜତରେ ରଖିଛନ୍ତି । କେବଳ ସେତିକି ନୁହେଁ କୌଣସି କାରଣରୁ କିଛି ଅସୁବିଧା ହୁଏତ ଦେଖାଦେଇ ଥିଲା । ତେଣୁ ଆପଣଙ୍କର ପିଲାଦାନୀଟି ମଧ୍ୟ ଭବିଷ୍ୟତରେ ଆଉ ପିଲା ଧରିବା ପାଇଁ ସକ୍ଷମ ହେବନି । ଏତାଦୃଶ ଅମାନୁଷିକ କାର୍ଯ୍ୟ କେବଳ ଜଣେ ନୃଶଂସ କରିପାରେ । ସମୟତଃ କୁକର୍ମ କରାଇ ଧନ ଉପାର୍ଜନ କରୁଥିବା ନୃଶଂସମାନଙ୍କ ପକ୍ଷରେ ମଧ୍ୟ ଏହା ସମ୍ଭବ ହୋଇପାରିଥାଏ । ଅତ୍ୟନ୍ତ ବିବ୍ରତ ହୋଇ ଘଟଣାଟିର ଚେର ଧରିବାର ପ୍ରୟାସ କରୁଥିଲି । ଅନ୍ୟ ଏକ ବିବରଣୀ ମୋର ହସ୍ତଗତ ହେଲା । ଯାହା ଥିଲା ଆପଣଙ୍କର ବୈଦାନ୍ୟତା । ଅଜଣା ଅଶୁଣା

ISSN NO.
2582-208X

ଯୁବକଟିକୁ ରକ୍ତ ଦାନ କରି ଆପଣ ତାକୁ ଯମ ଦୁଆରୁ ଫେରାଇ ଆଣିଛନ୍ତି । ଆପଣଙ୍କ ବ୍ଲଡ୍ ଗ୍ରୁପ ଏବଂ ରକ୍ତଦାନ ମତେ ଚକିତ କରିଥିଲା । ମୃତ୍ୟୁମୁଖୀ ଯୁବକଟି ରକ୍ତ ସହ ତା' ମା'ଙ୍କର ରକ୍ତ ମିଶି ନ ଥିଲା । ମାତ୍ର ଜଣେ ଅଜଣା ଅଶୁଣାର ରକ୍ତ ଖୁବ୍ ଅନାୟାସରେ ମ୍ୟାଚ୍ କରି ଯାଇଥିଲା । ସାଧାରଣ ମଣିଷମାନଙ୍କ ପାଇଁ ଏମିତି ଏକ ସମ୍ବାଦ ଆଶ୍ଚର୍ଯ୍ୟାନ୍ୱିତ ହୋଇପାରେ । ମାତ୍ର ଡାକ୍ତରଟିଏ ପାଇଁ ଏହା ବହୁ ଏକ ଲୁକ୍କାୟିତ କୋଠରୀର ଚୋରା କବାଟଟିକୁ ଉନ୍ମୁକ୍ତ କରି ଦେଇଥାଏ । ଯାହା ଆପଣଙ୍କ ପାଇଁ ଶତ ପ୍ରତିଶତ ମାତ୍ରାରେ ପ୍ରଯୁଜ୍ୟ । ବିଷୟଟିକୁ ଅବଗତ କରିବା ପଶ୍ଚାତ୍ ମୁଁ ଆପଣଙ୍କ ସ୍ୱାମୀଙ୍କ ସହ ସାକ୍ଷାତ କରି ତାଙ୍କୁ ସୂଚାଇ ଥିଲି ଯେ ଡାକ୍ତର ଏବଂ ଓକି ଲନିକଟରେ ସବୁ କିଛି ସତ୍ୟ ପ୍ରକାଶ କରାଯାଇଥାଏ । ଆପଣଙ୍କ ପାଇଁ ଏହା ସବୁ କେଡ଼େ ଦୁଃଖଦାୟକ ଚିନ୍ତା କରାଯାଇ ପାରେନା । ଆପଣ ଆପଣଙ୍କ ସ୍ୱାମୀଙ୍କ ସାମ୍ନାରେ ଅପ୍ରିୟ ସତ୍ୟଟି ପ୍ରକାଶ ନ କରିଥିଲେ ମଧ୍ୟ ତାଙ୍କ ବୟସ ତଥା ଶିକ୍ଷା ମାଧ୍ୟମରେ ସେ ଅବଗତ ହୋଇଥିଲେ ଯେ ଆପଣ ତାଙ୍କ ଘରକୁ ଆସିବା ସମୟକୁ ଗର୍ଭବତୀ । ପରିବାର ତଥା ସମାଜରେ ଆପଣଙ୍କର ସମ୍ମାନ ବଜାୟ ରଖିବା ପାଇଁ ସେ ନିଜର ସମସ୍ତ ଅସୁବିଧା ସତ୍ୱେ ଆପଣଙ୍କୁ ପରିବାର ଠାରୁ ଦୂରେଇ ରଖିଥିଲେ । ଇଚ୍ଛା କରିଥିଲେ ସେ ଆପଣଙ୍କର ଗର୍ଭ ନଷ୍ଟ କରାଇ ପାରିଥାନ୍ତେ । ମାତ୍ର ସେ ଅପକର୍ମ ମଧ୍ୟ କରି ନ ଥିଲେ । ଆପଣଙ୍କର ସମ୍ମାନକୁ ବଜାୟ ରଖିବାର ଚିନ୍ତା କରି ମୃତ କନ୍ୟା ଜନ୍ମ କରିଥିବା ନେଞ୍ଜା ହାତରେ ସେ ଆପଣଙ୍କ ଜନ୍ମିତ ଶିଶୁଟିକୁ ଉତ୍ସର୍ଗ କରି ଦେଇଥିଲେ । ସେ ଜାଣିଥିଲେ ମା'ଠାରୁ ପିଲାକୁ ଦୂରେଇ ଦେବା ଏକ ମହାପାପ । ନେଞ୍ଜା ଆପଣଙ୍କ ପରିବାରର ସଦସ୍ୟ ସଦୃଶ । ତା'ର ଅନ୍ୟ କେଉଁଠି ଠାବ ନାହିଁ । ତେଣୁ ଆପଣ ଦୁହିଙ୍କ ପିଲା ଆପଣଙ୍କର ହେଇ ଚିରଦିନ ରହିବ । ଅମରକୁ ସେ ଅନବରତ ନିଜ ପୁତ୍ର ଦୃଷ୍ଟିରେ ଦେଖିଛନ୍ତି । ସ୍କୁଲ, କଲେଜରେ ପାଠ ପଢ଼ାଉଛନ୍ତି । ସବୁଠାରୁ ଉଲ୍ଲେଖନୀୟ କଥା ହେଲା ସ୍କୁଲ କଲେଜ ରେଜିଷ୍ଟରରେ ଆପଣ ଦୁହେଁ ତା'ର ବାପା, ମା ବୋଲି ଲେଖାଯାଇଛି । ଆପଣ ମଧ୍ୟ କେଉଁ ଗୁଣରେ ମାତୃ ସ୍ନେହରୁ ଅମରକୁ ବଂଚିତ କରୁ ନଥିଲେ । ହଠାତ୍ ଆପଣଙ୍କର ମାନସିକ ପରିବର୍ତ୍ତନ ଆପଣଙ୍କ ସ୍ୱାମୀଙ୍କୁ ବହୁତ ଆଘାତ ଦେଇଥିଲା । ସେ ନିଜକୁ ନିଜେ ଦୋଷୀ ସାବ୍ୟସ୍ତ କରୁଥିଲେ । ଆପଣଙ୍କୁ ପାଠ ପଢ଼ାଇ

ISSN NO.
2582-208X

ସେ ଭୁଲ କରିଛନ୍ତି । ଶିକ୍ଷିତ ମା'ମାନେ ହୁଏ ତ ମାତୃ ସ୍ନେହର ମର୍ଯ୍ୟାଦା ବୁଝି ପାରନ୍ତି ନି । ଯଦି ଓ ଏ ତଥ୍ୟର ସତ୍ୟତା ନାହିଁ ତଥାପି ଗାଁ ଗଣ୍ଡାରେ ହୁଏତ ଝିଅମାନଙ୍କୁ ପାଠ ପଢ଼ାଇବା ସେଇଥିପାଇଁ ମନା । ଅମର ଅପେକ୍ଷାକୃତ ବୁଦ୍ଧିମାନ । ସର୍ବୋପରି ସେ ବିଜ୍ଞାନ ଛାତ୍ର । ସେ ବୁଝିପାରିଛି କିଏ ତା'ର ପ୍ରକୃତ ବାପା, ମା । ହେଲେ ପ୍ରକାଶ କରିନି । ଏସବୁ ମୁଁ ଆପଣଙ୍କ ନିକଟକୁ ଲେଖିଛି ବୋଲି ଆପଣଙ୍କ ସ୍ୱାମୀଙ୍କ ଗୋଚରକୁ ଆଣିନି । ଆପଣ ଯାହା ଭଲ ମନେ କରିବେ ସେଇ ଅନୁସାରେ କାର୍ଯ୍ୟ କରିବେ ।

ଆପଣମାନଙ୍କର
ଶୁଭାକାଂକ୍ଷୀ
ବ୍ରଜବନ୍ଧୁ ରଥ
ମୁଖ୍ୟ ଚିକିତ୍ସକ
ସରକାରୀ ଚିକିତ୍ସାଳୟ, ଭଦ୍ରକ

ଆଉ ରିପୋର୍ଟ ପଢ଼ିବା ପାଇଁ ଧୈର୍ଯ୍ୟଚ୍ୟୁତି ଘଟିଲା ଶଶିକଳାଙ୍କର । ଅମର ତାଙ୍କର ରକ୍ତ। ଉତ୍ତେଜନତା ପୂର୍ବକ ଚିତ୍କାର କରି ଉଠିଲେ "ମାଳ" । କେଉଁଠି ଥିଲା ଦଉଡ଼ି ଆସିଲା ମାଳତୀ । ଶାଶୁଙ୍କୁ ବ୍ୟସ୍ତ ବିକଳ ହୋଇ କାନ୍ଦୁ ଥିବାର ଦେଖି କହିଲା, "କ'ଣ ହେଲା ମା' । ବଡ଼ ଭୁଲ୍‌ଟାଏ କରି ବସିଛି, ତୁମକୁ ପାନ ଦେବାକୁ ଭୁଲି ଯାଇଛି । ଏଇ ଥରକ କ୍ଷମା କରିଦିଅ ମା' । ଆଉ କେବେ ଏମିତି ହେବନି । ସତ କହୁଛି । ମୁଣ୍ଡ ଛୁଇଁ କହୁଛି ମା' ।"

ତୁ ମଧୁକୁ ଏଇକ୍ଷିଣା ଡାଆକେ । କିଏ ଜାଣେ, ମୋର ଆଉ କେତେ ଦିନ ବା କେତେ ସମୟ ।

ISSN NO.
2582-208X

ତୁମେ ଥୟ ଧର ମା' । ମୁଁ ଏଇ ସାଙ୍ଗେ ସାଙ୍ଗେ ଗାଡ଼ି ନେଇ ତାଙ୍କ ପାଖକୁ ଯାଉଛି । ତୁମକୁ କଥା ଦେଉଛି ମା', ଯେମିତି ହେଲେ ଆଜି ତାଙ୍କୁ ଆଣି ତୁମ କୋଳରେ ଛାଡ଼ିବି । ସଅଳ, ସଅଳ ଭାଆରି ଯାଆ ମା' । ସୁରୁଜ ଦେବତା ଢ଼ଳିଲା ଆଗୁରୁ ତାକୁ ନେଇ ଆସିବୁ। କିଏ ଜାଣେ, କେତେବେଳେ କିଏ ଢ଼ଳି ପଡ଼ିବ । ମାଳତୀ ମୁହଁରୁ କଥା ଫିଟୁ ନ ଥାଏ । ସେ ଭୂଇଁ ଉପରେ ଚାଲୁଛି କି ପଙ୍କ ଭିତରେ, ଜମା ଜାଣି ପାରୁ ନ ଥାଏ । କିଏ ଯେମିତି ପାଦ ଦିଟାକୁ ଟାଣି ଧରି କହୁଛି, ତୁ ଯା' ନା ମାଳ । ନାଁ... ନାଁ... ତା' କେମିତି ହେବ ! ମା'ଙ୍କୁ କଥା ଦେଇଛି । କାମବାଲୀ ସରବୋଉକୁ ମା'ଙ୍କ ପାଖରେ ବସିବାକୁ କହିଲା । ମା' ଖାଇସାରିଛନ୍ତି । ତୁମେ ଖାଇନେବ । ଏଇଠି ମା'ଙ୍କର ଓଷଧ ରଖିଲି । ଠିକ୍ ଚାରିଟା ବେଳକୁ ଦେଇଦବ । ପାଞ୍ଚଟା ବେଳକୁ ତାଙ୍କର ଚୂଡ଼ା ଭୁଜା ଦି'ଟା ପାଟିରେ ପକେଇବା ଅଭ୍ୟାସ । ଏଇଠି ଡବାରେ ଅଛି, ତା'ଙ୍କ ରୂପା ଗିନାଟାରେ ତା'ଙ୍କୁ ବାହାର କରି ଦେବ । ମା' ଥଣ୍ଡା ପାଣି ପିଅନ୍ତି ନି । ଟିକିଏ ନଖ ଉଷୁମ କରି ପିଇବାକୁ ଦେବ । ତାପରେ ବାହାରୁ ଦି ଘେରା ବୁଲେଇ ଆଣିବ । କେତେ କଥା କୋହୁଛୁ ଲୋ ମା' । ସରବୋଉକୁ କଇ କିରି ମୁଁ ସବୁକରେଇ ନେବି । ତୁ ବେଇଗି ଯା' । କଇଲି ନା ବେଳୁସୁ ନ ଗଲେ କେତେବେଳେ କୋଉ କଥା । ଆଗୁକୁ କିଛି ନ କହି ମା'ଙ୍କ ପାଦଧୂଳି ନେଇ ଘରୁ ବାହାରି ଗଲା ମାଳତୀ ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ନୂତନ ଆଶା



ବାସନ୍ତୀ ଲତା ଜେନା

ସଜ ସକାଳର ନୂଆ ସୂର୍ଯ୍ୟ ଦେଖି
ମନରେ ଜାଗଇ ଆଶା
ଆଶା ବୈତରଣୀ ଧାବମାନ ହୁଏ
ସ୍ୱପ୍ନ ଦେଖାଏ ଭରସା ।୧।

ଭଙ୍ଗା ଗଢ଼ା ଏହି ସଂସାର ମଧ୍ୟରେ
ଭଲ ମନ୍ଦ ଅଛି ପୂରି
ଚାନ୍ଦ ପାଇବାକୁ ମନ ଚାହୁଁ ଥାଏ
ନୂତନ ଆଶାକୁ ଧରି ।୨।

ଆଶା ଅସୁମାରୀ ମନେ ଉଙ୍କି ମାରେ
ସବୁହୁଏନା ପୂରଣ
କିଛି ରହି ଯାଏ କିଛି ପୂର୍ଣ୍ଣ ହୁଏ
ଏହା ବିଧିର ବିଧାନ ।୩।

ISSN NO.
2582-208X

ନୂଆ ଆଶା ନେଇ ମାନବ ବଞ୍ଚଇ
କର୍ମରେ ହୁଏ ତତ୍ପର
ଅଙ୍କା ବଙ୍କା ପଥେ ବନ୍ଧୁର ଶିଳାରେ
କ୍ଷତ ହୁଅଇ ନୂପୁର ।୪।

ତଥାପି ଭରସା ମନରେ ରଖଇ
ଲକ୍ଷ୍ୟ ହାସଲର ପାଇଁ
ସାହସ ଧାଇର୍ଯ୍ୟ ଯେଉଁ ବ୍ୟକ୍ତି ରଖେ
ଦୁନିଆ ଜିଣଇସେହି ।୫।

ଯଶ ଖ୍ୟାତି ତାର ଚଉଦିଗେ ବ୍ୟାପେ
ହୁଅଇ ସେ ଦୀପ୍ତି ମନ୍ତ
କଠିନ ଶ୍ରମର ଫଳ ପାଇ ଥାଏ
ଉଜ୍ଜ୍ୱଳ ତା ଭବିଷ୍ୟତ ।୬।

ଭଗବାନ ପ୍ରତି ଆଶା ଯେ ରଖଇ
ନିଜ କର୍ମ କରି ଚାଲେ
ସମାଜ ସଂସ୍କୃତି ସଂସ୍କାର ଆଣଇ
ପ୍ରଗତିର ପଥେ ଚାଲେ ।୭।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଅନ୍ତର୍ଯ୍ୟାମୀ ନାଥ



ଡ. ଅଭିମନ୍ୟୁ କାନୁନଗୋ

ଅନାର୍ଯ୍ୟାମି ନାଥ ତୁହି କାଳିଆ ।
ଅନନ୍ତ ସ୍ୱରୂପ ଭାଇ ବଳିଆ ।।
ଅ ଉ ମ ରେ ସ୍ଥିତ ଚକାଡୋଳିଆ ।
ଅକ୍ଷର ବ୍ରହ୍ମ ତୁ କାଳୀ ଦଳିଆ ।।
ଅସରଣ ଜନେ କରୁ ସୁଦୟା ।
ଅତ୍ରାହୀ ଭଞ୍ଜନ କୌସ୍ତୁଭ ହିଆ ।।
ଅସାର ସଂସାରେ ସାର ମାଧିଆ ।
ଅଣାକ୍ଷର ସେ ଚଉବର୍ଗ ଦିଆ ।।
ଅମନ ବିହାରୀ ରାଧାରସିଆ ।
ଅସୁର ନାଶନ ବ୍ରଜ ଧୂଳିଆ ।।
ଅରୁଣ କାନ୍ତି ବକି ପ୍ରାଣଖିଆ ।
ଅରକ୍ଷ ରକ୍ଷଣ ନୀଳାଚଳିଆ ।।

ଆକାଶବାଣୀ ପୁରୀ
ମୋବାଇଲ ୮୮୯୫୪୫୦୧୧୭

ISSN NO.
2582-208X

# ଯନ୍ତ୍ରଣା


ସସ୍ମିତା ଭୋଇ

ରକ୍ତ ମାଂସ ହାଡ ର ଶରୀର
କେତେ ସହିବ ଏ ଅସହ୍ୟ ଯନ୍ତ୍ରଣା
ତୁମେ କେବେ ଆସିବ ମୋତେ ନେଇ ଯିବ ତୁମ ସାଥୀରେ
ଦିନରେ ଆସ କି ରାତି
କିବା ଖରା ତାତି ରେ
ମୁଁ ଅପେକ୍ଷା କରିଛି ଆସିବା ପଥକୁ ତୁମର
ବୈଶାଖର ଝଡି, ଶ୍ରାବଣ ର ଅନୀର ଘାତ ବାରିପାତ,
ଗ୍ରୀଷ୍ମର ଅସହ୍ୟ ତାତିରେ ମୁଁ ଅନୁଭବ କରୁଛି
ତୁମେ ଆସିବ ମୋତେ ନେବ
ତୁମ ସାଥୀ ରେ
ଏଠି ନାହିଁ ଶାନ୍ତି ସ୍ନେହ ପ୍ରେମ ଭଲପାଇବା
ଯନ୍ତ୍ରଣା ରୁ ଯନ୍ତ୍ରଣା, ଦୁଃଖ ରୁ ଦୁଃଖ
ଦିନରୁ ଦିନ ଶଯ୍ୟ ହେଉନି ଏ ଯନ୍ତ୍ରଣା
କିଏ କହେ ତୁମେ ଅତି କ୍ରୁର ନିଷ୍ଠୁର
ମୁଁ ଭାବେ ତୁମେ ଯନ୍ତ୍ରଣା ର ଉପଶମ
ବାତାୟନ ଖୋଲି ରହିଛି ଚାହିଁ

ISSN NO.
2582-208X

ତୁମେ ମୋତେ ଯନ୍ତ୍ରଣା ରୁ ନେବ ଉଦ୍ଧାରି
ଶରୀର କ୍ଳେଶ ଠୁ ମନର କ୍ଳାନ୍ତି
ମୁଁ ପାରୁନି ଆଉ ଶଯ୍ୟ କରି
ଏ ସଂସାର ଚିତ୍ର ଅଟଇ ବିଚିତ୍ର
ବେଲୁ ବେଲୁ ହୋଇଲାଣି ଅତି ହୀନିମାନ
କାଳ ରୂପି ଯନ୍ତ୍ରଣା କୁ ନ ପାରଇ ସହି
ମୋତେ ତୋଳି ନିଅ ତୁମ ପାଖକୁ ସାଥୀ
ଏ ଘୋର ଯନ୍ତ୍ରଣାରୁ ଯନ୍ତ୍ରଣା ରୁ......

ଟକ, ବ୍ରାହ୍ମଣଝରିଲୋ
ଭ୍ରାମ୍ୟଭାଷ - ୭୯୭୮୩୭୦୮୭୪

ISSN NO.
2582-208X

# ନୂତନ ଆଇନ - ଏକ ଅବଲୋକନ



ଦେବଦତ୍ତା ଦେବୀ

ସାଧାରଣ ଜନତା ଙ୍କ ର ଅଭିଯୋଗ କୋର୍ଟ ରେ ତାରିଖ ପରେ ତାରିଖ ଗଡି ଚାଲିଛି ଆଉ ଅଭିଯୁକ୍ତ ନିର୍ଦ୍ୱନ୍ଦରେ ବାହାରେ ବୁଲୁଛି । କୋର୍ଟ କୁ ସକ୍ଷୀମାନେ ଡରିକରି ଆସୁନାହାନ୍ତି, ବଳାତ୍କାର କେଶ, ଏସିଡ ଫୋପଡ଼ା କେଶ ରେ ତ ପୀଡ଼ିତା ନ୍ୟାୟ ପାଇବା ବଦଳରେ ରେ ଅନେକ ନିର୍ଯ୍ୟାତନା ସହୁଚି । ପ୍ରମୁଖ ଅଭିଯୋଗ ଯେ ବିଳମ୍ବ ଘଟୁଛି ନ୍ୟାୟପ୍ରକ୍ରିୟା ରେ । ଏହିପରି ଅନେକ ତଥ୍ୟ କୁ ଆଖି ଆଗରେ ରଖି, ତ୍ୱରିତ, ସ୍ୱଚ୍ଛ ନ୍ୟାୟ ପ୍ରଦାନ ଉଦ୍ୟେଶ ରେ ଅନେକ ତର୍କ ବିତର୍କ, ଅନୁସନ୍ଧାନ, ଗବେଷଣା ତଥା ଲ କମିଶନ ଙ୍କ ରିପୋର୍ଟ ତଥା ବୁଦ୍ଧିଜୀବୀ ଙ୍କ ଜ୍ଞାନ କୌଶଳ ଯୋଗୁ ଆଜି ନୂତନ ଭାରତୀୟ ନ୍ୟାୟ ସଂହିତା, ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ପ୍ରସ୍ତୁତ ।  ଏହାର ମୁଖ୍ୟ ଉଦ୍ଦେଶ୍ୟ ତ୍ୱରିତ, ନିରପେକ୍ଷ, ସମୟ ରହିତ ତଦନ୍ତ ଓ ନ୍ୟାୟ ପ୍ରଦାନ ।  ଜୁଲାଇ ୧, ୨୦୨୪ରେ ଭାରତ ସରକାର ଙ୍କ ନିଷ୍ପତି ମତେ ଭାରତୀୟ ଦଣ୍ଡବିଧି ଆଇନ (Indian penal code,1860) ବିଲୋପ ହେଲା, ତା ବଦଳରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ସେହିପରି ଭାରତୀୟ ଅପରାଧ ସଂହିତା (Criminal procedure code,1973) ବିଲୋପ ହେଲା, ତା ବଦଳ ରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ (Indian Evidence Act,1872) ବିଲୋପ ହେଲା, ବଦଳ ରେ ଭାରତୀୟ ସୁରକ୍ଷା ସଂହିତା,୨୦୨୩ ପ୍ରଣୟନ ଓ କାର୍ଯ୍ୟକାରୀ ହେବା ଆରମ୍ଭ ହେଉଛି ।

ISSN NO.
2582-208X

ପ୍ରାୟ ଦେଢଶହ ବର୍ଷ ପୂର୍ବେ ବ୍ରିଟିଶ ଶାସନ ସମୟ ରେ ଭାରତ ରେ ପ୍ରଥମ ଲ କମିଶନ ଲର୍ଡ ମାକ୍ଲେ ଙ୍କ ସଭାପତିତ୍ୱରେ ୧୮୩୪ ରେ ଭାରତିୟ ପିଙ୍ଗଳ କୋଡ, ୧୮୬୦ ର ଚିଠା ପ୍ରସ୍ତୁତ କରାଯାଇଥିଲା । ଏହା ମୁଖ୍ୟତଃ ବ୍ରିଟିଶ ଅପରାଧିକ ଆଇନ ତଥା ଅନ୍ୟାନ୍ୟ ସମସାମୟିକ କମନ୍ ୱେଲଥ ଦେଶ ମାନଙ୍କ ଅପରାଧିକ ଆଇନ ଢାଞ୍ଚା ରେ ପ୍ରସ୍ତୁତ କରାଯାଇଥିଲା । ପରିଶେଷ ରେ ବ୍ରିଟିଶ ରାଜତ୍ୱ ସମୟ ରେ ୧୮୬୦ ମସିହାରେ ଭାରତୀୟ ପିଙ୍ଗଲକୋଡ ଭାରତ ରେ ପ୍ରଣୀତ କରାଗଲା । ଦୀର୍ଘ କାଳ ହେଲା ଏପରିକି ସ୍ୱାଧୀନତା ପରେ ମଧ୍ୟ ଏହି ଆଇନ ଭାରତ ରେ ବଳବତ୍ତର ରହିଅଛି । ସମୟ ସମୟ ରେ ଏଥିରେ ସମ ସାମୟିକ ଅପରାଧ କୁ ଲକ୍ଷ୍ୟ ରଖି ସଂଶୋଧୋନ (amendment) କରାଯାଇଅଛି । ମାତ୍ର ବର୍ତ୍ତମାନ ଭାରତ ବର୍ଷ ସାମାଜିକ ସ୍ତରରେ, ଟେକ୍ନୋଲୋଜି ସ୍ତରରେ, ତଥା ଆର୍ଥିକ ସ୍ତରରେ ବହୁତ ଅଗ୍ରଗତି କରିଛି । ସେହି ଅନୁସାରେ ଅପରାଧ ଓ ଅପରାଧ କରିବାର ପ୍ରଣାଳୀ ମଧ୍ୟ ବହୁଳ ମାତ୍ରା ରେ ବଦଳିଯାଇଛି ।

ସାଇବର ଅପରାଧ ବିଭିନ୍ନ କ୍ଷେତ୍ର ରେ ବିଭିନ୍ନ ପ୍ରକାର ରେ ହେଉଛି, ସେହିପରି ଆର୍ଥିକ ସ୍ତରରେ ଚିଟଫଣ୍ଡ ର ଅପରାଧ ବଢ଼ି ଅପରାଧୀମାନେ ବିଦେଶ ରୁ ଥାଇ ଭାରତ ରେ ଅପରାଧ ସଞ୍ଚାଳନ କରୁଛନ୍ତି ଟେକ୍ନୋଲୋଜି ମାଧ୍ୟମ ରେ । ସେହିପରି ନାରୀମାନଙ୍କର ଅଗ୍ରଗତି ସାଙ୍ଗରେ ସବୁ ବୟସ ର ନାରୀମାନଙ୍କ ଉପରେ ଅତ୍ୟାଚାର ବଢୁଛି । ତା ଛଡା ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବିଭିନ୍ନ ସ୍ତରରେ ବଢୁଛି । ରାସ୍ତା ଘାଟ ରେ ଗଲା ବେଳେ ପ୍ରାୟ ଲୋକମାନଙ୍କର ବେକ ରୁ ଚେନ୍ ଛିଣ୍ଡାଇ ନେବା ପର୍ସ ଝାମ୍ପି ନେବା ଦ୍ୱାରା ବିଭିନ୍ନ ସମସ୍ୟା ର ସମ୍ମୁଖୀନ ହେଇ ମୋବାଇଲ, ଏ ଟି ଏମ କାର୍ଡ, ଯେଉଁଥିରେ କି ସମସ୍ତ ଡାଟା ରହିଛି ତାହା ହରାଉଛନ୍ତି ଏବଂ ପରବର୍ତ୍ତୀ ସମୟ ରେନିଜର ସଞ୍ଚିତ ଅର୍ଥ ମଧ୍ୟ ହରାଇବାକୁ ପଡୁଛି । ଏହି ସବୁ କୁ ଲକ୍ଷ୍ୟ କରି ପରିବର୍ତ୍ତିତ ସମୟ ରେ ଅପରାଧ କରିବାର ଶୈଳୀକୁ ଅଖି ଆଗରେ ରଖି ଭାରତ ର ନାଗରିକ ଙ୍କୁ ସୁରକ୍ଷା ତଥା ଗୋଟେ ଅପରାଧ ମୁକ୍ତ ଭାରତ ଗଢ଼ିବା ଉଦ୍ଦେଶ୍ୟ ରେ ବିଭିନ୍ନ ଲ କମିଶନ ରିପୋର୍ଟ ଓ ବୁଦ୍ଧିଜୀବୀ ଙ୍କ ସହାୟତା ରେ ଭାରତୀୟ ନ୍ୟାୟ ସଂହିତା,୨୦୨୩ ଗୋଟିଏ ବିରାଟ ମାଇଲ ଖୁଣ୍ଟ ରୂପେ ଭାରତୀୟ ନ୍ୟାୟ

ISSN NO.
2582-208X

ବିଧି ରେ ଅନ୍ତର୍ଭୁକ୍ତ କରାଯାଇଛି । ଭାରତୀୟ ଦଣ୍ଡ ବିଧି ଆଇନ, 1860 ପରିବର୍ତ୍ତେ ଜୁଲାଇ ପହିଲା ଠାରୁ (1.7.2024) ଭାରତୀୟ ନ୍ୟାୟ ସଂହିତା, ୨୦୨୩ ପ୍ରଣୟନ କରାଯାଇଛି ଓ ଲାଗୁ ହୋଇଛି ।

ପୁରୁଣା ଭାରତୀୟ ଦଣ୍ଡ ବିଧି ଆଇନ ର ସମ୍ପୂର୍ଣ୍ଣ ବିଲୋପ ର ମୁଖ୍ୟ କେତୋଟି କାରଣ ହେଲା,- ଭାରତ ବର୍ଷ ରେ ପରିବର୍ତ୍ତିତ ସାମାଜିକ ଚଳନି ଯୋଗୁ ପିଙ୍ଗଳକୋଡ, ୧୮୬୦ କେତୋଗୋଟି ଧାରା ମୂଲ୍ୟହୀନ ହେଇପଡୁଛି । ଉଦାହରଣ ସ୍ୱରୂପ ନିକଟ ରେ ଅନେକ ବିଦ୍ରୋହ ହେତୁ ଧାରା ୩୭୭ I.P.C(homosexual) ଅନେକ ନ୍ୟାୟିକ ତର୍ଜମା ପରେ ଭାରତ ର ଉଚ୍ଚନ୍ୟାୟାଳୟ (supreme court) ଏହି ଧାରା କୁ ଅପରାଧମୁକ୍ତ ବୋଲି ରାୟ (judgement) ଦେଇ ଥିଲେ । ସେହିପରି ଧାର୧୨୪(A) IPC ଦେଶ ରେ ବିଦ୍ରୋହ (sedition) ର ଭାଷା ଏପରି ଭାବରେ ବର୍ଣ୍ଣିତ ହେଇଛି, ଏହା ସମ୍ପୂର୍ଣ୍ଣ ଭ୍ରାନ୍ତ ତଥା ଅଷ୍ପଟ ଯେଉଁ କାରଣ ରୁ ଏହି ଧାରା ଟି ପ୍ରୟୋଗ କରି କୌଣସି ଦେଶଦ୍ରୋହି ଅପରାଧ ମଧ୍ୟ ପ୍ରମାଣ କରିହେଉନାହି । ତେଣୁ ଏହି ଧାରା ଟି ପ୍ରାୟ ଅକାମି ହେଉଥିଲା । ସେହିପରି ଭାରତ ରେ ବଢୁଥିବା ବିଭିନ୍ନ ପ୍ରକାର ଅପରାଧ ବଢ଼ିଉଠୁଥିବା କୁ ଲକ୍ଷ୍ୟ ରଖି ଦେଖାଗଲା ଜାଲ ନୋଟ୍ ସମ୍ବନ୍ଧୀୟ ଅନେକ ଧାରା, ଓଜନ ସମ୍ବନ୍ଧୀୟ କେତୋଟି ଧାରା ର ପ୍ରୟୋଜନ ବର୍ତମାନ ଆଉ ପଡୁନାହିଁ ।

ଭାରତୀୟ ନ୍ୟାସଂହିତା ୨୦୨୩ ର ପ୍ରମୁଖ ନୂତନ ପଦକ୍ଷେପ ଗୁଡ଼ିକ ହେଲା - ଉପରୋକ୍ତ ବର୍ଣ୍ଣିତ ବିଷୟ ସବୁକୁ ଲକ୍ଷ୍ୟ ରଖି ବ୍ରିଟିଶ ଅମଳ ରୁ ପ୍ରଚଳିତ ଏହି ଭାରତୀୟ ପିଙ୍ଗଳ କୋଡ଼ କୁ ସମ୍ପୂର୍ଣ୍ଣ ରୂପ ରେ ବିଲୋପ କରି ବର୍ତମାନ ର ସମୟ ର ଅପରାଧ କୁ ଲକ୍ଷ୍ୟ ରଖି ନୂତନ ଅପରାଧ ତଥା ଅପରାଧ ପ୍ରଣାଳୀ ଉପରେ ଧ୍ୟାନ ଦେଇ ନୂତନ ଅପରାଧ ଗୁଡ଼ିକୁ ବିଚାର କୁ ନିଆଯାଇଛି ଏବଂ ଦଣ୍ଡ ବିଧାନ ରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ଭାରତୀୟ ପିଙ୍ଗଳ କୋଡ଼ ରେ ଥିବା ୫୧୧ଧାରା କୁ ସଙ୍କୁଚିତ କରି ଏହି ନୂଆ ନ୍ୟାୟ ସଂହିତା ରେ ୩୫୮ଟି ଧାରା ରେ ସୀମିତ ରଖାଯାଇଛି । ନୂଆ ଆଇନ ରେ ଭାରତ ବାହାରେ

ISSN NO.
2582-208X

ଥିବା ଲୋକ ଟି ଯଦି ଭାରତ ଭିତରେ ଅପରାଧ କରିବାକୁ ସାହାଯ୍ୟ କରେ ତାହାହେଲେ ସେ ଧାରା ୪୮ରେ ଅପରାଧୀ ଭୁକ୍ତ ହେବ । ସେହିପରି ନାରୀ ମାନଙ୍କ ସୁରକ୍ଷା କୁ ଦୃଷ୍ଟି ରେ ରଖି ମିଥ୍ୟା ପ୍ରତିସ୍ରୁତି ବିବାହ ପାଇଁ, ମିଛ ପରିଚୟ ଦେଇ, ବା ଚାକିରି ରେ ନିଯୁକ୍ତି ବାପ୍ରମୋସନ ର ଲୋଭ ଦେଖାଇ ଦୈହିକ ସମ୍ପର୍କ କୁ ଅପରାଧ ବୋଲି ବିବେଚନା କରି ଧାରା ୬୯ ରେ ଅପରାଧୀ ରୂପେ ପରିଗଣିତ ହେଇଛି । ଛିନ୍ ତାଇ (snatching) କୁ ଧାରା ୩୦୪ରେ ନୂଆ କରି ଅନ୍ତର୍ଭୁକ୍ତ କରାଯାଇଛି । ଗଣ ବଳାତ୍କାର କୁ ଅତି ଗର୍ହିତ ଅପରାଧ ରୂପେ ବିବେଚନା କରି ଧାରା ୭୦(୨) ଅନୁସାରେ ଅଠର ବର୍ଷ ତଳର ଝିଅ କୁ ଗଣ ବଳାତ୍କାର କଲେ ଜୀବନ ଶେଷ ପର୍ଯ୍ୟନ୍ତ କାରାଗାର ଅଥବା ମୃତ୍ୟୁ ଦଣ୍ଡ ର ବ୍ୟବସ୍ଥା କରାଯାଇଛି । ଭାରତ ବର୍ଷ ରେ ବାଳ ଅପରାଧ କୁ ନିପାତ କରିବା ଉଦ୍ଦେଶ୍ୟରେ ବାଳକ କିମ୍ବା ବାଳିକାଙ୍କୁ ନିଯୁକ୍ତି କରି ଯେଁଉ ବ୍ୟକ୍ତି ବା ଗ୍ୟାଙ୍ଗ ଅପରାଧ ଘଟାଉଥିବ ସେ ଧାରା ୯୫ ଦ୍ଵାରା ତିନି ରୁ ଦଶ ବର୍ଷ ଦଣ୍ଡ ରେ ଦଣ୍ଡିତ ହେବେ । ଏଇ ନୂଆ ଆଇନ୍ ରେ ଅତି ଗଭୀର କ୍ଷତ (grievous hurt) କ୍ଷେତ୍ର ଟିକୁ ଆଉଟିକିଏ ବିସ୍ତୃତଭାବରେ ଦର୍ଶାଇ ଧାରା୧୧୭ (୩) ଓ (୪) । ରେ ଯଦି ଏପରି ଆଘାତ ଦ୍ଵାରା ଜଣେ ପୀଡ଼ିତ ମୃତ୍ୟୁ ସମ ବଞ୍ଚିରହେ ସେହି କ୍ଷେତ୍ର ରେ ଅଭିଯୁକ୍ତ ଦଶ ବର୍ଷ ଠାରୁ ଆଜୀବନ କାରାଦଣ୍ଡ ଯାଏ ଦଣ୍ଡ ରେ ଦଣ୍ଡିତ ହେବା ର ପ୍ରାବଧାନ ରଖାଯାଇଛି ଓ ଯଦି ଏପରି କୌଣସି ଜାତି, ବର୍ଣ୍ଣ ଓ ଲିଙ୍ଗ କାରଣ ରୁ ବ୍ୟକ୍ତି ସମୂହ ଙ୍କ ଯୋଗୁ ଅପରାଧ ଘଟେ ସେହି ସବୁ ବ୍ୟକ୍ତି ଦଶ ବର୍ଷ ରୁ ଆଜୀବନ କାରାଦଣ୍ଡ ରେ ଦଣ୍ଡିତ ହେବା ର ପ୍ରାବଧାନ ରଖାଯାଇଛି । ସେହିପରି ନାବାଳିକା/ନାବାଳକ ଙ୍କୁ ବିଦେଶ ରୁ ଆଣି ଭାରତ ବର୍ଷ ରେ ଅନୈତିକ କାର୍ଯ୍ୟରେ ଲିପ୍ତ କରାଇଲେ ଧାରା ୧୪୧ରେ ଦଶ ବର୍ଷ ପର୍ଯ୍ୟନ୍ତ ଦଣ୍ଡ ବିଧାନ ଅଛି । ମାନବ ଚଲାନ ର ବିଭିନ୍ନ ପ୍ରକାର ର ଅପରାଧ କୁ ଲକ୍ଷ୍ୟ ରଖି ବିସ୍ତୃତ ଭାବରେ ଧାରା ୧୪୩ ରେ ଦଣ୍ଡ ବିଧାନ ର ବ୍ୟବସ୍ଥା କରାଯାଇଛି । ଭାରତିୟ ପିଙ୍ଗଲାକୋଡ, ୧୮୬୦ରେ ଥିବା ଅପରାଧ ଆତ୍ମହତ୍ୟା ଚେଷ୍ଟା କରୁଥିବା ଲୋକ କୁ ଧାରା ୩୦୯ ରେ ଦଣ୍ଡ ବିଧାନ ଟି ମୋଟେ କାର୍ଯକାରୀ ହେଉନଥିଲା, ତେଣୁ ସେଇଟାକୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି । ମାତ୍ର ଯଦି କୌଣସି ଲୋକ ଆତ୍ମହତ୍ୟା ର ଧମକ ଦେଇ କୌଣସି ଆଇନ ସମ୍ମତ କାର୍ଯ୍ୟ ହାସଲ କରିବାକୁ ବା ନ କରିବାକୁ ଚେଷ୍ଟା କରେ

ISSN NO.
2582-208X

ତାହାଲେନୂଆ ଆଇନ ର ଧାରା ୨୨୬ ରେ ଦଣ୍ଡିତ ହେବ । ବର୍ତ୍ତମାନ ଲୋକ ମାନେ ଅନେକ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି । ତାକୁ ଆଖିଆଗରେ ରଖି ଏହି ନୂଆ ଆଇନ୍ ରେ ଦୁର୍ଘଟଣା ଜନିତ ଅପରାଧ କ୍ଷେତ୍ର ରେ ଦଣ୍ଡ ର ପରିଣାମ ବର୍ଦ୍ଧିତ ହେବା ସାଙ୍ଗେ ସାଙ୍ଗେ, ଦୁର୍ଘଟଣା ଘଟେଇ ଥିବା ଡ୍ରାଇଭର ଯଦି ନିକଟସ୍ଥ ପୋଲିସ କିମ୍ବା ମାଜିଷ୍ଟ୍ରେଟ କୁ ନ ଜଣେଇ ଫେରାର ହୋଇଯାଏ ତାହାହେଲେ ଏହି ନୂଆ ଭାରତୀୟ ନ୍ୟାୟ ସଂହିତା ର୧୦୬(୨)ଧାରା ଅନୁସାରେ ଦଶ ବର୍ଷ ଯାଏ ଦଣ୍ଡିତ ହେଇପାରେ ।

ଦେଶରେ ବର୍ଦ୍ଧିତଦେଶ ବିରୋଧୀ କାର୍ଯ୍ୟ କଲାପ ତଥା ସନ୍ତ୍ରାସବାଦୀ କାର୍ଯ୍ୟ କୁ ରୋକିବା ଲାଗିଏହି ନୂତନ ଆଇନ ରେ ଧାରା ୧୧୧ ରୁ ୧୧୩ କୁ ନୂତନ ଭାବେ ପ୍ରସ୍ତୁତ କରାଯାଇଛି । ସେହିପରି ଯେକୌଣସି ବ୍ୟକ୍ତି ଦେଶ ର ଅଖଣ୍ଡତା, ସାର୍ବଭୌମତ୍ୱ, ଏକତାକୁ ହାନି କରିବାକୁ ବିଭିନ୍ନ ମାଧ୍ୟମ ରେ ଚେଷ୍ଟା କରେ ସେ ଏହି ଆଇନ ର ସମ୍ପୂର୍ଣ୍ଣ ନୂତନ ଧାରା ୧୫୨ ରେ ଦଣ୍ଡିତ ହେବାର ପ୍ରାବଧାନ ଅଛି । ହତ୍ୟା(murder) ରେ ନୂଆ ରୂପ ଯେପରିକି ଜାତିଗତ ସମସ୍ୟା, ସୋସିଆଲ ମିଡିଆ ର ପ୍ରଭାବ ର କାରଣ ରୁ ଏକତ୍ରିତ ହୋଇ ହତ୍ୟା କୁ ନୂତନ ରୂପେ ବିଚାର କରାଯାଇ ଧାରା ୧୦୩(୨) ରେ ଦଣ୍ଡ ବିଧାନକରାଯାଇ ଅଛି । ଏହିପରି ଅନେକ ସମୟ ଅନୁସାରେ ଦେଶ ରେ ବର୍ତ୍ତମାନ ଘଟୁଥିବା ଅପରାଧ କୁ ଲକ୍ଷ୍ୟ ରଖି ଏହି ଆଇନ ଟି କାର୍ଯ୍ୟକାରୀ ହେବା କୁ ଯାଉଅଛି । ଏହା ଛଡ଼ା ଅନେକ ଅପରାଧ ର ଦଣ୍ଡ ର ପରିମାଣ ଉଭୟ କାରାବାସ ଓ ଫାଇନ ରେ ବୃଦ୍ଧି କରାଯାଇଅଛି । କେତୋଟି କ୍ଷେତ୍ର ରେ ଯଥା ଦାଣ୍ଡ ରେ ମଦ ପିଇ ଗଣ୍ଡଗୋଳ କରିବା, ରାଷ୍ଟ୍ରପତି କିମ୍ବା ରାଜ୍ୟପାଳ ବିରୁଦ୍ଧ ରେ ଅଶାଳୀନ ମନ୍ତବ୍ୟ ଦେବା ଓ ଅନ୍ୟକେତକ ଅପରାଧ ରେ କମୁନିଟି ସର୍ଭିସ୍ କୁ ଦଣ୍ଡ ଭାବରେ ଧାରା୪(f) ମତେ ରେ ଦୋଷୀ ମଧ୍ୟ ଦଣ୍ଡିତ ହେଇ ପାରିବାର ବ୍ୟବସ୍ଥା ଅଛି । ଏହା ଛଡା ଅନେକ ଗୁଡ଼ିଏ ପରିବର୍ତ୍ତନ ଆଣି ୩୩ ଟି ଅପରାଧ ପାଇଁ ଦଣ୍ଡ ର ପରିମାଣ ବଢ଼ା ଯାଇଛି । ସେହିପରି ୮୩ ଟି କ୍ଷେତ୍ର ରେ ଜୋରିମାନା ର ପରିମାଣ ବୃଦ୍ଧି କରାଯାଇଛି ଓ ୨୩ ଟି ଅପରାଧ ପାଇଁ ଅତିକମ୍ ବାଧ୍ୟତାମୂଳକ ଦଣ୍ଡ ବ୍ୟବସ୍ଥା ଅଛି ।

ISSN NO.
2582-208X

ଏହି ଆଇନ ରେ ସମସ୍ତ ଅପରାଧ କୁ ସ୍ୱଚ୍ଛ ସହଜ ଓ ସରଳ ଭାଷା ରେ ବର୍ଣ୍ଣନା କରାଯାଇଛି । କୌଣସି ଅସହଜ କିମ୍ବା ଦ୍ୱନ୍ଦ ଭାଷା ର ପ୍ରୟୋଗ କରାଯାଇନାହିଁ ।

ଭାରତୀୟ ଦଣ୍ଡ ବିଧି ଆଇନ, ୧୮୬୦ କୁ ପରିଚାଳନା କରିବା ପାଇଁ ଅର୍ଥାତ୍ କିପରି ଓ କେଉଁଠି ଏଫ. ଆଇ. ଆର୍ ଟି ଦିଆ ହେବ, ପୋଲିସ କିପରି ତଦନ୍ତ କରିବ, କିପରି ସାକ୍ଷ୍ୟ ଗ୍ରହଣ କରିବ, କିପରି ଗିରଫ କରିବ, କିପରି କୋର୍ଟ ପଠେଇବ, କୋର୍ଟ ରେ କିପରି କେଶ ଟି ଚାଲିବ, ଏ ସବୁ ପ୍ରଣାଳୀ ଅପରାଧ ସଂହିତା, ୧୯୭୪ମତେ ଚାଲୁଥିଲା ମାତ୍ର ତାହା ବର୍ତମାନ ବିଲୋପ କରାଯାଇ ନୂତନ ଭାରତୀୟ ନାଗରିକ ସୁରକ୍ଷା ସଂହିତା 2023 ପ୍ରଣୟନ କରାଗଲା ଜାହାକି ଜୁଲାଇ ଏକ, ୨୦୨୪ ରୁ ଲାଗୁ ହେଇଛି । ଏହି ନୂତନ ଆଇନ ରେ ପୁରୁଣା ଆଇନ ର ୪୮୪ଧାରା ବଦଳ ରେ ୫୩୧ ଟି ଧାରା ଅଛି । ୧୭୭ ପୁରୁଣା ଧାରା ବା ଦଫା କୁ ସମ୍ପୂର୍ଣ୍ଣ ରୂପେ ବଦଳାଇଯାଇ ୯ଟି ନୂଆ ଧାରା ଓ ୩୯ ଟି ନୂଆ ଉପଧାରା ଓ୪୪ ଟି ବ୍ୟବସ୍ଥା ଓ ସ୍ୱଷ୍ଟୀକରଣ ଦିଆଯାଇଛି । ଏହା ନ୍ୟାୟ ପ୍ରକିୟା କୁ ସ୍ୱଚ୍ଛ ଓ ଶୀଘ୍ର ସାରିବାକୁ ସାହାଯ୍ୟ କରିବ । ଏ ଆଇନ ରେ ବର୍ତମାନ ର ଟେକ୍ନୋଲୋଜି ରେ ଭାରତ ର ଅଗ୍ରଗତି କୁ ଆଖି ଆଗରେ ରଖି ଇ ଏଫ୍. ଆଇ. ଆର୍ ଇ ଫାଇଲିଂ ଦ୍ୱାରା ହେଇପାରିବ । ପରିଶେଷରେ ଧା ରା୫୩୦ ରେ ସାକ୍ଷୀ ସମନ ସାକ୍ଷୀ ମାନଙ୍କର ବିଭିନ୍ନ ପର୍ଯ୍ୟାୟରେ, ସାକ୍ଷ୍ୟ ପ୍ରଦାନ, ଅପିଲ ଶୁଣାଣି ବେଳେ ତଥା ଅନ୍ୟାନ୍ୟ ଶୁଣାଣି ବେଳେ ଇଲେକ୍ଟ୍ରୋନିକ ଅଡିଓ ଭିଡିଓ ମାଧ୍ୟମ ର ସୁବିଧା ମିଳିବ । ଏହି ନୂତନ ଆଇନ ରେ ଧାରା ୩୯୬ ଓ ୩୯୭ ରେ ପୀଡ଼ିତା କୁ କ୍ଷତିପୂରଣ, ଥଇଥାନ କିପରି ହେବ ଓ ସେ କିପରି ସରକାରଙ୍କ ସମ୍ପୂର୍ଣ ଖର୍ଚ୍ଚ ରେ ଚିକିତ୍ସିତ ହେବ ବିସ୍ତୃତ ରୂପରେ ସୁବିଧା ଯୋଗେଇ ଦିଆଯାଇଚି । ଧାରା ୩୯୮ ରେ ସାକ୍ଷୀ ମାନଙ୍କୁ ସମ୍ପୂର୍ଣ ସୁରକ୍ଷା ଯୋଗାଇ ଦିଆଯାଇଛି । ଏଥିରେ ପୋଲିସ କୁ ସମୟ ସୀମା ଭିତରେ ସମସ୍ତ ପ୍ରକ୍ରିୟା ସାରିବାକୁ ବ୍ୟବସ୍ଥା ଅଛି । ତାଛଡ଼ା ଅଡିଓ ଭିଡିଓ ଦ୍ୱାରା କିପରି ଅଭିଯୁକ୍ତ, ଏତଲାକାରି, ଓ ସାକ୍ଷୀ ଙ୍କୁ ସମୟସୀମା ଭିତରେ ପରୀକ୍ଷା କରାଯିବ । ସେହିପରି ଜବତ ଜିନିଷ କୁ ଠିକ୍ ସମୟ ଭିତରେ ଉପଯୁକ୍ତ ବ୍ୟକ୍ତି ଙ୍କୁ ନ୍ୟାୟ ସଙ୍ଗତ ଭାବରେ ଜମା ଫେରସ୍ତ ମିଳିବ ତାର ବ୍ୟବସ୍ଥା ଅଛି । ସେହିପରି ବୟସ୍କ ଓ ପୀଡ଼ିତା

ISSN NO.
2582-208X

ମାନଙ୍କୁ ତାଙ୍କ ସୁବିଧା ଜାଗା ରେ ପୋଲିସ ପରୀକ୍ଷା କରିବ । କୋର୍ଟ ରେ ମଧ୍ୟ ଅଭିଯୁକ୍ତ କୁ କିପରି ସମୟ ଭିତରେ ବେଲ୍ ମିଳିବ, ଓ କିପରି ସମୟ ସୀମା ଭିତରେ କେଶ ର ଶୁଣାଣୀ ହେବ ନିର୍ଦ୍ଦିଷ୍ଟ କରାଯାଇଅଛି । ଫେରାର ଆସାମୀ ପାଇଁ କଠୋର ରୁ କଠୋର ପଦକ୍ଷେପ ଉଲ୍ଲେଖ କରାଯାଇଛି । ଏହି ନୂତନ ଆଇନ ରେ ମୋଟ ଉପରେ ବର୍ତ୍ତମାନ ର ଟେକ୍ନୋଲୋଜି ର ସାହାଯ୍ୟ ତଥା ସମୟ ରହିତ ପଦକ୍ଷେପ ନେଇ ଶୀଘ୍ର, ନିରପେକ୍ଷ ଉପଯୁକ୍ତ ନ୍ୟାୟ ର ବ୍ୟବସ୍ଥା ଅଛି । ସେହିପରି ବ୍ରିଟିଶ୍ ଅମଳ ରୁ ପ୍ରଚଳିତ ଭାରତୀୟ ସାକ୍ଷ୍ୟ ଅଧିନିୟମ, ୧୮୭୨ ପରିବର୍ତ୍ତେ ଜୁଲାଇ ୧, ୨୦୨୪ ରୁ ଭାରତୀୟ ସାକ୍ଷ୍ୟ ଅଧିନିୟମ, ୨୦୨୩ କାର୍ଯ୍ୟକାରୀ ହେବ । ପୁରାତନ ଆଇନର ୧୬୭ ଟି ଧାରା ପରିବର୍ତ୍ତେ ଏହି ନୂତନ ଆଇନ ରେ୧୭୦ ଟି ଧାରା ରହିଛି । ଦୁଇ ଗୋଟି ନୂଆ ଧାରା ଛଅଗୋଟି ନୂଆ ଉପଧାରା ରହିଛି ଓ ପୁରୁଣା ଆଇନ ର ଛ ଟି ଧାରା କୁ ବାଦ ଦିଆ ଯାଇଛି । ନୂତନ ଆଇନ ରେ ଆଧୁନିକ ଟେକ୍ନୋଲୋଜି କୁ ସ୍ଥାନ ଦେବାକୁ ଯାଇ ୩୫ ଟି କ୍ଷେତ୍ର ରେ ଅଡିଓ ଭିଡିଓ ରେକର୍ଡିଂ କୁ ଓ ଇଲେକ୍ଟ୍ରୋନିକ୍ସ ରେକର୍ଡ କୁ ସାକ୍ଷ୍ୟ ଓ ତଥ୍ୟ ଭାବେ କୋର୍ଟ ରେ ଗ୍ରହଣ ଯୋଗ୍ୟ ବୋଲି ଦର୍ଶାଯାଇଛି । ବିଭିନ୍ନ ଧାରା ଯଥା ୨୨(A), ୩୯, ୪୭(A), ୬୧, ୬୨, ୬୩, ୬୫(A,୪୫(A) ଓ ଅନ୍ୟାନ୍ୟ ଧାରା ରେ ଏଲେକଟ୍ରୋନିସ ରେକର୍ଡ ଓ ସାକ୍ଷ୍ୟ ର ଗ୍ରହଣ ଯୋଗ୍ୟତା(admissibility) ଉପରେ ବିସ୍ତୃତ ନିୟମ ଦର୍ଶାଯାଇଛି । ଏହିପରି କେତେକ ନୂତନ ପ୍ରକିୟା ଦ୍ୱାରା ନ୍ୟାୟ ପ୍ରକିୟା ସରଳ, ଶୀଘ୍ର, ସ୍ୱଚ୍ଛ ହେବ ବୋଲି ଦୃଢ ବିଶ୍ୱାସ ସହ ତିନୋଟି ଯାକ ଆଇନ ଜୁଲାଇ ପହିଲା, ୨୦୨୪ ଠାରୁ ନ୍ୟାୟ ବ୍ୟବସ୍ଥା ରେ କାର୍ଯ୍ୟକାରୀ ହେବ । ସମ୍ପୂର୍ଣ ଆଶା ଓ ବିଶ୍ୱାସ ଯେ ଭାରତୀୟ ଅପରାଧିକ ନ୍ୟାୟ ପ୍ରକିୟା ରେ ଏହି ଯୁଗାନ୍ତକାରୀ ପରିବର୍ତ୍ତନ ଲୋକ ଙ୍କୁ ଶୀଘ୍ର, ନିରପେକ୍ଷ ଓ ସ୍ୱଚ୍ଛ ନ୍ୟାୟ ପ୍ରଦାନ କରିବ ନିଶ୍ଚୟ ନୂଆ ଆଇନ୍ ର ନ୍ୟାୟାଳୟ ରେ ଅନେକ ତାର୍ଜମା ହେବ, ଯାହା କି ସ୍ୱାଗତ ଯୋଗ୍ୟ ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ
ପ୍ଲଟ ନମ୍ବର ୩ ଡି, ୨୨୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ସବୁ ତୁମ ବଳୟରେ...



ଅମ୍ବିକା ସ୍ୱାଇଁ

ବିଶ୍ୱ ବ୍ରହ୍ମାଣ୍ଡର ରଚୟିତା ତୁମେ
ମହନୀୟ କଳାକାର
ତୁମ ରଙ୍ଗମଞ୍ଚେ ଚାଲିଛି ନାଟକ
ତୁମେ ବିଚାରକ ତାର ।

ଶୂନ୍ୟତାରେ ରହି ଅନୁଭବ ଦେଇ
ଚଳାଉଛ ଏହି ଧାମ
ସବୁ ତ ତୁମରି ଇଚ୍ଛାର ଅଧୀନ
ସବୁ ଲୀଳା ଅଟେ ତୁମ ।

ଅନ୍ଧାର-ଆଲୋକ ଦୁଃଖ ଓ ଆନନ୍ଦ
ସତ୍ୟ ଅସତ୍ୟର ଖେଳ
ଏହି ଧରାବୁକେ ସଦା ବିଦ୍ୟମାନ
ସମୟର ସନ୍ଧିକାଳ ।

ISSN NO.
2582-208X

କେତେ ଭଲ-ମନ୍ଦ ହାରଜିତ୍ ଖେଳ
ଖେଳୁଛନ୍ତି ସର୍ବଜନ
ଜୀବନ, ଯୌବନ ଆନନ୍ଦ ସ୍ରୋତରେ
ଭାସିଯାଏ ସଭିମନ ।

ଦୁଃଖ ମିଳୁ ଅବା ସୁଖ ମିଳୁଥାଉ
ସବୁ ତୁମ ବଳୟରେ
ମାନବ କର୍ମର ବିଚାର କରିଣ
ଧରିରଖ ଏହି ଧରାରେ ।

ଭୁବନେଶ୍ୱର

ISSN NO.
2582-208X

# ଅଦୃଶ୍ୟ ମତି



ଡକ୍ଟର ମନୋରଞ୍ଜନ ବିଷୋୟୀ

ନିୟତିର ମତିରେ
ଆମେ ସବୁ ଏକତ୍ରୀତ ।
ଆପଣାର ଜୀବନ କାହାଣୀ
ଏ ମତିରେ ହୁଏ ଅଭିନୀତ ।
ହେଲେ ମତିର ସଂଳାପ
କ'ଣ ଆଙ୍କିପାରେ
ପାଇଥିବା ଆଘାତର ଚିତ୍ର ?
କିଏ ଅବା ଜାଣିଥିଲା
ସ୍ୱପ୍ନ ଦେଖିଲେ
ସହିବାକୁ ପଡ଼େ
ଏତେ ଯେ ଆଘାତ ।

ତେଣୁ ଅଭିନୟ କଲାବେଳେ
ଅଭିନେତା କହିଥାଏ
ମୃତ୍ୟୁର ସଂଳାପ ।
ତଥାପି ଅବୁଝା ମନଟାକୁ ବୁଝାଇ
ଯାହା ଘଟୁଛି ଆମେ ତାକୁ
ନୀରବରେ କରୁ ପ୍ରଣିପାତ ।
କାରଣ କିଏ ଅବା କହିପାରିବ
ଯାହା ଘଟୁଛି ଆଉ ଘଟିବ
ଏସବୁ କାହାର ଆଦେଶ ।

ଦାମୋଦରପୁର, ଗଂଜାମ
ସଂପର୍କ: ୮୮୯୫୧୪୧୭୨୭

ISSN NO.
2582-208X

# କେବେ କେରଳ ତ କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## ଅନେକ ଆଶାର ମୃଦୁମଳୟ

ଯେବେ କୌଣସି ସୁନ୍ଦର ଗଳି ଦେଖେ, ମତେ ସେଇଠି ଚୁପଚାପ୍ ଏକେଲା ଚାଲିବାକୁ ଇଚ୍ଛା ହୁଏ । ଝୁମ୍ପୁଡି ବସ୍ତିର ସଂକୀର୍ଣ୍ଣ ଚଲାପଥ ହେଉ କି ହିମାଳୟର ପୁଷ୍ପ ଉପତ୍ୟକା ହେଉ, ବିଭୋର ବାଳକ ପରି ମୋର ସବୁକିଛି ଦେଖିବାରେ ଅପାର ଖୁସି । ଏ ସମୟରେ ଯଦି କୌଣସି ତରୁଣକୁ କାନରେ ଇଅରପ୍ଲଗ୍ ଖଞ୍ଜି ମୋବାଇଲ୍ ରେ ମଗ୍ନ ରହିବା ଦେଖେ, ଚଟ୍ କରି ଏକ ଆଶଙ୍କା ମତେ ଗ୍ରାସି ପକାଏ । ଏମାନେ ହେଉଛନ୍ତି ମୋର ଉତ୍ତରପିଢି । ଏମାନଙ୍କ ହାତରେ ରହିବ ମୋ ଭାଷା, ମୋ ସାହିତ୍ୟ ଓ ମୋ ଅସ୍ମିତାର ଭବିଷ୍ୟତ । ଏମାନେ ଯେ ନିଶାଗ୍ରସ୍ତ ପରି ଡିଜିଟାଲ୍ ଦୁନିଆରେ ବୁଡି ରହିହନ୍ତି! ଚାରିପାଖରେ କିଛି ବି ଦେଖିବାରେ ଆଗ୍ରହ ନାହିଁ ।

ଆମେ ଆମ ପଞ୍ଚଇନ୍ଦ୍ରିୟ ମାଧ୍ୟମରେ ବାହାରୁ ଯେତିକି ଗ୍ରହଣ କରୁ, ଆମ ଷଷ୍ଠଇନ୍ଦ୍ରିୟ ମନ ଦ୍ୱାରା, ଆମ ଭିତରର ବିଶ୍ୱକୁ ସେତିକି ସୁନ୍ଦର ଭାବେ ସଜାଉ । ବାହ୍ୟ ଜୀବନ ଓ ଅନ୍ତଃ ଜୀବନ ମଧ୍ୟରେ ଏହା ଏକ ନିରନ୍ତର ସନ୍ତୁଳନ । କିନ୍ତୁ ସନ୍ତୁଳନ ଯଦି ବିଗିଡି ଯାଏ? ଆମର ଏହି ଦଶନ୍ଧିମାନଙ୍କରେ ସବୁଠୁ ବଡ ଭ୍ରାନ୍ତିର ପ୍ରଚାର ହେଉଛି ଯେ ନିତ୍ୟ ନୂଆ ଶିଳ୍ପ ସହିତ ତାଳ ଦେଇ ପାରୁଥିବା ମଣିଷ ହିଁ ଆଧୁନିକ, ପାରିବାର । ଭୋଗୀ । ସେହି ପ୍ରଚାରରେ ମୋହିତ ଯୁବାବର୍ଗ, ଆଭାସିକ ଜଗତରେ ଛନ୍ଦି ହୋଇ ରହିବାକୁ ସୁଖ ମଣୁଛନ୍ତି ।

ISSN NO.
2582-208X

ମୁଁ ପ୍ରକୃତି ଠାରୁ ଯେତିକି ଦୂରେଇ ଯିବି, ପ୍ରକୃତି ଦେଇଥିବା ସାମର୍ଥ୍ୟ ସବୁ ସେତିକି ବେଗରେ ମୋ ଠାରୁ ପ୍ରତ୍ୟାହୃତ ହେଇଯିବ । ମୋ କାନ, ଆଖି ନାକ, ଜିହ୍ୱା, ଚର୍ମ ଓ ମନ ସେତିକି ସେତିକି ଅକାମୀ ହୋଇଯିବ । ମେଦ ବହୁଳ ଶରୀର ଭିତରେ ଅସରନ୍ତି ରୋଗ ଶୋକ ନେଇ, କାଳ୍ପନିକ ସୁଖକୁ କାବୁ କରିବା ପାଇଁ ଅନବରତ ଧାଉଁଥିବି । ମୁଠାଏ ପଇସା ପାଇଁ ବିକି ହେଉଥିବି, ଅଥଚ ଏତେ ସୁନ୍ଦର ପୃଥିବୀଟିଏ ମୋ ଚାରିପାଖରେ ରହିଛି ବୋଲି ଜାଣିପାରୁ ନଥିବି ।

ଏ ଶତାବ୍ଦୀର ଆଉ ଏକ ବିଡମ୍ବନା ହେଉଛି, ଲୋକଙ୍କୁ ବିଭ୍ରାନ୍ତି ଭିତରେ ରଖାଯାଉଛି । ପ୍ରଚାର କରାଯାଉଛି- ଗୁଡାଏ ଅର୍ଥ ରୋଜଗାର କର । କାରଣ ଅର୍ଥ ବଳରେ ତମେ କୁଆଡେ ସବୁ କିଛି କ୍ରୟ କରିପାରିବ । ଅଧିକରୁ ଅଧିକ ରୋଜଗାରର ମାୟାରେ ଜୀବନରୁ ଫୁରୁସତ ଉଭାନ ହୋଇଯାଏ । ଭ୍ରମଣ ହେଉଛି ଗୋଟିଏ ଫୁରୁସତର ବିଷୟ, ଶ୍ରଦ୍ଧାର ବିଷୟ । ନିଦରେ ଚାଲୁଥିବା ମଣିଷଙ୍କ ପରି ହୁଏତ ନସର ପସର ହୋଇ ବୁଲିବାଟା ଚାଲିଥିବ, କିନ୍ତୁ ସେଥିରେ ଆନନ୍ଦ ନଥିବ ।

ଆହାର, ବସ୍ତ୍ର ଓ ବାସସ୍ଥାନର ଯୋଗାଡରେ ଦଳେ ଖଟିଖଟି ନୟାନ୍ତ, ଆଉ ଦଳେ ଏସବୁର ବହୁଳ ପ୍ରଦର୍ଶନରେ କ୍ଳାନ୍ତ, ବିଷର୍ଣ୍ଣ । ଫୁରୁସତ୍ କାହିଁ ?

ମୋ ସଂଶୟ ଓ ଅଭିମାନକୁ ସମ୍ମାନ ଜଣାଇ, ସତରେ କିଛିଜଣ ନିଜପାଇଁ ସମୟ ବାହାର କରିବେ- ଏ ଆଶା ରହିଛି । ମୋର ଲେଖାରେ ଥିବା ସମସ୍ତ ଭ୍ରମଣ ବୃତ୍ତାନ୍ତକୁ ମୋର ଉତ୍ତରପିଢିଙ୍କୁ ଉତ୍ସର୍ଗ କରୁଛି ।

କ୍ରମଶଃ.......

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଦରଜ



ବର୍ଷାରାଣୀ ମହାମଲ୍ଲୀକ

ମୁଁ କିନ୍ତୁ ଶୁଣିବାକୁ ପାଇଛି
ସେମାନେ ମୋର ଖୁବ୍ ସମାଲୋଚନା କରୁଛନ୍ତି,
ଏଇ ଏବେ ଏବେ ତ ଏତେ ଅନ୍ତରଙ୍ଗ ଥିଲି
କଣ ପାଇଁ ଏବେ ସେମାନେ ମତେ ଖୁମ୍ପୁଛନ୍ତି ?
ଖାଇ ଚାଲିଛନ୍ତି ମୋର କଞ୍ଚା ମାଂସ ତତଲା ରକ୍ତ ।
ଓଃ କି ଦରଜ!
ଗରଜ ବି କାଇଁ ପଡ଼ିବ ସେମାନଙ୍କର ଯେ ?
ମୁଁ କିଏ ଯେ ସେମାନଙ୍କର..
ବର୍ଷା ସରିଲେ ଛତାର ଆବଶ୍ୟକତା ନ ଥାଏ ଅବଶ୍ୟ ।

ମୁଁ କେବେ ତମ ଭଲ ମନ୍ଦ କଲି...
କାଇଁ ତ ଡାଇରୀ ପୃଷ୍ଠା ଓଲଟାଇଲି ବି
ପାଇଲି ନାହିଁ ତମ ନାଁ
ତେବେ ଏ ଅସହିଷ୍ଣୁତା, ମୋ ପାଇଁ ଅମାନବିକତା
କାହିଁକି ସଞ୍ଚୁଛ ?
କେହି ଜଣେ ଠିକ୍ କହିଥିଲା ନିଜ ଲୋକ ସବୁବେଳେ ନିଜ ଲୋକ

ISSN NO.
2582-208X

ମୁଁ କିନ୍ତୁ ଥିଲି ଏ ସଂଜ୍ଞା ବାହାରେ
ସମର୍ପି ଦେଲି ସାମ୍ନାରେ ତାଙ୍କର
ଆଉ ସେମାନେ କେବେ ମୋ ଉପରେ ଉଇ ହୁଙ୍କା ପରି ଲାଗି ଚରିଗଲେ ଅବୟବ
ମୋ ତିଆରି ଅସ୍ତ୍ର ଯେବେ ମତେ ହାଣିଲା
ଚୋଟ ଯେ କେତେ ଗଭୀର ହେଲା ମୁଁ ଜାଣେ
ମୋ ହାତରେ ଗଢ଼ା ପରା, ମୁଁ ଜାଣିବିନି କେତେ କଷ୍ଟ ହେବ ??

ହଉ ହଉ ହାଣ, ଖିନଭିନ କରିଦିଅ ମତେ
ତମ ହୃଦୟ ହାଣି ନ ହେଉ
ଶୋଷି ପିଇ ନିଅ ମୋର କୋଣ ଅନୁକୋଣର ରକ୍ତ
ତମେ ଶୋଷିତ ନ ହୁଅ
ଝରାଇ ଝରାଇ ଶୁଖାଇ ଦିଅ ଆଖିର ଲୁହ
ଝରୁ ତମ ଆଖିରେ ଟିକେ ପ୍ରେମ
ନେଇଯାଅ ମୋର ତମାମ ଆୟୁଷ
ତା ବଦଳରେ ନିଗିଡି ପଡୁ ଟିକେ ପୀୟୂଷ
ଦିଅ ଦିଅ, ତମକୁ ଦରଦ ନ ହେଉ
ମତେ ଦିଅ ପଛେ ଏମିତି ଦରଜ।।

ଜିଲ୍ଲା :ବରଗଡ଼
୮୨୬୦୬୫୯୩୩୨

ISSN NO.
2582-208X

# ହଟୁଛି ଅନ୍ଧାର



ଜୟ କୁମାର ମିଶ୍ର

ହଟି ତୁଟି ଯାଏ, ଅନ୍ଧାର ରାଜନୀ
ସିନ୍ଧୁରା ଫାଟିବା ବେଳ,
ନବ ପ୍ରଭାତର, ଅରୁଣିମା କର
ସଜାଗେ ଗୋଟାଏ ବଳ ॥
ରାତି ପାଇ ଆସେ, ତମସାର ଶେଷେ
ଆସେ ନୁଆଁ ଦିନ ବାର,
ନାହିଁ ବେଶି ଦୂର, କୁକୁଟର ସ୍ୱର
ଶୁଭୁଅଛି ପରଖର ॥
ଅଜ୍ଞ, ମୂରୁଖଙ୍କ, କମୁଅଛି ଅଙ୍କ
ଶିକ୍ଷାଟି, ଚେତନା ଦିଏ,
ଗଣ ମାଧ୍ୟମଟି, ସଦା ଚେଇଁ ଉଠି
ବାସ୍ତବକୁ କହି ଯାଏ ॥
ପଲ୍ଲୀ, ପୁର ପରେ, ପ୍ରତି ଘରେ ଘରେ
ଶିକ୍ଷାର ଦୁଆର ଖୋଲା
ସଚେତନ ଦୀପ, ତାହାର ପ୍ରତାପ
ସାର୍ବଜନୀନଟି ହେଲା ॥
ଚେତନା ଦୀପାଳି, ତେଜ ହୋଇ ଜଳି
ଅନ୍ଧାର ହଟାଇ ନେବ,
ଅନ୍ଧକାର ଖେଳ, ହୋଇବ ଦୁର୍ବଳ

ISSN NO.
2582-208X

ଦୋଷୀ, ପାପୀ ଧରା ଦେବ ॥
ଭଣ୍ଡାଭଣ୍ଡି ନୀତି, ଅକୁତ୍ରିମ ପ୍ରୀତି
ଆଉକି ଚଳିବ ତାହା, ?
ନେତା ମୂଳେ ମୂଳେ, ଜନ ଡାଳେ ଡାଳେ
ପତରେ ପତରେ ରାହା ॥
ଝାଂଟିକା ମାରିବା, ବଣିକୁ ପୋଷିବା
ସରିଯିବ କାଳ ବେଳ,
କରି ନାରଖାର, କାଟିଦେବେ ଚେର,
ଭାଙ୍ଗି ଯିବ ବୃକ୍ଷ ବଳ ॥
ନେତା ପଶାପାଲି, କପଟର ଗୋଲି
ହୋଇବ ଅକାମୀ ଏବେ,
ଶକୁନି ମନ୍ତ୍ରଣା, ହୋଇଯିବ ବଣା
ହୋଉବେ ଜଳକା ସର୍ବେ ॥
ହକ ମାଗୁ ଥିଲେ, ରାଗରୋଷ ତୁଲେ
ହେବନି ଦମନ ଲୀଳା,
ଆକ୍ରୋଶ ଜାଲକୁ, ଚିଣ୍ଡାଇ ତାହାକୁ
ଖଞ୍ଜିଦେବେ ଭେରୁ କିଳା ॥
ଭାଙ୍ଗି କେ ଏକତା, ସରାଗ ମମତା
ଘର, ପରିବାର, ଗ୍ରାମେ,
ସହର ନଗର, ପଡା, ପଲ୍ଲୀ ପୁର
ଆଶାନ୍ତି ନିଇତି ଭ୍ରମେ ॥
ଆରକ୍ତ ବଦନ, ପଦକ୍ଷେପ ମାନ
ନିଷ୍ଠୁର ଆଚାର ବିଧି,
ଧଳା ହାତୀ ସହ, କୁକୁରଙ୍କ ସ୍ନେହ
ସମ୍ପର୍କ ଯିବଟି କାନ୍ଦି ॥
ସାରି ରାଜକୋଷ, ମଉଜ, ବିଳାସ
ମୁନାଫାଖୋରଙ୍କ ଗତି,

ISSN NO.
2582-208X

ହେବ ନିୟନ୍ତ୍ରଣ, ଗଡ଼ ହେବ ଚୁର୍ଣ୍ଣ
ଖୋଜିବ ନ୍ୟାୟ ଓ ନୀତି ॥
ଦୋଷ , ଦୋଷୀ ପାଇଁ, ଶାସ୍ତି ଖଞ୍ଜି ଦେଇ
ଟାଣିବ କଚେରୀ, ଯାଇ,
କିଏ ହେବ ବନ୍ଧା, କରାବାସେ ଛନ୍ଦା
କୃତକର୍ମ ଫଳ ପାଇଁ ॥
ହେଉ ବାହୁବଳୀ, ସୁରକ୍ଷା ଅର୍ଗଳୀ
କେହିତ ଯିବେନି ଖସି ,
ମହା ବଳିଆର, ଦୁର୍ଯୋଧନ ବୀର
କଂସାସୁର ଯିବେ ଫସି ॥
ନେତା ଠାରୁ ବଳି , ବଳିଆର ଭାଳି
କୁଜି, କାଣୀ ନେତା ଖେଳ ,
ଅସରପା ଠାରୁ , ଜନ୍ଦା ଓ ପିମ୍ପୁଡି
ହୋଇ ଯିବେ ଦୁରୁବଳ ॥
ଯୋଜନା ନାମରେ, ଘୋଟାଲା ଯେ କରେ
ଧରା ହେବେ ଦିନରାତି ,
ଗୁଇନ୍ଦାର ବାଘ , ଖୋଜି ଦିଗବାଗ
ଦେଖାଇ ଅସଲ ସ୍ଥିତି ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ସକ୍ଷମ



ଅମୃତନାରାୟଣ ଶତପଥୀ

ସକ୍ଷମ ଅକ୍ଷମ ଅଟଇ ଦୁଇଟି ମନର ଯେ ପୁଣି ଭାବ,
ଉଚ୍ଚମନା ସବୁ କାର୍ଯ୍ୟରେ ସକ୍ଷମ ନୀଚମନାର ଅଭାବ।(୧)
ଉଚ୍ଚମନା ସିଏ କ୍ଷମତାକୁ ନିଜ କରେ ପୂର୍ଣ୍ଣ ଉପଯୋଗ,
ବସି ରହେ ନାହିଁ ସଫଳତା ପାଇଁ ଖୋଜେନି କେବେ ସୁଯୋଗ।(୨)
କୁ ସମୟକୁ ସୁ ସମୟରେ ପରିଣତ ବିଧି ଜାଣି,
ଯେତେ ପ୍ରଶଂସିତ କାର୍ଯ୍ୟ କଲେ ପୁଣି ମାରେନି କେବେ ଫୁଟାଣି।(୩)
ଉଦ୍ୟମ ନିଜର ନିରନ୍ତର ପୁଣି କରିଥାଏ ଯେଉଁ ବ୍ୟକ୍ତି,
ଅକ୍ଷମତା କେବେ ପୁଣି ତା'ର ବନ୍ଧୁ କମାଏ ନାହିଁ ଶକ୍ତି।(୪)
ଅକ୍ଷମତା କୁ ସକ୍ଷମତାରେ ପରିଣତ କେବଳ ଯେ ଦୃଷ୍ଟିକୋଣ,
ସଂସାରରେ ତେଣୁ କାହାକୁ ଭାବନି ମୁଖ୍ୟ ଅବା ପୁଣି ଗୌଣ।(୫)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଚନ୍ଦ୍ରରୁ ଆସିଲା ମାଟି ନମୁନା! ଚାଙ୍ଗ, ଇ-୬ ର ସଫଳତା



ଅସିତ ମହାନ୍ତ

ଆମ ବ୍ରହ୍ମାଣ୍ଡରେ ଅନେକ ଗ୍ରହ, ସୂର୍ଯ୍ୟ ଏବଂ ସେଥିରୁ ସୃଷ୍ଟି ହୋଇଥିବା ସୌର ପ୍ରଣାଳୀ । କିନ୍ତୁ ସେହି ସମସ୍ତ ସୌର ମଣ୍ଡଳ ମଧ୍ୟରେ ଆମର ସୌର ପ୍ରଣାଳୀ ସବୁଠାରୁ ସ୍ୱତନ୍ତ୍ର । କାରଣ ଏହି ସୌର ପ୍ରଣାଳୀ ଏହିପରି କିଛି ଅଟେ! ଏହି ସୌର ପ୍ରଣାଳୀରେ ଚନ୍ଦ୍ର, ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ । ଯାହାକି ଅନ୍ୟ ସୌର ପ୍ରଣାଳୀରେ ଉପସ୍ଥିତ ଥିବା ଅନ୍ୟ ଚନ୍ଦ୍ର-ତାରାମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଭିନ୍ନ କାରଣ ଏଇଥିପାଇଁ, ସେମାନଙ୍କ ଉପରେ ଜୀବନର ଉତ୍ପତ୍ତି ଦେଖାଯାଇଛି । ଯେତେବେଳେ ବି ଆମେ ଚନ୍ଦ୍ର ବିଷୟରେ କଥାବାର୍ତ୍ତା କରୁ, ଆମ ମନକୁ ଏକ ଭିନ୍ନ ଖୁସି ଚିନ୍ତା ଆସିବା ଆରମ୍ଭ କରେ । କାରଣ ଏଗୁଡ଼ିକ ସମାନ ସ୍ୱର୍ଗୀୟ ପିଣ୍ଡ ଯାହା ବିଷୟରେ ଆମେ ପ୍ରଥମେ ଅନୁସନ୍ଧାନ ଆରମ୍ଭ କରିଥିଲୁ ।

ଆଜିର ମହାକାଶ ବିଜ୍ଞାନର ମୌଳିକ ଗଠନ ଚନ୍ଦ୍ରରେ କରାଯାଇଥିବା ପରୀକ୍ଷଣ ଉପରେ ଆଧାରିତ । ଚନ୍ଦ୍ର ବିନା ଆମେ ବ୍ରହ୍ମାଣ୍ଡରେ ଏପର୍ଯ୍ୟନ୍ତ ଅଗ୍ରଗତି କରିପାରି ନଥାନ୍ତୁ । ଚନ୍ଦ୍ର ହେତୁ ଆମେ ଏହି ସ୍ଥାନକୁ କିଛି ପରିମାଣରେ ଚିହ୍ନିବାରେ ସକ୍ଷମ ହୋଇଛୁ। କାରଣ ସ୍ପେସ୍ ଆମ ମଣିଷମାନଙ୍କ ପାଇଁ ଏକ ପଜଲ୍ ଠାରୁ କମ୍ ନୁହେଁ । ଏବଂ ବୋଧହୁଏ ଏହା ହେଉଛି ଏକ କାରଣ ଯେଉଁଥିରେ ଆମେ କ୍ରମାଗତ ଭାବରେ ଚନ୍ଦ୍ରରେ ମିଶନ କାର୍ଯ୍ୟ କରିବାରେ

ISSN NO.
2582-208X

ନିୟୋଜିତ ଅଟୁ । ଭାରତ, ଚୀନ୍ କିମ୍ବା ଆମେରିକା ହେଉ, ପ୍ରତ୍ୟେକ ଦେଶ ନିଜ ନିଜ ଉପାୟରେ ଚନ୍ଦ୍ର ଉପରେ ଅନେକ ପରୀକ୍ଷଣ କରିଛନ୍ତି ।

ଚନ୍ଦ୍ରରେ ବିଭିନ୍ନ ଦେଶରୁ କ୍ରମାଗତ ଭାବରେ ମିଶନ କାର୍ଯ୍ୟ ଚାଲିଛି । ଏବଂ ଏହି ମିଶନଗୁଡିକ ସହିତ ଆମ ପାଇଁ ଚନ୍ଦ୍ରର ମହତ୍ୱ ଆହୁରି ବୃଦ୍ଧି ପାଇଛି । କାରଣ ବୋଧହୁଏ ଆମ ପୃଥିବୀର ଅନେକ ଲୁକ୍କାୟିତ ରହସ୍ୟ କେବଳ ଚନ୍ଦ୍ର ମାଧ୍ୟମରେ ପ୍ରକାଶ କରାଯାଇପାରେ । ଚୀନ୍‌ର ମହାକାଶଯାନ "ଚାଙ୍ଗ -ଇ୬" ପୃଥିବୀକୁ ଫେରିଛି। ଏହା ହେଉଛି ଚାଇନାର ଏକ ବିକଶିତ ଚନ୍ଦ୍ର ମଡ୍ୟୁଲ୍ । ଏବଂ ଚାଇନାର ସମ୍ପୂର୍ଣ୍ଣ ଚନ୍ଦ୍ର ମିଶନ କାର୍ଯ୍ୟକ୍ରମ ଏହା ଉପରେ ନିର୍ଭର କରେ । କୁହାଯାଏ ଯେ ଏହି ଚନ୍ଦ୍ର ମଡ୍ୟୁଲ୍ ଚନ୍ଦ୍ରର ଦୂରରୁ (far side) ମାଟି ନମୁନା ସଂଗ୍ରହ କରିଛି । ତେଣୁ ଏହି ନମୁନାକୁ ଯଥେଷ୍ଟ ଐତିହାସିକ ବିବେଚନା କରାଯାଏ । ଅନେକ ବୈଜ୍ଞାନିକ ଏପରିକି କୁହନ୍ତି ଯେ, ଏହି ନମୁନା ମାଧ୍ୟମରେ ଆମେ ପୃଥିବୀର ଅନେକ ମୌଳିକ ରହସ୍ୟ ପ୍ରକାଶ କରିପାରିବା । ଏଥି ସହିତ ଚାଇନାକୁ ଆମେରିକା ସହ ସମାନ କରିବାରେ ଏହି ମିଶନ ମଧ୍ୟ ସାହାଯ୍ୟ କରିବ। କାରଣ ଆମେରିକା ପରେ କେବଳ ଚୀନ୍ ଚନ୍ଦ୍ରର ଦକ୍ଷିଣ ପୋଲରେ ଏହି ମିଶନ କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇଛି। ଚୀନ୍ ପୃଥିବୀର ପ୍ରଥମ ଦେଶ ହୋଇପାରିଛି ଯାହା ଚନ୍ଦ୍ରର ଦୂରରୁ ମାଟି ନମୁନା ସଂଗ୍ରହ କରି ପୃଥିବୀକୁ ଆଣିଛି। ଏହି ମିଶନ ଏହି ମାସର (ଜୁନ) ୨୫ ରେ ସମାପ୍ତ ହୋଇଥିଲା ଏବଂ ଏହା ପ୍ରକୃତରେ ଇତିହାସ ସୃଷ୍ଟି କରିଛି । କାରଣ ଏହି ପ୍ରକାରର ମିଶନ୍ ବହୁତ କ୍ୱଚିତ୍ ।

ଚାଇନାର ଚାଙ୍ଗ୍ ଇ -6 ଚନ୍ଦ୍ର ଅନୁସନ୍ଧାନ ସଫଳତାର ସହ ଜୁନ୍ ୨୫ ରେ ପୃଥିବୀକୁ ଫେରି ମୋଙ୍ଗୋଲିଆରେ ଅବତରଣ କଲା। ଚନ୍ଦ୍ର ଅନୁସନ୍ଧାନ ଏବଂ ଚୀନ୍‌ର ସ୍ପେସ୍ ପ୍ରୋଗ୍ରାମରେ ଏହା ଏକ ମହତ୍ୱପୂର୍ଣ୍ଣ ସଫଳତା ଚିହ୍ନିତ କରେ । ମେ '୩ ରେ ହାଇନାନରୁ ଚାଙ୍ଗ-ଇ- ମିଶନ ଆରମ୍ଭ କରାଯାଇଥିଲା। ଏହା ଚନ୍ଦ୍ରର ଦୂର ପାର୍ଶ୍ୱରୁ ନମୁନା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିଲା, ବିଶେଷ ଭାବରେ ଦକ୍ଷିଣ ପୋଲ-ଆଇଟକେନ୍ ବେସିନ ରେ ଥିବା ଆପୋଲୋ କ୍ରାଟରକୁ ଟାର୍ଗେଟ କରିଥିଲା। ଏହାର ଅନନ୍ୟ ଭୌଗୋଳିକ ବୈଶିଷ୍ଟ୍ୟ ହେତୁ ଦକ୍ଷିଣ

ISSN NO.
2582-208X

ପୋଲ ବେସିନ ବୈଜ୍ଞାନିକମାନଙ୍କ ପାଇଁ ବିଶେଷ ଆଗ୍ରହ ଅଟେ, ଯାହା ଚନ୍ଦ୍ରର ନିକଟବର୍ତ୍ତୀମାନଙ୍କଠାରୁ ଯଥେଷ୍ଟ ଭିନ୍ନ । ଏହି ଅନୁସନ୍ଧାନରେ ଡ୍ରିଲ୍ ଏବଂ ରୋବୋଟିକ୍ ବାହୁ ବ୍ୟବହାର କରି ପ୍ରାୟ ୨ କିଲୋଗ୍ରାମ ଚନ୍ଦ୍ର ମାଟି ଏବଂ ପଥର ସଂଗ୍ରହ କରାଯାଇଥିଲା। ଏହି ନମୁନାଗୁଡ଼ିକୁ ଏକ ରିଟର୍ନ ରକେଟ୍ ମାଧ୍ୟମରେ ପୃଥିବୀକୁ ପଠାଯାଇଥିଲା । ଏହି ନମୁନାଗୁଡ଼ିକ ଚନ୍ଦ୍ରର ଭୌଗୋଳିକ ଇତିହାସ ଏବଂ ଏହାର ନିକଟ ଏବଂ ଦୂର ପାର୍ଶ୍ୱ ମଧ୍ୟରେ ପାର୍ଥକ୍ୟ ବିଷୟରେ ମୂଲ୍ୟବାନ ଜ୍ଞାନ ପ୍ରଦାନ କରିବ ବୋଲି ଆଶା କରାଯାଏ । ଏହା ବୈଜ୍ଞାନିକମାନଙ୍କୁ ବିଲିୟନ ବର୍ଷ ପୂର୍ବେ ଚନ୍ଦ୍ର ଏବଂ ଅନ୍ୟାନ୍ୟ ଗ୍ରହର ଗଠନ ବୁଝିବାରେ ସାହାଯ୍ୟ କରିପାରିବ ।

ଏହି ମାଟିର ନମୁନା କାହିଁକି ଏତେ ସ୍ୱତନ୍ତ୍ର? ବର୍ତ୍ତମାନ ଏହି ପ୍ରଶ୍ନ ନିଶ୍ଚିତ ଭାବରେ ଲୋକଙ୍କ ମନରେ ଆସୁଛି ଯେ ଏହି ଚନ୍ଦ୍ର ମାଟିର ନମୁନା କାହିଁକି ଏତେ ସ୍ୱତନ୍ତ୍ର? କାରଣ ଏହି ମାଟି ନମୁନା ଚନ୍ଦ୍ରର ଫାର ସାଇଡରୁ ଆସିଛି । ଏବଂ ଚନ୍ଦ୍ରର ଦୂର ପାର୍ଶ୍ୱ ହେଉଛି ସେହି ସ୍ଥାନ ଯାହାକୁ ଆମେ ପୃଥିବୀରୁ କେବେବି ଦେଖିପାରୁ ନାହୁଁ । ତେବେ ଚୀନ୍‌ର ଏହି ଚନ୍ଦ୍ର ମିଶନ ସମ୍ପୂର୍ଣ୍ଣ ସଫଳ ହୋଇଛି। ଏବଂ ଚୀନ୍ ଏଥିରେ ବହୁତ ଖୁସି। କୁହାଯାଏ ଯେ ଏହି ମହାକାଶଯାନ ପୃଥିବୀରୁ ଚନ୍ଦ୍ରରେ ପହଞ୍ଚିବାକୁ ପ୍ରାୟ ଏକ ମାସ ସମୟ ନେଇଥିଲା। କିନ୍ତୁ ଯେତେବେଳେ ଏହା ଏହାର ରୋଭରକୁ ଚନ୍ଦ୍ରର ଦୂର ପାର୍ଶ୍ୱରେ ଅବତରଣ କଲା, ସେତେବେଳେ ଚାଇନାର ବୈଜ୍ଞାନିକମାନଙ୍କ ମୁହଁରେ ଏକ ଭିନ୍ନ ଖୁସି ଦେଖାଗଲା । ଖବର ଅନୁଯାୟୀ, ଏହି ଯାନର ରୋଭର ଚନ୍ଦ୍ରର ମାଟି ନମୁନା ସଂଗ୍ରହ କରି ଚନ୍ଦ୍ରର ଦୂର ପାର୍ଶ୍ୱରେ ଥିବା ଏକ ବଡ କ୍ରାଟରରୁ ଡ୍ରିଲ ମାଧ୍ୟମରେ ସଂଗ୍ରହ କରିଛି। କିନ୍ତୁ ଏଠାରେ କିଛି ବିଶେଷ ଅଛି । ବିଶେଷ କଥା ହେଉଛି ଏହି ମିଶନ ସମ୍ପୂର୍ଣ୍ଣ ରୂପେ ରୋବଟ ମାଧ୍ୟମରେ କରାଯାଇଥିଲା । ଚନ୍ଦ୍ରରେ ଅବତରଣ କରିବା ଠାରୁ ସେଠାରୁ ମାଟିର ନମୁନା ଫେରାଇବା ପର୍ଯ୍ୟନ୍ତ, ରୋବଟ୍ ସବୁକିଛି ବହୁତ ଭଲ ପ୍ରଦର୍ଶନ କରିଛି । ଆମକୁ ଏଠାରେ ଚାଇନାକୁ ମଧ୍ୟ ପ୍ରଶଂସା କରିବାକୁ ପଡିବ ଯେ ଏହି ଦେଶ ମହାକାଶ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବିସ୍ତାର କରୁଛି, ଯେଉଁଠାରେ ଆମେରିକା ପୂର୍ବରୁ ଥିଲା।

ISSN NO.
2582-208X

ମିଶନ୍ ଗୁପ୍ତ ଭାବରେ ସମ୍ପନ୍ନ ହେଲା! ପ୍ରାୟତଃ, ଯେକୌଣସି ସ୍ପେସ୍ ମିଶନ୍ କାର୍ଯ୍ୟକାରୀ ହେବା ପୂର୍ବରୁ, ଏହା ସମଗ୍ର ବିଶ୍ୱରେ ଆଲୋଚନା କରାଯାଇଥାଏ । ଏହି ମିଶନ କାର୍ଯ୍ୟ କରୁଥିବା ଦେଶ ମାଧ୍ୟମରେ ସ୍ପେସ୍ ମିଶନର ସବିଶେଷ ତଥ୍ୟ ଦେଶ ଭିତରେ ଏବଂ ବାହାରେ ଦିଆଯାଏ । ଯାହାଫଳରେ ଦେଶର ନାଗରିକମାନେ ସେହି ମହାକାଶ ମିଶନ ବିଷୟରେ ଅବଗତ ରହିପାରିବେ । କିନ୍ତୁ ଚୀନ୍‌ର ଏହି ଚନ୍ଦ୍ର ମିଶନ ଅତ୍ୟନ୍ତ ଗୁପ୍ତ ଥିଲା। କାରଣ ଦୁନିଆରେ ଏହା ବିଷୟରେ ଅଧିକ ଆଲୋଚନା ହୋଇନଥିଲା । ଚୀନ୍ ଏହି ମିଶନକୁ ଅତି ଗୁପ୍ତରେ କାର୍ଯ୍ୟକାରୀ କରିଛି। ମିଶନ ଆରମ୍ଭ ହେବା ପୂର୍ବରୁ ଚୀନ୍ କେବଳ ମିଶନର କାର୍ଯ୍ୟସୂଚୀ ବିଷୟରେ କହିଥିଲା। ମିଶନ ଭିତରେ ପଠାଯିବାକୁ ଥିବା ପେଡ୍ ଲୋଡ୍ ବିଷୟରେ ସେ କିଛି କହି ନାହାଁନ୍ତି । ଖବର ଅନୁଯାୟୀ, ଏହି ମିଶନରେ ବ୍ୟବହୃତ ରୋଭର ବିଷୟରେ ବିଶ୍ୱରେ କୌଣସି ସୂଚନା ନଥିଲା। ଏହି ଘଟଣା ବିଷୟରେ ଚୀନ୍ ସମଗ୍ର ବିଶ୍ୱକୁ ଅବଗତ କରିନଥିଲା। ଯଦିଓ ଆମେ ମିଶନ୍ ର ସମ୍ପୂର୍ଣ୍ଣ ବିବରଣୀ କାହିଁକି ବିଶ୍ୱ ରୁ ଲୁଚାଇ ରଖିଛୁ ସେ ବିଷୟରେ ଆମେ ଚୀନ୍ ଠାରୁ କୌଣସି ସୂଚନା ପାଇନାହୁଁ। ଏଠାରେ ଗୋଟିଏ ବିଶେଷ କଥା ହେଉଛି, ଯେତେବେଳେ ଚାଇନାର ସ୍ପେସ୍ ଏଜେନ୍ସି ଏହି ମିଶନ୍ ସହିତ ଜଡିତ ଚିତ୍ରଗୁଡ଼ିକୁ ବିଶ୍ୱ ସହିତ ଅଂଶୀଦାର କଲା । ତା' ପରେ ଆମେ ମିଶନରେ ବ୍ୟବହୃତ ରୋଭର ବିଷୟରେ ଜାଣିବାକୁ ପାଇଲୁ ।ଚନ୍ଦ୍ରର ବିଷୟ କିଛି ଅଲଗା ଅଟେ । କାରଣ ଏହା ଉପରେ ପ୍ରତ୍ୟେକ ମିଶନ ନିଶ୍ଚିତ ଭାବରେ ଆମକୁ କିଛି କହିଛି । ମନୁଷ୍ୟର ମହାକାଶର ଅନୁସନ୍ଧାନ ଏହି ଚନ୍ଦ୍ରରୁ ଆରମ୍ଭ ହୋଇଥିଲା ଏବଂ କିଏ ଜାଣେ, ଏହା ଭବିଷ୍ୟତରେ ଏହି ଚନ୍ଦ୍ରରେ ଶେଷ ହୋଇପାରେ । ଗୋଟିଏ କଥା ହେଉଛି, ଚୀନ୍ ପରି ବିକଶିତ ଦେଶମାନେ ଚନ୍ଦ୍ରରେ ମିଶନ ଯେପରି ଭାବେ କରୁଛନ୍ତି; ଏହାକୁ ଦେଖିଲେ ଭୁଲ୍ ହେବ ନାହିଁ ଯେ ବୋଧହୁଏ କିଛି ସମୟ ମଧ୍ୟରେ ଆମେ ଚନ୍ଦ୍ରରେ ବଞ୍ଚିବା ଆରମ୍ଭ କରିପାରିବା । ତଥାପି, ପୃଥିବୀରେ, ଚନ୍ଦ୍ର ମୃତ୍ତିକାର ନମୁନାକୁ ଅତି ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରାଯିବ । ଏହା ମାଧ୍ୟମରେ ଉଭୟ ଚନ୍ଦ୍ର ଏବଂ ପୃଥିବୀର ବିବର୍ତ୍ତନ ବିଷୟରେ ଅନେକ ତଥ୍ୟ ସଂଗ୍ରହ କରାଯାଇପାରିବ । ଏହି ମୃତ୍ତିକାର ନମୁନା ସହିତ, ଆମେ ଚନ୍ଦ୍ର ଏବଂ ପୃଥିବୀର କୃତ୍ରିମ ଗଠନକୁ ଏକ ଭଲ ଉପାୟରେ ଡିକୋଡ୍ କରିପାରିବା ।

ISSN NO.
2582-208X

ଯେଉଁଥିପାଇଁ ଆମେ ପୃଥିବୀର ଉତ୍ପତ୍ତି ବିଷୟରେ ଅଧିକ ଠୋସ୍ ପ୍ରମାଣ ପାଇପାରିବା । ଆଜି ବି ପୃଥିବୀର ଉତ୍ପତ୍ତି ବିଷୟରେ ଅନେକ ବିବାଦ ଦେଖାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଗୋଟିଏ ବିଷୟ ହେଉଛି, ମୃତ୍ତିକାର ନମୁନା ମାଧ୍ୟମରେ, ଆମେ ଚନ୍ଦ୍ରରେ ମେଟେରାଇଟ୍ ଧକ୍କା ବିଷୟରେ ମଧ୍ୟ ଅନେକ କିଛି ଜାଣିବା । ଏହା ସହିତ, ପୃଥିବୀ ପ୍ରାରମ୍ଭ ବିଷୟରେ ମଧ୍ୟ ଅନେକ କିଛି ଜଣା ପଡିବ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ଭଲ ଲୋକ



ଯଜ୍ଞଦତ୍ତ ସାମନ୍ତରାୟ

ଭଲ ଚରିତ୍ର
ଭଲ ଲକ୍ଷ୍ୟ
ଆଉ
ଭଲ
ବିଚାର ନେଇ
କାମ କରୁଥିବା ଲୋକଙ୍କୁ
ସର୍ବଦା ମନେ ପକାଯାଇଥାଏ
ମନରେ
ଶବ୍ଦରେ
ଏମିତିକି ଜୀବନରେ ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୪୯୨

ISSN NO.
2582-208X

# ନଈ ଚାହେଁ ...



ହାସ୍ୟମୟୀ ରାଜ୍

କେତେ କେତେ
ବିଲ ବଣ ହରିତ ପ୍ରାନ୍ତର
ଗିରି ଅବା କାନନର
ବନ୍ଧୁରତା ସହ
ବନ୍ଧୁ ବାନ୍ଧି ଆସିଛି ମୁଁ
କଳ କଳ ନାଦ କରି
ଛଳ ଛଳ ହୃଦୟରେ
ଛୁଇଁଛି ତୁମ ବେଳାଭୂଇଁ
ଖାସ୍ ତୁମକୁ ଭେଟିବା ପାଇଁ
ଖାଲି ଭେଟିବାକୁ ନୁହେଁ
ମୁଣ୍ଡ ରଖି ନିଶ୍ଚିନ୍ତ ନିଦ୍ରାରେ
ଶୋଇଯିବି ତୁମରି କୋଳରେ
ହଜିଯିବି ସ୍ୱପ୍ନରେ ସ୍ୱପ୍ନରେ ..

ଅନେକ ଆବିଳତାର ଗରଳକୁ
ପିଇ ଚାଲିଛି ଅନାୟାସରେ
ସବୁକୁ ସହିଛି

ISSN NO.
2582-208X

ତଥାପି ମୋ ଚାଲିବାର ଶେଷ କାହିଁ !!
ଧାଉଁଛି ମୁଁ ଅବିରତ
କେବଳ ଗୋଟିଏ ଲକ୍ଷରେ
ବାନ୍ଧିହେବା ପାଇଁ
ତୁମ ବାହୁ ବନ୍ଧନରେ...

ହେ ସାଗର !
ଜୀବନର ପ୍ରିୟତମ
ତୁମଠୁ ନିଜର ମୋର ଆଉ କିଏ !!
ଜାଣେ ତୁମେ ହିଁ ଆଉଜେଇ ନେବ
ମୋ ଅବ୍ୟକ୍ତ ବେଦନାକୁ ବୁଝିପାରିବ
ସ୍ଥାନ ଦେବ ତୁମ ବିଶାଳ ଛାତିରେ ..
ଆମ ସଂପର୍କର ଗଭୀରତା
ନଜାଣେ କିଏ !!
ତୁମର ଲବଣତା ଭିତରେ ତ
ଲୁଚିଛି
ମୋ ଜୀବନର ମୁକ୍ତିପଥ
ସେଥିପାଇଁ ତ ଭୁଲିବାକୁ ଚାହେଁ
ମୋର ଯେତେ ତିକ୍ତ ମଧୁର ଅତୀତ
ଗାଇବାକୁ ଚାହେଁ ମୁକ୍ତିର ସଂଗୀତ ....

ଓସ୍ତାଳ, ହାଟଡିହି, କେନ୍ଦୁଝର

ISSN NO.
2582-208X

# ଅସୁରକ୍ଷିତା



ହିମାଂଶୁ ଶେଖର ପ୍ରଧାନ

ଦେଇଥିଲ ତୁମେ କାହାକୁ ହୃଦୟ
ହେଲା କିଏ ତୁମ ବର
ଝରାଉଛ ତୁମେ ଲୁହର ଝରଣା
ପିଉଛ ନିତି ଜହର ।
ଖୋଲିଦିଅ ତୁମେ ଦେହରୁ ବସନ
ଇଚ୍ଛା ନ ଥାଇ ବି ରତି
ମନ ନ ଥାଇ ବି ବଳାତ୍କାର ହୁଅ
କାଟୁଛ ପାପର ରାତି ।
ଯାହାକୁ ଭାବିଲ ଆତ୍ମୀୟ ବୋଲି
ଠେଲିଦେଲେ ନରକକୁ
ମନର ମାନସ ପର ହୋଇଗଲା
ଚିହ୍ନିଲେନି ହୃଦୟକୁ ।
ଲୋଡ଼ା ଖାଲି ଧନ, ମାନ, ସନମାନ
ଫିକା ପଡ଼ିଯାଏ ପ୍ରେମ
ବିକ୍ରି ହୁଅ ତୁମେ ଦେହ ବଜାରରେ
ସତେ କି ବେଶ୍ୟା ସମ ।

ISSN NO.
2582-208X

ରୁକ୍ମି ଭଳି ଭାଇ ପ୍ରତି ଘରେ ଆଜି
ବୁଝନ୍ତିନି କାହା ମନ
ସ୍ୱାର୍ଥ୍ୟର ଯଜ୍ଞରେ ବଳିପଡ଼େ ଭଗ୍ନୀ
ଶାଶୂଘରେ ହୀନିମାନ
କିଏ ସେ କହୁଛି ଜନନୀ, ଭଗିନୀ
ପାଇଛନ୍ତି ସ୍ୱତନ୍ତ୍ରତା
ଯାତନା, ଶୋଷଣ ପ୍ରତି ଘରେ ଘରେ
କରୁଛନ୍ତି ଆତ୍ମହତ୍ୟା
ପରାଧୀନ ଆଜି ଲକ୍ଷ୍ମୀ, ସରସ୍ୱତୀ
କରନ୍ତି ଅଶ୍ରୁପାତ
ଆପଣା ବାସେ ବନ୍ଦିନୀ ନାରୀ
ହେଉଛି ନିର୍ଯାତିତ ।
ପଡ଼ିଛି ହାତରେ ଅନ୍ଧବିଶ୍ୱାସ ଓ
ମିଛ ସମ୍ପର୍କର ବେଡ଼ି
ପୁରୁଷ ଇଚ୍ଛାର ଖେଳଣା ସାଜିଛି
ଆପଣା ସ୍ୱାର୍ଥକୁ ଫେଡ଼ି ।
ଜଳିବ ଦିନେ ବିପ୍ଳବ ନିଆଁ
ଉଇଁବେ ଦଶଭୁଜା
ଅହଂକାରୀର ନିଧନ ହେବ
ଉଡ଼ିବ ଧର୍ମଧ୍ୱଜା ।
ଲୋଡ଼ାନାହିଁ ତା'ର ରେଶମ ପାଟ
ନାମଦାମୀ ଅଳଙ୍କାର
ଫେରାଇ ଦିଅ ତା' ହୃଦୟ ସାଥୀକୁ
ସୁଖୀ ରହୁ ନିରନ୍ତର ।

ISSN NO.
2582-208X

ନାରୀ ନୁହେଁ ଭୋଗ୍ୟା, ଜୀବନ୍ତ କଣ୍ଢେଇ
ସାକ୍ଷାତ ଜଗତ ମାତା
ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗା, ପାର୍ବତୀ
ପୁଣି ସେ ମୁକତିଦାତା ।
ପ୍ରତି ଘରେ ହେଉ ତାଙ୍କ ପୂଜାର୍ଚ୍ଚନା
ଗୃହ ହେବ ଦେବାଳୟ
ସକଳ ଦେବତା ଆଶିଷ ଢାଳିବେ
ଧରା ହେବ ସୁଖମୟ ।

ଉତ୍ତମନଗର, ବାଲୁଗାଁ, ଖୋର୍ଦ୍ଧା
ମୋ:୭୯୭୮୪୪୫୮୨୫

ISSN NO.
2582-208X

# ନବ ନାଟ୍ୟଧାରା ଓ ନାଟ୍ୟକାର ମନୋରଂଜନ



ଲକ୍ଷ୍ମୀକାନ୍ତ ବଳ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଉଭୟ ଆଙ୍ଗିକ ଓ ଆତ୍ମିକରେ ପରିବର୍ତ୍ତନ ଘଟିଛି। ୧୯୫୦ ପରେ ଓଡ଼ିଆ ନାଟ୍ୟଜଗତରେ ଏହି ପରିବର୍ତ୍ତନର ସ୍ୱର ଶୁଣିବାକୁ ମିଳିଛି। ଏସବୁ ପରିବର୍ତ୍ତନ ପଛରେ ରହିଛି ଅନେକ ଘଟଣା । ପ୍ରଥମଥର ପାଇଁ ମାନବ ସଭ୍ୟତା ବିଶ୍ୱଯୁଦ୍ଧର ସମ୍ମୁଖୀନ ହୋଇଛି ତା' ସାଙ୍ଗକୁ ଶିଳ୍ପବିପ୍ଳବ, ଯୁଦ୍ଧ ପରବର୍ତ୍ତୀ ପୃଥିବୀର ଦୂରାବସ୍ଥା । ବିଶେଷକରି ଫ୍ରଏଡ଼ ଓମାର୍କ୍ସଙ୍କଚିନ୍ତାଧାରା ଜୀବନର ସଂଜ୍ଞାକୁ ବଦଳେଇ ଦେଇଛି । ଯେଉଁଠି କୌଣସି ନିଶ୍ଚିତତା ନାହିଁ, ଜୀବନରେ ସ୍ଥିରତା ନାହିଁ, ସବୁ ଅର୍ଥହୀନ, ରଙ୍ଗହୀନ, ଯେଉଁଠି ଚିରାଚରିତ ପ୍ରଥା ଓ ପରମ୍ପରାକୁ ନେଇ ଜୀବନ ବଞ୍ଚିବା ଅସମ୍ଭବ ହୋଇଛି । ଯୁଦ୍ଧ ପରବର୍ତ୍ତୀ ମଣିଷ ମୃତ୍ୟୁ ଓ ସମୟ ସଚେତନ ହୋଇଛି । ସ୍ୱଳ୍ପସମୟ ମଧ୍ୟରେ ଜୀବନକୁ ଜିଇଁବାର ପ୍ରୟାସ କରିଛି । ଯାହାର ପରିଣତି ସ୍ୱରୂପ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ପାରମ୍ପରିକତା ଅପେକ୍ଷା ନୂତନ ପ୍ରବଣତା, କଳ୍ପନା ଅପେକ୍ଷା ଅନୁଭୂତି ପ୍ରବଣତା ଓ ଆଦର୍ଶ ଅପେକ୍ଷା ବାସ୍ତବତା ଆତ୍ମପ୍ରକାଶ କରିଛି । ଏହି କାଳଖଣ୍ଡର ନୈରାଶ୍ୟବାଦର ଯେଉଁ ଅନୁଭୂତି ପ୍ରାଣକୁ ଉଦ୍‌ବେଳିତ କରିଛି ତାହା ସାର୍ବଦେଶିକ ଓ ସାର୍ବକାଳୀକ । ଏହି ପରିବର୍ତ୍ତନ କେବଳ ଓଡ଼ିଶା କିମ୍ବା ଭାରତରେ ନୁହେଁ ସାରା ପୃଥିବୀରେ ଏହାର ପଦଧ୍ୱନି ଶୁଣିବାକୁ ମିଳିଛି । ଯାହା 'New Theatre Movement' ବା ନୂତନ ଚିନ୍ତାଧାରାର ନାଟକ ବା ନବନାଟ୍ୟଧାରା ଭାବରେ ପରିଚିତ ହୋଇଛି । ନାଟକରେ ଅନେକ

ISSN NO.
2582-208X

ପରୀକ୍ଷାନିରୀକ୍ଷା ହୋଇଛି ଏବଂ ସୃଷ୍ଟି ହୋଇଛି ସ୍ୱଭାବବାଦୀ, ଅଭିବ୍ୟକ୍ତିବାଦୀ, ପ୍ରତୀକବାଦୀ ତଥା ଉଦ୍ଭଟ ନାଟକ । ୧୯୫୦ ମସିହା ପରେ ଓଡ଼ିଆ ନାଟ୍ୟଜଗତରେ ନବନାଟ୍ୟ ଆନ୍ଦୋଳନର ସ୍ୱର ଶୁଣିବାକୁ ମିଳିଛି ଓ ୧୯୬୦ ମସିହା ପରେ ଏହାର ବିକାଶ ଘଟିଛି । ଯୁଦ୍ଧ ପରବର୍ତ୍ତୀ ମଣିଷର ଅସହାୟତା, ଯନ୍ତ୍ରଣା, ନୈରାଶ୍ୟବୋଧ, ଅନିଶ୍ଚିତତଥା ଉଦ୍ଦେଶ୍ୟହୀନ ମାନବର ସ୍ଥିତିକୁ ଆଧାର କରି ଜନ୍ମ ନେଇଛି ନବନାଟ୍ୟ ଚିନ୍ତାଧାରା ।

ଓଡ଼ିଆ ନାଟ୍ୟଜଗତରେ ନବନାଟ୍ୟ ଚିନ୍ତାଧାରାର ଅଗ୍ରସୂରୀ ହେଉଛନ୍ତି ମନୋରଞ୍ଜନ ଦାସ। ନାଟ୍ୟକାର ମନୋରଞ୍ଜନ ଦାସଙ୍କ ନାଟ୍ୟକାର ଜୀବନକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଭାଗରେ ତାଙ୍କର ପରମ୍ପରା ପ୍ରତି ଆନୁଗତ୍ୟ ବେଶ ସ୍ପଷ୍ଟ ଅନୁଭୂତ ହୁଏ ଏବଂ ତାଙ୍କର ନାଟ୍ୟକାର ଜୀବନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୁଏ ଆଗାମୀ ନାଟକଠାରୁ । ପ୍ରଥମଥର ପାଇଁ ବିଷୟରେ ଅଭିନବତା, ସାମାଜିକ ତଥା ରାଜନୈତିକ ଚେତନା, ଚାରିତ୍ରିକ ବିଶ୍ଳେଷଣରେ ଗଭୀର ମନସ୍ତତ୍ତ୍ୱ ଅଙ୍କ ଦୃଶ୍ୟ ବିଭାଗରେ ନୂତନତା ଆଗାମୀ ନାଟକକୁ ଓଡ଼ିଆନବନାଟ୍ୟ ପର୍ଯ୍ୟାୟର ପୁରୋଭାଗରେ ସ୍ଥାପନ କରିଛି । ୧୯୫୦ ପରେ ନାଟ୍ୟକାର ରଚନା କରିଛନ୍ତି 'ଅମୃତସ୍ୟ ପୁତ୍ର', 'ଅରଣ୍ୟ ଫସଲ', 'କାଠଘୋଡ଼ା', 'ଶବ୍ଦଲିପି', 'ବନହଂସୀ', 'କ୍ଳାନ୍ତ ପ୍ରଜାପତି', 'ବିତର୍କିତ ଅପରାହ୍ନ" ଆଦି ନାଟକ । ସ୍ୱାଧୀନତୋତ୍ତର ଭାରତୀୟ ନାଟ୍ୟଜଗତରେ ବିଶିଷ୍ଟ ନାଟ୍ୟକାରମାନେ ପାଶ୍ଚାତ୍ୟ ନାଟ୍ୟଶୈଳୀ ଦ୍ୱାରା ପ୍ରଭାବିତ ହୋଇ ଯେଉଁ ବିଦେଶୀୟ କାହାଣୀ, ଚରିତ୍ର ଓ ପରିବେଶକୁ ଅତି ଚମକପ୍ରଦ ଭାବରେ ଉପସ୍ଥାପନ କରିଛନ୍ତିସେହି ଭାବ ମନୋରଞ୍ଜନଙ୍କ ଆଗାମୀଠାରୁ ବିତର୍କିତ ଅପରାହ୍ନ ପର୍ଯ୍ୟନ୍ତ ନାଟକରେ ଦେଖିବାକୁ ମିଳେ । ଓଡ଼ିଆ ନାଟକ ଜଗତରେ ଉଦ୍ଭଟମୂଳକ ନାଟକ ରଚନା କରିବାର ପ୍ରୟାସ ସେ କରିଛନ୍ତି । ପାଶ୍ଚାତ୍ୟ ସାହିତ୍ୟ ଅନୁସାରେ ଯାହା ପରମ୍ପରାଠାରୁ ସ୍ୱତନ୍ତ୍ର, ବେସୁରା, ଅସଂଗତ ଏବଂ ହାସ୍ୟାସ୍ପଦ ତାହାହିଁ ଆବସର୍ଡ଼ ବା ଉଦ୍ଭଟ । ନାଟ୍ୟକାର ମନୋରଞ୍ଜନଙ୍କ ମତରେ ଯାହା ପ୍ରଚଳିତ ମୂଲ୍ୟବୋଧର ବିପକ୍ଷରେ, ସଂଗୀତହୀନ ସଂଳାପରେ ମଣିଷ ଜୀବନର ବ୍ୟର୍ଥତାର ପ୍ରଚାର କରେ ତାହାହିଁ ଉଦ୍ଭଟତା । ନବନାଟ୍ୟଧାରାରେ ନାଟ୍ୟକାର ମନୋରଞ୍ଜନ ଅନେକ ନୂତନତାର ପ୍ରୟୋଗ

ISSN NO.
2582-208X

ଓଡ଼ିଆ ନାଟକରେ କରିଛନ୍ତି । ତାଙ୍କର ଦ୍ୱିତୀୟ ପର୍ଯ୍ୟାୟର ନାଟକରେ ପ୍ରତୀକାତ୍ମକତାର ବୌଦ୍ଧିକ ବ୍ୟବହାର, ଚରିତ୍ର କ୍ଷେତ୍ରରେ ହେରେଡିଟି ବା ବଂଶଗତ ବୈଶିଷ୍ଟ୍ୟର ପ୍ରଭାବ, ଚେତନ, ଅବଚେତନ ପରି ମନଗହନର ବିଭିନ୍ନ ସ୍ତରକୁ ତନ୍ନତନ୍ନ କରି ଦେଖିବା ଓ ବାହ୍ୟ ଖୋଳପା ତଳେ ମନର ନିବୃତ୍ତ କୋଣରେ ଲୁଚିରହିଥିବା ଜାଙ୍ଗଳିକ ଅବଦମିତ ଯୌନ ଚେତନାକୁ ସେ ପ୍ରକାଶ କରିଛନ୍ତି ।

ପ୍ରତୀକାତ୍ମକତାର ବୌଦ୍ଧିକ ପ୍ରୟୋଗ ତାଙ୍କର ଅନେକ ନାଟକରେ ଦେଖିବାକୁ ମିଳେ, ଯେପରି 'ଅରଣ୍ୟ ଫସଲ ନାଟକର ଛେଳି, 'ବନହଂସୀ' ନାଟକର କଣ୍ଠାବିହୀନ ଘଣ୍ଟା, କୃଷ୍ଣଚୂଡ଼ା ଗଛ, 'କାଠଘୋଡ଼ା' ନାଟକରେ କାଠଘୋଡ଼ା । ପରମ୍ପରା ଓ ଆଧୁନିକତାର ଏକ ଅପୂର୍ବ ସମନ୍ୱୟ ଘଟିଛି ତାଙ୍କ 'ଅମୃତସ୍ୟ ପୁତ୍ର ଓ ' କାଠଘୋଡ଼ା' ନାଟକରେ । ଆଧୁନିକ ମଣିଷର ବ୍ୟକ୍ତିଗତ ଅସ୍ତିତ୍ୱକୁ ଆଧାର କରି ରଚିତ ହୋଇଛି 'ଅରଣ୍ୟ ଫସର', 'ଶବ୍ଦଲିପି', 'ବିତର୍କିତ ଅପରାହ୍ନ' ।

ଚରିତ୍ରମାନଙ୍କ ମଧ୍ୟରେ ହେରେଡିଟି ବା ବଂଶଗତ ବୈଶିଷ୍ଟ୍ୟ ତାଙ୍କ ଆବିଷ୍କାର, ସ୍ରୋତ, ବନହଂସୀ, ଅମୃତସ୍ୟ ପୁତ୍ର ପ୍ରଭୃତି ବହୁ ନାଟକରେ ଦେଖିବାକୁ ମିଳିଛି । ପାରମ୍ପାରିକ ଶୈଳୀକୁ ପରିହାର କରି ତତ୍କାଳୀନ ସମାଜର ରାଜନୈତିକ ଚେତନା, ଶ୍ରେଣୀ ଚେତନା ଦେଖାଇବା ସହିତ ଚରିତ୍ରମାନଙ୍କର ଗଭୀର ମନସ୍ତାତ୍ତ୍ୱିକ ବିଶ୍ଲେଷଣ ଆଗାମୀ ନାଟକକୁ ଓଡ଼ିଆ ନାଟ୍ୟସାହିତ୍ୟରେ ଅତ୍ୟନ୍ତ ଅଭିନ୍ନ କରି ଗଢ଼ିତୋଳିଛି ।

'ଅରଣ୍ୟ ଫସଲ ନାଟକରେ ମଣିଷ ଭିତରେ ଲୁଚିରହିଥିବା ଏକ ଜନ୍ତୁ ପ୍ରବୃତ୍ତିକୁ ସୂଚାଇବା ସହିତ ଫ୍ରଏଡୀୟ ମନସ୍ତତ୍ତ୍ୱର ସୁପର ଇଗୋ ଓ ଲିବିଡୋର ଉଲ୍ଲେଖ ରହିଛି । ଆଧୁନିକ ଅସହାୟ ମଣିଷର ନିରୂପାୟତା ଏବଂ ଅରଣା ମନର ଅଶ୍ଳୀଳତା, ଅନେକ ପ୍ରାପ୍ତିର ଆଶା ଓ ଅପ୍ରାପ୍ତିର ହତାଶା ଉକ୍ତ ନାଟକର ପ୍ରତିପାଦ୍ୟ ବିଷୟ ।

ISSN NO.
2582-208X

ଯୁଦ୍ଧୋତ୍ତର ପୃଥିବୀର ଦୂରାବସ୍ଥାକୁ ଯେ କେବଳ ପାଶ୍ଚାତ୍ୟ ନାଟ୍ୟକାରମାନେ ଅନୁଭବ କରିଛନ୍ତି ତାହାନୁହେଁ, ଓଡ଼ିଆ ତଥା ଭାରତୀୟ ନାଟ୍ୟକାରମାନଙ୍କର ଏହି ଅନୁଭୂତି ନିଜସ୍ୱ । ନିଜେ ନାଟ୍ୟକାର ମନୋରଞ୍ଜନ ଯୁଦ୍ଧୋତ୍ତର କାଳର । ଏହି କାଳଖଣ୍ଡରେ ମହାନଗରବୋଧ ମଣିଷକୁ ସ୍ୱାର୍ଥପର କରିଦେଇଛି । ଅନେକ ମଣିଷନୈରାଶ୍ୟବୋଧ ଓ ଏକାକୀତ୍ୱ ଜୀବନବୋଧକୁ ପିଠିରେ ବୋହି ଚାଲିଛନ୍ତି । ଭିଡ଼ରେ ଥାଇ ମଧ୍ୟ ସେ ନିଜକୁ ଏକୁଟିଆ ମନେ କରୁଛି । ଏହି ଯୁଗଯନ୍ତ୍ରଣାରେ ଛଟପଟ ହେଉଥିବା ମଣିଷର ଦ୍ୱନ୍ଦ୍ୱ କେବଳ ବହିର୍ମୁଖୀ ହୋଇରହିନାହିଁ ତାହା ଅନ୍ତର୍ମୁଖୀ ହୋଇଛି, ଆଉ ଏସବୁକୁ ପାରମ୍ପରିକ ନାଟକ ମଧ୍ୟରେ ଦେଖାଇବା ନାଟ୍ୟକାର ପକ୍ଷରେସମ୍ଭବ ହୋଇନାହିଁ । ଯେଉଁଥିପାଇଁ ମନୋରଞ୍ଜନଙ୍କ ପରି ନୂତନ ଚିନ୍ତାଧାରାର ନାଟ୍ୟକାରମାନେ ଏହିସବୁ ନୂତନ ଅନୁଭୂତିକୁ ନାଟ୍ୟରୂପ ଦେବାପାଇଁ ସୌଖିନ ନାଟ୍ୟସଂସ୍ଥାକୁ ଲୋଡ଼ିଛନ୍ତି । ଆରମ୍ଭ ହୋଇଛି ଓଡ଼ିଆ ନାଟକରେ ଅନେକ ପରୀକ୍ଷା, ନିରୀକ୍ଷା ଓ ସୂତ୍ରପାତ ଘଟିଛି ନବନାଟ୍ୟ ଧାରାର । ଏ କ୍ଷେତ୍ରରେ ମନୋରଞ୍ଜନ ହେଉଛନ୍ତି ଅଗ୍ରଣୀ । ପାଶ୍ଚାତ୍ୟର ଇବସନ, ସ, ବେକେଟ, ଆୟେନେସ୍କୋ, ମିଲାର ପ୍ରମୁଖ ନାଟ୍ୟକାରବୃନ୍ଦ ଯୁଦ୍ଧୋତ୍ତର ପୃଥିବୀର ଯେଉଁ ଯନ୍ତ୍ରଣାୟିତ ରୂପ ସେମାନଙ୍କ ନାଟକଗୁଡ଼ିକରେ ଆଙ୍କିବାର ଉଦ୍ୟମ କରିଥିଲେ ତା'ର ସଫଳ ରୂପାୟନ ମନୋରଞ୍ଜନଙ୍କ ଉତ୍ତର ପଚାଶ ନାଟକ 'ଆଗାମୀ', 'ସାଗରମନ୍ଥନ', 'କାଠଘୋଡ଼ା', 'ବନହଂସୀ','ଅରଣ୍ୟ ଫସଲ', 'ଅମୃତସ୍ୟ ପୁତ୍ର'ରେ ଘଟିଛି । ଓଡ଼ିଆ ନାଟ୍ୟଜଗତରେ ନୂତନ ଭାବରେ ସେ ଯେଉଁ ପରୀକ୍ଷାମୂଳକ ନାଟକ ରଚନା କଲେ ସେସବୁ ଥିଲା ମୁଖ୍ୟତଃ ଚରିତ୍ର ପ୍ରଧାନ ଏବଂ ସେଥିରେ ତତ୍କାଳୀନ ସମାଜର କୌଣସି ନା କୌଣସି ସାମାଜିକ ସମସ୍ୟା ରୂପ ପାଇଥିଲା । ଯେତେବେଳେ ଏହି ନୂତନ ଚରିତ୍ରମାନଙ୍କୁ ନାଟ୍ୟକାର ଦର୍ଶକମାନଙ୍କ ସମ୍ମୁଖକୁ ଆଣିଲେ, ସେତେବେଳେ ପ୍ରଥମେ ପ୍ରଥମେ ନହେଲେ ମଧ୍ୟ ପ୍ରାୟ ସତୁରୀ ଦଶକ ବେଳକୁ ଦର୍ଶକ ସେହି ଚରିତ୍ରମାନଙ୍କୁ ବୁଝିବା ଆରମ୍ଭ କଲେ ତା' ମଧ୍ୟରେ ନିଜର ଅସହାୟ ଆତ୍ମସତ୍ତାକୁ ଉପଲବ୍ଧି କଲେ । ଏସବୁ ନାଟକ ଘଟଣା ଅପେକ୍ଷା ଚରିତ୍ରର ବିବିଧତା ଉପରେ ଆରୋପ କଲା । ନାଟ୍ୟକାର ପରୀକ୍ଷାଧର୍ମୀ ନାଟକରଚନା କରିବା

ISSN NO.
2582-208X

ସଙ୍ଗେସଙ୍ଗେ ଆବସର୍ଡ ନାଟକ ରଚନା କରିବାର ପ୍ରୟାସ କରିଛନ୍ତି । ହେଲେ ଆବସର୍ଡ ଚିନ୍ତାଧାରା ଓଡ଼ିଆ ଦର୍ଶକମାନଙ୍କ ପାଇଁ ମାଗିଆଣିଲା ତରକାରୀ ଶୋଢ଼କାଏ ନ୍ୟାୟରେ ଏତେଟା ହୃଦ୍‌ବୋଧ ହେଲାନାହିଁ, ମାତ୍ରନାଟ୍ୟକାରଙ୍କ ଏ ଅଭିନବ ପ୍ରୟାସ ଓଡ଼ିଆ ନାଟ୍ୟଜଗତରେ ଏକ ନୂତନ ଭିତ୍ତିପ୍ରସ୍ତର ସ୍ଥାପନ କରିଛି ।

ଉତ୍ତର- ପଚାଶରେ ରଚିତ ସମସ୍ତ ନାଟକରେ ମନୋରଞ୍ଜନ ନୂଆନୂଆ ଚିନ୍ତାଧାରାକୁ ଓଡ଼ିଆ ନାଟକ ଜଗତରେ ପ୍ରୟୋଗ କରିଛନ୍ତି । ଓଡ଼ିଆ ନାଟକକୁ ବିଶ୍ୱ ନାଟ୍ୟଶୈଳୀ ସମକକ୍ଷ କରିବାର ପ୍ରାୟସରେ ନୂତନ ପଥରେ ଅଗ୍ରସର ହୋଇ ନାଟ୍ୟକାର ଉଦ୍ଭଟତାକୁ ମଧ୍ୟ ନାଟ୍ୟଶୈଳୀରେ ସ୍ୱୀକାର କରିଛନ୍ତି । ତାଙ୍କର ଏ ଅଦମ୍ୟ ପ୍ରୟାସ ଓଡ଼ିଆ ନବନାଟ୍ୟଧାରାର ସ୍ରୋତକୁ ପ୍ରଖରତର କରିଛି । କଥାବସ୍ତୁ ଓ ଚରିତ୍ର ଯେତେ ପାଶ୍ଚାତ୍ୟ ଭାବନା ପ୍ରଭାବିତ ହେଲେ ମଧ୍ୟ ଭାରତୀୟ ଆଦର୍ଶବୋଧ ଓ ଚିନ୍ତାଚେତନାକୁ ତାଙ୍କ ନାଟ୍ୟପରିସର ଜ୍ଞାତ ଅବା ଅଜ୍ଞାତସାରରେ ପରିହାର କରିପାରିନାହିଁ । ଏସବୁ ପରେ ମଧ୍ୟ ପାଶ୍ଚାତ୍ୟ ଭାବବସ୍ତୁକୁ ଆହରଣ ଓ ପ୍ରାଚ୍ୟ ପୃଷ୍ଠଭୂମିରେ ତା'ର ଚାତୁର୍ଯ୍ୟପୂର୍ଣ୍ଣ ସମୀକରଣ ତାଙ୍କୁ ଓଡ଼ିଆ ନବନାଟ୍ୟଧାରାର ଅଗ୍ରସୂରୀର ମାନ୍ୟତା ପ୍ରଦାନ କରିଛି ।

ହରିଡ଼ାପାଳ,ଆନନ୍ଦପୁର,କେନ୍ଦୁଝର
ମୋ - ୬୩୭୧୯୫୯୩୩୬

ISSN NO.
2582-208X

# ମହାନ୍ ଭାରତ ବର୍ଷ



ଆକୁଳାନନ୍ଦ ପୃଷ୍ଟି

ପ୍ରତି ବର୍ଷ ପରି ଏ ବର୍ଷ ଆସିଛ
ସତସ୍ତରି ବର୍ଷ ପରେ
ସ୍ୱାଗତ କରିବୁ ଉତ୍ସବ ପାଳିବୁ
ମାତୃଭୂମି ଭାରତରେ ।

ଅଗଷ୍ଟ ପନ୍ଦର ଭାରତ ମାତାର
ମୁକ୍ତିର ପୁଣ୍ୟ ତିଥି
ସବୁଠି ପାଳିବୁ ସମସ୍ତେ ପାଳିବୁ
ନବ ଉନ୍ମାଦେ ମାତି ।

ଗାଁ ରୁ ସହର ପ୍ରତି ଘରେ ଘରେ
ଉଡିବ ତ୍ରିରଙ୍ଗା ଧ୍ୱଜା
ସରାଗେ ଗାଇବୁ ଜାତୀୟ ସଙ୍ଗୀତ
ନାଚିବୁ ବଜାଇ ବାଜା ।

ସବୁରି ମୁଖରେ ନିନାଦିତ ହେବ
ଭାରତ ମାତାର ଜୟ

ISSN NO.
2582-208X

ସମସ୍ତେ କରିବା   ଦେଶ ହିତ ଚିନ୍ତା
ଆମେ ସବୁ ଭାରତୀୟ   ।

ବିଶ୍ୱକୁ ଦେବା   ଶାନ୍ତି ସନ୍ଦେଶ
ଅହିଂସା ମନ୍ତ୍ର ସ୍ମରି
ମୋ ମାଟି ଚନ୍ଦନ   ମୋ ଜାତି ମହାନ
କିଏ ଅଛି ଆମ ପରି   ।

ବୁଦ୍ଧ ମହାବୀର   ନାନକ କବୀର
ଶ୍ରୀଚୈତନ୍ୟ ସାଲବେଗ
ଲକ୍ଷ୍ୟ ତାଙ୍କର   ଈଶ୍ୱର ପ୍ରାପ୍ତି
ଭିନ୍ନ କେବଳ ମାର୍ଗ   ।

ଗାନ୍ଧୀ ଆମର   ଜାତିର ଜନକ
ସତ୍ୟ ଅହିଂସା ଧର୍ମ
ଉଚ୍ଚ କର୍ମ ପାଇଁ   ଜାତି ଧର୍ମ ନାହିଁ
କର୍ମ ମଣିଷର ଧର୍ମ   ।

ଧର୍ମ ନିରପେକ୍ଷ   ଭାରତ ଆମର
ଧର୍ମରେ ନାହିଁ ଭେଦ
ସମସ୍ତେ ପାଳନ୍ତି   ନିଜ ନିଜ ଧର୍ମ
ଧର୍ମରେ ସାମ୍ୟବାଦ   ।

ସାର୍ବଭୌମ ଦେଶ   ସ୍ୱାଧୀନ ଭାରତ
ଗଣତନ୍ତ୍ରର ଦେଶ

ISSN NO.
2582-208X

ମମତା ଚନ୍ଦନେ    ଚର୍ଚ୍ଚିତ ଆମେ
ନାହିଁ ହିଂସାବାଦ ଦ୍ୱେଷ  ।

କେତେ ସୁରବୀର  କବି କଳାକାର
ମହମାନବଙ୍କ ଦେଶ
ଅନେକରେ ଏକ  ଅନନ୍ୟ ଅନେକ
ମହାନ୍ ଭାରତ ବର୍ଷ  ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡା କଖଡି କଟକ
ମୋ 9437864562

ISSN NO.
2582-208X

# ଜୀବନ ଏକ ଅବୁଝା
# କବିତା



ପ୍ରତିଭା ଦାସ

ସବୁ କଥା ହୁଏନାହିଁ ବୋଲି
ଅକୁହା ଯନ୍ତ୍ରଣାରେ ଛଟପଟ ହେଉଥାଏ ସକାଳର କଅଁଳ ଖରା
ନୀଳ ଆକାଶର  ଉଦାସି ଜହ୍ନ
ବନ୍ଦ କବାଟର ନୀରବ ରାତି ।

ଏଠି ଘରକୁ ଘର ଛୁଇଁ ରହିଥାନ୍ତି
କାନ୍ଧରେ କାନ୍ଧ ରଖି
ଆପାଣାର ଲୋକ,
ଅଥଚ ହୃଦୟର ଶୂନ୍ୟତା
ବାଣ୍ଟି ହୁଏ ନାହିଁ
ଦିନ ରାତି ଅଭିନୟ ଚାଲିଥାଏ
ଜୀବନ ରଙ୍ଗମଞ୍ଚରେ
କେତେ ମଜା ଆନନ୍ଦ ଉଲ୍ଲାସ
ତଥାପି ଆଖିରେ ସେଇ ଉଦାସି ଜହ୍ନ!

ISSN NO.
2582-208X

ବେଳେ ବେଳେ ମନେ ହୁଏ
ଏ ଜୀବନ ଏକ ଅବୁଝା
କବିତା...
ଜୀବନ ଜିଇଁବା ମରିବା
ବିଶ୍ବାସ ଅବିଶ୍ବାସ ସଂଘର୍ଷରେ
ପ୍ରେମର ପରିଭାଷା କୋଉଠି
ହଜି ଯାଏ
ତଥାପି ଓଠରେ ହସ୍ ଫୁଟୁଥାଏ
ବଞ୍ଚି ରହିବାର ନିଶାରେ ।

ଦରପୁଡା କଲିଜା ଚହଲ ବିକଳ
ହାତ ମୁଠାରେ ଜୀବନ!
କିଏ ପ୍ରେମ ପାଇଁ
କିଏ ଧନ ପାଇଁ
କିଏ ରାଜସିଂହାସନ ପାଇଁ
କିଏ ପରିବାର କୁଟୁମ୍ବ ପାଇଁ
କିଏ ନାମ ଯଶଃ ପ୍ରତିଷ୍ଠା ପାଇଁ
କିଏ ପୁଣି ଅନ୍ୟ ଆନନ୍ଦରେ
ନିଜକୁ ଭୁଲି ଖୁସି ବାଣ୍ଟୁଥାଏ
ହୃଦୟର ଶୂନ୍ୟତା ଢାଙ୍କି

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ରଜ –
# ପ୍ରିୟା ଓ ମୁଁ



ନରଞ୍ଜନ ସାହୁ

ଜ୍ୟେଷ୍ଠ ଆସିଗଲା ରଜ ଆସିଯିବ
ଧରା ରଜସ୍ୱଳା ହେବ
ଋତୁମତୀ ପ୍ରିୟା ଫୁଲେଇ ହୋଇକି
ମୋ ମନ ଭୁଲାଇ ଦେବ ।

ନୂତନ ପୋଷାକ ପରିଧାନ କରି
ସଜେଇ ହୋଇବ କେତେ
ଅଣ୍ଟା ଦୋହଲାଇ ଚାଲିବ ଦାଣ୍ଡରେ
ମୁହଁ ମୋଡୁଥିବ ଯେତେ
ଗେହ୍ଲେଇ ହୋଇକି ମଲେଇ ଖାଇକି
ଦୋଳି ଟିକେ ଖେଳି ନେବ ।

ଦୋଳି ଗୀତ ଗାଇ ପିଠାପଣା ଖାଇ
କଟାଇବ ତିନିଦିନ
ମୋ ପ୍ରିୟା ପାଖରେ ନିଜକୁ ମଣେ ମୁଁ
ଅତି ନୀଚ ଅତି ହୀନ
ସାଙ୍ଗ କହେ ପ୍ରିୟା ଲଭିବାକୁ ହେଲେ
ଶିବଙ୍କ ଚରଣ ସେବ ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# କେଉଁ ମାର୍ଗ



ଜଗଜିବନ ସେଠି

**"If you are free to choose your actions, then you have to take the responsibility of your actions "**

ମରୁଭୂମିରେ ଗୋଟେ ଜ୍ଞାନୀ ପଣ୍ଡିତ ରହୁଥିଲେ, ଯେମିତି କଅଁଳ ଘାସ ଦେଖିଲେ "ପାକୁଆ" ମାସୁ ମାସୁ କରି ଘାସ ଖାଇଦିଏ, ସେମିତି ପଣ୍ଡିତ ଜଣକ ବେଦରେ ଥିବା ଜ୍ଞାନ ଗୁଡିକୁ ଭାରି ଆଗ୍ରହରେ ଆୟତ୍ତ କରିପକାନ୍ତି । ପାକୁଆ ହେଲା ମରୁଭୂମିର ଗଧ ମହାପୁରୁ, କାରଣ ପାକୁଆ ପଣ୍ଡିତ ମହାଶୟଙ୍କ ବେଦ ବହି ଗୁଡିକୁ କାହିଁ କାଳରୁ ବୋହି ଆଣୁଛି । ତା ଛଡା ପାକୁଆର ବି ବହପ କାହିଁରେ କେତେ, ଲୋକେ ପାକୁଆକୁ ଦେଖିଲେ ଓଳିକି ହୁଅନ୍ତି କାରଣ ପାକୁଆ ପଣ୍ଡିତଙ୍କ ପ୍ରିୟ ପୋଷାଜନ୍ତୁ । ଦିନକର କଥା ପାକୁଆ ପଣ୍ଡିତଙ୍କ ସହିତ ମରୁଦ୍ୟାନ ଆଡ଼େ ବୁଲିବାକୁ ଯାଇଥିଲା, କଅଁଳ ଘାସକୁ ପାକୁ ପାକୁ, ଚାକୁ ଚାକୁ, ସୁର୍ ସାର୍ କରି ଖାଇଦେଲା । ପେଟ ଟୁମୁକା ହୋଇ ଗୋଲ, ଆହୁରି ସେଥିକୁ ସେର ସେର କରି ପାଣି ଗିଳି ପକାଇଲା । ବଡ କଷ୍ଟରେ ପଣ୍ଡିତଙ୍କ ବେଦ ଭାର ଧରି ଆଶ୍ରମକୁ ଫେରିଲା, ସନ୍ଧ୍ୟାରେ ପାକୁଆ ନର୍କ ଯନ୍ତ୍ରଣା ଅନୁଭବ କଲା! ଠାଏ, ଟଳିପଡିଲା ଯେ ଆଉ ଉଠିଲା ନାହିଁ। ପ୍ରଚାର ହୋଇଗଲା ଯେ ପାକୁଆ ଗଧ ମାହାପୁରୁ ଆଉ ନାହାନ୍ତି, ସମସ୍ତେ ଥୋଡାଏ, ଥୋଡାଏ କାନ୍ଦିଲେ ଆଉ କହିଲେ ଗଧଟି ଦୀର୍ଘଦିନ ଧରି ପଣ୍ଡିତଙ୍କ ବେଦ, ପୁରାଣ ବୋହି ବୋହି ବ୍ରାହ୍ମଜ୍ଞାନୀ ହୋଇଯାଇଥିଲା । କିନ୍ତୁ ସତ କଥା ହେଲା ଗଧଟି ଗଧ ହୋଇ ରହିଗଲା, ଜ୍ଞାନ ପାଇଲେ ମଧ୍ୟ ଆଚାରଣରେ ବେଶ୍ ପ୍ରଭାବ ପଡ଼ିନଥିଲା। ଯଦିଓ ଗଧଟି କର୍ମ ମାର୍ଗକୁ

ISSN NO.
2582-208X

ପାଥେୟ କରି, ମାଲିକ ପ୍ରତି ଭକ୍ତିଭାବ ରଖି ଭକ୍ତି ମାର୍ଗରେ ଲୀନ ଥିଲା କିନ୍ତୁ ଜ୍ଞାନମାର୍ଗକୁ ବୁଝି ପାରିନଥିଲା ।

ଯଦି ଆମେ କର୍ମମାର୍ଗକୁ ଦେଖିବା ତେବେ କୁହାଯାଏ "ମାକରଣ୍ୟେ ବାଧିକାରସ୍ତୁ "ଅର୍ଥ କର୍ମ ଉପରେ ଭରସା ରଖ କିନ୍ତୁ ଫଳ ଉପରେ ନୁହଁ ।

ଏକଦା ଜଣେ ଲୋକ ସେହି ଅଞ୍ଚଳର ଦୁର୍ଦାନ୍ତ ଚୋରକୁ ଯାଇ କହିଲା ଆଜି ସାଲୁକା ବାବୁ ବ୍ୟାଙ୍କରୁ ପାଞ୍ଚ ଲକ୍ଷ ଟଙ୍କା ଉଠାଇବେ, ବାଟରେ ଯଦି କୌଶଳ ଲଗାଇବୁ, ତେବେ ସହଜରେ ଟଙ୍କା ବିଡା ତୁମର। ଏଥିରେ କହିଥିବା ଲୋକଟିର କୌଣସି ସ୍ୱାର୍ଥ ନଥିଲା, କିନ୍ତୁ ତାର ଏହି କର୍ମ ଟିକୁ କଣ କହିବା, କୁକର୍ମ ନା ଅକର୍ମ। ଚତୁର୍ଦ୍ଦଶ ଶତାବ୍ଦୀରେ, ବ୍ଲାକ୍ ଡେଥ୍ ଇଉରୋପରେ ବ୍ୟାପିଗଲା ଏବଂ ଜନସଂଖ୍ୟା ହ୍ରାସ ପାଇଲା । ଅନୁମାନ କରାଯାଏ ଯେ ଏହି ମହାମାରୀରେ ୟୁରୋପର 25% ରୁ 50% ଲୋକଙ୍କର ମୃତ୍ୟୁ ଘଟିଛି। ଜ୍ୱର, ଥଣ୍ଡା, ବାନ୍ତି, ଭୟଙ୍କର ଯନ୍ତ୍ରଣା ରୋଗ ଶୀଘ୍ର ବ୍ୟାପିଗଲା - ଏବଂ ତା'ପରେ ମୃତ୍ୟୁ । ସଂକ୍ରମଣର ଗତି ଏବଂ ପରିମାଣ ବ୍ୟାପକ, ଆତଙ୍କ ଏବଂ ଦ୍ୱନ୍ଦ୍ୱ ସୃଷ୍ଟି କଲା । ଏହି ଯୁଗରେ ଯେତେବେଳେ ଡାକ୍ତରୀ ଜ୍ଞାନ ବିକଶିତ ନଥିଲା, ଅନେକ ଲୋକ ଉତ୍ତର ଏବଂ ସାନ୍ତ୍ୱନା ପାଇଁ ଚର୍ଚ୍ଚକୁ ଯାଇଥିଲେ । ପ୍ରଚଳିତ ବିଶ୍ୱାସ ଥିଲା ଯେ, ମହାମାରୀ ହେଉଛି ମନୁଷ୍ୟର ପାପ ପାଇଁ, ଈଶ୍ୱରଙ୍କଠାରୁ ଦଣ୍ଡ । ଫଳସ୍ୱରୂପ, ଲୋକମାନେ ମୁକ୍ତି ପାଇଁ ପ୍ରାର୍ଥନା କରିବା, ସେମାନଙ୍କର ପାପ ସ୍ୱୀକାର କରିବା ଏବଂ ଈଶ୍ୱରଙ୍କ ହସ୍ତକ୍ଷେପ ଲୋଡ଼ିବା ପାଇଁ ବହୁ ସଂଖ୍ୟାରେ ଚର୍ଚ୍ଚକୁ ଆସିଥିଲେ। ଅବଶ୍ୟ, ଏହି ସମାବେଶରେ ରୋଗ ବିସ୍ତାରକୁ ତ୍ୱରାନ୍ୱିତ କରିବାର ଅବାଞ୍ଛିତ ଫଳାଫଳ ଥିଲା । ଧର୍ମଗୁରୁ, ଯେଉଁମାନେ ପ୍ରାୟତଃ ଅସୁସ୍ଥମାନଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଥିଲେ ଏବଂ ସେମାନଙ୍କର ଆରୋଗ୍ୟ କାମନା କରୁଥିଲେ, ଏହି ମହାମାରୀର ଏକ ଅଂଶ ଭାବରେ ମୃତ୍ୟୁ ବରଣ କରୁଥିଲେ, ସେମାନେ ବିଶେଷ ଅସୁରକ୍ଷିତ ଥିଲେ । ପାଦ୍ରୀମାନଙ୍କର ଅନେକ ସଦସ୍ୟ ଏହି ରୋଗରେ ଆକ୍ରାନ୍ତ ହେଲେ, ଯାହାଦ୍ୱାରା ଆଧ୍ୟାତ୍ମିକ ନେତାମାନଙ୍କର ଏକ ମହତ୍ୱପୂର୍ଣ୍ଣ କ୍ଷତି ଘଟିଲା । ବିପଦ ସତ୍ତ୍ୱେ ଅନେକ ପାଦ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ଜାରି କଲେ, ଯେଉଁଥିରେ ମୃତମାନଙ୍କ

ISSN NO.
2582-208X

ପାଇଁ ଶେଷ ରୀତିନୀତି ଏବଂ ମୃତମାନଙ୍କୁ କବର ଦେବା ଅନ୍ତର୍ଭୁକ୍ତ । ଏହି ଦୁଇ ଉଦାହରଣ ରୁ ଅନୁମାନ କରିହୁଏ ଯେ କେବଳ କର୍ମ ନୁହଁ, କର୍ମ ସହିତ ଜ୍ଞାନ ଓ ଭକ୍ତି ମଧ୍ୟ ସମପରିମାଣରେ ଆବଶ୍ୟକ। ତେଣୁ ତ **Bertrand Russell** କହିଥିଲେ, **"True knowledge is inspired by love and guided by knowledge."**

ଶିକ୍ଷକ ହିସାବରେ ଛୋଟ ଶିଶୁ ମାନଙ୍କୁ କେମିତି ପରିଚାଳନା କରାଯିବ ଓ ସେମାନଙ୍କ ମନସ୍ତତ୍ତ୍ୱକୁ ନେଇ କିପରି ଶିକ୍ଷଣକୁ ରୁଚିପୂର୍ଣ କରିହେବ ଭଲ ଭାବେ ଜଣାଥିଲା । କିନ୍ତୁ ବିଦ୍ୟାଳୟରେ ଥିବା କଳା ମଚ ମଚ ଭେଣ୍ଡା ମୂଷା ଛୁଆଁମାନେ ଯେଉଁ ହରକତ କରୁଥିଲେ ତାକୁ ଦେଖି ରକତ ପାଣି ହେଇଯାଉଥିଲା। ଖାତା ବହି ଗୁଡାକୁ କାହିଁକି ଖୁଦୁରୁ ଖୁଦୁରୁ କରି କାଟି ପକାନ୍ତି ଜଣା ନାହିଁ, ସେଥିରେ ତାଙ୍କର କିଛି ସ୍ୱାର୍ଥ ଥିବା ବି ଅନୁଭବ କରି ହୁଏନାହିଁ। ସେହିପରି ରାମୁର କାହାଣୀ ଭାରି ନିଆରା। ସକାଳୁ ସଞ୍ଜ ଯାଏ ବହୁତ ପଢେ, ଭଗବାନ ଭକ୍ତ ମଧ୍ୟରେ ଯେଉଁ ସମ୍ପର୍କ ରାମୁ ଓ ବହିର ସେହି ସମ୍ପର୍କ। ପୁଅ ଡାକ୍ତର ହେବ, ଭଲ ସରକାରୀ ମହାବିଦ୍ୟାଳୟରେ ବି ନାମ ଲେଖାଇଛି, ରାମୁର ପାଠ ପ୍ରତି ପୀରତି ଦେଖି ସମସ୍ତେ ଭାବୁଥିଲେ କି ସେ ହିଁ ପ୍ରଥମ ହେବ, କିନ୍ତୁ ପରୀକ୍ଷା ଫଳ ବାହାରିଲା ବେଳକୁ ସବୁ ଫସର ଫାଟିଗଲା, କାରଣ ରାମୁ ଡାକ୍ତରୀ ପାଠ ନୁହଁ ସେ ରାଜନୀତି ବିଜ୍ଞାନ ବହିକୁ ତନ୍ନ ତନ୍ନ କରି ପଢୁଥିଲା। ପାଠ ପ୍ରତି ତାର **devotion** ଥିଲା କିନ୍ତୁ ସେ ଯେଉଁ ପାଠ ଗୁଡିକୁ ହାଉଁ ହାଉଁ ହେଇ ପଢି ପକାଉଥିଲା ତାହା ତାର କେତେ କାମରେ ଆସିବ ଜାଣିନଥିଲା ।

ଅର୍ଥାତ **devotion** ବା ଭକ୍ତି ସହିତ ଜ୍ଞାନ ଓ କର୍ମ ବି ଆବଶ୍ୟକ ।

ଶେଷ କାହାଣୀଟି ହେଲା ଦ୍ରୌପଦୀଙ୍କର । କୁରୁସଭାରେ ଦ୍ରୌପଦୀଙ୍କୁ କଲବଲ କରି ଦୁଃଶାସନ ବିକଟାଳ ହସ ହସୁଥାଏ, ହେଲେ ପାଞ୍ଚ ଭାଇ ବଲବଲ କରି ଅନେଇଥାନ୍ତି। ବିଚରା ପାଞ୍ଚ ପତିଙ୍କ ବଳକୁ ବାରମ୍ବାର ମନେପକାଇ ଦ୍ରୌପଦୀ ଏହି ଘୋର କାଳରୁ ବଞ୍ଚାଇବା ପାଇଁ ଆକୁଳ ପାର୍ଥନା କରନ୍ତି । କିନ୍ତୁ ବାଘ ରଡ଼ିରେ କୋକିଶିଆଳି ଲୁଚିବା ପରି ଘଟଣା ହେଲା। କରିବି ତ କରିବି କଣ, ନିଜେ କିଛି କରିବାକୁ ହେବ କହି ଲୁଗାକୁ ଜାକି ଜୁକି ରଖିଲେ । ହେଲେ ଦୁଃଶାସନତ କମ୍ ନୁହଁ, ତେଣୁ ସେ ଜ୍ଞାନ କରିଛନ୍ତି ଯେ କୃଷ୍ଣ ଏ

ISSN NO.
2582-208X

ବିପତ୍ତିରୁ ଉଦ୍ଧାର କରିପାରିବେ। କିନ୍ତୁ ହେଲା କଣ, ଭକ୍ତି ମାର୍ଗକୁ ନଖୋଲିଲା ପର୍ଯ୍ୟନ୍ତ କୃଷ୍ଣ କାନରେ ତୁଳା ପୁରାଇ ବସିଲେ ।

କର୍ମ, ଜ୍ଞାନ ଓ ଭକ୍ତି ମାର୍ଗର ସଙ୍ଗମ ଘଟିଲା ଆଉ ଦ୍ରୌପଦୀ କୁରୁସଭା ସ୍ଥଳରେ ହିଁ ନିଷ୍ପତି ନେଲେ ଯେ ଦୁଃଶାସନର ଦର୍ପ ଖଣ୍ଡନ ପରେ ବେଣୀ ବାନ୍ଧିବି।

ଏହି ସବୁ ବିଷୟକୁ ତର୍ଜମା କଲାପରେ ଅନୁଭବ ହେଲା ଯେ କର୍ମ, ଜ୍ଞାନ ଓ ଭକ୍ତି ମାର୍ଗ ତିନୋଟି ପୃଥକ ମାର୍ଗ ନୁହଁ ଏମାନେ ପରିପୂରକ ଅଟନ୍ତି ।

ଶେରଗଡ଼, ଗଞ୍ଜାମ

ISSN NO.
2582-208X

# ସମ୍ବୋଧନର ସମ୍ମୋହନ

ଡକ୍ଟର ଜ୍ୟୋସ୍ନାରାଣୀ କର

ରାଧେ !!!
ଏକ ଅନନ୍ୟ ସମ୍ବୋଧନ
ମୋହମଗ୍ନ ହେବାର ଆଭାସ
ନିଜ ସ୍ଥିତିକୁ ପାଶୋରି ଯିବାର ସୁଦୃଢ ଅନୁଭବ ।
ସେଇ ପଦକ ଶୁଣିବାର ଅପେକ୍ଷାରେ ବିତିଯାଏ ଅଫେରା ମୁହୂର୍ତ୍ତ ସବୁ
ସେ ଭିଜାଇ ଦିଏ ଆଦ୍ୟ ଆଷାଢ଼ର ବାରିବିନ୍ଦୁ ପରି
ସେ ତଲ୍ଲୀନ କରାଏ ମନ୍ଦ୍ର ଧ୍ୱନିରେ
ଆଚ୍ଛନ୍ନ କରାଏ ତନ୍ଦ୍ରାଳସରେ
ପୂର୍ଣ୍ଣିମା ଜ୍ୟୋସ୍ନାରେ ହଜାଏ
ବସନ୍ତର ସ୍ନିଗ୍ଧ ମଳୟ ପରି ଆମୋଦିତ କରେ ।
ଅକ୍ଳେଶରେ ଭୁଲି ହୋଇଯାଏ ସବୁ କଷ୍ଟ
ତାଙ୍କ କଥାର ସ୍ୱର୍ଣ୍ଣିମ ମିଠାପଣ
ସବୁ ସୁକୁମାରତାର ସମାହାର
ବହିଯାଏ ଜୀବନ ଛଳଛଳ ଆବେଗରେ ।
ବିଭୋରପଣରେ ବଞ୍ଚିବାର ସଞ୍ଜିବନୀ ସେ
ନିରୁତା ଅନୁରାଗର ଅନୁପମ କାବ୍ୟଚିତ୍ରରେ ତାଙ୍କର ସ୍ଥିତି
ଚିରନ୍ତନ ହେଉ ଏ ସମନ୍ୱୟ
ପୂର୍ଣ୍ଣତା ଲାଭ କରୁ ମୁଗ୍ଧ ପ୍ରତ୍ୟୟ ।

ସହକାରୀ ପ୍ରାଧ୍ୟାପିକା,
ମଡେଲ ଡିଗ୍ରୀ କଲେଜ, ନୟାଗଡ଼

ISSN NO.
2582-208X

# ଆଗୋ ମୌସୁମୀ ରାଣୀ



ନରୁପମା ମିଶ୍ର

ମେଘର ଓଡଣା ଟାଣି ।
ପବନ ର ଦୋଳି ରେ ଆସ ଝୁଲି ଝୁଲି,
ରଜ ଦୋଳି ପରା ଆସିଗଲାଣି ।
ଆସ, ଆସ ଗୋ ମୌସୁମୀ ରାଣୀ ।
କେତେ ଉଛୁର ହେଲାଣି ।
ତୁମ୍ବରୀ ପରଶେ ଧରଣୀ ରାଣୀ ।
ଶୀତଳ ହେବ ତା କାୟା ଟି ଜାଣୀ ।
ମହ ମହ ବାସ ଉଠିବ ପୁଣି ।
ଆସ ଗୋ ମୌସୁମୀ ରାଣୀ ।
ପହେଲି ଯଉବନ ପରଶ ପରି ।
ବାଂଧ ବାଡ ପରବତ ଶିଖର ଡେଇଁ ହୁଅ ପାରି ।
ବରଷି ଯାଉ ଗୋ ଝର ଝର ବାରି ।
ରଜ ପରେ ପରେ ଶୀତଳ ହେବ ଧରଣୀ ।
ଫଳବତୀ ହେବ ମୋ ମାଟି ମାଁ ରାଣୀ ।
ଗିରଷମ୍ ସରିବାକୁ ବସିଲାଣି ।

ISSN NO.
2582-208X

ଉତ୍ତପ୍ତ ହୋଇ ଥରିଲାଣି ଧରଣୀ।
ଶୀତଳ କର ମାଟି ମାଁ ର ମନ ଜାଣି।
ଶସ୍ୟ, ଶାମଳା ହୋଇ ଉଠିବ ବସୁମତି।
ବରଷା ପରଶ ପାଇ ଜଗତ ଧାତ୍ରୀ।
ମାଁ ବସୁମତୀ।
ସବୁଜ ଶାଢୀ ରେ ଢାଙ୍କି ହେବ ସେ ନିତି।

ବଲାଙ୍ଗିର

ISSN NO.
2582-208X

# ବିବର୍ତ୍ତନ



ବ୍ରଜେଶ ଚନ୍ଦ୍ର ପ୍ରଧାନ

ନିର୍ବାଣ ଗତି ଚକ୍ରର
ଅନ୍ତର୍ବ୍ୟୁହର ପରିକ୍ରମା
ଅତୀତର ପାଠ୍ୟ
ପୁସ୍ତକର ଅଲେଖା
ଫର୍ଦ୍ଦରେ ବିସ୍ମିତ କରେ
ମନ ଘରର ପୁଅ
ବିନ୍ଦୁର ସୂକ୍ଷ୍ମକୋଣକୁ ।
ଆଶ୍ଚର୍ଯ୍ୟ ଏଠି ଗତି
ପଥ ଶ୍ରମ କର୍ତ୍ତବ୍ୟ
ସାମାଜିକ ପକ୍ଷପାତ
କଳୁଷ ଦ୍ୱିଧା ଶ୍ରଦ୍ଧା
ପଥିକର ଅଣାୟତ
ଭାରାକ୍ରାନ୍ତ ପାଦର
କ୍ଳାନ୍ତଯୁକ୍ତ ବେଦନାକୁ
କରାଯାଏ ତାସ୍ଵଲ୍ୟ
ଉପହାସ ।

ISSN NO.
2582-208X

ସେ ହିଁ ବିଦ୍ବଙ୍ଗ ବିଚିତ୍ର
ଖୋଳପାର ଆବରଣରେ
କେଇ ଖଣ୍ଡ ହାଡ଼ ଗୋଡ଼
ଚର୍ମ ଛାଞ୍ଚରେ ଭିନ୍ନ
ରକମର କଳା ଧଳା
ନାଲି ନେଳି ଗୋଲାପି
ଲେପଥିବାକୁ ଚକ୍ଷୁ ବୁଜା
ଅକୁଣ୍ଠା ପ୍ରଶଂସା
ପ୍ରତିପାଦନ କରେ
ମୁଖା ଘେନା ମଣିଷର
ମୁଖ ବାଣୀ ।
କେବେ ଜାଣିବାକୁ
ଚେଷ୍ଟା କରିଛି ମନର
ଗଭୀରତା ଚୁମ୍ବକୀୟ
ବିଜୁଳିର ପ୍ରକୃତ
କୋଠରୀର ଅଧିଶ୍ବର
ବାସ୍ତବିକ ସ୍ବରୁପକୁ
ନା ଅସ୍ତିତ୍ୱର ପ୍ରଥମ
ଅସ୍ତର ଆଗମନକୁ
ପ୍ରତୀକ୍ଷାରେ ଚାହିଁ
ରହିଛି ।
ବିକୃତ ଭାବନାକୁ
ସ୍ବୀକୃତି ଦେବାରେ
ଲମ୍ବା ଧାଡ଼ିର ସରଳ

ISSN NO.
2582-208X

ରେଖା ଛାୟାର ନାଟକ
ପ୍ରତିଟି ମୁହୂର୍ତ୍ତରେ
ଖାଇ ଚାଲିଛି ଗରଳର
ଅମୀୟ ରସକୁ
କର୍ତ୍ତବ୍ୟର ଆଢୁଆଳରେ
ଜରାଜୀର୍ଣ୍ଣ ସାମାଜିକ
ନଗ୍ନ ଚିନ୍ତାଧାରା ।

ଏମ୍ସ ନଗର, ଭୁବନେଶ୍ୱର

ISSN NO.
2582-208X

# ସତ୍ୟବାଦୀର ନାୟକ



ପ୍ରିୟଦର୍ଶିନୀ ଓଝା

ଶେଷରେ ଅନ୍ଧାରର ଅବସାନ ଘଟିଛି, ଆଲୋକର ଆଗମନ ହୋଇଛି। କହିବାର ଅର୍ଥ ଯେ ଦୀର୍ଘ ୨୦୦ ବର୍ଷର ଶାସନ ପରେ ଆମେ ଭାରତବାସୀ ସ୍ୱାଧୀନ। ଟିକେ ରୁହନ୍ତୁ ଆଜ୍ଞା ଭାବି ଦେଖିଲେ ଆମେମାନେ କିପରି ସ୍ୱାଧୀନ ହେଲୁ ଏବଂ କିପରି ଭାବେ ବର୍ତ୍ତମାନ ସମାଜରେ ଆମେ ଜୀବନ ଦୌଡ଼ରେ ଲଗିପଡ଼ିଛେ। କେତେ କେତେ ମହାପୁରୁଷଙ୍କ ଆତ୍ମବଳୀରେ ଦେଶ ସ୍ୱାଧୀନତା ଲାଭ କରିଛି । ତଥାପି ଆମ ଜାତିର ଲୋକଙ୍କ ମୁଣ୍ଡରେ ତାହା ଜୁଟେ ନାହିଁ ।

ଅନେକ ମହାନ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଉତ୍କଳମଣି ହେଉଛନ୍ତି ଅନନ୍ୟ । ଓଡ଼ିଆ ଜାତିର ଗର୍ବ, ଗୌରବ ଓ ଗରିମାର ପରାକାଷ୍ଠା ପ୍ରଦାନ କରୁଥିବା ମହାପୁରୁଷ । ଯିଏକି ନିଜ ଦେଶ ଜାତିର ମୁଣ୍ଡ ଟେକ ରଖିବା ପାଇଁ ପଛଘୁଞ୍ଚା ଦେଉନଥିଲେ। ଗରିବ ମୂଲିଆ ମାନଙ୍କର ଦେବଦୂତ ସାଜି ତାଙ୍କ ବିପତ୍ତି ବେଳେ ସାହାଯ୍ୟର ହାତ ବଢ଼ାଉଥିଲେ । ଏହିଠାରେ ଟିକେ ଭାବିଲେ ଦେଖି, ଏସବୁ କରିବା ପଛରେ ତାଙ୍କର କଣ ଉଦ୍ଦେଶ୍ୟ ଥିଲା । ଏ କାର୍ଯ୍ୟ କରିବା ହେତୁ ତାଙ୍କୁ କିଏ ଧନ ଦେଉଥିଲା ଅବା ସମାଜରେ ପ୍ରତିପତି ହାସଲ କରିବା ପାଇଁ ସେ ଏପରି କରୁଥିଲେ । ଯେମିତିକି ଆମ ଦେଶର ରାଜନେତା ମାନେ ଦେଶ, ଜାତିକୁ ବଳି ଦେଇ ତାରି ଛାତି ଉପରେ କୋଠା ଉପରେ କୋଠା କରିବାରେ ବ୍ୟସ୍ତ । ନାଇଁ ନାଇଁ ଭୁଲ କହିଲି ଆଜ୍ଞା - ଏହି ରାଜନେତା ମାନେ ମଧ୍ୟ ଗରିବକୁ ସାହାଯ୍ୟ କରନ୍ତି,

ISSN NO.
2582-208X

ମାତ୍ର ନିଜର ସ୍ୱାର୍ଥ ହାସଲ ପାଇଁ । ସେଇ ସତ୍ୟବାଦୀର ଗୋପବନ୍ଧୁ ଆଜି ଆଉ ନାହାନ୍ତି, ଭବିଷ୍ୟତରେ ଆମ ମାନଙ୍କ ମଧ୍ୟରୁ କେହି ତାଙ୍କ ଭଳି ବ୍ୟକ୍ତିତ୍ୱ ହେବେ ବୋଲି ମଧ୍ୟ ତାର କିଛି ଧାରଣା ନାହିଁ । ଏଇ ଦେଖୁ ନାହାନ୍ତି ଭୋଟ ସମୟ ହେଲେ ଲୋକମାନେ ମଦ ମାଂସରେ ବୁଡୁଛନ୍ତି। ତା ସହିତ ଦେଶକୁ ମଧ୍ୟ ସାଙ୍ଗରେ ନେଇ ମହାସାଗରରେ ବୁଡ଼ି ମରୁଛନ୍ତି । ମଲା ଦେଶର ଜନତା ବୁଡ଼ନ୍ତୁ ବା ମରନ୍ତୁ ସେଥିରେ ତାଙ୍କର କଣ ଗଲା, ସେ ତ ସୁଖର ଜୀବନ କାଟୁଛନ୍ତି। ଏହିଠାରେ କବିଙ୍କର ଏକ ପଦ କୁହାଯାଇପାରେ –

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶ ବାସୀ ଚାଲି ଯାଆନ୍ତୁ ପିଠିରେ ।"

ମାତ୍ର ବର୍ତ୍ତମାନର ସମାଜର ଲୋକ କୁହନ୍ତି – ଅନ୍ୟ ଲୋକ ପଛେ ମାଟିରେ ମିଶି ତଳି ତଳାନ୍ତ ହେଉ ମୁଁ କିପରି ସୁଖର ଜୀବନ ବିତାଏ । ଏହିପରି ଯଦି ଗୋପବନ୍ଧୁ ଭାବୁଥାନ୍ତେ ତେବେ ଆମେମାନେ ଆଜି ମଧ୍ୟ ସେଇ ଅତୀତର ଶୋଷଣ ମଧ୍ୟରେ ଥାନ୍ତେ। ସ୍ୱର୍ଗ ପୁରରେ ହୁଏତ ଉତ୍କଳମଣି ଆମ୍ଭମାନଙ୍କର ଏତାଦୃଶ ଦେଶପ୍ରୀତି ଦେଖି ଭାବୁଥିବେ, ମୁଁ ବି କେଡ଼େବୋକା ଥିଲି ଯେ ଏଇ ମାନଙ୍କ ପାଇଁ ନିଜ ସଂସାର ମୁହଁକୁ ନ ଚାହିଁ, ଜନ୍ମ କଲା ପୁଅକୁ ରୋଗ ଶଯ୍ୟାରେ ମୃତ୍ୟୁ ମୁହଁକୁ ଠେଲିଦେଲି। ବାହା ବାହାରେ ଉତ୍କଳର ନିଃସ୍ୱାର୍ଥ ଜନତା । ଉତ୍କଳମଣି ନିଜ ଛାତ୍ର ଜୀବନରୁ ଦେଶ ତଥା ଜାତି ପ୍ରତି ସଚେତନ ଥିଲେ ଏବଂ ଜାତିର ଉନ୍ନତି ଦିଗରେ ବ୍ରତୀ ଥିଲେ । ମାତ୍ର ବର୍ତ୍ତମାନର ଯୁବପିଢ଼ୀ ହୁଅନ୍ତୁ ଅବା ନେତାଦଳ ହୁଅନ୍ତୁ ସେମାନେ କେବଳ ଅନ୍ୟର ପତନ ଦେଖି ତାଳି ବଜାନ୍ତି।

ଯେତେ ଯାହା ଲେଖିଲେ ବା ଗୁଣଗାନ କଲେ ତାଙ୍କ ପ୍ରତି ଅତି କମ୍ ହେବ । ଯାହା ଏକ ଦେଶପ୍ରେମୀ ଦେଶର ଅକ୍ଷୁଣ୍ଣତାକୁ ବଜାୟ ରଖିବାକୁ କରିପାରେ ତାହା ଆମ ଭଳି ଦେଶଭକ୍ତଙ୍କ ମଧ୍ୟରେ ଦୁର୍ଲଭ। ମାତ୍ର ଏହା କହିବି ଯେ ଅଧିକ ନହେଉ ପଛେ କମ୍ ପରିମାଣରେ ହେଲେ ମଧ୍ୟ ଆମ୍ଭମାନଙ୍କୁ ଜାତି ପ୍ରତି ସଚ୍ଚୋଟ ହେବାକୁ ପଡ଼ିବ ।

ISSN NO.
2582-208X

ଉତ୍କଳମଣି କେବେହେଲେ ନିଜ ସୁଖର ଚିନ୍ତା କିମ୍ବା ଭବିଷ୍ୟତର ଚିନ୍ତା କରିନାହାନ୍ତି । ସେ କେବଳ ଆଉ କେବଳ ନିଜ ଜାତି ପାଇଁ ସମର୍ପିତ, ଏକ ସଚ୍ଚୋଟ ମଣିଷ। ଯିଏକି ସର୍ବଦା ସତ୍ୟକୁ ସାଥୀ କରନ୍ତି ଏବଂ କର୍ମକୁ ଉଚ୍ଚରେ ରଖନ୍ତି। କବିଙ୍କ ପଦରୁ -

" ମଣିଷ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜିଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ ।"

୧୯୨୦ ମସିହାରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିବା ପ୍ରଥମ ଓଡ଼ିଆ, ସେ ହେଉଛନ୍ତି ସେହି ସତ୍ୟବାଦୀର ନାୟକ। ଯିଏକି କାରାମୁକ୍ତ ହୋଇ ଫେରିବା ପରେ ଉତ୍କଳ ପ୍ରାଦେଶିକ ସମ୍ମିଳନୀ ତରଫରୁ ଏହାର ସଭାପତି ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଦ୍ୱାରା ତାଙ୍କୁ "ଉତ୍କଳମଣି" ଉପାଧିରେ ଭୂଷିତ କରାଯାଇଥିଲା। ମାତ୍ର ତାଙ୍କୁ ଯଦି ଭାରତମଣି ଭାବେ ଭୂଷିତ କରାଯାଇଥାନ୍ତା ତାହା ମଧ୍ୟ କମ୍ ହୋଇଥାନ୍ତା। କେବଳ ଉତ୍କଳ ମାଟିରେ ନୁହଁ ଗୋପବନ୍ଧୁ ସମଗ୍ର ଭାରତବାସୀଙ୍କୁ ଶ୍ରଦ୍ଧା କରୁଥିଲେ। ତା ଛଡ଼ା ଅନେକ ଅଞ୍ଚଳରେ ସେ ଆନ୍ଦୋଳନ କରି ଭାରତକୁ ସ୍ୱାଧୀନତା ଦେବା ପାଇଁ ନିଜର ଯୌବନ ତଥା ଜୀବନକୁ ବଳି ଦେଇଛନ୍ତି। ତାଙ୍କର ତ୍ୟାଗ ଓ ସମର୍ପଣ ନିକଟରେ ଆମମାନଙ୍କର ମସ୍ତକ ସର୍ବଦା ନତ୍ତକ ରହୁ । କିଏ ଜାଣେ ହୁଏ ତ ଏପରି କଲେ ଉତ୍କଳମଣିଙ୍କର ଚରିତ୍ର ପରି ଆମମାନଙ୍କ ମଧ୍ୟରେ ଏକ ସଦ୍ ଗୁଣ ଫୁଟି ଉଠିପାରେ ।

ଦେଶରେ ଯେତେପ୍ରକାର ଶଠତା, ଲୁଣ୍ଠନ, କନ୍ୟା ନିର୍ଯାତନା ଚାଲିଛି ତାର ଏକ ମାତ୍ର ସମାଧାନ ଯେ ଆମେ ନିଜକୁ ସୁଧାରିବା ସହିତ ଅନ୍ୟକୁ ସାହାଯ୍ୟର ହାତ ବଢ଼ାଇବା । କିଛି ନହେଲେ ନିଜର ଦେଶତ ଗୌରବ ଅର୍ଜନ କରିବ । ଶେଷରେ ଯଦି ଆମ ମୁଣ୍ଡରେ ଏଇତକ ନ ଜୁଟେ ତେବେ ଆମେମାନେ ମଧ୍ୟ ସେଇ ନିର୍ଯାତନା ଦେଉଥିବା ମହାନ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ହୋଇ ମୁଣ୍ଡ ଟେକିବା । ଅନେକ ମହାପୁରୁଷ ମାନଙ୍କର ଉଦାହରଣ ଥାଉ ଥାଉ ଆମେ ନିଜେ ନିଜକୁ ସଂଯତ ନକରାଇ ଦେଶକୁ ବଦଳେଇବାକୁ

ISSN NO.
2582-208X

ବହାରିପଡୁ। ଆଉ କହୁ ଆମେ ଯେ ଏ ଦେଶର ସଚ୍ଚୋଟ ନାଗରିକ । ମୋର ଯଦି କିଛି କହିବାରେ ଭୁଲ ଥାଏ ସେଥିପାଇଁ ମତେ କ୍ଷମା ଦେବେ, ହଁ ଦେବେନି ବା କାହିଁକି ସମସ୍ତେ ତ ଏଠି କରୁଣାର ସାଗର । କାରଣ ଯିଏ ଦେଶର ପତନ ଚୁପ୍ କରି ଦେଖେ ଆଉ ତାଳି ମାରେ ସେ ବା କଣ କହାର ଭୁଲ ଖୋଜିବା । ଶେଷରେ ଏତିକି କହିବି –

"ନାହିଁ ସେଇ ଯୁଗ, ନାହିଁ ସେ ମଣିଷ
ନାହିଁ ଆଜି ଦରିଦ୍ରର ସେଇ ବନ୍ଧୁ ଯାର ନାମ ଉତ୍କଳମଣି ପୁଣି ଗୋପବନ୍ଧୁ ।"

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ

ISSN NO.
2582-208X

# ଆହେ ଦୟାମୟ



ଦେବେନ୍ଦ୍ର ମିଶ୍ର

ଆହେ ଦୟା ମୟ କରୁଣା ସାଗର
ତୁମେ ଅନାଥର ବନ୍ଧୁ
ତୁମ ବିନା ପ୍ରଭୁ  ନାହିଁ ମୋ ଶକତି ।
ଦୀନ ଜନ ଦୀନ ବନ୍ଧୁ
ତୁମେ ମୋ ଶକତି ତୁମେ ମୋ ପ୍ରଗତି
ମୟୂର ଚୁଲିଆ କାହ୍ନୁ
କଦମ୍ବ ଝୁରଇ ଝୁରୁଛି ଯମୁନା
ଅଥଳ ସାଗର ତନୁ
ଭାବର ଠାକୁର  ହେ ଶ୍ୟାମ ସୁନ୍ଦର
ତୁମେ ଜଗତ ଜୀବନ
ତୁମେ ମୋ ଜୀବନ ତୁମେ ମୋର ପ୍ରାଣ
ଆହେ ପ୍ରଭୁ ଜନାର୍ଦ୍ଦନ
ହେ ଭାବ ଭୋଳିଆ ଯମୁନା କୂଳିଆ
ଜୀ ବଙ୍କ ର ପ୍ରାଣ ଧନ
ମୁକତି ର ପଥ ତୁମେ ଗୋପୀନାଥ

ISSN NO.
2582-208X

ତୁମେ ଜୀବନ ଦର୍ଶନ
ଅହଲ୍ୟା ତାରଣ ପାଞ୍ଚାଳୀ ମୋକ୍ଷଣ
ସଂକଟର ଉଦ୍ଧାରଣ
ଆରତ ସମୟେ ମାନ ଉଦ୍ଧାରଣ
ହେ ପ୍ରଭୁ ଆରତ ତ୍ରାଣ
ଭାବ ର ବନ୍ଧନ ପ୍ରଭୁ ଆର୍ତ୍ତ ତ୍ରାଣ
ତୁମେ ପାଦ ପଦ୍ମ ମନ

ବୌଦ୍ଧ(ବୁଟୁ ପାଲି)

ISSN NO.
2582-208X

# ମଥୁରାଦାଣ୍ଡେ ବିଜେ ବାଙ୍କବିହାରୀ



ବିରଞ୍ଚି ନାରାୟଣ ମିଶ୍ର

ପାଟପିତାମ୍ବରୀ ମୁକୁଟେ ମୟୂର ଚନ୍ଦ୍ରିକା
ଗଳେ ବୈଜୟନ୍ତ ମାଳା
ସଖା ସଙ୍ଗେ ବିଜେ ବ୍ରଜଦାଣ୍ଡେ ଶ୍ରୀବାଙ୍କେବିହାରୀ ।
ସିଙ୍ଗା ବଂଶୁରିର ସୁମଧୁର ମୂର୍ଚ୍ଛନାରେ
ବ୍ରଜଦାଣ୍ଡ ଉଚ୍ଛୁଳି ପଡୁଛି ।
ମନୋଲୋଭା ରୂପଲାବଣ୍ୟକୁ ଦେଖିବା ଲାଗି ମଧୁରାପୂର ରମଣୀଙ୍କ ଯୁଗଯୁଗର ଅପେକ୍ଷା ।
ଯୁବତୀ ରଙ୍କୁଁଣା ରାଧାମୋହନଙ୍କୁ ଦେଖି ଆତ୍ମହରା ସଭିଏଁ
ଚିତ୍ତଚୋରା ଶ୍ୟାମନାଗର
କି କୁହୁକ ଜାଣନ୍ତି କେଜାଣି
ଗବାକ୍ଷର ଫାଙ୍କରୁ ଦେଖିଦେଲି
ମୋ ମନକୁ ମନ୍ତର କରି ନେଇଗଲେ
ଭୁଲିଗଲି ଅସ୍ତିତ୍ୱ ।
ସେତିକିବେଳୁ ମୋମନ ଅଥୟ ହେଉଛି ।
କାଳିଆର ଭୂତ ଲାଗିଛି ମୋତେ ।
ଅନାଦି କାଳରୁ ନନ୍ଦରାଜାଙ୍କ ଟିକି ପୁଅକୁ
ଚାହିଁ ରହି ଥିବା ମଥୁରା ନଗରୀର ଅନ୍ଧ ବ୍ରାହ୍ମଣ.......
ବ୍ରାହ୍ମଣୀ ସହ ବ୍ରଜଦାଣ୍ଡେ ଅପେକ୍ଷା ।

ISSN NO.
2582-208X

ଟିକେ ଶ୍ୟାମସୁନ୍ଦରଙ୍କ ସାନିଧ୍ୟ ପାଇଁ ।
ଅଗୁର ଚନ୍ଦନ କସ୍ତୁରୀର ମହମହ ମହକରେ ବାସୁଥିବା ନଟନାଗର ତା ସାମ୍ନାରେ ।
ଭାବ ବିହ୍ୱଳରେ ଅନ୍ଧ ବ୍ରାହ୍ମଣ ଗାଇଲା
ଜୟ ବୈକୁଣ୍ଠ ବିହାରୀ ହେ
କେକି ଅବା ଦେବା ମୁଁ ଅବା ନଦେବା ଘେନି ଏତେ ସରି ହେଲି ।
ବହୁଦିନୁ ଦେବ ଖୋଜି ଖୋଜି ତବ
ଅନ୍ତ ନପାରିଲି କଳି
ଆଜନ୍ମରୁ ମୁହିଁ ଅନ୍ଧ ଯେ ଅଟଇ
ଚକ୍ଷୁଦାନ ଦିଅ ହରି ।
ମନୁଆ ଠାକୁର ପଦିଏ କଥାରେ କି ମନ୍ତର କଲେ କେଜାଣି,
ଅଣ୍ଟାରେ ବଂଶୀ ଖୋସି ନିଜ ଆଙ୍ଗୁଠିରେ
ବ୍ରାହ୍ମଣ ଆଖିକୁ ଛୁଇଁ ଦେଲେ ।
କହିଲେ ଚାହା......
ଆଖିଖୋଲି ବ୍ରାହ୍ମଣ ଦେଖିଲା
ଅନନ୍ତକୋଟି ବ୍ରହ୍ମାଣ୍ଡର
ନାୟକ ତା ସାମ୍ନାରେ ।
ନିଜକୁ ବିଶ୍ୱାସ କଲାନି
କି ଭାଗ୍ୟ ମୋର ।
ଆଖିରୁ ଧାରଧାର ଲୁହ ବୋହିଗଲା ।
ଆଣ୍ଠୁ ମାଡ଼ି ଭାବ ବିହ୍ୱଳରେ ସ୍ତୁତି କଲା ।

ଭୁବନେଶ୍ୱର
9439011063

ISSN NO.
2582-208X


# ଲୁହ ମୋ ନଜସ୍ୱ



ସନ୍ଧ୍ୟାରାଣୀ ମଲ୍ଲିକ

ଆଷାଢର ବନ୍ୟା ପରି ବହିଯାଏ ବହୁ ଦୂରକୁ
ନଥାଏ କୌଣସି ବନ୍ଧ ତା ଗତିକୁ ରୋକିବାକୁ
ସ୍ୱପ୍ନର ଲହରୀ ଭାଙ୍ଗି ଚାଲିଯାଏ ଅଦୃଶ୍ୟ ଅନ୍ଧକାରକୁ
ଏ ସେଇ ଲୁହ ଦେଇଯାଏ ଶାନ୍ତି ଟିକେ ଆମ ଆତ୍ମାକୁ....

ମୌସୁମୀ ଆସିଲାପରି ଖେଳିଯାଏ ମନରେ ଅନେକ ଆଶା
ଋତୁରାଜ ବସନ୍ତ ଚୁମ୍ବନ କଲାପରି ଲୋପପାଏ ସମସ୍ତ ହତାଶା
ଥକା ମେଣ୍ଟାଏ ଭୋକ, ଶୋଷ, ଅବସାଦ ସବୁକିଛି
ନିଜ ଭିତରେ ଚାପିଦିଏ ପାଏ ଅନେକ ଆନନ୍ଦ
ଏ ସେଇ ଲୁହ ଭାରି ଦରଦୀ ଭାରି ଆପଣାର.....

ଅତିଥି ହୋଇ ଆସି ମଣିଷ ପଣିଆର ଛିଣ୍ଡା ମଶିଣାରେ ବସିଯାଏ
ଖାଲି ଦୁଃଖ ନେଇ ଆସିନଥାଏ ବରଂ
ଦୁଃଖ ସବୁକୁ ପିଇ ଯିବାକୁ ସାମର୍ଥ୍ୟ ଦେଇଯାଏ
ଏ ସେହି ଲୁହ ଏକାନ୍ତ ନିଜସ୍ୱ ମୋ ଜୀବନର.....
ଏକାନ୍ତ ନଜସ୍ୱ ମୋ ଜୀବନର.....

ପି.ଜି.ଓଡ଼ିଆ, ପ୍ରଥମ ବର୍ଷ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

ISSN NO.
2582-208X

# ଲୁସିର ଯନ୍ତ୍ରଣା



ଅରୁଣ କୁମାର ତ୍ରିପାଠୀ

ଲୁସି ହସକୁରି ଝିଅଟିଏ । ଭାରୀ ସ୍ନେହୀ । ପଦ୍ମପତ୍ର ଭଳି ଗୋଲଗାଲ ମୁହଁ । ଖିର ସରରେ ବଢିଥିଲା । ଭାଇଟେ ସହ ବାପା ମା' ଙ୍କ ପାଖରେ ଛୁଆବେଳୁ ଅତି ଆଦର ରେ ବଢିଥିଲା । ଗେଲରେ ତାକୁ ଲଡୁ ବୋଲି ଡାକନ୍ତି । କଲେଜ ପଢା ତାର ପଦାର୍ଥ ବିଜ୍ଞାନରେ ସ୍ନାତକ ସରିଛି । ସ୍ନାତକୋତ୍ତର କରିବାକୁ ଭାରି ଇଚ୍ଛା ଥିଲା ତା'ର କିନ୍ତୁ ତାଙ୍କ ଘର ପାଖରେ ସେହି ବର୍ଷ ଆଇନ କଲେଜ ଟେ ଖୋଲିଥିଲା । ତା ଆପଣାର ସାଂଗ ସବୁ ସେଠି ଜଏନ କଲେ ବୋଲି ସେ ମଧ୍ୟ ତାଙ୍କ ସହ ଆଇନ ଆଡ଼କୁ ମନ ବଳେଇଲା । ଆଇନ୍ ପଢା ତ ଦୁଇ ବର୍ଷରେ ସରିଗଲା, କିନ୍ତୁ ତା'ର ସେହି କୋର୍ସ ପ୍ରତି ଜମା ନିଘାନିଷ୍ଠା ନଥାଏ। ପୁଣି ଝିଅ ଓକିଲାତି ପାଠ ପଢିଛି ବୋଲି ଅନେକ ପ୍ରସ୍ତାବ ଆରମ୍ଭରୁ ହିଃ ଭାଙ୍ଗିଯାଉଥିଲା । ଯଦିଓ ବହୁତ୍ ସାରା ପ୍ରସ୍ତାବ ଆସୁଥିଲା, କିନ୍ତୁ ତା ମମି ସରକାରୀ ଚାକିରିଆ ଖୋଜୁଥିଲା । ପିଅନଟ ବି ହଉ, ସରକାରୀ ଜୋଇଁ ଦରକାର ଥିଲା ତାଙ୍କର । ଏକା ଜିଦ୍ ଝିଅକୁ ଅଭିଆଡ଼ି ରଖିଦେବି କିନ୍ତୁ ଜୁଇଁ କରିବି ତ ସରକାରିଆ । ବୃଦ୍ଧ ବୟସରେ ରଥ ଦମ୍ପତ୍ତିଙ୍କର ରକ୍ତଚାପ ର ଏକ ମୁଖ୍ୟ କାରଣ ଥିଲା ଏହି ଜୋଇଁ ଖୋଜିବାର ଅଭିସାର । କେତେ ମାଳ ମାଳ ମଧ୍ୟସ୍ଥି ଆସି ପୁଳା ପୁଳା ଟଙ୍କା ନିଅନ୍ତି । କିନ୍ତୁ କୌଣସିଥିରେ ସଫଳତା ମିଳେନାହିଁ ଏମିତିରେ ଜଣେ ତାଙ୍କୁ ମହାମାୟୀ ବ୍ରତ କରିବାକୁ କହିଲେ । ଗଞ୍ଜାମର ବଡ଼ ପ୍ରତିଷ୍ଠିତ ଦେବୀ ମହାମାୟୀ । ବୋଇରାଣୀ ବା କବିସୂର୍ଯ୍ୟ ନଗରରେ ତାଙ୍କର ପାଦ ପୂଜା ପାଉଥିବା ସ୍ଥଳେ ମସ୍ତକ ପୂଜା ପାଏ ବ୍ରହ୍ମପୁର ରେ । ଦେବୀଙ୍କ ଅବୟବ ପିତ୍ତଳ ନାମକ ଅଞ୍ଚଳରେ

ISSN NO.
2582-208X

ପୂଜା ପାଉଛନ୍ତି । ମାଁ ଙ୍କ ମହିମାରୁ ନିର୍ଦ୍ଧନୀ ଧନୀ ହୁଏ, ଅପୁତ୍ରିକ ର ପୁତ୍ରପ୍ରାପ୍ତି ହୁଏ । ମହାଘୋର ବିପଦରୁ ରକ୍ଷାମିଳେ ତଥା ବିବାହରେ ଆସୁଥିବା ସମସ୍ୟା ସମାଧାନ ଏବଂ ସୁଖଦ ଦାମ୍ପତ୍ୟ ଅତିବାହିତ କରିହୁଏ । ସେହି ପୂଜା ଶନିବାରେ ହୁଏ । ଏହିପୂଜାରେ ଦିବସରେ ଶୋଇବା ବାରଣ ଥାଏ ତଥା କିଛି ସ୍ୱତନ୍ତ୍ର ଫଳମୂଳ ସହକାରେ ଗଜାମୁଗ ଏବଂ ଗୁଡ଼ ପୂଜା ହୁଏ । ଲୁସିର ମମି ପୂର୍ବରୁ ସେହି ବ୍ରତ ବିଷୟରେ ଜାଣିଥିଲେ କିନ୍ତୁ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀ ଲୁସି ସଂକ୍ରାନ୍ତରେ ସେହି ବିଷୟରେ ଅବଗତ କରେଇଲେ ।

ଏମିତିରେ ଲୁସି ପ୍ରତି ଶନିବାର ବ୍ରତକରେ । କେବେ ସିଏ କରିବାକୁ ନହେଲେ ତା ମମି କରିଦିଅନ୍ତି । ଏମିତିରେ ଶନିବାର ଦିନ ଯଦି ପ୍ରସ୍ତାବ କିଛି ଆସେ ସେମାନଙ୍କ ଖୁସି କହିଲେ ନସରେ । ଏହି ପ୍ରସ୍ତାବଟି ହେଇଯିବ ପରା ବୋଲି ମା' ଝିଅ ଦିହେଁ ମୁରୁକି ହସା ଦିଅନ୍ତି । କିନ୍ତୁ ଚାରି ପାଞ୍ଚ ଦିନ ପରେ ସେୟା ସଂକୁଚିତ ହେଇଯାଏ । କାହାର କ'ଣ କେଁ ଥାଏ । କାହାର ଅଳପ କେଁ ରହିଥିଲେ ମଧ୍ୟ ସେ ଖାତିରି କରେନି । ୟାଂକେ ତାଙ୍କ ଘରକୁ ଯିବା ସମୟରେ ପ୍ରାର୍ଥି ଜଣଙ୍କ ଦେଖା ଚାହାଁ କରେନି । ମଧ୍ୟସ୍ଥି ମାଧ୍ୟମରେ ସବୁଯେ ଠିକ୍ ପ୍ରସ୍ତାବ ଆସିଛି ସେୟା ନୁହଁ ଅନେକ ତୁଚ୍ଛା ତୁଚ୍ଛାରେ ପ୍ରସ୍ତାବ ଗୁଡ଼ା ବି ଦିଅନ୍ତି । କିଛି ଅଳ୍ପିକିଆ ମଧ୍ୟସ୍ଥି ଜାତକ ପରିବର୍ତ୍ତନ ମଧ୍ୟ କରିଦିଅନ୍ତି । ଜବାବ ଥାଏ ତମେ ବୁଝିବ ନା, ଆମେତ ଜୁଟେଇବା କାମ କରୁ । ପିଲା ଭଲ, ଘର ଭଲ ବୋଲି ସମସ୍ତେ ତ କହୁଛନ୍ତି । ଝିଅ ଦେଖିବାକୁ ଗଲେ ଆମର ପାଞ୍ଚଶହ ଆଉ ହାତଗଣ୍ଠି ପଡ଼ିଲେ କୋଡ଼ିଏ ହଜାର । କେହି କେହି କାନ୍ଧକୁ ପାଟ ଆଉ ହାତକୁ ମୁଦି ବି ଦିଅନ୍ତି ବା । ବେଶି ବିକିଳିଆ ହେଇଥିଲେ କହନ୍ତି, ଗୋରା ଝିଅଟେ କରିଦିଅ, ଟଙ୍କା ପଚାଶ ହଜାର ନେଇଯାଅ । ଏମିତିରେ ଭଉତୁ ପ୍ରସ୍ତାବ ଆସେ, କିଛି ଭାଙ୍ଗେ କିଛି ଗଢେ । କିଛି ନିର୍ବନ୍ଧ ପରେ ମଧ୍ୟ ଭାଙ୍ଗେ । ବେଦିରୁ ବର ଉଠିଯିବାର ନଜିର ମଧ୍ୟ ରହୁଛି । ଆମ ପିଠିରେ ଲୋକ କୁହଁ ମଧ୍ୟ ଖୋଳିଦିଅନ୍ତି ଆଉ କେତେ ଥର ଥାନାକୁ ମଧ୍ୟ ଯାଇଛୁ ମ । କିନ୍ତୁ ପେଟ ପୋଷ ନାହିଁ ଦୋଷରେ ଚଳେଇଛୁ ଆଉ ।

ISSN NO.
2582-208X

ଲୁସିର ନନା ଟିକିଏ ମାନ୍ଦା । କୃଷି ବିଭାଗରେ କିରାଣୀ ଥିଲେ, ନିକଟରେ ଅବସର ଗ୍ରହଣ କରିଛନ୍ତି । କିନ୍ତୁ ଝିଅର ବିବାହ ପ୍ରତି ସେ ମୁଣ୍ଡ ଖେଳାଉ ନଥାନ୍ତି । ଏମିତିରେ ତା ମମିଙ୍କ ରକ୍ତଚାପ ବହୁତ ବଢେ । ସମ୍ପର୍କୀୟ ବୁଝାନ୍ତି ଝିଅ ଜନ୍ମ କରିଛୁ ପାପ ନୁହଁ । ସତେଇଶି ବର୍ଷ ହେଇ ଗଲା ଯେ କଣ ବେଦ ଅଶୁଦ୍ଧ ହେଇଗଲା । ଝିଅକୁ ଯଦି ପୋଷି ପାରୁନ ଆମ ପାଖେ ଛାଡ଼ିଦିଅ । କଥା ସେୟା ନାଇ ଯେ କହି ଲୁସିର ମମି ଲଜ୍ଜା ଆଉ ଶଙ୍କାରେ କଥା ମିଶେଇ ନିୟନ୍ତ୍ରିତ କରନ୍ତି ନିଜ ଆବେଗ । ଲଭ୍ ମେରେଜ କରିଥିଲେ ଯେବେ, ଘଇତାକୁ ପାଟି ଫିଟେଇ କହିପାରନ୍ତି ନାହିଁ । କର୍ମକୁ ଆଦରି କାଳାତିପାତ କରନ୍ତି । ଲୁସିକୁ କୌଣସି କଥା ଅଛପା ନଥାଏ । ଏମିତିରେ ସେ ନିର୍ଦ୍ଧାରଣ କଲା ଯେ, ସେ ଚାକିରି କରିବ । ଯେଉଁଠି ବି ଜବ୍ ବାହାରେ ସେ ପକାଏ । ପ୍ରାୟ ଛଅମାସର ସଂଘର୍ଷରେ ତାକୁ ଆଇସିଆଇସିଆଇ ବେଙ୍କ ରେ କଷ୍ଟମର ରିଲେସନ ଏକଜୁକେଟିଭ (ଗୋଲ୍ଡ ଲୋନ୍) ବିଭାଗରେ ଚାକିରି ମିଳିଲା । ଦରମା ଥିଲା କୋଡ଼ିଏ ହଜାର । ଦି ମାସରେ ସେୟା ନିଜର ସ୍ୱାଭିମାନ ପାଇଁ ଛାଡ଼ିଦେଲା । ଯଦିଓ କେହି ତାକୁ ଅଶ୍ଲୀଳ ବ୍ୟବହାର ଅବା ଇଙ୍ଗିତ ପ୍ରଦର୍ଶନ କରିନଥିଲେ, କିନ୍ତୁ ପ୍ରାଇଭେଟରେ ପରନିନ୍ଦା ଏବଂ ଚର୍ଚ୍ଚାରେ କମନୀୟ ମୂହୂର୍ତ୍ତମାନ ମଧ୍ୟ ପିତ ଲାଗେ । କାହା କାହା କ୍ଷେତ୍ରରେ ମୁଁ ତ୍ୱ କୁ ବାରମ୍ବାର ସମର୍ପଣ ମଧ୍ୟ ହେଇଯାଏ । ନା ଶରୀର ନିଜର ଥାଏ ନା ମନ ପବିତ୍ର ଥାଏ ! ଟଙ୍କା ଆଉ ଟାର୍ଗେଟ ଆଚିଭ କରିବା ବାହାନାରେ ମନୁଶ୍ୟଟି କଣ୍ଟେଇ ଅବା ମେସିନ ପାଲଟିଯାଏ । ଦି ମାସବି ହେଇନି ସେ ନିଜର ରେଜିଗନେସନ ଥୋଇ ଦେଇ ଆସିଲା ଏଚ ଆର୍ ମେନେଜରଙ୍କ ସମୀପରେ । ସମସ୍ତେ ବହୁତ ବୁଝେଇଲେ କିନ୍ତୁ ସେ ନଛୋଡ଼ ବନ୍ଧା । ଟିକିଏ ନୁହଃ ପିଲାବେଳୁ ହିଁ ସେ ବହୁତ ଜିଦିଆ । କାନ୍ଦିକି ହଉ ଅବା ରାଗରେ ଫଁ ଫଁ ହେଇ ନରୁବା ନିଆଁ ବର୍ଷି କଥାରେ ସେ ନିଜ କାମ କରେଇନିଏ । କିନ୍ତୁ ସେ ଭାବେ ଯେ ସିଏ କାହାକୁ କଡ଼ା କଥା କୁହେନାହିଁ । ପାରୁ ପର୍ଯ୍ୟନ୍ତ ଲୋକଙ୍କୁ ବୁଝେଇ ଦିଏ । ତାହାର ଏହି ଗୁଣକୁ ଦେଖି ପାଖପଡ଼ିଶା କୁହନ୍ତି ଯେ ତାହାର ଜନସମ୍ପର୍କ ଅଧିକାରୀ ହେବାର ଥିଲା ।

ISSN NO.
2582-208X

ଲୁସି ତାଙ୍କ ଘରେ ବଡ଼ । ପ୍ରଥମ ସନ୍ତାନ ବୋଲି ପ୍ରଥମାଷ୍ଟମୀ ରେ ସେ ପୋଢୁଅଁ ହୁଏ । ଭଗବାନ ଜାଣି ତାହକୁ ଜ୍ୟେଷ୍ଠା ନକ୍ଷତ୍ରରେ ଜନ୍ମ ଦେଇଥିଲେ । ବଡ଼ ଝିଅ, ବଡ଼ ବୋହୂ ଆସନଟି ତାଙ୍କ ପାଇଁ ସବୁବେଳେ ଏକରକମର ରିଜର୍ଭ ଥାଏ । ପୂର୍ବ ବର୍ଷ ଘରେ ଟିଉସନ କରି ଯାହା ରୋଜଗାର କରିଥିଲା ଆଉ ଘରୁ କିଛି ପଇସା ନେଇ ସେ ଉପନୀତ ହେଲା ନିଜ କରିଅର୍ ଗଠନ ଦିଗରେ । ଘର ନଛାଡ଼ିଲେ ସଫଳତା ମିଳେନି ବୋଲି କେବେ ସିଏ ଦୂରଦର୍ଶନରେ ଦେଖିଥିଲା । ପୁଣି ଚାଣକ୍ୟଙ୍କ ବାକ୍ୟ, "କାକ ସ୍ନାନ, ବକ ଧ୍ୟାନ, ଶ୍ୱାନ ନିଦ୍ରା ତଥୈବଚଃ, ଅଳ୍ପାହାରୀ ଗୃହତ୍ୟାଗୀ ବିଦ୍ୟାର୍ଥିନାଂ ପଞ୍ଚଲକ୍ଷଣଂ ।" ସେ ତା ସ୍ୱପ୍ନର ସହର ଅଭିମୁଖେ ଯାତ୍ରା କଲା । ସେଠି ଏକ ପ୍ରଖ୍ୟାତ ସଂସ୍ଥାନରେ ପ୍ରତିଯୋଗୀତା ମୂଳକ ପରୀକ୍ଷା ନିମନ୍ତେ କୋଚିଂ ତଥା ବିଏଡ୍ ରେ ଜଏନିଂ ନେଲା । ପୂର୍ବରୁ ସେହି ସହରରେ ତା'ର ଜଣେ ସମ୍ପର୍କୀୟ ମଉସା ଥା'ନ୍ତି ଯିଏ ଦେଖାଶୁଣା କରନ୍ତି । ବାପା ମା' ଝିଅକୁ ଆଦର କରନ୍ତି ସତ କିନ୍ତୁ ସିଏ ମୁହଁ ଖୋଲି ନମାଗିଲେ ଟଙ୍କା ଦିଅନ୍ତିନି । ପଚିଶି ଶହ ଟଙ୍କାରେ କଣ ଏତେ ବଡ଼ ସହର ରେ ଚଳିବା ସମ୍ଭବ? ପନ୍ଦର ଶହ ଘରଭଡ଼ା ସେଥିରେ । ହଁ ଅବଶ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ୟାଠୁ କମ୍ ଖର୍ଚ୍ଚବର୍ଗ ରହନ୍ତି । ଏମିତିରେ ସୁଖେ ଦୁଃଖେ ରହିଯାଉଥିଲା ଲିପି ସେଠି ।

ତାଙ୍କେ ରହୁଥିବା ଗୃହଟି ବେଶିରେ ବେଶି କୋଡ଼ିଏ ବର୍ଷ ହେବ । ପନ୍ଦର ଫୁଟିଆ ଓସାର ଘର, ଚାରି ମହଲା ହେଇଛି । ଲୁସି ସବା ଉପରେ ରହେ । ମଝି ଘର ମାନଙ୍କୁ ଦିଫାଳିଆ କରି ଗୋଟେ ପଟେ ପୁଅ ଆଉ ଅନ୍ୟପଟେ ଝିଅମାନଙ୍କୁ ଭଡ଼ା ଦିଆ ହେଇଥାଏ ।

ମିଶାଣିଆ ଝିଅଟେ ବୋଲି ଲୁସି ପ୍ରଥମ ଦିନରୁ ହିଁ ସମସ୍ତଙ୍କ ସହ ପରିଚୟ ଆଉ ଘନେଇପାରୁଥିବା କଥାରେ ଆପଣାର କରିବାକୁ ଚେଷ୍ଟା କରୁଥିଲା । କିନ୍ତୁ ଯାହାର ପ୍ରକୃତି ଯେମିତି । କ୍ଷୀରରେ ଧୋଇଲେ ଖଣ୍ଡରେ ମୋହିଲେ ନିମ୍ବକି ମଧୁର ହୋଇବ ? ଯେତେ ପରକାରେ ବୁଝେଇ କହିଲେ ପରକି ଆପଣା ହୋଇବ ? ଏମିତିରେ ଲୁସି ସେମାନଙ୍କୁ ନିଜର ଭାବି ବହୁତ କଥା ସବୁ କୁହେ' ସେମାନଙ୍କ ଯତ୍ନ ନିଏ ବେଳ ଅବେଳରେ ସହାୟତା କରେ କିନ୍ତୁ ତାକୁ ଅନୁରୂପ ବ୍ୟବହାର ମିଳେନାହିଁ । ହେଲେ ମଧ୍ୟ ସେ ନିଜର ପ୍ରକୃତି

ISSN NO.
2582-208X

ଛାଡ଼ିପାରେ ନାହିଁ । ଏମିତିରେ ତାଙ୍କର ସେଠି ଗୋଟିଏ ବଖରା ଖାଲିହେଲା । ସେ ବିଏଡ଼ ପଢୁଥିବା ଅନୁଷ୍ଠାନର ଦୁଇଜଣ ପୁଅ ଘର ଖୋଜୁଥିଲେ । ସେଠି ସେମାନଙ୍କ ରହିବା ନିମନ୍ତେ ସେ ବ୍ୟବସ୍ଥା କରିଦେଲା । ତା' କଥାରେ ଘରବାଲି ମାଉସୀ ଅଗ୍ରୀମ ନେଲେ ନାହିଁ। ଏମିତିରେ ତରକାରୀ ପତ୍ର ଦିଆନିଆ ହୁଏ । ଲୁସି ସେମାନେ ଛଅ ସାତ ବର୍ଷ ଲେଖେ ସାନ ହେବେ । ଦିନେ କଣ ହେଇଛି ଲୁସିର ଦେହ ଅଳ୍ପ ଭଲ ଲାଗୁନଥାଏ । ବିଏଡ୍ ପରୀକ୍ଷା ପତ୍ରପୂରଣ ପୂର୍ବରୁ ଆସାଇନମେଣ୍ଟ ମାନ ଲେଖିବାକୁ ହୁଏ । ଏହିଭଳି ପରିସ୍ଥିତିରେ ସେ କ'ଣ କରିବ ଭାବି ସେ ଦୁଇଜଣ ସହପାଠୀଙ୍କୁ ଲେଖିବା ନିମନ୍ତେ ଅନୁରୋଧ କରିବ ଭାବିଲା । ସେଦିନ ସେ ସହର ଲାଇବ୍ରେରୀରୁ ପଢାସାରି ସଅଳ ଫେରିଆସିଲା । ସମୟ ସାଢେ ସାତ । ସେଦିନ ଶୁକ୍ରବାର ହେଇଥାଏ । ବାରକୁ ଲକ୍ଷ୍ୟ କରି ସେ ନେଳିଆ ଚୁଡ଼ିଦାର ପିନ୍ଧିଥାଏ । ଆସିଲା ବେଳକୁ ଦେହ ଦରଜ କରୁଥାଏ । ମୁଣ୍ଡ ବି ଅଳ୍ପ ବୁଲଉଥାଏ । ବଡ଼କଷ୍ଟରେ ସିଡ଼ିଚଢି ଚାରିମହଲା ଉପରକୁ ଗଲା । ଅଳ୍ପ ପାଣିପିଇ ପୋଷାକ ଖୋଲିଦେଲା । ତା ସହିତ ଅନ୍ତବସ୍ତ୍ର । କୁଆଡ଼େ ତ ଯିବାକୁ ନାହିଁ, କେବଳ ତଳ ମହଲାକୁ ଯିବ ସେମାନଙ୍କୁ ଆସାଇନମେଣ୍ଟ ଲେଖିବା ନିମନ୍ତେ ଅନୁରୋଧ କରିବ । ଗୋଟେ ନାଇଟ୍ ପେଣ୍ଟ ଓ ଟି ସାର୍ଟ୍ ଟେ ପିନ୍ଧି ଷ୍ଟଲ୍ ଟେ ଛାତିରେ ବେଢି ସେ ସେମାନଙ୍କ ବସା ଆଡ଼କୁ ଅଗ୍ରସର ହେଲା । ସେହି ସମୟରେ ବାହାରେ ଚପଲ ରଖିଲେ ମୂଷା କାଟି ଦେଉଥିଲା ବୋଲି ସେମାନେ ଘର ଭିତରେ ହିଁ ଚପଲ ରଖୁଥିଲେ । ଏମିତିରେ ବର୍ଷା ପବନ ହଉଥିଲା ବୋଲି ସେହିଁ କହିଲା କବାଟଟି ବନ୍ଦ କରିଦିଅ, ମୁଁ କଥା ସରିଲେ ପଳେଇବି । ଲୁସିର କଥା ବାହାରକୁ ଅଳ୍ପ ଶୁଣାଯାଉଥାଏ । ଏମିତିରେ ପଡ଼ିଶାରେ ରହୁଥିବା ଝିଅମାନେ ଈର୍ଷାନ୍ୱିତ ହେଇ ଅବା ବଦନାମ କରେଇବା ଆଶାରେ ତାକୁ ଫୋନ୍ କଲେ ଲୁସି ଦିଦି ତମେ କୋଉଠି ଅଛ ? ଯେହେତୁ ତା ଚପଲ ଭିତରେ ଥିଲା ଆଉ କବାଟ ବନ୍ଦ ଥିଲା, କିଛି ଅନ୍ୟକଥା ସେମାନେ ଭାବିବେ ବୋଲି ସେ କହିଦେଲା ସାଂଗ ଘରେ ଅଛି । ସେତିକି ବେଳକୁ ରାତି ୮.୩୦ ହେଲାଣି । ୫ ମିନିଟ ପରେ କରେଣ୍ଟ ଚାଲିଗଲା । ସେ ପଡ଼ିଶାର ଝିଅଙ୍କ ଲୋଲୁପ ଦୃଷ୍ଟି ତଥା ମେଳି କବାଟ ବାହରେ ଚାଲିଥାଏ । ସେହି ଦୁଇଜଣ ପୁଅ ବାହାରେ ଖାଉଥିଲେ, ଏଣୁ ତାକୁ କହିଲେ ଯେ, ଦିଦି ଭୟ କର ନାହିଁ ଆମେ ତମକୁ

ISSN NO.
2582-208X

ବାହାରୁ ତାଲା ଦେଇ ଚାଲିଯାଉଛୁ । ଆସିଲେ ତମେ ଉପରକୁ ପଳେଇବ । ସେତେବେଳକୁ ଏହି ବିଲୁଆରୂପୀ ଝିଅମାନେ ମଧ୍ୟ ଶୋଇପଡ଼ିଥିବେ । ଲୁସି ନିଜ ସହ କେବଳ ମୋବାଇଲଟି ଆଣିଥାଏ । ଏମିତିରେ ସେମାନେ ବାହାରୁ ତାଲାଦେଇ ଚାଲିଗଲେ । ସେମାନଙ୍କ ଯିବା ପରେ ଆରମ୍ଭ ହେଇଗଲା ବିଲୁଆ ବାହିନୀର ନିର୍ଯ୍ୟାତନା । କବାଟ ଫାଙ୍କରୁ ବାରମ୍ବାର ଟର୍ଚ୍ଚମାରି ଖୋଜିବା, ତା ନାମକୁ ନେଇ ଅଭଦ୍ର ଭାଷା କହିବା' ତା ପରିଜନଙ୍କୁ ଶୋଧିବା ତଥା ମରିଚ ଧୁଆଁ ଦେବା । ଯଦି ଲୁସି ବାହାରେ ଥିବ ସେ ନିଶ୍ଚୟ ଜବାବ ଦବ ଏହି ନ୍ୟାୟରେ ସେମାନେ ଭୁଲିଗଲେ ମାନବିକତା । ଲୁସି ସେପଟେ ନିଜ ମୋବାଇଲକୁ ସାଇଲେଣ୍ଟ କରି ପାଟିରେ ହାତଦେଇ ଆଖିରୁ ଲୁହ ଗଡ଼ଉଥାଏ । ଏମତି ଅଧଘଣ୍ଟାରେ ସରିଗଲା ସେମାନଙ୍କ ପିଶାଚି ଅଭିସାର । ହେଲେବି ଗଲାବେଳକୁ ସେମାନେ ଉପର ରୁମ୍ ରେ ତାଲା ପକେଇଦେଲେ । ସାଢେ ଦଶରେ ଫେରିଲେ ସେହି ଦୁଇଜଣ ପୁଅ। ସେତିକି ବେଳକୁ ଲୁସିର ଆଖିରୁ ଲୁହ ସରିଯାଇଥାଏ । ସବୁତକ ଘଟଣା କହି ବାହାରକୁ ଗଲାବେଳକୁ ତା ଆଖି ଖୋସି ହେଇଗଲା । ଉପର ଘରକୁ ଯିବା ଗ୍ରିଲ୍ ରେ ତାଲା ଝୁଲୁଥାଏ। କଣ କରିବ ଭାବି ସେ ପୁଅ ଦିଜଣଙ୍କୁ ପୁଣି ଡାକିଲା । କହିଲା ଏମତି ଅବସ୍ଥାରେ କଣ କରିବି ଜାଣିପାରୁ ନାହିଁ । ମୋତେ ନେଇ ରେଲୱେ ଷ୍ଟେସନ ରେ ଛାଡ଼ିଦିଅ। ବହୁତ ଦିନ ହେଲା ପୁରୀ ଯିବି ଭାବୁଥିଲି । ଯାହା କାଳିଆର ଲୀଳା । ଯଦି ଏମତି ଅବ୍ୟବସ୍ଥା ରେ ମୁଁ ବଡ଼ଦାଣ୍ଡକୁ ଯିବାର ଲେଖାଥାଏ ତେବେ ନିଶ୍ଚୟ ଯିବି । ତା ଏକାଉଣ୍ଟରେ ସେତେବେଳକୁ କେବଳ ୫୦୦ ଟଙ୍କା ଥାଏ । ସେ ପିଲାଙ୍କ ପାଖରେ ଥିବା ସବୁତକ ଟଙ୍କ ୩୩୦ ସେମାନେ ଲୁସିକି ଦେଇଦେଲେ । ଏମିତିରେ ଅଳ୍ପ ହସ ଆଉ ଲୁହ ନେଇ ସେ ପୁରୀ ଅଭିମୁଖେ ଟ୍ରେନ୍ ରେ ବସିଲା । ସୁଯୋଗକୁ ସେଦିନ ଟ୍ରେନ୍ ଅଢେଇ ଘଣ୍ଟା ବିଳମ୍ବରେ ଚାଲୁଥିଲା । ପୁରି ପହଁଚିଲା ବେଳକୁ ସିନ୍ଦୁରା ଫାଟିଲାଣି । ତାର ଜଣେ ସହଯାତ୍ରୀ ତାର ଅବସ୍ଥାକୁ ଲକ୍ଷ୍ୟ କରୁଥିଲେ । ସେ ଗୋଟିଏ ସସ୍ତା ଚୁଡ଼ିଦାର ରେଲୱେ ଷ୍ଟେସନ ପାଖ ବୁଲା ବିକାଳୀଠୁ କିଣିବା ବେଳେ ସେ ତାର ପଇସା ଦେଇ ଶୀଘ୍ର ଶୀଘ୍ର ପାହୁଣ୍ଡ ପକେଇ ଚାଲିଗଲେ । ଲୁସି କିନ୍ତୁ ବୁଲି ଚାହିଁଲା ବେଳକୁ କେହି ନଥିଲେ । ଜୟ ଜଗନ୍ନାଥ କହି ସେ ଆଗକୁ ବଢୁଥିଲା । ଶୌଚାଳୟରେ ଯାଇ ସେ ଗାଧେଇ ପକେଇଲା ।

ISSN NO.
2582-208X

ଜଗନ୍ନାଥଙ୍କ ମଙ୍ଗଳ ଅରତି ଏବଂ ସାହାଣମେଳାର ଅପୂର୍ବ ଦର୍ଶନ ସେ ମନଭରି ଉପଭୋଗ କଲା । ବଡ଼ ଦେଉଳୁ ଫେରି ସେ ନିଜର ଫୋଟ ଷ୍ଟାଟସ ଅପଡେ଼ଟ କଲା । ଏହାଦେଖି ଦୂରରେ ରହୁଥିବା ତା'ର ଜଣେ ମୁହଁବୋଲା ଭାଇ ଜୟ ଜଗନ୍ନାଥା କମେଣ୍ଟ ଲେଖିଦେଲେ । ବିଷୟଟି ସେ ଘରେ କାହାକୁ କହିନଥାଏ, କିନ୍ତୁ ସେ ଭାଇଙ୍କ ନିକଟରେ ସେ ସହଜ ହେଇଯାଏ । କିଛି ସମ୍ପର୍କ ଏମିତି ଥାଏ, ଯେଉଁଠି ଆମେ ମନଖୋଲି କଥା ହେଇପାରୁ । ନିଜକୁ ଉନ୍ମୁକ୍ତ କରିପାରୁ । ଘରେ କିନ୍ତୁ ଭୟ କହିପାରୁନା । ସେମିତି ସମ୍ପର୍କକୁ ହିଁ ବନ୍ଧୁତ୍ୱ କହନ୍ତି । ସବୁ ଦୁଃଖ ସେ ଭାଇନାକୁ କହିବା ପରେ ସେ ତା ଆକାଉଣ୍ଟରେ ହଜାରେ ଟଙ୍କା ଛାଡ଼ିଦେଲେ । ପୁଣି ସେମାନଙ୍କ କଥା ବଢୁଥାଏ । ଲୁସି କହୁଥିଲା, ଜଣେ ସାଙ୍ଗଙ୍କ ଘରେ ରହିଯିବି ଆଉ ଦିଦିନ ପରେ ଫେରିବି । ସେ ଭାଇ ତାକୁ ସେ କରିଥିବା ଭୂଲ ବିଷୟରେ ଅବଗତ କରେଇବା ସହ ତ୍ୱରିତ ଫେରିବାକୁ ଆଦେଶ ଦେଲେ । ଯଦି ସେ ଘର ଭିତରେ ରହିବା ସମୟରେ ହିଁ ପାଟି ଖୋଲି କହିଥା'ନ୍ତା ତେବେ କୌଣସି ଅସୁବିଧା ହୁଅନ୍ତା ନାହିଁ । ଯଦି ନିଜେ ସତ ଅଛ ତେବେ କାହାର ଗରମ ପାଣିରେ ନିଜର ଚର୍ମ ପୋଡେ଼ ନାହିଁ । ଭୁଲ ପରେ ଭୂଲ ଏମିତି କଲ, ଯେମିତି ଚୋରକୁ ମାନ କରି ଖପରାରେ ଖାଇବା । ଯଦି ସେମାନଙ୍କ ଦୃଷ୍ଟିରେ ତମେ ଯଦି ସେପିଲାଙ୍କ ସହ ଅଶ୍ଳୀଳ କାମ କରୁଥିଲ, ତେବେ ବି ସୁପ୍ରିମ୍ କୋର୍ଟ ତାହାକୁ ସ୍ୱୀକୃତି ଦେଇଛନ୍ତି । ଏମିତିରେ ଡରି ଡରି ତମେ କାହିଁ ନିଜର ସମୟ ଖରାପ କଲ ? କାହାକୁ କେବେ ଖାତିର କରିବା କଥା ନୁହଁ ଯେବେ ଯାଏ ନିଜେ ସ୍ୱଚ୍ଛ ଅଛ । ଏମିତିରେ ହିଁ ଟୁଙ୍ଗାରି ସେ ଫେରିବା ନିମନ୍ତର ବସ୍ ଷ୍ଟାଣ୍ଡ ଅଭିମୁଖେ ଯାତ୍ରା କରୁଥିଲା । ବସ୍ ରେ ବସି ସେ ଥାଙ୍କ୍ୟୁ ଜଣେଇବା ସହ ଜୁନ୍ ମାସରେ ଟିଉସନ କରି ଟଙ୍କାତକ ଫେରେଇଦେବାର ପ୍ରତିଶୃତି ଦେଲା । ଆଖି ବନ୍ଦ କରି ସେ ଜୟ ଜଗନ୍ନାଥ କହୁଥିଲା । ଏମିତିରେ କେତେବେଳେ ତା ନିଦ ବଢୁଥିଲା ଏବଂ ତା ସହ ବଢୁଥିବା ବସ୍ ର ବେଗକୁ ସେ ଆସ୍ତେ ଆସ୍ତେ ଭୁଲିଯାଉଥିଲା । ସକାଳୁ ଗାଡ଼ି ଲାଗିଯାଇଥିଲା ତା ସ୍ୱପ୍ନର ସହରରେ ।

ଜୟପୁର, ୯୦୭୮୮୩୮୬୨୭

ISSN NO.
2582-208X

# ଶ୍ରମ ଓ ଶ୍ରମିକ



ଦିଲ୍ଲୀପ ଶତପଥୀ

ଶ୍ରମ
ଜୀବନ ଜୀବିକା ର ମାଧ୍ୟମ
ଥିଲା ଦିନେ କୌଳିକ ।
ବାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର
ଜୀବନର ମାନଦଣ୍ଡ
ଆତ୍ମ ପରିଚୟ ।
ଅତୀତ ଏବେ ଇତିହାସ
ଶ୍ରମ ଏବେ ଅଲୌକିକ
କିଏ ଉଦ୍ଭାବକ କିଏ ବୈଜ୍ଞାନିକ
ଶ୍ରମିକ ହାତରେ କଲମ
ପରିଚୟ ଲେଖକ, କବି, ଔପନ୍ୟାସିକ ।
ସୁସ୍ଥ ସୁନ୍ଦର ସମାଜର ପରିମାପକ
ଡାକ୍ତର, ସ୍ଥପତି ଅବା ବ୍ୟମଜାନ ଚାଳକ
ସୀମା ର ସୈନିକ ଅବା
ରୁପେଲି ପରଦାର ନାୟକ ।
ବଦଳିଛି ଶ୍ରମିକର ପରିଭାଷା

ISSN NO.
2582-208X

ବଢ଼ିଛି ବ୍ୟାପକତା
ବଦଳିଛି ଦେଶ ଜାତିର ଭୌଗଳିକ ସ୍ଥିତି
ଜଳରେ, ସ୍ଥଳରେ, ଆକାଶରେ
ଅବା କେଉଁ ଶୀତତାପ ନିୟନ୍ତ୍ରିତ କୋଠରୀରେ
ଅଣକୁଶଳୀ, ଅର୍ଦ୍ଧ କୁଶଳୀ, ଅତି କୁଶଳୀ
ଅଭିମନ୍ତ୍ରିତ ହାତ
ଗଢ଼ିଦିଏ ଗାଡ଼ି, ମଟର, ବୁଡ଼ା ଜାହାଜ, ଉଡ଼ା ଜାହାଜ
କଳ କାରଖାନା, ରାସ୍ତା ଘାଟ
ପ୍ରାସାଦ, ଅଟ୍ଟାଳିକା
ଅବା କୋଭିଡ ଟୀକା ।
କର୍ମ କୁ ନେଇ ଏବେ ଚାରି ରୁ
ଚାରି ସହସ୍ର ଜାତି
ଜାତିପ୍ରଥା ର ବିଲୋପ
ବାକି ଅଛି ଅସମାପ୍ତ ରାତି ।
ଅପର୍ଯ୍ୟାପ୍ତ, ଅସମାହିତ ପ୍ରଶ୍ନ ର ଉତ୍ତର
ଘୁରିବୁଲେ ଶ୍ରମିକଟିର ମୁଣ୍ଡରେ
ସେଇ ପୁଣି ଦେଖାଏ ବାଟ
ଆଡେଇ ଦେଇ କଣ୍ଟା ଝଟା
ସମାଜକୁ ପୁଷ୍ପିତ ରାସ୍ତା
ଅବା ସ୍ୱର୍ଗକୁ ନିଶୁଣୀ !

ପୋଷ୍ଟମାଷ୍ଟର, ଏ ଜି ପୋଷ୍ଟ ଅଫିସ
ଭୁବନେଶ୍ୱର 751001
9437175764

ISSN NO.
2582-208X

# ଆଜି ବିବାହ ବାର୍ଷିକୀ ଆମର



ରଶ୍ମିତା ନାୟକ

ନିମନ୍ତ୍ରଣ ପତ୍ର ବାଣ୍ଟି ସାରିଥିଲେ
ଶ୍ୱଶୁର ଓ ବାପା ମୋହର
ସେ ପତ୍ର ମଧ୍ୟରେ ଛପା ହୋଇଥିଲା
ରଶ୍ମିତା ସହ ସର୍ବେଶ୍ୱର ॥

ଦୁହିଁଙ୍କ ଘରର ଦାଣ୍ଡପଟ କାନ୍ଥେ
ଲେଖା ଥିଲା ବିଭା ଚିତା
ସେ ଚିତା ଦେଖିଲେ କେଜାଣି କାହିଁକି
ଓଦା ହୁଅଇ  ଆଖିପତା ॥

ଆମ କାନ୍ଥେ ମୋ ନାମ ଉପରେ ଥିଲା
ତୁମ କାନ୍ଥରେ ଥିଲା ତଳେ
ବନ୍ଧୁ ପଡୋଶୀଙ୍କ ଗହଳ ଚହଳ
ଶୁଭୁ ଥିଲା ଯେ ଚାରିଆଡେ ॥

ISSN NO.
2582-208X

ଇଂରାଜୀ ମାସର ଜୁନ ତିରିଶି
ଦୁଇହଜାର ଦଶ ମସିହା
ସକାଳୁ ମାଇକି ବାଜିଉଠିଥିଲା
ବାଜାବାଲା ସହ ଶଙ୍ଖୁଆ ॥

ହାତରେ ମେହେନ୍ଦୀ  ଦେହରେ ହଳଦୀ
ନାଲି ଅଳତା ମୋ ପାଦରେ
ଲଗନ ବସାଇ ଦିଅଁ ମଙ୍ଗୁଳାଇ
ସଜାଇଲେ ବଧୂ ବେଶରେ ॥

ପ୍ରିୟ ପରିଜନ ଆତ୍ମୀୟ ସ୍ୱଜନ
ଚାହୁଁଥିଲେ ଭିଜା ଆଖିରେ
ଚିବୁକରୁ ବକ୍ଷ ମୋରତିନ୍ତି ଥିଲା
ଝରୁଥିବା ଆଖି ଲୁହରେ ॥

ନିର୍ଦ୍ଧିଷ୍ଟ ସମୟ ହେଲା ଉପଗତ
ପଟୁଆର ଘେନି ସାଥିରେ
ପହଂଚିଲ ତୁମେ ଆମ ଦୁଆରରେ
ସଜ ହୋଇ ବରବେଶରେ ॥

ବିବାହ ବେଦୀରେ ଦଶଦିଗ ପାଳ
ଅଗ୍ନି, ଦ୍ୱିଜଙ୍କୁ କରି ସାକ୍ଷୀ
ତୁମ କର ପରେ କର ମୋର ଧରି
ବାପା ମୋହର ଦେଲେ ରଖି ॥

ISSN NO.
2582-208X

ଫୁଲ ଶଙ୍ଖା ସହ ନାଲିଶଙ୍ଖା ନେଇ
ମୋହାତେ ଦେଲ ପିନ୍ଧାଇ
ସିମନ୍ତେ ସିନ୍ଦୂର ମାଖି ଦେଇଥିଲ
ରୁପା ପଇସାରେ ନେଇ ॥

ଆନ ବିଧି ଶେଷେ କଉଡି ଖେଳରେ
ତୁମଠାରୁ ଗଲି ମୁଁ ଜିତି
ସେ ଦିନୁ ମୁଁ ତୁମ ଗୃହଲକ୍ଷ୍ମୀ ହେଲି
ତୁମେ ମୋର ପରାଣ ପତି ॥

ଅମାପ କୋହରେ ପ୍ଲାବିତ ଲୁହରେ
ଆପଣାଙ୍କୁ ପର କରିଲି
ତୁମ ଆଗେ ମୁହିଁ ଢାଲ ହେବି ବୋଲି
ପ୍ରଥମେ ଆଞ୍ଜୁଳି ଧରିଲି ॥

ଟଙ୍କାକର ଦୁଇ ଧାର ହୋଇ ଦୁହେଁ
ସଂସାର ତରଣୀକୁ ବାହି
ଆଞ୍ଜୁଳା ଆଞ୍ଜୁଳା ଲୁହ ଗଣ୍ଠି କରି
ହସିଅଛେ ସଂସାର ପାଇଁ ॥

ଆମ ବନ୍ଧନକୁ ଅତୁଟ ରଖନ୍ତୁ
ପ୍ରଭୁଙ୍କୁ ମୋର ନିବେଦନ
ଦୀପଜ୍ୟୋତି ପରି ଉଦ୍ଭାସିତ ହେଉ
ଆମର ଆଗାମୀ ଦିନ ॥

ଏରସମା, ଜଗତସିଂହପୁର

ISSN NO.
2582-208X

# ପ୍ରଥମ ପ୍ରହର



ସ୍ୱାଗତିକା ସାହୁ

କାଳିମା ରାତ୍ରିରେ
ପ୍ରଥମ ପ୍ରହରେ
ଅଧା ଗଢ଼ା ହୁଆ
କାନ୍ଥ ପଥରରେ
ଉଦାସୀ ମନରେ ଚାହେଁ ନୀରବରେ
ପୂର୍ଣ୍ଣମୀ ଆକାଶେ ଶଶୀ,
ଏକା ଏକା ମୁଁ ଯେ ବସି... ।।

ସ୍ଥିତି ମୋର ଦେଖି
ଶଶୀ କହେ ସଖୀ
ପଚାରେ ନିରେଖି
କାରଣ କୁହକି
ମେଘୁଆ କଜ୍ଜ୍ୱଳ ହୋଇଛି ଦୁର୍ବଳ
ଆଜି କୁହ କାଇଁପାଇଁକି ?
ଅଭିମାନ ଆଜି କାହିଁକି.....

ISSN NO.
2582-208X

ପ୍ରଶ୍ନ ପ୍ରଦେଶରେ
ଯା' ମନ ଭର୍ତ୍ତିରେ
ଚକୋର ନୟନେ
ମତେ ସେ ଦେଖେରେ
ଭୁଲତା କୁଞ୍ଜନେ କାଇଁ ମୋର ଦେଖେ
ପ୍ରତିଛବି କାଢି ବସି ...?
ସତେସେ ମୋ ପ୍ରିୟା ମାନସି... ।।

କୁହ କାଇଁ ପାଇଁ
ନିରୁତ୍ତର ତୁହି
ଜଣାଇଲେ ମୁହିଁ
କରିଦେବି ସହି
ଅନ୍ତର ଉତ୍ତର ପାଇବୁ ସଅଳ
ନିଦେ ହଜିଯିବୁ ସହୀ
ଯିବୁ ଯଦି ହୃଦେ ରହି ... ।।

ଅନ୍ତର ବେଦନା
କହି ମୁଁ ପାରେନା
ଜୀବନ ଯନ୍ତ୍ରଣା
ସହି ବି ହୁଏନା
ଚାପି ରଖି କୋହ ଓଠ ପିଏ ଲୁହ
ସହିଯାଏ ସବୁ ଯାତନା...
ଏ ନୀରବ ଜଳର ତାଡନା ।।

ISSN NO.
2582-208X

ମନରେ ଯାହାକୁ
ଜାଗା ଦେଇଥିଲି
ବିଶ୍ୱାସ ରସରେ
ଭାବ ବଢ଼ାଇଲି,
ପ୍ରତାରଣା ଜାଲେ ଛନ୍ଦି ମତେ ଦେଲେ
ଭାବନା ଅନଳେ ଜଳିଲି.
କାନ୍ଦି କାନ୍ଦି ମୁଁ ଯେ ମରିଲି ... ।।

ଅଧ୍ୟାପିକା, କନ୍ଧମାଳ

ISSN NO.
2582-208X

# ଇଏ କ ପ୍ରେମ



ସିଦ୍ଧେଶ୍ୱର ତ୍ରିପାଠୀ

ସ୍ୱିଟି ଜଣେ ବିବାହିତା ନାରୀ, ତାର ଘରେ ଦୁଇଟି ଛୋଟ ଛୋଟ ଝିଅ ଅଛନ୍ତି । ଏକଥା ଜାଣିଲା ପରେବି ମିଲନ ତା ପ୍ରେମରେ ପଡି ଯାଇଥିଲା । ସ୍ୱିଟି ର ସ୍ୱାମୀ ଦିଲ୍ଲୀରେ ଚାକିରୀ କରନ୍ତି। ସେ କିନ୍ତୁ ଦୁଇ ଝିଅଙ୍କ ସହିତ କଟକରେ ରୁହେ । ମଝିରେ ମଝିରେ ବର୍ଷକୁ ଦିଚାରି ଥର ସ୍ୱାମୀ ଘରକୁ ଆସନ୍ତି । ସଂସାର ଠିକ୍ ଠାକ ଚାଲିଥାଏ । ମିଲନ ଏଇ କଟକରେ ଚାକିରୀ କରେ ଗାଁରେ ତାର ଯୌଥ ପରିବାର ଗହଳି କୁଟୁମ୍ବ ଘର । ପିଲାଦିନୁ ବହୁ ଅଭାବ ଅନାଟନରେ ଚଳି ସେ ମଣିଷ ହୋଇଛି । ଆଉ ହଁ ସ୍ୱିଟି ଆଉ ମିଲନର ଘର ପୁରା ପାଖାପାଖି ଦୁହେଁ ଭଡା ଘରେ ରୁହନ୍ତି ।

ଧିରେ ଧିରେ ସମୟ ବିତେ ଘଣ୍ଟାରୁ ବ୍ୟାଟେରୀ ସରିଲେ ସେଥିରେ ନୂଆ ବ୍ୟାଟେରୀ ପଡେ ଆଉ ବର୍ଷ ଶେଷରେ ପୁରୁଣା କ୍ୟାଲେଣ୍ଡର ବଦଳରେ ଘରକୁ ନୂଆ କ୍ୟାଲେଣ୍ଡର ଆସେ । କେବେ କେବେ ସଉଦା କେବେ କେବେ ଭଲମନ୍ଦ ଏସବୁ ସ୍ୱିଟି ଘରକୁ ଆସେ ତାହାପୁଣି ମିଲନ ହାତରେ । ପ୍ରଥମେ ଏରୁଣ୍ଡି ବନ୍ଧ ପାଖେ କିଛି କଥା ସୋଫା ଉପରକୁ ଯାଉ ଯାଉ କିଛି କଥା ଖାଇବା ଟେବୁଲ ଯାଏଁବି ଯାଏ । କେବେ କେବେ ମିଲନର ଟଙ୍କା ଦରକାର ହେଲେ ସେ ସ୍ୱିଟିଠୁ ଉଧାର ନିଏ ପୁଣି ସମୟ ସୁବିଧା ଦେଖି ସୁଝିଦିଏ । ଭାବ ଟିକେ ଅଧିକ ବଢେ ଫେସବୁକରେ ବି ବନ୍ଧୁତା ଯୋଡି ହୁଏ । ଆଉ ହ୍ୱାଟ୍ସଆପରେ ବି, ଘଣ୍ଟା ଘଣ୍ଟା ଚାଟିଙ୍ଗ ବଢେ ସ୍ୱିଟିର ପରିସ୍ଥିତି ଆଉ ଏକେଲାପଣର ସୁଯୋଗ ଆଉ ଏ କୁଆଁରା ବୟସ ଯେପରି ପରସ୍ପରକୁ ଆକର୍ଷଣ କରୁଥାଏ ଭିତରେ ଭିତରେ ।

ISSN NO.
2582-208X

ହାଲୋ ହାଏ ଗୁଡ଼ ମର୍ନିଙ୍ଗ ଗୁଡ଼ ନାଇଟର ବାର୍ତ୍ତା ଧିରେ ଧିରେ ସ୍ୱର ବଦଳାଇ ବହୁତ ଆଗରେ ପହଞ୍ଚେ । ମାଡାମ ବହୁତ ଭଲଟା ଆସି ଧନ ଆଜି ବହୁତ ସୁନ୍ଦର ଦିଶୁଛରେ ବଦଳି ଯାଏ । ନାଲି ପାନପାତ୍ର ଚିତ୍ର ଦିଆ ନିଆ ଆଉ ଚୁମ୍ବନ ଚିତ୍ର ଦିଆ ନିଆ ପରେ ଧିରେ ଧିରେ ସମୟ ସାଥିରେ ଦୁହେଁ ଦୁହିଁଙ୍କ ପାଇଁ ପାଗଳ ହୋଇଯାଆନ୍ତି । ତାପରେ ଫୋନ କଲରେ ରାତିସାରା କଥା ବାର୍ତ୍ତା ଆଉ ଶେଷରେ ଭିଡିଓ କଲ । ଦୁଇ ଝିଅଙ୍କୁ ଶୁଆଇ ଦେଇ ରାତି ଅଧରେ ସ୍ୱିଟି ଯାଇ ବାଥରୁମରେ ପହଞ୍ଚେ ଆଉ ମିଲନର ବାରମ୍ବାର ଅନୁରୋଧରେ ଭିଡିଓ କଲରେ ଚାଲେ ଫ୍ଲାଇଂ କିସ୍ । ତାପରେ ସ୍ୱିଟି ଗୋଟେ ପର ପୁରୁଷ ପାଖରେ ଅଜାଡି ଦିଏ ଦେହର ଦହନକୁ । ଆଉ ଏଇ ଦହନରେ କୁହୁଳିବାକୁ ସତେ ଯେମିତି ବ୍ୟାକୁଳ ଥାଏ ମିଲନ । ଧିରେ ଧିରେ କଥା ଆଗକୁ ବଢେ । ଚିତ୍ରିତ ଘଟଣା ସତ ସତିକା ଘଟେ । ସବୁଦିନ ଠିକ୍ ରାତି ଏଗାର ବେଳକୁ ଏ ସହରଟା ନିରବ ହେଇଗଲା ପରେ ମିଲନ ସ୍ୱିଟି ଘରକୁ ଚାଲିଯାଏ । ତାପରେ ଦୁହିଁଙ୍କ ଆଲିଙ୍ଗନରେ ରାତି ଆଗକୁ ବଢେ । ରାତି ସାଥିରେ ମିଲନର ଓଠ ଛୁଇଁ ଚାଲିଥାଏ ସ୍ୱିଟିର ଅଷ୍ଟାଙ୍ଗ ଶରୀରକୁ । କିଛି ମିଛି ମିଛିକା ବିରୋଧ ପରେ ସ୍ୱିଟି ଲୋଟିଯାଏ ମିଲନ କୋଳରେ । ଦୁହିଁଙ୍କ ଦୀର୍ଘ ନିଶ୍ୱାସ ଆଉ ଫୁସ ଫୁସ କଥା ଆଉ ମୁରୁକା ହସରେ ରାତି ଆଗକୁ ବଢେ । ଗଙ୍ଗଶିଉଳି ଫୁଲଗୁଡା ଫୁଟି ମହକି ଝରିବା ବେଳକୁ ମିଲନ ସ୍ୱିଟି ଘର ଛାଡ଼ି ନିଜ ଘରେ ଆସି ସୋଇଯାଏ । ଏ ସ୍ୱିଟିଯେ ଜଣେ ବିବାହିତା ନାରୀ, ଅନ୍ୟ କାହାର ସ୍ତ୍ରୀ ଦୁଇଟି ସନ୍ତାନର ମାଆ ଜାଣିଲା ପରେବି ମିଲନ କିନ୍ତୁ ସ୍ୱିଟି ମୋହରେ ପାଗଳ । ଯୋଉ ମୋହ ପାଇଁ ସେ ଆଜି ମହାପାପୀ ହୋଇବି ଖୁସି ।

ସମୟ ମିଳିଲେ ମିଲନ ଦିଚାରିଦିନ ଛୁଟିରେ ଗାଁକୁ ଯାଏ କୁଣିଆ ମୈତ୍ର ଘର ବୁଲି ଆସେ। ଆଉ ସ୍ୱିଟିର ସ୍ୱାମୀ ମହାନ୍ତି ବାବୁ ଘରକୁ ଆସିଲେ ଆଠ ପନ୍ଦର ଦିନ ରୁହନ୍ତି କେତେ କୁଆଡେ ବୁଲିବାକୁ ଯାଆନ୍ତି । ଦୁଇ ଝିଅ ଆଉ ନିଜ ସ୍ତ୍ରୀର ଯତ୍ନ ନିଅନ୍ତି । ଆଉ ଏଇ ଦିନଗୁଡା ସ୍ୱିଟି ଆଉ ମିଲନ ପାଇଁ ଭାରି କଷ୍ଟ ଦାୟକ ହୋଇପଡେ । ଦୁହେଁ ଆଉ ଅବାଧରେ ମିଳାମିଶା କରି ପାରନ୍ତି ନାହିଁ। ପରକୀୟା ପ୍ରୀତିର ନିଶାରେ ମସଗୁଲ ହୋଇଥିବା ଦୁଇଟି ମଣିଷ ଭାରି ଛଟପଟ ହୁଅନ୍ତି ଯାହା । କିଛି ଦିନ ପରେ ମହାନ୍ତି ବାବୁ

ISSN NO.
2582-208X

ଫେରି ଯାଆନ୍ତି ତାଙ୍କ କର୍ମଭୂମିକୁ । ପୁଣି ଚାଲେ ମିଲନ ଆଉ ସ୍ୱିଟିର ଅବାଧ ମିଳାମିଶା । ସତ କେବେ ଲୁଚି ରହେନା ଏକଥା ଦାଣ୍ଡରେ ପଡି ହାଟରେ ଗଡ଼ ଗଡେଇ ଲାଣି । କଥା ଯାଇ ପହଁଚିଲା ମହାନ୍ତି ବାବୁଙ୍କ କାନରେ । ମହାନ୍ତି ବାବୁ ଘରକୁ ଆସିଲେ ଘରେ ତୁମ୍ବି ତୋଫାନ । ମହାନ୍ତି ବାବୁ ସ୍ତ୍ରୀ ଆଉ ଦୁଇ ଝିଅଙ୍କୁ ନେଇ ଦିଲ୍ଲୀ ଚାଲିଗଲେ । କିଛିଦିନ ସବୁ ଠିକ୍ ଠାକ ଚାଲିଲା ।

ହେଲେ ଏବେ କଥା ଆଉ ଗୋଟେ ପ୍ରକାରେ ସ୍ୱିଟି ଏବେ ଘର ପରିବାର ସୁଖର ସଂସାର ସ୍ୱାମୀ ଆଉ ଦୁଇ ଝିଅଙ୍କୁ ଛାଡି ମିଲନ ସାଙ୍ଗରେ ଫେରାର । ଏସବୁ ଜାଣିଲା ପରେ ମହାନ୍ତି ବାବୁଙ୍କର ହଠାତ ମୃତ୍ୟୁ ହୋଇଛି । ଗଣମାଧ୍ୟମ ପ୍ରତିନିଧି ଆଉ ସ୍ଥାନୀୟ ବିଧାୟକଙ୍କ ସହଯୋଗରେ ମହାନ୍ତି ବାବୁଙ୍କ ବୁଢା ବାପ ମା ଭେଣ୍ଡା ପୁଅର ଶବକୁ ଗାଁକୁ ଆଣି ସଂସ୍କାର କରିଛନ୍ତି । ବୁଢା ବୁଢ଼ୀ ଦିଇଟା ଏ ବୟସରେ ଦୁଇ ନାତୁଣୀଙ୍କ ଯତ୍ନ ନେଉଛନ୍ତି । ସେମାନଙ୍କ ଅନ୍ତେ ପିଲା ଦିଇଟାଙ୍କ ଭବିଷ୍ୟତ ଯେ କ'ଣ ହବ । ଲୋକ ସବୁ ଛି ଛି କରୁଛନ୍ତି । ଦେଖ ହୋ ଇଏକି ପ୍ରେମ ସେ ମହାନ୍ତି ଘର ବୋହୁଟା ଦିଇ ଦିଇଟା ପିଲାର ମାଆ ହେଇ ସାରିଲା ପରେ ପିଲା ଗେରସ୍ତକୁ ଛାଡି ସେ ଛତରା ଟୋକା ସାଙ୍ଗରେ ଚାଲିଗଲା । ଏବେ ପୁଣି ଲୋକ ସବୁ ଟୁପୁର ଟାପର ହଉସନ୍ତି ପରା ସିଏ କୁଆଡେ ସେ ମିଲନ ସାଙ୍ଗରେ ରିଲସ ଏ ଯୋଉ ଭିଡିଓ ମ ଫେସବୁକ ଇନ୍ସଟାଗ୍ରାମ ଏମିତି କେତେ କୋଉଥିରେ ଛାଡୁଛି । ସେଥିରେ ପୁଣି ଗୀତ ବାଜୁଛି ତୁମେ ହିଁ ସ୍ୱର୍ଗ ମୋର ତୁମେ ଦେବତା ମୋର । ଗୋଟେ ହସିଲା ପୁରିଲା ସଂସାରକୁ ନିଜ ହାତରେ ଛାରଖାର କରି କି ସୁଖ ପାଇଲା କେଜାଣି । ଇଏକି ପେରେମକୁ ପାଉଛି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ହେ ରଙ୍ଗାଜୀବ
# ଆଉଥରେ ନିଅ ଜନମ



ଡ. ଅର୍ଜୁନ ଚରଣ ବାରିକ୍

ହେ ପ୍ରକୃତି କବି ରଙ୍ଗଜୀବ ଗଙ୍ଗାଧର
ରଙ୍ଗୀନ କର ଏଇ ଦୁନୀୟାକୁ ହୋଇ
ପୁନଃ ଅବତାର ।।
ଗାନ କରି ତୁମ୍ଭ ତପସ୍ୱିନୀ କାବ୍ୟ
ଜଗତ ହେଉ ବିଭୋର ।
ଜୀବନ ତୁମର ଅଟଇ ଶାଶ୍ୱତ ଧନ୍ୟ
ବିଶ୍ୱ କାରିଗର ।।
ବରଷକେ ଥରେ ପାଳିତ ହେଉଛି
ମହାପ୍ରୟାଣ ତୁମ୍ଭର ।
ଆଜିର ଚଇତ୍ର ଅମାବାସ୍ୟାରେ
ପାଳନ୍ତି ପ୍ରତି ସମ୍ବତ୍ସର ।।
ଉତ୍କଳ ଲକ୍ଷ୍ମୀ ତୁମର ଅବଦାନ
ଉତ୍କଳୀୟ ଙ୍କ ସମ୍ଭାର ।
ଥରାଏ ଧରାକୁ ପ୍ରଣୟ ବଲ୍ଲରୀ
କୀଚକ ବଧର ସ୍ୱର ।।
ରେଖା ଜୀବନର ତବ ମୋଦକର

ISSN NO.
2582-208X

ପଦ ଅର୍ଥ ଲାଲିତ୍ୟର ।
ନିଶି ଅବଶେଷେ ପ୍ରଭାତ ଆଗମେ
ତପସ୍ୱିନୀ କାବ୍ୟ ଭାର ।।
ଅଶେଷ କରଣୀ ଆହେ ବିର ମଣି
ବରପୁତ୍ର ଉତ୍କଳର ।
ଜନମ ମରଣ ସିନା ଦୈବା ଧିନ
ତବ ଛବି ପୌରୁଷର ।।
ନମେ ତବ ପଦ ଆହେ ଗଙ୍ଗାଧର
ବିସ୍ମୟ ଏ ଜଗତର ।
ମହାନ ତବ କିରତୀ ମାନ ସଦା
ରହିଥିବ ଏ ସଂସାର ।।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା /ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ତୁମେ



ସୌଭାଗ୍ୟଲକ୍ଷ୍ମୀ ସାହୁ

ତୁମେ ବୈଶାଖ ର ରୌଦ୍ର ତାପ ନୁହେଁ
ବରଂ ବସନ୍ତ ର ମୃଦୁ ମଳୟ
ତୁମେ ଗୋଲାପ ନୁହେଁ ଯେ ଛୁଇଁଲେ କଣ୍ଟା ର ଭୟ
ବରଂ ସଦ୍ୟ ପ୍ରସ୍ଫୁଟିତ ମଲ୍ଲି ଫୁଲ ପରି ଶାନ୍ତ ଓ ସରଳ
ତୁମେ ଗଣିତ ପରି ଅବୁଝା ଅଙ୍କ ନୁହେଁ
ବରଂ ସାହିତ୍ୟ ର ଏକ ସୁନ୍ଦର କବିତା ଟେ
ତୁମେ ବାଲ୍ କୋନି ରେ ସଜା ହେଇଥିବା ପ୍ଲାଷ୍ଟିକ ଫୁଲ ନୁହେଁ
ବରଂ ଖୋଲା ବଗିଚା ରେ ହସୁଥିବା ବାସ୍ତବ ଫୁଲଟିଏ
ତୁମେ ସମୁଦ୍ର ର ସେଇ ଅଶାନ୍ତ ଢେଉ ନୁହେଁ
ବରଂ କୁଳୁ କୁଳୁ ନାଦରେ ମନ ମୋହୁଥିବା ଝରଣା ଟିଏ
ତୁମେ ମୋ ଜୀବନରେ ସାଧା କାଗଜ ନୁହେଁ
ବରଂ ସେ ସାଧା କାଗଜରେ ଅଙ୍କା ହେଇଥିବା ସୁନ୍ଦର ଛବିଟିଏ
ତୁମେ ମୋ ପାଇଁ କୌଣସି ଜଟିଳ ପ୍ରଶ୍ନବାଚୀ ନୁହେଁ
ବରଂ ସବୁ ପ୍ରଶ୍ନ ର ଏକ ସରଳ ଉତ୍ତର ଟିଏ
ତୁମେ ରାତ୍ରି ରେ ଝିଙ୍କାରି ର ସେଇ ଭୟଙ୍କର ଶବ୍ଦ ନୁହେଁ


ISSN NO.
2582-208X

ବରଂ ସକାଳ କୁ ସୁନ୍ଦର କରୁଥିବା କୋକିଳ ର ମିଠା ସ୍ୱର ଟିଏ
ତୁମେ ରାତିରେ ଫୁଟି ସକାଳ କୁ ଝଡିଯାଉଥିବା ଗଙ୍ଗଶିଉଳି ନୁହେଁ
ବରଂ ଅହରହ ଦିବା ନିଶି ଶୋଭା ପାଉଥିବା ଶୁଭ୍ର ଟଗର ଟିଏ
ତୁମେ ମୋ ମନର ଖିଆଲୀ ଭାବନା ନୁହେଁ
ବରଂ ମନରେ ଘର କରିଥିବା ବାସ୍ତବ ଅନୁଭବ ଟିଏ
ତୁମେ ମୋ ଜୀବନରେ କଣ୍ଟକିତ ପଥ ନୁହେଁ
ବରଂ ମୋ ଜୀବନ ପଥକୁ ସଜାଉଥିବା ଫୁଲର ପସରା ଟିଏ ॥

ଗ୍ରାମେଶ୍ୱର, ସାଲେପୁର, କଟକ

ISSN NO.
2582-208X

# ପହିଲି କିରଣ



ବିଜୟଲକ୍ଷ୍ମୀ ସାମଲ

ସୂର୍ଯ୍ୟୋଦୟର ସେଇ ପହିଲି କିରଣ,
ପ୍ରତିଟି ମନରେ ନୂଆ ଆଶା ସମ୍ଭାବନାର ସଞ୍ଚରଣ ।
ପକ୍ଷୀର ସେଇ ମଧୁର ଗୁଞ୍ଜରଣ,
ଶୁଭ ସକାଳର ଏଇ ତ କାରଣ ।

ଗାଁ ମାଟିର ସେଇ ଅପୂର୍ବ ବାସନା,
କାହା ସହ ତାକୁ ତୁଳନା ତ କରି ହୁଏନା ।
କଅଁଳ ବୟସର ସେଇ ଅଭୁଲା ଅଝଟ,
ଏବେ ଖୋଜିଲେ ତାହା ମିଳିବାଟା କଷ୍ଟ ।

ଅତୀତର ପୃଷ୍ଠାକୁ ଯେତିକି ଖୋଲିବ,
ପୂର୍ବସ୍ମୃତିର ପ୍ରତିଟି ରେଣୁକୁ ସାଉଁଟିବ ।
ପିଲାଦିନର ସେଇ ଚପଳତାକୁ ଯେତିକି ଭାବିବ,
ପ୍ରତି ଆଖିରେ ଦୁଇ ଟୋପା ଲୁହ ନିଶ୍ଚୟ ଆସିବ ।

ISSN NO.
2582-208X

କିଛି ନଥାଇ ବି ସବୁକିଛି ଥିଲା,
ଗୋଟିଏରେ କୋଟିଏର ଖୁସି ମିଳୁଥିଲା ।
ସଂସାରର ଛନ୍ଦ କପଟରୁ ବହୁ ଦୂର,
କେବଳ ଥିଲା ଭବିଷ୍ୟତର ନୂଆ ଆଶାର ପରିସର ।

କେମିତି ଚଞ୍ଚଳ କଟିଗଲା ସେଇ ସବୁଦିନ,
ଭାବିଲେ ସେ ପୂର୍ବକଥା କଷ୍ଟ ପାଏ ମନ ।
ବିଧାତା ନିୟମର ଏଇ ତ ବିଧାନ,
ସମୟ ତାକୁ ନତମସ୍ତକ ହୋଇ ଦେଇଥାଏ ସମ୍ମାନ ।

ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ
ଓଡ଼ିଆ ଭାଷା - ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ପ୍ରଥମ ଚିଠି

ବାଇରୀ ଦେବୀ

ସଞ୍ଜ ନଇଁ ଆସୁଥାଏ । ଦୂର ସରଗଲଗା ନଡ଼ିଆଗଛର ମଥା ଉପରେ ଦିଗବୁଡା କଳାବଉଦ ଦେହରେ ଜରିଧଡ଼ି ବୁଣିଦେଇ ସୂର୍ଯ୍ୟ ବୁଡି ଯାଉଥାନ୍ତି। ସବୁଦିନ ପରି ମାଆ ଚଉରା ପାଖରେ ସଂଜବତୀ ଜାଳିଦେଇ ଆସି ପିଣ୍ଡାରେ ବସିଲା। ମୋ ମନରେ ବସନ୍ତର ଶିହରଣ ଖେଳେଇଯାଉଥାଏ । ମୋ ମନ ଘର ଧରୁନଥାଏ । ମୁଁ ସୁଯୋଗ ଉଣ୍ଡି ଆମ ଛାତ ଉପରକୁ ଆସି ଖୋଲା ଆକାଶ ତଳେ ବସି ଭାବନାରେ ବୁଡ଼ିଗଲି। ଭିଜା ବସନ୍ତର ସୁଲୁସୁଲିଆ ପବନରେ ପ୍ରେମର ଡେଣା ମେଲେଇ ମୋ ଆଡେ ମାଡ଼ିଆସୁଥିଲା କଳାବଉଦ। ମୋ ଚାରିପଟେ ଗୋଲାପର ସ୍ପର୍ଶ ଅନୁଭବରେ ବୁଡ଼ିଗଲି କିଛି ସମୟ ପାଇଁ। ମାଆ ଆସି କେତେବେଳେ ମୋ ପାଖେ ବସିଛି, ମୁଁ ଜାଣିପାରିନି। ମାଆ ମୋତେ ଘର ଭିତରକୁ ଡାକି ନେଲା।

ସେଦିନ ରାତି ଅନେକ ହେଇଯାଇଥିଲା ଭୋଜନ ପରେ ମୁଁ ଆଉ ଛାତ ଉପରକୁ ଆସିଲିନାହିଁ। ଶେଯରେ ସବୁଦିନ ପରି ପଡିଲି କିନ୍ତୁ ହାଏ ଭଗବାନ ମୋର ଏଇ ଆଖିରେ ନିଦ ନଥାଏ। ଦେହସାରା ନୂତନ ଶିହରଣ ଖେଳେଇଯାଉଥାଏ। ପରଦିନ ସକାଳେ ମୁଁ ଆଉ ମୋ ସାଙ୍ଗ ଭାରି ମଉଜ କଲୁ। କଦମ୍ବ ବନ ଆଡେ ବୁଲି ବାହାରିଲୁ। ସେହି ପରିବେଶରେ ନୂତନ ଉନ୍ମାଦନା ସୃଷ୍ଟି ହେଉଥିଲା। ମୋ ମନ ପ୍ରଫୁଲିତ ରହୁଥିଲା ମୁଁ ବୁଝିପାରୁନଥିଲି।

କିଛିଦିନ ପରେ ମୋର ଜଣେ ପୁରୁଷ ବନ୍ଧୁ କଣେଇ କଣେଇ ଚାହୁଁଛି ବୋଲି ମୋର ସାଙ୍ଗ ନର୍ମଦା କହୁଥିଲା। ହଠାତ୍ ମୁଁ ରାଗିଗଲି। ସେଦିନ ମଧ୍ୟ ସନ୍ଧ୍ୟାରେ ଆମ ଛାତ ଉପରକୁ

ISSN NO.
2582-208X

ଗଲି ଆଉ ସେଇ ପୁରୁଷ ବନ୍ଧୁ ମୋ ପାଇଁ ବୋଧେ ସେ ବି ତାଙ୍କରି ଘର ଛାତରେ ଅପେକ୍ଷା କରିଥାଏ। ମୁଁ ଟିକେ ବିବ୍ରତ ହେଇ ଚାରିଆଡେ ଚାହିଁଲାବେଳେ ମୋର ତା ଉପରେ ନଜର ପଡିଲା। ସେ ମୋତେ ଅପଲକ ଦୃଷ୍ଟିରେ ଚାହିଁ ବସିଥିଲା। ମୁଁ ମୋ କେଶ ଆଢୁଆଳରେ ଉପଭୋଗ କରୁଥିଲି। ମୋର ସେତେବେଳେ ନର୍ମଦା କଥା ମନେ ପଡ଼ିଲା। ମୁଁ ଚେଷ୍ଟା କରୁଥାଏ ଘର ଭିତରକୁ ଯିବାକୁ ହେଲେ ଯେମିତି କେଉଁ ଗୋଟେ ଅଜଣା ଡୋରୀରେ ବାନ୍ଧି ହେଇଥିଲି । ସେଠୁ ଆସିବାକୁ ଚାହୁଁଥିଲେ ବି ଆସିପାରୁନଥିଲି। ଏମିତି କିଛିଦିନ ଚାଲିଲା। ଧିରେ ଧିରେ ମୋର ନିଦ ଚୋରି ହେଇଗଲା ପରି ମନେ ହେଉଥାଏ। ସତେ ଯେମିତି ମୁଁ କାହା ପ୍ରେମରେ ଛନ୍ଦି ହେଇଯାଇଛି। ମୋ ପୁରୁଷ ବନ୍ଧୁ ସୁଯୋଗ ଉଣ୍ଟୁଥାଏ। ଯଦି ସେ ମୋତେ କେଉଁ ନିରବ ସ୍ଥାନରେ ଦେଖାହେଲେ, କିଛି କଥାହବ। କିନ୍ତୁ ମୁଁ ଭାରି ଲାଜେଇ। ଏକୁଟିଆ କୁଆଡେ ଯାଏନି। ନର୍ମଦା ହାତରେ ସେ ଚିଠିଟି ପଠେଇଲା।

ମୋ ମାଆ ଭାରି ରାଗି। ମାଆ ଆଖିରେ ଚିଠି ପଡିଲେ ସବୁ ଫସର ଫାଟିଯିବ। ଆମେ ଦୁହେଁ ସୁଯୋଗ ଅପେକ୍ଷାରେ ରହିଲୁ। କିନ୍ତୁ ସେଦିନ ସମୟ ଆମ ସାଥ ଦେଇନଥିଲା। ତା ପରଦିନ ମାଆ ଗୋଟେ କାମରେ ବ୍ୟସ୍ତ ରହିବ ଜାଣି ମୁଁ ଧିରେ ଛାତ ଉପରକୁ ଯାଇ ଚିଠିଟି ଖୋଲିଲି। ଚିଠି ଖୋଲିବା ସମୟରେ ମୋ ଗୋଡହାତ ଥରୁଥାଏ। ଯେମିତି ମୋତେ ପ୍ରୀତି ଫଗୁଣ କାବୁ କରିଛି ତା ରଙ୍ଗବେରଙ୍ଗର ଓଢଣୀ ଢାଙ୍କି। ଆଉ ମୋର ବି ସେଇ ପ୍ରେମ ଫାଶରୁ ବାହାରିବାର ବାଟ ନାହିଁ ଯେମିତି। ଚିଠିପଢିଲା ପରେ ମୋତେ ଲାଗିଲା ସତେ ଅବା ମୁଁ ପ୍ରେମର ଅମରବତୀରେ ବୁଲୁଛି। ଘରେ କାଳେ କିଏ ଜାଣିନେବେ ମୋର ଭାରି ଭୟ। ଏ ଦିଗ ପ୍ରତି ଭାରି ଯତ୍ନବାନ। ତେଣୁ ମୁଁ ଚିଠିଟିକୁ ଧିରେ ଆଣି ମୋ ବହି ଭିତରେ ଲୁଚେଇ ରଖିଦେଲି।

ଆଉ କିଛିଦିନ ଯାଏଁ ଛାତ ଉପରକୁ ଗଲିନି କିନ୍ତୁ, ମନଟା ଭାରି ଉଦାସ ଲାଗୁଥାଏ ବେଳେବେଳେ ମୋ ମନକୁ କିଏ ଚୋରି କରିଛି। ହେଲେ ମୁଁ ଯେ ନାଚାର କରିବି କଣ। ଚୋର ମନ ଚୋର ଗଣ୍ଠିଲିରେ । କେମିତି ଆଉ କେଉଁଠି ଦେଖାହବ ଭାବି ଭାବି ଦିନରାତି

ISSN NO.
2582-208X

ବିତୁଛି। ନର୍ମଦା ହିଁ ଏକମାତ୍ର ଭରଷା । ତାଙ୍କରି ଘରକୁ ଦିନେ ଗଲି। ଦୀର୍ଘଦିନର ଦେଖା ପରେ ଆମେ ଦୁହେଁ କୁଣ୍ଢାକୁଣ୍ଢି ହେଇଗଲୁ। ଆଉ ପୂର୍ବପରି ସେଇ କଦମ୍ବ ବନ ଆଡେ ବୁଲି ଗଲୁ। ସେଠି ମୁଁ ବଖାଣି ବସିଲି ଚିଠି ପାଇବା ପରର ମନର ଅବସ୍ଥା। ସେ କହିଲା ଯେ କାଳେ ମୋତେ ପ୍ରେମ ହେଇଛି। ମୋ ଆଖି ଆଉ ମୁହଁକୁ ଦେଖିଲେ ବାରିହେଉଛି। ମୁଁ ଟିକେ ଲାଜେଇ ଗଲି। ସେ କହିଲା କଥାଟା ଏଥର ଜମିଲା। ତାହେଲେ ତୋର ଭୋଜି କଥା କହ।

ମୋର ହଠାତ୍ ମାଆର ତାଗିଦ ମନେ ପଡ଼ିଲା। ଆମେ ଦୁହେଁ ଯେଝା ଘରକୁ ଫେରିଲୁ। ମୋର ହାବଭାବର ପରିବର୍ତ୍ତନ ମାଆ ଟିକେ ଲକ୍ଷ୍ୟ କରୁଥାଏ। ଏମିତି କିଛିଦିନ ପରେ ମାଆ, ମୁଁ ବିଚଳିତ ହେବା କାରଣ ପଚାରିଲା। ମୁଁ କିନ୍ତୁ ନିରବ ରହିଲି। ପୂର୍ବପରି ଛାତ ଉପରେ ଦୁହେଁ ପରସ୍ପରକୁ ଦେଖାଦେଖି ଏବଂ ଭାବ ଆଦାନପ୍ରଦାନ ଚାଲିଲା । ଧିରେ ଧିରେ ପରସ୍ପରକୁ ଶୟନେ, ସପନେ, ଜାଗରଣେ ଅତି ପାଖରୁ ପାଇବାକୁ ଲାଗିଲୁ। ସବୁ ରାତି ଚାନ୍ଦିନୀ ରାତି ହେଉଥିଲା । ପୁନେଇଁ ରାତିରେ ଦୁହେଁ ଜହ୍ନ ତଳେ ବସି ରୂପ ଓ ଗୁଣ ବର୍ଣ୍ଣନାରେ ରାତି କଟୁଥିଲା। ଦିନାକିଛି ଭାରି ଫଗୁଣ ଫଗୁଣ ଲାଗିଲା। କିନ୍ତୁ ଦିନେ ସେ କୌଣସି ଗୋଟେ କାର୍ଯ୍ୟରେ ବ୍ୟସ୍ତ ରହିବାରୁ ଆଉ ସେଦିନ ଏତେ ଭାବ ଦିଆନିଆ ହେଇପାରିଲାନି ମୁଁ ତ ଭାରି ଖପା। ଆଉ କଣ କହିବି, ସେ ମୋ ହାତ ଧରି, ଗୋଲାପ ଫୁଲ ଦେଇ, କେତେ କଣ ଖୋସାମତ କଲା। ଏଥିଅନ୍ତେ ସେ ବିବାହ ପ୍ରସ୍ତାବ ନେଇ ଘରକୁ ଆସିଲା । ପିତାମାତାଙ୍କ ସମତିରେ ବିବାହ କାର୍ଯ୍ୟ ଯଥାରୀତିରେ ସମ୍ପାଦନ ହେଲା।

ଅଧ୍ୟାପିକା, ଗଂଜାମ ମହାବିଦ୍ୟାଳୟ, ଗଂଜାମ
ଓଡିଆ ଭାଷା ଓ ସମ୍ମାନ ବିଭାଗ

ISSN NO.
2582-208X

# ତଥାପି ଖୁସି ମୋ ଛୋଟ ଦୁନିଆରେ



ଦେବେନ୍ଦ୍ର ସାହୁ

ନା ମୁଁ ଅଛି କାହା ପ୍ରଶ୍ନରେ ନା ଅଛି କାହା ଉତ୍ତରରେ....
ନୀରବରେ ବାଟ ଚାଲେ ଗହଳି ଭିତରେ....
ଭାରି ଭାରି ଲାଗେ ଯେବେ ଜୀବନରେ ଦୁଃଖ...
ମନ ଖୋଜେ କେହି ଆସି, ପାଖେ ବସି ଦବ ହସି
ଛୁଇଁ ଦବ ମିଟିଯିବ କିଛି କିଛି ଶୋକ....
କିନ୍ତୁ କେହି ଆସେନା ମୋ ସେମିତି ନଜରେ.......
ତଥାପି ଖୁସି ଅଛି ମୁଁ ମୋ ଛୋଟ ଦୁନିଆରେ।....

କଲମରେ ଅଛି ସ୍ୟାହି ଲେଖି ମୁଁ ପାରୁନି
ମନର ସେ ପ୍ରିୟ ଶବ୍ଦ ଖୋଜି ମୁଁ ପାଉନି
କୁହନ୍ତି ମନର କଥା ମୁଁ ତାକୁ ଏକାନ୍ତରେ
ଯଦି କେ ସୁନନ୍ତା ପାଖେ ବସି ଜତନରେ
କିନ୍ତୁ କେହି ଆସେନା ମୋ ସେମିତି ନଜରେ....
ତଥାପି ଖୁସି ଅଛି ମୁଁ ମୋ ଛୋଟ ଦୁନିଆରେ।.....

ରାମେଶ୍ୱର,ସାଲେପୁର,କଟକ

ISSN NO.
2582-208X

# ଋତୁରାଜ ବସନ୍ତ



ଜୟନ୍ତୀ ଦେବୀ

ବସନ୍ତର ଆଗମନ ଜନ ମନ ହରେ ।
କୋକିଳ ର କୁହୁତାନ ଚୂତ ଡାଳ ପରେ ।।
ମନ୍ଦ ମରୁତ ବହଇ କୁଞ୍ଜ ବାନାନିରେ
ମଦନରେ ଆଭିଭୂତ ସର୍ବ ନାରୀ ନରେ ।।
ନାନାଜାତି କୁସୁମରେ ଶୋହେ ଉପବନ ।
ନବ ବିପିନ ଦିଶଇ ପତ୍ରେ ପରିପୂର୍ଣ୍ଣ ।
ନୀଳ ଗଗନର ଶୋଭା ବାରୀଦ ବିହୀନ ।
ନୀଳ ସାଗରର ଜଳ ଉର୍ମି ପରିପୂର୍ଣ୍ଣ ।
ଚୂତଡାଳେ ଆମ୍ର କଷି ଦିଶେ ବିତପନ
ବନ ଉପବନ ଶୋଭା ହୁଅଇ ବର୍ଦ୍ଧନ
ନାହିଁ ଖରା ନାହିଁ ଶୀତ ପ୍ରକୃତି ଏ ସନ ।
ନବ ପଲ୍ଲବ ରେ ଲତା ପାଦପ ଶୋଭନ ।।

ମଦ୍ଦୁ, ଆଳ, କେନ୍ଦ୍ରାପଡ଼ା।ପିନ୍ ୭୫୪୨୩୧

ISSN NO.
2582-208X

# ଡାକ୍ତର ଦିବସ



ପ୍ରଶାନ୍ତ କୁମାର ନାଥ

ମାନବ ହୋଇବି ଦ୍ୱିତୀୟ ଈଶ୍ୱର
ରୋଗୀ ରୋଗ ଭଲ କରି
ମରଣ ମୁହଁରୁ ରୋଗୀକୁ ଫେରାଇ
ଜୀବନ ଦିଅଇ ଭରି।

ନିରାଶା ମନରେ ଆଶା ସଞ୍ଜିବନୀ
ତାଙ୍କ ହାତ ଛୁଆଁ ପୋଥି
ଅସାଧ୍ୟ ରୋଗକୁ ଭଲ କରିଦେଲେ
ହସୁଥାଏ ଏହି ପୃଥ୍ୱୀ।

ରୋଗ ଯନ୍ତ୍ରଣାରୁ ମୁକତିର ପାଇଁ
ଅଛି ତାଙ୍କ ଆଖି ଚାହିଁ
ନିରାମୟ ସେବା ଦିଅନ୍ତି ଯୋଗାଇ
ରୋଗୀ ସୁସ୍ଥ ହେବା ପାଇଁ।

ଶ୍ରାବଣ ରାତିର ଘନ ଅନ୍ଧକାରେ
ଡାକ୍ତର ଉଦିଆ ଚାନ୍ଦ

ISSN NO.
2582-208X

ସତେକି ଫେରିଛି ଫଗୁଣ ତା ପାଇଁ
ଭରି ଦେଇ ପୁଷ୍ପ ଗନ୍ଧ ।

ବରଗଛ ସମ ମହାଧୈର୍ଯ୍ୟ ଶାଳି
ଦେଖେ ନିତି ମହାବ୍ୟାଧି
ପ୍ରବଳ କାଳରେ ମଳୟର ଛାଇ
ବଇଦର ମହୋଷଧି ।

ମଣିଷ ରକ୍ତକୁ ଦେଖି ଡରେ ନାହିଁ
ଧୈର୍ଯ୍ୟ ଧରି ସେବା କରେ
ରୋଗୀ ଯନ୍ତ୍ରଣା କୁ ଦୂର କରିଦେଇ
ବଞ୍ଚି ବାର ଆଶା ଭରେ ।

ସଂସାରରେ ସତେ କେତେ ସେ ମହାନ
ତାଙ୍କ ପରି କିଏ ଅଛି
ବେଳ କି ଅବେଳ ନଥାଏ ବାରଣ
ରୋଗ ସାଥେ ଲଢୁ ଅଛି ।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଶେଷ ରାକ୍ଷସୀ



ଶିବମ୍ ପଟ୍ଟନାୟକ

କାହାଣୀଟି ର ଆରମ୍ଭ ହୁଏ ବୁଦ୍ଧ ଜାତକରେ ବର୍ଣ୍ଣିତ ଏକ ଘଟଣା ରୁ । ଏକଦା ଘଟଣା ଚକ୍ରରେ ବାଧ୍ୟ ହୋଇ ଜଣେ ବ୍ରାହ୍ମଣ ଏକ ରାକ୍ଷସୀ କୁ ବିଭା ହୋଇଥିଲେ । ଲୋକାଳୟ ଠାରୁ ଦୂରରେ ଏକ ଗୁମ୍ଫାରେ ଥାଏ ରାକ୍ଷସୀ ଓ ତା ମାନବ ସ୍ୱାମୀର ବସବାସ । ରାକ୍ଷସୀ ଠାରୁ ଜନ୍ମନେଲ ବୋଧିସତ୍ୱ । ବୋଧିସତ୍ୱ ଯେତିକି ବଡ଼ ହେଲେ ତାଙ୍କ ପିତାଙ୍କ ସହିତ ମାତାଙ୍କ ର ଚାଲିଚଳନ, ଆଚରଣ ଓ ସଂସ୍କୃତି ର ଫରକ ସେତିକି ଲକ୍ଷ୍ୟ କଲେ । ଦିନେ ରାକ୍ଷସୀ ମାତା ଗୁମ୍ଫାରେ ନଥିବା ସମୟରେ ସେ ପିତାଙ୍କୁ ସେ ବିଷୟରେ ପ୍ରଶ୍ନ କରନ୍ତେ, ପିତା ତାଙ୍କୁ ସବୁ କହି ନିଜର ସିଦ୍ଧାନ୍ତ ଜଣାଇଲେ । ପୁତ୍ର! ରାକ୍ଷସ ସଂସ୍କୃତି ସହିତ ତୋର ଅଥବା ମୋର ଚିର ସହାବସ୍ଥାନ ସମ୍ଭବ ପର ନୁହେଁ; ଅଥବା ଉଚିତ୍ ନୁହେଁ । ଅତଏବ ଆମେ ଜନପଦ କୁ ଚାଲିଯିବା। ଏଠି ତୋର ଭବିଷ୍ୟତ ଅନ୍ଧକାର । ଦିନେ ରାକ୍ଷସୀ ଅପେକ୍ଷକୃତ ଦୂରକୁ ଯାଇଥିବା ବେଳେ ପିତା ପୁତ୍ର ଦୁହେଁ ସେ ଆରଣ୍ୟକ ଗୁମ୍ଫା ଛାଡ଼ି ପଳାୟନ କଲେ । ପୁତ୍ରକୁ କିଛିବାଟ କାନ୍ଧରେ ବସାଇ ଓ କିଛି ବାଟ ପାଦରେ ଚଲାଇ ବ୍ରାହ୍ମଣ ଯାଇ ନଦୀ କୂଳରେ ପହଞ୍ଚିଲେ ।

ସନ୍ଧ୍ୟା ରେ ରାକ୍ଷସୀ ଫେରିଆସି ସ୍ୱାମୀ ଓ ପୁତ୍ରଙ୍କୁ ନ ପାଇ ପାଗଳିନି ପ୍ରାୟ ଏଣେତେଣେ ଦୌଡ଼ି ଯେତେବଳେ ନଦୀ କୂଳରେ ପହଞ୍ଚିଲା ବେଳକୁ ପିତା ଓ ପୁତ୍ର ଦୁହେଁ ନଦୀ ପାର ହୋଇ ସାରିଥାନ୍ତି । କ୍ଳାନ୍ତ ରାକ୍ଷସୀ ନଇବାଲି ଉପରେ ପଡ଼ିଗଲା। ଫେରିଆ ପୁଅ! ବୋଲି ରାକ୍ଷସୀ ଥରେ ଦୁଇଥର ବ୍ୟାକୁଳତାର ସହିତ ଡାକିଥିଲା। ମାତ୍ର ସେ ଡାକ ନଦୀ ବକ୍ଷର

ISSN NO.
2582-208X

ଉତ୍ତାଳ ପବନ ଭେଦ କରି ପିତା ଓ ପୁତ୍ର ଙ୍କ କାନରେ ପଡ଼ିଲା କି ନା କହି ହେବ ନାହିଁ । ଦୁଃଖିନୀ ରାକ୍ଷସୀ ସେଇଠି ପଡି ମରିଗଲା ବୋଲି କହି ଜାତକ ଏହି ବୃତ୍ତାନ୍ତ ଉପରେ ଯବନିକା ଟାଣିଚି ।

କିନ୍ତୁ ପରବର୍ତ୍ତୀ କଥା ହେଲା ଏଇୟା -: ରାକ୍ଷସୀ ଟି ସେତେବେଳକୁ ଆନ୍ତସତ୍ୱା ଥିଲା; ଏବଂ ଗୋଟିଏ କନ୍ୟା ସନ୍ତାନ ଜନ୍ମ ଦେଇ ମଲା । ରାକ୍ଷସ ଶିଶୁ ମାନେ ମାନବ ଶିଶୁ ଭଳି ଅସହିଷ୍ଣୁ ନୁହଁନ୍ତି । ସେମାନେ ଜନ୍ମମାତ୍ରେ ଅଶ୍ୱସବାକ ଭଳି ତେଜୀୟାନ୍ ଭାବରେ ଡିଆଁ ଡେଇଁ କରନ୍ତି । ରାକ୍ଷସୀ ର ମୃତ୍ୟୁ ପରେ କନ୍ୟାଟି ପ୍ରବଳ ଝଡ଼ ବର୍ଷା ମଧ୍ୟରେ ଗୁରୁଣ୍ଡି ଗୁରୁଣ୍ଡି ଯାଇ ଜନେ ଋଷିଙ୍କ କୁଡ଼ିଆରେ ଉପନୀତ ହେଲା। ନଈ ରେ ବନ୍ୟା ଆସି କିୟଦ୍ କ୍ଷଣ ମଧ୍ୟରେ ତା ମା ର ଦେହଟିକୁ ସମୁଦ୍ର ଭିତରକୁ ନେଇଗଲା । ଋଷି ଧ୍ୟାନ ବଳରେ କନ୍ୟାଟିର ପଟ୍ଟଭୂମି ଜାଣିପାରି ତାକୁ କୋଳକୁ ନେଲେ । ରାକ୍ଷସୀ ପୁତ୍ର ଟି ଯେପରି ମାନବ ପିତାର କଳା ନେଇଥିଲା ରାକ୍ଷସୀ କନ୍ୟାଟି ସେହିପରି ରାକ୍ଷସୀ ମାତାର କଳା ନେଲା । ସେତେବେଳକୁ ଭୂପୃଷ୍ଠ ରୁ ରାକ୍ଷସ ଜାତିର ବିଲୁପ୍ତ ଘଟିଲାଣି ।

ଅତଏବ ଋଷି କନ୍ୟାଟିକୁ ଅତି ସ୍ନେହରେ ଲାଳନ ପାଳନ କଲେ । ଋଷି ଙ୍କ ଆଶ୍ରମ ନିକଟସ୍ଥ ଜନପଦ ଟି ଥିଲା ସେଠାକାର ଆଭିଜାତ୍ୟ ସମ୍ପନ୍ନ ବ୍ୟକ୍ତି ବିଶେଷ ଙ୍କ ବାସସ୍ଥଳୀ । ସେଠାରେ ରହୁଥାଏ ବ୍ରତରୂପ ନାମକ ଜଣେ ଯୁବକ । ତାର ସଂସାରରେ କେହି ନଥାନ୍ତି । କିନ୍ତୁ ପିତା, ମାତା ତା ପାଇଁ ଛାଡ଼ି ଯାଇଥାନ୍ତି ଘରଦ୍ୱାର ଓ ସେ ଚଳିବା ଭଳି ସମ୍ପତି । ବ୍ରତରୂପ ଯେଉଁଭଳି ଧିରସ୍ଥିର ସେହି ଭଳି ଭାବୁକ । ସେ ବୁଲୁଥାଏ ବନ ପର୍ବତ ଭିତରେ ଥରେ ଥରେ ଆତ୍ମହରା ହୋଇ । ସେହିପରି ଦିନେ ବୁଲୁଥିବା ସମୟରେ ଋଷିଙ୍କ ସହ ତାର ସାକ୍ଷାତ ହୁଏ । ଋଷିଙ୍କ ମାଧ୍ୟମରେ ପରିଚୟ ହୁଏ ରାକ୍ଷସୀ କନ୍ୟା ଟି ସହିତ । ଋଷି ସେତେବେଳକୁ ଅତ୍ୟନ୍ତ ବୃଦ୍ଧ ।

ବାପା ଋଷି ବ୍ରତରୂପ କୁ କହିଲେ 'ପୃଥିବୀର ଏ ଶେଷ ରାକ୍ଷସୀ ଟିର ଯତ୍ନ ନେଉଥିବ । ଶେଷ ରାକ୍ଷସୀ ! ହଁ, ଯେଉଁ ସବୁ ଆତ୍ମା ରାକ୍ଷସ - ରାକ୍ଷସୀ ରୂପରେ ଜନ୍ମ ନେଇଥିଲେ

ISSN NO.
2582-208X

ବିବର୍ତ୍ତନରେ ସେମାନେ ବହୁ ପ୍ରଗତି ସାଧନ କରି ମୁକ୍ତି ପାଇସାରିଲେଣି । କେହି କେହି ଅବ ମନୁଷ୍ୟ ରୂପରେ ଜନ୍ମ ନେଉଛନ୍ତି । ଏ କନ୍ୟାଟିର ଆତ୍ମା ମଧ୍ୟ କମ୍ ବିଦଗ୍ଧ ନୁହେଁ । କେବଳ ବୋଧିସତ୍ୱ ଙ୍କୁ ଭ୍ରାତା ରୂପରେ ପାଇବା ଆଶାରେ ସେ ଆସିଥିଲା ଏ ଆସିଥିଲା । ଋଷି କହିଲେ ॥

ମହାଭାଗ, ରାକ୍ଷସ ହେଉ ବା ମଣିଷ ହେଉ ଜଣେ ତ ଆତ୍ମା ମାତ୍ର ନୁହେଁ । ଆତ୍ମା ସହ ଥାଏ ଦେହ, ମନ ଓ ପ୍ରାଣ । ରାକ୍ଷସ ଜାତିର ଆତ୍ମା ସମୂହ ସିନା ରାକ୍ଷସ ଜନ୍ମରୁ ମୁକ୍ତି ପାଇଗଲେ; ସେମାନଙ୍କ ଦେହ, ମନ ଓ ପ୍ରାଣ କଥା କଣ? ବ୍ରତରୂପ ପ୍ରଶ୍ନ କଲେ । ରାକ୍ଷସର ଦେହ ସତ୍ତା ମଣିଷ ତୁଳନାରେ ଅଧିକ ବିଭୂତିବନ୍ତ । ସେ ଦେହ ଇଚ୍ଛାନୁସାରେ ନାନାଦି ରୂପ ନେଇପାରେ । ଯାହା ମଣିଷ ପାରେନା । ରାକ୍ଷସର ପ୍ରାଣ ବଡ଼ ଭୟଙ୍କର । ମନ କିନ୍ତୁ ତୀକ୍ଷ୍ଣ ନୁହେଁ । ଆତ୍ମା ମାନଙ୍କ ଠାରୁ ବିଚ୍ଛିନ୍ନ ହେବା ଉତାରୁ ସେସବୁ ପ୍ରାଣ ଓ ମନ ମଣିଷଙ୍କ ଚେତନାରେ ମିଶିଗଲେ । ମଣିଷର ତୀକ୍ଷ୍ଣ ମନ ସଂଯୋଗରେ ସେସବୁ ରାକ୍ଷସିକ ପ୍ରାଣ ସତ୍ତା ନାନା କରାମତି ଦେଖାଇବ ଏଣିକି ।

ବେପାରୀ ଭାବରେ ସେ ଲାଭ ପାଇବା ପାଇଁ ଖାଦ୍ୟ ପଦାର୍ଥ ରେ ଅନେକ ଅପ ମିଶ୍ରଣ କରିବ । ବୈଜ୍ଞାନିକ ଭାବରେ ମନୁଷ୍ୟକୁ ମାରିବାର ଅନେକ ସୂକ୍ଷ୍ମ ଉପାୟ ବାହାର କରିବ । ରାଜନୈତିକ ଭାବରେ ରାଜ୍ୟ ଛାରଖାର ହୋଇଗଲେ ମଧ୍ୟ ସେ ରାବଣ ଭଳି ତା ସ୍ୱାର୍ଥ ସାଧନାରେ ଅଟଳ ରହିବ । ରାକ୍ଷସ ଜାତିର ଭୂମିକା ମଣିଷ ଅଧିକ ସଫଳ ଭାବରେ ନିର୍ବାହ କରିବାରୁ ରାକ୍ଷସ ଜାତିର ସତ୍ତା ଆଉ ରହିବ ନାହିଁ । ବ୍ରତରୂପ ଙ୍କ ସହିତ ଏହି କଥାବାର୍ତ୍ତା ର କିଛିଦିନ ପରେ ଋଷିଙ୍କର ନିର୍ବାଣ ପ୍ରାପ୍ତି ହେଲା ।

ମାତ୍ର ଋଷି କରିଯାଇଥିବା ଭବିଷ୍ୟ ବାଣୀ ର ପ୍ରତିଫଳନ ଏବେ ଦେଖିବାକୁ ମିଳେ ସମାଜରେ । ରାକ୍ଷସର ସୂକ୍ଷ୍ମ ସତ୍ତା ବିରାଜମାନ କରୁଛି ମଣିଷ ସମୂହର ଚେତନାରେ ।

କଳନ୍ତର, ବିରିଡ଼ି, ଜଗତସିଂପୁର, 754130
ଫୋନ: 9078205777

ISSN NO.
2582-208X

# ହେ ବିଶ୍ୱବିଧାତା



ନଳନୀ ଦାଶ

ହେ ବିଶ୍ୱବିଧାତା ଜଗତର ପିତା
ସବୁତ ତୁମ ହାତରେ
ବିଶ୍ୱାସ ବଳରେ ବାନ୍ଧି ରଖିଅଛ
ଭକତଙ୍କୁ ଏକ ଡୋରେ ।

ବିଶ୍ୱନିୟନ୍ତାହେ ତୁମର ଆଜ୍ଞାରେ
ସୃଷ୍ଟି ପରା ଏ ଜଗତ
ବିଶ୍ୱନାଥ ତୁମେ ଜଗତ ଈଶ୍ୱର
ପ୍ରତି ହୃଦେ ବିରାଜିତ ।

ବିଶ୍ୱବାସୀ ଙ୍କର ହୃଦୟ ସ୍ପନ୍ଦନ
ତୁମ ବିନା ନାହିଁ ଗତି
ବିଶ୍ୱାସ ରଖିହେ ତୁମକୁ ଡାକିଲେ
ମିଳେ ଜୀବନେ ମୁକତି ।

ବିଶ୍ୱରେ ଏମିତି ଠାକୁର କେନାହିଁ
ବିପଦରେ ହୁଅ ସାହା
ବିଶ୍ୱାସେ ହାତରେ ଭୋଗ ବାଢ଼ିଦେଲେ

ISSN NO.
2582-208X

ଖାଇଥାଅ ଚଉବାହା ।
ବିଶ୍ୱରେ କିଭାବ ଲଗାଇ ଅଛହେ
ଭକତ ହୁଅନ୍ତି ଝୁରି
ବିଶ୍ୱବନ୍ଧୁ ତୁମ ବିନା ଏ ସଂସାରୁ
କିଏ ବା ହୋଇବ ପାରି ।

ବିଶ୍ୱାବସୁ ରାଜା ବଣରେ ତୁମକୁ
ଭକ୍ତିରେ କରିଲେ ପୂଜା
ବିଶ୍ୱାସ ଭାଙ୍ଗିଲ କେଉଁ ଅପରାଧେ
ଶ୍ରୀକ୍ଷେତ୍ର ଉଡ଼ିଲା ଧ୍ୱଜା ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୬୩୭୦୦୯୫୨୪୧

ISSN NO.
2582-208X

# ଶୀତ ଓ ଖରା.....



କାଳପ୍ରସାଦ ମହାପାତ୍ର

ଶୀତଦିନେ ତୁମେ
ବହୁତ ସୁନ୍ଦର
ପାଖକୁ ଟିକିଏ  ଆସୁନ
ଖରାଦିନେ ତୁମେ
ବହୁତ ଉଦଣ୍ଡି
ଦୂରକୁ ଟିକିଏ ଯାଉନ।

ଶୀତରେ ଦିଶୁଛ
ଅଧିକ ସୁନ୍ଦର
ନିର୍ମଳ ରାଜରାସ୍ତାରେ
ଖରାରେ ତୁମେ
ଦିଶଅଗ୍ନିର ଗୋଲା
ଚାଲି ନପାରୁ ତ ରାସ୍ତାରେ।

ISSN NO.
2582-208X

ଶୀତରେ ନଦୀଟା
ରାସ୍ତା ଭାଙ୍ଗି ଚାଲେ
ଗାଇଗାଇ ମନଖୁସିରେ
ଖରାରେ ନଦୀଟା
ଛଟପଟ ହୁଏ
ତଣ୍ଟି ଶୁଖିଯାଏ ଶୋଷରେ।

ଶୀତରେ କ୍ଷେତଟା
ହସିଉଠୁଥାଏ
ସବୁଜପତ୍ରର ଭିତରେ
ଖରାରେ କ୍ଷେତଟା
ଶୁଖିଲା ପଡିଲା
ଟାଣ ପଥର ପରିରେ।

ଶୀତରେ ବୃକ୍ଷଟି
ପତ୍ରଝଡା ଦିଏ
ଫୁଲରେ ସୁନ୍ଦର ଦିଶଇ
ଖରାରେ ଆମ୍ବ
ପଣସ ଓ ସପୁରୀ
ରସାଳ ରସାଳ ଲାଗଇ।

ଶୀତରେ ବଢିଆ
ଭୋଜିଭାତ ସବୁ

ISSN NO.
2582-208X

ବାହାଘର ଯେବେ ହୁଅଇ
ଖରାରେ ବଢ଼ିଆ
ପଖାଳ କଂସାଟି
ଶାଗ ବଡ଼ିଚୁରା ହୁଅଇ।

ଶୀତରେ ଲୋଡଇ
କମ୍ବଲ ଚାଦର
ଘୋଡିହୋଇ ଯେବେ ବସଇ
ଖରାରେ ଦେହକୁ
ବସ୍ତ୍ର ଲୋଡା ନାହିଁ
ଝାଳ ଗମ ଗମ ବୁହଇ।

ଶୀତରେ ଧରଣୀ
ଥରିଉଠେ ଯେବେ
ଖରା କଥା ମନେପଡଇ
ଖରାରେ ଧରିତ୍ରୀ
ତାତିଉଠେ ଯେବେ
ଶୀତ କଥା ମନେପଡଇ।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ସରିଲା ସରିଲା ନିର୍ବାଚନ ଭାଇ

ହରିଶ୍ଚନ୍ଦ୍ର ବେହେରା

ସରିଲା ସରିଲା ନିର୍ବାଚନ ଭାଇ ଆସିଗଲେ ନୂଆ ନେତା
ପାଞ୍ଚବର୍ଷ ଲାଗି ଆମେ ଜିତେଇଲୁ କେତେ ସ୍ୱପ୍ନ ଆଶା ନେଇ
ମାଗଣା ବିଜୁଳି ମାଗଣା ରେସନ ନୂଆ ନୂଆ କେତେ ଭତ୍ତା
ଶିଳ୍ପ କାରଖାନା ଭରିଯିବ ଦେଶ ନ ଯିବେ ଦାଦନ କେହି ।

ନୂଆ ନୂଆ କେତେ ଯୋଜନା ଆସିବ ବଢ଼ିବ ଓଡ଼ିଶା ଭାଉ
ଦଳିତ ପୀଡ଼ିତ ଅବହେଳିତ ର ମୁହଁରେ ଫୁଟିବ ହସ
କୁଲି ମଜଦୁର ମେହନତି ଶ୍ରମ ନିଲାମ ହେବନି ଆଉ
ଦାଦନ ନ ଯାଇ ନିଜ ନିଜ କ୍ଷେତେ କରିବେ ସଭିଏଁ ଚାଷ ।

ଋଣ ଗ୍ରସ୍ତ ଚାଷୀ ଋଣ ଖିଲାପରେ କରିବନି ଆତ୍ମହତ୍ୟା
ପେଟ ବିକଳ ରେ କୁମାରୀ କନ୍ୟା ବିକିବନି ଯଉବନ
ସାହସ ର ସହ ସାମ୍ନା କରିବ ସକଳ ସୁନାମୀ ବାତ୍ୟା
ଦିନ ଦ୍ୱିପ୍ରହରେ ଲୁଟିନେବ ନାହିଁ ଲୁଟେରା କାହାର ଧନ ।

ରତ୍ନ ଭଣ୍ଡାର ଖୋଲା ହେବ ଭାଇ ହଜିବନି ଆଉ ଚାବି
ଓଡ଼ିଆ ଅସ୍ମିତା ଅତୁଟ ରହିବ ହସିବ ଓଡିଶା ଛବି ।।

କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

ISSN NO.
2582-208X

# ବେଲ



ଦୀନବନ୍ଧୁ ବେଜ

ସବୁ ଗ୍ରୀଷ୍ମ ପରି ସବୁ ବୈଶାଖ ପରି ଏଥର ବୈଶାଖ ଟିକେ ବେଶି ଉତ୍ତପ୍ତ ଅଛି, ଆଖିରୁ ନିଆଁ ଝୁଲ ଖସି ପଡୁଛି । ଓଃ କି ଗରମ ... ଆମ ସହରଟି ବୋଧେ ଏସିଆର ସବୁଠୁ ଉତ୍ତପ୍ତ ସହର ହୋଇଥିବ । ଏସିଆର ନୁହେଁ ବିଶ୍ୱର ଉତ୍ତପ୍ତ ସହର ହୋଇଥିବ ..... ହଁ, ମୁହଁରୁ ଝାଳ ପୋଛୁ ପୋଛୁ ସୀତା ଦେବୀ କହିଲେ ।

ସୀତାଦେବୀ ରାମବାବୁଙ୍କ ର ଦୁଃଖ ଓ ସୁଖର ସାଥି... ଜୀବନ ସାଥି । ଭାଗ୍ୟର ସଂଯୋଗ ହେଉ ଅବା ଭଗବାନଙ୍କର ଆଶିର୍ବାଦ, ତ୍ରେତୟା ଯୁଗର ରାମସୀତା ଙ୍କ ପରି ଅମର ପ୍ରେମ, ସ୍ୱଚ୍ଛ ଓ ନିରାମୟ । ରାମ ବାବୁ ସୁଦୂର କଳାହାଣ୍ଡିରେ ଡ଼ାକ ବିଭାଗର ବଡ଼ ବାବୁ । ସରକାରୀ ଘରଟିଏ ଯେନତେନ ପ୍ରକାରରେ ପାଇ ଯାଇଛନ୍ତି । ଘର ମିଳିଲା ବେଳେ ଘରର ଅବସ୍ଥା ନକହିଲେ ଭଲ । ଟିଣ ଛପର, କାନ୍ଥ ଫାଟିକି ଆଁ କରିଥିଲା, ଚଟାଣରେ ମନ୍ଥୁରା ଜଳ ପଡ଼ିଲା ଭଳି ଠାଏ ଠାଏ ସାଙ୍ଘାତିକ ଖରାପ ହୋଇ ଯାଇଥିଲା । ଚାରିଆଡ଼େ ମନଇଚ୍ଛା କଣ୍ଟା ପୋଡା ହୋଇ ଥିଲା । ଏହାକୁ ଠିକ କରୁ କରୁ ଦିଇଟା ଗ୍ରୀଷ୍ମ ଚାଲିଗଲା । ଏବେ ଏବେ ଟିକେ ଅବସ୍ଥା ଭଲ ହୋଇଛି । କିନ୍ତୁ ଏଠାକୁ ଆସିଲା ବେଳେ ଜଳ ଯେତେ ସୁଲଭ୍ୟ ଥିଲା ଏବେ ତାହା ନାହିଁ । ଆସିଲା ବେଳେ ଘର ପଛ ଜାଗାରେ କଦଳୀ ବାଇଗଣ ଲଙ୍କା ପୋଇ ଭଲ ହେଉଥିଲା । ରାମ ବାବୁ କେତେ ବାଣ୍ଟିଛନ୍ତି, ଏବେ କଦଳୀ ଗଛ ବଂଚୁନାହିଁ, ଏହାର ଅର୍ଥ ପାଣି ସ୍ତର କମିଛି ଅବା ଜଳର ଅଭାବ ହୋଇଛି ।

ISSN NO.
2582-208X

ଛୁଟିଦିନରେ ରାମ ବାବୁ ଯାହା ହେଲେବି କିଛି ନା କିଛି ବାଡ଼ି କାମ କରିବେ, ମାଟି ହଣା କାଠ ଚିରା ଅବା ବାଡ଼ ଘେରା, ଏହା ତାଙ୍କ ଚିରାଚରିତ ଅଭ୍ୟାସ, ଶାରିରିକ କାମ କଲେ ଦେହ ଭଲ ରହେ ଆଉ ମନ ପ୍ରଫୁଲ୍ଲ ରହେ ଓ ଶାନ୍ତି ମିଳେ ।

ସବୁ ଛୁଟି ଦିନପରି ରାମ ବାବୁ ବାଡ଼ି ପାଖରେ କୋଦାଳରେ ହାଣୁ ହାଣୁ ପତ୍ନୀ ସୀତାଙ୍କୁ କହିଲେ – ପାଣି ଟିକେ ଦିଅ ପିଇବା ।

ସୀତା ଦେବୀ କହିଲେ – ନିଅ ମାଠିଆ ପାଣି, କାହିଁ ଥଣ୍ଡା ତ ନାହିଁ ?

ମାଠିଆ ପାଣିବି ଥଣ୍ଡା ଲାଗୁନି ଏହାର ଅର୍ଥ ଉସ୍ବେଦନ ପ୍ରକ୍ରିୟା ମଧ୍ୟ ବ୍ୟାଘାତ । ମୁଣ୍ଡରେ ଠେକା ମାରିଥିବା ଗାମୁଛାକୁ ଖୋଲି ମୁହଁ ପୋଛୁ ପୋଛୁ ରାମବାବୁ କହିଲେ –ଦେଖ ଆଗକୁ ଆହୁରି ଗରମ ହେବ । ସମ୍ଭାଳିବେ ଏ ମଣିଷ । ଗଛ ଆଖିବୁଜିକି କଟାଗଲା, କୋଠା ବାଡ଼ି ନିର୍ମାଣ ହୁହୁ ହୋଇ ଚାଲିଲା, କଳ କାରାଖାନା ରାସ୍ତା ଘାଟ, କେତେ ଗଛ କଟା ନହେଉଛି କହିଲ । ସେତିକି ଲଗା ହେଉଛି...ନା, ଏ ମଣିଷ ଭୋଗିବନିତ କିଏ ଭୋଗିବ । ଆପଣା ହସ୍ତେ ଜିହ୍ୱା ଛେଦି କେ ଅଛି ତାର ପ୍ରତିବାଦୀ ।

ରୁହ ପଡ଼ିଶା ଘର ମିଳି ମା' ଦିଟା ବେଲ ଦେଇ ଥିଲେ ମୁଁ ବେଲ ପଣା କରି ଆଣୁଛି ପିଇବ ।

ବେଲ ପଣା ..... ବେଲ ପଣା କଥା ଶୁଣି ରାମ ବାବୁ ଙ୍କର ପିଲା ବେଳର କଥା ମନେ ପଡ଼ିଗଲା, ସେ ପାଖ ଆମ୍ବ ଗଛ ତଳେ ଥିବା ଚୌକି ପରେ ଆସି ବସି ପଡ଼ିଲେ । ଛୋଟ ହୋଇ ଥିଲା ବେଳେ ଆମର ଗୋଟିଏ ନୂଆଣିଆ ଚାଳ ଘର ଥିଲା ଚାଳ ଘରର ଠିକ ଉତ୍ତର ଦକ୍ଷିଣ କୋଣରେ ଗୋଟିଏ ବେଲ ଗଛ ଥିଲା । ସେଥିରେ ବଡ଼ ବଡ଼ ବେଲ ହୁଏ, ଗୋଟିଏ ପାଚିଲା ବେଲ କୁ ଜଦି ପଣା କରାଯାଏ ଦଶଜଣ ଲୋକଙ୍କୁ ବଡ଼ ବଡ଼ ଗ୍ଲାସର ପଣା ହେଇ ଯାଉଥିଲା । ସାନ ବୋଉର ରାଣି ଟିକେ ନରମ । ସିଏ ପ୍ରତି ମଙ୍ଗଳ ବାର ସଂଧ୍ୟା ସମୟରେ ବେଲଗଛ ପାଖରେ ଆସି କାଳିସି ଲାଗେ । କିଛି ସମୟ ପରେ ଦାନ୍ତ ପାଟି

ISSN NO.
2582-208X

ପକାଇ ପଡ଼ିଯାଏ ମୋ ବୋଉ ପାଣି ଛିଞ୍ଚି ଷାଷ୍ଟାଙ୍ଗ କରେ । ବୋଉ ପ୍ରତ୍ୟେକ ଦିନ ସକାଳେ ପୂଜା କରେ ଓ ସଂଧ୍ୟା ସମୟରେ ଘିଅ ସଂଜ ବେଲଗଛ ମୂଳରେ ଦିଏ ।

ଏମିତିବି ଦିନେ ହୋଇ ଥିଲା ବାପା ତିଆରି କରି ଆଣିଥିବା ନୂଆ ସାବଳକୁ କିଏ ମାଗି ନେଇ ଗଲା ଯେ ଆଉ ଫେରାଇଲା ନାହିଁ ଅବା ମାଗିବାକୁ ଖିଆଲ ନାହିଁ । କିଛିଦିନ ଉତ୍ତାରୁ ସାବଳ ଖୋଜା ପଡ଼ିବାରୁ ଆଉ କଣ ସାବଳ ମିଳେ । ବୋଉ ଆଖ ପାଖ ପଡ଼ିଶା ଙ୍କୁ ଆଗ ପଚ଼ାରି ଦେଲା ଜଦି କିଏ ନେଇଛି ହୁଏତ ମନେ ନଥିବ ସେ ସାବଳ କୁ ଫେରାଇ ଦେବ । ମାତ୍ର ସମସ୍ତେ ନେଇ ନାହାଁନ୍ତି ବୋଲି ସିଧା ସଳଖ ମନା କରି ଦେଲେ । ତାପରେ ଆସିଲା ଅସଲ ମଜା । ସେ ଆମ ବେଲଗଛ ପାଖରେ ଘିଅ ସଂଜ ଦେଇ ଏମିତି ସଂପିଲା ଯେ ରାତି ପାଇନଥିଲା ସାବଳ ଆସି ଦାଣ୍ଡ ଦୁଆର ପାଖରେ । ଯେହେତୁ ଗଛଟି ପାଖରେ ରାସ୍ତା ଥିଲା ଛୁଆଁ ଅଛୁଆଁ ଓ ଦୁଷ୍ଟ ପିଲା କିଏ ଜଣେ ଲୁହାକଣ୍ଟା ପୋତିଲା କି କଣ ଗଛଟି ତାପରେ ମରିଗଲା । ଏମିତି ଭାବୁ ରାମ ବାବୁ ପ୍ରକୃତିସ୍ଥ ହେଲେ ସୀତା ଦେବୀ ଙ୍କ ଡ଼ାକରେ ।

-ହୋଇ ହୋ ସର୍ବତ ନିଅ ।

- ସର୍ବତ ....କି ସର୍ବତ, ସେଇଟା ବେଲ ପଣା ।

-ହଁ ତମେ କହୁଥିଲ ଯେତେ ବେଳେ ପଣା ସେତେବେଳେ ।

- ଏବେକା କଥା, କଥା ବାର୍ତ୍ତା କର ।

-ତେବେ କହିଲ ପଣା ଓ ସର୍ବତ ମଧ୍ୟରେ ପାର୍ଥକ୍ୟ କଣ ?

-ଦେଖ ମୁଁ ଏତେ କଥା କହି ପାରିବିନି, ତମେ ନେଲ ।

ରାମ ବାବୁ  ସୀତା ଦେବୀଙ୍କ କଥା ଶୁଣି ମୁରୁକି ହସିଲେ କହିଲେ - ଦେଖ ଦହି, ଚ଼ିନି କଦଳୀ ଓ ବେଲ ଚ଼ଗଡ଼ି ସେଥିରେ ଟିକେ ନଡ଼ିଆ କୋରା ଓ ବନଭିଟା ପକାଇଲେ ହେଲା ସର୍ବତ । ମାତ୍ର ବେଲ ଚ଼ଗଡ଼ି ସେଥିର ଗୁଡ଼, ଗୋଲମରିଚ଼ ଗୁଣ୍ଡ ମିଶାଇ ପିଇଲେ ସେଇଟା ହେଲା ବେଲ ପଣା । ବୁଝିଲ ତ" ।

ISSN NO.
2582-208X

ହଁ ମୁଁ ଜାଣିଛି ମୋତେ ବୁଝାଅ ନା ମୁଁ ଯାଉଛି ମୋର ତେଣେ କେତେ କାମ, କହି ଚାଲି ଗଲେ ସୀତା ଦେବୀ ।

ରାମ ବାବୁ ବେଲ ସର୍ବତ ପିଉ ପିଉ ବାପା ଙ୍କ କଥା ମନେ ପକାଇଲେ, ବାପା ଗ୍ରୀଷ୍ମ ଦିନର ପ୍ରତ୍ୟେକ ଦ୍ୱିପହରରେ ବିଶ୍ରାମ ସାରିଲା ପରେ ବିଲକୁ ଯିବା ପୂର୍ବରୁ ନିଶ୍ଚିତ ବେଲ ପଣା କରିବେ । ଆହାଃ କି ଚମତ୍କାର, କି ସ୍ନେହ, କି ଆଦର କିଏ ନପିଇ ରହି ପାରିବ ନାହିଁ। ପିଲା ଲୋକ ବେଲ ପଣା କଣ ସବୁ ଦିନେ ଭଲ ଲାଗିବ । ବାପା ଛାଡ଼ିବାର ଲୋକ ନୁହଁନ୍ତି । ଆମେ ଭାଇ ଭଉଣୀ ଚାରିଜଣ ପିଇବୁ ନାହିଁ ସେ ଛାଡ଼ିବେ ନାହିଁ। ସାନ ଭାଇ ଆଦୌ ପିଇବ ନାହିଁ। ବାପା ତାକୁ କହିବେ ଘୁସୁରିକୁ ପାଚିଲା କଦଳୀ ଗନ୍ଧଉଛି । ସେ ମେଁ ମେଁ ହୋଇ ବୋଉ ପାଖକୁ ପଳାଇବ । ବୋଉ ଆସି ବାପାଙ୍କୁ ବହେ ଗାଳି ଦେବେ । ମୁଁ କିନ୍ତୁ ବାପା ଦେଇଥିବା ବେଲ ପଣା ଆଜ୍ଞାଧିନ ପରି ଢ଼କ ଢ଼କ କରି ପିଇ ଦିଏ । ବାପା କହନ୍ତି ସାବାସ ବେଟା ଏଇଟା ମୋ ପରିକା। ସେବେ କଷ୍ଟରେ ପିଉଥିଲି ସାବାସି ନେବାକୁ ଏବେ କିନ୍ତୁ ଅନୁଭବ କରୁଛି ସେ ବେଲ ପଣା ସତରେ କେତେ ମଧୁର ଥିଲା ।

ସୀତା ଦେବୀ ଗ୍ଲାସ ନେବା ପାଇଁ ଆସି ପହଞ୍ଚିଗଲେ,

- କଣ ବସୁ ବସୁ ଶୋଇ ଗଲ ନା କଣ ?

- ଓ ହୋ ନା ନା କାମ ଭିତର ଅସଲ କଥାଟା ଭୂଲିଗଲି,

-କଣ ହେଲା ?

- ଆରେ ଆସନ୍ତା କାଲି ମହା ବିଷୁବ ସଂକ୍ରାନ୍ତି, ଚଉଁରା ପାଖରେ ବାଉଁଶ ପୋତି ମାଟି ଘଟର ବସୁନ୍ଧରା ଟାଙ୍ଗିବାକୁ ପଡ଼ିବ, ବାଡ଼ି ପଟେ ସେଇଟି ମ, ମାଟି ଚ଼ଗଟି ତିନିଟା ପିଣ୍ଡି କରିବ, ହଁ ଗୋଟେ ଜେଜେ ଜେଜେମା, ଗୋଟେ ତୁମ ବାପା, ଆଉ ଗୋଟେ କାହା ପାଇଁ ତ... ?

ISSN NO.
2582-208X

-ପୂର୍ବପୁରୁଷଙ୍କ ପାଇଁ ତିଆରି କରିବ, ବଜାରକୁ ଯାଇ ଭଜା ସୁଲା ଆଣିବ ମୁଁ ସେଥିରୁ ଛତୁ ତିଆରି କରି ଦେବି, ହଁ ପାଚିଲା କଦଳୀ, କଞ୍ଚା ଆମ୍ବ ଆଣିବ, ମିଲି ମା ଦେଇଥିବା ବେଲ କାଲି ପାଇଁ ରଖିବାର ଥିଲା ମୁଁ ଭୁଲି ଆଜି ସର୍ବତ କରି ଦେଲି ।

-ଓ ହୋ ଛାଡ଼ ମୁଁ ନେଇ ଆସିବ ଚିନ୍ତା କରିବାର କାରଣ ନାହିଁ ।

ବାଡ଼ି କାମ ସାରି ରାମ ବାବୁ ଘରେ ଆସି ଟିକେ ଫେନ ତଳେ ବସି ପଡ଼ିଲେ, ଆଖି ଲାଖିଗଲା, ବାହାରେ ନିଆଁ ଝୁଲ ବର୍ଷା ହେଉଛି, ଦୂରଦର୍ଶନରେ ଓ ସାମାଜିକ ଗଣ ମାଧ୍ୟମରେ ବାରମ୍ବାର ପ୍ରଚାର ହେଉଛି ବାର, ତେର ଓ ଚଉଦ କେହି ବାହାରକୁ ବାହାରିବ ନାହିଁ, ଜଦି ବାହାରିବ ପାଦରେ ଚପଲ, ମୁଣ୍ଡରେ ଗାମୁଛା ଓ ପର୍ଯ୍ୟାପ୍ତ ପାଣି ଧରି ଯିବ ପୁଣି ନିହାତି ଆବଶ୍ୟ ଥିଲେ ବାହାର କୁ ଯିବ ନହେଲେ ନାହିଁ। ସେପଟେ ଘରର ସାନଝିଅ ଟିଭି ସାଉଣ୍ଡ ଜୋରର ଦେଇ କାର୍ଟୁନ୍ ଦେଖୁଛି ।

ବାହାରର ଗଛଲତାର ଡ଼ାଳ ପତ୍ର ପାଣି ବିନା ଡହଳ ବିକଳ ହେଉଛନ୍ତି । ମିଲିଘର ପୋଶି ବିଲେଇ ଟିକେ ଥଣ୍ଡାକୁ ଖୋଜି ଖୋଜି ଆସି ପାଣି ରଖା ଯାଇଥିବା ଟବ ପାଖର ଲାଞ୍ଜ ଜାକି ଶୋଇକି ଧକାଉଛି । ସବୁ ଶୁନଶାନ ନିରବ ନିଶ୍ଚଳ । ଏହ ସମୟରେ ଆଇସକ୍ରିମ ବାଲା ମୋଟର ସାଇକେଲରେ ଆଇସ୍ କ୍ରିମ ଧରି ଡ଼ମ ଡ଼ମ କରି ଡମ୍ବୁର ବଜାଇଲା । ଝିଅ ଖୁସି ଦଉଡ଼ି ଆସିଲା, ବାପା ବାପା ମୁଁ ଆଇସ୍ କ୍ରୀମ ଖାଇବି ମୋତେ ନଡ଼ିଆ ଆଇସ କ୍ରିମ କିଣି ଦିଅ ବାପା । ରାମ ବାବୁଙ୍କ ଇଚ୍ଛା ନଥିଲେ ଆଇସକ୍ରିମ ବାଲାଙ୍କ ଠାରୁ ଆଇସକ୍ରୀମ ତିନୋଟି ଆଣିଲେ । ସମସ୍ତେ ଗୋଟିଏ ଗୋଟିଏ ଆଇସ କ୍ରୀମ ଧରି ଖାଇବା ଆରମ୍ଭ କଲେ, ଆଇସ କ୍ରୀମ ଖାଉ ଖାଉ ରାମ ବାବୁଙ୍କର ପିଲାଦିନର କଥା ପୁଣି ମନେ ପଡ଼ିଗଲା,

ବାପା ଙ୍କ ଜଣେ ସାଙ୍ଗ ଆଇସକ୍ରିମ ତିଆରି କାରଖାନାରେ କାମ କରନ୍ତି । ଦିନେ ବାପା ଆମ ବେଲ ଗଛ ଦୁଇଟି ପାଚିଲା ବେଲ ପାରିଲେ ତାକୁ ଧରି ଚାଲିଲେ ସାଙ୍ଗଙ୍କ ପାଖକୁ । ସେଠାରେ ବେଲ କଦଳୀ ନଡ଼ିଆ କୋରା ସାକାରିନ ଅମୁଲ ପାଉଡ଼ର ପକାଇ ତିଆରି କଲେ ପ୍ରାୟ ଦି କେନ ଆଇସ କ୍ରୀମ । ତାକୁ ଗୋଟିଏ କେନ ଦେଲେ ଆମ ଘରକୁ ଗୋଟିଏ ବଡ଼ କେଟଲିରେ ପୁରାଇ ଆଣିଲେ ଗୋଟିଏ କେନ ଆଇସକ୍ରୀମ । ବରଫ କଳ ଠାରୁ ଆମ ଘର

ISSN NO.
2582-208X

ପ୍ରାୟ ଦେଢ଼ ମାଇଲ । ବାପା ଡ଼େଙ୍ଗା ଲୋକ ବରଫ ତରଳି ଯିବ ବୋଲି ଆସିଛନ୍ତି ମାତ୍ର ଦଶ ମିନିଟରେ । ପହଞ୍ଚୁ ପହଞ୍ଚୁ କହିଲେ ରାମ, ସମସ୍ତେ ଆସ ଆଇସକ୍ରିମ ଖାଇବ । ଆମେ ସମସ୍ତେ ଘେରି ଗଲୁ ଜଣକା ଚାରି ପାଞ୍ଚଟି ଲେଖାଏଁ ଆଇସକ୍ରିମ ଖାଇଲୁ । ଆଃ କି ମଜା... କି ମଜା, ମୁହଁରେ ହସ ଲାଖି ଯାଇଥିଲା ।

ସୀତା ଦେବୀ ଆସି ପହଞ୍ଚି ଗଲେ କହିଲେ, କଣ ଭାବୁଛ କି ? ମୁଚୁକୁନ୍ଦି ହସ ମୁହଁ ରେ ଲାଖିଛି । ରାମ ବାବୁ ଦିର୍ଘ ନିଶ୍ୱାସ ଟିଏ ଛାଡ଼ିଲେ ।

ପ୍ରକୃତରେ ଜୀବନଟା କଣା ଏକ ବେଲ ପରି । ବେଲ ରୁ ଦେଖ କେତେ ରମକମର ସ୍ୱାଦିଷ୍ଟ ପାନୀୟ ନ ହୋଇ ପାରୁଛି । ଏବେ କଞ୍ଚା ବେଲରୁ ମୁର୍ବା ତିଆରି ହେଲାଣି । ବେଲ କାଣ୍ଡି ବି ଆସିଲାଣି । ମଣିଷଟା ମଧ୍ୟ ଏକ ବେଲ ପରି ସଂସାର ପିଲା ଝିଲା ମାନଙ୍କ ପାଇଁ । ବାପ ଏକ ସ୍ୱାଦିଷ୍ଟ ବେଲ । ଅଦୃଶ୍ୟ ସ୍ୱାଦ ଆହରଣ ପାଇଁ ସମସ୍ତେ ବାପ ଚର୍ତୁପାର୍ଶ୍ୱରେ ଘୂରି ବୁଲନ୍ତି ।

ଫ୍ରେସ ହୋଇ କାଲିର ସଉଦା ଆଣିବା ପାଇଁ ବାହାରି ପଡ଼ିଲି ଛକ ମୁଣ୍ଡ ଆଡ଼େ । ରାସ୍ତା ପାଖ ଝୁପୁଡ଼ି ଭିତରେ ଏତେ ଖରାରେ ଗୁଡ଼ାଏ ଛୋଟ ଛୋଟ ବେଲ ଧରି ଖେଳରେ ମାତି ଯାଇଛନ୍ତି ଦୁଇଟି ପିଲା । ସେମାନଙ୍କୁ ଡ଼ାକି କହିଲି ବାବୁ ବେଲ ଦିଟା ଦେବ । ସେମାନେ କହିଲେ ଦିଟା କାହିଁକି ତିନିଟା ନିଅନ୍ତୁ । କଣ କରିବେ । ଆମେ ତ ଏଥିରେ ଖେଳୁଛୁ । ଗୋଟିଏ ପିଲା କହିଲା ଗୋଟିଏ ବେଲକୁ ପାଞ୍ଚଟଙ୍କା । ମୁଁ ତିନୋଟି ବେଲ ପାଚିଲା ଦେଖିକରି ଆଣିଲି । ସେମାନେ ମଧ୍ୟ ପ୍ରଚଣ୍ଡ ଖରା ବେଳଟାରେ ଗଛ ମୂଳରେ ବେଲ ସହିତ ଖେଳକୁଦରେ ମଜିଗଲେ ।

ବାଷଠୀ, ବାସୁଦେବପୁର
ଭଦ୍ରକ, ଓଡ଼ିଶା :-୭୫୬୧୨୫
ସଂପର୍କ :- ୭୬୮୩୯୨୦୨୨୨

ISSN NO.
2582-208X

# କାହିଁକି ଲେଖେ ସାହିତ୍ୟ



ଯସ୍ମିତା ପ୍ରଧାନ

ସତରେ ବଡ଼ ବିଚିତ୍ର ପ୍ରଶ୍ନ
କାହିଁକି ଲେଖେ ମୁଁ ସାହିତ୍ୟ
ନିଜକୁ କେବେ ପଚାରିନି କାହିଁକି
କବି ବା ଲେଖକ ହେବାକୁ ନୁହେଁ ପ୍ରୟାସ
ତଥାପି ଉତ୍ତର ଦେବାକୁ ମୁଁ ଅସମର୍ଥ
ଭାଷା-ସାହିତ୍ୟର ଛାତ୍ରୀ ବୋଲି ମୁଁ ଲେଖେ କି
ବହୁ ପ୍ରସିଦ୍ଧ ସାହିତ୍ୟିକ ନୁହେଁ ତ ଭାଷା-ସାହିତ୍ୟର ଛାତ୍ର
ତଥାପି ସୃଷ୍ଟି କଲେ ଅଜସ୍ର ସାହିତ୍ୟ
ବହୁ ବରେଣ୍ୟ ସ୍ରଷ୍ଟାଙ୍କ ସୃଷ୍ଟିରେ ଆମ ସାହିତ୍ୟ ସମୃଦ୍ଧ
ଓଡ଼ିଆ ଭାଷା-ସାହିତ୍ୟକୁ ବିଶ୍ୱରେ କଲେ ପ୍ରସିଦ୍ଧ
ବୋଧହୁଏ ସେମାନଙ୍କ ଠାରୁ ମିଳିଲା ପ୍ରେରଣା।
କିନ୍ତୁ କେବେ କରିନଥିଲି ପ୍ରଚେଷ୍ଟା
ମନରେ ବହୁ ଦୁଃଖ ଓଡ଼ିଆ ମୋ ମାତୃଭାଷା।
ପୁଣି ଭାଷା-ସାହିତ୍ୟର ଛାତ୍ରୀ
ହେଲେ ସାହିତ୍ୟ ଅବଦାନରେ ମୋ ଭୂମିକା ଶୂନ୍ୟ
ଶେଷରେ ବହୁ ଗୁରୁଜନଙ୍କ ଆଶିଷ ଆଦେଶରେ
ପ୍ରଥମ କବିତା ଲେଖିଥିଲି ମୁହିଁ ଆରମ୍ଭରେ

ISSN NO.
2582-208X

ନୁହେଁ ମୁଁ ଜ୍ଞାନୀ ପଣ୍ଡିତ କରିବାକୁ ପଥ ପ୍ରଦର୍ଶକ
ତଥାପି ପ୍ରୟାସ ସାହିତ୍ୟରେ ରହୁ ମୋର କିଛି ଅବଦାନ
ଆଜି ଆଉ ନୁହେଁ କିଛି ଅସମ୍ଭବ
ପରିଶ୍ରମେ ସାହିତ୍ୟ ସେବା ନୁହେଁ ଅସମ୍ଭବ
ଟିକି କଲମରେ ଚାଲୁ ରହିବ ଉଦ୍ୟମ
ନ ହୁଏ ମୁଁ ପଛେ ସୁପ୍ରସିଦ୍ଧ ସାହିତ୍ୟିକ
କରିବି ପ୍ରୟାସ ହେବ ମୋ ସାହିତ୍ୟ ସମୃଦ୍ଧ ||

ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀ
ଓଡ଼ିଆ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ଫୋନ୍ ନମ୍ବର୍ - 7326837101

ISSN NO.
2582-208X

# ନାରୀ



ପ୍ରିୟଦର୍ଶିନୀ ପାତ୍ର

ସ୍ନେହ, ପ୍ରେମ, ଧୈର୍ଯ୍ୟର
ଅଟେ ଗନ୍ତାଘର
ଦୁଃଖ, କଷ୍ଟ, ଯନ୍ତ୍ରଣା ସହିବାର
ଶକ୍ତି ଅଛି ଯାହାର
ହିଁ ସେ ହିଁ ତ ଜଣେ ନାରୀ ।

ଯେତେ ଦିନ ଯାଏଁ ସେ ଥାଏ
ତା'ର ବାପ ଘରେ
ସମୟ ବିତିଯାଏ ତା'ର
ଭାରି ଅଲି ଅଳି ରେ ।

ହେଲେ ଜୀବନର ମୋଡ ବଦଳିଯାଏ
ତା'ର ବାହାଘର ପରେ
ଏକ ନୂଆ ପରିବାରକୁ ସେ ଆପଣେଇ ନିଏ
ନିଜର ସବୁ ହସ ଖୁସି କୁ
ସେ ଭୁଲିଯାଏ ।

ISSN NO.
2582-208X

ହେଲେ ସେ ପରିବାର
କେବେ ବୁଝେ ନାହିଁ
ତା'ର ସେଇ ତ୍ୟାଗ ଆଉ ବଳିଦାନକୁ
ସବୁବେଳେ ଆଗେଇ ଆସେ
ତାକୁ ନିର୍ଯ୍ୟାତନା ଦେବାକୁ ।

ତେଣୁ ସଭିଙ୍କୁ ମୋର ଅଟେ ନିବେଦନ
ନାରୀ ଙ୍କୁ କେବେ ନ ଭାବିବ ହୀନ
ସେ ତ ଅଟଇ ସୀତା, ସାବିତ୍ରୀ
ପୁରୁଷଙ୍କ ଠାରୁ ଅଟେ ଶ୍ରେଷ୍ଠ ଜାତି ।

ଝିଅ ଟିଏ ଜନ୍ମ ହେଲେ
କେବେ କରିବନି ମନ ଦୁଃଖ
ପୁଅ ଭଳି ତାକୁ ସବୁଥିରେ
ସମାନ ଅଧିକାର ଦେବ ।

ବିଭାଗ- ଓଡ଼ିଆ
ସ୍ନାତକ ପ୍ରଥମ ବର୍ଷ ଛାତ୍ରୀ

ISSN NO.
2582-208X

# କାହିଁକି କରିବି ଦୁଃଖ



ନରେନ୍ଦ୍ର ପ୍ରସାଦ ବେହେରା

କେତେ ଆଶାନେଇ ଚାଲୁଥିଲି ଧାଇଁ
ହରଷ ମନରେ ମୁହିଁ
ସବୁ ଆଶା ମୋର ଅଟକି ଯାଉଛି
ଧୈର୍ଯ୍ୟ ଧରି ପାରୁନାହିଁ ।୧।

ଆଦର ଯେଉଁଠି ଆଘାତ ସେଇଠି
ଏକଥା ଜଣା ନଥିଲା
ସାଙ୍ଗସାଥି ମେଳେ ଏକଦିନେ ବସି
କେତେକଥା କହିଗଲା ।୨।

ଶୁଣିଲା ମୋ କାନ ହେଲି ମ୍ରିୟମାଣ
ମନରେ କୋହକୁ ଚାପି
ନୁହେଁ ମୁଁ ଅଜ୍ଞାନ ଅଛି କିଛି ଜ୍ଞାନ
କୁଚରିତ୍ର ବହୁରୂପୀ ।୩।

ମହାକାଳ ଫଳ ଉପରେ ସୁନ୍ଦର
ଭିତର ଅପରିଷ୍କାର

ISSN NO.
2582-208X

ଚେହେରା ସୁନ୍ଦର ଅପବିତ୍ର ମନ
ନପାଏ କେବେ ଆଦର ।୪।

ସ୍ନେହ ପ୍ରେମେ ବନ୍ଧା ଏ ସାରା ଜଗତ
ନପାରଇ ଜାଣି ଯିଏ
ସେ କାହୁଁ ଜାଣିବ ହୃଦୟ ମମତା
ଲମ୍ବିଅଛି କେତେଯାଏ ।୫।

ସବୁଠାରୁ ବେଶି ବାଧିବ ଆତ୍ମାକୁ
ନିଜ ଲୋକ ହେଲେ ପର
ତଥାପି ଛାତିକୁ କରିଛି ପଥର
ସ୍ଥାନ ଦେଇ ହୃଦୟର ।୬।

ଆସୁ ଯେତେ ଝଡ଼ ଝଞ୍ଜା ଏ ଜୀବନେ
ହେବିନି କେବେ ବିମୁଖ
ଅଣ୍ଟି ଛୁରୀ ଆଜି କାଟୁଅଛି ତଣ୍ଟି
କାହିଁକି କରିବି ଦୁଃଖ ।୭।

ସେଭଳି ବ୍ୟକ୍ତିଙ୍କୁ ଦେଉଥାନ୍ତୁ ବିଭୁ
କୋଟି କୋଟି ପରମାୟୁ
ନ ମିଳୁ ସମ୍ମାନ କେବେ କାହାଠାରୁ
ସାକ୍ଷୀ ଚନ୍ଦ୍ର ସୂର୍ଯ୍ୟ ବାୟୁ ।୮।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ଧୂଆଁ ଓ ବାୟୁ ପ୍ରଦୂଷଣ



ତୁଷ୍ମିତା ଜେନା

ଧୂଆଁ ହେଉଛି ବିସ୍ତାରିତ ଅବସ୍ଥାରେ ରହିଥିବା କ୍ଷୁଦ୍ରାତିକ୍ଷୁଦ୍ର କଠିନ ବା ତରଳ କଣିକା । ସେଗୁଡ଼ିକ ଏତେ କ୍ଷୁଦ୍ର ଯେ ୧୦ ଲକ୍ଷ ଧୂଆଁ କଣିକାକୁ ଲଗେଇ ଲଗେଇ ରଖିଲେ ମଧ୍ୟ ଏହାର ଦୈର୍ଘ୍ୟ ଏକ ମିଟରରୁ କମ୍ ହେବ । ଏହାର କେବଳ ଗୋଟିଏ କଣିକାକୁ ଖାଲି ଆଖିରେ ଦେଖିହେବ ନାହିଁ । କୌଣସି ଅଣାବଦ୍ଧ ସ୍ଥାନରେ କାଠ ଜଳୁଥିବା ସମୟରେ ସାଧାରଣତଃ ଧୂଆଁ ନ ହେବାର ଆମେମାନେ ଲକ୍ଷ୍ୟ କରିଥାଉ । କିନ୍ତୁ, କାଠ ଜଳିବା ସମୟରେ ଯଥେଷ୍ଟ ବାୟୁ ନ ପାଇଲେ, ଓଦା ଥିଲେ କିମ୍ବା ନଜଳି ଲିଭିଗଲେ ଯାଇ ଧୂଆଁ ଉଠେ । ଏଥିରୁ ବୁଝାପଡୁଛି ଯେ, ଜାଳେଣି ସମ୍ପୂର୍ଣ୍ଣ ଜଳି ନ ପାରିଲେ ଧୂଆଁ ସୃଷ୍ଟି ହୁଏ । ଆମର ପ୍ରତିଦିନର ଜୀବନ ପଦ୍ଧତିରେ ଭାତ ରାନ୍ଧିବାଠାରୁ ଆରମ୍ଭ କରି ରକେଟ୍ ଉତକ୍ଷେପଣ କରିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଜାଳେଣିର ଆବଶ୍ୟକତା ରହିଛି । କିନ୍ତୁ, ଦୁଃଖର କଥା ଆମେ ବ୍ୟବହାର କରୁଥିବା ସବୁ ଜାଳେଣି ସମ୍ପୂର୍ଣ୍ଣ ଜଳିପାରେ ନାହିଁ । ତେଣୁ ସେଥିରୁ ବାହାରୁଥିବା ଧୂଆଁର ପରିମାଣ ଦିନକୁ ଦିନ ମଧ୍ୟ ବୃଦ୍ଧିପାଉଛି । ସମ୍ପ୍ରତି ଆମ ବାୟୁମଣ୍ଡଳରେ ଏହି ଧୂଆଁର ବହୁଳ ଉପସ୍ଥିତି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ରୂପ ନେଇଛି । ଯଦି ସବୁ ଜାଳେଣି ପୂରାପୂରି ଜଳି ପାରନ୍ତା, ହୁଏତ ଆଜି ଏଇ ସମସ୍ୟା ଦେଖାଯାଇ ନଥାନ୍ତା ।

ଯେଉଁ ବସ୍ତୁ ଅନ୍ୟ ବସ୍ତୁ ସହିତ ରାସାୟନିକ ପ୍ରକ୍ରିୟା ପୂର୍ବକ ତାପ ସୃଷ୍ଟି କରିପାରେ ତାହାକୁ ଆମେ ଜାଳେଣି ବୋଲି କହୁ । କେତେକ କ୍ଷେତ୍ରରେ ନିଉକ୍ଲୀୟ ପ୍ରକ୍ରିୟା ଫଳରେ ମଧ୍ୟ

ISSN NO.
2582-208X

ଜାଳେଣିରୁ ତାପଶକ୍ତି ମିଳିଥାଏ । କାଠ, କୋଇଲା, କିରୋସିନି, ଉଦଜାନ ପ୍ରଭୃତି ପଦାର୍ଥଗୁଡ଼ିକ ଜଳିଲେ ତାପ ଉତ୍ପନ୍ନ ହେଉଥିବାରୁ, ସେଗୁଡ଼ିକୁ ଜାଳେଣି ବୋଲି କୁହାଯାଏ । ଏଥିରୁ ଜଣାପଡୁଛି ଯେ କଠିନ, ତରଳ ଓ ଗ୍ୟାସୀୟ ଅବସ୍ଥାରେ ଜାଳେଣି ରହିପାରେ । ଅଙ୍ଗାରକ, ଉଦଜାନ, ଅମ୍ଳଜାନ, ଯବକ୍ଷାରଜାନ ଓ କିଛି ଗନ୍ଧକ ଇତ୍ୟାଦି ହେଉଛି ଜାଳେଣିର ସାଧାରଣ ଗଠନ ଉପାଦାନ । ଜାଳେଣି ସମ୍ପୂର୍ଣ୍ଣ ଜଳିଗଲା ପରେ ସେଥିରୁ ଅଙ୍ଗାରକାମ୍ଳ ଗ୍ୟାସ୍, ଜଳୀୟବାଷ୍ପ ଓ କିଛି ପରିମାଣର ମୁକ୍ତ ଯବକ୍ଷାରଜାନ ମିଳିବ । ଆଉ ଯଦି ଜାଳେଣିରେ କିଛି ପରିମାଣରେ ଗନ୍ଧକ ରହିଥିବ, ତେବେ ଦହନ ପ୍ରକ୍ରିୟାରୁ ସଲଫର୍ ଡାଇଅକ୍ସାଇଡ୍ ନିର୍ଗତ ହେବ । ଅଙ୍ଗାରକାମ୍ଳ ଗ୍ୟାସ୍, ଜଳୀୟବାଷ୍ପ ଓ ମୁକ୍ତ ଯବକ୍ଷାରଜାନ ବିଷାକ୍ତ ନୁହେଁ, କିନ୍ତୁ ସଲଫର୍ ଡାଇଅକ୍ସାଇଡ୍ ଆମ ପାଇଁ କ୍ଷତିକାରକ । ଏହା ବାୟୁ ଓ ଜଳୀୟବାଷ୍ପ ସଂସ୍ପର୍ଶରେ ଆସିଲେ କ୍ଷୟକାରୀ ଅମ୍ଳ (ଏସିଡ୍) ସୃଷ୍ଟି କରେ ।

ଜାଳେଣି ଜଳିବା ପାଇଁ ଅମ୍ଳଜାନ ଆବଶ୍ୟକ । ଯଥେଷ୍ଟ ବାୟୁ ଓ ତାପମାତ୍ରା ନପାଇଲେ ଜାରଣ (ଅକ୍ସିଡେସନ୍) ହୋଇପାରିବ ନାହିଁ । କିନ୍ତୁ, ବିଶେଷକରି କାଠ ବା କୋଇଲା ଇତ୍ୟାଦି କଠିନ ଜାଳେଣି କ୍ଷେତ୍ରରେ ଏହା ମିଳିବା ସହଜ ହୋଇପାରେନା । ତେଣୁ ସେସବୁ ଜାଳେଣିରୁ ବେଶୀ ଧୂଆଁ ସୃଷ୍ଟି ହୁଏ । କିନ୍ତୁ, ଆନ୍ଥ୍ରାସାଇଟ୍ କୋଇଲା କିମ୍ବା କୋକ୍ ଜଳିଲେ ଧୂଆଁ ସୃଷ୍ଟି ହୁଏ ନାହିଁ । ଏହାର କାରଣ ସେଗୁଡ଼ିକ ଭିତରେ ବାଷ୍ପଶୀଳ ଉଦ୍‌ବାୟୀ (ଭୋଲାଟାଇଲ୍) ପଦାର୍ଥ ନଥାଏ । ଅପର ପକ୍ଷରେ ବିଟୁମିନସ୍ କୋଇଲା ଜଳିଲେ ଧୂଆଁ ସୃଷ୍ଟି ହୁଏ । କାରଣ, ଏହି କୋଇଲା ଜଳିଲେ ସେଥିରୁ କଳା ରଙ୍ଗର ବହଳିଆ ତରଳ ପଦାର୍ଥ (ଆଲକାତରା) ଓ ବାଷ୍ପ ନିର୍ଗତ ହୁଏ । ସେଗୁଡ଼ିକ ବାୟୁମଣ୍ଡଳରେ ଉପସ୍ଥିତ ଧୂଳିକଣା ଓ ପାଉଁଶ ସହିତ ମିଶି ଧୂଆଁ ସୃଷ୍ଟି କରନ୍ତି ।

ଧୂଆଁ ଆମ ପରିବେଶ ଓ ଆମ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ । ଜୀବଜଗତଠାରୁ ଆରମ୍ଭ କରି ଉଦ୍ଭିଦ ଜଗତ ପର୍ଯ୍ୟନ୍ତ ଏହି ଧୂଆଁ ଦ୍ୱାରା ପ୍ରଭାବିତ ହୁଅନ୍ତି । ଶ୍ୱାସକ୍ରିୟାରେ ପ୍ରତିବନ୍ଧକ ସୃଷ୍ଟି କରିବା ସହିତ ଧୂଆଁ ଆମର ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡରେ ରୋଗ ସୃଷ୍ଟି କରିଥାଏ । ଶିଳ୍ପାଞ୍ଚଳଗୁଡ଼ିକରେ ପ୍ରଚୁର ଧୂଆଁର ଉପସ୍ଥିତି ପାଇଁ ପ୍ରାୟ ସବୁଦିନ ଘନ

ISSN NO.
2582-208X

କୁହୁଡ଼ି ସୃଷ୍ଟି ହୁଏ । ବାୟୁରେ ଧୂଆଁର ଉପସ୍ଥିତି ଗଛଲତାର ଶ୍ୱାସ ପ୍ରକ୍ରିୟାରେ ମଧ୍ୟ ବାଧା ସୃଷ୍ଟି କରେ । ବିଶେଷକରି ଗଛର ଖାଦ୍ୟ ପ୍ରସ୍ତୁତି ପାଇଁ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ଗ୍ୟାସ୍ ସହିତ ସୂର୍ଯ୍ୟାଲୋକର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସୂର୍ଯ୍ୟାଲୋକର ଉପସ୍ଥିତିରେ ହିଁ ଗଛ ତାହାର ଶର୍କରା ଜାତୀୟ ଖାଦ୍ୟ ପ୍ରସ୍ତୁତ କରିପାରିବ । ସେଥିପାଇଁ ରାତିରେ ଗଛ ଖାଦ୍ୟ ପ୍ରସ୍ତୁତ କରିପାରେ ନାହିଁ । କିନ୍ତୁ, ବାୟୁମଣ୍ଡଳରେ ଦିନକୁ ଦିନ ଧୂଆଁର ମାତ୍ରା ବୃଦ୍ଧି ପାଉଥିବାରୁ ଆବଶ୍ୟକ ପରିମାଣର ସୂର୍ଯ୍ୟକିରଣ ପୃଥିବୀପୃଷ୍ଠକୁ ପହଂଚି ପାରୁନାହିଁ । ତେଣୁ ଉଦ୍ଭିଦ ଜଗତର ଜୀବନଯାତ୍ରାରେ ସମସ୍ୟା ଦେଖାଯାଇଛି । ଖାଲି ସେତିକି ନୁହେଁ, ଧୂଆଁରେ ରହିଥିବା ସଲଫର ଡାଇଅକ୍ସାଇଡ୍ ଭଳି ବିଷାକ୍ତ ଗ୍ୟାସ୍ ଅମ୍ଳବୃଷ୍ଟି ବା ଏସିଡ୍ ରେନ୍‌ର କାରଣ ହେଉଛି । ଅମ୍ଳ ବୃଷ୍ଟି ଯୋଗୁଁ ଉଭୟ ମୃତ୍ତିକା ଓ ବୃକ୍ଷଲତା କ୍ଷତିଗ୍ରସ୍ତ ହେବାର ଦେଖାଯାଉଛି । ଧୂଆଁର ଉପସ୍ଥିତି ମଧ୍ୟ ଆମର ପୃଥିବୀକୁ ଉତପ୍ତ କରିବାରେ ବିଶେଷ ଭୂମିକା ଗ୍ରହଣ କରୁଛି । ଖାଲି ଧୂଆଁ ନୁହେଁ, ଆହୁରି ଅନେକ କାରକ ପୃଥିବୀର ପରିବେଶକୁ ନଷ୍ଟ କରୁଛି । ତେଣୁ ଧ୍ୱଂସାଭିମୁଖୀ ପୃଥିବୀକୁ ରକ୍ଷାକରିବା ପାଇଁ ଆମେ ସମସ୍ତେ ଚିନ୍ତା କରିବା । ବ୍ୟାପକ ବୃକ୍ଷରୋପଣ ଓ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଥିବା କଳକାରଖାନାଗୁଡ଼ିକର ବିକଳ୍ପ ବ୍ୟବସ୍ଥାର ଅନୁସନ୍ଧାନ ହିଁ ଏହି ସମସ୍ୟାର ସମାଧାନ କରିପାରିବ ।

©©©©

ପଦାର୍ଥ ବିଜ୍ଞାନ ବିଭାଗ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ତେଜସ୍ୱିନୀ ହିଲ୍, ପେରିୟା, କଶରଗଡ଼,
କେରଳ – ୬୭୧୩୧୬

ISSN NO.
2582-208X

# ବାପା



ନନ୍ଦିଘୋଷ ଭୋଇ

ଜୀବନ କୋଣାର୍କ ଗଢ଼ିଛି ମୋ ଯିଏ
ତୁମେ ତ ସେଇ ବିନ୍ଧାଣି,
ମସୃଣ ବନ୍ଧୁର ଜୀବନ ଯାତ୍ରାର
ଜାଗ୍ରତ ପ୍ରହରୀ ପୁଣି ।

ସାଦା କ୍ୟାନଭାସ୍ ଜୀବନରେ ମୋର
ହାତେ ଧରି ରଙ୍ଗ ତୂଳୀ,
ଆଙ୍କି ଦେଇଅଛ କେତେ ଇନ୍ଦ୍ରଧନୁ
ସପ୍ତରଙ୍ଗ ଦେଇ ଢାଳି ।

ଗାୟକ ସାଜିକି ମୋ ପାଇଁ କି ତୁମେ
ତୋଳିଛ ସରଗ ଚାନ୍ଦ,
କାୟା ଛାୟା ପରି ରହିଛ ମୋ ସାଥେ
ଭଲ ହେଉ ଅବା ମନ୍ଦ ।

ISSN NO.
2582-208X

ବାଲ୍ୟକାଳେ ମୁହିଁ ତୁମ କାନ୍ଧେ ବସି
ଦେଖିଛି କେତେ ଯେ ଯାତ,
ଅଳି କରି ପୁଣି ତୁମ ଦେହେ କେତେ
କରିଅଛି ପଦାଘାତ ।

ହୃଦୟ ତୁମର ଗିରି ଠାରୁ ବଡ଼
ଗଭୀର ସିନ୍ଧୁ ଠୁଁ ବଳି,
ସେ ପାଇଁକି ମୋର ସବୁ ଦୋଷ ଭୁଲି
କରିଅଛ ଜପାମାଳି ।

ପିନ୍ଧାଇଛ ମତେ କେତେ ନୂଆଁ ଜାମା
ନିଜେ ପିନ୍ଧି ଚିରା ବାସ,
ନିଜ ଖୁସି କୁ ଯେ ଜଳାଞ୍ଜଳି ଦେଇ
ମୋ ମୁଖେ ଦେଇଛ ହସ ।

ମୋ ଗଉରବେ ପୁଣି ହୃଦୟେ ତୁମର
ଭରିଉଠେ ଉଲ୍ଲାସ,
ମୁଣ୍ଡର ଝାଳ କୁ ତୁଣ୍ଡରେ ମାରିକି
କରିଛ ମତେ ମଣିଷ ।

ଚକ୍ ମକ୍ ଯୋରୀ, ବରଗଡ଼
ମୋ - ୮୧୪୪୦୪୪୮୪୫

ISSN NO.
2582-208X

# ମହାନାୟକ



ନନ୍ଦିତା ବଡ୍ଢାଇ

ହେ ମହାନାୟକ ……
କଣ ବା ମୁଁ ଦେଇପାରେ ଆପଣଙ୍କୁ
ଆପଣ ମୋତେ ଦେଇଛନ୍ତି ତ ଅନେକ କିଛି
ହେଲେ ମୁଁ ଆପଣଙ୍କୁ କିଛି ଦେଇପାରି ନାହିଁ
ବିଂଶ ଶତାବ୍ଦୀର ର ଶେଷ ପର୍ଯ୍ୟାୟରେ ଆସିଥିଲା ଏକ ମହାବାତ୍ୟା
ସେହି ଯମ ରୂପୀ ମହାବାତ୍ୟା ଓଡିଆଙ୍କୁ କରିଥିଲା କବଳିତ
ପୁଣି ତାହା ଓଡ଼ିଆଙ୍କ ମେରୁଦଣ୍ଡକୁ ଭାଙ୍ଗି ରୁଜି ଛିନ୍ନ କରିପକାଇଲା
ସେହି ବାତ୍ୟାର ତାଣ୍ଡବରେ ଭଗ୍ନ ଅଶ୍ରୁଳ ଓଡିଆଙ୍କୁ ଦେଲ ନୂଆ କଳେବର
ବିପର୍ଯ୍ୟସ୍ତ ଭୋକିଲା ମୁହଁରେ ଆହାର
ତମପାଇଁ ଥିଲେ ସଭିଏ ସମାନ
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସଭିଙ୍କୁ ଏକ ସୂତ୍ରରେ ବାନ୍ଧିଲ
କଣ ବା ନ ଦେଇଛ ତମେ ?
ଅର୍ଦ୍ଧ ଶତାବ୍ଦୀର ଏକ ଭାଗ ତମେ ଥିଲ ଆମ ମୁଖ୍ୟମନ୍ତ୍ରୀ
ପଚିଶି ବରଷ ସେବା କରିଅଛ ଓଡ଼ିଶା ବାସୀଙ୍କ ପ୍ରତି
ଦେବତା ଥିଲ ତମେ ପ୍ରତି ଗରିବଙ୍କ ପାଇଁ
ସଭିଙ୍କ ପାଇଁ ଥିଲା ସୁବିଧା
ନା ଥିଲା କାହା ପାଇଁ ଊଣା ନା ଥିଲା କାହା ପାଇଁ ଅଧିକ

ISSN NO.
2582-208X

ଶରୀରରେ ସାମର୍ଥ୍ୟ ଥିବା ପର୍ଯ୍ୟନ୍ତ
ନା ଓଡ଼ିଶାରେ ଥିଲା ଦଙ୍ଗା ନା ଆଉ କିଛି
ଜାତି ଧର୍ମକୁ ନେଇ ବନ୍ଦ କରିଥିଲେ ରାଜନୀତି
ଓଡ଼ିଶାରେ ଥିଲା କେବଳ ଶୃଙ୍ଖଳା ଆଉ ଶାନ୍ତି
ନା ମୁହଁରେ ଥିଲା ତମ ବିରୋଧୀଙ୍କ ପ୍ରତି କଟୁ କଥା
ନା ଥିଲା ଅନ୍ୟ କାହା ପ୍ରତି ଆକ୍ଷେପ
ପ୍ରତିଟି ଜାଗା ରେ ଛାଡି ଯାଇଅଛ ତୁମର ଅଭୁଲା ସ୍ମୃତି
ସରଳ ନିରୀହ ନିଷ୍କପଟ ମଣିଷ ଟିଏ
ନା ଥିଲା ମିଛ ଅଭିନୟ
ନା ମିଥ୍ୟା ପ୍ରତିଶ୍ରୁତି
କଥାଠାରୁ କର୍ମରେ ଥିଲା ତୁମ ବିଶ୍ୱାସ
ଯାହାବି ଦେଇଛ ଯାହାବି କରିଛ
ସବୁ ଥିଲା ତୁମରି ପ୍ରସାଦ
ହେ କର୍ମଯୋଗୀ ସତ୍ୟନିଷ୍ଠ ଉଜ୍ଜ୍ୱଳ ପୁରୁଷ ସଫଳ ରାଜନେତା
କୋଟି ଓଡିଆଙ୍କ ହୃଦୟର ଆଜି ତମେ ଅଭିନେତା
ତୁମ ଅବଦାନ ଆମ ପାଇଁ କେବେ ନ ଥିଲା ସାମାନ୍ୟ
ତାହା ତ ଯୁଗ ଯୁଗ ପାଇଁ ଅବିସ୍ମରଣୀୟ ......

କଦଳୀମୁଣ୍ଡା,
ପଡ଼ିଆବହାଲ, ସମ୍ବଲପୁର

ISSN NO.
2582-208X

# ପ୍ରେମ ଶ୍ରଦ୍ଧାଞ୍ଜଳୀ



ସୁନନ୍ଦା ମହାନ୍ତ

ପୁଷ୍ପାଞ୍ଜଳି ନେଇ ଶ୍ରଦ୍ଧାଞ୍ଜଳି ଦେଇ
ପ୍ରେମ ଦେଲେ ଅନ୍ତରରୁ
ଅଢେଇ ଅକ୍ଷର ପ୍ରେମ ଜିନ୍ଦାବାଦ
ଧ୍ୱନି ଶୁଭେ ହୃଦୟରୁ
ପ୍ରେମ ପତଞ୍ଜଳି ଜୀବନ ବଞ୍ଚାଏ
ସ୍ନେହ ଶ୍ରଦ୍ଧା ସମ୍ମାନରେ
ପ୍ରେମ ଅଶ୍ରୁଞ୍ଜଳି ପଣତେ ଢାଳି
ମାଆ କହେ ଜହ୍ନମାମୁଁ ଆ ଥରେ
ପ୍ରେମ କାଇଁଚମାଳି ପରିବାରେ କଳି
ରାଗ ରୁଷା ଅଭିମାନ ଯା ଦୂରେ
ପ୍ରେମ କାବ୍ୟାଞ୍ଜଳି ପ୍ରେମିକ ପ୍ରେମିକା
କବିତା ଲେଖି ଗଳ୍ପ ପରଖିଲା ପରେ
ପ୍ରେମିକ କହୁଛି ତୁ ମୋ କବିତାରେ
ପ୍ରେମିକ କହୁଛି ଗଳ୍ପ ପଢି କହ ଥରେ
ପ୍ରେମ ଏମିତିକା ଅବୁଝା କବିତା ନଇଟେ

ISSN NO.
2582-208X

ନଥାନ୍ତି କେହି ଘାଟରେ
ପ୍ରେମ ଏମିତିକା ଅବୁଝା ଗଳ୍ପ ବହିଟେ
ଯିଏ ଥାଏ ଯାହା ଘଟରେ ଦେଖା ବାଟରେ
ପ୍ରେମ କୁସୁମାଞ୍ଜଳି ନିତି ଫୁଟି ଝଡି
ବାସ୍ନା ଦେଉଥାଏ ଜୀବନରେ
ପ୍ରେମ ମଧୁଛନ୍ଦା ଢାଳି ପ୍ରୀତିଗନ୍ଧା ପ୍ରୀତିଛନ୍ଦା
ଅସରା ଆଶା ପସରାରେ
ପ୍ରେମ ଗୀତାଞ୍ଜଳି ପ୍ରେମ ନବଗୁଞ୍ଜରମାଳି
ଅନୁରାଗ ଥାଳି ଦୀପ ଜଳେ ମନ୍ଦିରରେ ॥

ସାକ୍ଷୀଗୋପାଳ, ପୁରୀ
9040977327

ISSN NO.
2582-208X

# ସମ୍ପର୍କ



ଶାନ୍ତିଲତା ବିଶୋଇ

ଖଲିଲ ଗିରବାନଙ୍କ The prophet ର ଗୋଟିଏ ଧାଡି ଭାରି ମନଛୁଆଁ, "ସମ୍ପର୍କ, ଧନୁଶର ଓ ତୀର ମଧ୍ୟରେ ଥିବା ସମୀକରଣ ପରି। ଧନୁଶରର ଟାଙ୍କ କୁ ଯେତେ ଟାଣି ରଖିବାକୁ ଚେଷ୍ଟା କରିବ, ତୀରଟି ସେତେ ଦୂରକୁ ଚାଲିଯିବ।" ତେଣୁ ସମ୍ପର୍କର ଅର୍ଥ ନୁହଁ ଖାଲି ପରସ୍ପରକୁ ଟାଣି ରଖିବା, ସମ୍ପର୍କର ଅର୍ଥ ବ୍ୟାପ୍ତ। ସମ୍ପର୍କ ବହୁତ ଗୁଡିଏ କାରଣ ଯୋଗୁଁ ଗଢି ଉଠିଥାଏ କିନ୍ତୁ ଯେଉଁ ସମ୍ପର୍କ ଦୟା, କ୍ଷମା, ପ୍ରେମ, ଶାନ୍ତି, ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସକୁ ଆଧାର କରି ଗଢି ଉଠିଥାଏ, ତାହା ଚିରସ୍ଥାୟୀ ହୋଇଯାଏ। ଉଦାହରଣ ହେଲା ବିଶ୍ୱାମିତ୍ର, ବଶିଷ୍ଠଙ୍କୁ ପରମ ଶତ୍ରୁ ଭାବୁଥିଲେ; ହେଲେ ବଶିଷ୍ଠଙ୍କ ଯେଉଁ ସ୍ନେହ ବିଶ୍ୱାମିତ୍ରଙ୍କ ପାଇଁ ଥିଲା, ତାହା ଏପରି ଏକ ସମ୍ପର୍କ ସୃଷ୍ଟି କଲା ଯାହା କାଳେ କାଳେ ଲିପିବଦ୍ଧ ହୋଇ ରହିଲା।

କଥା ହେଲା ସମ୍ପର୍କ ଗଢିବା ଏକ ବିଚିତ୍ର କଥା ନୁହଁ, ସମ୍ପର୍କକୁ ଯୋଡି ରଖିବା ହେଲା କାଠିକର ପାଠ। କୁହାଯାଏ ଜିତିବାକୁ ହେଲେ ଅନେକ ଥର ହରିବାକୁ ପଡେ, କିନ୍ତୁ ସମ୍ପର୍କ କ୍ଷେତ୍ରରେ ଏପରି ଘଟି ନଥାଏ, କାରଣ ସମ୍ପର୍କ ଥରେ ଭାଙ୍ଗିଲେ ବୋଧେ ପୁଣି ଗଢିବା କଷ୍ଟକର ହୋଇପଡେ। ତେଣୁ ତ କୁହାଯାଏ, "ହାଣ୍ଡି ଭାଙ୍ଗିଲେ ଖପରା, ମନ ଭାଙ୍ଗିଲେ ଛପରା।" ଯେତେବେଳେ ଜିତାହରା କଥା ଆସେ, ଜଣେ ହାରିଲେ ହିଁ ଅନ୍ୟ ଜଣେ ଜିତିଥାଏ, କିନ୍ତୁ ସମ୍ପର୍କ କ୍ଷେତ୍ରରେ ଜିତାହରା ପ୍ରଶ୍ନ ଆସେନି, ଆସେ ବୁଝାମଣାର ମାର୍ଗ। ଭୁଲ ବୁଝାମଣା ଯୋଗୁଁ ଅନେକ ସମ୍ପର୍କ ନଷ୍ଟ ହୋଇଯାଏ, ତେଣୁ ଅନ୍ୟର କଥାରେ ଭାସି ନଯାଇ ଆମେ ପ୍ରତେକ କଥାକୁ ଟିକେ ପରଖିବା ଆବଶ୍ୟକ। "Refresh relationship" ଏକ

ISSN NO.
2582-208X

ପ୍ରଭାବଶାଳୀ ମାଧ୍ୟମ, କିଛିଟା ମନ ମାଳିନ୍ୟ ଆସିଲା ପରେ ସମ୍ପର୍କରେ ପୁଣି ନୂତନତା ଅନୁଭବ ହୁଏ କିନ୍ତୁ ଯଦି ସମ୍ପର୍କରେ ଯଦି ଘୃଣା, ଛଳନା, ଆଶା, ପ୍ରତିଦ୍ୱନ୍ଦିତା ସୃଷ୍ଟି ହୁଏ ତେବେ ତାହା କ୍ଷଣଭଙ୍ଗୁର ହୋଇଯାଏ ।

ରବୀନ୍ଦ୍ର ନାଥ ଠାକୁରଙ୍କ ଗୀତାଞ୍ଜଳିର ୩୩ ତମ ଚରଣରେ କହିଛନ୍ତି, "ଯେତେବେଳେ ଦିନ ଥିଲା ସେମାନେ ମୋ ଘରକୁ ଆସି କହିଲେ, ଆମେ ଏଠାରେ କେବଳ ଛୋଟ କୋଠରୀ ଚାହୁଁଛୁ । ସେମାନେ କହିଥିଲେ, 'ଆମେ ତୁମକୁ ଇଶ୍ୱରଙ୍କ ଉପାସନାରେ ସାହାଯ୍ୟ କରିବୁ ଏବଂ ନମ୍ରତାର ସହିତ କେବଳ ତାଙ୍କ ଅନୁଗ୍ରହର ଅଂଶ ଗ୍ରହଣ କରିବୁ'; ଏବଂ ତା'ପରେ ସେମାନେ ଏକ କୋଣରେ ବସିଲେ ଏବଂ ସେମାନେ ଶାନ୍ତ ଏବଂ ନମ୍ର ଭାବରେ ବସିଲେ । କିନ୍ତୁ ରାତିର ଅନ୍ଧକାରରେ ମୁଁ ଜାଣେ ଯେ ସେମାନେ ମୋର ପବିତ୍ର ଶ୍ରୀକ୍ଷେତ୍ରକୁ ଭାଙ୍ଗିଛନ୍ତି, ଶକ୍ତିଶାଳୀ ଏବଂ ଅଶାନ୍ତ, ଏବଂ ଇଶ୍ୱରଙ୍କ ଯଜ୍ଞରୁ ନୈବେଦ୍ୟକୁ ଲୋଭରେ ଛଡ଼ାଇ ନେଇଛନ୍ତି ।" ଏମିତି କିଛି ବିଷୟବସ୍ତୁ ରୁ ଅନୁମାନ କରିହୁଏ ଯେ, କେତେ ଲୋକ ତ ସମ୍ପର୍କ ଏଥିପାଇଁ ରଖିଥାନ୍ତି ଯେ, ଆମ ପାଖରେ ଥିବା ଚାବିଟାକୁ ଛଡେଇ ନେଇ, ଆମକୁ ବନ୍ଦୀ କରିଦେଇ ହସିବେ, ଆଉ ଯେତେ ଚିତ୍କାର କଲେବି ଶୁଣିବେ ନାହିଁ ।

ସମ୍ପର୍କ ହେଉଛି ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଯାହାକି ଆମ ଜୀବନକୁ ଆକୃଷ୍ଟ କରେ, ସମର୍ଥନ, ସାଥୀତା ଏବଂ ପ୍ରେମ ପ୍ରଦାନ କରେ । ଉନ୍ନତି ପାଇଁ ସେମାନେ ପ୍ରୟାସ, ଯୋଗାଯୋଗ ଏବଂ ପାରସ୍ପରିକ ସମ୍ମାନ ଆବଶ୍ୟକ କରନ୍ତି । ସୁସ୍ଥ ସମ୍ପର୍କ; ବୁଝିବା, ବିଶ୍ୱାସ ଏବଂ ଗଠନମୂଳକ ଭାବରେ ଦ୍ୱନ୍ଦକୁ ଦୂର କରିବାର କ୍ଷମତା ଅନ୍ତର୍ଭୁକ୍ତ କରେ ।

ଘିଉରିଆ ଗୁଡା

ISSN NO.
2582-208X

# କର୍ମ



ସିନ୍ଧୁ ନନ୍ଦିନୀ

ସଂସାର ମଞ୍ଚରେ
ପ୍ରତି ମୁହୂର୍ତ୍ତରେ
ହେଉଛି କର୍ମର ହିସାବ ॥

ଭଲ କାର୍ଯ୍ୟ କଲେ
ଭଲ ଫଳ ମିଳେ
ଖରାପର ଫଳ ଖରାପ॥

ଅନ୍ୟାୟ ଅତ୍ୟାଚାର
କଲେ ଏ ଜନ୍ମରେ
କର୍ମ ଫଳକୁ ଭୋଗିବ॥

ଆର ଜନ୍ମ ରେ
ସବୁ ସୁଦ୍ଧ ମୂଳ
ନିଷ୍ଠେ ଆଦାୟ ହୋଇବ ॥

ଯେପରି ବୁଣିବ
ସେପରି କାଟିବ
କର୍ମ ଏପରି ଫସଲ ॥

ISSN NO.
2582-208X

ଜନ୍ମ ମୃତ୍ୟୁର
ଚକ୍ର ଉଦ୍ଧାରରୁ
ସୁକର୍ମ ଅଟେ ଅସଲ ॥

କର୍ମ ଫଳ କୁ
ଭୋଗିବାକୁ ହେବ
ପାରିବେନି କେହି ନିସ୍ତାର ॥

କର୍ମ କୁ ପରଖି
ଫଳ ଦେଇଥାନ୍ତି
ନୀରବ ଦ୍ରଷ୍ଟା ଇଶ୍ୱର ॥

ପ୍ରାରବ୍ଧ କର୍ମ କୁ
ଭୋଗିବା କୁ ହେବ
ସବଳ ହୁଅ କି ଦୁର୍ବଳ ॥

ପାପ ପୁଣ୍ୟର
ଫଳ ଭୋଗିବାକୁ
ନେବାକୁ ପଡ଼ିବ ଜନମ ॥

ଜୀବନ ଯୁଦ୍ଧରେ
ସୁକର୍ମ ଆମର
ହୁଏ ଭାଗ୍ୟର ଲିଖନ ॥

ମଣିଷ ଜନମ
ଇଶ୍ୱରଙ୍କ ଦାନ
ଇଶ୍ୱର ସୃଷ୍ଟି ରେ ମହାନ ॥

ଭୁବନେଶ୍ୱର

ISSN NO.
2582-208X

# ବିଶ୍ୱ ପରିବେଶ ଦିବସ



ଶୋଭାମୟୀ ପଣ୍ଡା

ଆସ ମିଳି ମିଶି ଆମେ ବିଶ୍ୱ ପରିବେଶ ଦିବସ ପାଳିବା,
ପାର୍ଶ୍ୱ ପରିବେଶ ସ୍ୱଚ୍ଛ ରଖି ସର୍ବେ
ସୁସ୍ଥ ଭବିଷ୍ୟତ ଗଢିବା ।
ପ୍ରାକୃତିକ ଅବକ୍ଷୟ ରୋକିବାକୁ
ସଚେତନା ମନେ ଭରିବା,
ବିଶ୍ୱର ମଙ୍ଗଳ ଦେଶର ପ୍ରଗତି ର ପଥରେ
ପ୍ରତିବଦ୍ଧତାରେ କାର୍ଯ୍ୟ କରିବା ।
ନୂତନ ଜଙ୍ଗଲ ସୃଷ୍ଟିକରି ବାୟୁମଣ୍ଡଳ
ତାପମାତ୍ରା ବୃଦ୍ଧି ରୋକିବା,
ଋତୁଚକ୍ରର ଅନିୟମିତତା ହଟାଇ
ସ୍ୱହସ୍ତେ ବୃକ୍ଷକୁ ରୋପିବା ।
ପରିବର୍ତ୍ତିତ ଜଳବାୟୁ ପରିପେକ୍ଷିରେ ନାନା
ସମସ୍ୟା ଦେବା ଦୁରେଇ,
ବନ୍ୟା ବାତ୍ୟା ମରୁଡି ଆଦି ଦୈବି ଦୁର୍ବିପାକ
ଜଗତୁ ଦେବା ହଟାଇ ।
ବିଶୁଦ୍ଧ ପବନ ଶ୍ୱାସେ ଅମ୍ଳଜାନ
ମହା ପ୍ରକୃତିର ଅବଦାନ,

ISSN NO.
2582-208X

ପ୍ରକୃତି ମାଆକୁ ଶ୍ୟାମଳିମା କରି
ସୃଷ୍ଟିରେ ଜୀବନ ରଚିବା ।
ନଦୀ ପୁଷ୍କରିଣୀ ଆଦି ଜଳଶୟେ
ନ ଫିଙ୍ଗିବା ଆବର୍ଜନା,
ଜଳ ଛୁତାରେ ବିଶୁଦ୍ଧ ବାତାବରଣରେ
ନବ ଯୁଗର ହେବ ସର୍ଜନା ।

ଜୟ ଜଗନ୍ନାଥ

କେନ୍ଦ୍ରାପଡ଼ା

ISSN NO.
2582-208X

# ଅଗଷ୍ଟ ପନ୍ଦର



ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

ମହାନ ଦିବସ ଆଜି... ଶାନ୍ତି ଭେରୀ ଉଠେ ବାଜି
ଚାହାଁରେ ଉଡୁଛି ତ୍ରିରଙ୍ଗା ପତାକା ...କିସୁନ୍ଦର ତନୁ ସାଜି,
ନୂତନ ଆନନ୍ଦ ନେଇ... ନୀଳ ଆକାଶରେ ଥାଇ
ପତାକା ଘୋଷୁଛି ପୂରୁବ ଗୌରବ... ମନେ ପକାଇବା ପାଇଁ ।
ଆଳସ୍ୟ ତେଜିଣ ଭାଇ... ଆସଯିବା ସାଥି ହୋଇ
ସ୍ୱାଧୀନତାର ସ୍ମରଣ ଗୀତିକା... ଆନନ୍ଦରେ ଯିବା ଗାଇ ।
ଭେଦଭାବ ସବୁ ଭୁଲି ...ହୃଦୟ ମନ୍ଦିର ଖୋଲି
ଆସରେ ପୂଜିବା ମାନବ ଦେବତା... ହିଂସା ଯିବ ଦୂରେ ଚାଲି ।
ଆସରେ ଯୁବକ ଦଳ... ଦୃଢ଼କରି ମନୋବଳ
ଅଶାନ୍ତି ବୃକ୍ଷକୁ କରିଣ ଛେଦନ... ରୋପିବା ଶାନ୍ତି କମଳ...
ଆସରେ ସନ୍ତାନଗଣ, ...ଗାଇଯିବା "ଜନ ଗଣ...
ଅଧିନାୟକ..."ଗୀତିକା ହରଷେ ...ପୁଲକେ ମଜାଇ ପ୍ରାଣ ।
ସତ୍ୟ ନନ୍ଦିଘୋଷ ଚଢ଼ି ...ଆଗକୁ ଯିବାରେ ମାଡ଼ି
ଭାରତମାତାର ପଦାରବିନ୍ଦରେ... ଦେଇ ସ୍ୱାର୍ଥକୁ ଅଜାଡ଼ି ।

ISSN NO.
2582-208X

ଆସରେ କରିବା କାମ ...ଭାରତମାତାଙ୍କ କାମ...
ସଭିଏଁ କରିବେ ଆମକୁ ସ୍ୱାଗତ... ଗାଇ ଗାଇ ଆମ ନାମ...
ଘୁଞ୍ଚିଯିବ ଭେଦଭାବ... ଜନମିବ ମହାଭାବ
ବାହୁଡ଼ି ଆସିବ ଶାନ୍ତି ମୈତ୍ରୀ ପ୍ରୀତି... ଦୁଃଖ ଅମା ଦୂରେ ଯିବ...
ଆଜିର ଏ ଶୁଭଦିନ... ଆମକୁ କରେ ଆହ୍ୱାନ
ଜାତି ଧର୍ମ ବର୍ଣ୍ଣ ସବୁ କିଛି ଭୁଲି ...ହେବାପାଇଁ ମହିୟାନ ।

***

କଣ୍ଟାବଣିଆ/ଛତ୍ରପଡ଼ା/ପ୍ରୀତିପୁର/ଯାଜପୁର (ଓଡ଼ିଶା)
ପିନ-୭୫୫୦୧୩/ମୋ-୮୫୯୪୮୮୫୮୯୮

ISSN NO.
2582-208X

# ଜୀବନ; ସର୍ବଶ୍ରେଷ୍ଠ ଉପହାର



ଶିବଦୂତୀ ପାଣିଗ୍ରାହୀ

ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ନଦୀକୁ ଡେଇଁଲା। ନଦୀ ପାଖରେ ବସିଥିବା ଜଣେ ଭିକାରୀ ତାଙ୍କୁ ଅଟକାଇଲା ଏବଂ ପଚାରିଲା, କଥା କ'ଣ ଯେ ଆପଣ ଆତ୍ମହତ୍ୟା କରିବାକୁ ଇଚ୍ଛା କରିଛନ୍ତି ? ଲୋକଟି କହିଲା, 'ମୁଁ ଯେତେ ଚେଷ୍ଟା କଲି ସବୁଠି ପରାଜିତ ହେଲି। ତେଣୁ ଏ ଜୀବନକୁ ରଖି ଲାଭ ନାହିଁ । ଏହାକୁ ଶେଷ କରି ଦେବାକୁ ଇଚ୍ଛା କରୁଅଛି । ମୋ ପାଖରେ କିଛି ନାହିଁ, ମୁଁ ନିଃସ୍ୱ.. ତେଣୁ ମୁଁ ମରିବାକୁ ଚାହୁଁଛି ।' ଭିକାରୀଟି କହିଲା- 'ଆଚ୍ଛା, ମରିବା ପୂର୍ବରୁ ଗୋଟିଏ କାମ କରିବା । ତୁମେ ତ ମରିଯିବି, ମୁଁ କିନ୍ତୁ ଗୋଟିଏ ଲାଭ ପାଇବି । ଲୋକଟି ପଚାରିଲା, କି କାମ ? ଭିକାରୀଟି କହିଲା, ଏହି ଗାଁର ମୁଖିଆ ଅତ୍ୟନ୍ତ ମଉଜିଆ ସ୍ୱଭାବର ମନୁଷ୍ୟ । ସେ ସବୁ ଅଜବ ଜିନିଷ ସଂଗ୍ରହ କରିବାକୁ ଭଲ ପାଆନ୍ତି । ମୁଁ ଆପଣଙ୍କର ଆଖି ତାଙ୍କୁ ବିକ୍ରି କରିଦେବାକୁ ଚାହୁଁଛି । ଅନ୍ତତଃ ମୋତେ ଏକ ଲକ୍ଷ ଟଙ୍କା ମିଳିବ। ତା'ପରେ ତୁମେ ମରିଯାଅ । ମୋ ସହିତ ଆପଣ ଆସନ୍ତୁ।

ସେହି ଭିକାରୀଟି ବ୍ୟକ୍ତି ଜଣକୁ ନେଇ ମୁଖିଆଙ୍କ ପାଖକୁ ଗଲା । ମୁଁ ମରିଯିବି ବୋଲି ଲୋକଟି ପୂର୍ବରୁ କହି ସାରିଛି । ଏବେ ତ ଆଉ ଫିଟି ପାରୁନାହିଁ। ଭାବୁଛି ଯଦି ମୋର ଆଖି ଏକ ଲକ୍ଷ ଟଙ୍କା । ତେବେ ମୁଁ ଆଦୌ ଗରିବ ନୁହେଁ । ମୁଖିଆଙ୍କ ଘର ପାଖରେ ପହଞ୍ଚିବା

ISSN NO.
2582-208X

ବେଳକୁ ଲୋକଟି ତାର ନିଷ୍ପତ୍ତି ବଦଳାଇଦେଲା, ଆଖି ବିକ୍ରି କରିବା ଠିକ୍ ନୁହେଁ। ସେ ମରିବା କଥା ଭୁଲିଗଲା । ମୁଖିଆ ବହୁତ ବୁଝାଇଲେ। ମୁଖିଆଟି କହିଲେ - ଯଦି ତୁମେ ଅଧିକ ମୂଲ୍ୟ ଚାହୁଁଛ, ତା'ହେଲେ ବି ଦିଆଯିବ । ତୁମେ ଯେତିକି ଟଙ୍କା କହିବ, ମୁଁ ସେତିକି ତୁମକୁ ଦେବି । ଭିକାରୀଟି କହିଲା- 'ତୁମେ କହୁଥିଲ ଯେ ତୁମ ପାଖରେ କିଛି ନାହିଁ। ତେଣୁ ତୁମେ ମରିବାକୁ ଯାଉଥିଲ। ତୁମେ ମରିଗଲେ... ଆଖି ମରିଯିବ, କାନ ମରିଯିବ, ହାତ ଗୋଡ଼ ମଧ୍ୟ ମରିଯିବ, ସବୁ କିଛି ମରିଯିବ। ତୁମକୁ ମୁଖିଆ ଆଖି ପାଇଁ ଏକ ଲକ୍ଷ କହିଛନ୍ତି, ଏବେ କାନ ଆଖି ହାତ ଗୋଡ ସବୁ ପାଇଁ ଅଲଗା ଅଲଗା ଭାବରେ ଏକ ଏକ ଲକ୍ଷ ଲେଖାଏଁ ଦିଆଯିବ । ଲୋକଟି ଠିଆ ହୋଇ ରହିଲା । କହିଲା, "ତୁମେ ମାନେ ହତ୍ୟାକାରୀ । ମୁଁ ଆଉ ମରିବି ନାହିଁ। ଲୋକଟି ପ୍ରଥମ ଥର ପାଇଁ ଅନୁଭବ କଲା - ମୋର ଆଖି ଅଛି, କାନ ଅଛି, ଗୋଡ଼ ହାତ ଏବଂ ସମସ୍ତ ଅଙ୍ଗ ସୁରକ୍ଷିତ ଅଛି । ଯାହା ପାଇଁ ମୁଁ କେବେ ବି ଭଗବାନଙ୍କୁ ଧନ୍ୟବାଦ ଦେଇନାହିଁ । ମୁଁ କେବଳ ଆପତ୍ତି ଅଭିଯୋଗ କରିଛି । ଆପଣ ମୋର ଆଖି ଫିଟାଇ ଦେଲେ । ଭିକାରୀଟି କହିଲା- ସେଥିପାଇଁ ମୁଁ ଆପଣଙ୍କୁ ଏଠାକୁ ଆଣିଥିଲି । ଯାଆନ୍ତୁ, ଯାହା ଚାହୁଁଛନ୍ତି ତାହା କରନ୍ତୁ । ସେହିଦିନଠାରୁ ବଦଳିଗଲା ସେହି ବ୍ୟକ୍ତିର ଜୀବନ । ଆମ ପାଖରେ କେତେ କ'ଣ ଅଛି ? ଆପଣ ଏସବୁ ବିନା କାରଣରେ ଭଗବାନଙ୍କ ଠାରୁ ପାଇଛନ୍ତି । ସେଗୁଡିକ ଆମେ ରୋଜଗାର କରିନାହେଁ। ଏଗୁଡ଼ିକ ହେଉଛି ଜୀବନର ସର୍ବଶ୍ରେଷ୍ଠ ଉପହାର। ଏଗୁଡ଼ିକ ହେଉଛି ଭଗବାନଙ୍କ ଉପହାର ।

!! ଜୟ ଜଗନ୍ନାଥ !!

ଯାଜପୁର

ISSN NO.
2582-208X

# କପିଧ୍ୱଜ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ବୁଲୁ ବୁଲୁ ଦିନେ
ତୃତୀୟ ପାଣ୍ଡବ
ରାମେଶ୍ୱରେ ପହଞ୍ଚିଲେ
ସାଗର ତଟରେ
ଖର୍ବକାୟ ଏକ
ମର୍କଟକୁ ଭେଟି ଥିଲେ।

ଲାଙ୍ଗୁଳଟେ ଅଛି
ମଣିଷ ପରି ସେ,
ପରିଚୟ ପଚାରିଲେ
ତ୍ରେତୟା ଯୁଗର
ରାମଭକ୍ତ ବୋଲି
ପରିଚୟ ପାଇଥିଲେ।

ଆହୁରି ଶୁଣିଲେ
ତାଙ୍କ ପରି ବୀର
ରାମ ସେତୁ ଗଢିଥିଲେ

ISSN NO.
2582-208X

ତାଚ୍ଛଲ୍ୟରେ ପାର୍ଥ
ତଂକରି କଥାରେ
ଫେଏଁ କରି ହସିଦେଲେ।

କହିଥିଲେ ସିଏ
"ରାମଂକ ବାଣରେ
ସେତୁବନ୍ଧ ହୋଇଥାନ୍ତା
ତୁମ ପରି ଖର୍ବ
ଲାଂଗୁଡା ଜୀବର
ଲୋଡା କାହିଁ ହୋଇଥାନ୍ତା ?"

ଅଟ୍ଟହାସ୍ୟ କରି
କହିଲେ ବାନର
"ପେଶି ଦିଅ ତୁମ ବାଣ
ଦେଖିବି ସେତୁଟେ
ଗଢିବ କେମିତି
ହୋଇଯିବ କେତେ ଟାଣ ?"

କହିଲେ ଅର୍ଜୁନ
"ଯଦି ଟାଣ ସେତୁ
ନ ବାନ୍ଧି ପାରିବି ମୁହିଁ
ଅଗ୍ନିରେ ନିଜକୁ
ଝାସ ଦେଇ ଦେବି
ଯିବି ନାହିଁ ମୁହିଁ କାହିଁ। "

ISSN NO.
2582-208X

ବାନର କହିଲେ
"ଯଦି ନ ଦବିବ
ମୋହର ରହିଲା ସର୍ତ୍ତ
ତୁମ ରଥେ ରହି
ସୁରକ୍ଷା ଦେବି ମୁଁ
ହୋଇ ତୁମ କପିଧ୍ୱଜ । "

ତୁରନ୍ତ ଅର୍ଜୁନ
ଗାଣ୍ଡିବ ଉଠାଇ
ନିକ୍ଷେପିଲେ ଏକ ଶର
ସାଗର ଉପରେ
ସେତୁ ହୋଇଗଲା
ରଖିଲେ କପି ପୟର ।

ନିମିଷକେ ସେତୁ
ଦବି ଯାଇଥିଲା
ଲଜ୍ଜିତ ହୋଇଲେ ପାର୍ଥ
ଜାଳେଣି ଆଣିଲେ
ଆତ୍ମାହୁତି ପାଇଁ
ହୋଇଥିଲା କିନ୍ତୁ ବ୍ୟର୍ଥ ।

ସେହିଠାରେ ଜଣେ
ନୈଷ୍ଠିକ ବ୍ରାହ୍ମଣ
ହୋଇଥିଲେ ଉପସ୍ଥିତ
କହିଥିଲେ ସିଏ

ISSN NO.
2582-208X

"ବିନା ସାକ୍ଷୀରେ ତ
ହୁଏ ନାହିଁ ପ୍ରମାଣିତ ।

ମୋହରି ସାମ୍ନାରେ
ତୁମ ଦୁହିଁଙ୍କର
ପ୍ରମାଣଟା ହୋଇଯାଉ
ଯିଏ ବି ହାରିବ
ସର୍ତ୍ତ ସେ ରଖିବ
ପରୀକ୍ଷାଟା ହୋଇଯାଉ ।"

ଆଉ ଥରେ ପାର୍ଥ
ଗାଣ୍ଡିବ ଉଠାଇ
ନିକ୍ଷେପିଲେ ଏକ ଶର
ସେତୁ ବନ୍ଧଟିଏ
ନିର୍ମାଣ ହୋଇଲା
ଡେଇଁଲେ ତହିଁ ବାନର ।

ଇଂଚଟିଏ ସୁଦ୍ଧା
ଦବି ନ ଥିଲା ସେ
ବାନର କରିଲେ ଚିନ୍ତା
ଧ୍ୟାନରେ ଜାଣିଲେ
ଶ୍ରୀକୃଷ୍ଣଙ୍କ ଚକ୍ର
ଧରିଛି ସେତୁର ସତ୍ତା ।

ISSN NO.
2582-208X

ବ୍ରାହ୍ମଣଂକ ପଦେ
ପଡିଯାଇ ସିଏ
ପ୍ରଣିପାତ କରିଥିଲେ
ନିଜ ରୂପ ଧରି
ପ୍ରଭୁ କୃଷ୍ଣଚନ୍ଦ୍ର
ମିଳା ମିଶା କରିଦେଲେ ।

ସେହି ଦିନ ଠାରୁ
ଅର୍ଜୁନ ରଥରେ
ହନୁମାନ କପିଧ୍ୱଜ
ସେ ରଥେ ବସିଲେ
ରଣାଂଗନେ ହୁଏ
ବୀର ଅର୍ଜୁନଙ୍କ ରାଜ ।

ଚକ୍ର ଆସିଗଲା
କୃଷ୍ଣଂକ ହାତକୁ
ସେତୁ ହୋଇଗଲା ଲୀନ
ଜାଣିଲେ ଅର୍ଜୁନ
ତାଂକ ପ୍ରତି ଥିଲା
ପ୍ରଭୁଙ୍କର ଅବଦାନ ।

ମୋ:9937462507

ISSN NO.
2582-208X

# ଦୋଷାରୋପ



ଗୁପ୍ତେଶ୍ୱର ଗୃନ୍ଦ୍

ଅସଲ ଘଟଣା ନଜାଣି ନଶୁଣି
ଆନେ କଲେ ଦୋଷାରୋପ।
ନିରପରାଧୀକୁ ଅଯଥା ଦଣ୍ଡିଲେ
କି ଲାଭ କରିଣ କୋପ ? ।।୧
କାରଣ ଖୋଜିଲେ ସିନା ଭେଦି ହେବ
ପ୍ରକୃତ ରହସ୍ୟ ତା'ର।
ମରମ ନ ବୁଝି ବୃଥା ପ୍ରଳାପିଲେ
ପାଗଳ ବୋଲିବେ ନର ।।୨
କୁହୁଡି କୁ ଚାହିଁ ଜଳ ଜ୍ଞାନ କଲେ
ତହିଁ କି ମେଣ୍ଟିବ ତୃଷା।
ପରାକ୍ରମ ଅନୁସାରେ ସିନା କର୍ମ
ଗିରି କି ବହିବ ମୂଷା ?।।୩
ଦୁଃଖୀ ରଙ୍କୀ ଜନେ କଲେ ଉପହାସ
ପ୍ରାପତ ହେବ କି ଯଶ ?
ଦୁର୍ବଳ ଉପରେ ଦାଉ ଟି ସାଧିଲେ
ମିଳେ କେଉଁ ପଉରୁଷ ?? ।।୪
କଣ୍ଟକିତ ତରୁ ଡାଳେ ପ୍ରସ୍ଫୁଟିତ
ଫୁଲ ତୋଳିବାକୁ ମନ।

ISSN NO.
2582-208X

ମଲ୍ଲୀ ହେନା ଚମ୍ପା ମାଧବୀ ଟଗର
ଏଥିରେ ନୁହେଁ ପ୍ରସନ୍ନ ।।୫
ସରଳ ଉଦାର ନିଷ୍କପଟ ନୋହି
ହୋଇବା ଯେବେ ଜଟିଳ ।
କୁଟିଳ ସ୍ୱଭାବ ବହି କେ ବିଶ୍ୱରେ
ହୋଇଛି ବିବେକ ଶୀଳ।।୬
ପର ଦୋଷ ଗୁଣ ଦେଖିବା ପାଇଁକି
କହି ନାହାନ୍ତି ଈଶ୍ୱର।
ଜୀବ ଭଲ ମନ୍ଦ ବିଚାର ନିମନ୍ତେ
ସେ ପରା ଆପେ ତତ୍ପର ।।୭
ପରସ୍ପର ସହ ସ୍ଥାପନ କରିବା
ସିନା ଆମେ ସୁ-ସମ୍ପର୍କ ।
ମିଳିମିଶି ଏକ ପରିବାର ପରି
ରହିବା ନକରି ତର୍କ।।୮
ଛିଡ଼ା ହେବା ଯାଇ ଆପଣାର ପଣେ
ପଡ଼ୋଶୀ ବିପଦ ବେଳେ ।
କ୍ଷୁଦ୍ର ଜୀବ ହେଲେ କି ହେଲା ପିମ୍ପୁଡ଼ି
ବଞ୍ଚେ ଭାଇ ବନ୍ଧୁ ମେଳେ ।।୯
ଆମେ ଶ୍ରେଷ୍ଠ ଜୀବ ମଣିଷ ହୋଇବି
ଏ କଥା ନ ହେଜୁ ଚିତ୍ତେ ।
ଧନ୍ୟ ତା' ଜୀବନ ଏ ସଂସାରେ ଯେହୁ
ଦେହ ଧରେ ପର ହିତେ ।।୧୦

ସମାସିଂହା; ଝାରସୁଗୁଡ଼ା
ଦୂର ଭାଷ :୭୬୮୩୮୪୧୦୬୪

ISSN NO.
2582-208X

# ରଜ ମଉଜ



ଅଧ୍ୟାପିକା ରେଜାଲିନ୍ ବାରିକ୍

ଆକାଶେ ମେଘର ଗର୍ଜନ ।
ପ୍ରକୃତି ପୁରୁଷ ମିଳନ ।।
ଆଦ୍ୟ ଆଷାଢ଼ର ଆଗମ ।
ରଜ ପର୍ବର ଶୁଭାଗମ ।।
ତିନି ଦିବସ ବ୍ୟାପି ରଜ ।
ସଭିଏଁ କରନ୍ତି ମଉଜ ।।
ଆମ୍ବ ସପୁରୀ ଓ ପଣସ ।
କରେ ସଭିଙ୍କ ମନ ତୋଷ ।।
କୃଷି ଭିତ୍ତିକ ପର୍ବ ଏହି ।
ଚାଷୀର ଚିତ୍ତ ଉଲୁସାଇ ।।
ବାଗୁଡ଼ି ଆଦି ଖେଳ ମାନ ।
ପ୍ରାନ୍ତରେ ହୁଅଇ ସମ୍ପନ୍ନ ।।
ବାଳିକା ମାନେ ହୋଇ ସଜ ।
ପାଳନ୍ତି ସେ ରଜ ମଉଜ ।।

ISSN NO.
2582-208X

ପୃଥିଏ ହୋଇ ରଜସ୍ୱଳା ।

ଆକର୍ଷି ଥାନ୍ତି ମେଘ ମାଳା ।।

ମିଷ୍ଟ ପିଷ୍ଟକ ମାନ ଖାଇ ।

ତିନି ଦିନ ଦ୍ୟନ୍ତି ବିତାଇ ।।

କୃଷକ ହୋଇ ହୃଷ୍ଟ ମାନ

କ୍ରୀଡ଼ାରେ ହୁଅନ୍ତି ମଗନ ।।

ମଦ୍ଦୁ, ଆଳି, କେନ୍ଦ୍ରାପଡା/ମୋ୮୮୯୫୪୫୦୧୧୦

ISSN NO.
2582-208X

# ଦିଗ ପରିବର୍ତ୍ତନୀୟ



ସୀତାକାନ୍ତ ତୁମୁନଆ

ଉତ୍ତର ଦିଗକୁ ଲମ୍ବି ଯାଇଛି ଏକ ପିଚୁ ରାସ୍ତା । ଜଣା ଯାଏ ଏଇ କେତେ ବର୍ଷ ହେବ ରୂପାନ୍ତରିକରଣ ହୋଇଛି। ଆଗେ ଏଇ ରାସ୍ତା ମାଟି ରାସ୍ତା ଥିଲା। ଦୁଇ କଡେ ବିଭିନ୍ନ ଜାତିର ଗଛ ଗୁଡ଼ିକ ଦ୍ୱାରା ବେଶ ସୁନ୍ଦର ଦେଖାଯାଉଥିଲା। ହେଲେ ଏବେ ସବୁ ଶୂନଶାନ ଗୋଟେ ପଦାଭୂମି ଯାହା କେବଳ ରାସ୍ତା ଟେ ଅଛି ବାସ୍ । ଆଉ କିଛି ନାହିଁ ।

ରାସ୍ତାର ବାମହାତ ଆଡ଼କୁ ପଡ଼େ ଖଣ୍ଡେ ଗାଁ। ଚୁପି ରାସ୍ତାଠୁ ବେଶୀ ବାଟ ନୁହେଁ। ପାଖାପାଖି ଗୋଟେ କିଲୋମିଟର ହେବ। ଗାଁ ଟି ବେଶୀ ବଡ଼ନୁହେଁ ତଥାପି ତାହା ପଞ୍ଚାୟତର ବଡ଼ ଗାଁ। ଗାଁ ଟି ଆଦିବାସୀ ଅଧ୍ୟୁଷିତ। ପ୍ରାୟତଃ ଦୁଇ ତିନି ଜାତିଙ୍କ ବାସସ୍ଥାନ। ଗାଁ ଟି ଉତ୍ତର ଦକ୍ଷିଣ ହେଇ ଲମ୍ବି ଆସିଛି। ଦୁଇଟି ରାସ୍ତା ପଡ଼ି ରହିଛି ଗୋଟେ ଗୋଟେ ମଲା ଅଜଗର ଭଳି। ଘରଗୁଡିକ ଦୁଇ କଡେ ପହରୀ ଭଳି ଯୋଗି ରହିଛନ୍ତି ଅହରହ। ଗାଁ ଶେଷ ମୁଣ୍ଡରେ ଖଣ୍ଡେ ଛୋଟ ନଦୀ ବହି ଯାଉଛି ତଳକୁ ତଳକୁ ପଛକୁ ଚାହିଁବାର ନାଁ ନାହିଁ।

ସମୟଟି ଗୋଧୂଳି। ଆସ୍ତେ ଆସ୍ତେ ରାତି ଆଡ଼କୁ ଅତିକ୍ରମ। ହଠାତ୍ ଗୋଟେ ଘରେ ଶୁଭେ କିଛି ଉଚ୍ଚଶବ୍ଦ। ସମସ୍ତେ ଅବାକ୍ ହେଇ ଚାହାନ୍ତି ଘର ଆଡକୁ। ଘରଟି ମାଟି କାନ୍ଥ। ଗୋଟେ ଭଙ୍ଗା ଦଦରା ଟିନ ଲଗା କବାଟ। ଟିନଗୁଡାକ ସବୁ ଆଁ ଆଁ କରିଛନ୍ତି। ଆଁ ଭିତରେ କେତେ ଜୀବଜନ୍ତୁଙ୍କ ଯିବାଆସିବା ବାଟ ହେଇ ଯାଉଛି। ଘର ଭିତରୁ ଉପରକୁ ଅନେଇ ଦେଲେ ଜହ୍ନ ଆଲୁଅ ଘରେ ପଡୁଛି। ଘରେ କେଉ କାଳରୁ ଲାଗିଛି କରାଏ ନଡ଼ା । ଦେଖିଲେ ଜଣା

ISSN NO.
2582-208X

ପଡୁଛି ବହୁ ପୂରାତନ। ଘରେ ଅଛନ୍ତି ଚାରିଜଣ ମଣିଷ। ଜଣେ ହେଲେ ଘରର ମୂରବୀ ଆଉ ଅନ୍ୟ ମାନେ। ଘର ମୁରବି ଘୋର ନିଶାସେବକ। ସକାଳ ପାହାନ୍ତା ରୁ ରାତି ଯାଏଁ ମଦରେ ଜୁଡୁବୁଡୁ । କାମ କହିଲେ ଭଙ୍ଗା ମଠିଆ ଭଳି । କାଳେ କିଏ ଢୋକେ ମଦ ଦେବ ଆଶା ତାଙ୍କରି। କେତେ ଲୋକ ତାଂକୁ ନେଇ ବହୁ କାମ ହାସଲ କରି ନିଅନ୍ତି କେବଳ ମଦ ଢୋକେ ଦେଇ । ଏପଟେ ଘର କାମ ଯେ କିଛି କରନ୍ତି ନାହିଁ । ଘରେ ତିନି କୁଟୁମ୍ବ । ସ୍ତ୍ରୀ, ଦୁଇ ପୁଅ । ବଡ଼ ପୁଅ ନାଁ ମଧୁ ଓ ସାନ ଯଦୁ । ଆସ୍ତେ ଆସ୍ତେ ଘରର ମୂରବୀ ଜଣକ ଘର ସବୁକିଛି ବିକି ଦେଇ ମଦ ପିଇବାରେ ଲାଗିଲେଣି। ସାମଗ୍ରୀ କହିଲେ କେବଳ ଭାତ ରନ୍ଧା ପାଇଁ ଖଣ୍ଡେ ଡେକଚି, ଆଉ ଖଣ୍ଡେ କରେଇ, ଖଣ୍ଡେ ବାଲଟି ଏଇ ଅଳ୍ପ କିଛି ଅଛି। ଆଉ ବାକି ତ କେବେ ଠୁ ନାହିଁ। କଂସା କହିଲେ ନ ସରେ । ଏପରି ପ୍ରତିକୂଳ ପରିସ୍ଥିତିରେ ଚାଲିଛି ତିନି ପ୍ରାଣୀଙ୍କ ଜୀବନ। ବିତି ଚାଲିଛି ଦିନ କୁ ଦିନ ।

ଏପଟେ ପୁଅ ଗୁଡିକ ବଡ଼ ହେଲେଣି। ଜଣକ ବୟସ ଅଠର ଆଉ ଜଣେ ଚଉଦ ସାରି ପନ୍ଦର ଚାଲୁଛି। ଦୁଇଜଣ ଯାକ ପଢୁଛନ୍ତି ଜଣେ ଯୁକ୍ତ ଦୁଇ କଳା ଆଉ ଜଣେ ଦଶମ । ଏପଟେ ବାପା ଜଣକ ମଦୁଆ । ଯାହା ଦ୍ୱାରା ଘରେ ଦିନକୁ ଦିନ କୋଳାହଳ ସୃଷ୍ଟି ହେଉଛି। ପିଲାମାନେ ଯେତେ ମନାକଲେ ବି ମାନୁ ନାହାନ୍ତି। ପଢିବାରେ ବାଧା ହେଉଛି। ଦୁଇଜଣ ଯାକ ମେଧାବୀ ଛାତ୍ର। କେହି କାହାଠୁ କମ ନୁହନ୍ତି। ବାପାଙ୍କ ଏଇ ଚାରିତ୍ରିକ ଗୁଣ ଯୋଗୁ ଠିକ୍ ସେ ପଢା ପଢୁ କରି ପାରୁନାହାନ୍ତି। ବୋଉ ଏପଟେ କାମକୁ ଯାଏ । ଦିନକୁ ଦୁଇଶହ ପାଏ । ଜଣକର ରୋଜଗାର। କାହାକୁ ଅଣ୍ଟିବ। ତେଲ ଲୁଣ ଡାଲି ଚାଉଳ କିଣାରେ ସରେ । ଏପଟେ ପଢ଼ିବା ପାଇଁ ଟଙ୍କା ନାହିଁ। ଯାହା ନିଜେ ନିଜେ ପଢନ୍ତି ପିଲା ଗୁଡ଼ିକ। ଏପରି କଷ୍ଟେମଷ୍ଟେ ବୋହି ଚାଲିଛି ଜୀବନ ନଇ।

ଏମିତି ଯାଉ ଯାଉ ବିତିଯାଇଛି ଛଅ ମାସ। ହଠାତ୍ ଘଟେ ଗୋଟେ ଘଟଣା। ତାହା ଦୁଃଖଦାୟକ ହେଉ ବା ସୁଖଦାୟକ। ବାପାଙ୍କ ଦେହ ହୁଏ ଖରାପ। ଯେମିତି ବାହାରେ ପଡ଼ିଥିବା ଖଣ୍ଡେ ଲୁହା ଆସ୍ତେ ଆସ୍ତେ କଳଙ୍କି ଧରି ଶେଷରେ ଅଚଳ କରିଦିଏ ବାପାଙ୍କ

ISSN NO.
2582-208X

ଅବସ୍ଥା ମଧ୍ୟ ସେହି ଭଳି। ଦିନେ ରାତି ଆଠ୍ ରେ ବାପାଙ୍କ ଦେହ ଅଣନିଃଶ୍ୱାସୀ ହେବା ଯୋଗୁଁ ପାଖେ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

ଜଣେ ଦୁଇଜଣ ନର୍ସ ଆସି ସ୍ଲାଇନ୍ ଦେଇଛନ୍ତି। ଗୋଟେ ପରେ ଗୋଟେ ସ୍ଲାଇନ୍ ଲାଗି ଚାଲିଛି ତଥାପି ବାପାଙ୍କ ହୋସ ନାହିଁ। ଆଗରୁ ଏସବୁ ବିଷୟରେ ବୁଝେଇ ବୁଝେଇ ଥକି ଯାଇଥିଲେ ଘର ଲୋକ । ଟିକେ ହେଲେ ବୁଝିବାର ନାଁ ନଥିଲା। ଯାହା ଯୋଗୁଁ ଏଇ ଅବସ୍ଥା। ବୋଧ ଆଜି ଏଇ ଅବସ୍ଥାରେ ଥାଇ ଭାବି ପାରୁଥିବେ ଆଗ କଥା ସବୁ। ଏପଟେ ମଦପିଆରେ ସବୁ ସରିଯାଇଛି ଟଂକା, ଧନ, ସମ୍ପଦ, ଅଳ୍ପ ଥିବା ଜମିବାଡ଼ି। ପୁଣି ଆଜି କେଉଁଠୁ ଟଂକା ଆଣି ଚିକିତ୍ସା ହେବ । ଭାବିଲେ ମୁଣ୍ଡ ବୁଲି ଯାଉଛି। ସରକାରୀ ଗାଡିରେ ଆଣି ଭର୍ତ୍ତି କରନ୍ତି ଗୋଟେ ସରକାରୀ ହସ୍ପିଟାଲରେ । ଏପଟେ ବାପାର ଦେହ ବହୁ ସାଂଘାତିକ ଅବସ୍ଥା ପୁଣି ଏପଟେ ସରକାରୀ ହସ୍ପିଟାଲ ଟା ଯାହା ହେବ ତାହା ସମସ୍ତଙ୍କୁ ଜଣା। ଏପରି ଭାବେ ଚିକିତ୍ସା ହୋଉଥିବା ବାପା ଦୁଇ ତିନି ଦିନ ସଂଘର୍ଷ କରି ଟିକିଏ ସୁସ୍ଥ ହୁଅନ୍ତି। ପୁଣି ସରକାରୀ ଗାଡିରେ ଯାଆନ୍ତି ଘରକୁ। ଏପରି ସାଂଘାତିକ ପରିସ୍ଥିତିରେ ପଡି ଜିତିଥିବା ବାପାଙ୍କ ପାଇଁ ମଧୁ ଧନ୍ୟବାଦ ଦିଏ ଭଗବାନଙ୍କୁ ।

ଏହାରି ଭିତରେ ସଂପୂର୍ଣ୍ଣ ଭଲ ହେବା ପାଇଁ ବାପାଙ୍କୁ ଦୁଇ ମାସ ଲାଗିଯାଇଛି। ଏଣିକି ବାପା ନିଜ କାନ ମୁଡି ଦେଇଛନ୍ତି ନିଶାସେବନ କରିବା ପାଇଁ ଏବଂ ସମ୍ପୂର୍ଣ୍ଣ ଭଲ ହେବା ପରେ କାମ ଜୋର ଦେଇଛନ୍ତି। ଏବଂ ଦୁଇ ଭାଇଙ୍କୁ ଭଲଭାବେ ପଢାରେ ମନ ଦେବାକୁ କହିଛନ୍ତି। ଉପଦେଶ ମୂଳକ ଭାବେ ପଦେ କଥା କହିଛନ୍ତି - ଯେବେ ତୁମେ ଖାଇବ କୌଣସି ନିଶା - ମୋ ଭଳି ହେବ ଦିନେ ତୁମରି ଅବସ୍ଥା। ଏଣିକି ଆଉ ପଢିବାରେ କୌଣସି ଅସୁବିଧା ହେଲା ନାହିଁ । ଦୁହେଁ ପଢ଼ାରେ ଜୋର ଦେଲେ। କିଛି ମାସ ଗଲା ପରେ ଦୁଇ ଭାଇ ଙ୍କ ପରୀକ୍ଷାଫଳ ଆସିଯାଇଛି ଦୁହେଁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାପା ମାଆଙ୍କ ଖୁସି କହିଲେ ନସରେ। ଦୁହେଁ ଆସି ଦୁହିଁଙ୍କ ପାଦ ଛୁଇଁ ପ୍ରଣାମ କଲେ। ଦୁହେଁ ପିଲାଙ୍କୁ ଆର୍ଶୀବାଦ ଦେବା ସହ ଭଗବାନ ଶ୍ରୀଜଗନ୍ନାଥ ତାକୁ ଆହୁରି ଆଗେଇ ନେବା ପାଇଁ ପ୍ରାର୍ଥନା କରିଛନ୍ତି।

ISSN NO.
2582-208X

ଏପରି ଭାବେ ଦୁହିଁଙ୍କ ପଢ଼ାପଢ଼ି ଏବଂ ବାପାଙ୍କ କାମ ଜୋରଦାର ଚାଲିଛି। ଆଉ ମାଆଙ୍କୁ କାମକୁ ଯିବାପାଇଁ ପଡୁନି। ଜୀବନ ବିତି ଚାଲିଛି ସରଳ ଭାବେ । କିଛି ବର୍ଷ ଗଲା ଉତ୍ତାରରୁ ସତକୁ ସତ ଜଣକ ପରେ ଜଣକର ଚାକିରି ଲାଗିଯାଇଛି। ଏବେ ଆଉ ବାପା ମାଆଙ୍କର ଗୋଡ଼ ତଳେ ଲାଗୁ ନାହିଁ। ବାପା ମାଆ ଏଣିକି ଟିକିଏ ସୁଖରେ ରହିବେ ବୋଲି ଭାବୁଛନ୍ତି। ପିଲାମାନେ ଆଉ କାହାରିକୁ କାମକୁ ଯିବାକୁ ହେବ ନାହିଁ ବୋଲି ମନେ ମନେ ସ୍ଥିର କରି ସାରିଥିଲେ। ଏଣିକି ସବୁ ପରିବର୍ତ୍ତନ ଘଟିଛି ଆଉ ନାହିଁ ମାଟି କାନ୍ଥ ଅଛି ଷ୍ଟାଇଲ ଲଗା ଘର, ଘରେ ଆଉ ପୁରୁଣା କଲିଆ ସାଇକେଲ ନୁହେଁ ଅଛି ଦାମିକା ଗାଡ଼ି। ଏପରି ଦେଖୁ ଦେଖୁ ଗୋଟିଏ ପରେ ଗୋଟିଏ ଭାବେ ଆମୂଳଚୂଳ ପରିବର୍ତ୍ତନ ଘଟିଛି।

ଅନ୍ତର୍ଲା, ଦେଓଗାଁ, ବଲାଙ୍ଗୀର

ISSN NO.
2582-208X

# ପ୍ରଭୁଙ୍କ ଇଚ୍ଛା ଆମରି କର୍ମ



ଅନିରୁଦ୍ଧ ରଣା

କୋଟି ପୁଣ୍ୟ ବଳେ  ଏ ମହୀ ମଣ୍ଡଳେ
ପାଇଛୁ ମଣିଷ ଜନ୍ମ
ଲୀଳା ଖେଳା ସବୁ  ମାନବ
ରୂପରେ
କରିଯିବା କେତେ କର୍ମ ।।

ପ୍ରଭୁ ଙ୍କର ଇଛା  ସମସ୍ତଙ୍କୁ ସେବା
ପ୍ରତି ହୃଦୟ ରେ ଜାଗୁ
ଏ ବିଶାଳ ସୃଷ୍ଟି  ସର୍ବ ଜୀବକୁଳ
ଅତି ଆପଣାର ଲାଗୁ ।।

ମାନବ ଜୀବନ  ହୋଇବ ନରେ ଧନ୍ୟ
ଅନ୍ୟ ଠାରୁ ହେବା ଭିନ୍ନ
ସହିବାର  ଶକ୍ତି  ତ୍ୟାଗ ମନୋବୃତ୍ତି
ସୁଗୁଣେ  ହେବାରେ ପୂର୍ଣ୍ଣ ।।

ISSN NO.
2582-208X

ଖାଲ ଖମା ଭରା  ଚଲାପଥ ଏଠି
ଅବାଟେ ପଡ଼ିବା ଝୁଣ୍ଟି
ସୁପଥେ ଚାଲିବା  କୁପଥେ ନ ଯିବା
ପ୍ରଭୁ ଙ୍କ ବିଚିତ୍ର ସୃଷ୍ଟି ।।

ସମୟ  ସରିଲେ  ଏ ମହୀମଣ୍ଡଳୁ
ଯିବା ଏକା ଏକା ଚାଲି
ବାହୁଡ଼ା ବେଳରେ  କର୍ମ ଛାଡ଼ିଯିବା
ନେବା ପାପପୂଣ୍ୟ  ଥଳି ।।

ସର୍ଗୁଲ, ସୁବର୍ଣ୍ଣପୁର
ମୋ: ୯୭୭୮୧୯୫୯୯୮

ISSN NO.
2582-208X

# ଛାତି ହୋଇଯାଏ ଭିତରୁ ଚିରି



ଶିଶିର କୁମାର ପଣ୍ଡା

ବୁଢ଼ୀ ମାଆ ମୋର ଜରା ନିବାସରେ
ଭାରିଯା ନିଇତି ମନ୍ଦିର ଯାଏ
କୋଉ ଠାକୁରଙ୍କୁ କଅଣ ମାଗେ ସେ
ଜାଣେନା କି ଅବା ପାଏ ନ ପାଏ ।
ବାହାହୋଇ ସିଏ ଆସିବା ଦିନଠୁ
ଦେଖୁନାହିଁ ଜମା ମାଆର ଶିରୀ
କହି ପାରେନାହିଁ କିଛି ମୁଁ କାହାକୁ
ଛାତି ହୋଇଯାଏ ଭିତରୁ ଚିରି ।
ମହାଦେବଙ୍କର ମଥାରେ ଯାଇକି
କ୍ଷୀର ଢାଳେ ନିତି ଭକତି ଭରେ
ମଙ୍ଗଳାଙ୍କ ପାଖେ ଛେନା ଗୁଡ଼ ନେଇ
କଦଳୀ ସାଥିରେ ଭୋଗ ବି କରେ ।
ପଦୁଟିଏ କଥା ଭଲରେ କୁହେନା
ସବୁବେଳେ ତା'ର ଗରମ ମୁଣ୍ଡ

ISSN NO.
2582-208X

ମୁହିଁ ହାତଭାଗା ଅଶାନ୍ତି ଡରରେ
କୋଲପ ପକେଇ ରଖେ ଏ ତୁଣ୍ଡ ।
ମାଆ ମଲାପରେ କି ଲାଭ କହିଲ
ପାଆଁଶ ହଜାରେ ଲୋକଙ୍କୁ ଖୋଇ
ବାର ବରଷର ତପ ଯାହା ଥିବ
ଶୁଖୁଆ ଝୋଳରେ ଯିବରେ ଧୋଇ ।

କୁଆଁସ, ମେରଦା କାଟିଆ , ଯାଜପୁର
ଆଳାପ:~୮୯୮୧୭୩୭୨୨୮

www.vedantimagazine.com
ISSN NO.
2582-208X

# ବିଳାପ

(ଛାନ୍ଦ..କୃଷ୍ଣର ଗମନ ଦେଖି ଛନ
ଛନ...ବୃତ୍ତେ)



ସୁହଂସ ଭୋଇ

କୁଟୀର ମଧ୍ୟରେ ନଦେଖି ଜାନକୀ ଆଶ୍ଚର୍ଯ୍ୟ ଶ୍ରୀ ରଘୁନନ୍ଦନ
କେତେ ସରାଗରେ କହିଥିଲେ ଆଜ ଆଣିବାକୁ ମୃଗ କାଞ୍ଚନ
ସୌମିତ୍ରୀ କାହିଁଗଲେ ସୀତା ମୋ ପ୍ରାଣ
ଲୁଚି ରହିଲେ କି ନିଘଞ୍ଚ କାନନେ କରି ମୋ ପ୍ରତି ଅଭିମାନ
ନଦେଖି ଅସ୍ଥିର ହୁଅଇ ଜୀବନ.....

ତପନ ତପତ ପଡି ଶୁଖି ଯିବ କଅଁଳ ପତର ଶରୀର
ବନ କଣ୍ଟା ଲାଗି ଝରି ପଡୁଥିବ କୋମଳ ପାଦରୁ ରୁଧିର
ପାଦପ ମୂଳରେ ବସିଥାଇ ଏକା
ବାହୁନି ବାହୁନି ନିନ୍ଦୁଥିବେ ପୁଣି ଦେଲାକି ସତେ ଭାଗ୍ୟ ଧୋକା
ପାଦପ ମୂଳରେ ବସିଥାଏ ଏକା.....

ନୟନୁ ଲୋତକ ଅରିତ ସଦୃଶ ବହୁଥିବ ଅନବରତ
ଶାର୍ଦ୍ଦୁଳ ଗଣ୍ଡାର ମାତଙ୍ଗ ଭୁଜଙ୍ଗ ଦେଖି ହୋଇବେ ଭୟଭୀତ
ସହାୟ ହେବ ଇଷ୍ଟଦେବ ତୁରିତ
ଦିବସର ଅନ୍ତେ ନିଶାକାଳେ କାନ୍ତା ଶୟନ କରିବେ କେମନ୍ତ
ସହାୟ ହେବ ଇଷ୍ଟ ଦେବ ତୁରିତ.....

ISSN NO.
2582-208X

ଆହେ ତରୁଲତା ମରୁତ ସବିତା କାହିଁକି ରହୁଛ ମଉନ
ନପାଇଲେ ସୀତା ନିଶୟ ହାରିବି ନ ରଖିବି ଆଉ ଜୀବନ
ଅନୁଜ ବଢି ଯାଉଅଛି କଷଣ
ଦଇବର ବଳ ସମୟ ର ଖେଳ ଅଟଇ ବଡ ଭଲବାନ
ଅନ୍ୟଥା ନୁହିଁବ କପାଳ ଲିଖନ.....

ପହଣ୍ଡି , ବରଗଡ଼

ISSN NO.
2582-208X

# ବୃଦ୍ଧା ବାପା ଙ୍କ ମନ କଥା..



ପ୍ରଜ୍ଞା ପାରମିତା ଦାଶ (ମିଶ୍ର)

ମୁଁ ହେଲି ବୃଦ୍ଧା ବାପା..

ଯିଏ ତାର ଯୌବନ ବୟସ ରେ ନିଜ ପରିବାର ର ବୋଝ ନିଜ କାନ୍ଧରେ ଉଠାଉଥିଲା। ଦୁଃଖ, କଷ୍ଟ ଆଉ ଦେହ ର ଯନ୍ତ୍ରଣା କୁ ଛାତି ତଳେ ଚାପ ଦେଇଥିଲି। ନିଜ ପରିବାର ର ଖୁସି ଆଗରେ। ବହୁତ କିଛି କରିଛି ମୁଁ ମୋ ପରିବାର ପାଇଁ। ଯାହା ଭାଷା ନାହିଁ କହିବାକୁ ମୋ ପାଖରେ। ପୁଅ, ଝିଅ କୁ ପାଠ ପଢେଇ ତାଙ୍କ ସୁନ୍ଦର ଭବିଷ୍ୟତ ପାଇଁ। ଘର କଲି, ଜମିବାଡ଼ି କାଲି। ଯେମିତି ତାଙ୍କ ଭବିଷ୍ୟତ ରେ ଅସୁବିଧା ହେବନି ବୋଲି। ପିଲା ପରିବାର ର ଅଳି ଦଳି ସବୁ ସହୁଥିଲି। ସେ ଅବାଟକୁ ଗଲେ ତାଙ୍କୁ ମୁଁ ବାଟ ଦେଖଉ ଥିଲି।..

ହେଲେ ଆଉ ସେ ଦିନ ନାହିଁ। ସେ ସମୟ ସବୁ ଚାଲି ଗଲାଣି। ଏବେ ମୁଁ ବୃଦ୍ଧା.. ମୋ ଘର (ଠିକଣା) ବୃଦ୍ଧା ଆଶ୍ରମ। ଏବେ ମୁଁ ମୋ ପୁଅ, ଝିଅ ଆଉ ପରିବାର ପାଇଁ ବୋଝ ହୋଇଗଲି। ସେଥିପାଇଁ ମୋର ଠିକଣା ବୃଦ୍ଧା ଆଶ୍ରମ।

ଶେଷରେ....

ମୋର ଏ ସମାଜ ରେ ଥିବା ପୁଅ, ଝିଅ ଙ୍କୁ ଗୋଟିଏ ପ୍ରଶ୍ନ? ବାପା, ମା ବୃଦ୍ଧା ହେଲେ ସେମାନେ କଣ ବୋଝ? ତାଙ୍କର ଜାଗା କଣ ବୃଦ୍ଧା ଆଶ୍ରମ?

ପ୍ରଶ୍ନ ମୋର... ଉତ୍ତର ଆପଣଙ୍କ ର।

ବନ୍ଧମୁଣ୍ଡା, ଯାଜପୁର

ISSN NO.
2582-208X

# ଶ୍ରୀ ଜଗନ୍ନାଥ ଅଷ୍ଟକମ୍



ଅଭିଲାଷ ବାରିକ୍

(ସମସ୍ତେ ଏହାକୁ ପ୍ରତିଦିନ ପାଠ କରିବା ଆବଶ୍ୟକ)

(୧)

କଦାଚିତ୍ କାଳିନ୍ଦୀ-ତଟ-ବିପିନ-ସଙ୍ଗୀତକ-ରବୋ
ମୁଦାଭୀରୀ-ନାରୀ-ବଦନ-କମଳାସ୍ୱାଦ-ମଧୁପଃ
ରମା-ଶମ୍ଭୁ-ବ୍ରହ୍ମାମରପତି-ଗଣେଶାର୍ଚିତ-ପଦୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ

(୨)

ଭୁଜେ ସବ୍ୟେ ବେଣୁଂ ଶିରସି ଶିଖି-ପିଚ୍ଛଂ କଟି-ତଟେ
ଦୁକୂଳଂ ନେତ୍ରାନ୍ତେ ସହଚର-କଟାକ୍ଷଂ ବିଦଧତେ
ସଦା ଶ୍ରୀମଦ୍-ବୃନ୍ଦାବନ-ବସତି-ଲୀଲା-ପରିଚୟୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ

(୩)

ମହାମ୍ଭୋଧେସ୍ ତୀରେ କନକ-ରୁଚିରେ ନୀଳ-ଶିଖରେ
ବସନ୍ ପ୍ରାସାଦାନ୍ତଃ ସହଜ-ବଲଭଦ୍ରେଣ ବଳିନା
ସୁଭଦ୍ରା-ମଧ୍ୟସ୍ଥଃ ସକଳ-ସୁର-ସେବାବସର-ଦୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ

ISSN NO.
2582-208X

(୪)

କୃପା-ପାରାବାରଃ ସଜଳ-ଜଳଦ-ଶ୍ରେଣୀ-ରୁଚିରୋ
ରମା-ବାଣୀ-ରାମଃ ସ୍ଫୁରଦ୍-ଅମଳ-ପଙ୍କେରୁହ-ମୁଖଃ
ସୁରେନ୍ଦ୍ରୈର୍ ଆରାଧ୍ୟଃ ଶ୍ରୁତି-ଗଣ-ଶିଖା-ଗୀତ-ଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ

(୫)

ରଥାରୂଢୋ ଗଚ୍ଛନ୍ ପଥି ମିଳିତ-ଭୂଦେବ-ପଟଳୈଃ
ସ୍ତୁତି-ପ୍ରାଦୁର୍ଭାବଂ ପ୍ରତି-ପଦଂ ଉପାକର୍ଣ୍ୟ ସଦୟଃ
ଦୟା-ସିନ୍ଧୁର୍ ବନ୍ଧୁଃ ସକଳ ଜଗତାଂ ସିନ୍ଧୁ-ସୁତୟା

ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ

(୬)

ପରଂ-ବ୍ରହ୍ମାପୀଡଃ କୁବଳୟ-ଦଳୋତ୍ଫୁଲ୍ଲ-ନୟନୋ
ନିବାସୀ ନୀଳାଦ୍ରୌ ନିହିତ-ଚରଣୋଽନନ୍ତ-ଶିରସି
ରସାନନ୍ଦୋ ରାଧା-ସରସ-ବପୁର-ଆଲିଙ୍ଗନ-ସୁଖୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ

(୭)

ନ ବୈ ୟାଚେ ରାଜ୍ୟଂ ନ ଚ କନକ-ମାଣିକ୍ୟ-ବିଭବଂ
ନ ୟାଚେଽହଂ ରମ୍ୟାଂ ସକଳ ଜନ-କାମ୍ୟାଂ ବର-ବଧୂମ୍
ସଦା କାଳେ କାଳେ ପ୍ରମଥ-ପତିନା ଗୀତ-ଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ

ISSN NO.
2582-208X

(୮)

ହର ତ୍ୱଂ ସଂସାରଂ ଦୃତ-ତରମ୍ ଅସାରଂ ସୁର-ପତେ
ହର ତ୍ୱଂ ପାପାନାଂ ବିତତିଂ ଅପରାଂ ଯାଦବ-ପତେ
ଅହୋ ଦୀନେ ଽନାଥେ ନିହିତ-ଚରଣୋ ନିଶ୍ଚିତଂ ଇଦଂ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ

(୯)

ଜଗନ୍ନାଥାଷ୍ଟକଂ ପୁଣ୍ୟଂ ୟଃ ପଠେତ୍ ପ୍ରୟତଃ ଶୁଚିଃ
ସର୍ବ-ପାପ-ବିଶୁଦ୍ଧାତ୍ମା ବିଷ୍ଣୁ-ଲୋକଂ ସ ଗଚ୍ଛତି

ସଂଗ୍ରାହକ: ଅଭିଲାଷ ବାରିକ୍, ଗ୍ରାମ ମହୁ,
ପୋଷ୍ଟ ମହୁ, ଥାନା ଆଲ୍,
କେନ୍ଦ୍ରାପଡ଼ା

ISSN NO.
2582-208X

# ଯେମିତି କର୍ମ କୁ ସେମିତି ଫଳ



ଅଭୟ କୁଣ୍ଡ

ଛୋଟ ରାଜ୍ୟଟିଏ । ନିସନ୍ତାନ  ରାଜା ବିକ୍ରମଦେବ ସବୁ ବେଳେ ରାଜ କାର୍ଯ୍ୟରେ ବ୍ୟସ୍ତ ଥିବାର ଛଳନା କିନ୍ତୁ ସେ କେବେ ବି ରାଜ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ କେବଳ ମଉଜ ମଜଲିସ୍ ରେ ବ୍ୟସ୍ତ ରୁହନ୍ତି । ରାଜାଙ୍କ ଦରବାରରେ ଜଣେ ମୁଖ୍ୟମନ୍ତ୍ରୀ, ଚାରିଜଣ ପାଟମନ୍ତ୍ରୀ, ଅନ୍ୟ କେତେଜଣ ବିଭାଗୀୟ ମନ୍ତ୍ରୀ, ପୁରୋହିତ,ରାଜଗୁରୁ ଓ ଅନ୍ୟାନ୍ୟ ରାଜକର୍ମଚାରୀ ଥାଆନ୍ତି ।ରାଜା ନାରୀ ସଶକ୍ତିକରଣ ନିମନ୍ତେ ନିଜ ଦରବାରରେ ଚାରି ଜଣ ପାଟ ମନ୍ତ୍ରୀଙ୍କ ମଧ୍ୟରୁ ଦୁଇ ଜଣ ମହିଳାଙ୍କୁ ସ୍ଥାନ ଦେଇଥିଲେ ।

ଚାରିଜଣ ପାଟମନ୍ତ୍ରୀ ସମସ୍ତେ ଉଚ୍ଚ ଶିକ୍ଷିତ ଓ ଶିକ୍ଷିତା । ଶୁକଦେବ ଓ ଶକ୍ତିଦେବ ରାଜ୍ୟ ବାହାରର ସମସ୍ତ କାର୍ଯ୍ୟ ପରିଚାଳନା କରୁଥିବାବେଳେ ସୁନାମଣି ଓ ଶଶିମଣି ରାଜ୍ୟ ଭିତର ତଥା ଦରବାରର ସମସ୍ତ କାର୍ଯ୍ୟ ତଦାରଖ କରନ୍ତି । କିନ୍ତୁ ସୁନାମଣି ଓ ଶୁକଦେବ ରାଜାଙ୍କର ନିକଟତର ହେବା ନିମନ୍ତେ ଅନ୍ୟ ମନ୍ତ୍ରୀ ତଥା କର୍ମଚାରୀମାନଙ୍କ ବିରୁଦ୍ଧରେ କୁମନ୍ତ୍ରଣା ପ୍ରଦାନ କରନ୍ତି । ସେ ଦୁହିଁଙ୍କର ଭଲ ଜମେ । କାହାକୁ କେତେବେଳେ ଖାଲରେ ପକେଇବେ ସେ ବିଷୟରେ ସର୍ବଦା ତାଙ୍କର ଆଲୋଚନା ହେଉଥାଏ । ରାଜା କେବେ ତ ଦରବାରକୁ ଆସିବାର ନଜିର୍ ନ ଥାଏ । ଯଦି ବା ଆସନ୍ତି ନିଜର ବଳକା ସମୟକୁ ଉପଭୋଗ କରିବା ନିମନ୍ତେ ଆସନ୍ତି ।ଏ ହି ସୁଯୋଗର ପୂର୍ଣ୍ଣ ଫାଇଦା ନିଅନ୍ତି ଏହି ଦୁଇଜଣ ।

ISSN NO.
2582-208X

ମୁଖ୍ୟମନ୍ତ୍ରୀ ଜଗତଦେବ ଭଦ୍ର ଓ ସରଳ । ତାଙ୍କ ବ୍ୟବହାର ଅତ୍ୟନ୍ତ ଆଦୃତ । କହିବାକୁ ଗଲେ ରାଜ୍ୟ ତାଙ୍କରି ବୁଦ୍ଧିରେ ଚାଲେ । ରାଜ୍ୟର ଟିକିନିଖି ଖବର ସେ ବୁଝନ୍ତି । ବୟସର ଅପରାହ୍ଣରେ ସେ ଜୀବିତ । କେବଳ ଉତ୍ତମ ବୁଦ୍ଧି ପାଇଁ ତାଙ୍କୁ ଦରବାରେ ଲୋଡା । ତଥାପି ରାଜାଙ୍କର ଖାମଖିଆଲପଣରେ ସେ କ୍ଷୁବ୍ଧ, ପ୍ରଜାମାନେ ମଧ୍ୟ ରାଜାଙ୍କ ଶାସନରେ ଅତିଷ୍ଠ ଏ କଥା ମୁଖ୍ୟମନ୍ତ୍ରୀ ମହୋଦୟ ଜାଣନ୍ତି କିନ୍ତୁ କିଛି କହିପାରନ୍ତି ନାହିଁ କାହିଁକି ନା "ସେ ରାଜା ଏଇ ରାଜ୍ୟ ତାଙ୍କର ।"

ଏମିତି କିଛି ଦିନ ଗଲା । ଜଗତଦେବଙ୍କ ହଠାତ୍ ମୃତ୍ୟୁ ଘଟିଲା । ମୁଖ୍ୟମନ୍ତ୍ରୀ ଆସନ ଖାଲି ପଡିଲା । ପଦବୀର ଲୋଭର ଶୀର୍ଷରେ ଥାଆନ୍ତି ଶୁକଦେବ ଓ ସୁନାମଣି । ସୁନାମଣି ଚାହେଁ ଶୁକଦେବ ମୁଖ୍ୟମନ୍ତ୍ରୀ ହୁଅନ୍ତୁ । କିନ୍ତୁ ସମୟର ଜବାବ୍ ଅଲଗା । ସେ ଦୁଇ କୁମନ୍ତ୍ରଣାଦାତାଙ୍କ କଥା ପ୍ରତ୍ୟେକଟି ପ୍ରଜା ଜାଣନ୍ତି । ଶୁକଦେବ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ସେମାନେ ଚାହାନ୍ତି ନାହିଁ । ସେମାନେ ଶକ୍ତିଦେବଙ୍କୁ ସେମାନଙ୍କର ମୁଖ୍ୟମନ୍ତ୍ରୀ ବୋଲି ଭାବି ବସିଲେଣି । ଏପରିକି ରାଜଦରବାରରେ ପ୍ରତେକଙ୍କ ମୁଖରେ ସେହି ଗୋଟିଏ ନାମ ଶକ୍ତିଦେବ ।

ଏପଟେ ଶକ୍ତିଦେବଙ୍କ ପ୍ରତି ସମର୍ଥନକୁ ସହ୍ୟ କରିପାରନ୍ତି ନାହିଁ ଶୁକଦେବ ଓ ସୁନାମଣି । ରାଜାଙ୍କ ନିକଟରେ ଫେରାଦି ଦିଅନ୍ତି । ରାଜା ତ ପର କଥାରେ ହଜିଯାନ୍ତି । ତେଣୁ ସେ ଶକ୍ତିଦେବଙ୍କ ପ୍ରତି କ୍ଷୁବ୍ଧ ହୁଅନ୍ତି । ତଥାପି ପ୍ରଜାମାନଙ୍କର ବିଦ୍ରୋହ ଡରରେ ଶକ୍ତିଦେବଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ କରନ୍ତି । ଏ ଘଟଣା କି ଅବା ଯାଏ ଶୁକଦେବ ଓ ସୁନାମଣିଙ୍କ ଦେହରେ । ଶକ୍ତିଦେବଙ୍କୁ ଫସେଇବା ପାଇଁ ଚକ୍ରବିହ୍ୱ ରଚନ୍ତି ଏ ଦୁହେଁ ।

ଜଗତଦେବଙ୍କ ଆସନରେ ଶକ୍ତିଦେବଙ୍କୁ ଦେଖି ପ୍ରଜାମାନଙ୍କର ଖୁସି କହିଲେ ନ ସରେ। କିନ୍ତୁ ଶୁକଦେବ ଓ ସୁନାମଣି ସୁଯୋଗର ଅପେକ୍ଷାରେ ଥାଆନ୍ତି ବିଧାଟିଏ ମାରିବାପାଇଁ । ଏମିତି କିଛି ଦିନ ଗଲା । ଦିନକର ଘଟଣା ରାଜା ଦରବାରରେ ଥାଆନ୍ତି । ହଠାତ୍ ଜଣେ ଦୂତ ଆସି ବ୍ୟସ୍ତ ବିବ୍ରତ ହୋଇ କହିଲେ, "ମଣିମା, ଉତ୍ତରରୁ ରାଜା ହରିପ୍ରସାଦ ଆମ

ISSN NO.
2582-208X

ରାଜ୍ୟ ଆଡ଼କୁ ଅଗ୍ରସର ହେଉଛନ୍ତି । ଅନେକ ସନ୍ୟସାମନ୍ତ ଧରି ପାଖାପାଖି ପହଞ୍ଚି ଗଲେଣି । ଆମକୁ ପ୍ରସ୍ତୁତ ହେବାକୁ ପଡିବ ।"

ଦୂତଟିର କଥା ଶୁଣି ରାଜା ଚକିତ ହେଇଗଲେ । ସେନାପତିଙ୍କୁ ଯୁଦ୍ଧପାଇଁ ପ୍ରସ୍ତୁତ ହେବା ନିମନ୍ତେ ଆଦେଶ ଦେଲେ । ରାଜାଙ୍କର ଅସ୍ତ୍ରଶସ୍ତ୍ର ପ୍ରତି ନିଘା ନ ଥାଏ । ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ ସମସ୍ତ ଯୋଦ୍ଧା । ଘମାଘୋଟ ଯୁଦ୍ଧ ଚାଲିଲା । ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ବୁଦ୍ଧି ଓ କୌଶଳ ଯୁଦ୍ଧ ଜିତିବା ନିମନ୍ତେ ସହଯୋଗ କରୁଥିଲା । ଠିକ୍ ଏତିକିବେଳେ ରାଜା ହରିପ୍ରସାଦ ଓ ତାଙ୍କ ସେନାପତି ଏକ ଉପାୟ ପାଞ୍ଚିଲେ । ଶୁକଦେବ ଓ ସୁନାମଣିଙ୍କୁ କରାୟାତ କଲେ ଏବଂ ସେମାନଙ୍କ ସହ ଏକ ସନ୍ଧି କଲେ ।

ଘର ଢ଼ିଙ୍କି କୁମ୍ଭୀର ସାଜିଲେ କିଏ ବା କ'ଣ କରିପାରିବ । ଜିତିବାକୁ ଥିବା ଯୁଦ୍ଧର ମୋଡ଼ ହଠାତ୍ ପରିବର୍ତ୍ତନ ଘଟିଲା । ରାଜା ବିକ୍ରମଦେବ ଶରାଘାତ ହୋଇ ମୃତ୍ୟୁବରଣ କଲେ । ଏ ମୃତ୍ୟୁ ପଛରେ ଏକ ବିରାଟ ଷଡ଼ଯନ୍ତ୍ର ଥିଲା । ଏକଥା କେବଳ ଶୁକଦେବ ଓ ସୁନମଣି ଜାଣନ୍ତି । ତଥାପି ସେନାପତି ଓ ମୁଖ୍ୟମନ୍ତ୍ରୀ ଯୁଦ୍ଧ କରିଚାଲିଲେ । ଶେଷରେ ବିଜୟ ହେଲେ । ସେନାପତିଙ୍କର ବୁଦ୍ଧି ଆଗରେ ଶତ୍ରୁ ଭୟଭୀତ ହୋଇ ଚାଲିଗଲେ ।

ଶୁକଦେବ ଓ ସୁନାମଣିଙ୍କର ଦୁଃଖର ସୀମା ରହିଲା ନାହିଁ । ସନ୍ଧିରେ ସଫଳ ହେଇଥିଲେ ରାଜ୍ୟର ରାଜା ହୋଇଥାନ୍ତେ । ଏମାନେ ଏ ବିରାଟ କାଣ୍ଡ ଘଟାଇଛନ୍ତି ବୋଲି କେହି ବି ଜାଣିନାହାନ୍ତି ।

କଥାରେ ଅଛି ପୁଅ ପଛେ ଯାହା ହେଉ କିନ୍ତୁ ମୋ ପାଖେ ଥାଉ । ସେହିପରି ଶ୍ରୀହୀନ ହେଇଯାଇଛି ବିକ୍ରମଦେବଙ୍କ ରାଜ୍ୟ । ରାଜା ବିନା ପ୍ରଜାମାନେ କିପରି ରହିବେ । ସେ ରାଜା ପଛେ ପ୍ରଜାବତ୍ସଳ ହୁଅନ୍ତୁ ଅବା ନ ହୁଅନ୍ତୁ । ଜଣେ ରାଜା ତ ଆବଶ୍ୟକ । ରାଜାର ପଦବୀ ପାଇଁ କାହାକୁ ଯେ ଯୋଗ୍ୟ ବିବେଚିତ କରାଯିବ ସେ କଥା କେହି ବି ସ୍ଥିର କରିପାରିଲେ ନାହିଁ । ଏପଟେ ଶୁକଦେବ ଓ ସୁନାମଣି ରାଜ୍ୟକୁ ନିଜ ହାତକୁ ନେବାପାଇଁ ଉପାୟ ପାଞ୍ଚିଲେ । ଦିନେ ଦରବାରରେ ସମସ୍ତ ସଦସ୍ୟଙ୍କୁ ନେଇ ଏକ ବୈଠକ ବସିଲା ।

ISSN NO.
2582-208X

ରାଜାଙ୍କୁ କିପରି ଚୟନ କରାଯିବ ତାହା ଥିଲା ବୈଠକର ମୁଖ୍ୟ ପ୍ରସଙ୍ଗ । ରାଜା ଦରବାରର ହାତୀ ସୁନା କଳସୀରେ ସୁବାସିତ ଜଳ ନେଇ ଘୁରି ବୁଲିଲା ରାଜାଙ୍କ ସନ୍ଧାନରେ । ହାତୀଟି ଖୋଜୁଥିଲା ଏକ ଉତ୍ତମ ପ୍ରଜବତ୍ସଳ ପରଉପକାରୀ ମଣିଷଟିଏ । ଜୀବଟିଏ ହେଲେ ମଧ୍ୟ ତା'ର ବିବେକ ତ ଅଛି । ଏ ପ୍ରାନ୍ତରୁ ସେ ପ୍ରାନ୍ତର ଘୁରି ବୁଲିଲା । କିନ୍ତୁ କୋଉଠି ବି ପାଇଲା ନାହିଁ ରାଜାଙ୍କୁ । ଯେତେବେଳେ ପଶ୍ଚିମରୁ ଅନ୍ୱେଷଣ ସାରି ଜଙ୍ଗଲ ଦେଇ ଫେରୁଥାଏ  ଦେଖିଲା ଜଣେ ୩୨ ବର୍ଷୀୟ ଯୁବକ ଯିଏ ଜଙ୍ଗଲ ମଧ୍ୟରେ ଖଡ୍ଗ ଚାଳନା ଅଭ୍ୟାସ କରୁଥିଲେ ।

କିଛି ସମୟ ପାଇଁ ହାତୀଟି ସେଠାରେ ରହି ସେହି ଯୁବକଙ୍କର କାର୍ଯ୍ୟକୁ ଲକ୍ଷ୍ୟ କରୁଥାଏ । ସତେ ଯେପରି ହାତୀଟି ସେହି ଯୁବକର ଗୁପ୍ତ ଚରିତ୍ର ପଞ୍ଜିକା ଲେଖୁଥାଏ । ସବୁ କିଛି ପରେ ହାତୀଟି କଣ ଭାବି ସେହି ଯୁବକଙ୍କ ମଥାରେ ସୁବାସିତ ଜଳକୁ ଢାଳିଦେଲା ଓ ଲୋକଟିକୁ ପିଠିରେ ବସାଇ ରାଜଉଆସକୁ ନେଇ ଆସିଲା । ସମସ୍ତେ ନୂଆ ରାଜାକୁ ଦେଖି ଖୁସି ଅନୁଭବ କଲେ । ସେ ସମୟରେ ଶୁକଦେବ ଓ ସୁନାମଣି ରାଜାଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ କାରଣ ସେ ଯୁବକ ଥିଲେ ମୁଖ୍ୟମନ୍ତ୍ରୀ ଶକ୍ତିଦେବଙ୍କ ପୁତ୍ର ।

ନୂଆ ରାଜାଙ୍କର ଅଭିଷେକ କାଯ୍ୟକ୍ରମ ସେହି ରାଜ୍ୟର ରାଜଧାନୀରେ ଆୟୋଜନ କରାଯାଇଥିଲା । ଅଭିଷେକ କାର୍ଯ୍ୟ ସମାପନ କରି ରାଜା ଦରବାରକୁ ପ୍ରବେଶ କଲେ । ପଛେ ପଛେ ଅନ୍ୟ ସମସ୍ତ କର୍ମଚାରୀ ଯାଉଥାନ୍ତି । ପର ଦିନ ରାଜା ପୋଷାକ ପରିଧାନ କରିବା ନିମନ୍ତେ ଅନ୍ୟ ଏକ ଗୃହକୁ ପ୍ରବେଶ କରୁଥାନ୍ତି । ତାଙ୍କ ସହ ଥାଆନ୍ତି ତାଙ୍କର ବ୍ୟକ୍ତିଗତ ତତ୍ତ୍ୱାବଧାରକ । ରାଜାଙ୍କୁ ନୂତନ ପୋଷାକ ପିନ୍ଧେଇବା ସମୟରେ ତାଙ୍କ ଅଷ୍ଟାଙ୍ଗ ଶରୀର ଥରୁଥାଏ । ରାଜା ଏହାର କାରଣ ପଚାରିଲେ ଲୋକ ଜଣକ କିଛି ବି କହିପାରୁ ନ ଥାଏ । ଶେଷରେ ରାଜା ନ ଡରି କହିବାକୁ ପ୍ରତିଶ୍ରୁତି ଦେବାରୁ ସେ ସମସ୍ତ କଥା ବଖାଣିଲେ। ଯୁଦ୍ଧ ଦିନ ସନ୍ଧ୍ୟା ସମୟରେ ଶୁକଦେବ ଓ ସୁନାମଣି ହରିପ୍ରସାଦଙ୍କ ସହ କରିଥିବା ସନ୍ଧିର ନିଜେ ଜଣେ ସାକ୍ଷୀ ବୋଲି ଜଣାଇଲେ । ରାଜାଙ୍କର ମୃତ୍ୟୁ ପଛରେ ସେହି ଦୁଇ ଜଣ ପାଟମନ୍ତ୍ରୀ ଦୋଷୀ ବୋଲି କହିଲେ ।

ISSN NO.
2582-208X

ସେଦିନ ପ୍ରଥମ ଦିନ ଦରବାରରେ ପ୍ରବେଶ କରିଥାନ୍ତି ରାଜା । ତଥାପି ଏଇ ଘଟଣାର ବିଚାର ନିମନ୍ତେ ସେହି ଦୁଇ ଜଣ ପାଟମନ୍ତ୍ରୀଙ୍କୁ ଡକାଗଲା । ଲୋକ ଜଣକ ସନ୍ଧି ସମ୍ବନ୍ଧୀୟ କଥା ସମସ୍ତଙ୍କ ସମ୍ମୁଖରେ ନିର୍ଭୟରେ କହିଲେ । ଏହାର ବିଚାର ପାଇଁ ରାଜା ଆଦେଶ ଦେଲେ । ଶୁକଦେବ ଓ ସୁନାମଣି ଭୟରେ ରାଜାଙ୍କ ନିକଟରେ ନତମସ୍ତକ କରି ପାଦତଳେ ଲମ୍ବ ହୋଇ ପଡିଗଲେ । ନିଜ ଭୁଲର କ୍ଷମା ପ୍ରାର୍ଥନା କଲେ । କିନ୍ତୁ ରାଜା ଏହାର ବିଚାର ପରଦିନ ପ୍ରଜାମାନେ କରିବେ ବୋଲି ଦରବାରରେ ଜଣାଇଲେ ।

ସେଇ ଦିନ ଦୂତ ଢେଙ୍ଗୁରା ପିଟି ପ୍ରଜାମାନଙ୍କୁ ରାଜଉଆସ ନିକଟରେ ଥିବା ପ୍ରାଙ୍ଗଣରେ ଉପସ୍ଥିତ ହେବା ପାଇଁ କାରଣ ଜଣେଇ ଦେଲା । ପରଦିନ ସମସ୍ତେ ଅପେକ୍ଷା କରିଥାନ୍ତି ବିଚାରକୁ । ରାଜା ପ୍ରବେଶ କଲେ ପ୍ରାଙ୍ଗଣ ମଧ୍ୟକୁ । ଜନ ସମାଗମ ରେ ସେ ଥିଲେ ଅତ୍ୟନ୍ତ ଖୁସି ଓ ଆନନ୍ଦିତ । ସବୁ କଥା ପ୍ରଜା ମାନଙ୍କ ଆଗରେ ଦୋହରେଇବା ପରେ ପ୍ରଜାମାନଙ୍କ ବିଚାରକୁ ଅପେକ୍ଷା କଲେ ରାଜନ୍ । ସେ ଦୁଇ ଜଣ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ହେଉ ବୋଲି ରାଜାଙ୍କୁ ଜଣାଇଲେ । କିନ୍ତୁ ରାଜା ଥିଲେ ଅତ୍ୟନ୍ତ ଦୟାଳୁ ଓ ପରୋପକାରୀ । ତେଣୁ ସେ ଶୁକଦେବ ଓ ସୁନାମଣିଙ୍କୁ ପାଟମନ୍ତ୍ରୀ ପଦରୁ ହଟାଇ ତାଙ୍କୁ ତିନି ବର୍ଷ ପାଇଁ କାରାଗାରକୁ ନିକ୍ଷେପ କରିବା ନିମନ୍ତେ ଆଦେଶ ଦେଲେ । ରାଜାଙ୍କ ବିଚାରରେ ସମସ୍ତ ପ୍ରଜାଙ୍କର ଖୁସି ଦ୍ୱିଗୁଣିତ ହେଇଗଲା । ତାପରଠାରୁ ସମସ୍ତେ ରାଜାଙ୍କ ଶାସନରେ ଖୁବ୍ ଖୁସିରେ କାଳାତିପାତ କଲେ । ତେଣୁ କଥାରେ ଅଛି ଯେମିତି କର୍ମକୁ ସେମିତି ଫଳ । ତୁମେ ଯଦି ଅନ୍ୟକୁ ଟେକାଟିଏ ଫିଙ୍ଗିଥିବ ତୁମପାଇଁ ପଥରଟିଏ ପ୍ରସ୍ତୁତ ଅଛି ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର ଅନୁଗୋଳ
ମୋ: ୯୫୫୬୯୮୯୭୨୩

ISSN NO.
2582-208X

# ଋତୁରାଜ ବସନ୍ତ



ସମ୍ପଦା ଦେବୀ

ଋତୁଙ୍କ ସମ୍ରାଟ କୁସୁମାକର ।
ତୁନି ତୁନୀ ଆସେ ଶୀତ ପଛର ।।
ରାଜୀବ ଲୋଚନ କୃଷ୍ଣ ବାମନ ।
ଜଗମୋହନ ସେ ନନ୍ଦ ନନ୍ଦନ ।।
ବକାରୀ କୃଷ୍ଣ କଂସାରୀ ଙ୍କୁ ଭାବ ।
ସଂଶୟ ନରଖି ହର ଅଭାବ ।।
ତନୁ ମନ ପୁଲକାଏ ବସନ୍ତ ।
ରସାଳ ଡାଳରେ ବସନ୍ତ ଦୂତ ।।
ଶୁଭଦ ବରଦ କୃଷ୍ଣ ଗୋବିନ୍ଦ ।
ଭାନୁ ଜେମା ଯାର ବଢାଏ ମୋଦ ।।
ଭିକାରୀ ସାଜ ତା ଛନ୍ଦା ପୟର ।
ନନ୍ଦ ନନ୍ଦନ ବୁଲେ ବିମାନର ।।
ଦନୁଜ ନାଶନ ମନ ମୋହନ ।
ନମୋ ରାଧା କୃଷ୍ଣ କଞ୍ଜ ଚରଣ ।।

ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଦୁଃଖ ଫୁଲ



ସୁଧୀର ମେହେର

କେବେ କେବେ
ସମସ୍ତଙ୍କ ଅଲକ୍ଷ୍ୟରେ  ଛାତି ତଳେ
ଦୁଃଖ ଫୁଲଟିଏ ଫୁଟେ,
ସମଗ୍ର ଚେତନାକୁ ବିଷାଦଗ୍ରସ୍ତ କରି
ପୁଣି ମଉଳି ଯାଏ  ।।

କେହି ଜାଣି ପାରନ୍ତି ନି
କେତେବେଳେ ଏଇ ଫୁଲ ଫୁଟେ,
କାହିଁକି ପୁଣି ମଉଳି ଯାଏ
ନିଜେ ହିଁ ନିଜ ଭିତରେ ଅନୁଭବି ହୁଏ ଖାଲି
ମୁଁ କେତେ ଦୁଃଖୀଟିଏ ସତେ!

କାହାକୁ କହି ହୁଏନା
ଛାତି ତଳର ଏ ଦୁଃଖ,
କାହାକୁ ଶୁଣେଇ ହୁଏନା
ମଡମାଡ ଛାତି ପଞ୍ଜରା ଭାଙ୍ଗି ଯିବାର ଶବ୍ଦ,
ସହି ଯିବାକୁ ହୁଏ ସବୁକିଛି
ନୀରବରେ ଆଖିଲୁହ ପିଇ ।।

ISSN NO.
2582-208X

ଏ ଜୀବନଟା ହିଁ ଏମିତି,
ଏଠି ଦୁଃଖର ଭାଗିଦାର ହେବାକୁ କେହି ନ ଥାନ୍ତି
ସବୁ ଖାଲି ସୁଖର ସାଥୀ ।।

ନିଜ ଭାଗ୍ୟକୁ ନିନ୍ଦି
ସହିବାକୁ ହୁଏ ସବୁ ଏକା ଏକା,
ଯା'ଭଗ୍ୟରେ ଲେଖା ଥାଏ ଯେମିତି ।।

ଚର୍ଚ୍ଚେଗୁଡା, ଜୁନାଗଡ଼,
କଳାହାଣ୍ଡି,ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୭

ISSN NO.
2582-208X

# ବ୍ୟବହାର" ବିଚାର



ମନୋରଞ୍ଜନ ସୁରୁଜାଲ

ନୀତି ନିୟମରେ ସଂସାର
ଚଲେ ଆପଣା ଢଙ୍ଗେ ।
ଶୃଙ୍ଖଳିତ ଯଦି ଜୀବନ
ଉଲ୍ଲସିତ ତରଙ୍ଗେ ॥
ଭାନୁ ବିକିରଣେ ମଞ୍ଜୁଳ
ଆକାଶେ ରଙ୍ଗ ଧନୁ ।
ଜଳ ରବିକର ରଚନା
ଅଭିନ୍ନ ଏକ ତନୁ ॥
ଲାଜକୁଳି ସ୍ପର୍ଶେ ମରଇ
ଧନ୍ୟ ଧନ୍ୟ ହେ ବିହି ।
କି ମନ୍ତ୍ରର ତବ ଚେତନା
ପୁଣି ବଞ୍ଚି ଉଠଇ ॥
ଚାନ୍ଦ କୁମୁଦିନୀ ସମ୍ପର୍କ
ଅର୍କ ସୂରୁଜମୂଖୀ ।
ଘନ ରୂପ ଦେଖି ମୟୂରୀ
ପୁଷ୍ପ ଗୁଞ୍ଜନେ ସାକ୍ଷୀ ॥
ବଞ୍ଚିବାର ବିଧି ବ୍ୟବସ୍ଥା
ଖଞ୍ଜି ଅଛନ୍ତି ଧାତା ।

ISSN NO.
2582-208X

ବ୍ୟବସ୍ଥିତ ପ୍ରେମ ଆଧାର
ସର୍ବ ଲୋକର ଦାତା ॥
ଫଳଭାରେ ବୃକ୍ଷ ଆନତ
ଜଳେ ଯେହ୍ନେ ବଉଦ ।
ଶାନ୍ତ ଧୀର ସାଧୁ ନମ୍ରତା
ଗୁଣ ସ୍ୱଭାବ ଭେଦ ॥
ଗୁରୁ ଗୁରୁଜନ ଭଦ୍ରାମି
ଭାଷି ସୁମିଷ୍ଟ ଭାଷା ।
ତୈଳରେ ପାରଦ ଯେସନ
ଶୂନ୍ୟେ ଶଫରୀ ଆଶା ॥
ବ୍ୟବହାର ଗୁଣ ବଚନ
ମାତା ପିତା ସଂସ୍କାର ।
ସୁକୃତ ଦୁଃସ୍କୃତ ବିଭେଦ
ଭଦ୍ରୋଚିତ ଆଚାର ॥
ପୁଷ୍ପ ହାର ସିନା ସୁଗୁଣ
ଦୁର୍ଗୁଣ ବିଛୁଆଡି ।
ଭଲ ମନ୍ଦ ଗୁଣ ସ୍ୱଭାବ
ବିଚାରରେ ପ୍ରତୀତି ॥
ବିଷ ଅମୃତର ଫଳଟି
ଏହି ଶୂନ୍ୟ ସଂସାର ।
ଯେ ବୁଣଇ ତାହା ଫଳଇ
ବ୍ୟବହାର ବିଚାର ॥

ଆଇଁଲ୍‌ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଶ୍ରୀଜୀଉ ଙ୍କ ଦଶମୂଳ ପ୍ରସ୍ତୁତି ଓ ଚକା ବିଜେ ନୀତି



ଦେବଯାନୀ ବାରିକ୍

ସ୍ନାନ ପୂର୍ଣ୍ଣିମା ପରେ ଜ୍ୱରରେ ପଡ଼ି ଅସୁସ୍ଥ ମହାପ୍ରଭୁ ଅଣସର ପିଣ୍ଡିରେ ବିଶ୍ରାମ ନେଉଛନ୍ତି। ମହାପ୍ରଭୁଙ୍କୁ ସୁସ୍ଥ କରିବା ପାଇଁ ଚାଲିଛି ନାନାଦି ଗୁପ୍ତସେବା। ନୀଳାଦ୍ରି ମହୋଦୟ ଶାସ୍ତ୍ର ଅନୁସାରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଅଣସରକାଳୀନ ଗୁପ୍ତନୀତି ସଂପାଦନ କରୁଛନ୍ତି। ଏକବସ୍ତ୍ର ହୋଇ ଅଣସର ବାସଠାରୁ ଦୈନିନ୍ଦିନ ଚକଟା ଭୋଇ ଓ ଅନ୍ୟାନ୍ୟ ନୀତି ସଂପାଦନ କରୁଛନ୍ତି। ଶ୍ରୀଅଙ୍ଗରେ ଲାଗି ହେବା ପାଇଁ ବିଭିନ୍ନ ପ୍ରକାର ଚେରମୂଳିରୁ ପ୍ରସ୍ତୁତ ଓଷଧ ଯୋଗାଇ ଦିଆଯାଇଛି। ବଡ଼ଓଡ଼ିଆ ମଠ ଫୁଲୁରି ତେଲ ଯୋଗାଇଥିବା ବେଳେ ଶୁଦ୍ଧ ସୁଆର ସେବକମାନେ ଓଷୁଅ ଯୋଗାଇ ଦେଇଛନ୍ତି। ଆଜି ବିଧି ମୁତାବକ ଅଣସରରେ ଥିବା ତିନି ଠାକୁର ଚକା ବିଜେ କରିବା ସହ ଶ୍ରୀମନ୍ଦିର ବୈଦ୍ୟ ଦଶମୂଳ ପ୍ରସ୍ତୁତ କରି ଗାରଦରେ ଦାଖଲ କରିବାର ପରମ୍ପରା ରହିଛି ।

ଏକାଦଶୀ ତିଥି ରେ ଶ୍ରୀମନ୍ଦିର ବୈଦ୍ୟଙ୍କ ପରାମର୍ଶ କ୍ରମେ ଶ୍ରୀଅଙ୍ଗର ଉପଚାର କରାଯିବ। ଏଥିସହ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ରକ୍ତବସ୍ତ୍ର ପରିଧାନ କରିବେ। ପୂର୍ବରୁ ବିନା ତୁଳସୀରେ ଧଳା ଫୁଲରେ ପୂଜା ପାଉଥିବା ମହାପ୍ରଭୁଙ୍କୁ ତୁଳସୀ ଲାଗି ହେବ ।

ISSN NO.
2582-208X

ଆଷାଢ଼ କୃଷ୍ଣ ଦଶମୀ ତିଥି ପରମ୍ପରା ମୁତାବକ ମହାପ୍ରଭୁଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହେବ। ବିଶ୍ରାମ କରୁଥିବା ମହାପ୍ରଭୁ ଚକା ଉପରେ ବିଜେ କରିବେ । ଶ୍ରୀମନ୍ଦିରର ଅନବସର ଗୃହରେ ତିନୋଟି ମୁଗୁନି ପଥରର ଚକା ଅଣସର ପିଣ୍ଡିରେ ରଖାଯାଇ ବିଗ୍ରହଙ୍କୁ ଚକା ଉପରେ ବିଜେ କରାଯାଏ । ବିଶ୍ରାମାବସ୍ଥାରୁ ଚକା ଉପରେ ବିଜେ ହେବା ସ୍ଥିତି ଫଳରେ ମହାପ୍ରଭୁଙ୍କର ସୁସ୍ଥତାର ପରିଚୟ ମିଳିବ । ଚକା ବିଜେ ହେବା ପରେ ଶ୍ରୀମନ୍ଦିରକୁ ଏହି ଦଶମୂଳ (ମୋଦକ) ବିଜେ କରାଯିବ। ପ୍ରଭୁଙ୍କ କବିରାଜମାନେ ଏହି ଔଷଧକୁ ଦୀର୍ଘଦିନ ଶୁଦ୍ଧପୂତ ଭାବରେ ପ୍ରସ୍ତୁତ କରିଥିଲେ। ଆୟୁର୍ବେଦ ପଦ୍ଧତି ଏବଂ ଶାସ୍ତ୍ରାନୁସରଣରେ ଏହି ମହୌଷଧୀ ପ୍ରସ୍ତୁତ କରାଯାଇଥିଲା। ଏକାଦଶୀ ତିଥି ଅର୍ଥାତ୍ ଅସୁସ୍ଥ ଶ୍ରୀବିଗ୍ରହମାନଙ୍କୁ ଦଶମୂଳ ମୋଦକ ଲାଗି କରିବାର ବିଧି ରହିଛି। ଶ୍ରୀମନ୍ଦିର ବୈଦ୍ୟମାନ୍ୟତାପ୍ରାପ୍ତ କବିରାଜ ସେବକମାନେ ପୁରୁଷାନୁକ୍ରମେ ପ୍ରଭୁଙ୍କ ପାଇଁ ଏହି ମହୌଷଧୀ ପ୍ରସ୍ତୁତି ସେବାରେ ନିୟୋଜିତ ଅଛନ୍ତି। ହବିଷାନ୍ନ ବ୍ରତ ପାଳନ ସହ ଭକ୍ତିପୂତ ଚିତ୍ତରେ ନିଷ୍ଠାର ସହ ଏହି ଔଷଧ ପ୍ରସ୍ତୁତ କରାଯାଇଥାଏ। ମହାପ୍ରଭୁଙ୍କ ଏହି ମହୌଷଧୀରେ ୩ କିଲୋରୁ ଅଧିକ ଚେରମୂଳି ବ୍ୟବହୃତ ହୋଇଥାଏ। ବିଭିନ୍ନ ସ୍ଥାନରୁ ଏହି ଦୁର୍ଲଭ ଚେରମୂଳିକୁ ବୈଦ୍ୟମାନେ ସଂଗ୍ରହ କରିଥାନ୍ତି । ଧନ୍ୱନ୍ତରୀ ଆୟୁର୍ବେଦ ଶାସ୍ତ୍ର ଆଧାରରେ ଏହି ମୋଦକ ପ୍ରସ୍ତୁତ ହୋଇଛି।

ଶାଳପର୍ନି, ଗମ୍ଭାରୀ, ଫଣଫଣା, କୃଷ୍ଣ ପର୍ନି, ଅଗବଥୁ, ବେଲ, ଅଙ୍କରାନ୍ତି, ଗୋଖରା, ଲବିଂ କୋଳି, ନବାଙ୍କୁରୀ କୁ ପ୍ରଥମେ ଶୁଖା ଯାଇଥାଏ । ପରେ ଏହାକୁ କୁଟା ଯାଇ ଗୁଣ୍ଡ କରାଯାଇଥାଏ । ଏହି ଗୁଣ୍ଡ କୁ ଗାମୁଛାରେ ଛାଣି ନୂତନ କାଠ ଚୁଲିରେ କଡେଇ ବସଯାଇ ଖୁଆ, ଶର୍କରା, ସର, ମହୁ, ଘିଅ ଆଦି ପକାଯାଇ ଏହାକୁ ପାଗ କରାଯାଏ । ପାଗ ପରେ ଏହାକୁ କଦଳୀ ପତ୍ର ଉପରେ ରଖି ଥଣ୍ଡା କରାଯାଇଥାଏ । ଥଣ୍ଡା ହେଲା ପରେ ଏହାକୁ ଗୋଲାକାର ମୋଦକ କରି ୩ଟି କୁଡୁଆ ରେ ରଖା ଯାଇଥାଏ । ଏହା ଉପରେ କର୍ପୂର ଦେଇ ତାଳପତ୍ର ଭୋଗେଇରେ ରଖି ଶ୍ରୀମନ୍ଦିର ଗାରଦ ରେ ଦାଖଲ କରାଯାଇଥାଏ ।

ISSN NO.
2582-208X

ଜଟିବୁଟିରେ ପ୍ରସ୍ତୁତ ମୋଦକ (ଔଷଧ)ରେ ଅଣସର ପିଣ୍ଡିରେ ଠାକୁରଙ୍କ ଉପଚାର କରାଯିବ। ଏକାଦଶୀ ଦିନ ମୋଦକ ଲାଗି ହେବା ସହ ପ୍ରଥମ କରି ଅଣସରରେ ଥିବା ମହାପ୍ରଭୁଙ୍କୁ ତୁଳସୀ ଲାଗି କରାଯିବ। ମହାପ୍ରଭୁଙ୍କୁ ଚନ୍ଦନ ଲାଗି ସହିତ ନୂଆ ଖଣ୍ଡୁଆ ମଧ୍ୟ ଲାଗି କରାଯିବ। ଏଥିପୂର୍ବରୁ ଠାକୁରମାନଙ୍କୁ ଫୁଲରି ତେଲ ଲାଗି ହୋଇସାରିଛି। ଦଶମୂଳ ଲାଗି ହେବା ପରେ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହେବେ।

ସଂଗ୍ରାହିକା: ଦେବଯାନୀ ବାରିକ୍
ମହୁ, ଆଳି,କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ବନ୍ଧୁ ହେବ ତ ଏମିତି


ଦୁଷ୍ମନ୍ତ ବେହେରା

ଆପଣା ଭବିଷ୍ୟତ ନ ଭାବି
ଛାଇ ହୋଇ ରହିଛ ମୋ ପାଖେ
ମନ ସହିତ ମନ ମିଶେଇ ତୁମେ
ଦେହ ସାଥେ ଦେଉ ବଳସମେ !!

ଦରଦ ସହି ହସି ଦେଉ ହସ
ହାତ ସହିତ ହାତ ଦେଇ କହୁ
ଏ ତ ଜୀବନ ବନ୍ଧୁ ତୁମେ ମୋ
ବନ୍ଧୁ ଲକ୍ଷ୍ୟ ସପନ ସାଥି !!

ଭରସା ଦେଇଛ ଜୀବନ ଦେଇଛ
ଦେଇଛ ତୁମ ମମତା ସାଥେ ବାନ୍ଧି
ତୁମ ଋଣ କି ମୁଁ ସୁଝି ପାରିବି
ଲକ୍ଷେ ରାଜନର ସାଥି !!

ISSN NO.
2582-208X

ଆଶା ଯେମିତି ତୁମ ସାହାଯ୍ୟ
ସେମିତି ମନୁ ନ ପାରେ ଭୁଲି
ଏ ଜନମେ ତୁମ ପାଇଁ କି ମୂଲ୍ୟ
ଦେବି ତୁମେ ଜୀବନ ଠାରୁ ବେଶୀ !!

ଦୁନିଆ ରାଇଜେ ବୁଲି ଭୁଲି
ନ ଯିବ ତୁମେ ବନ୍ଧୁ କଥା ଦେଲି
ଦେହ ରକ୍ତ ଦେଇ ତୁମ ଜୀବନ ରଖିବି
ଏ କଥା ଦେଲି ତୁମକୁ ଆଜି !!

ଦୁନିଆ ଦେଖିବ ତୁମେ ମୋ ବନ୍ଧୁ
ମୁଁ ତୁମ ବନ୍ଧୁ ନଥିବା ଆମେରେ ଏଠି
ଜଗତ କହିବ ବନ୍ଧୁ ଥିଲେ ଏ ଦୁହେଁ
ଚିହ୍ନ ଅଛି ଆଜି ସାକ୍ଷୀ !!

ଗ୍ରସୋଳ (ମୁଣ୍ଡିଆପକ୍ଷି)
ଢେଙ୍କାନାଳ

ISSN NO.
2582-208X

# ସୂର୍ଯ୍ୟାଷ୍ଟକମ୍



ଅଳକା ବାରିକ୍

ସାମ୍ବ ଉବାଚ

ଆଦିଦେବ ନମସ୍ତୁଭ୍ୟଂ ପ୍ରସୀଦ ମମ ଭାସ୍କର।
ଦିବାକର ନମସ୍ତୁଭ୍ୟଂ ପ୍ରଭାକର ନମୋଽସ୍ତୁତେ ॥ ୧॥

ସପ୍ତାଶ୍ୱରଥମାରୂଢଂ ପ୍ରଚଣ୍ଡଂ କଶ୍ୟପାତ୍ମଜମ୍।
ଶ୍ୱେତପଦ୍ମଧରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୨॥

ଲୋହିତଂ ରଥମାରୂଢଂ ସର୍ବଲୋକପିତାମହମ୍।
ମହାପାପହରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୩॥

ତ୍ରୈଗୁଣ୍ୟଂ ଚ ମହାଶୂରଂ ବ୍ରହ୍ମାବିଷ୍ଣୁମହେଶ୍ୱରମ୍।
ମହାପାପହରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୪॥

ବୃଂହିତଂ ତେଜଃପୁଞ୍ଜଂ ଚ ବାୟୁମାକାଶମେବ ଚ।
ପ୍ରଭୁଂ ଚ ସର୍ବଲୋକାନାଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୫॥

ISSN NO.
2582-208X

ବନ୍ଧୂକପୁଷ୍ପସଙ୍କାଶଂ ହାରକୁଣ୍ଡଲଭୂଷିତମ୍।
ଏକଚକ୍ରଧରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୬॥

ତଂ ସୂର୍ଯ୍ୟଂ ଜଗତ୍କର୍ତାରଂ ମହାତେଜଃପ୍ରଦୀପନମ୍।
ମହାପାପହରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୭॥

ତଂ ସୂର୍ଯ୍ୟଂ ଜଗତାଂ ନାଥଂ ଜ୍ଞାନବିଜ୍ଞାନମୋକ୍ଷଦମ୍।
ମହାପାପହରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୮॥

ସୂର୍ଯ୍ୟାଷ୍ଟକଂ ପଠେନ୍ନିତ୍ୟଂ ଗ୍ରହପୀଡାପ୍ରଣାଶନମ୍।
ଅପୁତ୍ରୋ ଲଭତେ ପୁତ୍ରଂ ଦରିଦ୍ରୋ ଧନବାନ୍ଭବେତ୍ ॥ ୯॥

ଆମିଶଂ ମଧୁପାନଂ ଚ ଯଃ କରୋତି ରବେର୍ଦିନେ।
ସପ୍ତଜନ୍ମ ଭବେଦ୍ରୋଗୀ ପ୍ରତିଜନ୍ମ ଦରିଦ୍ରତା ॥ ୧୦॥

ସ୍ତ୍ରୀତୈଲମଧୁମାଂସାନି ଯସ୍ତ୍ୟଜେତ୍ତୁ ରବେର୍ଦିନେ।
ନ ବ୍ୟାଧିଃ ଶୋକଦାରିଦ୍ର୍ୟଂ ସୂର୍ଯ୍ୟଲୋକଂ ସ ଗଚ୍ଛତି ॥ ୧୧॥

· ଇତି ଶ୍ରୀସୂର୍ଯ୍ୟାଷ୍ଟକସ୍ତୋତ୍ରଂ ସମ୍ପୂର୍ଣମ୍

ସଂଗ୍ରାହିକା: ଅଳକା ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଅଲାଜୁକ ମୁହେଁ ଖଡ଼ାଗଛ



ତାର୍‌ପ୍ରସାଦ ଜେନା

ଅଲାଜୁକ ମୁହେଁ ଖଡ଼ାଗଛ
ଗୁଜୁରାତି ଚୋପା ବାଟରୁ ଗୋଟେଇ
ଖାଇଥିଲା ବୋଲି କହେ ମିଛ !

ଅଲାଜୁକ ମୁହେଁ ଖଡ଼ାଗଛ
ମାନ ପଛେ ନାହିଁ ମାନପତ୍ର କିଣି
ଗଳା ଝୁଲା ଆହା ବଡ଼ ସ୍ୱଚ୍ଛ !

ଅଲାଜୁକ ମୁହେଁ ଖଡ଼ାଗଛ
ବାରନାରୀ ଧରି ବର ନାରୀ କହେ
ଖୋଲା ମେଲା ପ୍ରେମ ଭଲ ବାଛ !

ଅଲାଜୁକ ମୁହେଁ ଖଡ଼ାଗଛ
ପୂଜା ଧ୍ୱଜା ପାଇଁ କେତେ ଛନ୍ଦ ଜାଣେ
ଗୋଡ଼ ଧରା ଧରି ଆଗ ପଛ !

ଅଲାଜୁକ ମୁହେଁ ଖଡ଼ାଗଛ
କୁମ୍ଭୀର କାନ୍ଦଣା ବଢ଼ିଆ ଜାଣିଛି
ଲୁହ ଡବ ଡବ ଆଖି ପୋଛ !

ISSN NO.
2582-208X

ଅଲାଜୁକ ମୁହେଁ ଖଡ଼ାଗଛ
ମନକୁ ମନ ତ ସୁନ୍ଦର ନାଚୁଛି
ନଚାଉଛି କାଳେ କେକା ପୁଛ !

ଅଲାଜୁକ ମୁହେଁ ଖଡ଼ାଗଛ
ଶତ୍ରୁକୁ ଦେଖିଲେ ପିଳେହି ପାଣିଟା
ବୀର ବୋଲି ଆଡ଼ା ଖାଡ଼ା ମୁଛ !

ଅଲାଜୁକ ମୁହେଁ ଖଡ଼ାଗଛ
ଘର ଚୁଲି ପଛେ ଧଣ୍ଡ ଶୋଇଥାଉ
ଖିଆ ଉଚ୍ଚା ବୋଲି ତୁଣ୍ଡ ତୁଛ !

ଅଲାଜୁକ ମୁହେଁ ଖଡ଼ାଗଛ
ମୀନ ଦଣ୍ଡକିରୀ ଉପରେ ଡିଅଁନ୍ତି
ତୁନିଥାଏ  ଦେଖ ରୋହି ମାଛ !

ଅଲାଜୁକ ମୁହେଁ ଖଡ଼ାଗଛ
ଚୂନ କାଳି ବୋଳି ଜୋତାମାଳ ପିନ୍ଧା
ଲୋଡ଼ାନାହିଁ ତା'କୁ ପୁଷ୍ପଗୁଚ୍ଛ !

ଗ୍ରାମ ରଣପୁର, ଜିଲ୍ଲା -ନୟାଗଡ଼,
ପିନ୍-୭୫୨୦୨୬/ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ସଂକଳ୍ପ ଶକ୍ତି ଯଦି ଦୃଢ଼ ହୁଏ, ତେବେ....



ଅଧ୍ୟାପକ ଅବିନାଶ ବାରିକ୍

ବ୍ୟକ୍ତି ଏବଂ ସମାଜରେ ଦୃଢ଼ ଇଚ୍ଛାଶକ୍ତିର ଜାଗ୍ରତ ହେଲେ, ମଣିଷର ନିଜ ପାଇଁ ଏବଂ ପର୍ଯ୍ୟାବରଣ ପାଇଁ ଘାତକ ହେଉଥିବା କ୍ଷତି କୁ ଏଡ଼ାଇ ଦେବାରେ ସଫଳତା ମିଳି ପାରିବ ।

କର୍ଣ୍ଣାଟକ ହୁନସୁର ଗ୍ରାମର ଅଧିବାସୀମାନେ ଏପରି ଏକ ଉଦାହରଣ ପ୍ରସ୍ତୁତ କରିଛନ୍ତି । ସେହି ରାଜ୍ୟର ଶିମୋଗା ଜିଲ୍ଲାର ସାଗରଜୋଗ ଅଂଚଳ ଏକଦା ଶସ୍ୟ – ଶ୍ୟାମଳ ଥିଲା । ସେଠାର ଏକ ବଡ଼ ଅଂଚଳ ଥିଲା ଜଙ୍ଗଲରେ ପରିପୂର୍ଣ୍ଣ । ଏହା ଦୁର୍ଲଭ ଜଡ଼ିବୁଟି ଏବଂ ଜୀବଜନ୍ତୁ ସମୃଦ୍ଧ ଥିଲା । ଏପରି ଅଦ୍ଭୁତ ଜନସଂପଦ ଯୋଗୁଁ ଏକଦା ଏହାର ବିଶେଷ ଖ୍ୟାତି ଥିଲା । କିନ୍ତୁ ସମୟକ୍ରମେ ଜଙ୍ଗଲର ବିନାଶ ହେବାକୁ ଆରମ୍ଭ ହେଲା । ଏ କଥା ଦେଖି ସ୍ଥାନୀୟ ଅଧିବାସୀଗଣ ବଡ଼ ଚିନ୍ତାରେ ପଡ଼ିଲେ । ଜଙ୍ଗଲ ବଞ୍ଚାଇବା ପାଇଁ ସେମାନେ ତତ୍ପର ହେଲେ । ହୁନ୍ସୁରବାସୀଙ୍କ ପାଇଁ ଏହାର ପରିଣାମ ହେଲା ଆଶ୍ଚର୍ଯ୍ୟଜନକ ସଫଳତା । ବର୍ତ୍ତମାନ ମଧ୍ୟ ସେଠାରେ ଏକ ଛୋଟ କିନ୍ତୁ ଘନ ଏବଂ ସବୁଜ-ଶ୍ୟାମଳ ଜଙ୍ଗଲ ସୁରକ୍ଷିତ ରହି ଯାଇଛି । ଏହାକୁ ଦେଖିବା ପାଇଁ ଦେଶ-ବିଦେଶରୁ ପର୍ଯ୍ୟାବରଣ ପ୍ରେମୀମାନେ ଆସୁଛନ୍ତି ଏବଂ ସେମାନଙ୍କର ପ୍ରୟାସକୁ ପ୍ରଶଂସା ନ କରି ରହିପାରୁ ନାହାନ୍ତି ।

ପ୍ରାୟ ୧୫୦ ପରିବାର ବିଶିଷ୍ଟ ହୁନସୁର୍ ଗ୍ରାମଟି ହେଉଛି ଗୋଟିଏ କ୍ଷୁଦ୍ର ଗ୍ରାମ । ଏହାର ଅଧିବାସୀମାନେ ସାଧାରଣତଃ ନାମମାତ୍ର କୃଷକ ଏବଂ ଦିନ ମଜୁରିଆ । ବନରକ୍ଷା ନିମିତ୍ତ

ISSN NO.
2582-208X

ଗ୍ରାମବାସୀମାନଙ୍କର ନିଜସ୍ୱ ବ୍ୟବସ୍ଥା ରହିଛି । ଏହି ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ପରିବାରକୁ ପାଳି କରି ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ବଣର ସୁରକ୍ଷା ବ୍ୟବସ୍ଥାର ଦାୟିତ୍ୱ ଗ୍ରହଣ କରିବାକୁ ହୋଇଥାଏ । ଏହା କରି ନ ପାରିଲେ କିମ୍ବା ସଜାଗତାର ଅଭାବ ହେଲେ ଜୋରିମାନାର ବ୍ୟବସ୍ଥା ରହିଛି । ଜଙ୍ଗଲର ଦେଖାଶୁଣା କରୁଥିବା ସମିତି ଏଇ ଜୋରିମାନା ନେଇଥାଏ ଏବଂ ସମୟ ଅସମୟରେ ଏହା ବନ-ବିସ୍ତାର କାର୍ଯ୍ୟରେ ବ୍ୟୟ କରିଥାଏ । ସମିତିରେ ନ ଜଣ ସଦସ୍ୟ ଏବଂ ଜଣେ ଅଧ୍ୟକ୍ଷ ରହିଛନ୍ତି । ଗ୍ରାମ ର ସବୁ ଶ୍ରେଣୀର ଲୋକଙ୍କର ପ୍ରତିନିଧିଙ୍କୁ ଏଥିରେ ନିଆ ଯାଇଛି । ଯେ କୌଣସି ବିଷୟରେ ଏବଂ ବିବାଦ ରେ ସମିତିର ନିର୍ଣ୍ଣୟ କୁ ଅନ୍ତିମ ନିୟମ ଭାବରେ ଗ୍ରହଣ କରା ଯାଇଥାଏ । ପ୍ରତି ଦୁଇ ବର୍ଷରେ ନୂତନ ସମିତିର ନିର୍ବାଚନ ଏବଂ ଗଠନ ହୋଇଥାଏ । ଏଇ ନିର୍ବାଚନରେ ପ୍ରତ୍ୟେକ ଥର ନୂତନ ଭାଗୀଦାରଙ୍କୁ ନିଯୁକ୍ତ କରାଯାଏ ।

ବନ୍ୟରକ୍ଷା ସମିତିର ନିଜସ୍ୱ ନିୟମ ରହିଛି । ପ୍ରତ୍ୟେକ ଗ୍ରାମବାସୀଙ୍କ ଉପରେ ଏହା ସମାନ ଭାବରେ ଲାଗୁ ହୋଇଥାଏ । ଏଇ ନିୟମ ଅନୁସାରେ ପ୍ରତ୍ୟେକ ପରିବାର ବର୍ଷରେ ଥରେ ଜଙ୍ଗଲରୁ ଜାଳେଣୀ କାଠ ପାଇ ପାରିବ । ଏହା ବ୍ୟତୀତ ଘର ତିଆରି ପାଇଁ କାହାର କାଠ ଦରକାର ହେଲେ ସମିତି ଠାରୁ ମଞ୍ଜୁରି ଆଣିବାକୁ ହେବ। ଏଇ ଆବଶ୍ୟକତା କେତେ ଦୂର ଯଥାର୍ଥ ଏବଂ ଅନିବାର୍ଯ୍ୟ ସମିତି ଏହାର ଯାଞ୍ଚ କରେ । ଆବଶ୍ୟକତାର ବୈଧତା ପ୍ରମାଣିତ ହେବା ପରେ ଜଙ୍ଗଲର ପର୍ଯ୍ୟବେକ୍ଷଣ କରାଯାଏ ଏବଂ ବେକାର କାଠ କେତେ ଅଛି, ଦେଖାଯାଏ । ଏଥିରୁ ପ୍ରାର୍ଥୀର ଆବଶ୍ୟକତା ଅନୁସାରେ ତାକୁ ଦିଆଯାଏ । ଜଙ୍ଗଲର ଉତ୍ପାଦନ, ଯଥା- ଫଳ, ଫୁଲ, ଜଡ଼ିବୁଟି, ମହୁ ଇତ୍ୟାଦିର ବ୍ୟବହାର ପାଇଁ ପ୍ରତ୍ୟେକ ଗ୍ରାମବାସୀ ର ସ୍ୱାଧୀନତା ରହିଛି ।ଏଥିପାଇଁ କୌଣସି ପ୍ରକାରର ଅନୁମତି ର ଆବଶ୍ୟକତା ହୁଏ ନାହିଁ।

ପ୍ରାୟ 50ହେକ୍ଟର ରେ ବିସ୍ତାରିତ ହୋଇଥିବା ଏଇ ଜଙ୍ଗଲ ର ନାମ ହେଉଛି "ହୁଂସୁର କାନୂ"। ସନ 1965 ପୂର୍ବରୁ ଏହି ଜଙ୍ଗଲ ଥିଲା ହୁନସୁର ଗ୍ରାମର ସମ୍ପତ୍ତି । ପରେ ସରକାର ତାକୁ

ISSN NO.
2582-208X

ନିଜ ହାତକୁ ନେଇଗଲେ । ତାପରେ ଅର୍ଥଲାଭ ଦୃଷ୍ଟିରୁ ଏହାର ଦୋହନ ଆରମ୍ଭ ହୋଇଗଲା। ଏଠାରୁ ବହୁମୂଲ୍ୟ କାଠ କାଟି ନିଆଗଲା ଏବଂ ବିଭିନ୍ନ ପ୍ରୟୋଜନ ନିମିତ୍ତ ଏହାର ଉପଯୋଗ କରାଗଲା । କାଠ କାଟିବା ପାଇଁ ବିଜ୍ଞାପନ ଦିଆଗଲା ଏବଂ ପ୍ରତିବର୍ଷ ଏହାକୁ ଠିକାଦାରଙ୍କ ଅଧୀନ କରି ଦେଇ ସରକାର ପଇସା ରୋଜଗାର କରିବାରେ ଲାଗିଲେ। ଅନେକ ବର୍ଷ ପର୍ଯ୍ୟନ୍ତ ଏପରି ହେବାରୁ ଗଛ – ଲତା କମିବାରେ ଲାଗିଲା । ଜଙ୍ଗଲ ଉଜୁଡି ଯିବାରୁ ଗ୍ରାମବାସୀଙ୍କୁ ଗଭୀର ଆଘାତ ଲାଗିଲା। । ସରକାରୀ ତନ୍ତ୍ର ସହିତ ସଂଘର୍ଷ କରି ସେମାନେ ଜଙ୍ଗଲ ଉଜୁଡ଼ି ଯିବାରୁ ରକ୍ଷାକରିବା ପାଇଁ ଦୃଢ଼ ସଂକଳ୍ପ କଲେ । ଠିକାଦାରମାନଙ୍କୁ ଜଙ୍ଗଲରେ ପ୍ରବେଶ କରିବାକୁ ନିଷିଦ୍ଧ ଘୋଷଣା କରିବା ଏହାର ଅନ୍ତର୍ଗତ ହେଲା । ଏଥିପାଇଁ ସରକାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଯଥେଷ୍ଟ ସଂଘର୍ଷ ହେଲା, କିନ୍ତୁ ଗ୍ରାମବାସୀଙ୍କ ଦୃଢ଼ତା ପାଖରେ ସରକାରକୁ ମୁଣ୍ଡ ନୁଆଁଇବାକୁ ପଡ଼ିଲା । ପରେ ପରମିଟ୍ ରଦ୍ଦକରି ଦିଆଗଲା ।

ପରେ ମଧ୍ୟ ମଝିରେ ମଝିରେ ଏପରି ଦୃଶ୍ୟ ଦେଖାଗଲା । କିନ୍ତୁ ପ୍ରତ୍ୟେକ ଥର ଗାଁ ବାଲାଙ୍କର ପ୍ରବଳ ପ୍ରତିରୋଧ ଯୋଗୁଁ ବଣର ରକ୍ଷା ହୋଇ ପାରିଲା । ଶେଷରେ ପରାଜୟ ସ୍ୱୀକାର କରି ସରକାର ଗ୍ରାମବାସୀଙ୍କୁ ଉତ୍ୟକ୍ତ କରିବାର ନୀତି ତ୍ୟାଗ କଲେ ଏବଂ ଗ୍ରାମ ସମିତି ହାତରେ ବନର ସୁରକ୍ଷାର ଦାୟିତ୍ୱ ଅର୍ପଣ କଲେ ।

ସେତେବେଳଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ହୁନସୁର ଗାଁର ଅଧୀନରେ ଏ ଜଙ୍ଗଲର ଅଭିବୃଦ୍ଧି ଘଟୁଛି । ମଝିରେ ମଝିରେ ପ୍ରକୃତିପ୍ରେମୀ ଏବଂ ପର୍ଯ୍ୟାବରଣବିଦ୍‌ମାନେ ଏଠାକୁ ଯାତ୍ରା କରୁଛନ୍ତି ଏବଂ ମୁକ୍ତ କଣ୍ଠରେ ଏହାର ସୌନ୍ଦର୍ଯ୍ୟ ଏବଂ ଗ୍ରାମବାସୀଙ୍କର ସମର୍ପଣର ପ୍ରଶଂସା କରୁଛନ୍ତି ।

ISSN NO.
2582-208X

ସଂକଳ୍ପଦୃଢ଼ ହେଲେ ଏବଂ ପରିସ୍ଥିତି ପାଖରେ ହାର ନ ମାନିଲେ, ଲଢ଼ିବାର ଭାବ ଜୀବିତ ରହିଲେ ଏବଂ ସାହସ ଅକ୍ଷୁଣ୍ଣ ରହିଲେ, ପ୍ରତିକୂଳତା କୁ ଅନୁକୂଳତା ରେ ବଦଳାଇବା କେବଳ ସମ୍ଭବ ନୁହେଁ, ସରଳ ମଧ୍ୟ ହୋଇଯାଏ ।

ଯୁଗଶକ୍ତି ଗାୟତ୍ରୀ ମାର୍ଚ୍ଚ 1997

ସଂଗ୍ରାହକ: ଅଧ୍ୟାପକ ଅବିନାଶ ବାରିକ୍
ମହୁ, ଆଳି,କେନ୍ଦ୍ରାପଡ଼ା ।ଓଡ଼ିଶା ।

ISSN NO.
2582-208X

# ମାତୃଶକ୍ତି



ବାଙ୍କାବିହାରୀ ମହାକୁର

ଗୋଟେ ଅକ୍ଷରରେ ନାମଟି ତାହାର
ସେ ସ୍ନେହମୟୀ ଜନନୀ
ସନ୍ତାନର ହୀତେ ଦୁଃଖକ୍ଳେଶ ସହେ
ସିଏ ସରବ ସହଣୀ ।

ମା'ର ଅବଦାନ ସରଗୁ ମହାନ
ସିଏ ଜୀବନ୍ତ ପ୍ରତିମା
ମାତୃଶକ୍ତି ବଳେ ଜିଣିଛି ଧରାକୁ
ବର୍ଣ୍ଣି ହୁଏନି ଉପମା ।

ମାଆର ପଣତ ମନେ ଭରେ ଶାନ୍ତ
ହରି ଦିଏ ଦୁଃଖ କ୍ଳେଶ
ଭକତି ଚିତ୍ତରେ କଲେ ପଦ ସେବା
ରହିବ ନି ଅବଶୋଷ ।

ଦୁଃଖ ଯନ୍ତ୍ରଣାକୁ ଭୃକ୍ଷେପ ନ କରି
ଅନ୍ଧାରୁ ଦିଏ ମୁକତି
ସନ୍ତାନର ହୀତେ ଯୁଦ୍ଧ କରେ ନିତି
ମନରେ ସଞ୍ଚି ଶକତି ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଆଶା ଓ ସ୍ୱପ୍ନ



ଅଜିତ କୁମାର ମଲ୍ଲିକ

ଆଶା ମରିଯାଏ  ପାଇବା ଆଗରୁ
ସ୍ୱପ୍ନ ଯାଏ ଏଠି ଭାଙ୍ଗି ॥
ସ୍ନେହ ହୋଇଯାଏ ପୁରା ସ୍ୱାର୍ଥପର
ତ୍ୟାଗ ହେବ କାହା ଲାଗି ॥
ପ୍ରେମ ହୋଇଯାଏ ମାୟା ମରୀଚିକା
ଭକ୍ତି ଏଠି ସ୍ୱାର୍ଥପର ॥
କର୍ମ କଲେ ଏଠି ଫଳ ମିଳେନାହିଁ
ଆପଣା ହୁଅନ୍ତି ପର ॥
ସେବା ହୋଇଯାଏ ଆପେଆପେ ବାଣି
ନାହିଁ କିଛି ତାର ମାନ
କ୍ଷମା କଲେ ଏଠି କ୍ଷମା ମିଳେ ନାହିଁ
ଜ୍ଞାନୀ ପାଏ ଅପମାନ ॥
ସତ୍ୟ ଲୁଚିଯାଏ ମାୟା ବାଦଲରେ
ଖୋଜିବା ଲୋକଟି ସ୍ତବ୍ଧ॥

ISSN NO.
2582-208X

ପୁଣ୍ୟ କଲେ କେତେ ମୁକତି ମିଳିବ
ଜାଣିବ ହୋଇଲେ ବୃଦ୍ଧ ॥
ବିଦ୍ୟା ହୋଇଯାଏ ପୁରା ନିସ୍ତବ୍ଧ
କିଣା ବିକା ଏଠି ପାଠ ॥
ବୁଦ୍ଧି ଅଛି ଏଠି ବ୍ୟବସାୟ ପାଇଁ
ମଣିଷ ପଥର କାଠ ॥

ନହାଲପ୍ରସାଦ, ଢେଙ୍କାନାଳ
ମୋ 8260098523

ISSN NO.
2582-208X

# ବର୍ଷାରାଣୀ ଆସୁଛି

ଅଜିତ କୁମାର ପାଢ଼ୀ

ବୈଶାଖ ରେ ଭାରି ଟାଣ
ଘର୍ମ ଝାଳେ ହଇରାଣ
ଜ୍ୟେଷ୍ଠ ରେ ଅଣ ନିଶ୍ୱାସ
ଆଷାଢ଼େ ପ୍ରବଳ ବିଶ୍ୱାସ
ଆଶା ଭରସାର ମେଘ ଭାସୁଛି
ବର୍ଷାରାଣୀ ଆସୁଛି!

ନିରର୍ଥକ ନୁହେଁ ଆଶା
ଅଣ ନିଶ୍ୱାସ ରେ ଭରସା
କଳା ମେଘ ଭାସୁଛି
ହଁ ବର୍ଷାରାଣୀ ଆସୁଛି!

ନ ଥିଲା ପ୍ରେମର ସ୍ପନ୍ଦନ
ନ ଥିଲା ଉନ୍ମାଦ ରେ ମନ
ନ ଥିଲା ମନରେ ଆରାମ
ଘର୍ମ ଝାଳରେ ବିଶ୍ରାମ
ହଁ କଳା ମେଘ ଉଠିଛି
ବର୍ଷା ରାଣୀ ଆସୁଛି !
ଶିଥିଳତା ପାଇବାରେ

ISSN NO.
2582-208X

ଅଭିଳାଷା ଭରସା ରେ
ହଁ କଳା ମେଘ ଉଠିଛି
ବର୍ଷା ରାଣୀ ଆସୁଛି!

ତୁମ ଆସିବାରେ ମଳୟ ପବନ
କାନ୍ଥ ଝରକାରେ ସଭିଏଁ ମନ
ଶୀତଳ ଆସୁଅଛି ପବନ
କରିବାକୁ ଇଛାହୁଏ ମନ
ଆଶା ଅଭିଳାଷା ର ବନ୍ଧନ
ହଁ! କଳା ମେଘ ଉଠୁଛି
ବର୍ଷା ରାଣୀ ଆସୁଛି !
ହଁ ହେବଟି ଶୀତଳ ହାଲୁକା ମନ
ବର୍ଷା ରାଣୀ ଆସୁଛି· !

ନୂଆପଡ଼ା

ISSN NO.
2582-208X

# ଉତ୍କଳୀୟ ସଂସ୍କୃତିରେ ବସୁମତୀ ସ୍ନାନ



ତେଜସ୍ୱିନୀ ସାମଲ

ସଂସ୍କୃତି ଓ ପରମ୍ପରା ମାନବ ସମାଜ ମଧ୍ୟରେ ଯୁଗ ଯୁଗ ଧରି ଏକ ମଧୁର ସମନ୍ୱୟ ରକ୍ଷା କରି ଆସିଛି। ଓଡ଼ିଶାର ବାର ମାସରେ ତେର ପର୍ବ। ସେଥି ମଧ୍ୟରୁ ଓଡ଼ିଶାର ଗଣପର୍ବ ରଜ ଅନନ୍ୟ। ମାଟି ଓ ମୌସୁମୀର ଏକ ଅପୂର୍ବ ମିଳନ ର ପର୍ବ ହେଉଛି ରଜପର୍ବ। ପ୍ରତ୍ୟେକ ଓଡିଆଙ୍କ ପାଇଁ ଏହାର ବିଶେଷ ଗୁରୁତ୍ୱ ରହିଛି । ଏହା କୃଷି ଭିତ୍ତିକ ପର୍ବ, ମା' ବସୁଧା ପ୍ରତି ଏକ ସମ୍ମାନ ପ୍ରଦାନ କରୁଥିବା ସୁନ୍ଦର ଉତ୍ସବର ପର୍ବ ହେଉଛି 'ରଜପର୍ବ' । ଏହି ପର୍ବ ପ୍ରତିବର୍ଷ ଜ୍ୟେଷ୍ଠ ମାସର ଅନ୍ତେ ଓ ଆଷାଢ଼ ମାସର ଆଦ୍ୟରେ (ଜୁନ୍ ମାସରେ) ଚାରିଦିନବ୍ୟାପୀ ପାଳନ କରାଯାଏ। ରଜର ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନଟି ରଜସଂକ୍ରାନ୍ତି ତଥା ମିଥୁନ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଭୂମି ଦହନ କୁହାଯାଇଥିବା ବେଳେ ଏହାର ଅନ୍ତିମ ଦିବସକୁ ବସୁମତୀ ସ୍ନାନ ତଥା ଧରାସ୍ନାନ, ମହାଲକ୍ଷ୍ମୀ ଗାଧୁଆ, ଶୁଦ୍ଧ ସ୍ନାନ ବୋଲି ମଧ୍ୟ କୁହାଯାଏ। ଓଡ଼ିଆ ପରମ୍ପରାରେ ଏହି ଦିନ ମା' ଧରିତ୍ରୀ ତଥା ବସୁଧାମାତାଙ୍କ ପୂଜା କରିବାର ବିଧି ରହିଛି। ଆମ ପୃଥିବୀ ମା କେବଳ ମାତ୍ର ମୃଣ୍ମୟୀ ପିଣ୍ଡ ନୁହେଁ, ତାର ପ୍ରାଣ ସତ୍ତା ଅଛି, ଆମକୁ ତା ବକ୍ଷରେ ଧାରଣ କରି ଲାଳନପାଳନ କରୁଛି । ଏହି ଦିନ ପ୍ରାତଃ କାଳରେ ସ୍ନାନ ପର୍ବ କରାଯାଇଥାଏ। ପିଢ଼ା ଉପରେ ଶିଳପୁଆ ଥୋଇ କଜଳପାତି, ଲଙ୍ଗଳ ଲୁହା, କପାତୁଳା ଆଦି ରଖି ଗୃହିଣୀମାନେ ପୂଜାର୍ଚ୍ଚନା କରିଥାନ୍ତି। ଏହି ଅବସରରେ ହଳଦୀପାଣିରେ ବସୁମାତାଙ୍କୁ ଗାଧୋଇ ଦିଆଯାଏ। ଚନ୍ଦନ, ସିନ୍ଦୁର ସହ ଫଳ ଭୋଗ କରାଯିବାର ବିଧି ମଧ୍ୟ ରହିଛି।

ISSN NO.
2582-208X

ସାଧାରଣତଃ ସ୍ତ୍ରୀ ଲୋକ ରଜଶ୍ୱଳା ହେଲେ ତିନି ଦିନ ବ୍ୟାପୀ ଯେପରି ମୈଥୁନ କର୍ମ ନିଷିଦ୍ଧ ହୋଇଥାଏ ଠିକ୍ ସେହିପରି ବେଦ ଅନୁଯାୟୀ ମା' ଲକ୍ଷ୍ମୀ ମିଥୁନ ସଂକ୍ରାନ୍ତି ସମୟରେ ରଜଶ୍ୱଳା ହୋଇଥାନ୍ତି । ରଜର ଚତୁର୍ଥ ଦିନରେ ବସୁମତୀ ସ୍ନାନ କଲାପରେ ଏହି ପର୍ବ ଶେଷ ହୋଇଥାଏ । ତେଣୁ ଧରିତ୍ରୀ ମା'ଙ୍କୁ ଏହି ସମୟରେ କୌଣସି କଷ୍ଟ ଦିଆଯାଏ ନାହିଁ। ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥାନ୍ତି। ବସୁମାତା ରଜସ୍ୱଳା ହୋଇ ଶୁଦ୍ଧ ସ୍ନାନ କରିବା ପରେ ଶସ୍ୟ ବୀଜ ଧାରଣକାରିଣୀ ହୋଇପାରନ୍ତି।

କେବଳ ତାହା ନୁହେଁ ଏହି ପର୍ବରେ ଝିଅମାନେ ମଧ୍ୟ ଭୂଇଁରେ ଖାଲି ପାଦରେ ଚାଲିବା ମନା ହୋଇଥାଏ । ରଜ ତିନି ଦିନ କୃଷି କର୍ମ ମଧ୍ୟ ନିଷିଦ୍ଧ ହୋଇଥାଏ । ରଜପର୍ବରେ ପ୍ରତ୍ୟେକ ଓଡ଼ିଆ ଝିଅ ବୋହୂମାନ ସଜବାଜ ଠାରୁ ନିଜକୁ ପ୍ରସ୍ତୁତ କରିଥାନ୍ତି । ଏହି ପର୍ବରେ ନୂଆ ପୋଷାକ ସହ ବିଭିନ୍ନ ଅଳଙ୍କାର ସାମଗ୍ରୀ କିଣି ରଖିଥାନ୍ତି । ଅଳତା, ସିଙ୍ଗାର, ଜୁଡାରେ ବିଭିନ୍ନ ଫୁଲ ଦେଇ ନୂଆ ପୋଷାକ ସହ ଆରମ୍ଭ ହୁଏ ଦୋଳି ଖେଳ, କବାଡି ଖେଳ, ମାସର ଖେଳ । ଏହା ସହ ଘରେ ଘରେ ସୁଗନ୍ଧିତ ପିଠାପଣାର ବାସ୍ନା ମହକି ଉଠେ । ପୋଡପିଠା, ଆରିସା, କାକରା, ମଣ୍ଡା ଠାରୁ ଆରମ୍ଭ କରି ଖିରିପୁରି ପର୍ଯ୍ୟନ୍ତ ନାନା ଦ୍ରବ୍ୟମାନ। ରଜର ମୁଖ୍ୟ ଆକର୍ଷଣ ପୋଡପିଠା ଓ ରଜପାନ । ଯାହା ଆମ ଓଡିଆ ସଂସ୍କୃତିକୁ ଉଜ୍ଜୀବିତ କରିଥାଏ । ଆମ ଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁ ପ୍ରଭୁ ସ୍ୱୟଂ ପ୍ରତ୍ୟହ ଭୋଜନ ଶେଷ ବେଳକୁ ମା ଲକ୍ଷ୍ମୀ ଙ୍କ ହସ୍ତରେ ତିଆରି ହୋଇଥିବା ସୁସ୍ୱାଦୁ ପୋଡପିଠା ଖାଇବା ସହିତ ଭୋଜନ ଶେଷରେ ବିଡିଆ ପାନ ଖଣ୍ଡେ ଖାଇ ତୃପ୍ତି ହୋଇଥାନ୍ତି।

ଗାଁ ଠୁ ସହର ଚାରିଆଡେ ରଜ ଚାରିଦିନ ବିଭିନ୍ନ ପିଠାପଣା ସହ ଖେଳକୁଦ, ଦୋଳି ଉତ୍ସବ, ସଜବାଜ ପ୍ରଭୃତି ପ୍ରତିଯୋଗିତା କରାଯାଇଥାଏ । ରଜର ତୃତୀୟ ଦିନଟି ଭୂଇଁ ପୂଜନ ହୋଇଥିବାରୁ ଖାଲି ପାଦରେ ଚାଲନ୍ତି ନାହିଁ । ଧରିତ୍ରୀ ମା'ଙ୍କୁ କଷ୍ଟରୁ ରକ୍ଷା ପାଇଁ କଦଳୀ ପଟୁଆରେ ଚପଲ ତିଆରି କରି ପିନ୍ଧିବାର ପରମ୍ପରା କେଉଁ ଆଦି ଅନାଦି କାଳରୁ

ISSN NO.
2582-208X

ରହି ଆସିଛି। ପୃଥିବୀ ରଜଶ୍ୱଳା ପାଳନ ବିଧିରେ ଝିଅବୋହୂଙ୍କୁ ଶିକ୍ଷା ମିଳେ ଯେ ପୃଥିବୀ ଯେପରି ଶସ୍ୟଶ୍ୟାମଳାପୂର୍ଣ୍ଣ ହୋଇପାରୁଛି, ସେହିପରି ପ୍ରତ୍ୟେକ ମହିଳାଟିଏ ରଜଶ୍ୱଳା ସମୟରେ ବିଶ୍ରାମ ଓ ମନଖୁସିରେ ରହିଲେ ଉତ୍ତମ ସନ୍ତାନଟିଏ ଜନ୍ମ ଦେଇପାରିବ । ସେଥିପାଇଁ ରଜ ସମୟରେ ନାରୀମାନେ ମାନଙ୍କୁ ସମସ୍ତ କାର୍ଯ୍ୟରୁ ବିଶ୍ରାମ ଦିଆଯାଏ ଓ ତାଙ୍କ ମନକୁ ପ୍ରଫୁଲ୍ଲିତ ରଖାଯାଏ। ଝିଅ ମାନେ ଦୋଳି ଖେଳି "ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ" ଏହି ଗୀତ ଗାନ କରି ଦୋଳି ଖେଳନ୍ତି ।

ଶେଷରେ ବସୁଧା ମାତାଙ୍କୁ ପ୍ରଣାମ କରି ଉତ୍ତମ ଚାଷ ଓ ଉପଯୁକ୍ତ ବର୍ଷା ପାଇଁ ପ୍ରାର୍ଥନା କରାଯାଇଥାଏ । ପରେ ପରେ ଆରମ୍ଭ ହୋଇଯାଏ କୃଷିକାର୍ଯ୍ୟ । ଉତ୍ତମ ଶସ୍ୟ ଶ୍ୟାମଳା ଫସଲ ଉତ୍ପାଦନ ପାଇଁ ମାଟିକୁ ସଂପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ପରିକଳ୍ପନା । ଏ ପର୍ବରେ ପରିବାରର ଲୋକେ କି ଆତ୍ମୀୟସ୍ୱଜନ ଯିଏ ଯେଉଁଠି ଥିଲେ ବି ଘରକୁ ଫେରି ଆସି ଏକାଠି ହୋଇଥାନ୍ତି। ବନ୍ଧୁ ବାନ୍ଧବଙ୍କ ଗହଳି ଆଉ ହସ ଖେଳ ଥଟାମଜ୍ଞା ର ଆସର ଜମି ଯାଏ ।

କହିବାକୁ ଗଲେ ରଜ ପର୍ବର ଚିତ୍ତାକର୍ଷକ ମନୋଭାବକୁ ପ୍ରତ୍ୟେକ ଓଡ଼ିଆ ଅନୁଭବ କରେ। ଓଡିଆ ପରମ୍ପରା ଓ ସଂସ୍କୃତିରେ ଏହି ପର୍ବ ଏକ ନିଆରା ଯାହା ପ୍ରତ୍ୟେକ ଓଡ଼ିଆ ଙ୍କ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଏ।

ପ୍ରକୃତରେ ରଜପର୍ବ ଏକ ଓଡିଶାର ପାରମ୍ପରିକ ସଂସ୍କୃତିକୁ ଉଜ୍ଜ୍ୱଳ ଓ ଆଲୋକମୟ କରିଥାଏ।

ଅଧ୍ୟାପିକା
ତୁଳସୀ ମହିଳା ମହାବିଦ୍ୟାଳୟ,
କେନ୍ଦ୍ରାପଡା

ISSN NO.
2582-208X

# ଯୌବନର ଅଭିଳାଷ



ଦେବସ୍ମିତା ମହାନ୍ତ

ମୋର ସମଗ୍ର ଯୌବନ ଚରିତାର୍ଥ ହୁଏ
କେବେ ବସନ୍ତର ଦାଗରେ କେବେ ବର୍ଷାର ଭାବରେ
ଲୁଚାଇ ରଖିଥିବା ଚପଳଛନ୍ଦା ମନଟି ଆଖିଠାର ମାରେ
କେବେ ତୁମ ଭାବନାରେ କେବେ ତୁମ ସ୍ପର୍ଶରେ
କାଗଜ ଫୁଲ ପରି ଦେହରେ ମୋର ରଜନୀଗନ୍ଧାର ବାସ୍ନା ଭରିଲାଣି
ତୁମଠାରୁ ଚୋରି କରି ଆଣିଥିବା ଅତର ସାରା ଘରେ ମହକିଲାଣି
ଗଙ୍ଗଶିଉଳି ପରି ମୁଁ ନିଜକୁ ପ୍ରସ୍ତୁତ କଲିଣି
ତୁମ ଅଗଣାରେ ନିତି ସନ୍ଧ୍ୟାରେ ଝଡିବି ବୋଲି
ଭାବନାରେ ତୁମର ମନରେ ଏତେ ଅଙ୍ଗୀକାର
ସ୍ପର୍ଶ ମାତ୍ରକେ ସତରେ ଯିବି ଝାଉଁଳି
ମହମବତୀର ଶିଖା ଆଜି ତରଳାଇ ଦିଏ ମୋ ମହମ ଶରୀରକୁ
ଭାବ ତ ଟିକେ ତୁମ ପ୍ରେମର ଜ୍ୱାଳା କିପରି ସହିବି ?
ତଥାପି ମୁଁ ପ୍ରସ୍ତୁତ ତୁମ ସହ ଜଳିବାକୁ ଆଉ ତୁମକୁ ଜାଳିବାକୁ
ମୋ କାଗଜ ଫୁଲର ଦେହକୁ ତୁମକୁ ସମର୍ପିବାକୁ
ଆଉ ମୋ ଶରୀରର କୃତ୍ରିମ ରଙ୍ଗରେ ତୁମକୁ ରଙ୍ଗେଇବାକୁ
ତୁମେ ବି ଦକ୍ଷ ମଧୁହାରୀ ସାଜିଯାଅ

ISSN NO.
2582-208X

ଆଉ ମୋ କୃତ୍ରିମ ବାସ୍ନାରେ ବିହ୍ୱଳ ହୋଇ ସବୁ ମହୁ ଶୋଷିନିଅ
ପାରିବ ମୋ କାମନାକ୍କୁ ଚରିତାର୍ଥ କରି ?
ମୋତେ କାଗଜ ଫୁଲରୁ ରଜନୀଗନ୍ଧା ସଜେଇ
ଗୋଲାପିରୁ ମୋତେ ସମ୍ପୂର୍ଣ୍ଣ ଶ୍ୱେତ କରିଦେଇ
ଆଉ ବାକି ଭ୍ରମରମାନଙ୍କ ପାଇଁ ମୋତେ ଥରେ ସଜେଇ ଦିଅ
ଏ ବେଶ୍ୟା ଜୀବନର ଜନ୍ମ କୁ ସାର୍ଥକ କରିଦିଅ
ଡାଳରୁ ଥରେ ଅଲଗା ହୋଇ ମୁଁ ବି ଚାହେଁ
ସବୁଦିନ ପାଇଁ ଅଦରକାରୀ ଫୁଲଟେ ହୋଇ ତୁମକୁ ଚାହିଁବି ରହି
ହଁ ତୁମକୁକ୍ ଚାହିଁବି ରହି.....

ଭୁବନେଶ୍ୱର, ଖୋର୍ଦ୍ଧା
ଭ୍ରାମ୍ୟଭାଷ -୮୯୧୭୬୮୧୬୪୭

ISSN NO.
2582-208X

# ସ୍ୱପ୍ନ



ଦୀପକ ନାୟକ

ସ୍ୱପ୍ନ ଏକ ଇନ୍ଦ୍ରଧନୁ
ନୀଳ ଆକାଶରା
ସ୍ୱପ୍ନ ଏକ ପ୍ରଜାତି
ଫୁଲ ବଗିଚାରେ ।
ସ୍ୱପ୍ନ ଏକ ମଧୁବନ
ନଦୀ ଓ ଗାଁ ରା
ସ୍ୱପ୍ନ କେବେ ପୁଣି ସାଜେ
ଏକ ଘର ଦରଜୀ ବନ୍ଧୁ ର ହୃଦୟେ ।
ସ୍ୱପ୍ନ ଏକ କୁହୁ କୁନି
ପ୍ରେମ ରାଇଜର ସାଥି ।
ସ୍ୱପ୍ନ ବୁଣି ଦିଏ
ସୁନେଲି କିରଣ ଜୀବନେ ।
କେବେ ପୁଣି ସାଜେ
ମନ ମରୁଭୂମି ରଝାଞ୍ଜି ଖରା ଦିନ ।
ବଡ ବିଚିତ୍ର ଏ ସ୍ୱପ୍ନ ର କାହାଣୀ
ତାକୁ ବୁଝିହୁଏ ନାହିଁ କେବେ ।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ଅପେକ୍ଷା.....ରେ

ବୈଶାଖୀ ଦୀପ

ଅପେକ୍ଷା ରେ ତୁମର
ଚାହିଁ ରହିଛି ମୁଁ..... ।
ରାତ୍ରି ରେ ମହମ ଜାଳି
ଦେଖେ ମୁ ଯେ କେତେ ସପନ
ସେ ସବୁ ଅଧା ଗଢା ଆଉ ଅଧା ଭଙ୍ଗା
ତଥାପି ସାଇତି ରଖିଛି....
ମୁଁ....ତୁମ ପାଇଁ ।
ସ୍ମୃତି ସବୁକୁ ତାଜା ରଖିଛି
ବେଦନା ର ରକ୍ତରେ ।
ବିଚ୍ଛେଦର ଗାଥା କୁ
ରଙ୍ଗୀନ କରେ ପ୍ରତି ଦିନ ତୂଳୀରେ।
ପ୍ରତି ପଲକରେ ମନେ ପଡେ ତୁମ କଥା
ପ୍ରତି ମୁହୂର୍ତ୍ତ ରେ ଦେଇ ଯାଏ ଯନ୍ତ୍ରଣା ,
ତଥାପି ଝରେ ନି ଲୁହ ।
ଝରା ଲୁହ ରେ ଯଦି ତୁମ ସ୍ମୃତି ବୋହି ଯିବ
ତ କଣ ଆଉ ମୋ ପାଖେ ରହିଯିବ ।

@baisakhideep 123

ISSN NO.
2582-208X

# ସନ୍ତାନ ପାଇଁ ମାଆର କୋହ ଭରା ବେଦନା



ଦେବାର୍ଚ୍ଚନ ମେହେର

ଦୀର୍ଘ ୪୦ ବର୍ଷ ତଳର କଥା:- ଗୋଟିଏ ଗରୀବ ପରିବାରରେ ସନ୍ତୋଷ ମେହେର ନାମରେ ଏକ ପୁତ୍ର ସନ୍ତାନ ପିତା ଛିନୁ ମେହେର ଏବଂ ମାତା ସାବିତ୍ରୀ ମେହେରଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ। କେତେ ଦେବା ଦେବୀଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ସେମାନେ ଦୁହେଁ ଏକ ପୁତ୍ର ସନ୍ତାନ ଲାଭ କରିଥିଲେ। ଏହି ପୁତ୍ର ଜନ୍ମ ହେବା ପରେ ଏହି ପୁତ୍ରର ପିତା ମାତା ଅତ୍ୟନ୍ତ ଖୁସି ହେବା ସହ ଲାଳନ ପାଳନ ମଧ୍ୟ ଅତି ଆନନ୍ଦର ସହ କରିଥିଲେ। ଯେତେବେଳେ ସନ୍ତୋଷକୁ ୬ ବର୍ଷ ବୟସ ହେଲା ତାଙ୍କ ପିତା ମାତା ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ସନ୍ତୋଷରୁ "ଭବସାଗର ମେହେର" ନାମରେ ନାମ ଲେଖେଇଥିଲେ। ଏହି ଭଳି ସେଇ ପିଲାର ବୟସ ଦିନକୁ ଦିନ ବଢ଼ି ଚାଲିଲା। ଯେତେବେଳ ସେଇ ପିଲାକୁ ୧୫ ବର୍ଷ ବୟସ ହେଲା ସେଇ ସମୟରେ ସେ ଦଶମ ପରୀକ୍ଷା ଦେଇ ପରୀକ୍ଷାରେ ଫେଲ୍ ହେଇଥିଲେ। ସେଇ ସନ୍ତୋଷର ଅସଫଳତା ପାଇଁ ପିତା ମାତା ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ। ସେ ମଧ୍ୟ ଏହି ଅସଫଳତା ପାଇଁ ଦୁଃଖିତ ହୋଇ ଆଗକୁ ପାଠ ପଢ଼ିବା ପାଇଁ ଆଗ୍ରହୀ ହୋଇ ନଥିଲେ। କିଛି ଦିନ ଗଲା ପରେ ପିତା ମାତା ଚିନ୍ତା କରି କହିଲେ ଯେ, ସନ୍ତୋଷକୁ ଆମ ନିଜର କୌଳିକ ବୃତ୍ତିକୁ ଶିକ୍ଷା ଲାଭ କରି ବ୍ୟବସାୟ କରିବାକୁ ଆରମ୍ଭ କରେ ବୋଲି କହିଲେ। ଏହି ଭଳି ତାଙ୍କ ପିତା ମାତାଙ୍କ ମୁହଁରୁ କଥା ଶୁଣିବା ପରେ ସେ ନିଜର କୌଳିକ ବୃତ୍ତିର ବ୍ୟବସାୟ କରିବାକୁ ଆଗେଇ ଆସିଲେ। ସେ ନିଜର କୌଳିକ

ISSN NO.
2582-208X

ବୃତ୍ତି କରି ନିଜକୁ ପୋଷଣ ପାଳନ କରୁଥିଲେ। ଏହିପରି ଭାବରେ ଦିନକୁ ଦିନ ବିତି ଚାଲିବା ସହ ସନ୍ତୋଷର ବୟସ ମଧ୍ୟ ବଢ଼ି ବଢ଼ି ଚାଲିଛି। ସନ୍ତୋଷକୁ ଠିକ୍ ୨୫ ବର୍ଷ ବୟସରେ ତାଙ୍କ ପିତା ମାତା ଗୋଟେ ଝିଅକୁ ଦେଖି ତା ସହ ବିବାହ କରେଇ ଦେଇଥିଲେ। ସେଇ ସନ୍ତୋଷର ବୈବାହିକ ଜୀବନ ଅତି ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟରେ ପରିପୂର୍ଣ୍ଣ ଥିଲା। ଏହିପରି ତାଙ୍କ ବୈବାହିକ ଜୀବନ ୨ ବର୍ଷ ବିତି ଯାଇଥିଲା, ତା ସହ ଏକ ପୁତ୍ର ସନ୍ତାନ ମଧ୍ୟ ଜନ୍ମ ଲାଭ କରିଥିଲେ। ପୁତ୍ର ସନ୍ତାନ ହେବା ପରେ ସେମାନେ ଦୁହେଁ ବହୁତ ଖୁସି ହୋଇଥିଲେ। ଏହି ପୁତ୍ର ସନ୍ତାନ ହେବାର ୬ ମାସ ପରେ... ହଠାତ୍ ଏମିତି ଏକ ଘଟଣା ଘଟିଲା, ଯାହାକି ଲେଖିବାକୁ ଗଲେ ଦେହ ଶୀତେଇ ଯାଉଛି, ହୃଦୟ ଫାଟି ଯାଉଛି!!! ଭଗବାନ ଈଶ୍ୱରଙ୍କ ଏହା କି ବିଚାର ଥିଲା!!! ଠିକ୍ ସେହି ସମୟରେ ସନ୍ତୋଷର ବୟସ ମାତ୍ର ୨୭ ବର୍ଷ ୬ ମାସ ଚାଲୁଥାଏ, ତାଙ୍କ ଦେହ ମଧ୍ୟ ଟିକେ ବି ଖରାପ ହୋଇ ନ ଥିଲା। ନିଜ ପୁଅକୁ ଧରି ଘର ଅଗଣାର ଖଟ ଉପରେ ବସି ପୁଅକୁ ଗେଲ ଲାଡ଼ କରି ଖେଳେଉ ଥିଲେ। ଏହି ସମୟରେ ହଠାତ୍ ସନ୍ତୋଷଙ୍କ ମୁହଁରୁ ଶବ୍ଦ ଶୁଭୁଥିଲା "ମୋ ସୁନା ପୁଅ ରେ, ମୋ ସୁନା ପୁଅ ରେ," କହି ତା ପୁଅର ହାତକୁ ଧରି ଖଟ ଉପରେ ସବୁ ଦିନ ପାଇଁ ଚିର ନିଦ୍ରାରେ ଶୋଇ ପଡ଼ିଲା। ଏହି ଶବ୍ଦ ଶୁଣି ତା ସ୍ତ୍ରୀ ଓ ବାପା ଧାଇଁ ଆସିଲେ କିନ୍ତୁ ଆସିଲା ବେଳକୁ ଆଉ କିଛି ନଥିଲା, ସବୁ ଦିନ ପାଇଁ ସଭିଙ୍କୁ ଛାଡ଼ି ସନ୍ତୋଷ ଆରପାରିକୁ ଚାଲି ଯାଇଥିଲେ।

ଭଗବାନ ଈଶ୍ୱରଙ୍କ ଏତେ ନିଷ୍ଠୁର ବିଚାର ଥିଲା!!! ସନ୍ତୋଷର ସ୍ତ୍ରୀ, ବାପା-ମାଆ, ଭାଇ-ଭଉଣୀଙ୍କ ହୃଦୟ ଫଟା କ୍ରନ୍ଦନ ଦେଖି ଛାତି ଫାଟି ଯାଉଥିଲା। ହେଲେ କଣ ବା କରି ପାରିବ ଏ ମଣିଷ, ଭଗବାନଙ୍କ ତ ଏ ନିୟତି। ଏ ପୃଥିବୀରେ ଜନ୍ମ ହୋଇଛନ୍ତି ମାତ୍ରକେ ସଭିଙ୍କ ଜୀବନରେ ମୃତ୍ୟୁ ଆସିବ ହିଁ ଆସିବ। ସେ ଯେକୌଣସି ପ୍ରାଣୀ ହେଉ ନା କାହିଁକି, ଯୁବା ବସ୍ଥାରେ ହେଉ କି ବୃଦ୍ଧା ବସ୍ଥାରେ ହେଉ ମୃତ୍ୟୁ ଗ୍ରାସ କରିବ ହିଁ କରିବ। ମୃତ୍ୟୁ କେଉଁ ସମୟରେ, କେଉଁ ପରିସ୍ଥିତିରେ, କେଉଁ ସ୍ଥାନରେ ଆସିବ କିଏ ବା ଜାଣିଛି!!!

ISSN NO.
2582-208X

ସେ ବାଳୁତ ଛୁଆଟା ବାପ ଛେଉଣ୍ଡ ଆହା!!

ଜନ୍ମ ଧାତ୍ରୀ ମାଆ ସାବିତ୍ରୀ ଏ ସବୁ ଦେଖି ବିକଳ ଚିତ୍କାର କରି କାନ୍ଦୁଥାଏ ମୁଣ୍ଡକୁ ମାଟିରେ ପିଟି ପିଟି, ହାତରେ ଛାତିକୁ ପିଟି ପିଟି, ପୁଅର ସମସ୍ତ କଥା ବାହୁଣି ବାହୁଣି କାନ୍ଦି କାନ୍ଦି ମାଆ କହୁଥାଏ ମୁଁ ମରି ଯାଇଥିଲେ ମୋତେ ମାଆ ବୋଲି ମାଟି ମୁଠେ ଦେଇଥାନ୍ତୁ, ନିଜ କାନ୍ଧରେ ବୋହି ମଶାଣି ଭୂଇଁ ପର୍ଯ୍ୟନ୍ତ ନେଇଥାନ୍ତୁ, ନିଜ ହାତରେ ମୁଖାଗ୍ନି ଟିକେ ଦେଇଥାନ୍ତୁ ବନ୍ଧୁ-ବାନ୍ଧବ, ସାହି-ପଡ଼ିଶା ସମସ୍ତ ଲୋକଙ୍କୁ ଡ଼ାକି ଏକାଦଶଃ କ୍ରିୟା କର୍ମ କରି ଅନ୍ନ ମୁଠେ ଖାଇବାକୁ ଦେଇଥାଆନ୍ତୁ। ଏ ସବୁ କରି ଥିଲେ ମୋ ଆତ୍ମା କୁ ଶାନ୍ତି ମିଳିଥାନ୍ତା। ଏ ସବୁ କହି ଅନେକ ଦେବାଦେବୀଙ୍କ ନାମ ମୁହଁରେ ଧରି କହୁଥାଏ, ମୋ ପୁଅ କୁ ବଞ୍ଚେଇ ଦିଅ ପ୍ରଭୁ, ମୋ ପୁଅ କୁ ବଞ୍ଚେଇ ଦିଅ ପ୍ରଭୁ ବଦଳରେ ମୋ ଜୀବନ ପଛେ ନେଇ ଯାଅ।

ହେ ପ୍ରଭୁ ଜଗତ ପିତା ଇଶ୍ୱର ମୁଁ କେଉଁ ଜନ୍ମେ କେଉଁ କର୍ମ କରିଥିଲି ଆଜି ଏ ସବୁ ମୋତେ ଭଗିବାକୁ ପଡୁଛି। ମୁଁ କାହାର ଅନ୍ୟାୟ, କ୍ଷତି, ପାପ, ଅମଙ୍ଗଳ ଚିନ୍ତା କରିଥିଲି ଯେ, ଆଜି ମୋତେ ଏତେ ଦଣ୍ଡ ଦେଲ। ହେ ପ୍ରଭୁ ଇଶ୍ୱର ନ୍ୟାୟ କର୍ତ୍ତା ଏଡ଼େ ବଡ଼ ସଂସାରରେ ଜନ୍ମ ଦେଲ ମୋତେ ଏ ଦୁଃଖ, କଷ୍ଟ, ଯନ୍ତ୍ରଣା ଭଗିବାକୁ??? ହେ ପିତା ମହେଶ୍ୱର ଏହା କି ବିଚାର ପ୍ରଭୁ ତୁମର??? ହେ ପିତା ପରମେଶ୍ୱର ତୁମରି ସୁଆଶୀର୍ବାଦ ପାଇବା ପରେ ଏ ପୁତ୍ର ସନ୍ତାନ ସନ୍ତୋଷକୁ ଜନ୍ମ ଲାଭ କରିଥିଲି। ଅଥଚ ପୁତ୍ର ସନ୍ତାନ ଦାନ କରି ପୁଣି ତୁମ ପାଖକୁ ମାଆ ଠାରୁ ପୁତ୍ରକୁ ଛଡ଼େଇ ନେଇ ଗଲ। ଏବେ ମୋ ପୁଅ ସନ୍ତୋଷ ବିନା ଏଡ଼େ ବଡ଼ ସଂସାରରେ ମୁଁ କେମିତି ବଞ୍ଚିବି। ଝୁରି ଝୁରି ମୋ ସନ୍ତାନକୁ ମରି ଯିବି।

ଦଶ ମାସ ଦଶ ଦିନ ଗର୍ଭରେ ଧରି କେତେ ଦୁଃଖ, କଷ୍ଟ, ଯନ୍ତ୍ରଣା ସହି ମୋ ଅନ୍ତ ଫାଡ଼ି ମୋ ପୁଅ ସନ୍ତୋଷକୁ ଜନ୍ମ ଦେଇ ଲାଳନ ପାଳନ କରି ଛୋଟ ରୁ ବଡ଼ କଲି ମୋର ବୃଦ୍ଧା ସମୟରେ ମୋର ଟିକେ ଯତ୍ନ ନେବ, ମୋତେ ଖାଇବାକୁ ମୁଠେ ଅନ୍ନ ଦେବ, ମୋର ଶେଷ ନିଃଶ୍ୱାସ ଗଲା ବେଳେ ମୋ ମୁହଁରେ ଟିକେ ତୁଳସୀ ପାଣି ଦେବ। ଏ ଆଶା ମୋର ସବୁଦିନ

ISSN NO.
2582-208X

ପାଇଁ ନିରାଶା ହୋଇଗଲା। ଏସବୁ ଖୁସି ପାଇବାରୁ ମୁଁ ବଞ୍ଚିତ ହେଲି। ହେ ପ୍ରଭୁ କୈଳାସ ପତି ଦୁଃଖିକୁ ଅଧିକରୁ ଅଧିକ ଦୁଃଖ ଦେଇ କେମିତି ତୁମେ ଖୁସିରେ ଅଛ ??? ହେ ପ୍ରଭୁ ଜଗତ ପିତା ଇଶ୍ୱର ଏହା ତୁମର କେମିତିକା ନ୍ୟାୟ??? ଏହା ତୁମର କେମିତିକା ନ୍ୟାୟ???

ମୋ ଗେହ୍ଲା ପୁଅରେ ମୋତେ ଛାଡ଼ି ତୁ ସବୁ ଦିନ ପାଇଁ ଯୁବକ ସମୟରୁ ଆରପାରିକୁ ଚାଲିଗଲୁ। ଟିକେ ବି ମୋ ବିଷୟରେ ଭାବି ପାରିଲୁ ନି ମୋ ବିନା ମୋ ମାଆ କେମିତି ବଞ୍ଚିବ ବୋଲି!!! ତୋ କଥାବାର୍ତ୍ତା, ଚାଲିଚଳନି, ଚେହେରା ସବୁବେଳେ ମୋ ସାମ୍ନାକୁ ଆସି ମନେ ପଡୁଥାଏ ଓ ମୋ ଆଖିରୁ ସବୁବେଳେ ଝରଣା ପରି ଲୁହଧାର ଝରୁ ଥାଏ। କିଏ ବା ଅଛି ମୋ ହୃଦୟ ବେଦନା ବୁଝି ପାରିବ। ମୋ ନିଜ ଦୁଃଖ କଥା କାହା ଆଗରେ ଯାଇ କହିବି, ଯେଉଁ ଭଗବାନଙ୍କ ନାମକୁ ମୁଁ ଶୋଇକି ଉଠିବା ମାତ୍ରକେ ଓ ସନ୍ଧ୍ୟା ସମୟରେ ଧରୁଥିଲି, ମୋ ପରିବାରର ମଙ୍ଗଳ କାମନା ପାଇଁ ଯାହାଙ୍କ ପାଖରେ ମୁଁ ସବୁବେଳେ କହୁଥିଲି ସେ ହେଉଛନ୍ତି ସୃଷ୍ଟି କର୍ତ୍ତା ପିତା ପରମେଶ୍ୱର। ସେ ନିଜେ ହିଁ ଯଦି ମୋ ଭାଗ୍ୟରେ ଏତେ ଦୁଃଖ ଲେଖିଛନ୍ତି, ତ ମୁଁ ଆଉ କାହାକୁ କହିବି!!! ମୋ ରାଜା ପୁଅରେ ତ ମୁହଁର ମାଆ ଡାକ କେଡ଼େ ମଧୁର ଲାଗୁଥାଏ। ତୋ ମୁଖ ଦେଖି ଦେଲେ ମୋ ପେଟ ପୁରି ଯାଇ ଛାତି ଫୁଲି ଉଠୁଥିଲା। ମୁଁ ଜନ୍ମ ଜନ୍ମ କରି ସାତ ଜନ୍ମ ନେଲେ ମଧ୍ୟ ତ ପରି ପୁଅ ଏ ସଂସାରରେ ଆଉ ପାଇବି ନାହିଁ।

ଏ ପୃଥିବୀରେ ମାଆ ହିଁ ଜଣେ ଶ୍ରେଷ୍ଠ ମଣିଷ ଯିଏ କି ନିଜ ସନ୍ତାନ ପାଇଁ ବିନା ସ୍ୱାର୍ଥରେ ନିଜ ଜୀବନକୁ ହାରି ଦେଇ ପାରେ ଓ ସ୍ନେହ, ଆଦର, ପ୍ରେମ କରିପାରେ।

ବାପୁଜୀନଗର
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ଜୀବନ



ଧନୁର୍ଯ୍ୟ ମାଝୀ

ଜୀବନ କି ଜାଣେ ଜୀବନ କାହାଣୀ
ବଞ୍ଚିବାର ଯାତନା ନେଇଁ
ମନ ଖୋଜିଥାଏ ମନର କାହାଣୀ
ଜୀଇଁବାର ସପନ ନେଇଁ ।
ସାତ ଜନମର ତୁମରୀ କାହାଣୀ
ପୂଜି ଦେବି ମୋର ଛାତି
ହୃଦୟରେ ଲେଖା ମନର କାଗଜ
ଫଗୁଣର ନୂଆଁ ସାଥି ।
ସୁଖର ସାଗର ମହିମା ତୁମର
ଆଲୋକର କିମ୍ପା ଛାଇଁ
ହୃଦୟର ଫମ୍ପା ନିବିଡ ବନ୍ଧନ
ଦୁଃଖର ସନ୍ଧାନ ପାଇଁ ।
ମନ ନାଚେ ଖାଲି ଜୀବନ ସାଥିରେ
ଫୁଲ ଗଣ୍ଠି ସାଥି ପାଇଁ
ଅନ୍ଧାର କି ଜାଣେ ଅନ୍ଧାର ମହିମା
ଆଲୋକର କିମ୍ପା ଛାଇଁ ।

ଗ୍ରାମ - ବଣ୍ଡୋଗୁଡା, ଜୁନାଗଡ଼( କଳାହାଣ୍ଡି )
ମୋ - ୭୬୩୫୧୫୯୨୩୫

ISSN NO.
2582-208X

# ସତରେ କଣ ତୁମେ ଫେରିବ !



ଅଜୟ କୁମାର ରାଉତ

କଥା ଦେଇ ମୋତେ ଯାଇଅଛ ଚାଲି
ଦୁଃଖର ସୀମା ନାହିଁ
ଫେରିବାର ବାଟ ଲିଭି ତ ଗଲାଣି,
ଆସିବାକୁ କହୁନାହିଁ ।
କେବେ ଯଦି ତୁମେ ମନେ ପକାଅ ମୋତେ,
ହୁଏତ ମୁଁ ନଥିବି ତୁମ ପାଖରେ
ବିତି ଯାଇଥିବା ସମୟ କେବେ ଫେରେନି,
ଥିବ କେବଳ ଆମର ସ୍ମୃତି ।
ସତରେ କଣ ତୁମେ ଫେରିବ !
ଉଦାସି ମନ ମୋ ଅଭିମାନୀ ସାଜି,
ଉଜାଗର ଆଜି ତୁମ ପାଇଁ
ତୁମେ ଥିଲ ମୋର ପ୍ରାଣର କେନ୍ଦ୍ରବିନ୍ଦୁ
ମୁଁ ଥିଲି ତୁମ ହୃଦୟର ସ୍ପନ୍ଦନ ।
ତୁମେ ଥିଲ ମୋର ହୃଦୟର ରାଜା
ମୁଁ ଥିଲି ତୁମ ହୃଦୟ ରାଣି,
ତୁମେ ଥିଲ ମୋ ମନର ଜାଦୁଗର

ISSN NO.
2582-208X

ମୁଁ ଥିଲି ତୁମ ମନର ପ୍ରାଣବିନ୍ଦୁ ।
ଇତିହାସ ଆଜି କରୁଛି ବ୍ୟଥିତ
ମୋ ଭଲ ପାଇବାର ନଥିଲା ଛଳନା
ତୁମର କଳଙ୍କ ମୋ ଦେହେ ଲଗାଇ
ବିରହରେ ଜାଳିଦେଲ ।
ଯେତେ ଚେଷ୍ଟା କଲେ ଭୁଲି ମୁଁ ପାରେନା,
ତୁମର ଭଲ ପାଇବାର ସ୍ମୃତି ।
ସତରେ କଣ ତୁମେ ଫେରିବ !
ବିତି ଯାଇଥିବା କଳା ଅଧ୍ୟାୟକୁ ମନେ ନ ପକାଅ,
ଭକ୍ତିର ମାର୍ଗରେ ସର୍ମପିତ ହୋଇ
ନୂତନ ଦିଗରେ ଅଗ୍ରସର ହେବା
ତୁମର ନିରୀହ ଚାହାଁଣୀରେ
ମୋ ପ୍ରତି ଭଲ ପାଇବାର ସ୍ୱଷ୍ଟତା ବାରିହୁଏ ।
ସତରେ କଣ ତୁମେ ଫେରିବ !
ତୁମର ନିଷ୍ଠୁର ହୃଦୟ ଆଜି ନୀରବତା
ମୁଁ ଫେରିବାକୁ ଚାହିଁଲେ ମଧ୍ୟ ଫେରିପାରେନା ।
ମରଣ ପଥର ପାନ୍ଥଶାଳାରେ,
ଏକା କରିଗଲ କିଆଁ?
ସତରେ କଣ ତୁମେ ଫେରିବ !
ତୁମ ଭଲ ପାଇବାକୁ ଭୁଲି ନ ପାରି
ଆଜିଯାଏଁ ମୁଁ ଅବିବାହିତ
ସମୟରେ ସ୍ରୋତରେ ଭାସି ନ ଯାଇ
ଫେରିଆସ ତୁମେ ମୋ ପାଇଁ
ଭକ୍ତିର ମାର୍ଗରେ ସାରା ଜୀବନ ବିତାଇ ଦେବ

ISSN NO.
2582-208X

ସତରେ କଣ ତୁମେ ଫେରିବ !
ବିତି ଯାଇଥିବା ରାଗ , କ୍ରୋଧକୁ କ୍ଷମାକରି,
ଭକ୍ତିର ମାର୍ଗରେ ସମର୍ପଣ କରିବା ।
ଅତୀତର ଘଟଣାକୁ ଭୁଲିଯାଇ,
ଭକ୍ତି ଆଜି କରୁଛି ତୁମକୁ ନିଜର ।
ତୁମ ଫେରିବାର ରାସ୍ତା କ୍ଷୁର୍ଣ୍ଣ,
ମୋ ହୃଦୟର ଭଲପାଇବାର କେବେ ଲିଭିବନି ।
ସତରେ କଣ ତୁମେ ଫେରିବ !
ସତରେ କଣ ତୁମେ ଫେରିବ !

ଆଇନଜୀବି, ଓଡିଶା ଉଚ୍ଚନ୍ୟାୟାଳୟ
ମୋ: ୮୨୪୯୪୪୩୦୩୩

ISSN NO.
2582-208X

# ଅକ୍ଷୟ ତୃତୀୟା



ଲକ୍ଷ୍ମୀପ୍ରିୟା ବିଶ୍ବାଳ

ରଥ ନିର୍ମାଣର କାଠ ଅନୁକୂଳ ହୁଅଇ ଶିରୀ କ୍ଷେତ୍ରରେ ।
ରୋହିଣୀ ନନ୍ଦନ ହୋଇ ଖୁସି ମନ ଭୂମି କରଷଣ କରେ ।।
ଚନ୍ଦନ ଯାତରା ଆରଂଭ ହୁଅଇ ନରେନ୍ଦ୍ର ପୁଷ୍କରିଣୀରେ ।
ରେବତୀ ରମଣ ବିବାହ ଉତ୍ସବ ପାଳନ ହୁଏ ସଂସାରେ ।।
କୃଷକ ବାପୁଡ଼ା ଗମଇ କ୍ଷେତକୁ ଅଖି ମୁଠି ର ସାଥିରେ ।
ଭୂମିପୂଜା କରି ବୀଜ ବପବରେ ମନରେ ଆନନ୍ଦ ଭରେ ।।
ଭୂମି କର୍ଷଣ ର ହୁଅଇ ଆରମ୍ଭ ଏ ଦିବସ ପରେ ପରେ ।
ଏ ଦିବସ ଗୋଟି ଅଟଇ ପାବନ ଗଣ ପରବ ରୂପରେ ।।
କୃଷି ଭିତ୍ତିକ ପରବ ଏ ଚାଷୀର ଜଗତ ଅକ୍ଷୟ କରେ ।
ଏଣୁ ଏହା ନାମ ଅକ୍ଷୟ ତୃତୀୟା କୃଷକ ପାଳନ କରେ ।।
ଚାଷୀର ଆନନ୍ଦ କହିଲେ ନସରେ ଅକ୍ଷି ତୃତୀୟା ଦିନରେ ।
ଅମାର ତାହାର ରହେ ସଦା ଭରା କମଳିନୀ ଙ୍କ କୃପାରେ ।।

ମହୁ, ଆଲ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ନାରୀ ଉତ୍ପୀଡ଼ନ



ମମତା ନାୟକ

ପ୍ରାୟ ୧0000 ବର୍ଷ ପୂର୍ବରୁ ମଣିଷ ପାଷାଣ ଯୁଗରୁ ବାହାରି ତମ୍ବା ଯୁଗରେ ପ୍ରବେଶ କରିଥିଲା । ଧୀରେ ଧୀରେ ଦସ୍ତା ଓ ପିତଳ ଧାତୁର ଆବିଷ୍କାର ହେଲା । ତଥାପି ମଣିଷ ପ୍ରକୃତି ଲବ୍ଧ ବସ୍ତୁ ସାହାଯ୍ୟରେ ହିଁ ଜୀବନ ଅତିବାହିତ କରୁଥିଲା । କୌଣସି ନିର୍ମାଣ କାର୍ଯ୍ୟ କରୁ ନଥିଲା । ଜଙ୍ଗଲରେ ମିଳୁଥିବା ଫଳ ପରିବା ଓ ପଶୁ ଶିକାର ମାଂସ ହିଁ ଭକ୍ଷଣ କରୁଥିଲା । ସେତେବେଳେ ସେମାନେ ଛୋଟ ଛୋଟ ଦଳରେ ବାସ କରୁଥିଲେ । ସେ ସମୟରେ ପତି ପତ୍ନୀ ପ୍ରଥା ନଥିଲା । ବାନର ଜାତି ଭଳି ନର ଓ ମାଦା ବା ନାରୀ ଓ ପୁରୁଷ ହିସାବରେ ମଣିଷ ସମାଜ ଥିଲା । ସେଥିପାଇଁ ପିଲାଙ୍କ ପରିଚୟ ମାଆଙ୍କ ନାମରେ ହେଉଥିଲା । ରାମାୟଣ ଓ ମହାଭାରତ କାଳ ପର୍ଯ୍ୟନ୍ତ ଏହିପରି ଚାଲିଥିଲା । ପିଲାଙ୍କୁ ତାଙ୍କର ମା'ଙ୍କ ନାମରେ ସମ୍ବୋଧନ କରାଯାଉଥିଲା ଯଥା : ଗଙ୍ଗା ପୁତ୍ର, ଗାନ୍ଧାରୀ ପୁତ୍ର, ଦେବକୀ ନନ୍ଦନ, କୁନ୍ତୀ ପୁତ୍ର, ଅଞ୍ଜନୀ ପୁତ୍ର ଇତ୍ୟାଦି । ଦଳବାଦରୁ ଯେତେବେଳେ ସାମନ୍ତବାଦ ଆରମ୍ଭ ହେଲା ସେତେବେଳେ ବହୁ ପତ୍ନୀ ପ୍ରଥା ଆରମ୍ଭ ହୋଇଗଲା । ପୁରୁଷ ନିଜର ଶାରୀରିକ ବଳ ଯୋଗୁ ନାରୀକୁ ନିଜର ଦାସୀ ବନେଇ ରଖିବାରେ ସଫଳ ହେଲା । ଏହିଠାରୁ ନାରୀ ଉତ୍ପୀଡ଼ନ ଆରମ୍ଭ ହେଲା ।

ପୁରାଣଗୁଡିକରେ ବର୍ଣ୍ଣିତ ତଥ୍ୟ ଅନୁସାରେ ବିଭିନ୍ନ ଚିତ୍ର ଓ ମୂର୍ତ୍ତି ଦେଖିବାକୁ ମିଳିଲା ଯେ ଲକ୍ଷ୍ମୀ ଦେବୀ, ଭଗବାନ ବିଷ୍ଣୁଙ୍କ ପାଦସେବା କରୁଛନ୍ତି । ରାମାୟଣରେ ସୀତା କହୁଛନ୍ତି - "ସ୍ୱାମୀ ମୁଁ ଆପଣଙ୍କର ଚରଣର ଦାସୀ" । ସୀତା ନିଜ ପତିଙ୍କୁ ଆର୍ଯ୍ୟପୁତ୍ର ବୋଲି ସମ୍ବୋଧନ

ISSN NO.
2582-208X

କରି କହୁଛନ୍ତି - "ମୋତେ ଆପଣଙ୍କ ଚରଣରେ ସ୍ଥାନ ଦିଅନ୍ତୁ ।" ତୁଳସୀ ରାମାୟଣର ଅଯୋଧ୍ୟା- କାଣ୍ଡରେ ଅଯୋଧ୍ୟାର ବର୍ଣ୍ଣନା କରିବାକୁ ତୁଳସୀଦାସ ଲେଖିଛନ୍ତି, ଅଯୋଧ୍ୟାବାସୀଙ୍କ ପାଇଁ ଚନ୍ଦନ, କୁନ୍ଦନ, ଫଳ-ପୁଷ୍ପ ଏବଂ ନାରୀମାନେ ଅଛନ୍ତି । ଏହାର ଅର୍ଥ ସେ ନାରୀକୁ ବି ବସ୍ତୁ ଭଳି ଗୋଟିଏ ଭୋଗ-ବିଳାସର ପଦାର୍ଥ ରୂପେ ଦେଖିଛନ୍ତି । ତୁଳସୀଦାସ ଆହୁରି କହିଛନ୍ତି- ପତି ଯେମିତି ବି ହେଉ ସ୍ତ୍ରୀର କର୍ତ୍ତବ୍ୟ ହେଉଛି, ତାଙ୍କର ସେବା କରିବା । ଯଦି ସେ ଏଭଳି କରିବ ନାହିଁ ତେବେ ସେ ଅକାଳ ବୈଧବ୍ୟ ଭୋଗ କରିବ । ନାରୀକୁ ଭୟ ଦେଖାଇ ମାନସିକ ଗୋଲାମୀ କରିବା ସହଜ ହୋଇଛି । ଖାଲି ଏତିକି ନୁହେଁ, ସେ ଲେଖିଛନ୍ତି - "ଢୋଲ, ଗଂବାର, ଶୂଦ୍ର ଔର ନାରୀ, ୟେ ସବ ତାଡ଼ନ କେ ଅଧିକାରୀ" ।

ମନୁସଂହିତା ଧର୍ମଗ୍ରନ୍ଥ ଅନୁସାରେ ନାରୀମାନଙ୍କୁ ବିଧବା ବିବାହ କରିବା ଘୋର ପାପ, କନ୍ୟା ସହିତ ଯୌତୁକ ଦେବାପାଇଁ ପ୍ରୋତ୍ସାହିତ କରା ଯାଇଛି । ଯେଉଁ ସ୍ତ୍ରୀ ପୁତ୍ର ଜନ୍ମ କରେ ସେ ଉତ୍ତମ ସ୍ତ୍ରୀ । ସନ୍ତାନ ଉତ୍ପାଦନ କରି ପାରୁ ନଥିବା ସ୍ତ୍ରୀକୁ ସ୍ୱାମୀ ତ୍ୟାଗ କରି ଦେଇପାରେ । ସ୍ତ୍ରୀ ଏକାଧିକ ପତି ଗ୍ରହଣ କରିପାରିବ ନାହିଁ କିନ୍ତୁ ପତି ଚାହିଁଲେ ଏକାଧିକ ପତ୍ନୀ ଗ୍ରହଣ କରିପାରିବ । ସ୍ତ୍ରୀ ସ୍ୱାଧୀନତାର ଅଧିକାରିଣୀ ନୁହେଁ । ନାରୀ ଗୋଟିଏ ଖାଦ୍ୟ ପାତ୍ର ସହିତ ସମାନ ।

ବିଷ୍ଣୁସ୍ମୃତି ଗ୍ରନ୍ଥରେ ବିଧବା ସ୍ତ୍ରୀଙ୍କୁ ସ୍ୱାମୀଙ୍କ ସହିତ ସତୀ ହେବାପାଇଁ ନିର୍ଦ୍ଦେଶ ରହିଛି । ମୈତ୍ରାୟଣି ସଂହିତାରେ ଲେଖା ଅଛି - ନାରୀ ଜଣେ ଅଶୁଭ ମଣିଷ । ଯଜ୍ଞ ହେଉଥିବା ସ୍ଥାନରେ ନାରୀ, ଶ୍ୱାନ ଏବଂ ଶୂଦ୍ର ପ୍ରବେଶ କରିବା ମନା । ଅର୍ଥାତ ଯେକୌଣସି ନାରୀ କୁକୁର ଓ ଶୂଦ୍ରଙ୍କ ସହିତ ସମାନ । ବୃହଦାରଣ୍ୟକ ଉପନିଷଦରେ ଅଛି - ଯଦି ପତ୍ନୀ ସମ୍ଭୋଗ ପାଇଁ ରାଜି ହେବ ନାହିଁ ତେବେ ସ୍ୱାମୀ ତାକୁ ଉପହାର ଆଦି ଦେଇ ଖୁସି କରାଇବାକୁ ଚେଷ୍ଟା କରିବ । ତଥାପି ଯଦି ସ୍ତ୍ରୀ ନମାନିବ ତେବେ ତାକୁ ବାଡେଇ ପିଟି ଜବରଦସ୍ତି ସମ୍ଭୋଗ କରି ପାରିବ ।

ISSN NO.
2582-208X

ପୌରାଣିକ ଯୁଗ ପରେ ଐତିହାସିକ ଯୁଗରେ ମଧ୍ୟ ରାଜା, ମହାରାଜା, ବାଦଶାହ, ସାମନ୍ତ ଆଦି ଶକ୍ତିଶାଳୀ ବ୍ୟକ୍ତିମାନେ ଶତାଧିକ ସ୍ତ୍ରୀମାନଙ୍କୁ ନିଜର ରାଣୀ ବା ବେଗମ ବନେଇ ରଖୁଥିଲେ । ରାଜା ମହାରାଜାମାନେ ନିଜର କନ୍ୟା ସହିତ ଅନେକ ଦାସୀଙ୍କୁ ଯୌତୁକ ରୂପେ ଶ୍ୱଶୁର ଘରକୁ ପଠାଉ ଥିଲେ । ମନ୍ଦିରଗୁଡିକରେ ଦେବଦାସୀ ପ୍ରଥା ବହୁତ ଆଗରୁ ଚାଲିଥିଲା । ଗରିବ ଦଳିତ ଜାତିର ଛୋଟ ଛୋଟ ଝିଅମାନଙ୍କୁ ଦେବତାଙ୍କୁ ବିବାହ କରାଇ ତାଙ୍କୁ ନେଇ ବ୍ରାହ୍ମଣ ଓ ପୂଜାରୀମାନେ ଯୌନଶୋଷଣ କରୁଥିଲେ ଯଦିଓ ସରକାର କାନୁନ ତିଆରିକରି ଏହାକୁ ନିଷିଦ୍ଧ କରିଦେଇଛି ତଥାପି ଏବେ ମଧ୍ୟ କର୍ଣ୍ଣାଟକର ବେଲଗାମ ଅଞ୍ଚଳରେ ଦଳିତ ଜାତିର ବାର ତେର ବର୍ଷୀୟା ଝିଅମାନଙ୍କୁ ଉଲମାଦେବୀ 'ଜଗତ ମା'ସାଙ୍ଗରେ ବିବାହ କରିଦିଆଯାଉଛି । ଗୋଟିଏ କନ୍ୟାକୁ ଅନ୍ୟ ଏକ ସ୍ତ୍ରୀ ସହିତ କାହିଁକି ବିବାହ କରାଯାଉଛି ତା'ର କାରଣ ଜଣାନାହିଁ । ସେହି ଝିଅମାନଙ୍କୁ ପୁନେ ଓ ମୁମ୍ବାଇର ଦଲାଲମାନେ ଚାକିରି ଦେବା ଲୋଭ ଦେଖାଇ ନେଇଯା'ନ୍ତି । କିନ୍ତୁ ସେମାନେ ସତରେ ବେଶ୍ୟାଳୟରେ ବିକ୍ରି କରି ଦେଉଛନ୍ତି । ହିନ୍ଦୀ ସିନେମା 'ଗିଦ୍ଧ' ରେ ଏହି ଦେବଦାସୀଙ୍କ ଜୀବନର ମାର୍ମିକ କାହାଣୀ ନିଖୁଣ ଭାବେ ଚିତ୍ରଣ କରାଯାଇଛି ।

ଆଧୁନିକ ଯୁଗର ନାରୀ ଉତ୍ପୀଡ଼ନ କାହାଣୀ କିଛି କମ୍ ଦୁଃଖଦାୟକ ନୁହେଁ । ନେପାଳ, ବିହାର ଓ ବାଙ୍ଗଲା ଦେଶରୁ ଯୁବତୀମାନଙ୍କୁ ଆଣି ବିଭିନ୍ନ ରାଜ୍ୟରେ ବିକ୍ରି ହେଉଛି । ନେପାଳର ଲୋକମାନେ ଆର୍ଥିକ ଅନାଟନ ଯୋଗୁ ନିଜର କନ୍ୟାକୁ ଭାରତୀୟ ଦଲାଲମାନଙ୍କୁ ବହୁତ କମ୍ ଦାମରେ ବିକ୍ରି କରିଦେଉଛନ୍ତି । ସେମାନେ ଦିଲ୍ଲୀ, କଲିକତା, ମୁମ୍ବାଇ ଆଦି ବଡ ସହରର ବେଶ୍ୟାଳୟ ଗୁଡିକରେ ବହୁତ ମହଙ୍ଗା ଦାମରେ ବିକ୍ରି କରୁଛନ୍ତି । ଏହି ଗରିବ, ଅସହାୟ ଯୁବତୀଙ୍କୁ ଉଦ୍ଧାର କରିବା ପାଇଁ କୌଣସି ସରକାର ଦୃଢ଼ ପଦକ୍ଷେପ ନେଉନାହାନ୍ତି ।

ଆଜିକାଲି ମଡେଲିଙ୍ଗ ଓ ବିଜ୍ଞାପନ ଜଗତରେ ନାରୀଙ୍କ କମ ବସ୍ତ୍ରରେଶରୀର ପ୍ରଦର୍ଶନକୁ ହିଁ ବେଶୀ ଗୁରୁତ୍ୱ ଦିଆଯାଉଛି।ଆପଣ ଭାବନ୍ତୁ ସିମେଣ୍ଟ ବିକ୍ରିପାଇଁ ନାରୀର ଶରୀର ପ୍ରଦର୍ଶନ କ'ଣ ଆବଶ୍ୟକତା? ନାରୀକୁ କମ୍ ବସ୍ତ୍ର ପିନ୍ଧାଇ ପୋଖରୀରୁ ବାହାରୁଥିବା ଦୃଶ୍ୟ

ISSN NO.
2582-208X

ଦେଖାଉଛନ୍ତି କାହିଁକି ? ନାରୀ ସହିତ କୌଣସି ସମ୍ପର୍କ ରହୁ ନଥିବା ବସ୍ତୁର ବିଜ୍ଞାପନ ପାଇଁ ନାରୀ ଶରୀରର ପ୍ରଦର୍ଶନ କରୁଛନ୍ତି । ସତେ ଯେପରି ନାରୀ ମାଆ, ଭଉଣୀ, ପତ୍ନୀ ନହୋଇ ଗୋଟିଏ ପଣ୍ୟ ବସ୍ତୁ । ସୁନ୍ଦରୀ ପ୍ରତିଯୋଗିତାରେ ମଧ୍ୟ ନାରୀର ଜ୍ଞାନ, ପ୍ରତିଭା ଓ କୁଶଳତା ଅପେକ୍ଷା ଶାରୀରିକ ସୌନ୍ଦର୍ଯ୍ୟକୁ ବେଶୀ ଗୁରୁତ୍ୱ ଦିଆଯାଉଛି ।

ଅନ୍ୟ ପଟେ ଅନେକ ନାରୀ ଆଜି ଯେକୌଣସି କ୍ଷେତ୍ରରେ ଯୋଗ୍ୟତା ହାସଲ କରି ପୁରୁଷମାନଙ୍କ ଅପେକ୍ଷା ଅଧିକ ପାରଙ୍ଗମ ହୋଇ ପାରିଛନ୍ତି । ଦୁଃଖର କଥା ଯେ, ନିଜର ଯୋଗ୍ୟତା ଓ ପ୍ରତିଭାର ବିକାଶ କରିବାପାଇଁ ସମସ୍ତଙ୍କୁ ସୁଯୋଗ ଦିଆ ଯାଉନାହିଁ । ଆଜି ଆମ ସମ୍ବିଧାନ ନାରୀକୁ ପୁରୁଷ ସହିତ ସମାନ ଅଧିକାର ଦେଇଛି ତଥାପି ନାରୀ ନିଜର ବାପଘର ସହିତ ଭଲ ସମ୍ପର୍କ ରଖିବାପାଇଁ ନିଜଭାଗର ସମ୍ପତ୍ତି ଅଧିକାର ଦାବି କରୁନାହାନ୍ତି । ନାରୀମାନଙ୍କର ପୁରୁଣା ମାନସିକ ଦାସତ୍ୱ ବି ଏକ କାରଣ ହୋଇପାରେ । ପୁରୁଷ ସମାଜକୁ ଆଜି ନାରୀଙ୍କ ନ୍ୟାଜ୍ୟ ଅଧିକାର ଦେବାକୁ ହେବ । ଦେଶର ଅଧା ଜନସଂଖ୍ୟା ନାରୀ ଜାତିକୁ ସେମାନଙ୍କ ଅଧିକାରରୁ ବଞ୍ଚିତ ରଖିବା ସମାଜ ଓ ଦେଶ ପାଇଁ ଘୋର ଅନ୍ୟାୟ । ଗୋଟିଏ ସଶକ୍ତ ରାଷ୍ଟ୍ର ନିର୍ମାଣ କରିବାପାଇଁ ନାରୀମାନଙ୍କୁ ଉଚିତ୍ ଅଧିକାର ଦେବାକୁ ହେବ । ସଂସଦରେ ଆଜି ପର୍ଯ୍ୟନ୍ତ ମହିଳା ଆରକ୍ଷଣ ବିଲ ପାସ ହୋଇପାରିନାହିଁ । ପଞ୍ଚାୟତ ନିର୍ବାଚନରେ ଯଦିଓ ନାରୀଙ୍କୁ ଭୋଟ ଦେଇ ସରପଞ୍ଚ ବନେଇ ଦିଆଯାଉଛି କିନ୍ତୁ ଅଧିକାଂଶ ସ୍ଥାନରେ ତାଙ୍କ ପତି ହିଁ ସବୁ କାମ କରୁଛନ୍ତି । ଏଥିପାଇଁ ମହିଳା ସମାଜକୁ ଆର୍ଥିକ, ମାନସିକ ଏବଂ ରାଜନୈତିକ ସ୍ୱତନ୍ତ୍ରତା ମିଳିବା ଅତ୍ୟନ୍ତ ଜରୁରୀ ।

ମୋ : ୮୧୪୭୨୦୮୭୪୬

ISSN NO.
2582-208X

# ନିଦାଘର ଶେଷ



ସନ୍ତୋଷ କୁମାର ବେହେର୍

ନିଦାଘର ଶେଷ, ବରଷା ପ୍ରବେଶ
ଆକାଶରେ ମେଘ ମାଳ
ବେଙ୍ଗୁଲି ନାନୀର, ହୁଳହୁଳି ଶବ୍ଦେ
ଚାଷୀ ଆନନ୍ଦେ ବିହ୍ୱଳ ।।
ହଳ ଲଙ୍ଗଳ କୁ ସଜାଡି କୃଷକ
ବିଲ ଚାଷ କରି ଯାଏ ।।
ଦୂର ପର୍ବତରୁ ବିହଙ୍ଗର ଦଳ
ଉଡିବାର ଶୋଭା ପାଏ ।।
ମେଘ ଖେଳୁଥାଏ ଲୁଚକାଳି ଖେଳ
ବାଦ୍ୟ କରେ ଘଡଘଡି
ତା ସାଥେ ବିଜୁଳି ଚମକାଇ ଦିଏ
ବେଙ୍ଗୁଲି ନାନୀର ରଡି ।।
ଇନ୍ଦ୍ରଧନୁର ସପତ ରଙ୍ଗରେ
କି ଶୋଭା ପ୍ରକୃତି ରାଣୀ
ସବଜ ବସ୍ତ୍ରରେ, ହୋଇ ଆଚ୍ଛାଦିତ
ସୁନ୍ଦର ଦିଶେ ଧରଣୀ ।।

କପସିଲ୍, ତୁଷୁର୍, ବଲ୍ଙ୍ଗିର

ISSN NO.
2582-208X

# ରେ ଜହ୍ନ...



ସନ୍ତୋଷ କୁମାର ଅଦାବର

ପୁନେଇଁ ରାତିରେ ତୋ' ରୂପ ଲାଗଇ
ମୋ ପ୍ରିୟାର ମୁହଁ ଭଳି
ତୋ ରୂପକୁ ଦେଖି ପ୍ରଶଂସା କଲେ ମୁଁ
ପ୍ରିୟା ମୋ କରଇ କଳି ।।
ତୋ କଳଙ୍କ କଥା ପ୍ରିୟା ମୋର କହେ
ବାର ନାମ ଦାଗ ଦେଇ
କାଳେ ତୋତେ ମୁହିଁ ଭଲପାଇ, ତାକୁ
ଦେବି କି ସତେ ଦୂରେଇ !!
ଉଁଆସ ରାତିରେ ତିମିରେ ହଜି ତୁ
ନ ଦିଶୁ ସିନା ଲୋ ତୁହି
ନିଶ୍ଚେ ଆସିବୁ ତୁ ଜାଣିଛି ବୋଲି ମୁଁ
ରହେ ତୋ ବାଟକୁ ଚାହିଁ ।।
ଦିନରେ ଦିଶିଲେ ମଲାଜହ୍ନ ବୋଲି
ତୋ ନାମ ଦିଅନ୍ତି ସର୍ବେ
ଯିଏ ଯାହା କହୁ ଯାହା ନାମ ଦେଉ
ତୋତେ ମୁଁ କହେନି କେବେ ।।

ISSN NO.
2582-208X

ପ୍ରିୟାଟି ମୋହର  ହେଇଯିବ ସିନା
 ଜୀବନର ସହଚରୀ
ତା' ଅଜାଣତରେ  ତା' ସଉତୁଣୀ ତୁ
 ହେବୁ ଲୋ ଜହ୍ନ ସୁନ୍ଦରୀ ।।
ପାଖରେ ସିନା ମୁଁ  ପାଇବିନି ତୋତେ
 ମୋ' ମନେ ରହିଛୁ ତୁହି
ପ୍ରିୟା ରୁଷି ଗଲେ  ବୁଝେଇବି ତାକୁ
 ତୋ ମୁହଁର ହସ ନେଇ ।।

ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

ISSN NO.
2582-208X

# ତୋ ପ୍ରେମେ ଯାଇଛି ହଜି



ଶୁଭସ୍ମିତା ପ୍ରଧାନ

ଦିବା ନିଶି ବସି ତୋ ଛବି ଦେଖୁଛି
କରିଛୁ କି ମତେ ଗୁଣି,
ସପନରେ ଭାବେ ତୋହରି କଥା ମୁଁ
ରାଜା ତୁ କି ମୁଁ ତୋ ରାଣୀ।

ଶ୍ୟାମଳ ରଙ୍ଗ ତୋ ପାଗେଳୀ କରିଛି
ବଇଁଶୀ ଶୁଭେ ରାତିରେ,
ରାଧା ନ ହୋଇ ବି ତୋ ପ୍ରେମ ଛନ୍ଦରେ
ନାଚେ ମୁଁ ନିତି କୂଟରେ।

ମୟୂରଚୁଳିଆ ନଟଖଟିଆ ତୁ
କେଡ଼େ ଅଜବ ତୋ ପ୍ରେମ,
ମୀରା ବାଇ ଭଳି ଗାଉଛି ନିତି ମୁଁ
ସୁରେ ତୋ ମୋହନ ନାମ।

ନେତ୍ର ମୋ ଖୋଜୁଛି ଦେଖିବାକୁ ତୋର
ହସ ଭରା ସେଇ ଆସ୍ୟ,

ISSN NO.
2582-208X

ମହକୁ ଥିବ ମୋ ଆଗାର ଦୁଆରେ
ଚନ୍ଦନ କର୍ପୂର ବାସ।

ବିଭାବରୀ କୋଳେ ଶଶାଙ୍କ ଅମ୍ବରେ
ପୟୋଧି ସଲିଳ ଢାଳେ,
ଘୁଙ୍ଗୁର ପିନ୍ଧି ମୁଁ ନାଚୁଥିବି କାହ୍ନା
ପରପୁଷ୍ଟ କୁହୁ ତାଳେ।

ଆଙ୍କିଛି କେତେ ମୁଁ ରୂପ କାୟା ତୋର
ହାତେ ରଙ୍ଗତୂଳୀ ଧରି,
ଆଖି ତୋ ଖୋଲିଲେ ଲାଜେ ମରିଯିବି
ପାରୁନି ସମ୍ପୂର୍ଣ୍ଣ କରି।

ଅଧାଗଢ଼ା ହୋଇ ରହିଛୁ ତୁହିଁ ରେ
ଜଗତେ ସାଆନ୍ତ ସାଜି,
ତୋ ଭାବ ଭକ୍ତିରେ ବାନ୍ଧି ଦେଲୁ ମତେ
ତୋ ପ୍ରେମେ ଯାଇଛି ହଜି।

ଜିଲ୍ଲା – ଢେଙ୍କାନାଳ

ISSN NO.
2582-208X

# ନୂତନ ଆଇନ



ଦିଗମ୍ବର ମିଶ୍ର

ନୂତନ କରି ଆସିଥିବା ଆଇନ ଲୋକ ଙ୍କୁ ନୂତନ ଆଶା ଓ ଆକାଂକ୍ଷା ରେ ତ୍ୱରିତ ଓ ସମୟାନୁବର୍ତିତ ରେ ନ୍ୟାୟ ମିଳି ପାରିବ ଏବଂ କମ୍ ସମୟ ମଧ୍ୟରେ ନ୍ୟାୟ ପାଇବା ରେ ସକ୍ଷମ ହେବେ ଭାରତୀୟ ନାଗରିକ । ଯେହେତୁ ଇଂରେଜ ସମୟରୁ କାର୍ଯ୍ୟ କାରି ହୋଇଆସୁଥିବା ଆଇ.ପି.ସି. 1860 ପାଖରୁ କେବଳ clouse ଓ additional ହେଉଥିବା ବେଳେ ଜୁନ୍ 30 2024 ରେ ଶେଷ ହେଉଛି । ନୂତନ ଆଇନ ସମ୍ପୂର୍ଣ୍ଣ ଭିନ୍ନ ଭାରତୀୟ ନ୍ୟାୟ ସଂହିତା ସାରା ଭାରତ ବର୍ଷ ରେ କାର୍ଯ୍ୟ କାରି ହୋଇଅଛି । ଏହି ନୂତନ ଆଇନ ରେ ଅନେକ ଧାରା ଓ କୋଠର ଦଣ୍ଡ ଓ ଦୁଷ୍କର୍ମ କାରୀ ଙ୍କ ପାଇଁ କୋଠର ଦଣ୍ଡ ବିଧାନ ର ବ୍ୟବସ୍ଥା ହୋଇଅଛି । ଏହି ନୂତନ ଆଇନ ରେ ସବୁ ବର୍ଗ ର ଲୋକ ମାନଙ୍କ ପ୍ରତି ଧ୍ୟାନ ଦିଆଯାଇଛି । ଧାରା ରେ କିଛି କମିଛି ପୂର୍ବରୁ 511 ଥିବା ବେଳେ ଏବେ ନ୍ୟାୟ ସଂହିତା ରେ 358 ରେ ଅବସ୍ଥିତ ହୋଇଅଛି । ସେହିପରି ଭାରତୀୟ ନାଗରିକ ସୁରକ୍ଷା ସଂହିତା ରେ ଧାରା ବଢ଼ି 531 ରେ ରହିଥିବା ବେଳେ ପୂର୍ବ ରୁ crpc ରେ 484 ସୀମିତ ଥିଲା ।

ଆଡଭୋକେଟ
ବାଲେଶ୍ୱର

ISSN NO.
2582-208X

# ଖର୍ ମାସ

ପାର୍ବତୀ ଦେବୀ

ଗ୍ରୀଷ୍ମଋତୁ ଟି ଦିଅଇ କଷଣ ।
ତୃଷାରେ ଆର୍ତ୍ତ କରେ ଜନମନ ।
ବୈଶାଖ ଜ୍ୟେଷ୍ଠ ଖରା ମାସ ବେନି ।
ଭୂମି କର୍ଷଣେ ଚାଷୀ ମନ ମାନି ।।
ବରଷା ର ପୂର୍ବ ପ୍ରସ୍ତୁତି ଘେନି ।
ସ୍ୱ ଦେହକୁ ସାଜେ ଧରଣୀ ରାଣୀ ।।
ଜଳ ହିଁ ଜୀବନ ପ୍ରାଣୀ ଜାଣନ୍ତି ।
ଜଳ କଷ୍ଟ ଜଗାଏ ପ୍ରାଣେ ଭୀତି ।।
ଉତପ୍ତ ସମୀର ବହଇ ଘନ ।
ସକଳ ଜୀବେ ଲଭନ୍ତି କଷଣ ।।
ସୂର୍ଯ୍ୟ ସକଳ ଶକ୍ତିର ଆଧାର ।
ଆକର୍ଷଣେ ସୃଷ୍ଟି କରଇ ନୀର ।।

ସଂଗ୍ରାହିକା: ପାର୍ବତୀ ଦେବୀ
ନରେନ୍ଦ୍ରପୁର, ଅଳଭ୍, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା

ISSN NO.
2582-208X

# ଆସ୍ଥା ଏବଂ ଧର୍ମାନ୍ଧତା



ବାଲ୍ମୀକି ନାୟକ

'ସତ୍ୟ' ଦୁନିଆର ଏଭଳି ଏକ ବାକ୍ୟ ଯାହାକୁ କୌଣସି ପ୍ରକାରେ ନଷ୍ଟ କରାଯାଇ ପାରିବନାହିଁ । ସତ୍ୟକୁ ପ୍ରଚାର କରିବା ପାଇଁ କୌଣସି ଆଡମ୍ବରର ଆବଶ୍ୟକତା ନାହିଁ । ସତ୍ୟ କେବେ ସଙ୍କଟରେ ବି ପଡେ ନାହିଁ । ସତ୍ୟକୁ ପ୍ରମାଣ କରିବାପାଇଁ କାହାକୁ ହତ୍ୟା କରିବା ଆବଶ୍ୟକ ନାହିଁ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଏକ କାଳ୍ପନିକ ସତ୍ୟକୁ ଅନ୍ୟମାନଙ୍କ ଉପରେ ଜୋର ଜବରଦସ୍ତି ଥାପିବା ପାଇଁ ହିଂସାର ରାସ୍ତାରେ ସମସ୍ତେ ଓହ୍ଲାଇ ଯାଉଛନ୍ତି । ତାହା ହେଉଛି - "ଧାର୍ମିକ ଆସ୍ଥା"

ଏହା ସତ୍ୟ ଯେ, କୌଣସି ଆଧ୍ୟାତ୍ମିକ ଧର୍ମ ପ୍ରତି ଅତି ମାତ୍ରାରେ ସମ୍ବେଦନଶୀଳ ହେବା ମଧ୍ୟ ବ୍ୟକ୍ତିକୁ ମାନବତା ପ୍ରତି ସମ୍ବେଦନହୀନ ବନେଇ ଦିଏ । ଧର୍ମାନ୍ଧତାର ଶିକାର ହୋଇଥିବା ବ୍ୟକ୍ତି ଯଦି ସର୍ବଦା ଅନୁଭବ କରେ ଯେ, ମୋର ଭଗବାନ, ଧର୍ମ ବା ଧର୍ମଗୁରୁଙ୍କୁ କେହି ତାସ୍ଚଲ୍ୟ କଲେ ମୋର ଧର୍ମ ନଷ୍ଟ ହୋଇଯିବ, ସେ ନିଜକୁ ଜଣେ ଧର୍ମରକ୍ଷକ ବୋଲି ଭାବେ ଏବଂ ସମସ୍ତ ମାନବିକତାର ଶତ୍ରୁ ହୋଇଯାଏ । ଏହି କାରଣରୁ ଦେଶ ଓ ଦୁନିଆରେ ନରସଂହାର ହେଉଥିବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି ।

ଆପଣ ଯଦି ଧାର୍ମିକ କଟ୍ଟରତା ଏବଂ ଘୃଣାର ଶିକାର ହୋଇ ଏଭଳି ବର୍ବରତାକୁ ସମର୍ଥନ କରୁଛନ୍ତି, ତେବେ ଆପଣ ନିଶ୍ଚୟ ମାନବିକତାର ଶତ୍ରୁ ବୋଲି ଜାଣି ରଖନ୍ତୁ । ଆସ୍ଥା ନାମରେ ଦୁନିଆରେ କେତେ ଯେ ମାନବୀୟ ମୂଲ୍ୟବୋଧର ହାନୀ ହୋଇଛି ତା'ର ହିସାବ କରିବା

ISSN NO.
2582-208X

ଅସମ୍ଭବ । ମଣିଷଙ୍କ ଦ୍ୱାରା ମଣିଷମାନଙ୍କୁ ହତ୍ୟା କରାଯାଇଥିବା ପଛରେ ଧାର୍ମିକ ଆସ୍ଥାର ଭୂମିକା କେତେ ଗମ୍ଭୀର ତାହା କଳ୍ପନା ବାହାରେ ।

ଆସ୍ଥା ଏଭଳି ଗୋଟିଏ ମନୋରୋଗ ଯାହା ଦ୍ୱାରା ମଣିଷ ନିଜକୁ ଗର୍ବ ଅନୁଭବ କରି ହୀନରୁ ହୀନତର କାର୍ଯ୍ୟ କରିବାକୁ ପଛାଏନାହିଁ । ନିଜେ କ୍ରୁର କର୍ମ କରିବା ସହିତ ଅନ୍ୟକୁ ବି କ୍ରୁର ଆଚରଣ କରିବାପାଇଁ ପ୍ରେରିତ କରି ପାରନ୍ତି । ମଣିଷ ମନରେ ଆସ୍ଥାର ସ୍ଥାପନ ପାଇଁ ବିଶେଷ କିଛି ଆବଶ୍ୟକ ନାହିଁ । ଶରୀରରେ ଯେଉଁଭଳି ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହେଲେ ବାହ୍ୟ ରୋଗ ଆକ୍ରମଣ କରିପାରେ ଠିକ ସେହିଭଳି ମଣିଷର ବୁଦ୍ଧି ଯଦି ଦୁର୍ବଳ ହୋଇଯାଏ ତେବେ ଆସ୍ଥା ଅତିସହଜରେ ମନକୁ ଆକ୍ରାନ୍ତ କରିଥାଏ ।

ଆସ୍ଥା ପ୍ରକୃତରେ ଭୌତିକ ଜଗତପାଇଁ ମଣିଷର ଗୋଟିଏ ଅତି ଆବଶ୍ୟକ ଓ ମହତ୍ୱପୂର୍ଣ୍ଣ ଗୁଣ । କିନ୍ତୁ ଧାର୍ମିକ ବା ଆଧିଭୌତିକ 'ଆସ୍ଥା' ଏଭଳି ଏକ ଭାଇରସ ଯାହା ଏଚ୍. ଆଇ. ଭି. ଭାଇରସ ଅପେକ୍ଷା ବେଶୀକ୍ଷତିକାରକ । ଏହା ମଣିଷର ବୁଦ୍ଧି ଓ ବିବେକକୁ ନଷ୍ଟ କରିଦିଏ । ତା'ର ଚିନ୍ତନ ଶକ୍ତି ଦୁର୍ବଳ ହୋଇଯାଏ । ଅନ୍ୟର ନିର୍ଦ୍ଦେଶରେ ବସା-ଉଠା କରେ । ଅର୍ଥାତ ସେ ମାନସିକ ଗୋଲାମ ହୋଇଯାଏ ।

ଧାର୍ମିକ ଆସ୍ଥା ରୋଗର ସଂକ୍ରମଣ ଅନେକ ପ୍ରକାରେ ହୋଇଥାଏ । ଅଧିକାଂଶ କ୍ଷେତ୍ରରେ ପିଲାମାନଙ୍କ ପାଳନ ପୋଷଣ ସମୟରେ ହିଁ ସେମାନଙ୍କ ମନରେ ଏହି ଭାଇରସ ପୁରେଇ ଦିଆଯାଏ । ବୟସ୍କ ହେବା ପରେ ମଧ୍ୟ ଏହି ଭାଇରସକୁ ନଷ୍ଟ କରିବା ବଦଳରେ ଆମେ ମନ ଓ ମସ୍ତିଷ୍କରେ ବୃଦ୍ଧି କରିଦେଉ । ତାପରେ ଆସ୍ଥା ଦ୍ୱାରା ସଞ୍ଚାଳିତ ଗୋଟିଏ ରୋବୋର୍ଟ ଭଳି ଆମେ କାମ କରୁଛୁ । ହାତ ଗୋଡ଼ ସିନା ଆମ ଇଛାରେ କାମ କରେ କିନ୍ତୁ ବୁଦ୍ଧିକୁ ସେହି ଆସ୍ଥା ହିଁ ସଞ୍ଚାଳିତ କରେ । ପରିଣାମ ସ୍ୱରୂପ ଆସ୍ଥା ନାମରେ ଧାର୍ମିକ ହିଂସା ଲାଗି ରହେ ।

ଗୋଟିଏ ଧାର୍ମିକ ସମ୍ପ୍ରଦାୟର ଲୋକମାନେ ନିଜର ସମ୍ପ୍ରଦାୟକୁ ରକ୍ଷା କରିବାପାଇଁ ଅନ୍ୟ ସମ୍ପ୍ରଦାୟର କେବଳ ପୁରୁଷଙ୍କୁ ନୁହେଁ, ନିର୍ଦ୍ଦୋଷ ମହିଳା, ଶିଶୁ ଓ ବୟୋଜ୍ୟେଷ୍ଠ

ISSN NO.
2582-208X

ଲୋକମାନଙ୍କୁ ମଧ୍ୟ ଅତି ନିର୍ମମ ଭାବେ ହତ୍ୟା କରିଦେଉଛନ୍ତି । ଷଷ୍ଠ-ସପ୍ତମ ଶତାବ୍ଦୀରେ 'କ୍ରୁସେଡ' ନାମରେ ଗୋଟିଏ ଅମାନବୀୟ ଅଭିଯାନ ଆରମ୍ଭ ହେଲା ଏବଂ ସେଥିରେ ହଜାର ହଜାର ନିରୀହ ଶିଶୁ ଓ ମହିଳାଙ୍କୁ ନିର୍ଦ୍ଦୟତା ପୂର୍ବକ ଜିଅଁନ୍ତା ଜାଳି ମାରିଦେଉଥିବା ଲୋକମାନେ ନିଜକୁ 'ଗଡ଼' ଙ୍କ ମହାନ ସେବକ ବୋଲି ଦାବି କରୁଥିଲେ ।

'ଜେହାଦ' କୁ ମାନୁଥିବା ଲୋକମାନେ ମଧ୍ୟ ପଛରେ ନଥିଲେ । ସେମାନେ ବି ଖଣ୍ଡାରେ ହାଣି ଅନେକ ଲୋକଙ୍କୁ ହତ୍ୟା କରି ନିଜକୁ ଖୁଦାଙ୍କ ନିର୍ଦ୍ଦେଶିତ ରାସ୍ତାରେ ଚାଲୁଥିବା 'ବନ୍ଦା' ବୋଲି ଦାବି କରୁଥିଲେ । ୧୫ଶ ଠାରୁ ୧୮ଶ ଶତାବ୍ଦୀ ମଧ୍ୟରେ ପୁରା ୟୁରୋପ ଓ ଏସିଆର କିଛି ଭାଗରେ ହଜାର ହଜାର ମହିଳାମାନଙ୍କୁ ଡାହାଣୀ ଓ ତାନ୍ତ୍ରିକ ଆଳରେ ହାତ ଗୋଡ଼ ଭାଙ୍ଗି ଦେଉଥିଲେ କିମ୍ବା ଗଛରେ ବାନ୍ଧିଦେଇ ମରିବା ପାଇଁ ଛାଡି ଦେଉଥିଲେ କିମ୍ବା ଜିଅଁନ୍ତା ଜାଳି ପୋଡି ମାରି ଦେଉଥିଲେ ।

ପୃଥିବୀର ଯେକୌଣସି ଇତିହାସ ବହି ଖୋଲି ଦେଖନ୍ତୁ - ସେଥିରେ ଧାର୍ମିକ ଆସ୍ଥା ନାମରେ ହୋଇଥିବା ଗଣହତ୍ୟାର କାହାଣୀ ଭରି ରହିଛି । ଏହାର ଅର୍ଥ ନୁହେଁ ଯେ, ସେସବୁ କେବଳ ଇତିହାସର କଥା । ଧାର୍ମିକ ଆସ୍ଥା ନାମରେ ଭାରତୀୟ ଉପମହାଦ୍ୱୀପରେ ଦୁଇଟି ଦେଶ ଭାରତ ଓ ପାକିସ୍ତାନ ତିଆରିହେଲା, ଯେଉଁଠି ଆସ୍ଥାବାନ ଲୋକମାନଙ୍କ ଦ୍ୱାରା ହତ୍ୟା, ବଳାତ୍କାର ଏବଂ କ୍ରୁରତାର ଖେଳ ଚାଲିଲା । ଆଜି ବି ସ୍ୱାଧୀନ ହୋଇଥିବା ଦୁଇଟି ଯାକ ଦେଶରେ ସେହି ରକ୍ତରଞ୍ଜିତ ହିଂସ୍ର ଖେଳ ଚାଲିଛି ।

ପୃଥିବୀର ପ୍ରତ୍ୟେକ ଆଧ୍ୟାତ୍ମିକ ଧର୍ମରେ ଥିବା କିଛି ଭଣ୍ଡ ବା ପାଖଣ୍ଡି ଧର୍ମଗୁରୁ ଧର୍ମରେ ଆସ୍ଥାରଖୁଥିବା ନାରୀମାନଙ୍କର ଯୌନ ଶୋଷଣ କରୁଥିବା ଖବର ସର୍ବଦା ଦେଖିବାକୁ ଓ ଶୁଣିବାକୁ ମିଳୁଛି । ଆମଦେଶରେ ବି ସେମାନଙ୍କ ସଂଖ୍ୟା କିଛି କମ୍ ନାହିଁ । ପ୍ରାୟ ଶହେବର୍ଷ ପୂର୍ବରୁ ମନ୍ଦିରମାନଙ୍କରେ ଦେବଦାସୀ ପ୍ରଥା ସର୍ବ ସମ୍ମତିରେ ଚାଲୁଥିଲା । ଏହାର ଅସଲ କାରଣ ଥିଲା - ସେହି ମନ୍ଦିରମାନଙ୍କରେ ପୂଜାପାଠ କରୁଥିବା ପଣ୍ଡା, ପୂଜାରୀ ଓ ମହନ୍ତମାନଙ୍କର ଯୌନବିକୃତି ପ୍ରବୃତ୍ତିକୁ ଖୋରାକ ଯୋଗାଇବେବା। ସେମାନେ ଗରିବ ଘରର

ISSN NO.
2582-208X

ଝିଅମାନଙ୍କୁ କାଳ୍ପନିକ ଦେବତାଙ୍କ ସହ ମିଥ୍ୟା ବିବାହ କରାଇ ନିଜେ ଯୌନ ଶୋଷଣ କରୁଥିଲେ । ସେମାନଙ୍କର ଅବୈଧ ସନ୍ତାନକୁ ହରିଜନ କୁହାଯାଉଥିଲା । ସେମାନଙ୍କୁ ମଠ ଓ ମନ୍ଦିରର ସଫେଇ କାମରେ ହିଁ ନିଯୁକ୍ତ କରାଯାଉଥିଲା । ଆଜି ବି ଦେଶରେ ଏହି ଆସ୍ଥା ଯୋଗୁ ଜାତିଭେଦ ଦୂର ହୋଇ ପାରୁନାହିଁ ।ମଜା କଥା ହେଉଛି ଯେ, ଯଦି ଈଶ୍ୱର ସମସ୍ତଙ୍କୁ ସୃଷ୍ଟି କରିଛନ୍ତି ତେବେ କିଛି ମଣିଷ ମନ୍ଦିରରେ ପଶି ଠାକୁରଙ୍କ କାଠ-ପଥରରମୂର୍ତ୍ତିକୁ ଛୁଇଁଦେଲେ, ଠାକୁର ଅପବିତ୍ର ହେଇ ଯାଉଛନ୍ତି କାହିଁକି ? ଠାକୁର ବେଶୀ ପବିତ୍ର ନାମଣିଷ ?

ବିଶ୍ୱଗୁରୁ ବୋଲି ଡିଣ୍ଡିମ ପିଟୁଥିବା ଆମ ଦେଶରେ, କନ୍ୟାଭୃଣ ହତ୍ୟା ହେଉଛି, ଏଇଥିପାଇଁ ଯେ, ପୁଅ ନହେଲେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବ କିଏ ? ଯେଉଁ ଘରେ କନ୍ୟା ଅଧିକ ଓ ପୁତ୍ରକମ୍ ଜନ୍ମ ହେଉଛନ୍ତି, ସେମାନଙ୍କ ଭିତରେ ବି ଭେଦଭାବ କରାଯାଉଛି । ଖାଦ୍ୟ, ବସ୍ତ୍ର, ଶିକ୍ଷା ଓ ଅନ୍ୟାନ୍ୟ ସୁବିଧା କନ୍ୟାଙ୍କୁ ପୁତ୍ର ଅପେକ୍ଷା କମ୍ ଦିଆଯାଉଛି । କାରଣ କନ୍ୟା ତ ପରଘରକୁ ଚାଲିଯିବ । ପୁତ୍ର ହିଁ ଆମର ସେବା କରିବ, ମୃତ୍ୟୁ ହେଲେ ଶ୍ମଶାନରେ ମୁଖାଗ୍ନି ଦେବ, ଶ୍ରାଦ୍ଧ ଓ ପିଣ୍ଡ ଦାନକରି ବ୍ରାହ୍ମଣଙ୍କୁ ଦାନ ଦକ୍ଷିଣା ଦେଲେ ଆମର ଆତ୍ମା ମୋକ୍ଷ ପ୍ରାପ୍ତ ହେବ । ପୁତ୍ର ଆମର ବଂଶ ବୃଦ୍ଧି କରିବ । ସେଥିପାଇଁ ନିଜ ଘରେ ଜନ୍ମ ହୋଇଥିବା କନ୍ୟା ଏକ ଅବାଂଛିତ ମଣିଷଟିଏ  ହୋଇ ଜୀବନ ଅତିବାହିତ କରେ । ବିବାହ ପରେ ମଧ୍ୟ ସବୁ ପ୍ରକାର ଧାର୍ମିକ କଟକଣା ସ୍ତ୍ରୀ ଉପରେ ହିଁ ନ୍ୟସ୍ତ କରିଦିଆଯାଏ । ବାର ମାସରେ ତେର ପୂଜା କରିବ, ଝିଅ ନୁହେଁ କେବଳ ପୁଅ ଜନ୍ମ କରିବ, ସମସ୍ତଙ୍କ ମନ ଜାଣି ଖାଇବା ପିଇବା ତିଆରି କରିବ, ସମସ୍ତଙ୍କୁ ଖାଇବା ଦେଇସାରି ନିଜେ ସବା ପଛରେ ଖାଇବ ।

ସୁଖର କଥା ଯେ ଏହି ମନୁବାଦୀ ପ୍ରଥାରେ ଅବଶ୍ୟ ଆଜିକାଲି କିଛିଟା ପରିବର୍ତ୍ତନ ହେଲାଣି । କାରଣ ଝିଅମାନେ ପୂର୍ବଭଳି ଆଉ ଅସୂର୍ଯ୍ୟମପଶ୍ୟା ବା ଘର ଭୂଆସୁଣୀ ହୋଇ ରହିନାହାନ୍ତି । ଅନେକ ଝିଅଶିକ୍ଷିତା ହୋଇ ସ୍ୱାବଲମ୍ବୀ ହୋଇଗଲେଣି । ସମାଜର ରୂଢ଼ିବାଦୀ ପ୍ରଥା ଓ ପରମ୍ପରାକୁ ତ୍ୟାଗ କରିବାପାଇଁ ସାହାସ ଯୁଟେଇ ପାରିଲେଣି । ଆଧୁନିକ ଯୁଗର କନ୍ୟାମାନେ ଆସ୍ଥା ଓ ଧର୍ମାନ୍ଧତାରୁ ଦୂରେଇ ଗଲେଣି । ସେମାନଙ୍କ ଭିତରେ ବୈଜ୍ଞାନିକ

ISSN NO.
2582-208X

ଦୃଷ୍ଟିକୋଣର ବିକାଶ ହେଲାଣି । ଶାଶୁ, ଶ୍ୱଶୁର, ବାପା ଓ ମାଆମାନେ ବି ଉଦାର ଓ ମୁକ୍ତମନା ହେଇଗଲେଣି । ଘରେ ଝିଅ ବା ବୋହୂ ପୂଜାପାଠ ନକଲେ ମଧ୍ୟ ସେମାନେ ଖରାପ ଭାବୁନାହାନ୍ତି । ଧୀରେ ଧୀରେ ଦେଶରେ ଏକ ସୁସ୍ଥ, ସଭ୍ୟ, ସଂସ୍କୃତ ତଥା କୁସଂସ୍କାର ବିହୀନ ସମାଜ ଗଠନ ହେବାକୁ ଯାଉଛି ।

ମୋ : ୯୪୮୨୦୧୬୨୬୦

ISSN NO.
2582-208X

# ଶ୍ରୀରୁଦ୍ର
# ଦ୍ୱାଦଶନାମ ସ୍ତୋତ୍ରଂ



ଅଧ୍ୟାପିକା ରୋଜାଲିନ୍ ବାରିକ୍

ପ୍ରଥମଂ ଚ ମହାଦେବଂ ଦ୍ୱିତୀୟଂ ଚ ମହେଶ୍ୱରମ୍ ।
ତୃତୀୟଂ ଶଙ୍କର ନାମ  ଚତୁର୍ଥଂ ବୃଷଭଧ୍ୱଜମ୍ ॥ ୧॥

ପଞ୍ଚମଂ କୃତ୍ତିବାସଂ ଚ ଷଷ୍ଠଂ କାମାଙ୍ଗନାଶନମ୍।
ସପ୍ତମଂ ଦେବଦେବେଶଂ ନୀଳକଣ୍ଠମଥାଷ୍ଟକମ୍ ॥ ୨॥

ନବମଂ ଈଶ୍ୱର ନାମ ଦଶମଂ ପାର୍ବତୀପ୍ରିୟ।
ରୁଦ୍ରମ୍ ଏକାଦଶ ନାମ ଦ୍ୱାଦଶଂ ଶିବମୁଚ୍ୟତେ ॥ ୩॥

ଏତଦ୍ୱାଦଶନାମାନି ତ୍ରିସନ୍ଧ୍ୟଂ ଯଃ ପଠେନ୍ନରଃ ।
ଗୋଘ୍ନଶ୍ଚୈବ କୃତଘ୍ନଶ୍ଚ ଭ୍ରୂଣହା ଗୁରୁତଳ୍ପଗଃ ॥ ୪॥

ସ୍ତ୍ରୀବାଳଘାତକଶ୍ଚୈବ ସୁରାପୋ ବୃଷଳୀପତିଃ।
ସର୍ବଂ ନାଶୟତେ ପାପଂ ଶିବଲୋକଂ ସ ଗଚ୍ଛତି ॥ ୫॥

ISSN NO.
2582-208X

ଶୁଦ୍ଧସ୍ଫଟିକସଙ୍କାଶଂ ତ୍ରିନେତ୍ରଂ ଚନ୍ଦ୍ରଶେଖରମ୍।
ଇନ୍ଦୁମଣ୍ଡଳମଧ୍ୟସ୍ଥଂ ବନ୍ଦେ ଦେବଂ ସଦାଶିବମ୍ ॥ ୬॥

- ଇତି ଶ୍ରୀରୁଦ୍ରଦ୍ୱାଦଶନାମସ୍ତୋତ୍ରଂ ସମାପ୍ତମ୍

ହର ହର ମହାଦେବ

ସଂଗ୍ରାହିକା: ଅଧାପିକା ରେ୍ଜାଲିନ୍ ବାରିକ୍
ଆଳ, କେନ୍ଦ୍ରାପଡା, ଓଡିଶା

ISSN NO.
2582-208X

# ତୁମେ ମୋର



ଖଗେଶ୍ୱର ବାଗ

ତୁମେ ଗୋ ମୋହର ଯୁଗଯୁଗାନ୍ତର
ଜନମର ପ୍ରିୟ ସାଥୀ
ଜୀବନର ତୁମେ ଆଦ୍ୟ ଅନ୍ତିମ
ଆରମ୍ଭ ପୁଣି ଗୋ ଇତି
ତୁମେ ମୋ ଆଖିର ତେଜୋମୟ ଜ୍ୟୋତି
ହୃଦାକାଶ ଟିକି ତାରା
ନୀଳ ପାରାବାର ମୁକ୍ତା ଗୋ ତୁମେ
ହୃଦୟ ସ୍ପନ୍ଦନ ପରା।।
ତୁମେ ମୋ ଜୀବନ ସଂଗୀତ ଗୀତ
ବିଧୁର ଅସ୍ତରାଗ
ସଖା ସହୋଦର ପ୍ରିୟପାତ୍ର ତୁମେ
ଏ କାୟାର ବାମ ଭାଗ
ତୁମେ ହିଁ ମୋକ୍ଷ ଅନ୍ତିମ ଲକ୍ଷ୍ୟ
ତୁମେ ଖୁସି ତୁମେ ଲୁହ
ତୁମେ ଛାୟା ପ୍ରତିଛାୟା ଗୋ ମୋହର
ତୁମେ ମାୟା ପୁଣି ମୋହ।।
ତୁମେ ଆଶା ଅଭିଳାଷ ମୋହର
ଭାଗ୍ୟ ବିଧାତା ଜଣେ
ତୁମେ ପ୍ରତିବିମ୍ବ କପାଳ ଲିଖନ

ISSN NO.
2582-208X

ହୃଦୟର ଅନ୍ତଃକୋଣେ
ତୁମେ ମୋ ନୟନେ ସ୍ୱପ୍ନେ ଜାଗରଣେ
ସ୍ମୃତିର ମାନସ ପଟେ
ସ୍ୱର୍ଗ ମନ୍ଦାକିନୀ ତୁମେ ସଞ୍ଜୀବନୀ
ପରାଣ ନଶ୍ୱର ଘଟେ।।
ପ୍ରତି ଶବଦରେ ଧାଡି ସମୂହରେ
କଥନେ ଶ୍ରବଣେ ତୁମେ
କାବ୍ୟ କବିତା ଇତିହାସ କଥା
ସକାଳ ସଞ୍ଜ ଯାମେ
ବଉଦ ଗଗନେ ବିଜୁଳି ପବନେ
ଶୀତୁଆ ସକାଳ ତୁମେ
ରବିରଶ୍ମି ପୁଣି ସମୀର ପରଶେ
ଅନୁଭବେ ମର୍ମେ ମର୍ମେ।।
ତୁମ ବିନା ନାହିଁ ସତ୍ତା ମୋହର
ପରିଚୟ ଇତିବୃତ୍ତି
କ୍ଷଣେ ନଦେଖିଲେ ରହିପାରେ ନାହିଁ
ତୋ ଛବି ଦେଖେ ଗୋ ନିତି
ତୁମେ ଗୋ ମୋହର ବଞ୍ଚିବାର ରାହା
ଅନୁଭବେ ପ୍ରତିକ୍ଷଣେ
ଜାଣ ତୁମେ ସତେ ଆପଣାର କେତେ
ଭାବେ ତୁମକୁ ଜୀବନେ।।

ବୁଦ୍ଧିକୋମନା, ନୂଆପଡା

ISSN NO.
2582-208X

# ଆହେ
# ତମେ ଥିଲ ବୋଲି



କୀର୍ତ୍ତନ ସାହୁ

*

ତମେ ଥିଲ ବୋଲି
ଆଶା ଦ୍ରୁମ
ବେଶ୍ ସତେଜ ହୋଇ ବଢୁଥିଲା
ତମ ସ୍ପର୍ଶର ସମ୍ମୋହନରେ
ଆମ ଯାତ୍ରାର ଦୃଢ଼ତାରେ
ଆମେ ପୁଲକିତ ଥିଲେ
ଆମେ ଲେଖି ଚାଲୁଥିଲେ
ସଫଳତାର କାହାଣୀ

ଦୁଃଖୀ ମୁହଁରେ
ସରସତାର ଛବି ଆଙ୍କି
ଆମେ ଗଢୁଥିଲେ
ସ୍ୱର୍ଗ ସୁଷମାଭରା ଘରଟିଏ
ଆପଣାପଣର କମକୁଟରେ

ସ୍ୱପ୍ନକୁ ସାକାର କରିବାର
ରୂପ ଦେବାରେ
ତମ ସୁଚିନ୍ତିତ ସହଯୋଗ

ISSN NO.
2582-208X

ଖୁବ୍ ଶକ୍ତ ଥିଲା ପାଦେ ପାଦେ
ଅନେକ ସଫଳ କାର୍ଯ୍ୟର
ଫୁଲ ଗୁନ୍ଥି
ଆମେ ବନାଉ ଥିଲେ
ସୁନ୍ଦର ଏକ ଫୁଲହାର

ମାଆ ଧରଣୀ ରାଣୀର
ଶୋଭା ବର୍ଦ୍ଧନ ପାଇଁ
ଏଠି ହଜି ଯାଉ ଥିବା ଗରିମାକୁ
ଖୋଜି ପାଇବାରେ ଥାଏ ସାର୍ଥକତା
ଝାପସା ହେଇ ଆସୁଥିବା
ରଙ୍ଗକୁ ରଙ୍ଗେଇବାରେ
ଥାଏ ମାଦକତା

ଏସବୁ କାରିଗରୀ ବିଦ୍ୟାକୁ
ଆପଣେଇବାରେ ବେଶ୍
ସୁଖ ପାଅ ବୋଲି
ତମେ ରଚୁଥିଲ
କଳାର କୋଣାର୍କ
ଧରି ରଖିବାକୁ
ସଂସ୍କୃତିର ରୂପରେଖ ।

ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ଦୂର ଭାଷ – ୯୪୩୮୪୧୪୭୦୧

ISSN NO.
2582-208X

# ବ୍ରହ୍ମାଙ୍କର ମତିଭ୍ରମ ହେଲ୍ କାହିଁକି



ନରେନ୍ଦ୍ର ପ୍ରସାଦ ବେହେରା

### ଭାଗବତ କଥା......୧୩

ଗୋପପୁରରେ ଅନ୍ୟାନ୍ୟ ଗୋପ ବାଳକମାନଙ୍କ ସହିତ ଶ୍ରୀକୃଷ୍ଣ ପ୍ରତିଦିନ ଗୋରୁପଲ ସହ ପାହାଡ ତଳ ସମତଳ ଭୂମିକୁ ଗୋରୁ ଚରାଇବା ପାଇଁ ଯା'ନ୍ତି । ଦିନେ ବାଛୁରୀମାନଙ୍କୁ ଚରିବାକୁ ଛାଡିଦେଇ ଶ୍ରୀକୃଷ୍ଣ ସଖାମାନଙ୍କ ସହିତ ବଣଭୋଜି କରୁଥାନ୍ତି । ସେମାନେ ସମସ୍ତେ ମଣ୍ଡଳାକାରରେ ବସି ଖାଉଥିବା ସମୟରେ ଶ୍ରୀକୃଷ୍ଣ ଆନନ୍ଦରେ ଆତ୍ମହରା ହୋଇ ସାଥୀମାନଙ୍କ ଉଚ୍ଛିଷ୍ଟ ମଧ୍ୟ ଖାଉଥିଲେ । ଏହି ସମୟରେ ବ୍ରହ୍ମା ଉପରେ ଥାଇ କୃଷ୍ଣଙ୍କର ଏ ପ୍ରକାର କୌତୁକ ଲକ୍ଷ୍ୟ କରି ଦେଖୁଥାନ୍ତି । ବ୍ରହ୍ମାଙ୍କ ମନରେ ସନ୍ଦେହ ଜାତ ହେଲା । ସେ ଭାବିଲେ, ଯେ କ'ଣ ସେହି ପରମପୁରୁଷ ବିଷ୍ଣୁ ? ଯେ ତ ଗୋଟିଏ ଗଉଡ ପିଲା । ଗୋଠରେ ଗାଇ ଚରାଉଛି । ସାଥୀମାନଙ୍କର ଅଇଁଠା ଖାଦ୍ୟ ଖାଉଛି । ନିଜ କାନ୍ଧ ଉପରେ ସାଙ୍ଗମାନଙ୍କୁ ବସାଇ ଖେଳୁଛି । ସତରେ କଅଣ ଯେ ସେହି ପରମ ପୁରୁଷ ? ବ୍ରହ୍ମାଙ୍କର ମତି ଭ୍ରମ ହେଲା ।

ଏହାର ସତ୍ୟାସତ୍ୟ ପରୀକ୍ଷା କରିବା ନିମନ୍ତେ ସେ ଗୋଟିଏ ଉପାୟ ସ୍ଥିର କଲେ । ଶ୍ରୀକୃଷ୍ଣ ସାଥୀମାନଙ୍କ ସହିତ ଖେଳ କୌତୁକରେ ମାତିଥିବା ବେଳେ, ସେମାନଙ୍କର

ISSN NO.
2582-208X

ଅନ୍ୟମନସ୍କତାର ସୁଯୋଗ ନେଇ ବ୍ରହ୍ମା ଗୋଠରେ ଥିବା ବାଛୁରୀମାନଙ୍କୁ ଚୋରାଇ ନେଇ ନିକଟବର୍ତ୍ତୀ ପାହାଡର ଗୋଟିଏ ଗୁମ୍ଫା ମଧ୍ୟରେ ଲୁଚାଇ ଦେଲେ । ଗୋପ ବାଳକମାନେ ଖେଳ କୌତୁକ ଶେଷ କରି ଗୋଠକୁ ଅନାଇ ଦେଖନ୍ତି ତ ବାଛୁରୀ ସବୁ ନାହାଁନ୍ତି । ବାଛୁରୀ ସବୁ ଗଲେ କୁଆଡେ ? ସେମାନେ ବ୍ୟସ୍ତ ହୋଇ ପଡିଲେ । କୃଷ୍ଣ ସେମାନଙ୍କୁ ଆଶ୍ୱାସନା ଦେଇ କହିଲେ, ମୁଁ ଯାଏ ଦେଖେ ବାଛୁରୀ ସବୁ ଆଉ କେଉଁଠି ଚରୁଥିବେ । ଏହା କହି କୃଷ୍ଣ ବାଛୁରୀ ଖୋଜିବାକୁ ନିକଟବର୍ତ୍ତୀ ଏକ ପଡିଆକୁ ଯାଇ ବାଛୁରୀମାନଙ୍କୁ ଖୋଜିବାକୁ ଲାଗିଲେ । ଏହି ସମୟରେ ବ୍ରହ୍ମା ଶ୍ରୀକୃଷ୍ଣଙ୍କ ଅନୁପସ୍ଥିତିରେ ଗୋପ ବାଳମାନଙ୍କୁ ମଧ୍ୟ ହରଣ କରି ନେଇ ଆଉ ଗୋଟିଏ ପାହାଡ ଗୁମ୍ଫା ଭିତରେ ଲୁଚାଇଦେଲେ । ଏଣେ ଶ୍ରୀକୃଷ୍ଣ ବାଛୁରୀମାନଙ୍କୁ ଖୋଜି ଖୋଜି ଥକି ପଡିଲେ । କେଉଁଠି ହେଲେ ସେମାନଙ୍କର ଚିହ୍ନବର୍ଣ୍ଣ ପାଇଲେ ପାଇଁ । ସେ ନିରାଶ ହୋଇ ସାଥୀମାନେ ଥିବା ସ୍ଥାନକୁ ଫେରି ଆସିଲେ । ଶ୍ରୀକୃଷ୍ଣ ହଠାତ୍ ଚମକି ପଡିଲେ । ଇଏ କଅଣ ? ମୋ ସାଙ୍ଗମାନେ ଗଲେ କୁଆଡେ ? ସେ ପୁଣି ସାଥୀ ଗୋପ ବାଳକମାନଙ୍କୁ ଖୋଜିଲେ । କିନ୍ତୁ କେଉଁଠି ହେଲେ ଦେଖିବାକୁ ପାଇଲେ ନାହିଁ। ସେ କ୍ଷଣକ ପାଇଁ ଚିନ୍ତାକଲେ ଗୋଠ ମଧ୍ୟରୁ ସବୁତକ ବାଛୁରୀ ଓ ମୋ ସାଙ୍ଗ ପିଲାମାନେ କିପରି ଅଦୃଶ୍ୟ ହୋଇଗଲେ ? ସେ ଭାବି ଭାବି କୂଳକିନାରା ପାଇଲେ ନାହିଁ । ଏପରି କାର୍ଯ୍ୟ କଲା କିଏ ? ସେ ପୁଣି ସାଙ୍ଗମାନଙ୍କୁ ଖୋଜିଲେ ଆଉ ଚିତ୍କାର କରି ଡାକିଲେ। ଶ୍ରୀଦାମ ସୁଦାମ କେଉଁଠି ଅଛ ଆସ । କିନ୍ତୁ କାହାରି ଦେଖା ନାହିଁ । ଶ୍ରୀକୃଷ୍ଣ ଭାବିଲେ, ଆଚ୍ଛା ଠିକ୍ ଅଛି, ଯେଉଁ ବ୍ୟକ୍ତି ଜଣକ ଏପରି କାର୍ଯ୍ୟ କରିଥିବେ, ତାଙ୍କୁ ପାନେ ଶିକ୍ଷା ଦେବି । କିଏ ଏ କାର୍ଯ୍ୟ କରିଛନ୍ତି, ସେ ଜାଣିପାରି ମନେ ମନେ ହସିଲେ, ଆଉ ତାପରେ ତାଙ୍କ ମାୟା ବଳରେ ସୃଷ୍ଟି କଲେ ସେହିସବୁ ବାଛୁରୀ ଓ ସାଥୀ ବାଳକମାନଙ୍କୁ । ସବୁକିଛି ସ୍ୱାଭାବିକ । ଗାଇସବୁ ସେମାନଙ୍କର ବାଛୁରୀମାନଙ୍କୁ ପାଇ ଖୁସି । ଶ୍ରୀକୃଷ୍ଣଙ୍କ ସହିତ ସାଥୀ ପିଲାମାନେ ସେମାନଙ୍କ ଘରକୁ ଫେରି ଯାଇଥିଲେ । ସେମାନଙ୍କ ପରିବାରରେ କେହି ଜାଣିପାରିଲେ ନାହିଁ ଯେ ଏମାନେ ଶ୍ରୀକୃଷ୍ଣଙ୍କ ମାୟା ବଳରେ ସୃଷ୍ଟି ହୋଇଥିବା ପିଲା।

ISSN NO.
2582-208X

ଏହିପରି ଭାବରେ ଗୋଟିଏ ବର୍ଷ ଅତୀତ ହୋଇଗଲା । ପୂର୍ବପରୀ କୃଷ୍ଣ ସାଥୀ ବାଳକମାନଙ୍କ ସହିତ ଗାଇ ଚରାଇବାକୁ ଗୋଠକୁ ଯା'ନ୍ତି । ସେଠାରେ ପୂର୍ବପରି ଭୋଜି ହୁଏ, କ୍ରୀଡା କୌତୁକ ହୁଏ । ଦିନେ ବ୍ରହ୍ମା ଆସି ଉପସ୍ଥିତ ହେଲେ । ସେଠାକୁ ଆସି ସେ ଯାହା ଦେଖିଲେ ସେଥିରେ ତାଙ୍କର ବିସ୍ମୟର ସୀମା ରହିଲା ନାହିଁ । ବ୍ରହ୍ମା ଦେଖିଲେ ଯେ ଯେଉଁ ସବୁ ବାଛୁରୀ ଓ ଗୋପ ବାଳକମାନଙ୍କୁ ସେ ଚୋରାଇ ନେଇ ଗୁମ୍ଫା ଭିତରେ ରଖିଦେଇ ଆସିଥିଲେ, ସେମାନେ ଏଠାରେ ଉପସ୍ଥିତ । ଭାବିଲେ, ସେମାନେ କଅଣ କୌଣସି ପ୍ରକାରେ ଏଠାକୁ ଖସି ଆସିଲେ କି ? ବ୍ରହ୍ମା ଧାଇଁଲେ ଗୁମ୍ଫା ଭିତରକୁ । ଦେଖିଲେ ସବୁତକ ବାଛୁରୀ ଓ ଗୋପ ବାଳକମାନେ ସେଠାରେ ନିଦ୍ରିତାବସ୍ଥାରେ ରହିଛନ୍ତି । ବ୍ରହ୍ମା ପୁଣି ଫେରି ଆସିଲେ ଶ୍ରୀକୃଷ୍ଣ ଗାଇ ଚରାଉଥିବା ସ୍ଥାନକୁ । ଦେଖିଲେ, ସେହି ସବୁ ବାଛୁରୀ ଖେଳୁଛନ୍ତି ଆଉ ମା'ମାନଙ୍କ ଠାରୁ କ୍ଷୀର ପିଉଛନ୍ତି । ସେହି ସବୁ ଗୋପବାଳକ ଶ୍ରୀକୃଷ୍ଣଙ୍କ ସହିତ ଖେଳୁଛନ୍ତି । ବ୍ରହ୍ମାଙ୍କର ମତିଭ୍ରମ ହେଲା । ସେ ସ୍ଥିର କରିପାରିଲେ ନାହିଁ, କେଉଁଟା ସତ ଆଉ କେଉଁଟା ମିଛ । ସତେ ଯେପରି ଗୋଟାଏ ମାୟାରେ ସେ ବିମୋହିତ ହୋଇ ପଡିଛନ୍ତି । ଏହି ମାୟା ଅପସରି ଯିବାରୁ ସେ ମନେ ମନେ ହସିଲେ ଲୀଳାଙ୍କର ଅପାର ଲୀଳାକଥା ଭାବି । ସେ ଯେଉଁ ବାଳକକୁ ଜଣେ ସାଧାରଣ ଗୋପାଳ ବାଳକ ବୋଲି ମନେ କରିଥିଲେ, ସେ ଯେ ସ୍ୱୟଂ ପରମବ୍ରହ୍ମ ଏଥିରେ ତାଙ୍କର ଆଉ ସନ୍ଦେହ ରହିଲା ନାହିଁ । ଏହି ସମୟରେ ବ୍ରହ୍ମାଙ୍କର ଦୃଷ୍ଟି ପଥରେ ଆବିର୍ଭୂତ ହେଲେ ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ସ୍ୱୟଂ ବିଷ୍ଣୁ । ବ୍ରହ୍ମାଙ୍କର ମୋହଭଙ୍ଗ ହେଲା । ସେ ଶ୍ରୀକୃଷ୍ଣଙ୍କର ସ୍ତବଗାନ କରିବାକୁ ଲାଗିଲେ । ଗଦଗଦ କଣ୍ଠରେ କହିଲେ, ହେ ଭଗବାନ ! ତୁମେ ସତ୍ୟ, ନିତ୍ୟ, ଅକ୍ଷୟ, ଅନନ୍ତ । ତୁମେ ସନାତନ ପୁରୁଷ, ସ୍ୱପ୍ରକାଶ, ନିରବଚ୍ଛିନ୍ନ ସୁଖସ୍ୱରୂପ । ତୁମେ ତୁଳନା ରହିତ, ସର୍ବାତ୍ମା, ସର୍ବକାରଣ ସ୍ୱରୂପ, ଉପାଧିବର୍ଜିତ ଓ ଅମୃତମୟ । ତୁମକୁ ମୋର କୋଟି କୋଟି ପ୍ରଣାମ । ମର୍ତ୍ତ୍ୟମଣ୍ଡଳରେ ତୁମର ଆହୁରି ଲୀଳା ଦେଖିବାକୁ ବାକି ରହିଲା । ଏହା କହି ବ୍ରହ୍ମା ଅନ୍ତର୍ଦ୍ଧାନ ହୋଇଗଲେ ।

ଆଳଦା, ଖଇର୍ ,ବାଲେଶ୍ୱର

ISSN NO.
2582-208X

# ହେ ବରଷା ରାଣୀ...

ଲାଲମୋହନ ମାଝୀ

ହେ ବରଷା ରାଣୀ.... !
ଆଦ୍ୟ ଆଷାଢ଼ ମାସେ
ତୁମେ ଯେବେ ଆସ ଓହ୍ଲେଇ,
ହସି ଉଠେ ଏ ଧରଣୀ ସତେ
ତୁମର ବହୁପ୍ରତିକ୍ଷିତ ସ୍ୱର୍ଶ ପାଇ ।

ନିଦାଘ ନିଆଁରେ ଜଳି ଜଳି
ମୃତପ୍ରାୟ ଏ ଧରଣୀ ଦେହେ
ସତେ କି ଫେରି ଆସେ ପିଣ୍ଡକୁ ପ୍ରାଣ,
ସବୁଜିମାରେ ଭରିଯାଏ ତା ତନୁ-ମନ
ଦେହରେ ତା ଭଉଁରୀ ଖେଳେ ଭରା ଯୌବନ ।

ସତେ କି ତୁମର ରାଗ ହୁଏ
କେବେ କେବେ ଏ ଜୀବଙ୍କ ଉପରେ ?
କେବେ ଦିଅ ହସାଇ, କେବେ ଦିଅ ଭସାଇ
କେବେ ପୁଣି ଜୀବଟିଏ ହାରେ ତା ଜୀବନ
ତୁମ ପ୍ରତାରଣାର ଅତିଷ୍ଠ ହୋଇ ।

ISSN NO.
2582-208X

ହେ ବରଷା ରାଣୀ....

ତୁମ ବିନା ସାହା ନାହିଁ, ରାହା ନାହିଁ

ତୁମ ବିନା ଯେ ଜୀବନ ନାହିଁ ,

ନ କର ତୁମେ ରାଗ-ରୁଷା

ନ ହୁଅ ତୁମେ ଅଭିମାନୀ...

ଅଳ୍ପ ଦିନ ଅନ୍ତରରେ ଆସ ତୁମେ

ଟାଣି ତୁମ ସେଇ ଭିଜା ଓଢଣୀ... ।

ଗ୍ରାଇହରି, ବିଜାତଳା
ମୟୂରଭଞ୍ଜ
ଦୂରଭାଷ- 7853813910

ISSN NO.
2582-208X

# ବର୍ଷାର କି କିମିଆଁ

ଧ୍ରୁବ ଚରଣ ଘିବେଲ୍

ବଡ଼ ଆଚମ୍ବିତ
ଆଶ୍ଚର୍ଯ୍ୟ କଥା
ବର୍ଷାର କି କିମିଆଁ
ବର୍ଷାର ଛୁଆଁରେ
ଫୁଟାଇ ମାଟିକୁ
ମୁଣ୍ଡ ଟେକି ଦେଖେ
ମାଟି ତଳ ଦୁବ
ଧିରେ ହୁଏ ଛନଛନିଆ ।
ବର୍ଷାର ଛୁଆଁରେ
ଆଁ କରା ମାଟି
କରେ ନାହିଁ ଆଉ ଆଁ
ମାଟି ପିନ୍ଧି ଦିଶେ
ଶାଗୁଆ ପାଟରେ
ସୁନ୍ଦର ଓ ମନଜିଣା ।
ବର୍ଷାର ଛୁଆଁରେ
ଥୁଣ୍ଟା ଗଛେ ଗଛେ
ଭରି ଆସେ ପତ୍ର ନୂଆ
ହୋଇ ଗହଳିଆ
ଶାଗୁଆ ସୁନ୍ଦର
ସୁନ୍ଦର ସେ ସବୁଜିମା ।
ଶୁଖିଲା ନଈରେ
ଭରିଯାଇ ଜଳ

ISSN NO.
2582-208X

ଚାଲେ ନଉକା ସୁନ୍ଦର
ନଇ ସୁଅ ବେଗ
ରହେ ନାହିଁ ଧିର
ବର୍ଷାଦିନରେ ପ୍ରଖର ।
ବର୍ଷାର କି କିମିଆଁ
ସବୁ ଜଳଉତ୍ସ
ରହେ ନାହିଁ ଶୁଷ୍କ
ଭରି ରହେ ବର୍ଷାକାଳ
ଜଳ ପରିସ୍ଥାନ
ହସିଲା ପୂରିଲା
କଇଁ ହସେ ସବୁଦିନ ।
ବର୍ଷାର କି କିମିଆଁ
ପୋଖରୀ ତୁଠର
ନିର୍ଜୀବ ପଥର
ହୁଅଇ ସେ ଆନମନା
ଜଳାଭାବ ଯୋଗୁଁ
ଗାଧୋଇବା ପାଇଁ
ଆସୁନଥିଲେ ଲଳନା ।
ପୋଖରୀ ପୂରିଛି
ପଥର ହସୁଛି
ପାଇ ସ୍ପର୍ଶ ସୁଖ କେତେ
ତା' ଉପରେ ବସି
ଲଳନା ଗପନ୍ତି
ଘଷିମାଜି ହୋଇ ସେତେ ।

ବଉଦଗ୍ରାଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ପଞ୍ଚମ ଅଧାୟ

ରାଗ-ବସନ୍ତ ବରାଡ

ନିର୍ବିଷ କରିବୁ ଜୀବଦାନ ଦେଇ ଅକୁଣ୍ଠେ ଭାଷନ୍ତି କାଶ୍ୟପ
ଏସନକ ବଚ ଶ୍ରବଣେ ତକ୍ଷକ ଧରିଲା ବିକଟ ସ୍ୱରୂପ
ପରାଣ, ଦାନରେ ଯଦିଚ ସମର୍ଥ
ଦଂଶନ କରୁଛି ଏଠାରେ ଦ୍ରୁମକୁ ଗରଳ କର ମୋ ବିଅର୍ଥ ।୪୬।

ବଟବୃକ୍ଷେ ଦର୍ପେ ଦଂଶିବାରୁ ଭସ୍ମ ସ୍ତୁପ ହୋଇଗଲା ପାଦପ
ଆବର କାଷ୍ଠ ସଂଗ୍ରହେ ରତ ନର ହୋଇଲା ପାଉଁଶ ସ୍ୱରୂପ
ପାଉଁଶ, ଏକତ୍ର କରି ଧନ୍ୱନ୍ତରୀ
ମନ୍ତ୍ର ଉଚ୍ଚାରଣେ ଜୀବନ୍ୟାସ କଲେ ପଲ୍ଲବିଲା ପ୍ରାଣ ସଂଚରି ।୪୭।

ପାଉଁଶ ଅଙ୍ଗାରୁ ସଞ୍ଜୀବନୀ ମନ୍ତ୍ରେ ପଲ୍ଲବିଲା ଯେଉଁ ପାଦପ
ଅନୁରୂପ ହେଲା ବିଷମ ନଥିଲା ବିଲୋକିବେନି ନବରୂପ
ଚକିତେ, ତକ୍ଷକ ପ୍ରମାଦ ଗଣିଲେ
ଧନ୍ୱନ୍ତରୀ ନିଷ୍ଠେ ରାଜା ପରୀକ୍ଷିତେ ବଞ୍ଚାଇ ପାରିବେ ଜାଣିଲେ ।୪୮ ।

ଦର୍ପଚୂର୍ଣ୍ଣ ହୋଇ ତକ୍ଷକ ଭାଷଇ ବ୍ରହ୍ମ ବାକ୍ୟ ମିଥ୍ୟା ନିକର
ଯଶ ଗଞ୍ଜି ମୋର କି ଯଶ ଲଭିବ ହେ ସର୍ବଜ୍ଞତର ଠାକୁର
ସଂପୂର୍ଣ୍ଣ, ହେଲା ରାଜାଙ୍କର ଆୟୁଷ
ଦ୍ୱିଗୁଣିତ ଧନ ଦେଉଅଛି ମୁହିଁ ଫେରିଯାଅ ହୋଇ ହରଷ ।୪୯।

ISSN NO.
2582-208X

ଧ୍ୟାନ ଅବଗତ ହୋଇଲେ କାଶ୍ୟପ ସ୍ୱଳ୍ପକାଳେ ମୃତ୍ୟୁ ନିଶ୍ଚିତ
ଆତ୍ମାକୁ ପରମଆତ୍ମାରେ ସଂଯୋଗୀ ଜୀବନ ଚକ୍ରକୁ ନିବୃତ
ଅକ୍ଳେଶେ, ଲଭିବେ ପରମଧାମଉ
କି ଯଶ ଲଭିବୁ ଦଂଶିଲେ ତକ୍ଷକ ବଞ୍ଚାଇ ପାଷାଣ ଦେହକୁ ।୫୦ ।

-: ଟୀକା :-

ବିକଟ ସ୍ୱରୂପ - ବିକଟକାୟ ରୂପ
ନିର୍ବିଷ - ବିଷଶୂନ୍ୟ
ଦର୍ପ - ଗର୍ବ
ଅକ୍ଳେଶେ - ସହଜରେ

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ଦେବ ସ୍ନାନ ପୂର୍ଣ୍ଣିମା



ସୁହାସିନୀ ବାରିକ୍

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଜି ହେଉଛି ପବିତ୍ର ସ୍ନାନଯାତ୍ରା । ରତ୍ନବେଦୀରୁ ପହଣ୍ଡିରେ ଆସି ସ୍ନାନ ମଣ୍ଡପରେ ୧୦୮ ଗରା ଜଳରେ ମହାସ୍ନାନ କରିବେ ଜଗତର ନାଥ ଶ୍ରୀଜଗନ୍ନାଥ। ପୁରୀରେ ଶ୍ରୀଜୀଉମାନଙ୍କ ଏହି ମାନବୀୟ ଲୀଳା ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି ।

ପାରମ୍ପରିକ ରୀତି ନୀତି ଅନୁସାରେ ରତ୍ନବେଦୀରୁ ଆସି ସ୍ନାନମଣ୍ଡପରେ ବିଜେ ହୋଇସାରିଲେଣି ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀ ବଳଭଦ୍ର, ସାନଭଉଣୀ ଦେବୀ ସୁଭଦ୍ରା ତଥା ଚକ୍ରରାଜ ଶ୍ରୀସୁଦର୍ଶନ । ସ୍ନାନବେଦୀ ଆଜି ରଙ୍ଗବେରଙ୍ଗୀ ପୁଷ୍ପହାରରେ ସଜ୍ଜିତ ହୋଇଛି । ସ୍ନାନମଣ୍ଡପରେ ନୂଆ ରଙ୍ଗ ଲାଗି ଚହଟୁଛି ବେଦୀ । ବଡ଼ଦାଣ୍ଡରେ ଉପସ୍ଥିତ ରହିଥିବା ଶ୍ରଦ୍ଧାଳୁଙ୍କ ସମେତ ସମସ୍ତ ଦଇତାପତି ସେବକ ତଥା ଶ୍ରୀମନ୍ଦିର ସେବାୟତଙ୍କ ମନରେ ଭରିଯାଇଛି ଆନନ୍ଦ ଉଲ୍ଲାସ । ପୌରାଣିକ କଥାବସ୍ତୁ ଅନୁସାରେ ଆଜି ଶ୍ରୀଜୀଉମାନଙ୍କ ଜନ୍ମ ତିଥି । ଏହି ଜନ୍ମତିଥିରେ ଶ୍ରୀଜୀଉମାନେ ସୁନା କଳସୀ ଜଳରେ ମହାନନ୍ଦରେ ମହାସ୍ନାନ କରିବାର ବିଧିକୁ ବିଶ୍wa ର କୋଟି କୋଟି ଶ୍ରଦ୍ଧାଳୁ ଦର୍ଶନ କରିବେ ।

ISSN NO.
2582-208X

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ପାଳନ କରାଯାଉଥିବା ଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା ମଧ୍ୟ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି ଭକ୍ତଜନଙ୍କ ହୃଦୟରେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧା ମୂରତି ରତ୍ନ ସିଂହାସନରୁ ସ୍ନାନବେଦୀକୁ ବିରାଜମାନ କରିଥାଆନ୍ତି । ପରମ୍ପରା ତଥା ଶ୍ରୀମନ୍ଦିରର ନୀତି ଅନୁଯାୟୀ ଶ୍ରୀମନ୍ଦିର ବାହାରେ ଥିବା ଶୀତଳାଦେବୀଙ୍କ ନିକଟସ୍ଥ ସୁନା କୂଅରୁ ଜଳ ବାହାର କରି କଳସରେ ଅଣାଯାଇଥାଏ । ସ୍ନାନ ପୂର୍ଣ୍ଣିମା ଦିନ ଏହି ଜଳକୁ ଗରାରେ ଅଣାଯାଇ ସେଥିରେ ଚୂଆ, ଚନ୍ଦନ, କର୍ପୂର ଇତ୍ୟାଦି ସୁବାସିତ ପଦାର୍ଥ ମିଶ୍ରଣ କରାଯାଇଥାଏ । ଏହାପରେ ଶ୍ରୀଜୀଉମାନଙ୍କୁ ଏହି ଜଳରେ ସ୍ନାନ କରାଯାଇଥାଏ । ସୁନାକୂଅରୁ ୧୦୮ ଗରା ଜଳ ଆସିବା ପରେ ଶ୍ରୀଜଗନ୍ନାଥଙ୍କୁ ୩୫ ଗଡୁ, ଶ୍ରୀବଳଭଦ୍ରଙ୍କୁ ୩୩ ଗଡୁ ଓ ଦେବୀ ସୁଭଦ୍ରାଙ୍କୁ ୨୨ ଗଡୁ ଜଳରେ ସ୍ନାନ କରାଯାଏ । ସେହିପରି ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ୧୮ ଗଡୁ ଜଳ ରେ ସ୍ନାନ କରିବା ବିଧି ରହିଛି ।

ଏହାପରେ ଶ୍ରୀଜୀଉମାନଙ୍କୁ ଗଜ ବା ହାତୀ ବା ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ। ମହାପ୍ରଭୁଙ୍କ ଏହି ଅପୂର୍ବ ବେଶକୁ ଦର୍ଶନ କରି କୋଟି କୋଟି ଭକ୍ତମାନେ ନିଜକୁ ଧନ୍ୟ ମନେ କରିଥାଆନ୍ତି । ଏହି ସ୍ନାନବିଧିକୁ ସ୍ୱଚକ୍ଷୁରେ ଦର୍ଶନ କରିବା ଲାଗି ଆଜି ପୁରୀ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇପଡ଼ିଛି । ଭଗବାନଙ୍କର ଏହି ପବିତ୍ର ବେଶକୁ ଟିକେ ମନଭରି ଦେଖିବାକୁ ଶ୍ରଦ୍ଧାଳୁମାନେ ବହୁ ଦୂରଦୂରାନ୍ତରୁ ଆସି ପୁରୀଠାରେ ଭିଡ଼ ଜମାଇଛନ୍ତି ।

ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ସାଧାରଣ ଦିନ ପରି ଶ୍ରୀମନ୍ଦିରରେ କବାଟ ଫିଟା, ପାହାନ୍ତିଆ ଅବକାଶ, ଗୋପାଳବଲ୍ଲଭ, ସକାଳଧୂପ, ଦ୍ୱିପ୍ରହର ଧୂପ ଆଦି ସମସ୍ତ ନୀତିର ସମାପନ ପରେ ସ୍ୱଳ୍ପସମୟ ପାଇଁ ପହୁଡ଼ ହୁଏ ଓ ପରେ ପରେ ସ୍ନାନ ପୂର୍ଣ୍ଣିମାର ବିଧି ଆରମ୍ଭ ହେଇଯାଏ । ଏହିଦିନ କୋଠ ସିଆଁସିଆ ମନ୍ଦିରରେ ପ୍ରବେଶ କରନ୍ତି ଓ ପହଣ୍ଡି ପାଇଁ ଚାରମାଳ ବାନ୍ଧନ୍ତି । ପ୍ରଭୁଙ୍କର ସେନାପଟା ଓ ବାହୁଟିନାଗି ହୁଏ । ରତ୍ନ ସିଂହାସନ ଉପରେ ମଙ୍ଗଳାର୍ପଣ କରାଯାଏ ।

ISSN NO.
2582-208X

ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଇତାମାନେ ପହଣ୍ଡି କରାଉଥିବା ବେଳେ ମଦନମୋହନଙ୍କୁ କେବଳ ମହାଜନ ସେବକମାନେ (ବ୍ରାହ୍ମଣ ଗୋଷ୍ଠୀର ସେବକ) ବିଜେ କରାଇଥାନ୍ତି । ପହଣ୍ଡି ବିଜେ ସମୟରେ ସାତ ପାହଚ ଉପରେ ଠାକୁରମାନେ ଚୂଳ ଓ ଟାହିଆ ଲାଗି ହୁଅନ୍ତି । ଏହି ସାତପାହଚ ଉପରେ ଟାହ୍ୟାନାଗି ହେବାପରେ ଦ୍ୱିତୀୟ ମଙ୍ଗଳାର୍ପଣ ହୁଏ । ତା ପରେ ବନ୍ଦାପନା ଓ ପରେ ପରେ ରାଘବଦାସ ମଠରୁ ଆସିଥିବା ଘଷା ନାଗି କରାଯାଏ । ତା ପରେ ପନ୍ତି ଖାଇ ଖାଇ ଠାକୁରମାନେ ସ୍ନାନବେଦିକୁ ଯାଇ ନିଜର ଆସ୍ଥାନ ଉପରେ ଅବସ୍ଥାନ କରନ୍ତି । ସୁଆର ବଡୁ ଅମୃଣିଆ ପାଣି ଛିଞ୍ଚନ୍ତି । ଗରାବଡୁ ସୁବର୍ଣ୍ଣକଳସ ଧରି ଶିତଳାଦେବୀଙ୍କ ସମ୍ମୁଖସ୍ଥ ଓ ବର୍ଷତମାମ ଅପବ୍ୟବହୃତ ହୋଇ ରହିଥିବା ସ୍ୱର୍ଣ୍ଣକୂପରୁ ଜଳ ଆଣନ୍ତି । ଦେବସ୍ଥାନ ପୂର୍ଣ୍ଣିମାର ପୂର୍ବ ଦିନ ମହାପ୍ରଭୁଙ୍କ ପାଇଁ ଶ୍ରୀମନ୍ଦିରର ଦେବଯାନ ମାର୍ଗରେ ଅବା ସୁନା କୂଅରୁ ୧୦୮ କଳସ ଜଳ ସଂଗ୍ରହ କରାଯାଏ । ଏହି ସୁନା କୂଅଟି ଶୀତଳା ଠାକୁରାଣୀ ଓ ତାଙ୍କ ବାହାନ ସିଂହଙ୍କ ମଧ୍ୟରେ ଅବସ୍ଥିତ । ପରେ ଯେପରି ଏହି କୂଅକୁ ବର୍ଷସାରା ସିଂହ ହିଁ ସୁରକ୍ଷିତ ରଖିଥାଏ । କୂଅର ବ୍ୟବହାର ବର୍ଷସାରା ନଥିବାରୁ ଜନପଦୀୟ ତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ ଅଣତୁଠ ପାଣି ବୋଲି ଗ୍ରହଣ କରାଯାଏ । ସ୍ନାନଲୀଳାରେ ବୈଦିକ ବିଧିରେ ସ୍ନାନ ଜଳ ଅଭିମନ୍ତ୍ରିତ ହେଉଥିବା ବେଳେ ସ୍ଥାନ କାଳରେ ତାନ୍ତ୍ରିକ ବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ । ଯଜ୍ଞ ପରମ୍ପରାରେ ଏହି କୂଅକୁ 'ପ୍ରଣୀତାକୂପ' ବୋଲି କୁହାଯାଏ । ପ୍ରାଚୀନ କାଳରେ ମଧ୍ୟ ଓଡ଼ିଶାରେ ଛୁଆଟିଏ ଜନ୍ମ ହେଲେ ତାହାକୁ ଅଣତୁଠ ପାଣି ମିଶ୍ରଣ କରାଯାଇ ସ୍ନାନ କରିବାର ପରମ୍ପରା ରହିଥଲା । ଏହାଦ୍ୱାରା ଦୁଷ୍ଟ ଶକ୍ତିଙ୍କ ପ୍ରଭାବ କଅଁଳା ପିଲାଙ୍କ ଉପରେ ପଡ଼େନାହିଁ । ଅଭିମନ୍ତ୍ରିତ ହୋଇଥିବା ଜଳରେ ୧୦୮ କଳସରେ ଅଷ୍ଟବନ୍ଧ, କୃଷ୍ଣ-ଅଗୁରୁ, ଉଶୀର, ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡ଼ା, ଆମଳକୀ, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୋଧା ମିଶ୍ରତ କରାଯାଏ । ଏହି ମହୌଷଧି ମିଶ୍ରଣ କରାଯିବା ପରେ ଜଳକୁ ଅଭିମନ୍ତ୍ରିତ କରାଯାଏ । ସେହି ଗନ୍ଧଯୁକ୍ତ ଅଭିମନ୍ତ୍ରିତ ଜଳରେ ଦାରୁବ୍ରହ୍ମଙ୍କୁ ଶ୍ରୀଜୀଉମାନଙ୍କୁ ୧୦୮ ଗରା ଜଳରେ ସ୍ନାନ କରାଯାଏ । ଏହି ଜଳରୁ ୩୫ ଗରା ଜଗନ୍ନାଥଙ୍କୁ, ୩୩ ଗରା ବଳଭଦ୍ରଙ୍କୁ,

ISSN NO.
2582-208X

୨୨ ଗରା ସୁଭଦ୍ରାଙ୍କୁ ଓ ୧୮ ଗରା ସୁଦର୍ଶନଙ୍କୁ ସ୍ନାନ କରାଯାଏ । ଏହାକୁ "ପ୍ରତ୍ୟକ୍ଷ ଅବକାଶ" କହନ୍ତି । ପ୍ରଭୁଙ୍କୁ ଏହି ଦିନ ଗଜାନନ ବେଶ କରାଯାଏ ।ଏହି ଦିନ ରାଘବଦାସ ମଠ ପକ୍ଷରୁ ଦେବୀ ସୁଭଦ୍ରାଙ୍କୁ ଫୁଲଚୂଳ, ଚନ୍ଦ୍ରିକା ଓ ଛତ୍ରି ନାଗି କରାଯାଇ ବେଶ କରାଯାଏ। ଗୋପାଳତୀର୍ଥ ମଠଦ୍ୱାରା ପ୍ରଦତ୍ତ ଶ୍ରୀବଳଭଦ୍ରଙ୍କୁ ଗଜାନନ ବେଶ ଓ ଶୁଦର୍ଶନଙ୍କୁ ଚକ୍ର ଲାଗି କରାଯାଏ । ଏହି ଦିନ ତିନି ଧୂପ ବଦଳରେ ଗୋଟିଏ ଧୂପ ଦିଆଯାଏ ।

ତାପରେ ଠାକୁରମାନେ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ଫେରନ୍ତି । ଭିତର କାଠପାଖ ଅଣସର ପିଣ୍ଡିରେ ଠାକୁରମାନେ ବିଜେ କରିବାପରେ ତାଟି ବନ୍ଧାଯାଏ ଓ ପଟିମୂର୍ତ୍ତି ସ୍ଥାପନା କରାଯାଏ । ତାପରେ ଏହି ଚତୁର୍ଧାମୂର୍ତ୍ତି ସ୍ନାନପୂର୍ଣ୍ଣିମାଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଦିର୍ଘ ୧୫ ଦିନ ଧରି ଜ୍ୱରରେ ପଡ଼ନ୍ତି । ଏହାକୁ ଅଣସର କୁହାଯାଏ ।

ଏହି ୧୫ ଦିନ ଭକ୍ତମାନେ ଜୀଉମାନଙ୍କର ଦର୍ଶନ ପାଆନ୍ତି ନାହିଁ । ଏହି ସମୟରେ ଭକ୍ତମାନେ ନିକଟସ୍ଥ ବ୍ରହ୍ମଗିରିରେ ପୂଜିତ ହେଉଥିବା ଅଲାରନାଥଙ୍କୁ ଦର୍ଶନ କରନ୍ତି ।

ସଂଗ୍ରାହିକା: ସୁହାସିନୀ ବାରିକ୍
ଗ୍ରାମ ମହୁ, ପୋଷ୍ଟ ମହୁ,
ଥାନା ଆଲ୍,କେନ୍ଦ୍ରାପଡ଼ା

ISSN NO.
2582-208X

# ପଣା ସଂକ୍ରାନ୍ତି



ମାଳତୀ ଦେବୀ

ପଣା ସଂକ୍ରାନ୍ତିର ପଣା ସୁମଧୁର ।
ପାନେ ଲଭେ ଚିର ଶାନ୍ତି ଏ ଶରୀର
ପ୍ରପାନକ ପାନ ଆନନ୍ଦ ବର୍ଦ୍ଧନ ।
ପୁଲ୍ଲକିତ କରେ ତନୁ ଆଉ ମନ ।।
ଆଦ୍ୟ ଦିନ ହନୁମାନ ଜନ୍ମଦିନ ।
ଆମ୍ବେଦକରଙ୍କ ଧରଣୀ ମଣ୍ଡନ ।।
ମହାବିରଙ୍କର ପ୍ରଜନନ ଦିନ ।
ଆନନ୍ଦ ମୁଖରିତ ମର୍ତ୍ତ୍ୟ ଭୁବନ ।।
ବସନ୍ତ ବିଦାୟ ନେଉଛି ଧରଣୀ ।
କୋକିଳର ସ୍ୱର ମନ ନିଏ କିଣି ।।
ଚଉରାର ମୂଳେ ତୁଳସୀର ଡାଳେ ।
ଝୁଲେ ପଣାଠେକି ଜଳପୂର୍ଣ୍ଣ ହେଲେ ।
ତୁଳସୀ ମୂଳକୁ ରଖଇ ଶୀତଳ ।
ପାନେ ପ୍ରପାନକ ଆନନ୍ଦ ସକଳ ।।
ଜଳର ଶୁଷ୍କତା ନିବାରଣ ପାଇଁ ।

ISSN NO.
2582-208X

ଧରାରେ ପାଳିବା ପାଇଁ ପର୍ବ ଏହି ।।
ବିବିଧ ଫଳରସର ସମାହାର ।
ଛେନା ଗୁଡ଼ ରମ୍ଭା ଫଳ ପକ୍ୱ ସାର ।।
ବିଲ୍ୱ ସହିତରେ ନାରିକେଲ ଫଳ ।
କର୍ପୁର ମିଶ୍ରଣେ ଲାଗେ ସୁଶିତଳ ।।
ଦଧି ଦୁଗ୍ଧ ସୁସିତଳ ପୟ ମିଶି ।
ପଣା ରୂପେ ଜନ ମାନସକୁ ରସି ।।
ଦେବାଳୟ ସ୍ଥାନ ପଥ ପ୍ରାନ୍ତେ ପୁଣି
ଦ୍ୟନ୍ତି ଯୁବ ବର୍ଗ ମନ କଥା ଜାଣି ।।
ବାଣ୍ଟି ଜଳ ପଣା ମଧୁର ପାନୀୟ ।
ପାନେ ଦାନେ ଜନେ ଆନନ୍ଦାତିଶୟ ।
ଦ୍ୱାଦଶ ସଂକ୍ରାନ୍ତି ମଧ୍ୟେ ଏହା ସାର ।
ମହାବିଷୁବ ସଂକ୍ରାନ୍ତି ନାମ ୟାର ।।

ପୁରୁଣା ବଜାର,ଲୋକାପଦା,ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ମ୍ୟାଲେରିଆ, ଡେଙ୍ଗୁ, ଓ ଡ଼ାଇରୀଆ ର ପ୍ରତିକାର ଓ ପ୍ରତିରୋଧ ଉପାୟ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ବର୍ଷର ବରମାସ ମଧ୍ୟରୁ ବର୍ଷା ଚାରିମାସ ରେ ସାଧାରଣତଃ ମ୍ୟାଲେରିଆ, ଡେଙ୍ଗୁ, ଡ଼ାଇରୀଆ, ରୋଗର ପ୍ରାଦୁର୍ଭାବ ଦେଖା ଯାଇଥାଏ । ଏହି ରୋଗ ଗୁଡିକୁ ନିୟନ୍ତ୍ରଣ, ନିରାକରଣ ଓ ପ୍ରତିରୋଧ ପାଇଁ ଯଥା ସମୟରେ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

"ମ୍ୟାଲେରିୟା"

ସାରା ପୃଥିବୀରେ ସାଧାରଣତଃ 4 ପ୍ରକାର ମ୍ୟାଲେରିୟା ପାରା ସାଇଟ ଦେଖାଯାଇଥାଏ । 1.ପ୍ଲାଜମୋଡ଼ିୟମ ଫଲସି ଫରମ, 2.ପ୍ଲାଜମୋଡ଼ି ୟମ ଭାଇବେକ୍ସ, 3.ପି.ଓଭେଲା, 4. ପି. ମେଲେରିୟା । ଏହି 4ଟି ମଧ୍ୟରୁ ଆମ ଭାରତ ରେ ପ୍ରଥମ 2 ଟି ପ୍ଲାଜମୋଡ଼ିୟମ ଫଳସି ଫରମ ଓ ପ୍ଲାଜମୋଡ଼ି ୟମ ମ୍ୟାଲେରିଆ ପାରସାଇଟ ହିଁ ଦେଖା ଯାଇଥାଏ । ଏ ଦୁଇଟିରୁ ପ୍ଲାଜମୋଡ଼ିୟମ ଫଲସି ଫରମ ମ୍ୟାଲେରିଆ ଜୀବାଣୁ ଅତି ମାରାତ୍ମକ । ଏଥିରେ ସାରା ବିଶ୍ୱରେ ବହୁ ଲୋକ ସଂକ୍ରମିତ ହୋଇ ମୃତ୍ତ୍ୟୁବରଣ କରିଥାନ୍ତି ।

ମ୍ୟାଲେରିଆ ଜ୍ୱରର ଲକ୍ଷଣ

ଜଣେ ସୁସ୍ଥ ବ୍ୟକ୍ତି ମ୍ୟାଲେରିୟା ପାରାସାଇଟକ (ମ୍ୟାଲେରିଆ ପରଜୀବି) ସଂକ୍ରମଣରୁ ହିଁ ମ୍ୟାଲେରିଆ ଜ୍ୱର ଆକ୍ରାନ୍ତ ହୋଇଥାଏ । ମାଇ ଏନୋଫିଲିସ ନାମକ ଏକ ମସାର ଲାଳ

ISSN NO.
2582-208X

ଗ୍ରନ୍ଥିରେ ମ୍ୟାଲେରିଆ ଜୀବାଣୁ ରହିଥାଏ । ଏହି ମ୍ୟାଲେରିଆ ଜୀବାଣୁ ଧାରୀ ମଶା ଜଣେ ସୁସ୍ଥ ବ୍ୟକ୍ତି କୁ କାମୁଡ଼ିଲେ, ବ୍ୟକ୍ତି ମ୍ୟାଲେରିୟା ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି । ଏହି ପରଜୀବି ନିଜ ଜୀବନ ଚକ୍ର ରେ କିଛି ଅଂଶ ମଣିଷ ଦେହରେ ଏବଂ ବାକି ଅଂଶ ମଶା ଦେହରେ ବିତାଇ ଥାଏ । ମାଈ ଏନୋଫିଲିସ ମଶା ମ୍ୟାଲେରିଆ ଆକ୍ରାନ୍ତ ରୋଗୀକୁ କାମୁଡିବା ଦ୍ୱାରା ମଶା ଦେହକୁ ମ୍ୟାଲେରିୟା ପରଜୀବି ପ୍ରବେଶ କରିଥାଏ, ତା ପରେ ପରଜୀବି ମଶାର ଖାଦ୍ୟ ନଳୀରେ ପହଂଚି ମସାକୁ ସଂକ୍ରମିତ କରାଏ । ଏହି ସଂକ୍ରମିତ ମଶା ଯେତେବେଳେ ସୁସ୍ଥ ବ୍ୟକ୍ତି କୁ କାମୁଡିଥାଏ ସେତେବେଳେ ମ୍ୟାଲେରିୟା ପରଜୀବି ମନୁଷ୍ୟର ରକ୍ତ ଭିତରକୁ ପ୍ରବେଶ କରେ । ସୁସ୍ଥ ବ୍ୟକ୍ତି କୁ ସଂକ୍ରମିତ କାମୁଡିବା ର 14 ରୁ 21 ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇ ଜ୍ୱର ହେବା ସହ ଶରୀରରେ କମ୍ପ ଓ ପ୍ରବଳ ଶୀତ ଅନୁଭୂତ ହେବା ଓ ମୁଣ୍ଡବ୍ୟଥା ସହ ରୋଗୀ ବାଉଳି ଚାଉଳି ହୋଇଥାଏ I ହାତର ଆଙ୍ଗୁଠି, ଓଠ ଆଦି ନୀଳ ବର୍ଣ୍ଣ ଦିଶିବା ସହ ଲୋମ ଠିଆ ହେବା ଲକ୍ଷଣ ଦେଖାଯାଇଥାଏ I

## ମ୍ୟାଲେରିଆ ଜ୍ୱର ର ପ୍ରତିରୋଧ

ସ୍ୱରୂପ ସୁସ୍ଥବ୍ୟକ୍ତି ମଶା କାମୁଡିବା ଠାରୁ ଦୁରେଇ ରହିବା ଉଚିତ I

ପ୍ରତିରୋଧ ଉପାୟ

ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷା ଋତୁରେ ବହୁଳ ଭାବେ ଦେଖାଦେଇଥାଏ I ମ୍ୟାଲେରିଆ ଜ୍ୱର ର ବାହକ ମାଈ ଏନୋଫିଲିସ ମଶା ଅଟେ । ଏହି ମଶା ମନୁଷ୍ୟ କୁ ରାତିରେ କାମୁଡିଥାଏ, ଏହି ମଶା ସ୍ଥିର, ସ୍ୱଚ୍ଛ ଜଳରେ ବଂଶ ବିସ୍ତାର କରିଥାଏ । ମାଈ ଏନୋଫିଲିସ ମଶା 1-2କି.ମି. ପରିସୀମା ଭିତରେ ଉଡି ସୁସ୍ଥ ବ୍ୟକ୍ତିଙ୍କୁ କାମୁଡି ଥାଏ I ଏହାର ପ୍ରତିରୋଧ ନିମନ୍ତେ ଔଷଧ ବୁଡ଼ା ମଶାରୀ ଟାଙ୍ଗୀ ଶୋଇବା ସହ ଘରେ ଝୁଣା ଧୂପ ଦେବା ଆବଶ୍ୟକ ଅଟେ I ମ୍ୟାଲେରିଆ ଜ୍ୱରରେ ପୀଡିତ ବ୍ୟକ୍ତିଲକ୍ଷଣ ଦେଖା ଦେବା ମାତ୍ରେ, ଡାକ୍ତରଙ୍କ ପରାମର୍ଶ ଅନୁଯାଇ ଅବହେଳା ନକରି ଔଷଧ ସେବନ କରିବା ଉଚିତ ।

ISSN NO.
2582-208X

ଆୟୁର୍ବେଦିୟ ଚିକିତ୍ସା ପଦ୍ଧତି :-ମ୍ୟାଲେରିଆ ଜ୍ୱରରେ ପୀଡିତ ରୋଗୀ କୁ 1.ସୁଦର୍ଶନ ଘନ ବଟିକା ଗୋଟିଏ କରି ଦୁଇବେଳା ଖାଦ୍ୟପରେ ଗରମ ପାଣି ଥଣ୍ଡା କରି ତା ସହ ଖାଇବା ଉଚିତ.

2.ଅମୃତାରିଷ୍ଟ 10 ରୁ 15 ଏମ.ଏଲ ଦିନରେ ଦୁଇବେଳା ଖାଦ୍ୟପରେ, ଗରମ ପାଣି ଥଣ୍ଡାକରୀ ମିଶାଇ ସେବନ କରିବା ଉଚିତ ଯାହାକି ମ୍ୟାଲେରିୟା ଜ୍ୱରରେ ଉତ୍ତମ ଫଳପ୍ରଦ ହୋଇଥାଏ । 3.ଗଙ୍ଗଶିଉଳି ଗଛର ପତ୍ରର ରସ ଦୁଇ ଚାମଚ ଲେଖାଏଁ ଖାଲିପେଟରେ ଦୁଇବେଳା ସେବନ କରିବା ଉଚିତ ।

ବର୍ଷା ଋତୁ ରେ ବିଭିନ୍ନ ପ୍ରକାର ମଶା ଠାରୁ ଦୂରେଇବା ନିମନ୍ତେ ବାସଗୃହର ଚାରିପାଖ ପରିଷ୍କାର ପରିଚ୍ଛନ ରଖିବା ସହ କୌଣସି ସ୍ଥାନରେ ପାଣି ଜମି ଜମିବାକୁ ଦେବା ଉଚିତ ନୁହେଁ, ଜଳାଶୟ ଏବଂ ଅନ୍ୟାନ୍ୟ ସ୍ଥାନ ଗୁଡିକରେ ବ୍ଲିଚିଙ୍ଗ ପାଉଡର ପକାଇବା ସହ ଡ଼ି.ଡ଼ି.ଟି ସିଞ୍ଚନ କରାଇବା ଉଚିତ I

### ଡେଙ୍ଗୁ ଜ୍ୱର

ଏହି ଜ୍ୱର ସାଧାରଣତଃ ଏଡିସ ମଶା କାମୁଡ଼ିବା ଦ୍ୱାରା ସବୁ ବର୍ଗର ସୁସ୍ଥବ୍ୟକ୍ତି ଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ I 1780 ମସିହା ରେ ମାଡ୍ରାସ ସହର(ଚେନ୍ନାଇ )ରେ ସର୍ବପ୍ରଥମେ ଚ଼ିହ୍ନଟ କରାଯାଇଥିଲା I ଡେଙ୍ଗୁ ଜ୍ୱର ଏପରି ଏକ ଜଟିଳ ରୋଗ ଯାହା ଠିକଣା ସମୟରେ ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀ ମୃତ୍ୟୁ ମୁଖରେ ପଡ଼ିବାର ସମ୍ଭାବନା ରହିଥାଏ I ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ରକ୍ତ ନମୁନା ପରୀକ୍ଷା କରାଇ ଡେଙ୍ଗୁ ଜ୍ଓ୍ୱର ଚିହ୍ନଟ ହେବା ପରେ ଔଷଧ ଖାଇବା ଦ୍ୱାରା ଉକ୍ତ ରୋଗରୁ ଉପଶମ ମିଳିଥାଏ I

ମାଇ "ଏଡିସ" ମଶା ହିଁ ଡେଙ୍ଗୁ ରୋଗର ବାହକ ଅଟେ I ଏଡିସ ମଶା ସାଧାରଣତଃ ଦିନବେଳା ଏବଂ ମନୁଷ୍ୟର ଆଣ୍ଠୁ ତଳକୁ ହିଁ କାମୁଡିଥାଏ I ଡେଙ୍ଗୁ ଜ୍ୱର ର ପ୍ରଭାବ ବର୍ଷା

ISSN NO.
2582-208X

ଋତୁରେ ଅଧିକ ଅଟେ I ଏଡିସ ମଶା ମାଟି ସହ ସଂଲଗ୍ନ ହୋଇନଥିବା ଭଙ୍ଗା ମାଠିଆ, ରଖାଯାଇଥିବା ପୁରୁଣା ଟାଇର, ପଇଡ଼ ଖୋଳ, ଥଣ୍ଡା ପାନୀୟ ଓ ଚା ଖାଇବାପରେ ପଡିରହିଥିବା ପ୍ଲାଷ୍ଟିକ କପ, ଭଙ୍ଗା ରେଫ୍ରିଜେଟର, ପାଣି କୁଲେର, ଖାଲି ପିଚୁ ଡବା, ବ୍ୟବହୃତ ନ ହୋଇ ରହିଥିବା ପାଣି ଟ୍ୟାଙ୍କ, ଆଦି ବିଭିନ୍ନ ଅବ୍ୟବହୃତ ପାତ୍ର ରେ ସଂଚିତ ହୋଇ ରହିଥିବା ପାଣିରେ ଡେଙ୍ଗୁ ଜ୍ୱରର ବାହକ "ଏଡିସ "ମଶା ବଂଶ ବିସ୍ତାର କରିଥାନ୍ତି I ତେଣୁ ନିଜର ବାସଗୃହ ଓ ପରିବେଶ କୁ ସଫା ରଖିବା ସହିତ ଉକ୍ତ ଅବ୍ୟବହୃତ ଜିନିଷ ଗୁଡିକରେ ଜଳ ସଞ୍ଚିତ କରିବାକୁ ଦୁରେଇ ରଖିବା ଉଚିତ । ଅଳ୍ପ କିଛିଦିନ ବ୍ୟବଧାନ ରେ ବାସଗୃହ ର ଚାରପଟେ ବ୍ଲିଚିଙ୍ଗ ପାଉଡର ଛିଞ୍ଚନ କରିବା ଉଚିତ,

## ଡେଙ୍ଗୁ ଜ୍ୱର ର ଲକ୍ଷଣ

ଜଣେ ସୁସ୍ଥ ବ୍ୟକ୍ତି ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେଲେ ରୋଗୀ କୁ ଜ୍ୱର ହେବା ସହ ଶରୀରର ସମସ୍ତ ଖଞ୍ଜାରେ ପୀଡା (JOINT PAIN), ମାଂସପେଶୀ ଯନ୍ତ୍ରଣା, ମୁଣ୍ଡ ବ୍ୟଥା ସହ ଶରୀରରେ ତାପମାତ୍ରା 104f ଯାଏ ବୃଦ୍ଧି ପାଇଥାଏ, ହୋଇଥାଏ I ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀର ରକ୍ତ ନମୁନା ପରୀକ୍ଷା କରିବା ପରେହିଁ "ଡେଙ୍ଗୁ" ଜ୍ୱର ହୋଇ ଥିବାର ଜଣା ପଡିଥାଏ । "ଏଡିସ" ମଶା କାମୁଡ଼ିବାର 4 ରୁ 10 ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇଥାଏ । ତେଣୁ ଲକ୍ଷଣ ପ୍ରକାଶ ପାଇବା ପରେ ପରେ ହିଁ ରକ୍ତ ନମୁନା ପରୀକ୍ଷା କରାଇ ଡାକ୍ତର ଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମତାନୁସାରେ ପ୍ରତିବର୍ଷ ପ୍ରାୟ ପାଞ୍ଚ ଲକ୍ଷ ବ୍ୟକ୍ତି "ଡେଙ୍ଗୁ" ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି ।

"ଡେଙ୍ଗୁ" ପାଇଁ ଆୟୁବେଦ ଚିକିତ୍ସା:- ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ମତରେ ଡେଙ୍ଗୁ" ଜ୍ୱର ର ଉପଶମ ତଥା ପ୍ରତିରୋଧ ନିମନ୍ତେ କୃଷ୍ଣ ତୁଳସୀପତ୍ର, ଜଷ୍ଟିମଧୁ, କଞ୍ଚା ହଳଦୀ, ଖାଇବା ଦ୍ୱାରା ଶରୀରରେ "ରୋଗ ପ୍ରତିରୋଧକ" ଶକ୍ତି ବୃଦ୍ଧି ପାଇ "ଡେଙ୍ଗୁ" ଜ୍ୱର ଆକ୍ରାନ୍ତ ହେବା ସମ୍ଭାବନା କମ ଥାଏ । ଏଥି ସହ ଡାଳିମ୍ବ, ପଇଡ଼ ପାଣି, କମଳା, ପଇସାଗ, "ମେଥି" ଆଦି କୁ ଖାଇବା ଉଚିତ, "ଡେଙ୍ଗୁ" ରେ ଆକ୍ରାନ୍ତ ବ୍ୟକ୍ତି ଆମିଷ, ଅଧିକ

ISSN NO.
2582-208X

ମସଲା ଯୁକ୍ତ ଖାଦ୍ୟ, ତେଲଛଣା ଖାଦ୍ୟ ଠାରୁ ଦୁରେଇ ରହିବା ଉଚିତ, ଏହା ଏକ ଜଟିଳ ତଥା ମାରାତ୍ମକ ରୋଗ ହୋଇଥିବାରୁ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ ଅଟେ ।

ଡ଼ାଇରୀୟ(ପତଳା ଝାଡା):-

ବର୍ଷା ଦିନେ ନଦୀ ନାଳ, ପୋଖରୀ, ଗାଡ଼ିଆ, କୂପ ମାନଙ୍କ ରେ ପାଣି ଦୂଷିତ ହୋଇଯାଇଥାଏ, ତେଣୁ ପାଣିକୁ ଭଲଭାବେ ଫୁଟାଇ ପିଇବା ଉଚିତ, ନଚେତ ଉକ୍ତ ଦୂଷିତ ଜଳ ସେବନ କରିବା ଦ୍ଵାରା ବ୍ୟକ୍ତି ଡ଼ାଇରୀୟା (ଝାଡା ବାନ୍ତି) ରେ ପୀଡିତ ହେବାର ବହୁତ ସମ୍ଭାବନା ରହିଥାଏ ।

ଡ଼ାଇରୀୟା ର ପ୍ରତିକାର :-

ସାଧାରଣତ ବର୍ଷଦିନେ, ଅସାବଧାନତା ବଶତଃ, ଦୂଷିତ ଜଳ, ମାଛି ବସିଥିବା ଖାଦ୍ୟ, ବାସୀଖାଦ୍ୟ, ଆଦି ଖାଦ୍ୟ ଖାଇବା, ହେତୁ ଆମଶୟ ଦୂଷିତ ହୋଇ, ଡ଼ାଇରୀୟା ବା ଏକାଧିକ ଥର ଝାଡା ବାନ୍ତି ହେବାର ଅଧିକ ସମ୍ଭାବନା ରହିଥାଏ, ଏହାକୁ ପ୍ରତିରୋଧ ଏବଂ ଝାଡ଼ାରେ ଶରୀର ରୁ ଚାଲିଯାଇଥିବା ଜଳୀୟ ଅଂଶ କୁ ଭାରଣା ନିମନ୍ତେ ଆବଶ୍ୟକ ମୁତାବକ ଚିନି, ଲୁଣ ଲେମ୍ବୁକୁ କୁ ଗରମପାଣି  ଥଣ୍ଡାକରୀ ମିଶାଇ ପାନୀୟ ରୂପେ ସେବନ କରିବା ଉଚିତ । ଯେପରି ଶରୀରର ଜଳୀୟଭାଗ ସନ୍ତୁଳିତ ହୋଇ ରହିବ, ସରକାରୀ ମେଡିକାଲରେ କିମ୍ବା କିଣି କରି ଓ.ଆର.ଏସ ପାଉଡର ପରିଷ୍କାର ଜଳରେ ମିଶାଇ ବାରମ୍ବାର ସେବନ କରିବା ଉଚିତ । ଡାଳିମ୍ବ ଗଛର ଅଗ ପତ୍ର, ପିଜୁଳି ଗଛର ଅଗ ପତ୍ରର ରସ ଦୁଇରୁ ତିନି ଚାମଚ, ସ୍ୱଚ୍ଛ ଥଣ୍ଡା ଜଳରେ ମିଶାଇ ଦିନରେ 2 ରୁ 3 ଥର ସେବନ କଲେ ତରଳ ଝାଡା ପ୍ରଶମିତ ହୋଇଥାଏ । ଏହା ଏକ ମାରାତ୍ମକ ରୋଗ ହୋଇଥିବାରୁ ସଂକ୍ରମିତ ରୋଗୀ ଠାରୁ, ଅନ୍ୟ ସୁସ୍ଥ ବ୍ୟକ୍ତି ଦୂରତା ରକ୍ଷା କରିବା ସହ ଖାଦ୍ୟକୁ ଭଲଭାବେ ଘୋଡାଇ ରଖି ଖାଇବା ଉଚିତ, ଅବହେଳା ନକରି ସତର୍କ ରହିବା ଜରୁରୀ ଅଟେ ।

ISSN NO.
2582-208X

ବର୍ଷା ଋତୁରେ ମ୍ୟାଲେରିୟା, ଡେଙ୍ଗୁ, ଓ ଡ଼ାଇରୀୟା ଲକ୍ଷଣ ପ୍ରକାଶ ପାଇବାମାତ୍ରେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କୁ ରୋଗୀକୁ ନେଇ ଡାକ୍ତର ଙ୍କ ପରାମର୍ଶ ନେଇ ଔଷଧ ସେବନ କରିବା ଉଚିତ । ନିଜେ ସତର୍କ ରହିବା ସହ ନିଜ ପରିବାର ଓ ସମାଜରେ ଉକ୍ତ ରୋଗ ଗୁଡିକ ଯେପରି ନବ୍ୟାପିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଅତି ଜରୁରୀ ଅଟେ ।

ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଚନ୍ଦାହାଣ୍ଡି,
ନବରଙ୍ଗପୁର,
ମୋ -7894112487

ISSN NO.
2582-208X

# ଆଜି ଆସନ୍ତୁ ଜାଣିବା ସ୍ୱାସ୍ଥ୍ୟବର୍ଦ୍ଧକ ଲେମ୍ବୁ ସମ୍ବନ୍ଧରେ



ଡକ୍ଟର ଅଭିମନ୍ୟୁ କାନୁନଗୋ

ବିଭିନ୍ନ ଫଳମୂଳ, ସବୁଜ ପନିପରିବାରେ ଖାଦ୍ୟସାର ଓ ଭିଟାମିନ ଭରି ରହିଛି। ଏଗୁଡିକୁ ଖାଇବା ଦ୍ୱାରା ମନୁଷ୍ୟ ସୁସ୍ଥ, ସତେଜ, ନୀରୋଗ ରହିଥାଏ। ଆମ ଦୈନନ୍ଦିନ ଜୀବନରେ ଏମିତି କେତେକ ଫଳ ରହିଛି, ଯାହା କି ଆମ ସହ ଅତି ପରିଚିତ ଏବଂ ଅତି ଦରକାରୀ। ସେଥିମଧ୍ୟରୁ ଲେମ୍ବୁର ବ୍ୟବହାର ବହୁ ପ୍ରାଚୀନ। ବିଭିନ୍ନ ପୂଜା ଓ ଦେବ କାର୍ଯ୍ୟ, ନୂତନ ବାସ ଗୃହରେ ପ୍ରବେଶ ବେଳେ, ଯାନବାହନ ଆଦିର ପୂଜା ତଥା ଯେ କୌଣସି ଶୁଭ କାର୍ଯ୍ୟରେ ବ୍ୟବହାର ହୋଇଥାଏ। ଲେମ୍ବୁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅମୃତ ତୁଲ୍ୟ ଉପକାରରେ ଆସିଥାଏ। ଲେମ୍ବୁରେ 'ଭିଟାମିନ-ସି ଓ ଆଣ୍ଟିଅକ୍ସିଡାଣ୍ଟ ଯଥେଷ୍ଟ ପରିମାଣରେ ରହିଛି, ଯାହା ମନୁଷ୍ୟ ଶରୀର ପାଇଁ ଅତି ଉପକାରୀ। ଆମେ ପ୍ରତିଦିନ ଖାଦ୍ୟରେ ଲେମ୍ବୁ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ତା' ସହ ରକ୍ତହୀନତା ଦୂର କରିବା, ଜୀର୍ଣ୍ଣ ଶକ୍ତି ବୃଦ୍ଧି କରାଇବାରେ ଏହା ସହାୟକ ହୋଇଥାଏ। ଉଷୁମ ପାଣିରେ ଏକ ଫାଳ ଲେମ୍ବୁ ରସ ମିଶାଇ ପ୍ରତିଦିନ ସେବନ କଲେ ମୋଟାପଣ ହ୍ରାସରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ନିୟମିତ ଲେମ୍ବୁ ଖାଇଲେ ତାହା ହୃଦ୍‌ରୋଗ ଆଶଙ୍କାକୁ ଅନେକାଂଶରେ ଦୂର କରିଥାଏ। ତା' ସହ କିଡ୍‌ନୀରେ ଷ୍ଟୋନ ସୃଷ୍ଟିକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ ଲେମ୍ବୁ। ଲେମ୍ବୁକୁ ଖାଦ୍ୟ ସହ, ପାଣିରେ ଚିପୁଡ଼ି, ଗ୍ରୀନ ଟି' କିମ୍ବା ଲେମନ ଟି' କରି ସେବନ କରିପାରିବା। ସାମ୍ପ୍ରତିକ ପରିସ୍ଥିତିରେ ସାରା ବିଶ୍ୱରେ 'କୋଭିଡ୍ -୧୯' ପ୍ରକୋପ ରହିଛି। ଯେହେତୁ ଲେମ୍ବୁ ରସ ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି

ISSN NO.
2582-208X

ବୃଦ୍ଧି ପାଇଥାଏ, ତେଣୁ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଲେମ୍ବୁ ରସକୁ ବିଭିନ୍ନ ପ୍ରଣାଳୀରେ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ଭୂତାଣୁଜନିତ ରୋଗକୁ ପ୍ରତିରୋଧ କରିହେବ। ହେଲେ ମାତ୍ରାଧିକ ଲେମ୍ବୁ ରସ ସେବନ କରିବା ଅନୁଚିତ। କାରଣ ଏହାଦ୍ୱାରା ଛାତି ଜ୍ୱାଳା, ବାନ୍ତି, ଓଟାର ଲାଗିବା ସହ ଆମାଶୟ ଜନିତ ସମସ୍ୟା ଦେଖାଯାଏ। ତେଣୁ ଦିନରେ ଅତିବେଶିରେ ୨ ଗୋଟି ଲେମ୍ବୁ ଖାଇବା ଉଚିତ । ଦୈନନ୍ଦିନ ଖାଦ୍ୟରେ ଲେମ୍ବୁକୁ ଖାଦ୍ୟ ରୂପେ ଖାଇବା ନିତାନ୍ତ ଆବଶ୍ୟକ, ଯଦ୍ୱାରା ଆମେ ସୁସ୍ଥ, ନୀରୋଗ ଜୀବନଯାପନ ବିତାଇ ପାରିବା ।

ପ୍ରସାର ଭାରତୀ,ପୁରୀ

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ସକାଲ୍ ପାଏଲ୍‌ବେଲକେ



ଗଜାନନ ମିଶ୍ର

ଜେନ୍ଟା ହେବାର ନେଇଁ ନ
ହେଟା ଭି ହେଇଜିବା,
ଘବ୍ରାବାର୍ ନେଇଁ ନ କିଛୁ।
ଢ୍ଆଟସଫ, ଫେସବୁକ୍ ଥୁ
ଜଲ୍ଦି ଖବର୍ ମିଲିଜିବା।

ଇଜତ୍ ଦଉ ଥ ଚୋର୍
ଚଁଡାଲ ଲୁଟେରା ମାନକୁ,
କାହାକେ ଜନା, ହେମାନେ
ଭୁଟ୍ ପେଇକରି ସକାଲ
ପାଏଲାବେଲକେ ବନେଇ
ଦେଇଥିବେ ସରକାର୍।

କେନ୍ଟା କାଣା କାହାକେ ଜନା!
ତମର୍ ତମେ ନେଇଁ ଦେଖିପାର
ସପନା, ନେଇଁ କହିପାର
କେନ୍ଟା କାଣା, ଭର୍ମୁ ଥିବ ଏନ୍ତା
କୁଁଡିଖାଲେ ତମ୍ଭେ ତମେ
ନେଇଁ ପଉଥିବ ଜେନ କେଭେ।

ତପୋବନ, ଟିଟିଲ୍‌ଗଡ,
ବଲ୍‌ଙ୍ଗୀର ଜିଲ୍ଲା

ISSN NO.
2582-208X

# କଥାନ - କାଲିଆ ଯାଇଛେ ମାଉସୀ ଘର



ସତ୍ୟନାରାୟଣ ମିଶ୍ର

ଧୁବୁଲାମୁହାଁ, ସୁନାନାକୀ ଆରୁ କାଲିଆଢୁସା ତିନ୍ ହି ଠାକୁର ଯାକର୍ ରଥ କଟକଟ୍, କବାଟ ଠକଠକ୍ ଆବାଜ୍ ସୁନି କରି ମାଉସୀ ମା ଯେନ୍ତା କବାଟ କେ ଖୁଲିଛେ ଇ' ମାନକୁ ଦେଖିକରି କାବା ! ପାଉଆର୍ ଚଷମା ଲଗେଇ କରି ଚିହ୍ନିଲା ଆରୁ ଉସତ୍ ମାଢ଼େ ଗହଗହ ହେଇ କହେଲା "ଇଏ ମା ଗୋ ! ମୋର୍ ପୁତା ମାନେ କାଁ ରେ ! ରଥନେ ବସିକେରି ଆଏଜ୍ ମାଉସୀ ଘର୍ ଆଏଲ କାଁ ରେ ଧନ ! ଫୁନ୍ ଫୁନା ଟେ କେନ୍ତା ନାଇଁ କଲ ? ହଉ, ଆସ ଆସ, ଇ ଖଟେ ବସ ରେ ବା ମାନେ ! ମୁଇଁ ତମର ଲାଗି ପିଠାମଡା ଗୁଡାଦୁ ଛାନି ଦେମି ଯେ ଖାଏବ" ।କାଲିଆ ବଏଲା "ନାଇଁ ଗୋ ମାଉସୀ ଥାଉ ଥାଉ, ଆରୁ ଛନା ପନା କିଛି ନି କର ନ ,ଘରେ ଜେନ୍ ଟା ଭିଲ୍ ଅଛେ ଦେଇ ଦେ ଯେ ଖାଏମୁ ନ, ବଡା ଭୋକ୍ ଲାଗଲା ନ ଗୋ" ।

ମାଉସୀ କହେଲା "ବାବୁରେ ! ଇ' ଛନେଆଘଁନୁ  ପିଠା ପୁଢ଼େଇ କରି ରଖିଛେଁ, ଖାଏବ ଭେଲ୍ ପୁଡା ପିଠାକେ ? ଉସତ୍ ହେଇ କାଲିଆ କହେଲା "ହଁ ଗୋ ମାଉସୀ ! ପୁଡା ପିଠା କେ ଆମର ତ ବଡା ସଉକି, ଦେ ଖାଏମୁ" । ତେହେରୁ ମାଉସୀ ପୁଡା ପିଠା  ଥାଲି ଥି ଆନି କରି ରଖିଛେଯେନ୍ତା ଭୋକର୍ ମାଢ଼େ ଗବୋ ଗବୋ ଠୁକି ଦେଲେ ତିନ୍ ଭାଇ ବହେଁନ୍ । ଖାଇଲା ବେଲେ ମାଉସୀ କାଲିଆ କେ ପଚରାଲା "ହଏ ରେ ବାବୁ, ମୋର୍ ବହ ଲଖି କେ ସଂଗେତୁଇ କେନ୍ତା  ନି ଆନି ଆସଲୁ ? ସୁଭଦ୍ରା ଝଟ୍ ସେ କହି ପକାଲା "ମୋର୍ ବଡ଼ଖା

ISSN NO.
2582-208X

ଦଦା ପରେ ସଂଗେ ଇଟା ଆସିଛନ୍ ଗୋ ! ଦେଢ଼ଶଶୁର ଥିଲେ ଭାଏବ ସଂଗେ ଆସବେ କେନ୍ତା କରି ? ମାଉସୀ ବଏଲା" ଖୋ ରେ ମା, କାଁ ହେଲା ଯେ? ଏଭେ ଆରୁ ଭାଏବ କେନେ ଦେଢ଼ସୁର କେ ଲୁକୁଚନ୍ କାଁ ? ଭାଇ ବହେନ୍ ମାଏନ୍ କରି ଛିଆଁ ଛିଇଁ ଭିଲ୍ ହେଲେ ନ । ବଲିଆ ବଏଲା" ଛାଡ଼ ସେ କଥା, ଇହାଦେ ଦୁଃଖର୍ ସୁଖର କଥା ଟିକେ ହ ଗୋ ମାଉସୀ ! ତୁଇ ଭଲେ ଭଲେ ଅଛୁ ତ"? "କାହିଁ ର୍ କଥା ରେ ପୁତା ? ବୁଢ଼ୀ ହେଲି ନ, ଆଖି ଥି ଜାଲି ବସିଛେଯେ ବନେ କରି ନାଇଁ ଦିଶୁଛେ, ଭାବୁଛେଁ, ଇ ଥର କେମ୍ପ ଆସଲେ ଅପରେସନ୍ ଟେ କରାମି ନ, ଆରୁ ତମେ ଯେ ରେ ବା ମାନେ ! ବନେ ବନେ ଅଛ ତ" ? ସୁଭଦ୍ରା କହେଲା "ତୁଇ ନାଇଁ ଜାନି କାଁ ଗୋ ମାଉସୀ ! ଗଲା ଜେଠ ର୍ ପୁନି ଦିନେ ହେ ପଣାବାହ୍ମନ୍ ମାନେ ଆମକୁ ଜବରଦସ୍ ଗରିଆ ଗରିଆ ଚୁଆଁ ପାନି ଗୁଧେଇ ଦେଲେ ଯେ ତହିଁ ଆର ଦିନୁ ତେର ଦିନ ଯାଏ ତିନେ ଭାଇ ବହନି କେ ଜର୍ ।ଜର ବୋଲି ଜର୍ କାଁ, ଶହେ ଚାର୍ ଡିଗ୍ରୀ ତପତ୍ ।

ଖଟେ ପଡି ପଡି ପିଠି ଅଣ୍ଟା ଦୁଃଖେଇ ଗଲା, ଉଷ ଖାଇ ଖାଇ ତୁଣ୍ ମୁଣ୍ ପିତା ଲାଗିଗଲା। ମନ୍ ଟା ମୁଟେ ସରସ୍ ନାଇଁ ରହେଲା ଯେ ଇଟା ବୁଲି ବାହାରି ଥିଲୁଁ ଗୁଂଚା ଗୁଡି ଆଡେ, ଗୁଟେ ହପ୍ତା ହେନେ ରହି କରି ବାହାଡା ଦଶମୀ ଦିନେ ଫିରି ଆସଛୁଁ ଇଟା ।"

କାଲିଆ ବଏଲା "ଆସଲା ବାଟେ ତୋର ଘର୍ ପଡୁଚେ ଯେ ତତେ ଛନେ ଦେଖି ଆସଲୁଁ ଗୋ ମାଉସୀ ! ଖାସ୍, ତୋର ହାତୁ ପୁଡା ପିଠା ଖାଏମୁଁ ବୋଲି । ଭାବେ ଗଦ୍ ଗଦ୍ ହେଇ ମାଉସୀ ବଏଲା "ଇ ଭାବ ସେନ ସର୍ଦା ଟିକେ ତୋର ମାଉସୀ ର୍ ଉପୁରେ ସବୁଦିନେ ରଖିଥିବ ରେ ବା ମାନେ, କେଭେଁ ଭୁଲିଭୁଲା ନାଇଁ ଯିବ" ।କାଲିଆ କହେଲା ଭୁଲି ଥିଲେ ତୋର୍ ଘରକେ ଆମେ ଆସିଥିତୁଁ କାଁ ଗୋ ?

ISSN NO.
2582-208X

ହଉ, ଇଛେନ୍ ଆମକୁ ବିଦାକି ଦେ । ବଡ଼ଦେଉଲ୍ କେ ଗଲେ ଯାକେ ,ସେଆଡେ ରିଷେ କମଲାଆମର୍ ବାଟ ଦେଖୁଥିବା" । "ଦେଖିକରି ରେ ପୁତା, ଲଖି ର୍ ନେ ନି ଗାଲି ଲାଗବୁ"। ହସି କରି ଜଗନ୍ନାଥ କହେଲା "ମୁଇଁ ଯେନ୍ତା ରସିଆ ମନମହନିଆଁ, ମୋର୍ ରସ ରସିଆ କଥା ଥି ତାକେ ମନେଇ ନାଇଁ ପାରେଁ ଭାବିଛୁ କାଁ ? "ଛି ରେ ମା ! ପୁଓ ହେଇକରି ମାଉସୀ ଆଘେ ଇଂତା ଅଲାଯୁଗିଆ କଥା କହେସୁ କେନ୍ତା "କାଲିଆ କହେଲା "ହଏ ଗୋ ମାଉସୀ ! ଏଭେଁ ଇ ପିଲା ଟୁକେଲ ମାନେ ମା ବୁଆ ସାମନେ ଟିଭି ଥି କେନ୍ତା ନଂଗଲା ନାଚି, ପୁଟୁଲା ପୁଟୁଲି, ଚୁମା ଦିଆ ଦି ପିକ୍ଚର୍ ସବୁ ଦେଖସନ୍ ଯେ ଇମାନକେ ତ ଲାଜ ନାଇଁ କି ଦେଖଉ ବାଲା କେ ସରମ୍ ନାଇଁ। ମୁଇଁ ତତେ କାଁ ଲାଜ ର୍ କଥା ଟେ କହି ପକାଲି ? ????

ସିଂଧେକେଲ୍ ବଲ୍ଙ୍ଗୀର 9583605915

ISSN NO.
2582-208X

# ଆମର ଭାସି, ଆମର ଲେଖା



ବ୍ରଜମୋହନ ମେହେର

ଯେନସି ଭାସି କି ଭାଷା ହଉ ଆଘ ଚଲସି ଟୁଁଢ଼େ ମୁହେଁ ମୁହେଁ । କହାକହିନେ ରହିଥିସି ବଲି କଥିତ ଭାଷା ବଲାଯାଏସି । ଲେଖାଲେଖି ମୁଂଦଲ ହେଇକରି ତାର ଜହ ବେଭାର ହେଇପାରଲେ ଯେଇକରି ଲିଖିତ ଭାଷାର ନାଁ ପାଏସି । ଯେନ୍ ଯେନ୍ ଧ୍ୱନି କି ଶବଦକେ ଆମେ ଟୁଁଢ଼େ କହେସୁଁ, ହେଟାକେ ଲେଖିକରି ପଢ଼ବାର ଉପାଏ କରବାରଥି ଲିପି ଜନମ ନେସି । କେନସି ଗୁଟେ ଧ୍ୱନି କି ଶବଦକେ ଲେଖବାରକାଜେ କେନସି ଗୁଟେ ଚିନ୍ହା ବନେଇକରି ହେ' ଭାବେ ଚିନ୍ହି ବସବସଲେ ହେଟା ହେଇପାରସି ଗୁଟେ ଲିପି । ଲେଖାଗଲା ବଲି ଲିପି ।

ଆମର ଭାଷାକେ ଏଭେ ସିନା ଲେଖି ବସୁଛୁଁ, ମାତର ଶ' ଶ' ବଛର ଧରିକରି ନେଇଁ ଲେଖା ହେଇକରି ଖାଲି ମୁହେଁ ମୁହେଁ ରହି ଆସିଛେ । ତାହାବଲି ଯେ ଆମର ଭାଷାନେ ସାହିତିଅ ସୁସ୍ଟି ନେଇଁହେଇବଲି କଥାନେଇଁ— ଶ' ଶ' ବଛର ଧରିକରି ଶ' ଶ' କଥାନି, ହଜାର ହଜାର ଗୀତ ଯେତେ ଲୋକର ମୁହେଁମୁହେଁ ଥିଲା , ଆର କେତେ ଯେ ରହିଛେ, ତାର ସଁକଲା ନେଇଁ । ମାତର ହେ'ସବୁ ମଉଖିକ ସାହିତିଅ କି ଲୋକସାହିତିଅ ଭାବେ ନାଁ ପାଇଗଲା; ଲିଖିତ ସାହିତିଅ ନେଇଁସେ ବଲିକରି ।

ISSN NO.
2582-208X

ଆମର ଲିପି ନେଇଁଥେଇ ବଲବାରଟା ବି ବଡ଼ଭାରି ଭୁଲ୍ ହେବା । ମାତର ଆମେ ଆମର କହେବାର ଅସଲି ଭାସିନେ ନେଇଁଲେଖି; ହେଟା ଆମର ବଡ଼ଭାରି ଭୁଲ୍ ଆଏ ।

ଉଡ଼ିଆ ଭାଷାର ଗବେଷକମନେ, ଭାଷାବିଦ୍‌ମନେ ଆମର ଫାଲକେ ମୁହୁଡ଼ାସନ– ନୁଆଁପଢ଼ା ଜିଲାର ଖଡ଼ିଆଲ ଇଲାକା ତୁକଲା-ରିସଗାଁ'ନେ ରହିଥିବାର ଯୁଗୀମଠ ଡଂଗରନେ ଥିବାର କେତେଟା ରେଖାଚିତ୍ରକେ, ଯେନ୍‌ଟା କି ସିଂଧୁସଭ୍ୟତାନୁ ପୁରନା, ଦଶ ହଜାର ବଛର ତଲର ବଲି କହାହେସି । ଇଥିନେ ସୁନ(୦) କି '୦' ଭଲିଆ ଅଛେ; ତାର ସଂଗେ ବି ଆର କେତେ ଚିନ୍‌ହା । ହେ'ମନେ ଇଟାକେ ଉହାଟସନ ଉଡ଼ିଆ ଲିପିକେ ଜୁନାପୁରନା ଲିପି ବଲିକରି ଦେଖାବାକେ । ହେନତି ଉଡ଼ିଆ ଭାଷାକେ ଶାସ୍ତ୍ରୀୟ ଭାଷା ବଲି ଦାବୀ କଲାବେଲକେ ଧିଆନ ଦେଇଛନ ଇ' ଫାଲକେ । (ଦେଖି ପାରମା 'Submission for CLASSICAL STATUS OF ODIA LANUAGE to MINISTRY OF CULTURE, Government of India' ର ୩୪ ପୃସ୍ଠାକେ ।) ଆର ଦେଖ, ଆମକେ କହେବେ ଯେ ତମର ଲିପି କାହିଁ?

ଭାରତର ସବୁନୁ ପୁରନା ଲିପି ବଲି ସିଂଧୁ ସଭ୍ୟତାର ଲିପିକେ କହାଯାଏସି; ମାତର ଆଏଜ୍ ତକ୍ ହେ' ଲିପି ପଢ଼ାହେଇ ନେଇଁପାରବାର ତାଲି । ପଢ଼ା ହେଇପାରୁଥିବାର ଲିପି ଭିତିରେ ଭାରତର ସବୁନୁ ଜୁନା ଲିପି ବଏଲେ ତାର ନାଁ ହଉଛେ 'ବ୍ରାହ୍ମୀ'— ଦୁସରା ମତେ 'ଧମ୍ମ' ଲିପି । ଇଥିନୁନ୍ ଏକା ଭାରତର କହ କି ଭାରତ ବାହାରେ ତିବ୍ବତ, ମିଆଁମାର, ଶ୍ରୀଲଂକା କହ- ଉନାପୁରା ସବୁ ଭାଷାର ଲିପି ବାହାରିଛେ । ତାମିଲ, ତେଲଗୁ, ହିଂଦୀ, ଉଡ଼ିଆ, ବଂଗାଲୀ, ସିଂହଲୀ– ସବୁ ଭାଷାର ଲିପି ହେ' ବ୍ରାହ୍ମୀ ଲିପିନୁ ଏକା ବଦଲି ଉଦଲି କରି ଆଝିର ଥିତିକେ ଆସିଛେ ଭିନ ଭିନ ମୁହୁଁରନ ଧରିକରି । ଇଟା ମାତର ସତ ଯେ ଆଝି କାଲ୍‌ହିର ସାଂତାଲୀ, ସଉରା, କୁଇ ଭଲିଆ ଆଦିବାସୀ ଭାଷାମନକର ଯେନ୍ ଲିପି ବନିଛେ, ହେସବୁର ମୂଲ ବ୍ରାହ୍ମୀ ନେଇଁସେ । ବନିଛେ ନୁଆଁ ହିସାବେ ।

ISSN NO.
2582-208X

ଆମର କୋସଲାଂଚଲର ଝାରସୁଗଡ଼ା ଜିଲାନେ ଥିବାର ବିକ୍ରମଖୋଲ ବି ଆମର ପୁରନା ଲିପିର ପରିଚଏ ଦେସି । ଇଥିର ଲିପିକେ ସଏଂଧବ ଲିପି (ସିଂଧୁ ସଭ୍ୟତାର ଲିପି) ର ପଛେ ଆରୁ ବ୍ରାହ୍ମୀ ଲିପିର ଆଗଲି- ଦୁଇଟାର ମଝାମଝି ଲିପି ବଲିକରି କହାଯାଏସି ।

କଲାହାଁଡ଼ି ଜିଲାର ଗୁଡ଼ହାଁଡ଼ିର ରେଖାଚିତ୍ର ତୋ ପ୍ରାକ୍-ଅଇତିହାସିକ ସମିଆଁର ବଲି ଗବେଷକମନେ ମତ ଦେସନ । ଏନତି ରେଖାଚିତ୍ର ବି ତୋ ଗୁଟେ ଭାବ, ଭାଷା କି ସଁସ୍କୃତିର ମୁଂଦଲ ଦେଖେଇ ଦେଇପାରବା । କୋସଲାଂଚଲର ଜୁନା-ପୁରନା ସଭ୍ୟତା ବଏଲେ ଦଗ୍‌ଦଗା ଦେଖାଯିବା ମାରାଗୁଡ଼ା ସଭ୍ୟତା । ଇ ଇଲାକାନୁ କେତେ ପୁରନା ମୂରତି ଆର ହେତିନେ କିଛି ଲେଖା ହେଇଥିବାରଟା ଦେଖାଯାଏସି । 'ମାହେଶ୍ୱରୀ ଭବଦ' ବଲି ହେ ଲେଖାକେ ଗବେଷକମନେ ପାଠ କରିଛନ ।

କଲାହାଁଡ଼ି ଇଲାକାର ତେରେସିଂଗା ଠାନୁ ମିଲିଥିବାର 'ପରବତ ଦୁଆରକ' ରାଏଜ କି ରାଜ ବଁଶର ତୁଷ୍ଟିକର କଁର ଲେଖା ଯେତକି ଆମର ଲିପିର ପରିଚଏ ଦେସି, ହେନତି ଖଡ଼ିଆଲ ଇଲାକାର ମିଲିଥିବାର ଦଖିଣ କୋସଲର ସରଭ ପୁରିଆ ରଜାମନକର ଟଁକା ପଏସା କି ତମାପଟାର ଲେଖା ସବୁ ଆମର ଲିପିର ଇତିହାସକେ ଦପ୍‌ଦପା କରସି । ସୋମବଁଶିଆ ରଜାମନକର ଶାସନ ସମିଆର ରାନୀପୁର ଝରିଆଲ ଠାନେ ମିଲିଥିବାର ତମାପଟାର ଲେଖା ହଉ କି ସୋମେଶର ଗୁଡ଼ିନେ ଥିବାର ଭିତରର ମୁହୁଁସାଲର ପଖାନନେ ଗଗନଶିବକଁର ଲେଖା ଆମର କୋସଲାଂଚଲର ପୁରନା ଲିପିର ପରିଚଏ ଦେସି । ଅଇତିହାସିକ ସତ୍ୟନାରାୟଣ ରାଜଗୁରୁ ଇ' ସୋମବଁଶିଆ ରଜାମନକର ଲିପି- ବିଶେଷ ଭାବେ ଜନମେଜୟ ଭବଗୁପ୍ତକଁର ଲିପିକେ 'କୋଶଳୋକ୍‌ଳ କୁଟିଳ ଲିପି' ବଲି କହେସନ । (ଦେଖି ପାରମା: ଓଡ଼ିଆ ଭାଷାର କ୍ରମବିକାଶ- ୨ୟ ସଂସ୍କରଣ-୨୯୮୦ର ୪୨ ପୃସ୍ଠା)

ISSN NO.
2582-208X

ସବୁଠାନୁ ପଲେଇ ଆସୁଁ, ନରସିଂହନାଥ ମଂଦିରକେ । ଇନେ ଚଉହାନ ବଁଶର ପଟନିଆଁ ରଜାକଁର ପଖାନ ଲେଖା ରହିଛେ । ଉଡ଼ିଆ ଭାଷାବିଦ୍‌ମନେ ଇ' ଲିପିକେ 'ପ୍ରାଚୀନ ଓଡ଼ିଆ' ଲିପି ବଲି କହୁଥିଲାବେଲକେ ଆମର ଭାଷାର ଗବେଷକମନେ 'କୋଶଲୋତ୍କଲ କୁଟିଲ ଲିପି' କି 'କୋଶଲୋଡ୍ରୀ' ଲିପି ବଲିକରି କହେସନ । ଇଟାର ରୂପନୁ ଆମେ ଲେଖୁଥିବାର ଲିପିର ଜନମ । ଯେନ୍ ଲିପିନେ ଆମେ ଉଡ଼ିଆ ଭାଷା ଲେଖସୁଁ, ହେଟା ଖାଲି ଉଡ଼ିଆ ଭାଷାର ଲିପି ବଲିକରି କହେବାରଟା ହେତିର ଲାଗି ବଡ଼ଭାରି ଭୁଲ୍ ହେବା ନିହା । ଇଟା ଉଡ଼ିଆ ଭାଷାର ଲିପି ଯେନତା , କୋସଲି ଭାଷାର ଲିପି ଆଏ ହେନତି ।

ମାତର ନଦୀର ଧାର ବାଗି ଭାଷାର ଗତି । ବଦଲତେ ଯିବା । ହେନତି ବଦଲି ଯେଇପାରବା ଲିଖନ ଧାରା । ଗୁଟେ ଗୁଟେ ଲିପିନେ ଗୁଟେ ନୁ ଅଧିକା ଭାଷା ଲେଖା ଯେଇପାରବା । ହେନତି ସମିଆଁ ଜାନି ସୁବିଧା ଅନସାରେ ଲିପି ବି ବଦଲି ଯେଇପାରବା । ଏନତି ସମିଆଁ ଆଏସି ଯେ ଆମର ପୁରନା ଲିଖନଧାରା ଆମେ ଆରୁ ଚିନି ନେଇଁପାରୁଁ । ହେନତି କେତନିକେତେ ପୁରନା ଲିପିର ଲିଖନ ଶଏଲୀକେ ହଜେଇ ଦେଇଛୁଁ । ଆମର ବ୍ରାହ୍ମୀ ଲିପିକେ ଆମେ ଚିନି ନେଇଁପାରୁଥେଇ; ଚିନ୍ହାଲେ ଝନେ ଇଂଲିଶିଆ । ୧୮୩୦ ମସିହାନେ ଜେମ୍‌ସ୍ ପ୍ରିନସେପ୍ ପଢ଼ଲେ ଆରୁ ପଢ଼ାଲେ ବଲି ବ୍ରାହ୍ମୀଲିପିନେ ଲେଖାହେଇଥିବାର ଆମର ପୁରନା ଇତିହାସ ଜାନୁଛୁଁ ଏଭେ ଭାରତବାସୀ । ହେ ଗୁଟେ ଲିପିଠାନୁନ୍ ଲେଖୁନ୍ ଲେଖୁନ୍ କେତେ ଭାଷାର ଲିପି ଯେ କେତେ ପରକାରେ ଭିନଭିନ ରୂପ ଧାରଣ କରିଛେ, ଦେଖଲେ ଟୁକ୍‌ଟୁକ୍ ହେଇଯିବାର କଥା( ଆଶ୍ଚର୍ଯ୍ୟ) । କାହିଁ ଦେବନାଗରୀ ଲିପି, କାହିଁ ସେ ଗ୍ରଂଥ ଲିପି! ହାବଡ଼୍‌ଚୁଟେ କେନସି ଲିପିର ରୂପରଂଗ ନେଇଁ ବଦଲି, ବଦଲିଯେଇଛେ କଲେକଲେ, ଧୀରେସୁସ୍‌ତେ, କେତେକେତେବେଲେ । ସୁବିଧା ଅନସାରେ ନେଇଛେ ମୁହୁଁରନ ଭିନଭିନ ପରକାରେ ।

ISSN NO.
2582-208X

ଆମର ଟୁଁଡ଼ର ଭାସିକେ ଅନହେଜା କନୁ ବଲି ଇଛନ ଆମକେ ଗୁଂଦଲାଗୁପା ଥିତିକେ ଭେଁଟବାର ପଡ଼ଲା, କେନ୍ ଲିପିନେ ଲେଖମୁ, କେନତା କରି ଲେଖମୁ ଆରୁ କେନ୍ ଥି ପହେଚାନ ସୁସ୍ଟି କରମୁ ବଲି । ଯେନ୍ କୋସଲୋତ୍କଲ ଲିପି (ଉଡ଼ିଆ)ନେ ଏକବାରି ଲେଖତେ ଲେଖୁଛୁଁ ସତ କଥା; ତେନେ ବି କେତେକେ ନେଇଁ ଲେଖିପାରଲା ବାଗି ଲାଗସି, ଆମେ ଆମର ଭାଷାର ହିସାବେ ଲିପିକେ ବତରେଇ ନେଇଁ ପାରନୁ ବଲି । ଉଡ଼ିଆକେ ସାହିତିକ ଆରୁ ନିଜରଟାକେ ଗଉଁଲି ବଲି ଅନଦେଖା କନୁ ବଲି । ନେହେଲେ ଆମେ ଅପନାର ଭାଷାକେ ଲେଖିଥିତୁଁ, ଅପନାର ହିସାବେ ଲିପିନେ ଆର କିଛୁ ନୁଆଁ ଶଏଲୀ ଆନିଥିତୁଁ ।

ଇଥିର ଲାଗି ଆମର ଭାଷାନେ ଲେଖବାକେ ଦେଖାଗଲା କେତେ ଗୁଂଦଲାଗୁପା । ଦେଖାଗଲା ଭିନେଭିନେ ମତ । ସେ ଭିତରୁନ ହେଉଛେ-

୧- ଅବିକଲ ଉଡ଼ିଆ ଲିପି( କୋଶଲୋତ୍ରୀ ଲିପି)ର ବେଭାର ।

୨-ଉଡ଼ିଆ ଲିପିନେ କେତେ ସୁଧାର ଆନବାର ।

୩- ଦେବନାଗରୀ ଲିପି(ହିଂଦୀ) ବେଭାର ।

୪- ରୋମାନ ଲିପି(ଇଂଗ୍ଲିଶ୍)ନେ ଲେଖବାର ।

୫- ନୁଆଁଲିପିର ସିର୍ଜନା ।

ହେନତି ଇ'ଠାନେ ଆମେ ଆରୁଗୁଟେ ମତ ଯୁଡ଼ି ଦେଇପାରମୁ:-

୬-ବ୍ରାହ୍ମୀ ଲିପିନେ ଲେଖବାର

(ପରକୁତନେ ଇ' ଲିପି ହଉଛେ ଭାରତର ସବୁ ଲିପିର ମାଁ(ଆଦିବାସୀ ଭାଷାର ନୁଆଁଲିପିକେ ଛାଡ଼ିକରି) । ଆମର ଭାରତ ମାଟିର ଅସଲି ଲିପି, ଆମର ଲିପି, ପାଲି ପ୍ରାକୃତ ଭାଷାର ପରକୁତ ଲିପି, ଯେନ୍ଟା କି କେନସି ଆଧୁନିକ ଭାଷାନେ ବେଭାର ନେଇଁହେବାର । ଆମର ଭାଷା ଇନେ ଲେଖଲେ ମଲା ଲିପିକେ ଜିଆଲା ବାଗି ହେବା,

ISSN NO.
2582-208X

ଆମର ଭାଷାର ମାନ ବଢ଼ବାର ସଂଗେ ସଂଗେ କୋସଲିଆ ମନକର ଦକ୍ଷତା ବଢ଼ିଯିବା ପୁରନା ଅଇତିହାସିକ ଲିପିକେ ପଢ଼ବାକେ । ଇ' ଲିପିର ଲାଗି କାମଚଲା ସଫ୍ଟ୍ଉଏର୍ ବି ବନି ସାରିଛେ, ଆମର ବେଭାର କରବାକେ ଆର ଜହ ଗୁଂଦଲେଇ ହେବାକେ ନାଇଁପଡ଼େ। ନୁଆଁଲିପି ଲାଗି ଗୁଲାମୁଲା ନୁଆଁ ସଫ୍ଟୱେର୍ ବନାବାକେ ପଡୁଥିଲାବେଲକେ ଇଥିନେ ଖାଲି ବନଲାଟାକେ ଅଧିକ ବେଭାର ଉପଯୋଗୀ କରବାରଲାଗି ଲାଗିପଡ଼ଲେ ହେଇଯିବା । )

ଆମର ଇ' କୋସଲି ଭାଷାର ସାହିତିଅ ଭାବେ ଯାହାକିଛୁ ସିର୍ଜିନା ହେଇଛେ ଖାଲି ହେ' ଗୁଟେଖଁଡ଼େକେ ଛାଁଡ଼ିଦେଲେ ସବୁ ଉଡ଼ିଆ ଲିପି (କୋସଲ-ଉତକଲ ଲିପି )ନେ ବଲି କହାଯେଇପାରବା । ଯେତେସବୁ ପୁରନା ସାହିତିକ କବି ମଧୁସୂଦନ ହ'ନ୍ କି ଗଙ୍ଗେଂଦ୍ର ମହାନଂଦ('ବଲାଂଗେରିଆ ଲହରୀ' କବି), କପିଲ ମହାପାତ୍ର ହ'ନ୍ କି ଶିବନାରାୟଣ ଦେଓ, ସତ୍ୟନାରାୟଣ ବହିଦାର ହ'ନ୍ କି ପ୍ରୟାଗଦତ୍ତ ଜୋଷୀ, ହେମଚଂଦ୍ର ଆଚାର୍ଯ୍ୟ ହ'ନ୍ କି ଇଂଦ୍ରମଣି ସାହୁ, ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ହ'ନ୍ କି ଡ.ଦୋଲଗୋବିଂଦ ବିଶି — ସବେ ଉଡ଼ିଆ ଲିପିନେ ଲେଖିକରି ଆମର ସାହିତ୍ୟର ନିହି ପାଟିଛନ ।

ପଂଡିତ ପ୍ରୟାଗଦତ୍ତ ଜୋଷୀ କୋଶଲୀ ଭାଷା ଉପରେ ଗବେଷଣା କଲାବେଲେକେ ଜହକରି ଉଡ଼ିଆନେ ଲେଖିଛନ ଉଡ଼ିଆ ଭାଷାର ପଂଡିତମନକର ଛୁମେ ଆମର ଭାଷାର ଅସଲି ଚେହେରାକେ ଦେଖାବାକେ । କମ୍ ଲେଖିଛନ କୋସଲି ଥି । ଉଡ଼ିଆ ଲିପିକେ 'କୋଶଲୋଡ୍ରୀ' କହାଯାଇପାରେ ବଲି କହିଥିବାରବେଲେ ଭାଷାର ଆଲୋଚନା କରବାର ବେଲେ ତିନ ପରକାର ଶ (ଷ ସ) ଠାନେ ଆମର ଭାଷାର ଉଚ୍ଚାରନ ଥି ଗୁଟେ 'ସ' ହେବାରଟା, 'ଯ' ଠାନେ 'ଜ' ହେବାରଟା ଦେଖେଇଛନ, ମାତର କୋସଲି ଭାଷାନେ ଲେଖଲାବେଲକେ ଅବିକଲ ଉଡ଼ିଆ ଲିପିର ସବୁ ବରନକେ ବେଭାର କରିଛନ । ହେନତି ତାହାଁକର କେତେଟା ଲେଖାନେ 'ଯ' ଠାନେ 'ଜ'ର ବେଭାର ଦେଖାଯାଏସି ।

ISSN NO.
2582-208X

ପଂଡିତ ଜୋଷୀ ଲିପି ଉପରେ ନିରପଖିଆ ମତ ରଖିଥିଲେ ବଲି ଜନାଯାଏସି । ସେ ତୋ ନୁଆଁ ଲିପି ସିର୍ଜନା ନେଇଁକରି, ଏନତିକି ୧୯୯୨ ମସିହା ଅଗଷ୍ଟ-୧ ସତ୍ୟନାରାୟଣ ଜୟଂତୀନେ 'କୋଶଲ ଭାରତୀ ପ୍ରତିଷ୍ଠାନ'ନୁ ବାହାରିଥିବାର 'ହାମେ କୋଶଲୀ, ହାମର ଭାଷା' ବହିନେ ଥିବାର 'କୋଶଲୀ ଲିପି ସମସ୍ୟା ବିଚାର' ପ୍ରବଂଧନୁ ଜନାପଡ଼ସି ଯେ ସେ (ଜୋଷୀ) ନୁଆଁଲିପିର ଦରକାର ନେଇଁ ବଲି କହିଥିଲେ ।(ଦେଖି ପାରମା-'ହାମେ କୋଶଲୀ ହାମର ଭାଷା କୋଶଲୀ', ପୃଷ୍ଠା-୩୨)

ମାତର ସେ ଦେବନାଗରୀ ଲିପି କେନତା ଗୁଲାକାର ରୂପ ଧରିକରି ଏଭର କୋଶଲୋଡ୍ରୀ(ଉଡ଼ିଆ) ଲିପିକେ ପୁହୁଁଚିଛେ, ହେଟା ଚିତ୍ର କାଟିକରି ଦେଖେଇ ଦେଇଛନ ୧୯୯୮ ମସିହା ଫେବ୍ରୁଆରୀ-ପୁଷମାସେ ଖଡ଼ିଆଲ ନୁ ବାହାରିଥିବାର 'କୋଶଲ ସାରଥି'। ପତ୍ରିକାଥି ନେ ଠାନ ପେଇଥିବାର ତାହାଁକର ଖଁଡ଼େ ଚିଠି, ଯେନ୍‌ଟା କଲାହାଁଡ଼ି ଜିଲା ସାହେବ ଆରୁ ଜିଲ୍ଲା ମାଜିଷ୍ଟ୍ରେଟ୍ କଁର ଠାନକେ ଲେଖିଥିଲେ, ହେତିନେ ଅଛେ-

"କୋଶଲୀ ଲିପି ବାବଦନେ ମୁଇଁ ଗୋଟେ ପ୍ରବନ୍ଧନେ ଚିତ୍ର କାଟିକରି ଦେଖେଇ ଦି'ଛେଁ ଯେ ଓଡ଼ିଆ ଲିପି ଦେବନାଗରୀ ଲିପିର ରୂପାନ୍ତର ବର୍ତ୍ତୁଲ ଦେବନାଗରୀ ଲିପି ଆଏ । ମୁଇଁ ତାର ବିରୋଧ ନୈଇ କରବାର ମାତର ଦେବନାଗରୀ ଲିପିକେ କୋଶଲୀ ଲିପି କାଯେ ବ୍ୟବହାର କଲେ କୋଶଲୀ ଉଚ୍ଚାରଣ ସଠିକ ଭାବେ ଲେଖି ପଢ଼ି ହେବା ।" (ପୃଷ୍ଠା-୨, କୋଶଲ ସାରଥି-ଫେବ୍ରୁଆରି-୧୯୯୮ ପ୍ରଥମ ସଂଖ୍ୟା, ପ୍ରଥମ ବଛର ।)

ହେ'ପରକାର ସେ କେତେ ଚିଠି ପତର ଆରୁ କେତେ ଲେଖା ଦେବନାଗରୀ ଲିପିନେ ଲେଖିଥିବାରଟା ଦେଖବାକେ ମିଲସି । ହେନତି ଦେବନାଗରୀ ହଉ କି ଉଡ଼ିଆ, ଯେନସି ଲିପିନେ କୋସଲି ଭାଷାକେ ଲେଖାଯେଇପାରେ -ଇ'କଥା ପଂଡିତ ଜୋଷୀ ମତ ଦେଇଛନ; ମାତର ଉଚ୍ଚାରନ ହିସାବେ ବନାନ ନେଇଁକରି ମୂଲ ସଂସ୍କୃତ ଶଏଲୀ ଉପରେ

ISSN NO.
2582-208X

ଧିଆନ ଦେଇଛନ । (ଦେଖିପାରମା: ପଣ୍ଡିତ ପ୍ରୟାଗଦତ୍ତ ଜୋଷୀ ରଚନା ସମଗ୍ର-୨୦୨୧-ପୃସ୍ଠା-୨୨୭/୨୨୮।)

ଅଇତିହାସିକ, ଲିପିତତ୍ତ୍ୱବିଦ୍ ସତ୍ୟନାରାୟଣ ରାଜଗୁରୁଙ୍କର ମୁଂଦଲକେ ଧରିକରି କୋଶଲୀ ଭାଷା ଆଂଦୋଲନର ଆରମ୍ଭନେ ମୁର୍ଦ୍ଧନି ଲେଖକ ନଟରାଜ ମହାପାତ୍ର ଉଡ଼ିଆ ଲିପିକେ ଇତାର ଶାସ୍ତ୍ରୀୟ ନାଁ 'କୋଶଲୋତ୍କଲ କୁଟିଲ' ଲିପି ବଲି ଯେନତା କହେସନ, ହେନତି ଇଟା ଏକା ଆମର ଅସଲି 'କୋଶଲୀ ଲିପି' ବଲି କହିକରି ଇ' ଲିପିର କାଟଛାଟ କି ଦୁସରା ପରକାରେ ଲେଖବାର, ଦେବନାଗରୀ ଲିପିକେ ଧରବାର କି ନୁଆଁଲିପିର ସିର୍ଜନାକେ ଘୋର ବିରୋଧ କରସନ । (ଦେଖିପାରମା: 'ନଟରାଜ ମହାପାତ୍ର ପଞ୍ଚଭାଷୀ ଗ୍ରନ୍ଥାବଳୀ'-୨୦୧୮ର ପୃସ୍ଠା-୭୨୫ନୁ ୭୩୧ ଆର 'କୋଶଳ ବିପ୍ଳବ'-୨୦୦୪ର ପୃସ୍ଠା ୧୫/୧୬ ।)

ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କର କଥା ଅଲଗା : ପହେଲା ସେ କମ୍ ଅକ୍ଷରନେ ଆମର ଭାଷାକେ ଲେଖବାର ସହଜିଆ ହେବା ଭାବିକରି ଗୁଟେ- ଇ, ଗୁଟେ-ଉ, ଗୁଟେ-ଜ, ଗୁଟେ-ସ –ସୂତ୍ରକେ ଧରିଥିଲାବେଲେ, ପଛେ ପଛେ ଇ ମତକେ ବଦଲେଇ ଦେଇକରି ସବୁ ବରନର ବେଭାରକେ ଜୋର ଦେଇଛନ ।ମାତର ସେ ସବୁବେଲେ ସରଲୀକରନ ସୂତ୍ର: ପଂଚମବର୍ନ ସଂଗେ ହେଇଥିବାର ଯୁକ୍ତାକ୍ଷରକେ ଅନୁସାର( ଂ) ଦୁଆରା ଚଲାବାର ଉପାଏ ପାଁଚିଛନ । (ଦେଖି ପାରମା 'ସମଲପୁରି-ଓଡ଼ିଆ ଶବ୍ଦକୋଷ' ୨ୟ ସଂସ୍କରଣ:୨୦୦୧ର ୪୧/୪୨ପୃଷ୍ଠା – ଭିନ ଭିନ ସଂସ୍କରଣ ବି ଦେଖିପାରମା– 'ଉଦିଆଁ' ପତ୍ରିକା-୨୦୧୨ର କାରତିକ ପୁନି ସଂଖ୍ୟା୬୩ ପୃସ୍ଠା'ନୁ ୬୯ ପୃସ୍ଠା ପତେ ଥିବାର 'ଟୁଁଡ଼ର କଥା, ହାତର ଲେଖା' ପ୍ରବଂଧ ।)

ISSN NO.
2582-208X


ମାତର ଏନତି ଅନୁସ୍ୱାର ବେଭାରକେ କୋଶଲୀ ଭାଷାନେ ମେଘଦୂତକେ ଅନୁବାଦ କରିଥିବାର ଡ. ହରେକୃଷ୍ଣ ମେହେର ପସଂଦ ନେଇଁକରନ । ସେ ପଂଚମ ବର୍ଣର ସ୍ୱତଂତ୍ର ସ୍ଥିତିର ସଭଂଦର୍ଯ୍ୟ ନଷ୍ଟ ହେଇଯିବା ବଲସନ । କେନସି ଅକ୍ଷର କି ଯୁକ୍ତାକ୍ଷର କୋଶଲୀ ଭାଷାର ଲାଗି ଅନୁପଯୁକ୍ତ ନେଇଁସେ ବଲସନ ।

ଆମର ଭାଷାନେ ଗୁଟେ-ଇ, ଗୁଟେ-ଉ, ଗୁଟେ-ଜ, ଗୁଟେ-ସ- ସବୁ ଲେଖବାର ମୁଂଦଲ ହେଲା ନୁ ଦୁଇ ଗୁହୁଡ଼ି ଭିତରେ ଆରକେତେ କଟାକଟି ଚାଲଲା । କେତେ ହଲଂତର ବେଭାର ନେଇଁକରିକରି ହିଂଦୀ ଭଲିଆ ପଢ଼ବାର ଚେଷ୍ଟା କଲେ, ତୋ ଆର କେତେ ହଲଂତର ବେଭାରକେ ଖୋବ୍ ଜୋର ଦେଲେ । କେତେ ଯୁକ୍ତାକ୍ଷର ଲଗାଲେ ତୋ ଆରକେତେ ଯୁକ୍ତାକ୍ଷର ବେଭାର ଛାଡ଼ଲେ । ନୁଆଁ ଲେଖକ ଇନେ ଖୋବ୍ ଲଡ଼୍ବଡ଼େଇ ଗଲା, ଇ' ଫାଲର ସୂତ୍ରେ ଲେଖଲା ବେଲକେ ହେ'ଫାଲର କଥା ସୁନଲା; ଆର ହେ' ଫାଲର ମତକେ ଧରଲା ବେଲକେ ଇ'ଫାଲର ମୁହାଁମୁହିଁ ହେବାକେ ପଡ଼ଲା ।

କ୍ରମଶଃ......

ଓଡିଆ ଅଧ୍ୟାପକ
ପି.ଏସ୍.କଲେଜ, ବେଲପଡା
ବଲାଙ୍ଗୀର-୭୬୭୦୨୬

ISSN NO.
2582-208X

# ବକା ଆର୍ ରାବଣ୍



ସୁନୀଲ କୁମାର ଅଗସ୍ତି

ମୁଁଇଁ କେନ୍ ଖେତର୍ ଢେଲ୍
କାଏଁ ମୋର୍ ପେହେଚାନ୍
କାଏଁଟା କେ ମୋର୍ ତମେ
ଗାଗରେ ବଫୁ କରି ଗମି ନେଲ ଯେ,
ହେଉଛ କାଁ'ଯେ ତନାଘନା
ଦେବାର୍ କା'ଯେ ମାଏନତା,
ପାରବ ଜାନି
ମରନ୍ ଉତାରୁଁ
ଚଲନ୍ ଥିଲା ମୋର୍ କେନତା,,
ମୁଁଇଁ ହଁ ବଲୁଛେଁ
ନି' ତ ନି' ବଲବାର୍,
ସଂସାର୍ ଗୁଲାର୍ ଯେତେ ଗାଲି
ସଂସାର୍ ଗୁଲାର୍ ଯେତେ ସଁପାକୁଟା
ମୋର୍ ଗାଗରେ ସରଲି ଯାଏସି,,

ISSN NO.
2582-208X

କଲମ୍ ସିନେ ମୋର୍ ଦଉଛେ ଚରକେଇ
ଆନବ କେନତେଇ 'ରମ୍ ରାଏଜ୍',,
ତମର୍ ରାଏଜର୍ ରାଖସ ଭେଲିର୍
ମୁଁଇଁ ତ' ଅସଲ୍ ବକା
ମୁଁଇଁ ତ' ଅସଲ୍ ରାବଣ
ଇଟା ମୋର୍ ଭାଏଗ,,

ଟିଟିଲାଗଡ, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ଗୁଟେ ଉଳଗୁଲାନର ଡାକ :"ସାଗୁଆ ପୁରଥୀ"



ଫିରୋଜ କୁମାର ପଟେଲ

କାଣା ସତେ ବିଜ୍ଞାନ ଆମକୁ ଉନ୍ନତ କରୁଛେ ? କାଣା ସଭ୍ୟତା ର ପ୍ରଗତି ନାଁ ରେ ପ୍ରକୃତି କେ ମାରି ଦେବାର ଠିକ ? କାଣା ବିଜ୍ଞାନ ଆଉ ପ୍ରଯୁକ୍ତିବିଦ୍ୟା ଆମର ପ୍ରକୃତି କେ ଖରାପ କରିକି ହିଁ ବିପ୍ଳବ ଆନି ପାରବେ ? ପ୍ରଗତିଶୀଲ ଦୁନିଆଁ କେ ବାହାଁ ଧରି ଆଗକେ ଘିଛି ନେଲା ବେଲକେ ଆଜି ବିଜ୍ଞାନ ଆଗଆଡେ ଏନ୍ତା କେତନିକେତେ ବଡେ ବଡେ ପ୍ରଶ୍ନ ....! ବିଜ୍ଞାନ ପରିବେଶ ସୁରକ୍ଷା ରେ ଲାଗିଛେ କି ଘିଚିଉଲଚି ପରିବେଶ ବର୍ବାଦ କରୁଛେ, ସତ ଜାଣା ବି ହେଇଥାଉ ହେଲେ ଦୋଷ ସବୁ ତ ବିଜ୍ଞାନ ଉପରେ....

ନିଜର ଘର ଫୁହର ହେଲେ ଖରାପ ତ ଲାଗବା ହିଁ । କଥା ବି ଉଠବା । ପୁରଥୀ ବି ତ ଆମର ଘର । ଆମକୁ ଧରିକି ରଖିଛେ ବୋଲି ସେ ଧରତୀ । ପୁରଥୀ ର ପରିବେଶ ଖରାପ ଲାଗି ଯଦି ବିଜ୍ଞାନ ଦାୟୀ, ତ ବିଜ୍ଞାନ କେ ଆମେ ହିଁ ତ ଅପନେଇଛୁ । ଆମେ ହିଁ ତ କରୁଛୁ ଶିଳ୍ପ ବିପ୍ଳବ, ପ୍ରଯୁକ୍ତିବିଦ୍ୟା ର ବିପ୍ଳବ ଆର କା ଏ କାଁଏ.... । ଦୋଷ ଯାହାର ଥାଉ ଆମର ଘର ଫୁହର ହେଉଛେ ତ ସଫା କାରବାର ବି ଆମର ହିଁ କାମ ।

ପୋକ ମାଛି, ଗଛପତର ନୁ ମୁନୁଷ ତକ ଦେଖଲେ ଆମେ ୧କୋଟି ନୁ ଯହ ହେମା । କେନ୍ ଆଦି କାଲ ନୁ ରହୁଛୁ ଇ ମାଟି । ହେଲେ ଧରତୀ ର ଇ ଅବସ୍ଥା ବେସି ଦିନର କଥା ନୁହେଁ ....ବେସି ସେ ବେସି 500 ବରଷ ଆଗରୁ ହିଁ ମୁଳ ହେଇଛେ ପ୍ରକୃତି ର ବିନାଶ ।

ISSN NO.
2582-208X

ପ୍ରଗତିଶୀଲ ସଂସାର ଲାଗି ସବୁ ବେଳେ ନିଜର ସହଯୋଗ ଦେଉଥିବାର ପ୍ରକୃତି କେ ଆମର ଅନମୁନୁଷିଆ ବ୍ୟବହାର ହିଁ ଥିଲା ଡାକି ଆନୁଛେ ଆମର ଲାଗି ଆଉ ପ୍ରକୃତି ଲାଗି ବିପଦ ।

ସବକେ ଘାରୁଛେ ସହରିକରଣ ର ନିଶା । ଗାଁ ଛାଡି ସଭେ ସହର ଆଡେ ଆଉ ସେନୁ ମୁଲ ହେଉଛେ ଅସଲ ଅସୁବିଧା । ଘର ବନେଇକେ ଗଛ କଟୁଛେ ,ଜଙ୍ଗଲ ସଫା ହେଉଛେ । ଏକଡ଼ ଏକଡ଼ ଜାଗା କେ ବାଁଝେନ କରି ବସା ହେଉଛେ କାରଖାନା । ଲୋକ କାମ ପାଉଛନ ହେଲା ସଙ୍ଗେ କାରଖାନା ର ଧୂଆଁ ଇଲାକା ର ପ୍ରକୃତି କେ ଖାଉଛେ, ଲୋକର ସ୍ୱାସ୍ଥ୍ୟ କେ ଖାଉଛେ । ପ୍ରାକୃତିକ ସମ୍ପଦକେ ମନମୁଖୀ କୁଡ଼ା ହେଉଛେ, ବୁହା ହେଉଛେ। ବଢୁଛେ ଗାଡି ମଟର ସଂଖ୍ୟା । ଲୋକ ନୁ ତ ଗାଡି ମଟର ସଂଖ୍ୟା ଜିତିଯିବା ଲାଗସି । ରୋଡ଼ ତଡେ ଗଛ ଟେ ଦେଖଲେ ବଡା ଗୁଲଗୁଲା ଲାଗସି । କାହିଁ ତାର ସଗୁଆ ମିଶମିଶ ପତର ଆଉ ଏବେ କାହିଁ ତାର ଉପରେ ଛ ପୁର ଧୁଇଲ ର ଦସନା । ବିଚରି ଆର କାଁଏ ଅମ୍ଳଜାନ ଟା ଦେବା..!ଲୋକର ଅଖଞ୍ଜ ପୁରା କରିକେ ଇ କାରଖାନା ,ଗାଡି ମଟର ହିଁ ବଢ଼ଉଛନ ବାୟୁମଣ୍ଡଳ ଥି ଅଙ୍ଗାରକାମ୍ଳ । ସେନୁ ବଢୁଛେ ତାପମାତ୍ରା । ଦିନୁ ଦିନକେ ଆର ବଢୁଛେ ଗରମ । ସେନୁ ଫେର ଗରମ ଲାଗି ହାଏ ହାଏ ହଇ ମରୁଛେ ମୁନୁଷ । ପଙ୍ଖା କୁଲର ରେ ଆଉ କେନେ ରହି ହେଉଛେ । ଖଞ୍ଜା ହେଉଛେ ଏସି, ହେଲେ ତେହେରୁ ଓଜୋନ କେନ୍ତା ଛିଡୁଛେ ଆଉ ଆମକୁ ଫେର ଚର୍ମ କର୍କଟ ହେବାର ଆଘରାନ କେନ୍ତା ବଢୁଛେ ଟା ଆମେ ଆର କେନେ ଭାବୁଛୁ । ଇ ସବୁ ଭିତରେ ବିଜଲୀ ଗହକି ବି କେତନିକେତେ । ବିଜଲୀ ନିହେଲେ ସବୁ ଗଲା ଆଉ ତାର ଲାଗି ବି ଟନ ଟନ କୁଇଲା ପୁଡା । ହାଏ ସୁବିଧା ହାଏ ସୁବିଧା ହଇ ଆମେ ହିଁ ଥିଲା ତ ବନଉଛୁ ଆମର ଲାଗି ରୋଜ ମରମର ର ଜୀବନ ।

ISSN NO.
2582-208X

ବଡେ ଟେ ସଭା ହେବା ।ନେତା ଆସବେ ପରିବେଶ ସୁରକ୍ଷା ଉପରେ ଭାଷଣ ମାରି । ଆଉ ତାର ଟେଣ୍ଟ ମାରିକେ ବି କଟା ହେଇକି ଆସବା ଗୁଟେ ବାଉଁଶ ବୁରେଇ । ବାହଃ ରେ ଦୁନିଆଁ ......

ଆଜି ସବୁଦି ପରିବେଶ ପ୍ରଦୂଷଣ ର କଥା । ପାଏନ ପବନ ସବୁ ତ ମହରା ହେଲା । ଜଙ୍ଗଲ କଟଲା ଅଙ୍ଗାରକାମ୍ଳ ବଢଲା । ଆଉ ଏ ସବୁ ଭିତରେ ନିଜକେ ନ ମାଟି ମିସେଇକେ ଯୋଜନା କରିକି ମୁନୁଷ ନିଜେ ନ ରାବଣ ବାଗିର ହଁସୁଛେ ।ଆଗକେ ଦିନ ଆଏବା ମୁନୁଷ ଲାଗି ସବୁବେଲେ ସମର୍ପିତ ହେଇଥିବାର ପ୍ରକୃତି ବି ହାତ ଟେକିଦେବା ଆଉ ସେନୁ ଲେଖା ହେବା ମନୁଷ୍ୟ ସଭ୍ୟତା ର ମଲା ଇତିହାସ ।

ଇ ସବୁ ଗୁପା ର ଗୁଟେ ସହଜ ସମାଧାନ ହେଲା "ଗଛ" । ସମିଆଁ ସଙ୍ଗେ ସୁନାର ର ଭାଉ ଆକାଶ ଛୁଇଁଲା ହେଲେ ଇ ସଗୁଆ ସୁନା- ଗଛ ର ଭାଉ ଟା ନି ବଢି ପାରଲା । ଏବେ ସଗୁଆ ସୁନା ର ଭାଉ ବଢ଼ାବାର ଦିନ ଆସିଛେ । ଗଛ ହେଲେ ଫଳଫୁଲ ରେ ସଜେଇ ହେବା ପ୍ରକୃତି । ଅମ୍ଳଜାନ ବଢିଯିବା ,ଅଙ୍ଗାରକାମ୍ଳ କମିଯିବା ...ପବନ ରେ ବାରିହେବ ଶୁଦ୍ଧତା । ପାଏନ ହେବା ସଫା, ଖଲଖଲ ହଇ ବହେବା ନଦୀ ଝରନା । ଝୁରି ଚିଙ୍ଗରି ଫେର ଧାନ ଖେତେ ନରଦିବେ । ଜୈବବିବିଧତା ରେ ସଜେଇ ହେବା ପୁରଥୀ । ବାସ ଆମକୁ ସଗୁଆ ରଙ୍ଗେ ରଙ୍ଗେଇ ଲାଗବା ପୁରଥୀ କେ । ତେହେରୁ ସବୁ ଥିର ଆପେ ସମାଧାନ ହେଇଯିବ ।

ଆଜି ଗୁଟେ ଉଲଗୁଲାନ ର ଏକ ଡାକ ଆଏ - ସାଗୁଆ ପୁରଥୀ । ଆଜି ଆମର ସବୁନୁ ବଡ଼ କବାର ଆଏ ସାଗୁଆ ପୁରଥୀ । ନାଇଁ ତ ଆଗକେ ନା ଆମେ ଥିମା ନା ଆମର ପୁରଥୀ । ଆଜି ଆମେ ମଙ୍ଗଳ ଗ୍ରହ ନେ ଜୀବନ ଖୁଜୁଛୁ ହେଲେ ତାର ନୁ ବେଶି ଭଲ

ISSN NO.
2582-208X

ହେବା ଆମର ପୁରଥୀ କେ  ଜୀବନ ପନହାବାର ଲାୟକ ରହିକେ ଦିଆ ଯାଉ । ପୁରଥୀ କେ ବାଁଝେନ ନିକରିକି ସାଗୁଆ ଶାଢ଼ୀ ପିନ୍ଧା ହେଉ ଆଉ ଗଛ ଜଗା ହେଉ ।

ଗୁଟେ ମିଶନ ହେଉ ସଗୁଆ ପୁରଥୀ । ଜନମ ଦିନ ଆଏ... ଗଛ ଟେ ଜଗାମା । ଅଜାବୁଢ଼ା ମରିଗଲା ..ତାର ମଠ ବନାଲେ ଗଛ ଟେ ଜଗାମା । ପୋ  ଟପ୍ପର ହେଲା ଗଛ ଟେ ଜଗାମା। ବିହା ବର୍ଷକିଆ ଆଏ ଗଛ ଟେ ଜଗାମା । ଆଜି ଫୁରସତ ରେ ଅଛୁ ତ ଚାଲ ଗଛ ଟେ ଜଗାମା । ବାହାନା ରେ ହେଉ କି ବିନଲଗନ ରେ  ଗଛ ଜଗାମା । ସେନୁ ହେବା ସାଗୁଆ ପୁରଥୀ ...ସୁଖୀ ହେବା ଆମର ସଂସାର, ହଁସବେ ମାଟି ପାନି ପବନ, ଗାନା ଗାଏବା କୁଇଲି । ହିଁ ହେଇପାରେ ପଥର ର ସହର ନାଇଁ ଥାଏ ହେଲେ ସୁଖ ଶାନ୍ତିର ଗାଁ ରେ ହଁସବା ଜୀବନ ।

ଘାଏ ଭାବୁ ତ... କାଁଣା ହେବା ସାଗୁଆ ପୁରଥୀ ନାଇଁ ହେଲେ...! ହେମଗିର ଜଙ୍ଗଲ ରେ କିଛି  ଦିନ ପରେ ନାଇଁ ଶୁଭେ କଲା ବାଘର ଗର୍ଜନ, ହୀରାକୁଦ  ସୁଖା ହେଇଯିବା, ଏନତା ବି ହଇପାରେ ଆମର ନାତି ନତେନ ମାନଙ୍କୁ ଫଟୁ ରେ ଦେଖମା ଇଟା ଗଛ ବୋଲି... ବାସ ଏତକି ତ...!! ହେଲେ ବିନା ଗଛ ପତର ରେ ମହରା ପରିବେଶ ଭିତରେ ଆମେ ଏତକି ଦେଖକେ ବି ଥିମା ତ...??

ମରବାର ଆଘୁ ନୂଆ ଦୁନିଆ ଟେ ଆମର ଭବିଷ୍ୟତ ପିଢ଼ି କେ ସପି ଦେବାର ଆମର କର୍ତ୍ତବ୍ୟ  ଜେନେ ସେମାନେ ଶାନ୍ତିର ନିଶ୍ୱାସ ମରିପାରବେ ।ତ ଆମର ସ୍ୱପ୍ନ ହେଉ ସାଗୁଆ ପୁରଥୀ, ଆମର ଆହ୍ୱାନ ହେଉ ସାଗୁଆ ପୁରଥୀ ଆଉ ଏବେ ନୁ ଗୁଟେ ଉଲଗୁଲାନ ର ଡାକ ହେଉ - "ସାଗୁଆ ପୁରଥୀ" ।

ଅଧ୍ୟାପକ (ପଦାର୍ଥ ବିଜ୍ଞାନ )
ବୈଦିକ କଲେଜ, ସମ୍ବଲପୁର
Mob -9777632330

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ମାଉଁସକୁ ଯାଏ ବଳ, ମାଉଁସ ଭଜଆ ବଡ଼ି



ଡ଼ଃ ରଞ୍ଜିତ କୁମାର ସାହୁ

ମୁଁ ପରା ମାଉଁସ ଖାଏନି କି କୌଣସି ଆମିଷ ଖାଏନି । ରାତିରେ କଣ କିଛି ସାଦା ହେବନି କି?" ରଘୁ କାନ୍ଦି କାନ୍ଦି କହିଲା । ପିଙ୍କି ହସିଲା ଆଉ କହିଲା, "ଆରେ କାନ୍ଦୁଛୁ କାହିଁକି? ଆଇ ମଧ୍ୟ ପରା ଏହାକୁ ଖାଇବ । ସେ କଣ ଆମିଷ ଖାଏ କି ? ଏଇଟା ପରା ଉଦ୍ଭିଦ ଜାତ ମାଂସ !"

"ମାନେ, ମୁଁ ବୁଝି ପାରିଲିନି ତୁ କଣ କହୁଛୁ," ରଘୁ କହିଲା ।

ରଘୁ ନିରାମିଷାଶି । ତେଣୁ ସିଏ କୌଣସି ପ୍ରକାରର ମାଛ, ମାଂସ କିମ୍ବା ପ୍ରାଣୀ ଜାତ ଖାଦ୍ୟ ଖାଏନି । ଏଥର ମାମୁଁ ଘରକୁ ବୁଲିବାକୁ ଆସିଥିଲା । ପିଙ୍କି ତାହାର ମାମୁଁ ଝିଅ ଭଉଣୀ । କଥାରେ କଥାରେ ରାତ୍ରି ଭୋଜନ ବିଷୟରେ ଆଲୋଚନା ହେଲା ବେଳକୁ ରଘୁ ପଚାରିଦେଲା ରାତିରେ କଣ ଖିଆ ହେବ । ଉତ୍ତରରେ ପିଙ୍କି କହିଲା, "ମାଉଁସ ସୁପ, ମାଉଁସ ପଲାଓ, ମାଉଁସ ତରକାରୀ ଇତ୍ୟାଦି ଇତ୍ୟାଦି ।" ତାହାର କଥା ଶୁଣି ରଘୁର ମୁଣ୍ଡ ଘୁରିଗଲା । ରଘୁ ର ମା ଆମିଷ ଖାଆନ୍ତି ନାହିଁ କି ଘରେ ଆମିଷକୁ ପଶିବାକୁ ଦିଅନ୍ତି ନାହିଁ । ତେଣୁ ରଘୁ ମଧ୍ୟ ପିଲା ଦିନରୁ ଆମିଷ ଖାଇନି ।

ISSN NO.
2582-208X

ହସି ଦେଇ ପିଙ୍କି କହିଲା, "ତୁ କଣ ଜାଣି ନାହୁଁ କି ଆଜି କାଲି ମାଂସ ଭଳି ଏକ ଉଦ୍ଭିଦ ଜାତ ଉତ୍ପାଦ ମିଳିଲାନି I ଏହା ଦେଖିବାକୁ ମାଂସ ଭଳି କିନ୍ତୁ ଏହା ପ୍ରକୃତରେ ସୋୟାବିନରୁ ତିଆରି I ଚାଲେ ତୋତେ ଦେଖେଇବି ମୁଁ କଣ କହୁଛି I" ପିଙ୍କି ରଘୁକୁ ରୋଷେଇ ଘରକୁ ନେଇ ଦେଖେଇଲା ଗୋଟିଏ ପେକେଟ ଯେଉଁଥିରେ ବଡ଼ି ଭଳି କିଛି ଥିଲା I

"ଏହାକୁ ପାଣିରେ ବତୁରାଇ ରଖିଲେ, ଫୁଲି ମାଂସ ଭଳି ଦେଖା ଯାଏ I ନରମ ହେଲା ପରେ ଏହାକୁ ବିଭିନ୍ନ ବ୍ୟଞ୍ଜନ ରେ ବ୍ୟବହାର ହୁଏ I ବିଶ୍ୱାସ ହେଉନି ଯଦି ପେକେଟ ରେ କଣ ଲେଖା ହୋଇଛି ପଢ଼େ," ପିଙ୍କି କହିଲା I

"ମାନେ ତୁ କହୁଛୁ ଏହି ବଡ଼ି ଉଦ୍ଭିଦରୁ ଉତ୍ପାଦନ ହୋଇଛି ?" ରଘୁ କହିଲା I



"ହଁ ଆଉ ଏହି ଉଦ୍ଭିଦର ନାଁ ହେଲା ସୋୟାବିନ I ସୋୟାବିନ ମୁଗ, ବିରି ପରିବାରର ସଦସ୍ୟ ହୋଇଥିବା ସତ୍ୱେ ଏଥିରେ ବହୁତ ପରିମାଣରେ ତୈଳ ଅଂଶ ଥାଏ ତେଣୁ ଏହାକୁ କ୍ଷେତ୍ର ବିଜ୍ଞାନୀ ମାନେ ତୈଳବୀଜ ଭାବରେ ହିଁ ଦେଖନ୍ତି I ତୈଳ ବ୍ୟତୀତ ଅନ୍ୟ ଡାଲି

ISSN NO.
2582-208X

ଜାତୀୟ ଫସଲ ଭଳି ଏଥିରେ ମଧ୍ୟ ବହୁତ ପରିମାଣନରେ ପୃଷ୍ଟିସାର ଅଛି । ତେଣୁ ତୈଳ ଉତ୍ପାଦନ ପରେ ବଳକା ପିଡିଆ ଅଂଶକୁ ପ୍ରୋସେସିଂ କରି ଏହି ପରି ବଡ଼ିରେ ପରିଣତ କରାଯାଏ । ଏହା ବ୍ୟତୀତ ଏହି ଅବଶିଷ୍ଟାଂଶରୁ କ୍ଷୀର, ଛେନା ଆଦି ମଧ୍ୟ ତିଆରି ହୁଏ ଯାହା ଲୋକପ୍ରିୟ ଅଟେ । ଅନ୍ୟ ଫସଲ ଭଳି ଏହାକୁ ମଧ୍ୟ ଚାଷ କରାଯାଏ । ଏହା ପ୍ରଥମେ ଚୀନରେ ଚାଷ ହୋଇଥିବାର ସୂଚନା ଅଛି । ଏହା ମୃତ୍ତିକାରେ ଯବକ୍ଷାରଯାନ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରେ । କିନ୍ତୁ ଏଥିରେ କିଛି ଅପୃଷ୍ଟିକର ତଥ୍ୟ ଥିବାରୁ, ଏହାକୁ ଭଲ ଭାବରେ ପ୍ରସ୍ତୁତ କରିବାକୁ ପଡ଼େ । ପୋଷଣ ଦୃଷ୍ଟିରୁ ଦେଖିବାକୁ ଗଲେ ସୋୟାବିନରେ ପ୍ରଚୁର ପରିମାଣରେ ପୃଷ୍ଟିସାର ଅଛି ଏବଂ ତନ୍ତୁ ମଧ୍ୟ । ଏଥିରେ ବହୁତ ଏଣ୍ଟିଅକ୍ସିଡାନ୍ତ ଥାଏ ଯାହା ଶରୀର ପାଇଁ ଉପକାରୀ । ଏହା ହୃଦରୋଗ ପୀଡିତଙ୍କ ପାଇଁ ଲାଭ ଦାୟକ । ଏଥିରେ କମ ପରିମାଣରେ ସାଚୁରେଟେଡ଼ ମେଦ ଥାଏ ଏବଂ ଲାକଟୋସ ଏବଂ କୋଲେଷ୍ଟରଲ ନଥାଏ । ତେଣୁ ଏଥିରୁ ତିଆରି କ୍ଷୀର ସେମାନଙ୍କ ପାଇଁ ଉପଯୁକ୍ତ ଯେଉଁମାନେ ଗାଇ କିମ୍ବା ମଇଁଷି କ୍ଷୀର ଜାତ ପଦାର୍ଥ ଖାଇ ପାରନ୍ତି ନାହିଁ । କିଛି ଲୋକଙ୍କୁ ସୋୟାବିନ ଖାଇଲେ ଏଲେର୍ଜି ହୁଏ । ସେମାନେ ଏହା ଖାଇବା ଅନୁଚିତ ।"

ଏହା କହି ପିଙ୍କି ତାଙ୍କୁ ଗୋଟିଏ ସୋୟାବିନ ଚାଷ ହେଉଥିବା ଚିତ୍ରଟିଏ ଦେଖେଇଲା । ସୋୟାବିନ ଦେଖିବାକୁ ମୁଗ କି ବିରି ଭଳି କିନ୍ତୁ ମଟର ଛୁଇଁ ଭଳି ପେନ୍ଥା ପେନ୍ଥା ଫଳ ସବୁ ଝୁଲୁଥାଏ ।

"ଏତେ ପରିମାଣନରେ ଚାଷ ହୁଏ ?" ରଘୁ ପଚାରିଲା ।

"ହଁ ଏହାର ଅନେକ ପ୍ରକାର ଉପଯୋଗ ହୁଏ । ଏହାର ତେଲ କେବଳ ଖାଦ୍ୟ ପାଇଁ ବ୍ୟବହାର ହୁଏ ନାହିଁ, ଏହାର ତେଲରୁ ପ୍ଲାଷ୍ଟିକ, ମହମବତୀ, କ୍ରେୟୋନ, ପେଇଁଟ ଇତ୍ୟାଦି ମଧ୍ୟ ଉତ୍ପାଦନ ହୁଏ । ଯୁକ୍ତରାଷ୍ଟ୍ର ଆମେରିକାରେ ଶତକଡା 70 ଭାଗ ସୋୟାବିନ ଗୋରୁ ଆଉ କୁକୁଡ଼ାଙ୍କ ଖାଦ୍ୟ ଲାଗି ବ୍ୟବହାର ହୁଏ । ଏବେ ବୁଝିଲୁ, ଏହି ଉଦ୍ଭିଦ ଆମକୁ

ISSN NO.
2582-208X

କ୍ଷୀର, ଛେନା ଆଉ ମାଂସ ସବୁ ପ୍ରଦାନ କରୁଛି ଆଉ ତାହା ସହିତ ଘିଅ ଭଳି ତେଲ ମଧ୍ୟ," ପିଙ୍କି କହିଲା ।

"ମାନେ ତୁ କହିବାର ଅର୍ଥ, ଏହା ଛେଳିର ଉଦ୍ଭିଦ ଅବତାର ?' ରଘୁ ହସିକି କହିଲା

ପିଙ୍କି ମଧ୍ୟ ହସିଲା ।

ଏତିକିବେଳେ ମାଇଁ ଘରକୁ ଆସିକି କହିଲେ, "ତୁମ ମାନଙ୍କୁ ଭୋକ ଲାଗୁନି କି ? କଣ ଏତେ ହସ ଗମାତ ଚାଲିଛି ?"

"କିଛି ନାହିଁ, ମୋତେ ପିଙ୍କି ଆଜିର ବ୍ୟଞ୍ଜନ ବିଷୟରେ କହୁଥିଲା । ମୁଁ ଏଥର ଘରକୁ ଫେରିଲେ ମାଆକୁ କହିବି ଏଇଟା ମୋ ପାଇଁ ତିଆରି କରିବ । ମାଉଁସ ନ ଖାଇ ମଧ୍ୟ ମାଉଁସର ମଜା ମିଳିବ," ରଘୁ କହିଲା ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଆମେ ସଜଫୁଟା ଫୁଲ



ହରେରାମ ପଣ୍ଡା

ଆମେରେ ସଭିଏଁ ସଜଫୁଟା ଫୁଲ
ଏହି ଦୁନିଆଁର ବଗିଚାରେ,
ଏ ସାରା ସଂସାର ମହକିତ ହୁଏ
ଆମରି ମାନଙ୍କ ମହକରେ ।
ଆମରି ହସରେ ଏ ଦୁନିଆଁ ହସେ
ପୁଲକିତ ହୁଏ ଜନମନ,
କଥାରେ ଚାଲିରେ ସୁଧା କି ବରଷେ
ଅବସନ୍ତେ ଶୁଭେ କୁହୁତାନ ।
କୁନି ଶିଶୁ ଆମେ ଆଖିରେ ଆମର
ଲକ୍ଷେ ସପନ ଯେ ଭାସିବୁଲେ
ଆଗେଇ ଚାଲିବୁ ଆଗକୁ ଆଗକୁ
ପଛେଇ ଯିବୁନି କେବେହେଲେ ।
ବଡ ହୋଇ ଆମେ ଚଳେଇବୁ ଦେଶ
ସତ୍ୟ ଅହିଂସାର ଭାବ ନେଇ,
ଦୂର କରିଦେବୁ ଅନ୍ୟାୟ ଅନୀତି
ଆମ ମାନଙ୍କର ପଣ ଏହି ।

ISSN NO.
2582-208X

ପିତା ମାତା ଆମ ଜୀବନ୍ତ ଦେବତା
ତାଙ୍କରି ସେବାରେ ମନ ଦେଇ,
ଲଭିବୁ ତାଙ୍କର ଅମୃତ ଆଶିଷ
ଜୀବନ ଯୁଦ୍ଧରେ ହେବୁ ଜୟୀ ।
ରଖିବୁନି ଜାତି ଧର୍ମରେ ବିଭେଦ
ଦେବୁନାହିଁ କାହା ମନେ ଦୁଃଖ
ଦୁନିଆଁ ଆଖିରେ ହସ ଭରିଦେବୁ
ଲଭିବୁ ସେଥିରୁ ମହା ସୁଖ ।
ଆମର ଏକତା, ସଂହତି ଆଗରେ
ଅରାତୀର ଶିର ଯିବ ନଇଁ,
ଆମ ସ୍ୱାଭିମାନ ଆମରି ତ୍ରିରଙ୍ଗା
ଉଡୁଥିବ ଫରଫର ହୋଇ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ, ଯାଜପୁର
ସମ୍ପର୍କ - ୯୪୩୮୦୬୫୧୯୫

ISSN NO.
2582-208X

# ନିଲୁ ର ରଥ ଟଣା



ଅନାଦି ଚରଣ ବେହେରା

ନିଲୁ ଭାରି ଖୁସି ଦେଖିବ ସେ ରଥ ଯାତରା
ମାମୁଁ ଘରୁ ଯାଇ ଫେରିନି ତା ସାଙ୍ଗ ବିଚରା ।
ମନ ଦୁଃଖ ଖାଲି ପଡିଶା ଘରକୁ ଧାଉଁଛି
ପଚାରି ବୁଝିଲା ନୀଲୁ ଆଜି କି ଘରକୁ ଫେରୁଛି ?
ଶୁଣିଲା ସାଙ୍ଗଟା ମାମୁଁ ଘରେ ରଥ ଦେଖୁଛି
ସାଙ୍ଗ କି ରାଗିଛି ସତେ କି ତା ଠାରୁ ରୁଷିଛି ।
ଭାବିଲା ଆଉ ଦେଖିବନି ରଥ ଏଥର
ଖେଳିବ ସେ ଘରେ ତା ବୁଢା ଅଜା ସାଙ୍ଗର ।
ପଚାରୁଛି ଅଜା ନିଲୁ ରଥ ଦେଖି ଯାଉନୁ କିଆଁ
ଯାରେ ଦେଖିବୁ ରଥ ଟଣା ମଜା କେତେ ବଢିଆ ।
ନିଲୁ ଗେଲେ କହେ ଶୁଣ ମୋ ଅଜା
ସବୁରୀ ଶରୀରେ ଠାକୁର ଅଛନ୍ତି ଏଟା ବୁଝିଯା ।
ମୋ ଅଜା ଜଗନ୍ନାଥ ତା ବାଡି ଦଉଡି
ତା ଆଗେ ରହି ରଥ ନେବି ମୁଁ ଭିଡି ।
ତୁମେ ତ ସେ ଦିଅଁ ଦାରୁ ପ୍ରତିମା
ତୁମେ କୃଷ୍ଣ ହେଲେ ମୁଁହି ସୁଦାମା ।

ISSN NO.
2582-208X

ନାତି ସ୍ନେହ ଦେଖି ଆଖିରେ ଲୁହ
ଭଲ ପାଏ ନାତି ନାହିଁ ସନ୍ଦେହ ।
ନାତି କେତେ କଥା ଆଜି କହିଛି
ନର ନାରାୟଣ ଭାବ ବୁଝିଛି ।
ଅଜା ଭାବୁଛି ନାତି ତାର ବଡ ହେଉଛି
ଛୋଟ ହେଲେ ବି ସେ ଅଜା ସ୍ନେହକୁ ବୁଝିଛି ।
ଆଖିରେ ଲୁହ ଜୀବନ କି ଧନ୍ୟ ହେଉଛି
ଅଜାଟା ସତେରେ ସୁନା ନାତିଟିଏ ପାଇଛି ।

ପ୍ରଧାନ ଶିକ୍ଷକ,
ଜୁର୍‌ମୁଣ୍ଡା ସରକାରୀ ଉ.ପ୍ରା ବିଦ୍ୟାଳୟ
ବଉଦ / ମୋ - ୯୯୩୭୦୬୮୮୦୪

ଅଗଷ୍ଟ-୨୦୨୪
www.vedantimagazine.com
ISSN NO.
2582-208X

# ଚକଲ ଘାଇଁ



ରାମ ଚନ୍ଦ୍ର ପ୍ରଧାନ

ଚକଲ ଘାଇଁ ଚକଲ ଘାଇଁ
ମୁନାମୁନି ଯିବେ ପଢ଼ିବା ପାଇଁ
କିଏ କିଏ ଯିବ ଆସରେ ବେଗି
ରହିଛନ୍ତି ପରା ସେମାନେ ଜଗି
ଭାବିବନି ସେଠି କାହାକୁ ଭିନ୍ନ
ମଧୁର ବଚନେ ତୋଷିବ ମନ ।
ଚକଲ ଘାଇଁ ଚକଲ ଘାଇଁ
ସାଙ୍ଗସାଥି ହୋଇ ଯାଅରେ ଧାଇଁ
ପଢ଼ାଇବେ ସେଠି ତୁମକୁ ଗୁରୁ
ପାଠେ ଠକିବନି ତୁମେ ଜମାରୁ
ଗୁରୁଜୀଙ୍କ କଥା ରଖି ଧ୍ୟାନରେ
ଘୋଷୁଥିବ ଲେଖି ଟିପା ଖାତାରେ ।
ଚକଲ ଘାଇଁ ଚକଲ ଘାଇଁ
ପାଠରେ ଅଳସ ହୋଇବ ନାଇଁ
ବିଦ୍ୟାଳୟେ ବସି ପଢିବ ପାଠ
ପାଠ ପଢ଼ି ହେବ ଉତ୍ତମ ଚାଟ
ରଖିବନି କେବେ ପାଠରେ ଡର

ISSN NO.
2582-208X

ପାଠରେ ରହିଛି ଭଲ ସଂସ୍କାର ।
ଚକଲ ଘାଇଁ ଚକଲ ଘାଇଁ
ସ୍କୁଲ ଅଟେ ଆମ ବିଦ୍ୟାର ଭୂଇଁ
ସହପାଠୀ ସଂଗେ ହୋଇଣ ମେଳ
ଖେଳବେଳେ ତୁମେ ଖେଳିବ ଖେଳ
ବହି ବସ୍ତାନିକୁ କାନ୍ଧରେ ଧରି
ସ୍କୁଲରୁ ଆସିବ ଆନନ୍ଦେ ଫେରି ।

ଶିକ୍ଷକ
ଟେକ୍ନକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଧେଇକି ଧିନା

ଧେଇକି ଧିନା



ଜନ୍ମେଜୟ ନାୟକ

ଧେଇକି  ଧିନା ଧେଇକି ଧିନା
ଆଇ ଢିଙ୍କିରେ କରୁଛି ଚୁନା
ରଜ ପାଇଁ ହବ ପିଠାପଣା ।

ଧେଇକି  ଧିନା ଧେଇକି ଧିନା
ମିଠା ଖାଇବାକୁ ଅଜାକୁ ମନା
ଲୋଭରେ ଲୁଚାଇ ଖାଆନ୍ତି ସିନା।

ଧେଇକି  ଧିନା ଧେଇକି ଧିନା
ସହରରୁ ଗାଆଁ ଥରେ ଆସନା
ମହକେ ପୋଡପିଠା ବାସନା।

ଧେଇକି  ଧିନାଧେଇକି ଧିନା
ମାମୁଁ ଘର ବୁଲି ଆସିଛି କୁନା
ଫେରିଯିବାକୁ ତା ମନ ବଳେନା।

ଧେଇକି  ଧିନା ଧେଇକି ଧିନା
ଆଇମା କାହାଣୀ ଶୁଣି ମାଗଣା
କାନ୍ଦି ଅଳି କରେ ସହର ଯିବିନା।

ଗଣିତ ଶିକ୍ଷକ
ଗୋପିନାଥଜୀଉ ସରକାରୀ
ଉଚ୍ଚ ବିଦ୍ୟାଳୟ
୯୩୩୭୮୦୦୫୬୫

ISSN NO.
2582-208X

# କୁନା ଶିଖିଲା ପିମ୍ପୁଡ଼ିଠାରୁ



ଅମରନାଥ ବାରିକ୍

ପିମ୍ପୁଡ଼ି ଭାଇ ପିମ୍ପୁଡ଼ି ଭାଇ
କଥା ପଚାରିବି ଦେବକି କହି ।
କୁଆଡ଼େ ଯାଉଛ ମୋ କଥା ଶୁଣ
ଦେଉଅଛି ମୁହିଁ ତୁମକୁ ରାଣ ।

ଟିକିଟିକି ଗୋଡ଼ ଛୋଟ ଶରୀର
ଟିକି ହାତେ ବଡ଼ କାମଟି କର ।
ଉପାୟ ତାହାର ଦେବକି କହି
ଦଣ୍ଡେ ବିଶ୍ରାମରେ ମୋ ପାଖେ ରହି ।

ବରଷା ଆଗରୁ ଆହାର ରଖ
ଭଲ ମନ୍ଦ ସବୁ ବୁଝି ପରଖ ।
ଯିବାବେଳେ ବାଟେ ଧାଡ଼ିରେ ଚାଲ
ମାନ ନାହିଁ କେବେ ଢିପ କି ଖାଲ ।

ISSN NO.
2582-208X

ମିଳିମିଶି ସବୁ ସାଙ୍ଗରେ ରୁହ
ତୋର ମୋର କିଛି କେବେ ନକୁହ ।
ସାଥି ହୋଇ ସବୁ ଏକାଠି ଖାଅ
ଶୃଙ୍ଖଳାରେ ମନେ ମନ ମିଳାଅ ।

ଏକ ଆରେକର ସହାୟ ହୋଇ
ଖୋଜି ବୁଲୁଥାଅ ଆହାର ପାଇଁ ।
ପାଇଲେ ସଭିଏଁ ନିଅ ଗଡ଼େଇ
ଟିକି ମନେ ବଡ଼ ଆଶାଟି ନେଇ ।

ପିମ୍ପୁଡ଼ି କହିଲା କୁନାକୁ ଚାହିଁ
ବସ ମୋର ପାଖେ ଦେବି ବତାଇ ।
ଏଥର କଥା ମୋ ଶୁଣ ଧ୍ୟାନରେ
ଯାହା ମୁଁ କହୁଛି ଛୋଟ ପାଟିରେ ।

ସର୍ବଦା ହୋଇବ ପରୋପକାରୀ
ମନେ ଉଚ୍ଚ ଆଶା ବିଶ୍ୱାସ ଭରି ।
ହୁଅ ପଛେ ଛୋଟ ପିଲାଟି ତୁମେ
ନିଜକୁ ମଣିବ ନର ପ୍ରଥମେ ।

ନରଖିବ ସ୍ୱାର୍ଥ ଜୀବନେ କେବେ
ମଣିଷରେ ଗଣା ହୋଇବ ତେବେ ।
ପାଠ ସାଠ ଜ୍ଞାନ ବିବେକ ବୁଦ୍ଧି
ରଖିବ ବିଚାର ଉଚିତ ଯଦି ।

ISSN NO.
2582-208X

କରୁଥିବ କାମ ଯେତେ କଠିନ
ଅଳସୁଆ ହେବ ନାହିଁଟି ଧନ ।
ଜିତିବ ନିଶ୍ଚିତ ଜୀବନ ବାଜି
ନହୋଇବେ ଜନେ କେବେ ଅରାଜି ।

କାଲି କାମ ପୁଣି ଆଜି କରିବ
ଦେଶ ଜାତି ଲାଗି ଜୀବନ ଦେବ ।
ଅଳପରେ ଖୁସି ହୋଇ ରହିବ
ଅଧିକ ଧନେ ଲୋଭ ନରଖିବ ।

ସମୟର ସଦୁପୋଯୋଗ କରି
ଚଲାଇବ ହସି ଜୀବନ ତରୀ ।
ନକରିବ ହେଳା ପିତା ମାତାଙ୍କୁ
ପୂଜୁଥିବ ସଦା ମାନି ଏହାଙ୍କୁ ।

ପିମ୍ପୁଡ଼ି ଭାଇର ହିତ କଥାକୁ
ଶୁଣି କୁନା ସବୁ ନେଲା ମନକୁ ।
କରିବ ଯାହା ସେ କହିଲେ ସବୁ
ଏବେ ଠାରୁ ଲାଗି ପଡ଼ିଲେ ବାବୁ ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# କାନ୍ଦୁଛି ଜଙ୍ଗଲ



ବାସନ୍ତୀ ଲତା ଜେନା

ସାମନ୍ତରାପୁରର ନିଧି ଅଜା ଭାରି ପ୍ରକୃତି ପ୍ରିୟ । ସକାଳ ସଞ୍ଜରେ ସେ ନିଜ ବାଡ଼ିର ବୃକ୍ଷ ଲତା ମାନଙ୍କର ଯତ୍ନ ନିଅନ୍ତି । ସତେ ଯେମିତି ସେ ନିଜ ସନ୍ତାନ ମାନଙ୍କର ଦେଖାଶୁଣା କରନ୍ତି । ଗଛ ଲତା ସହିତ କଥା ହୁଅନ୍ତି । ଛୋଟ ଛୋଟ ଚାରା ଗଛରେ ପାଣି ଦିଅନ୍ତି, ତାପରେ ସେ ଜଙ୍ଗଲ ଆଡକୁ ବୁଲି ଯାନ୍ତି । ଜଙ୍ଗଳର ଗଛ ଲତା ମାନଙ୍କ ସହିତ କିଛି ସମୟ ବିତାନ୍ତି । ସାନ ସାନ ଗଛରୁ ପାଚିଲା ପତ୍ର ତୋଳି ଏକାଠି କରନ୍ତି । ଶୁଦ୍ଧ ପବନ ଆହାର କରନ୍ତି । ତାଙ୍କ ମନ ଖୁସିରେ ଭରି ଯାଏ । ସେ ଜଙ୍ଗଲର କିଛି ବାଟ ଯାଇ ପୁଣି ଘରକୁ ଫେରି ଆସନ୍ତି ଏବଂ ନିଜର ଦୈନନ୍ଦିନ କାର୍ଯ୍ୟ ରେ ଲାଗିଯାନ୍ତି ।

କୌଣସି କାରଣ ବଶତଃ ନିଧି ଅଜା କିଛି ଦିନ ଜଙ୍ଗଲକୁ ଯାଇ ନଥିଲେ । ଦିନକର ଘଟଣା, ଦିନେ ନିଧି ଅଜା ସକାଳେ ଜଙ୍ଗଲକୁ ବୁଲିବାକୁ ଯାଇଥିଲେ । ସେ ଯାହା ଦେଖିଲେ ତାଙ୍କୁ କିଛି ଭଲ ଲାଗିଲା ନାହିଁ । ସେ ଦେଖିଲେ, ଜଙ୍ଗଲର କିଛି ଅଂଶ ପୋଡି ଭସ୍ମ ହୋଇଯାଇଛି । କିଛି ଗଛ ଲତା ଅଧା ପୋଡା ଅବସ୍ଥାରେ ଅଛନ୍ତି ତ ଆଉ କେତେକ ଗଛ ଝାଉଁଳି ମୁହଁ ତଳକୁ କରି ଦଣ୍ଡାୟମାନ ହୋଇଛନ୍ତି । କିଛି ଗଛ କଟା ଯାଇ ପକା ରାସ୍ତା ତିଆରି ଚାଲିଛି । ଚିର ହରିତ ବନଟି ଖାଁ ଖାଁ ଲାଗୁଛି । ତାଙ୍କୁ ଲାଗିଲା ସତେ ଯେମିତି ଜଙ୍ଗଲ କାନ୍ଦୁଛି ତାର ପ୍ରିୟ ପରିଜନ ମାନଙ୍କୁ ହରେଇ । ମଣିଷକୁ ଦୋଷାରୋପ କରୁଛି । ନିଧି ଅଜା ମନ ଦୁଃଖରେ ଘରକୁ ଫେରି ଆସିଲେ । ବହୁତ କଥା ସେ ଚିନ୍ତା କଲେ । ଦୁଇ ଦିନ ପରେ

ISSN NO.
2582-208X

ରବିବାର ଆସିଲା । ପ୍ରତି ରବିବାର ସନ୍ଧ୍ୟା ପରି ସେଦିନ ସନ୍ଧ୍ୟାରେ ସାହି ପଡିଶାର ପିଲା ମାନଙ୍କ ସହିତ ନିଜ ନାତି ନାତୁଣୀ ବି ଗପ ଶୁଣିବାକୁ ଅଜାଙ୍କ ପାଖରେ ରୁଣ୍ଡ ହୋଇଗଲେ ।

ନିଧି ଅଜା ଦାଣ୍ଡ ଅଗଣାରେ ଗୋଟିଏ ମଶିଣା ପକାଇ ଦେଇ ପିଲା ମାନଙ୍କୁ ବସିବାକୁ କହିଲେ । ନାତୁଣୀ ସୁରେଖା କହିଲା ଅଜା ! ଆଜି ତୁମେ କି ଗପ କହିବ ? ନାତି ସୁମନ କହିଲା ଅଜା ! ତୁମେ ଆମକୁ ପରିବେଶ, ପ୍ରକୃତି ବିଷୟରେ କିଛି କହିବ ବୋଲି କହୁଥିଲପରା ? ଆଜି କହୁନ, ଷଷ୍ଠ ଶ୍ରେଣୀରେ ପଢୁଥିବା ଝିଅ ନିକିତା (ନିକି) କହିଲା ! ଅଜା ଆମ ସ୍କୁଲ ରେ ଦିଦି କାଲି ଜଙ୍ଗଲର ଉପକାରିତା ବିଷୟରେ ବହୁତ କଥା ବୁଝାଉଥିଲେ । ଶାନ୍ତି କହିଲା ଜଙ୍ଗଲ ପୁଣି ଆମର କି ଉପକାର କରୁଛି ? ମୁଁ ଜାଣିନି ! ଅଜା ତୁମେ ଆମକୁ ଆଜି ଜଙ୍ଗଲ ବିଷୟରେ କିଛି କହିବ କି ?

ନିଧି ଅଜା କହିଲେ ହଁ ! ଯାହା ଦେଖୁଛି, ଅଙ୍ଗେ ଲିଭାଇବା କଥା କହିବି । ଜାଣିଛ ପିଲାମାନେ, ବୃକ୍ଷ ଲତା ମାନେ ଆମର ପ୍ରକୃତ ବନ୍ଧୁ । କାହିଁକି କହିଲ ? ସୁଶ୍ରୀ କହିଲା ! କିପରି ଅଜା? ଅଜା କହିଲେ ବୃକ୍ଷ ସବୁବେଳେ ପ୍ରାଣୀର ଉପକାର କରିଥାଏ । ସେ ଆମକୁ ପତ୍ର, ଫୁଲ, ଫଳ ଓ କାଠ ଦେଇଥାଏ । କେତେକ ବୃକ୍ଷ ଲତାର ପତ୍ର ଆମେ ଖାଉ । ଯେପରି : ସଜନା ଶାଗ, ପୋଇ ଶାଗ, କଖାରୁ ଶାଗ, କାଞ୍ଚନ ଶାଗ, କଲମୀ ଶାଗ ଇତ୍ୟାଦି । ଫୁଲକୁ ତୁମେ କଣ କର କହିଲ? ସୁମନ କହିଲା ମାଆ ମନ୍ଦିରକୁ ନିଅନ୍ତି, ଘରେ ଠାକୁର ପୂଜା କରନ୍ତି, ବିଭାଘର ବେଳେ ଫୁଲ ଦରକାର ହୁଏ, ମାଆ ମୁଣ୍ଡରେ ଲଗାନ୍ତି । ଅଜା କହିଲେ ! ହଁ ଠିକ୍ କହିଲୁ । ନିକି କହିଲା, ଆମ ଘରେ ଜେଜଙ୍କ ଫୋଟୋରେ ଫୁଲମାଳ ଦିଆ ଯାଇଛି । ବିଭିନ୍ନ ପ୍ରକାର ଫଳ ଆମେ ଖାଉ । ଗଛ ଦିଏ । ଘର ତିଆରି କରିବା ପାଇଁ ଏବଂ ଘରର ଆସବାବ ପତ୍ର ତିଆରି କରିବା ପାଇଁ ବୃକ୍ଷ ଆମକୁ କାଠ ଦିଅନ୍ତି । ଜାଳେଣି କରିବା ପାଇଁ ଗଛର ପତ୍ର, କାଠ ଆମେ ବ୍ୟବହାର କରୁ । ଗଛର ଫୁଲ, ଫଳ, ଚେର ଓ ପତ୍ରରୁ ବିଭିନ୍ନ ପ୍ରକାର ଔଷଧ ତିଆରି ହୁଏ ଏବଂ ରୋଗୀର କାମରେ ଲାଗେ । ସବୁଠାରୁ ବଡ କଥା ହେଲା ବୃକ୍ଷ ଆମକୁ ଅମ୍ଲଜାନ ଦିଏ ଏବଂ ଅଙ୍ଗାରକାମ୍ଳକୁ ଶୋଷଣ କରି ବାୟୁ ମଣ୍ଡଳକୁ ବିଶୁଦ୍ଧ କରେ । ଏହି ଅଙ୍ଗାରକାମ୍ଳକୁ ବୃକ୍ଷ ଲତା ପତ୍ରରେ ଥିବା

ISSN NO.
2582-208X

ସବୁଜକଣା ଦ୍ୱାରା ଗଛ ପାଇଁ ଖାଦ୍ୟ ସଂଶ୍ଳେଷଣ ପ୍ରକ୍ରିୟାରେ ସୁର୍ଯ୍ୟାଲୋକରେ ପ୍ରସ୍ତୁତ କରିଥାଏ । ତେଣୁ ବାୟୁ ମଣ୍ଡଳ ବିଶୁଦ୍ଧ ରୁହେ । ବାୟୁ ମଣ୍ଡଳ ବିଶୁଦ୍ଧ ରହିଲେ ଆମେ ସମସ୍ତେ ନିରୋଗୀ ରହିବା, ସୁସ୍ଥ ରହିବା। ବୃକ୍ଷ ଥିଲେ ଭଲ ବର୍ଷା ହୁଏ, ମାଟି ଧୋଇ ହୁଏ ନାହିଁ । ବୃକ୍ଷ ଆମକୁ ଛାଇ ପ୍ରଦାନ କରେ । କହିଲ ପିଲାମାନେ! ତୁମେ ଯେଉଁ ସବୁ ଫଳ ଖାଉଛ ସେ ସବୁ ଗଛ କଣ ତୁମେ ଲଗାଇ ଥିଲ? ସବୁ ପିଲା ମାନେ ଏକା ସ୍ୱରରେ ନା କହିଲେ । ନିଧି ଅଜା କହିଲେ ମୁଁ ତୁମକୁ ଗୋଟେ ପ୍ରଶ୍ନ ପଚାରିବି ? ତୁମେ ମୋତେ ଠିକ୍ ଉତ୍ତର ଦେବ : ପିଲାମାନେ ହଁ କହିଲେ । ଅଜା କହିଲେ, ପିଲାମାନେ କହିଲ, ଯଦି ତୁମର ବାପା - ମା, ଭାଇ କିମ୍ବା ଭଉଣୀ କି ଜେଜେବାପା, ଜେଜେମା କୁଆଡେ ପଳେଇଯାନ୍ତି କି ହଜି ଯାଆନ୍ତି, ତୁମର ମନ ଦୁଃଖ ହେବ କି ନାହିଁ ? ତୁମେ ତାଙ୍କୁ ଖୋଜି କାନ୍ଦିବ କି ନାହିଁ? ସବୁ ପିଲାମାନଙ୍କର ମନରେ ଦୁଃଖ ଭରିଗଲା, ସମସ୍ତେ ହଁ କହିଲେ । ନିଧି ଅଜା କହିଲେ ମୁଁ ଦୁଇ ଦିନ ପୂର୍ବରୁ ଜଙ୍ଗଲ ଆଡକୁ ଟିକେ ବୁଲି ଯାଇଥିଲି । ଦେଖିଲି କିଏ ଜଙ୍ଗଲରେ ନିଆଁ ଲଗାଇ ଦେଇଛି । ଜଙ୍ଗଲଟା ପୋଡି ଯାଇଛି । ନିଆଁ ଧାପରେ କେତେକ ଗଛ ଝାଉଁଳି ଯାଇଛି । ଆଉ ଗଛ କଟା ଯାଇ ପକ୍କା ରାସ୍ତା ତିଆରି ହେଇଛି । ଜଙ୍ଗଲ ଟା ଭାରି ଗରମ ଲାଗୁଥିଲା । କହିଲା ପିଲାମାନେ ! ଯେଉଁ ଗଛ ବଞ୍ଚିଛନ୍ତି ସେମାନେ କଣ ତାଙ୍କ ପରିବାରର ଗଛଲତା, ଆତ୍ମୀୟ ମାନଙ୍କୁ ଖୋଜୁନଥିବେ ? ତାଙ୍କ ପାଇଁ କାନ୍ଦୁନଥିବେ ? ଶାନ୍ତି କହିଲା! ହଁ ନିଶ୍ଚୟ ଖୋଜୁଥିବେ ଅଜା । ହେଲେ, ଅଜା ଆମେ କଣ କରିପାରିବା ? ଅଜା କହିଲେ ଯଦି ଆମେ ପ୍ରକୃତିକୁ ନ ବଞ୍ଚାଇବା ତାହେଲେ ଆମେ ନିଜେ କଷ୍ଟ ପାଇବା । ଗଛ ଲତା ନଥିଲେ ବାୟୁମଣ୍ଡଳରୁ ଅମ୍ଳଜାନ କମିଯିବ । ଆମକୁ ନିଃଶ୍ୱାସ ପ୍ରଶ୍ୱାସ ନବାକୁ ଅସୁବିଧା ହେବ । ବାୟୁମଣ୍ଡଳ ଉତ୍ତପ୍ତ ହୋଇଯିବ । ଆମେ ବେଶୀ ଗରମ ରେ ରହିପାରିବା ନାହିଁ । ତେଣୁ ଆମେ ସମସ୍ତେ ମିଶି ରାସ୍ତା କଡରେ, ବାଡ଼ି ବଗିଚାରେ ଓ ଖୋଲା ପଡିଆରେ କିଛି ଗଛ ଲଗାଇବା । ଗାଇ ଗୋରୁ ଯେପରି ଖାଇ ନ ଯିବେ ତାର ଯତ୍ନ ନେବା । ଏବେ ତ ବର୍ଷା ଋତୁ । ଗଛ ଲଗାଇଲେ ଗଛ ବଞ୍ଚିଯିବ । ଆସନ୍ତା ରବିବାର ଦିନ ଆମେ ସମସ୍ତେ ମିଶି କିଛି ଗଛ ଲଗାଇବା । ପିଲାମାନେ ଖୁସିରେ ହଁ କହିଲେ । ସତକୁ ସତ ରବିବାର ଦିନ ସକାଳେ ପିଲାମାନେ ନିଧି ଅଜାଙ୍କ ଘରକୁ ଗଲେ ଗଛ ଲଗେଇବା ପାଇଁ । ନିଧି ଅଜା ତାଙ୍କ

ISSN NO.
2582-208X

ବାଡ଼ି ବଗିଚାରୁ ବିଭିନ୍ନ ପ୍ରକାର ଚାରା ଗଛ ଯଥା : ଆମ୍ବ, ନିମ୍ବ, ବର, ଅଁଳା, ପିଜୁଳି, ଜାମୁ, ବେଲ ଗଛ ନେଇ ପିଲା ମାନଙ୍କ ସହିତ ମିଶି ଖୋଲା ପଡିଆ ଓ ରାସ୍ତା କଡରେ ଗଛ ଲଗାଇଲେ । ଆଜି ସେ ଗଛ ଗୁଡିକ ବର୍ଷା ପାଣି ପାଇ ବଡ ହୋଇ ଯାଇଛି । ଏହା ଦେଖି ସେ ଗାଁର ସରପଞ୍ଚ ଗୋଟିଏ ସଭା ଡାକିଲେ । ସେହି ସଭାକୁ ନିଧି ଅଜା ଓ ପିଲା ମାନଙ୍କୁ ମଧ୍ୟ ଡାକିଥିଲେ । ସଭାରେ ଅଜା ଓ ଯେଉଁ ପିଲା ମାନେ ଗଛ ଲଗାଇଥିଲେ ବହୁତ ପ୍ରଂଶସା କଲେ । ପ୍ରକୃତି ବନ୍ଧୁ କହିଁ ଗୋଟେ ଗୋଟେ ସାର୍ଟିଫିକେଟ ଓ ମିଠା ପୁଡିଆ ଦେଲେ । ପିଲାମାନେ ବହୁତ ଖୁସି ହୋଇଗଲେ । ଆହୁରି ଗଛ ଲଗାଇବାକୁ ସାଙ୍ଗ ମାନଙ୍କ ମଧ୍ୟରେ କଥା ବାର୍ତ୍ତା ହେଲେ ।

ନୀତିଶିକ୍ଷା :

ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା
ପ୍ରକୃତି ହସିଲେ ଆମେ ହସିବା ।
ପରିବେଶ ଆମ ଜୀବନ ଜ୍ୟୋତି
ତାର ଯତ୍ନ ନେଲେ ପାଇବା ଶାନ୍ତି ।
ଧରଣୀର ଶୋଭା ଶ୍ୟାମଳ ବର୍ଣ୍ଣ
ତାର ସେବା କରି ହେବା ମହାନ ।

ଗାନ୍ଧୀନଗର,ନବରଙ୍ଗପୁର

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ,ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସମୀକ୍ଷା

## ବେଦାନ୍ତୀ – ଜୁଲାଇ – ସମୀକ୍ଷା



ଦେବଯାନୀ ସ୍ୱାଇଁ

"ବେଦାନ୍ତୀ"ର ପ୍ରଚ୍ଛଦ ପୃଷ୍ଠାରେ ଏଥରକ ହସୁଛନ୍ତି ବ୍ଲୁ ଗ୍ରାସ୍ ଲିଲି, ଘାସ ଫୁଲ। ପିଲାଦିନେ ବର୍ଷାଋତୁ ଆସିଲେ ଆମ ଘର ପଛ ପଟ ଛୋଟ ବଗିଚାରେ ଘାସ ମାଡିଯାଏ। ବର୍ଷା ଯୋଗୁଁ ଫୁଲଗଛ ଗୁଡିକରେ ପାଣି ଦେବାକୁ ପଡେନି ବୋଲି ମୁଁ ଏତେ ଆଉ ବଗିଚା ଆଡେ ଯାଏ ନାହିଁ। କେବେ କେମିତି ଯିବାକୁ ପଡିଲେ, ଯୋତା ପିନ୍ଧି ବାହାରେ। କାହିଁକି ନା, ଚପଲ ପିନ୍ଧି ଗଲେ ଘାସରେ ଥିବା ପୋକ ଜୋକ ଆସି ପାଦରେ ଚଢି ଯା'ନ୍ତି। ଥରେ ଗୋଟେ ବିଛା ମୋ ପାଦ ଉପରେ ଚଢି ଯାଇଥିଲା, ତା ପରଠୁ ମୁଁ ଯୋତା ପିନ୍ଧି ଦୁମ୍ ଦୁମ୍ ହେଇ ମୋଟା ଘାସ ଉପରେ ଚାଲୁଥାଏ। ବହୁତ୍ ଥର ଦେଖିଚି, ଘାସର ଗୋଟେ ଗୋଟେ ବୁଦାରେ ଛୋଟ ଛୋଟ ଇଷତ୍ ନୀଳ ରଙ୍ଗର ଫୁଲ ମୁଣ୍ଡ ଟେକିଥାନ୍ତି, ହେଲେ ମୁଁ ସେମାନଙ୍କୁ ଅଣଦେଖା କରି ବେପରୁଆ ଭାବେ ତାଙ୍କ ଉପରେ ଯୋତା ମାଡି ଚାଲିଯାଏ। କିନ୍ତୁ ଏବେ ଏଇ ସୁନ୍ଦର ନୀଳ ରଙ୍ଗର ଘାସ ଫୁଲ ଗୁଡିକୁ ଦେଖି ମୁଁ ସତରେ ଭାବୁକ ହେଇ ପଡୁଚି। ସତେ ଯେମିତି ସେମାନେ ହସି ହସି କହୁଛନ୍ତି, ଆମକୁ ସବୁବେଳେ ତୁମେ ପାଦରେ ଆଡେଇ ଦିଅ, ହେଲେ ଆମେ କେତେ ସୁନ୍ଦର ଦେଖୁଛ ନା !! ହଁ ମ, ଏବେ ଆଉ ତୁମ ମାନଙ୍କୁ ବସି ଦେଖିବାକୁ ମୋ ପାଖରେ ସମୟ ନାହିଁ। ମୁଁ ଯାଉଛି ଆର ପୃଷ୍ଠାକୁ...

ISSN NO.
2582-208X

ସମ୍ପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମହାନ ପର୍ବ ରଥ ଯାତ୍ରା ଏବଂ ସବୁଠୁ ସ୍ୱାଦିଷ୍ଟ ଭୋଗ, ମହାପ୍ରସାଦ ସମ୍ବନ୍ଧରେ କିଛି ତଥ୍ୟ ଉଲ୍ଲେଖ କରିଛନ୍ତି।

ଭିତର ପୃଷ୍ଠାରେ ସବୁଥର ପରି ବିଭିନ୍ନ ବିଭାଗ ସହିତ ବିଭିନ୍ନ ବିଷୟବସ୍ତୁକୁ ନେଇ ରହିଛି ଅସଂଖ୍ୟ ଲେଖା ଓ କବିତା।

ପ୍ରଥମ ଲେଖାରେ ରହିଛି ରହସ୍ୟମୟ, ଅଲୌକିକ, ସବୁଠୁ ଭିନ୍ନ ଓ ସ୍ୱାତନ୍ତ୍ର୍ୟ ଶ୍ରୀ "ମହାବାହୁଙ୍କ ରୂପକଳ୍ପନା"। ଘଟଣା ସମ୍ବନ୍ଧିତ ଦୀର୍ଘଦିନର ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ଡି. ଏଫ୍. ଓ. ଅସୀମଙ୍କର ସାଥୀ ଶୋଭନାଙ୍କ ସହିତ ସାଇକେଲରେ ଯାତ୍ରା ଏବଂ ମାଛଧରା ଭଳି ଅବିସ୍ମରଣୀୟ ଅନୁଭୂତି ମାନ। ଗହଣା ପ୍ରତି ନାରୀର ତ ସବୁବେଳେ ଦୁର୍ବଳତା, ସେ ପୁଣି "ଚନ୍ଦ୍ରହାର"! ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ, ଅଭି ର ମନ ଭିତରେ ଉତ୍କଣ୍ଠା, ଉଦବେଗ ସହିତ ଚିନ୍ତାର ଢେଉ। କିପରି ସେ କଟକ ଭଳି ବଡ ସହରରେ ଯାଇ ପାଠ ପଢିବ। ଲେଖକ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି -"ଶ୍ରୀ ଜଗନ୍ନାଥ" ହେଉଛନ୍ତି ସବୁ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ରହି ଅନ୍ଧାରରୁ ଆଲୋକ ଆଡକୁ, ମୃତ୍ୟୁରୁ ଅମୃତ ଆଡକୁ, ଶୂନ୍ୟତାରୁ ପୂର୍ଣ୍ଣତା ଆଡକୁ ଟାଣି ନେଇ ସମ୍ପୂର୍ଣ୍ଣ ଜଗତକୁ ଦିଗଦର୍ଶନ ଦେଉଥିବା ବିଶ୍ୱ ବନ୍ଦନୀୟ ଜଗତ ଠାକୁର।

ଅନୁଭୂତିର ଗଳ୍ପ "ଜ୍ୟୋତିର୍ଲିଙ୍ଗ ଦର୍ଶନ- ମହାକାଳେଶ୍ୱର"। ତଥ୍ୟ ସଂଗୃହିତ "ଭୋଟର କାଳି ଭିତର କଥା" ଏବଂ "ନିଜ ଜନ୍ମ ତାରିଖରୁ ଜାଣନ୍ତୁ ନିଜ ବିବାହ ବିଷୟରେ !"- ନିଜ ଜନ୍ମ ତାରିଖରୁ ମୁଁ ମୋ ବିଷୟରେ ସଠିକ୍ ଉତ୍ତର ପାଇଲି। ଆପଣ ମାନେ ମଧ୍ୟ ଏହାର ସତ୍ୟାସତ୍ୟ ପରୀକ୍ଷା କରନ୍ତୁ। ମୁକୁଳି ପାରିବ ମଣିଷ କଣ କେବେ ଭୋକର "ଚକ୍ରବ୍ୟୁହ"ରୁ ! ଏ ମୋହ ମାୟା ସଂସାରରୁ ପାଇବାକୁ ହେଲେ "ମାୟାମୁକ୍ତି"- ଭଜ ଗୋବିନ୍ଦଂ, ସ୍ମର ଗୋବିନ୍ଦଂ, ଗୋବିନ୍ଦଂ ଭଜେ ମୂଢ ମତି।

ISSN NO.
2582-208X

ଅତୀତର ଇତିହାସ, ପ୍ରେମିକାର ହସ, ସଂସାରର ବେଡି ପରି "ଅଯଥା ଜଞ୍ଜାଳ"ରୁ ଆରମ୍ଭ ହେଇଛି କବିତାର ଧାଡି। ସୌଭାଗ୍ୟ ଆଉ ସଫଳତା ପାଇବାକୁ ହେଲେ, ବନିବାକୁ ହେବ ଆମକୁ "ସପୂରୀ ଫଳ" ପରି। ସବୁ ସେଇ "ସମୟ"ର ଖେଳ, ସବୁଠୁ ମହଙ୍ଗା ଏଠି ଅଟଇ ଯେ "ହସ"। ଜୀବନ ବର୍ଣ୍ଣବୋଧରେ ଆଜି ଅସ୍ପଷ୍ଟ "ସମ୍ପର୍କର ସ୍ୱରବର୍ଣ୍ଣ"। ଲୋଭ, ମୋହ, ଅହଙ୍କାରର ହେଇ ଅଧୀନ, "ଆମେ କି ସ୍ୱାଧୀନ"! ଛାଡି ସେବା ମନୋବୃତ୍ତି ନେତାଏ କଲେଣି "ରାଜନୀତି ଏକ ବୃତ୍ତି"।

"ତୃଷାର୍ତ୍ତ ସାଗର..." ମୁଁ କରି ପାରେନି କେବେ ପ୍ରକାଶ, ତୁମ ଭଲ ପାଇବାର ନୀରବ ସେ "ଅଭିଳାଷ"। ଆତ୍ମା ଏକ "ଅନିର୍ବାଣ ଦୀପଶିଖା"। "ଶବ୍ଦ ତୁମେ" ଉନ୍ମୁକ୍ତ କରି ପାର ଅନ୍ତରର ଯେତେ ସବୁ ନୀରବତା, ତଥାପି କିଏ କଣ ପଢି ପାରିଛି ନାରୀର "ନୀରବ ଓଠର ଭାଷା"।

ଫଗୁଣର "ପ୍ରେମ" କୋଇଲି ଗାଇଲା, ବୈଶାଖରେ ହେଲା ବିଷମ ଯାତନା, "ଆସିଛି ବରଷା"- ହସୁଛି ଧରଣୀ, ପ୍ରକୃତି ହେଇଛି ସବୁଜିମା ଭରା।

"ଗୁଣ ବିଚାର"ରେ ଦୁନିଆଁ ବାଣ୍ଟିଲେ କେହି ନୁହଁ କାହା ସମ, ଆହାର ବିହାର କେତେ ଯେ ପ୍ରକାର ତଥାପି ଭି "ବିଶ୍ୱ ଏକ ପରିବାର"। "ବନ୍ଧୁର ମହତ୍ୱ" ବୁଝେ ସେଇ ଏକା, ହୃଦେ ଥାଏ ଯା'ର ସ୍ନେହ ପ୍ରେମ ଶ୍ରଦ୍ଧା। ଝୁରୁଛି ମାଟି, ଝୁରୁଛି ବିଶ୍ୱ, ନବୀକରଣର ପ୍ରୟାସରେ ହଜି ଯାଇଛି କେଉଁଠି ଆଜି "ବର୍ଷା"! ପୁଣି ଯେତେବେଳେ "ବର୍ଷା ତୁମେ ଆସିଲ"- ହସି ଉଠିଲେ ଚଷା ପୁଅ ଠାରୁ ବୃକ୍ଷ ତରୁଲତା, ପଶୁପକ୍ଷୀଗଣ।

"ମୁଁ ମାଟିପିଣ୍ଡ" ସମୟ ସ୍ରୋତର ଧକ୍କା ସହି ସହି ଶେଷରେ ମିଳାଏ ମାଟିରେ, ମୁଁ ମୋର ବୋଲି ଅହଂକାରେ ରହି ଘାଣ୍ଟି ହେଉଥାଇ ବୃଥାରେ। କାହାକୁ କହିବା "ଆଜିକାର ଭଲ ମଣିଷ"! ବଦଳି ଯାଇଛି ସଂଜ୍ଞା ଜ୍ଞାନ ମୂଲ, ସବୁ ଦ୍ରବ୍ୟ ଆଜି ଭେଜାଲ। "ଆଗ ପରି ରଜ ମଉଜ ଜମୁନି" କି ଆଉ ନାହିଁ ସେ ଆଗ ଭଳି "ଜହ୍ନ ଆଲୁଅ"।

ISSN NO.
2582-208X

କିଛି କବିତା ପ୍ରଭୁଙ୍କ ବନ୍ଦନାରେ- "ମୋତେ ସେହି ରୂପ ଦେଖାଅ ହରି", "ହେ ପରମପିତା", "କେଶବ କୁଞ୍ଜ ବିହାରୀ"। "ରଥାରୁଢ" ବାମନ ତୁ ପ୍ରଭୁ ପତିତପାବନ, "କାଳିଆ ମୋ ଗଳା ମାଳିଆ" ତୋ "ଶ୍ରୀ ରଙ୍ଗା ଚରଣ ତଳେ"- ଶରଧା ଭକ୍ତି ଢାଳେ।

ସ୍ୱାସ୍ଥ୍ୟ ବିଭାଗରେ ରହିଛି "ଗ୍ରୀଷ୍ମ ଋତୁରେ ଅଂଶୁଘାତ ଓ ତାର ପ୍ରତିରୋଧ" ଏବଂ "ହୃଦଘାତ ବିଷୟରେ ପଦେ"।

ଅଏନ୍ ଅଏନ୍ କେତୋଟି କବିତା ସହିତ "ଆଞ୍ଚଳିକ ବିଭାଗ"ତାର ଅସ୍ମିତା ବଜାୟ ରଖିଛି କିନ୍ତୁ ପ୍ରବଳ ବର୍ଷା ସାଙ୍ଗକୁ ପରିବା ପତ୍ରର ଆକାଶ ଛୁଆଁ ଦରଦାମ ଯୋଗୁଁ "ଆମ ହାଣ୍ଡିଶାଳ" ଏଥର ବନ୍ଦ ରହିଛି।

ଶିଶୁ ବିଭାଗରେ, "ପାଣିରୁ ଛାଣିକି ଆଣିଛି", ମାଛ ନୁହେଁ ବୋଲି ଜାଣିଛି.... ଏପରି ସବୁ ସୁନ୍ଦର ଢଗ ଢମାଳିରେ ଆମ ପ୍ରଧାନ ଶିକ୍ଷକ ପିଲାମାନଙ୍କୁ କଳମ ଶାଗ ସମ୍ବନ୍ଧରେ ଅବଗତ କରାଇଛନ୍ତି। ଏଥି ସହିତ ରହିଛି ଶ୍ରୀ ରାମଚନ୍ଦ୍ର ଓ ସୁଗ୍ରୀବଙ୍କ "ବନ୍ଧୁତା" କାହାଣୀ। କୁନି ଆଦବିକା, ତାଙ୍କ କୁନି ହାତରେ ଆଙ୍କି ଦେଇଛନ୍ତି, ବର୍ଷା ଋତୁର ଆଗମନରେ ପତ୍ରଭରା ଗଛ ଡାଳରେ ସୁନ୍ଦର ପକ୍ଷୀଟିଏ ବସି ସବୁଜିମା ଭରା ଧରଣୀକୁ ପୁଲକିତ ନୟନରେ ଉପଭୋଗ କରୁଥିବାର ଚମତ୍କାର ଦୃଶ୍ୟ।

ଶେଷରେ ପର୍ବପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହିଛି ପବିତ୍ର ଶ୍ରୀ ଗୁଣ୍ଡିଚା ରଥ ଯାତ୍ରା। ଭକ୍ତ ଜନତାଙ୍କ ଦୁଃଖ ଶୁଣିବା ପାଇଁ, ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ, ଭାଇ ଭଉଣୀଙ୍କ ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ନବଦିନାତ୍ମକ ଯାତ୍ରା ଶୁଭ ହେଉ ଏବଂ ତାଙ୍କ ଅପାର କରୁଣାରୁ ସମସ୍ତ ଓଡିଶାବାସୀ ତଥା ସମଗ୍ର ବିଶ୍ୱବାସୀଙ୍କ ଜୀବନ ସୁଖମୟ ସମୃଦ୍ଧିମୟ ହେଉ।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/୦୮/୨୦୨୪ | ଗୃହିଣୀ ଚିତାଉ ଲାଗି, ଚନ୍ଦ୍ରକ୍ଷୟ |
| ୦୪/୦୮/୨୦୨୪ | ଚିତାଉ ଅମାବାସ୍ୟା, ଶ୍ରୀ ମନ୍ଦିରରେ ଚିତାଲାଗି, ସୂର୍ଯ୍ୟମହତୀ ସ୍ନାନ |
| ୦୯/୦୮/୨୦୨୪ | ଜାଗ୍ରତଗୌରୀ ପଞ୍ଚମୀ |
| ୧୪/୦୮/୨୦୨୪ | ଶ୍ରୀକ୍ଷେତ୍ରେ ଝୁଲଣ ଯାତ୍ରା ଆରମ୍ଭ |
| ୧୫/୦୮/୨୦୨୪ | ୭୮ତମ ସ୍ୱାଧୀନତା ଦିବସ ଓ ସୁଦଶା ବ୍ରତ |
| ୧୬/୦୮/୨୦୨୪ | ସିଂହ ସଂକ୍ରାନ୍ତି |
| ୧୭/୦୮/୨୦୨୪ | ବିଷ୍ଣୁ ପବିତ୍ରାରୋପଣ |
| ୧୯/୦୮/୨୦୨୪ | ଗହ୍ମା ପର୍ବ, ବଳଭଦ୍ର ଜନ୍ମ, ରାକ୍ଷୀ ବନ୍ଧନ, ପୂର୍ଣ୍ଣିମା |
| ୨୧/୦୮/୨୦୨୪ | ବୁଧିବାମନ ଓଷା |
| ୨୨/୦୮/୨୦୨୪ | ଅଙ୍ଗଭେଟ ତୃତୀୟା |
| ୨୫/୦୮/୨୦୨୪ | ଖୁଦୁରୁକୁଣୀ ଓଷା ଆରମ୍ଭ |
| ୨୬/୦୮/୨୦୨୪ | ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ |
| ୨୭/୦୮/୨୦୨୪ | ନନ୍ଦୋତ୍ସବ |
| ୨୯/୦୮/୨୦୨୪ | କାଳୀୟଦମନ ଏକାଦଶୀ ଉପବାସ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଜୁଲାଇ ମାସର ବିଜେତାଙ୍କ ନାମ



ISSN NO.
2582-208X

ବର୍ଷା ଆସୁଛି ଅନୁରୋଧ ମୋର
ଗଛ ଗୋଟେ ଗୋଟେ ଲଗେଇବା
ଯେଉଁ ଭଳ ଆଜ୍ଞା ଖରା ହେଉଛି
ତା ଉତ୍ତାପରୁ ନଜକୁ ବଞ୍ଚେଇବା ।।
ଭାବିବେନ କେହି ଛୋଟ କଥା ବୋଲି
ନଜର କର୍ତ୍ତବ୍ୟ ଭାବି
ବର୍ଷା ହେଲା ମାନେ ଗଛ ଲଗେଇବେ
ଏହା ଆପଣଙ୍କ ଠାରେ ମୋ ବିନତୀ ।।
ଶପଥ ନଅନ୍ତୁ ପ୍ରତିଜ୍ଞା କରନ୍ତୁ
ପରିବେଶକୁ କେମିତି ବଦଳେଇବା
ପରିବେଶ ବଦଳଲେ ସୁସ୍ଥ ରହି ଆମେ
ଆନନ୍ଦରେ ଦିନ କାଟିବା।।

ବିଜେତା: ସୁଜ୍ଞାନ ବାଘ, ବୌଦ୍ଧ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚ୍ଛର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାର୍ୱ ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାର୍ୱ ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com।ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କର୍ୱାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କର୍ୱାଯାଇଥାଏ ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**